# ସାହିତ୍ୟ ଜ୍ୟୋତି

## ଦ୍ୱାଦଶ ଶ୍ରେଣୀ

ଆଧୁନିକ ଭାରତୀୟ ଭାଷା (ବାଧ୍ୟତାମୂଳକ ଓଡ଼ିଆ)
କଳା/ବିଜ୍ଞାନ/ବାଣିଜ୍ୟ/ଧନ୍ଦାମୂଳକଶିକ୍ଷା ସ୍ରୋତ ନିମନ୍ତେ

ସଂପାଦକ ମଣ୍ଡଳୀ
ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡା
ଡକ୍ଟର ବିଜୟାନନ୍ଦ ସିଂହ
ଡକ୍ଟର ରଞ୍ଜିତ କୁମାର ପରିଡ଼ା
ଡକ୍ଟର ଭାଗବତ ଶୁକ୍ଳ

ସମୀକ୍ଷକ
ଡକ୍ଟର କପିଳେଶ୍ୱର ଗାହାଣ

ପ୍ରକାଶକ
**ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା**
ପୁସ୍ତକ ଭବନ, ଭୁବନେଶ୍ୱର

## ସାହିତ୍ୟ ଜ୍ୟୋତି (ଦ୍ୱାଦଶ ଶ୍ରେଣୀ)

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (C.H.S.E.) ଓଡ଼ିଶାଦ୍ୱାରା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ନିର୍ଦ୍ଧାରିତ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ।


ସଂପାଦକ ମଣ୍ଡଳୀ

**ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡା**
**ଡକ୍ଟର ବିଜୟାନନ୍ଦ ସିଂହ**
**ଡକ୍ଟର ରଞ୍ଜିତ କୁମାର ପରିଡ଼ା**
**ଡକ୍ଟର ଭାଗବତ ଶୁକ୍ଳ**

ସମୀକ୍ଷକ

**ଡକ୍ଟର କପିଳେଶ୍ୱର ଗାହାଣ**



**Published by**
The Odisha State Bureau of Textbook Preparation and Production, Pustak Bhavan, Bhubaneswar, Odisha, India.

First Edition : 2017 / 1,00,000 copies

Publication No. : 200

ISBN : 978-81-8005-394-8



© Reserved by The Odisha State Bureau of Textbook Preparation and production, Bhubaneswar. No part of this publication may be reproduced in any form without the prior written Permission of the publisher



Type setting : Orissa Printing Works, Cuttack

Printed at : Orissa Printing Works, Cuttack
Radharaman Graphics, Cuttack

Price : 64/- ( Rupees Sixty Four Only)

# ପ୍ରାକ୍‌କଥନ

କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକଶିକ୍ଷା ସ୍ରୋତରେ ଅଧ୍ୟୟନ କରୁଥିବା ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା, ଦ୍ୱାରା ନିର୍ଦ୍ଧାରିତ ଆଧୁନିକ ଭାରତୀୟ ଭାଷା, ବାଧ୍ୟତାମୂଳକ ଓଡ଼ିଆ ପୁସ୍ତକ 'ସାହିତ୍ୟ ଜ୍ୟୋତି' ପ୍ରକାଶିତ ହେଉଛି । ଓଡ଼ିଶାର ଅଭିଜ୍ଞ ଅଧ୍ୟାପକମଣ୍ଡଳୀ ଏହି ପୁସ୍ତକର ସଂପାଦନା ଦାୟିତ୍ୱ ବହନ କରିଛନ୍ତି । ଓଡ଼ିଆ ସାହିତ୍ୟର ବହୁ ପ୍ରସିଦ୍ଧ କବି, ପ୍ରାବନ୍ଧିକ ଓ ଗାଳ୍ପିକଙ୍କ ରଚନା ଏଥିରେ ସ୍ଥାନିତ ହୋଇଛି । ଛାତ୍ରଛାତ୍ରୀମାନଙ୍କର ଭାଷା ଓ ସାହିତ୍ୟ ଜ୍ଞାନର ଅଭିବୃଦ୍ଧି ଏହି ପୁସ୍ତକର ଉଦ୍ଦେଶ୍ୟ । ପୁସ୍ତକଟି ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରୁଛି ।

ଯେଉଁ ମହାନ୍ ସ୍ରଷ୍ଟାଙ୍କ ସୃଷ୍ଟି ଏଥିରେ ସ୍ଥାନ ପାଇଛି ସେମାନଙ୍କ ନିକଟରେ ସଂସ୍ଥା ପକ୍ଷରୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ଏହି କାର୍ଯ୍ୟଟିକୁ ସୁଚାରୁରୂପେ ସଂପନ୍ନ କରିଥିବା ଅଧ୍ୟାପକବୃନ୍ଦ ତଥା ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ଏହି ଅବସରରେ ଧନ୍ୟବାଦ ଅର୍ପଣ କରୁଛି ।

**ଶ୍ରୀ ଉମାକାନ୍ତ ତ୍ରିପାଠୀ**
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ
ଓ ପ୍ରକାଶନ ସଂସ୍ଥା
ପୁସ୍ତକ ଭବନ, ଭୁବନେଶ୍ୱର

# ଭୂମିକା

ଦ୍ୱାଦଶ ଶ୍ରେଣୀ ପାଇଁ ଆଧୁନିକ ଭାରତୀୟ ଭାଷା (ବାଧ୍ୟତାମୂଳକ ଓଡ଼ିଆ) ପାଠ୍ୟପୁସ୍ତକ ସଂକଳନ "ସାହିତ୍ୟ ଜ୍ୟୋତି" ପ୍ରକାଶିତ ହେଉଛି । ଏହି ପୁସ୍ତକଟି ମଧ୍ୟ ସି.ବି.ଏସ୍.ଇ. ପାଠ୍ୟ ଖସଡ଼ା ଆଦର୍ଶରେ ପ୍ରସ୍ତୁତ ହୋଇଛି । ପୁସ୍ତକରେ ପାଞ୍ଚଗୋଟି ଏକକ ସ୍ଥାନିତ ହୋଇଛି । ପ୍ରଥମ ଏକକ ଗଦ୍ୟ, ଦ୍ୱିତୀୟ ଏକକ ପଦ୍ୟ, ତୃତୀୟ ଏକକ ଗଳ୍ପ, ଚତୁର୍ଥ ଏକକ ବୋଧଜ୍ଞାନ ପରୀକ୍ଷଣ ଏବଂ ପଞ୍ଚମ ଏକକରେ ପ୍ରବନ୍ଧ ଓ ବ୍ୟାକରଣ ସ୍ଥାନ ପାଇଛି । ଓଡ଼ିଆ ସାହିତ୍ୟର ବହୁ ବିଶିଷ୍ଟ ଲେଖକଙ୍କ ରଚନାକୁ ଏଥିରେ ସନ୍ନିବେଶିତ କରାଯାଇଛି । ଏହି ମହାନ କୃତବିଦ୍ୟ ସ୍ରଷ୍ଟାମାନଙ୍କ ନିକଟରେ ଆମେ ବିଶେଷ ଋଣୀ । ବିଦ୍ୟାର୍ଥୀମାନଙ୍କ ଭାଷା ଓ ସାହିତ୍ୟଜ୍ଞାନର ସ୍ପଷ୍ଟ ଅବବୋଧ ପାଇଁ ପ୍ରସଂଗଗୁଡ଼ିକର ବ୍ୟାପକ ଓ ବିସ୍ତୃତ ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଇଛି । ସେମାନେ ସମସ୍ତ ବିଷୟକୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କଲେ ପ୍ରଶ୍ନୋତ୍ତର ସହଜ ହୋଇପାରିବ ।

ଛାତ୍ରଛାତ୍ରୀମାନଙ୍କ ଭାଷା ଓ ସାହିତ୍ୟ ଜ୍ଞାନର ଅଭିବୃଦ୍ଧି ଏହି ପୁସ୍ତକର ମୁଖ୍ୟ ଲକ୍ଷ୍ୟ । ଏହା ସାଧିତ ହୋଇପାରିଲେ ଆମର ଶ୍ରମ ସାର୍ଥକ ହେବ । ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକଟିକୁ ପ୍ରକାଶ କରିଥିବାରୁ ଧନ୍ୟବାଦ ଜଣାଉଛୁ । ଏହି ଅବସରରେ ସଂପୃକ୍ତ ସରକାରୀ ବିଭାଗର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

**ସଂପାଦକ ମଣ୍ଡଳୀ**

# ସୂଚୀ

## ପ୍ରଥମ ଏକକ

### ଗଦ୍ୟ


| | | | |
|---|---|---|---|
| ୧. | ଇତିହାସ | ବିଶ୍ୱନାଥ କର | ୧-୨୮ |
| ୨. | ପୁଷ୍ପପୁରରେ ବର୍ଷାବରଣ | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ | ୨୯-୫୦ |
| ୩. | ତିନି ତୁଣ୍ଡରେ | ଭୁବନେଶ୍ୱର ବେହେରା | ୫୧-୬୭ |
| ୪. | ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା | ଗୋଲୋକବିହାରୀ ଧଳ | ୬୮-୮୪ |


## ଦ୍ୱିତୀୟ ଏକକ

### ପଦ୍ୟ


| | | | |
|---|---|---|---|
| ୧. | ବଡ଼ପଣ | ରାଧାନାଥ ରାୟ | ୮୫-୧୦୬ |
| ୨. | ତପସ୍ୱିନୀର ପତ୍ର | ଗଙ୍ଗାଧର ମେହେର | ୧୦୭-୧୨୦ |
| ୩. | ବନ୍ଦୀର ବିରହ ବ୍ୟଥା | ଗୋପବନ୍ଧୁ ଦାସ | ୧୨୧-୧୩୨ |
| ୪. | ପିଙ୍ଗଳାର ଅଭିସାର | ରାଧାମୋହନ ଗଡ଼ନାୟକ | ୧୩୩-୧୪୬ |
| ୫. | ବାର୍ତ୍ତା | ସଚ୍ଚିଦାନନ୍ଦ ରାଉତରାୟ | ୧୪୭-୧୫୬ |


## ତୃତୀୟ ଏକକ

### ଗଳ୍ପ


| | | | |
|---|---|---|---|
| ୧. | ସଭ୍ୟ ଜମିଦାର | ଫକୀରମୋହନ ସେନାପତି | ୧୫୭-୧୮୮ |
| ୨. | ପତାକା ଉତ୍ତୋଳନ | ସୁରେନ୍ଦ୍ର ମହାନ୍ତି | ୧୮୯-୨୧୦ |
| ୩. | ରୂପନାରାୟଣ ସାହା | ଅଖିଳମୋହନ ପଟ୍ଟନାୟକ | ୨୧୧-୨୪୪ |
| ୪. | ଆକାଶ କଇଁଛ | ମନୋଜ ଦାସ | ୨୪୫-୨୬୬ |

## ଚତୁର୍ଥ ଏକକ

### ବୋଧଜ୍ଞାନ ପରୀକ୍ଷଣ


୧. ଅବବୋଧ ପରୀକ୍ଷଣ ୨୬୭-୩୦୨

(କ) ଗଦ୍ୟାଂଶ (ଖ) ପଦ୍ୟାଂଶ

୨. ସର୍ଜନାତ୍ମକ ରଚନା ୩୦୩-୩୧୦


## ପଞ୍ଚମ ଏକକ

### ପ୍ରବନ୍ଧ ଓ ବ୍ୟାକରଣ


(କ) ଦରଖାସ୍ତ ଓ ପତ୍ରଲିଖନ (ବ୍ୟବସାୟିକ, ବ୍ୟକ୍ତିଗତ, ବୃତ୍ତି ନିମିତ୍ତ, ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ, ସାମୟିକ ଛୁଟି ଓ ସଂପାଦକଙ୍କୁ ପତ୍ର) ୩୧୧-୩୪୪

(ଖ) ସଂକ୍ଷିପ୍ତକରଣ ୩୪୫-୩୫୬

(ଗ) ବ୍ୟାକରଣ ୩୫୭-୪୩୪

୧. ରୂଢ଼ିକୁ ବାକ୍ୟରେ ପ୍ରୟୋଗ, ୨. ଏକପଦୀକରଣ,

୩. ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ, ୪. ବିପରୀତ ଅର୍ଥବୋଧକ ଶବ୍ଦ,

୫. ଭ୍ରମ ସଂଶୋଧନ (ଶବ୍ଦ)

ପରିଶିଷ୍ଟ – ପାଠ୍ୟଖସଡ଼ା ୪୩୫-୪୪୦


□□□

# ପ୍ରଥମ ଏକକ – ଗଦ୍ୟ

## ଇତିହାସ

### ବିଶ୍ୱନାଥ କର

•

ଏ ସଂସାରରେ ସାଧାରଣତଃ ଦୁଇ ଶ୍ରେଣୀର ମନୁଷ୍ୟ ଦୃଷ୍ଟ ହୁଅନ୍ତି । ଏକଶ୍ରେଣୀ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି, ସମ୍ଭୋଗ କରନ୍ତି, ମାତ୍ର କୌଣସି ବସ୍ତୁର ତତ୍ତ୍ୱ ନିରୂପଣ କରିବା ବିଷୟରେ ସେମାନଙ୍କର ପ୍ରୟାସ ଦେଖାଯାଏ ନାହିଁ । କି ପ୍ରଣାଳୀ ବା ସୂତ୍ରରେ କେଉଁ ବସ୍ତୁ ସେମାନଙ୍କ ନିକଟସ୍ଥ ହେଲା ବା କିପରି ତାହାର ସଦ୍‌ବ୍ୟବହାର କରିବାକୁ ହେବ, ଇତ୍ୟାଦି ବିଷୟକ ଚିନ୍ତା ସେମାନଙ୍କ ମନୋମଧ୍ୟରେ ସ୍ଥାନପ୍ରାପ୍ତ ହୁଏ ନାହିଁ । ଅପର ଶ୍ରେଣୀ- ସୂକ୍ଷ୍ମଦୃଷ୍ଟି-ସମ୍ପନ୍ନ, ଚିନ୍ତାଶୀଳ । ଏହି ଶ୍ରେଣୀର ଲୋକମାନଙ୍କଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ । ପ୍ରକୃତପକ୍ଷେ ଏହି ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱନିରୂପଣ ପ୍ରୟାସହିଁ ମନୁଷ୍ୟତ୍ୱର ବିଶେଷ ଲକ୍ଷଣ । ଏହାରି ପ୍ରଭାବରେ ମାନବସମାଜରେ ବୈଷୟିକ ଓ ଆଧ୍ୟାତ୍ମିକ ସର୍ବବିଧ ଉନ୍ନତି ସଂସାଧିତ ହେଉଛି । ଜଣେ ଚିନ୍ତାଶୀଳ ପଣ୍ଡିତ କହିଅଛନ୍ତି, "Of the universal mind each individual man is an incarnation" ମନୁଷ୍ୟ ଯେ ଅନନ୍ତ ଦେବଙ୍କର ପ୍ରତିକୃତି, କେବଳ ଏହି ଶେଷୋକ୍ତ ଶ୍ରେଣୀର ମନୁଷ୍ୟମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କଲେ ତାହା ବୁଝାଯାଏ । ପ୍ରକୃତିସ୍ଥ ମନୁଷ୍ୟର ମନ ନିତ୍ୟକ୍ରିୟାଶୀଳ । ଅନନ୍ତ ପ୍ରକୃତି ସଙ୍ଗେ ତାହାର ନିତ୍ୟ ଯୋଗ । ଯେ ବର୍ତ୍ତମାନର ଜୀବ ହୋଇ ସୁଦ୍ଧା ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ଘନିଷ୍ଠଭାବରେ ସମ୍ବନ୍ଧ । ଏହି ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରହେ ନାହିଁ ।

ବର୍ତ୍ତମାନ ଯାହା କିଛି ଆମ୍ଭମାନଙ୍କର ନୟନଗୋଚର ହୁଏ, ସମସ୍ତେ ଅତୀତର ସନ୍ତାନ। ଏହି ଜ୍ଞାନ-ବିଜ୍ଞାନ-ସମ୍ପନ୍ନ ବିଂଶଶତାବ୍ଦୀର ସଭ୍ୟତମ ମାନବସମାଜର ଭିତ୍ତିଭୂମି କ'ଣ ? ପାଦମୂଳରୁ ଯେତେ ନିମ୍ନ-ଦେଶକୁ ଅବତରଣ କର, ଦେଖିବ କେବଳ ନରକଙ୍କାଳ। ବର୍ତ୍ତମାନ ଅବସ୍ଥା ଲାଭ କରିବାପାଇଁ କେତେ ରାଶି ରାଶି ନରଦେହ ପତିତ ହୋଇଅଛି, ତାହା କିଏ କଳନା କରି ପାରିବ ? ଗୋଟିଏ ଫରାସୀ ରାଷ୍ଟ୍ରବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର ହୃତ୍‌କମ୍ପ ଉପସ୍ଥିତ ହୁଏ। ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶବାର୍ତ୍ତା ଶ୍ରବଣକରି ଦୁଃଖରେ, ଶୋକରେ ପ୍ରାଣ ଅବସନ୍ନ ହୋଇପଡ଼େ। ମାତ୍ର ଚିନ୍ତାକରି ଦେଖିଲେ ବର୍ତ୍ତମାନ ଉନ୍ନତିର ଗାତ୍ରରେ ଏହିପରି ସହସ୍ର ସହସ୍ର ବିପ୍ଳବର ବିବରଣ ଲିଖିତ ରହିଥିବାର ପ୍ରତ୍ୟକ୍ଷ କରି ହୃଦୟ, ମନ ସ୍ତମ୍ଭିତ ହୋଇଯିବ। ପୁଣି ଏହି ପ୍ରତ୍ୟକ୍ଷୀଭୂତ ବିପ୍ଳବରାଶି ଛଡ଼ା ନୀରବ ଦେହପାତର ସଂଖ୍ୟା କେତେ, ତାହା ବା କିଏ ଗଣନା କରିପାରିବ ! ପିତାମାତାର ଶୁକ୍ର, ଶୋଣିତରେ ସନ୍ତାନର ଉତ୍ପତ୍ତି, ଏହା ଯେପରି ଅବିସମ୍ବାଦିତ ସତ୍ୟ, ସମଗ୍ର ଅତୀତ ମାନବଜାତିର ରକ୍ତମାଂସରୁ ବର୍ତ୍ତମାନ ମାନବୋନ୍ନତି ଉଦ୍ଭୂତ, ଏହା ମଧ୍ୟ ସେହିପରି ସତ୍ୟ। ପୃଥିବୀର ବର୍ତ୍ତମାନ ଅବସ୍ଥା ମଧ୍ୟରେ ଯେପରି ପୂର୍ବବର୍ତ୍ତୀ, ସକଳ ପ୍ରକାର ଅବସ୍ଥାର ଚିହ୍ନ ଏବଂ ବିଭିନ୍ନ ଶ୍ରେଣୀର ଜୀବରାଶିର ଦେହାବଶେଷ ପରିଲକ୍ଷିତ ହୁଏ, ବର୍ତ୍ତମାନ ମାନବସମାଜର ଦେହରେ ସେହିପରି ଅତୀତ ମାନବସମାଜର ଭାବରାଶି ନିହିତ ଥିବାର ପ୍ରତ୍ୟକ୍ଷ ହୁଏ। ଜଗତ୍ ପରିବର୍ତ୍ତନଶୀଳ। ସକଳ ବସ୍ତୁର ରୂପାନ୍ତର, ଭାବାନ୍ତର ଉପସ୍ଥିତ ହୋଇଅଛି। ଏହି ଘୋର ପରିବର୍ତ୍ତନରାଶି ମଧ୍ୟରେ ଚିର ଅପରିବର୍ତ୍ତନୀୟ ସତ୍ୟ ଅବସ୍ଥିତି କରୁଅଛି। ମାନବର ପ୍ରକୃତ ଉନ୍ନତି ଯାହା, ତାହା ସତ୍ୟ ସଙ୍ଗେ ଘନିଷ୍ଠଭାବରେ ସମ୍ବନ୍ଧ, ସୁତରାଂ ତାହାର ବିଲୋପ ଅସମ୍ଭବ। କେବଳ ସତ୍ୟ ସଙ୍ଗେ ବିରୋଧ ଯାହାର, ତାହାର ବିନାଶ ଅନିବାର୍ଯ୍ୟ। ମାନବସମାଜ ମଧ୍ୟରେ ଏହି ବ୍ୟାପାର ଚିରକାଳ ଲାଗି ରହିଅଛି। ସକଳ ପ୍ରକାର ବିପ୍ଳବର ମୂଳରେ ଏହି ନିଗୂଢ଼ କାରଣଟି ବିଦ୍ୟମାନ। କ୍ଷୁଦ୍ର ଅଗ୍ନିକଣା ତୁଲ୍ୟ ଗୋଟିଏ ନିଭୃତ ହୃଦୟର ଚିନ୍ତା

ପରିବ୍ୟାପ୍ତ ହୋଇ ପ୍ରକାଣ୍ଡ ଅଗ୍ନିକାଣ୍ଡ ଉପସ୍ଥିତ କରେ ଏବଂ ତଦ୍ଦ୍ୱାରା ରାଶି ରାଶି ଅସତ୍ୟ, ଅନ୍ୟାୟ, ଅସାମ୍ୟ, ଅପବିତ୍ରତା ଶୁଷ୍କ ତୃଣରାଶି ତୁଲ୍ୟ ଭସ୍ମୀଭୂତ ହୋଇଯାଏ। କେବଳ ବିଶୁଦ୍ଧ ସତ୍ୟଟି, ସାର ବସ୍ତୁଟି, ପୂର୍ବାପେକ୍ଷା ଉଜ୍ଜ୍ୱଳତର ଆକାରରେ ପ୍ରତିଭାତ ହୁଏ। ଜାତିବିଶେଷର ଉତ୍‌ଥାନ ବା ପତନ ଏହି ସାର୍ବଭୌମିକ ନିୟମର ଅଧୀନ । ଅତୀତକାଳରେ ମାନବସମାଜ ମଧ୍ୟରେ ଏହି ନିୟମର କାର୍ଯ୍ୟପ୍ରଣାଳୀହିଁ ପ୍ରକୃତ ଇତିହାସ। ଏହି ବିବରଣ ଯିଏ ଯେ ପରିମାଣରେ ପାଠ କରି ପାରେ, ସେ ସେହି ପରିମାଣର ଇତିହାସଜ୍ଞ।

ବ୍ୟକ୍ତିଗତ ଜୀବନର ବିଷୟ ଆଲୋଚନା କଲେ ଆମ୍ଭେମାନେ ସମଷ୍ଟିଗତ ଜୀବନ ବା ମାନବଜାତିର ବିଷୟ ସହଜରେ ବୁଝିବାକୁ ସମର୍ଥ ହେଉଁ। ମାନବଜୀବନରେ କେବଳ କେତେଗୁଡ଼ିଏ ଘଟନାର ସମଷ୍ଟି ଛଡ଼ା ଆମ୍ଭେମାନେ ଆଉ ଅଧିକ କିଛି ଦେଖି ପାରୁ ନାହିଁ। ସମସ୍ତ ଘଟନାର ଲକ୍ଷ୍ୟ ଏକ, ଗତି ଏକ ଆଡ଼କୁ। ଗୋଟିଏ ଘଟନା ସମୟରେ ଜୀବନ ଯେଉଁଠାରେ ଥିଲା, ଯେଉଁ ଅବସ୍ଥାରେ ଥିଲା, ଆଉ ଗୋଟିଏ ଘଟନା ବେଳକୁ ସେହି ସ୍ଥାନରେ ବା ସେହି ଅବସ୍ଥାରେ ନାହିଁ। କୌଣସି କୌଣସି ସମୟରେ ଏପରି ମଧ୍ୟ ଦେଖାଯାଏ ଯେ, ଜୀବନ କିଛି ଦୂର ପଶ୍ଚାତ୍‌ପଦ ହୋଇଅଛି; ମାତ୍ର ପରିବର୍ତ୍ତୀ ଘଟନା ସେହି ପଶ୍ଚାଦ୍‌ଗତିର ଯଥେଷ୍ଟ କ୍ଷତିପୂରଣ କରିଦେଇଅଛି। କେତେବେଳେ ଆଲୋକ, କେତେବେଳେ ଅନ୍ଧକାର, କେତେବେଳେ ଉଚ୍ଚ ହାସ୍ୟଧ୍ୱନି, କେତେବେଳେ ବା ମର୍ମଭେଦୀ ହାହାକାର, ଏହିପରି ପରସ୍ପର ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା ଭିତରେ ମାନବଜୀବନ ପ୍ରକୃତରୂପେ ଗଠିତ ହୁଏ। ନିରବଚ୍ଛିନ୍ନ ଆଲୋକ ବା ଆନନ୍ଦ ମାନବଜୀବନରେ ବା ସମାଜରେ କଦାପି ଦୃଷ୍ଟ ହୁଏ ନାହିଁ- ହେବାର ସମ୍ଭାବନା ମଧ୍ୟ ନାହିଁ। ସ୍ଥୂଳଦୃଷ୍ଟି ମାନବ ନିକଟରେ ଜଗତଟା କେବଳ ବିରୁଦ୍ଧ ଭାବପୂର୍ଣ୍ଣ। ମାତ୍ର ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର ସର୍ବ ପ୍ରକାର ବିରୋଧ ମଧ୍ୟରେ ସାମଞ୍ଜସ୍ୟ ଦର୍ଶନ କରେ। ସମସ୍ତଙ୍କର ଗତି ଏକ ଆଡ଼କୁ ଏବଂ ଏକ ଅଖଣ୍ଡ ନିୟମରେ ସମସ୍ତ ଘଟନାବଳୀ ନିୟନ୍ତ୍ରିତ ହେଉଅଛି। ବ୍ୟକ୍ତିଗତ

ଜୀବନରେ ଯେପରି ନାନା ଘଟନା, ନାନା ପରିବର୍ତ୍ତନ ଭିତରେ ସାରଭୂତ୍‌ଜୀବନଟି ଉନ୍ନତ ଆଡ଼କୁ ଅଗ୍ରସର ହୁଏ, ସମାଜ ମଧ୍ୟ ସେହିପରି ନାନା ଘଟନା ଓ ନାନା ପରିବର୍ତ୍ତନଦ୍ୱାରା ଉନ୍ନତତର ଅବସ୍ଥାକୁ ନୀତ ହୁଏ । ପ୍ରକୃତପକ୍ଷେ ଜଗତର କୌଣସି ଘଟନା ଅର୍ଥଶୂନ୍ୟ ନୁହେଁ ।

ଏହି ଭାବରେ ଦେଖିଲେ ମାନବସମାଜର ସମସ୍ତ ବ୍ୟାପାର ଇତିହାସର ଅନ୍ତର୍ଭୁକ୍ତ । ଐଶ୍ୱର୍ଯ୍ୟଶାଳୀ ରାଜା ଏବଂ ଦୀନହୀନ କୃଷକ, ଉଭୟେ ସମାଜର ଅଙ୍ଗ ଏବଂ ଉଭୟେ ସମାଜର ଉନ୍ନତିର ଉପଯୋଗୀ । ଜଣେ ମନୁଷ୍ୟକୁ ଯଥାର୍ଥରୂପେ ଜାଣିବାକୁ ହେଲେ, ତାହାର ସମଗ୍ର ଜୀବନର ଇତିହାସ ଜାଣିବା ଆବଶ୍ୟକ । ସେହିପରି ମାନବସମାଜର ବିଷୟ ବୁଝିବା ପକ୍ଷରେ ସମଗ୍ର ଇତିହାସ ଅବଶ୍ୟ ଜ୍ଞାତବ୍ୟ । ବ୍ୟକ୍ତିଗତ ଜୀବନର ଇତିହାସକୁ ଆମ୍ଭେମାନେ ଜୀବନଚରିତ ଆଖ୍ୟା ପ୍ରଦାନ କରିଥାଉଁ; ସେହିପରି ଜାତିବିଶେଷର ଇତିହାସକୁ ସେହି ଜାତିର ଜୀବନଚରିତ ବୋଲା ଯାଇପାରେ । ମନୁଷ୍ୟ କିପରି ପ୍ରାଥମିକ ହୀନାବସ୍ଥାରୁ କ୍ରମେ କ୍ରମେ ଉନ୍ନୀତ ହୋଇ ବର୍ତ୍ତମାନ ସଭ୍ୟତା ଲାଭ କରିଅଛି, ଏ କଥା ବୁଝିବାକୁ ହେଲେ ଗୋଟାକେତେ ରାଜବଂଶର ବିବରଣ, ଗୋଟିଏ ଅଧେ ବିଶେଷ ଜାତିର ସ୍ଥୂଳ ବିବରଣ ପାଠକଲେ ଚଳିବ ନାହିଁ । ଯହିଁରେ ମାନବ ପ୍ରକୃତିର କ୍ରମବିକାଶର୍ ଛବି ପ୍ରତିବିମ୍ବିତ ନାହିଁ, ତାହା ପ୍ରକୃତ ଇତିହାସପଦବାଚ୍ୟ ହୋଇ ନ ପାରେ । ଈଦୃଶ ଇତିହାସ ପୃଥିବୀରେ ଏପର୍ଯ୍ୟନ୍ତ ଲିଖିତ ହୋଇନାହିଁ । ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ଜଣେ ସୁପ୍ରସିଦ୍ଧ ପଣ୍ଡିତ କହିଅଛନ୍ତି, "I am ashamed to see what a shallow village tale our so-called history is" ଅର୍ଥାତ୍ ପ୍ରଚଳିତ ଇତିହାସମାନ ଗଭୀରତାଶୂନ୍ୟ ଗ୍ରାମ୍ୟଗଳ୍ପ ତୁଲ୍ୟ । ସେ ଯାହା ହେଉ, ଆମ୍ଭେମାନେ ଏହାକୁ ଅବଜ୍ଞା କରି ନ ପାରୁଁ । ସକଳ ବିଷୟରେ ଯେପରି ମାନବସମାଜ କ୍ରମଶଃ ଉନ୍ନତିମୁଖରେ ଅଗ୍ରସର ହେଉଅଛି, ଇତିହାସ ଲିଖନପ୍ରଣାଳୀ ସମ୍ବନ୍ଧରେ ମଧ୍ୟ କ୍ରମଶଃ ପ୍ରଭୂତ ଉନ୍ନତି ସଂସାଧିତ ହୋଇ ଆସୁଅଛି । ପ୍ରତିଭାଶାଳୀ ପଣ୍ଡିତମାନେ ଏ କ୍ଷେତ୍ରରେ ଅକ୍ଳାନ୍ତଭାବରେ

ଶ୍ରମ କରୁଅଛନ୍ତି। ଉନ୍ନତି ଆଦର୍ଶର ଅନୁସରଣ କରିବାହିଁ ମନୁଷ୍ୟର କର୍ତ୍ତବ୍ୟ। କୌଣସି ଉନ୍ନତିର ଶେଷ ନାହିଁ। ମନୁଷ୍ୟ ଯେତିକି ଅଗ୍ରସର ହେବ, ଆଦର୍ଶ ସେତିକି ଉନ୍ନତତର ଆକାର ଧାରଣ କରି ତାହାର ସମ୍ମୁଖରେ ଉପସ୍ଥିତ ହେବ। ସମସ୍ତ ବିଷୟରେ ଦେଖାଯାଏ, ଆଦର୍ଶର ତୁଳନାରେ ମନୁଷ୍ୟର ଲବ୍ଧ ଉନ୍ନତି ଅତି ଅକିଞ୍ଚିତ୍କର, ଅଥଚ ପ୍ରାଥମିକ ହୀନାବସ୍ଥା ସଙ୍ଗେ ତାହାର କେତେ ପ୍ରଭେଦ !

ପ୍ରଥମାବସ୍ଥାରେ ଇତିହାସ ବୋଲି ଗୋଟିଏ ବସ୍ତୁର ଅସ୍ତିତ୍ୱ ନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏକା ଯେ ଭାରତବାସୀମାନେ ପ୍ରାଚୀନକାଳର ଇତିହାସ ଲେଖିବାକୁ ଶିକ୍ଷା କରି ନ ଥିଲେ, ତାହା ନୁହେଁ। ଭାବି ଦେଖିଲେ କୌଣସି ଜାତିର ପୂର୍ବପୁରୁଷମାନେ ଏ ଅପବାଦରୁ ସମ୍ପୂର୍ଣ୍ଣ ମୁକ୍ତିଲାଭ କରିପାରିବେ ନାହିଁ। ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କେବଳ କେତେଗୁଡ଼ିଏ କ୍ଷମତାଶାଳୀ ବୀରପୁରୁଷଙ୍କର କଳ୍ପନାମିଶ୍ରିତ ବିବରଣଛଡ଼ା ଆଉ କିଛି ନୁହେଁ। ସେହି ବୀରମାନେ ଦେବତା ବା ଦେବ ଅଂଶରେ ଜାତ ଏବଂ ସେମାନଙ୍କର କାର୍ଯ୍ୟକଳାପ ଅଲୌକିକ। ତେବେ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ଆମ୍ଭମାନଙ୍କ ଦେଶରେ କଳ୍ପନାର ମାତ୍ରା ଅତ୍ୟନ୍ତ ଅଧିକ। ସେହି କଳ୍ପନାରାଶି ଭେଦ କରି ପ୍ରକୃତ ତଥ୍ୟ ଲାଭ କରିବା ସାଧାରଣ ମନୁଷ୍ୟର କାର୍ଯ୍ୟ ନୁହେଁ। ହିନ୍ଦୁଜାତି ଚିରକାଳ କଳ୍ପନାପ୍ରିୟତା ନିମିତ୍ତ ଖ୍ୟାତ। ସକଳ ବିଷୟରେ ଏମାନେ କଳ୍ପନାର ଚରମସୀମାରେ ଉପସ୍ଥିତ ନ ହୋଇ ଛାଡ଼ି ନାହାନ୍ତି। ଆମ୍ଭମାନଙ୍କ ଦେଶରେ ପ୍ରାଚୀନ ଚିକିତ୍ସାଶାସ୍ତ୍ରରେ ଯେପରି ରସିକତା, ଭାବୁକତା, ଅଳଙ୍କାର ଓ ଆଡ଼ମ୍ବରର ସମାବେଶ ଦେଖାଯାଏ, ଅନ୍ୟ ଦେଶର କାବ୍ୟ ନାଟକାଦିରେ ମଧ୍ୟ ତାହା ଦେଖାଯାଏ ନାହିଁ। ସେ ଯାହା ହେଉ, ପ୍ରାଚୀନକାଳରେ ଏହି ପ୍ରକାର କଳ୍ପନାମିଶ୍ରିତ ବିବରଣଛଡ଼ା ଆମ୍ଭେମାନେ ବିଶୁଦ୍ଧ ଇତିହାସ ବୋଲି କୌଣସି ବସ୍ତୁ ପାଇ ପାରୁ ନାହିଁ। କେଉଁଠାରେ ବା ଏହି ବିବରଣମାନ ଇତିହାସ ଆଖ୍ୟା ପ୍ରାପ୍ତି ହୋଇଅଛି, କେଉଁଠାରେ କାବ୍ୟ, ନାଟକ, ପୁରାଣ ଇତ୍ୟାଦି ଆକାର ଧାରଣକରି ରହିଅଛି। ପ୍ରକୃତପକ୍ଷେ ପ୍ରାଚୀନକାଳର ଇତିହାସ ଭିନ୍ନ ଭିନ୍ନ ଯୁଗର

ସାହିତ୍ୟ ମଧ୍ୟରେ ଅନ୍ତର୍ନିବିଷ୍ଟ ରହିଅଛି । ପ୍ରାଚୀନ ଧର୍ମଶାସ୍ତ୍ର ପର୍ଯ୍ୟନ୍ତ ଐତିହାସିକ ସତ୍ୟରେ ପରିପୂର୍ଣ୍ଣ । ପୁରାତନ ବାଇବେଲ୍ ଏବଂ ଆମ୍ଭମାନଙ୍କର ବେଦ ତାହାର ଉଜ୍ଜ୍ୱଳ ପ୍ରମାଣସ୍ୱରୂପ । କେବଳ ତାହା ନୁହେଁ, ଭିନ୍ନ ଦେଶର ଓ ଭିନ୍ନ କାଳର ମନ୍ଦିର, ଗୃହ, ଖୋଦିତ ମୂର୍ତ୍ତି ଓ ଫଳକାଦିରେ ସେହି ସେହି ଦେଶର ଓ କାଳର ଇତିହାସ ଉଜ୍ଜ୍ୱଳ ଅକ୍ଷରରେ ଲିଖିତ ହୋଇଅଛି । ସୂକ୍ଷ୍ମଦୃଷ୍ଟିସମ୍ପନ୍ନ ପଣ୍ଡିତମାନେ ମନୀଷାବଳରେ ଏହିପରି ସାହିତ୍ୟରେ ନାନା ବିଭାଗରୁ ଏବଂ ପ୍ରାଚୀନ କୀର୍ତ୍ତି, ଖୋଦିତମୂର୍ତ୍ତି ଓ ଫଳକାଦିରୁ ଐତିହାସିକ ସତ୍ୟ ସଂଗ୍ରହକରି ପ୍ରାଚୀନ ଇତିହାସ ନାମକ ଗୋଟିଏ ଉପାଦେୟ ବସ୍ତୁ ଆମ୍ଭମାନଙ୍କ ସମକ୍ଷରେ ଉପସ୍ଥାପିତ କରିଅଛନ୍ତି । କିନ୍ତୁ ସେହି ସଂଗୃହୀତ ଅଂଶ ମାତ୍ର ପ୍ରକୃତ ଇତିହାସ ନୁହେଁ ବା ବିଶେଷ ମତ ସ୍ଥାପନ କିମ୍ବା କାଳାଦି ନିର୍ଣ୍ଣୟାର୍ଥେ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନଙ୍କ ମଧ୍ୟରେ ଯେ ତୁମୁଳ ସଂଗ୍ରାମ ସମୟ ଉପସ୍ଥିତ ହୁଏ ଏବଂ ତାହାର ଫଳସ୍ୱରୂପ ଯେ ପ୍ରକାଣ୍ଡ ପୁସ୍ତକମାନ ରଚିତ ହୁଏ, ସେ ସମସ୍ତ ମଧ୍ୟ ପ୍ରକୃତ ଇତିହାସ ନୁହେଁ । ପ୍ରକୃତ ଇତିହାସ ସେ ସମସ୍ତର ପଶ୍ଚାଦ୍ଦେଶରେ । ଚିନ୍ତାଶୀଳ ପାଠକମାନେ ତାହା ପାଠ କରିବାକୁ ସମର୍ଥ ହୁଅନ୍ତି ।

ବର୍ତ୍ତମାନ ଯୁଗର ଇତିହାସଲିଖନପ୍ରଣାଳୀ ସ୍ୱତନ୍ତ୍ର ଏବଂ ଆଦର୍ଶର ନିକଟବର୍ତ୍ତୀ । ଏଥିରେ ମାନବଜୀବନର ସର୍ବବିଧ ବ୍ୟାପାରର ଯୋଗ ଅଛି । କେବଳ ରାଜା, ରାଜପୁରୁଷ ବା ରାଜନୀତି ଘେନି ବର୍ତ୍ତମାନ ଇତିହାସ ନୁହେଁ । ଏଥିରେ ଜାତିସାଧାରଣର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ବିଜ୍ଞାନ ସକଳ ପ୍ରକାର ପ୍ରୟୋଜନୀୟ ବିଷୟର ସମାବେଶ ଅଛି । ତଥାପି ସ୍ଥୂଳରେ ଏହା ରାଜନୈତିକ ଇତିହାସପଦବାଚ୍ୟ । ସେହି କାରଣରୁ କୌଣସି କୌଣସି ଚିନ୍ତାଶୀଳ ପଣ୍ଡିତ ସାହିତ୍ୟ-ଇତିହାସ, ଧର୍ମ-ଇତିହାସ, ବିଜ୍ଞାନ-ଇତିହାସ ଇତ୍ୟାଦି ନାମ ଦେଇ ଭିନ୍ନ ଭିନ୍ନ ବିଭାଗରେ କ୍ରମିକ ଉନ୍ନତି-ବିବରଣ ପୂର୍ଣ୍ଣତର ଆକାରରେ ଲିପିବଦ୍ଧ କରିବାକୁ ପ୍ରୟାସୀ ହୋଇଅଛନ୍ତି । ମନୁଷ୍ୟର ଜ୍ଞାନ, ଶକ୍ତି ଓ ସମୟର ଅଳ୍ପତା ବିଷୟ ବିବେଚନା କଲେ ଏପ୍ରକାର ଚେଷ୍ଟାର ସମ୍ୟକ୍ ଔଚିତ୍ୟ ବୋଧହୁଏ ଅସ୍ୱୀକାର

କରାଯାଇ ନ ପାରେ । ଇତିହାସଲିଖନପ୍ରଣାଳୀ ସମ୍ବନ୍ଧରେ ଦିନକୁ ଦିନ ପ୍ରଭୂତ ଉନ୍ନତି ସାଧିତ ହେଉଅଛି, ଏଥରେ ସନ୍ଦେହ ନାହିଁ, ମାତ୍ର ପ୍ରକୃତ ଅନିସନ୍ଧିତ୍ସୁ ବ୍ୟକ୍ତି ସେତିକିରେ ସନ୍ତୁଷ୍ଟ ରହି ନ ପାରେ । ସେ ଚିରଦିନ ମାନବସମାଜର ନାନା ବିଭାଗରେ ଇତିହାସ ଅନୁସନ୍ଧାନ କରିବାରେ ପ୍ରବୃତ୍ତ ରହିଥିବ । ସାହିତ୍ୟ, ଶିଳ୍ପ, ବାଣିଜ୍ୟ, ଧର୍ମ, ନୀତି, କାବ୍ୟ, ଉପନ୍ୟାସ, ବିଜ୍ଞାନ, ଦର୍ଶନ ସମସ୍ତ ତାହା ନିକଟରେ ଐତିହାସିକ ସତ୍ୟମୟ । ପ୍ରତ୍ୟେକ ବ୍ୟକ୍ତିର ଜୀବନ, ଆହାର, ପରିଚ୍ଛଦ ତାହା ନିକଟରେ ଜୀବନ୍ତ ଇତିହାସରୂପେ ପ୍ରତିଭାତ ହୁଏ ।

ଇତିହାସ ଯେପରି ଭାବରେ ଲିଖିତ ହେଉ, ପଠନପ୍ରଣାଳୀ ଉପରେ ତାହାର ଉପକାରିତା ବହୁପରିମାଣରେ ନିର୍ଭରକରେ । ପାଠକ ଯେବେ ବର୍ତ୍ତମାନ ସଙ୍ଗେ ଏବଂ ନିଜ ଜୀବନ ସଙ୍ଗେ ଅତୀତର ସମ୍ପର୍କ ବିସ୍ମୃତ ହୋଇ ଇତିହାସ ଅଧ୍ୟୟନ କରିବାକୁ ପ୍ରବୃତ୍ତ ହୁଅନ୍ତି, ତେବେ ସେ ଅଧ୍ୟୟନ ବିଡ଼ମ୍ବନା ମାତ୍ର । ଇତିହାସ କେବଳ କେତେଗୁଡ଼ିଏ ଘଟନାର ସମଷ୍ଟି ଛଡ଼ା ଆଉ କ'ଣ ? ସେହି ଘଟନାର ପଶ୍ଚାଦ୍ଦେଶରେ ଯେ ନିୟମ ବା ନିୟନ୍ତାଙ୍କ ହସ୍ତ କାର୍ଯ୍ୟ କରୁଅଛି, ତାକୁ ପ୍ରତ୍ୟକ୍ଷ କରି ନ ପାରିଲେ ବିଦ୍ୟାଳୟର ବାଳକମାନଙ୍କ ତୁଲ୍ୟ କେତେଗୁଡ଼ିଏ ଶୁଷ୍କ କଥା ଓ ମୃତ ଅତୀତର ଅର୍ଥଶୂନ୍ୟ ବିବରଣ କଣ୍ଠସ୍ଥ କରି କି ଲାଭ ? ଅତୀତ କାଳରେ ଯେ ନିୟମ କାର୍ଯ୍ୟ କରିଅଛି, ଏହି ମୁହୂର୍ତ୍ତରେ ଆମ୍ଭମାନଙ୍କ ଚତୁର୍ଦ୍ଦିଗରେ ଆମ୍ଭମାନଙ୍କ ଜୀବନରେ ସେହି ନିୟମ ସେହି ଭାବରେ କାର୍ଯ୍ୟ କରୁଅଛି । ମନୁଷ୍ୟମାନଙ୍କ ମଧ୍ୟରେ ପ୍ରକୃତିଗତ ସୌସାଦୃଶ୍ୟ ବିଦ୍ୟମାନ । ଏକଥାରେ ମତଭେଦ ହୋଇ ନ ପାରେ । ବୈଷମ୍ୟର ମାତ୍ରା ଯେତେ ଅଧିକ ହେଉ ପଛକେ, ମୂଳରେ ମାନବପ୍ରକୃତି ଏକ । ଏକା ମାନବପ୍ରକୃତି କାହିଁକି, ସମଗ୍ର ବ୍ରହ୍ମାଣ୍ଡର ଅନ୍ତରତମ ପ୍ରଦେଶରେ ଏପରି, ଏକ ସାଧାରଣ ଭୂମି ଅଛି, ଯେଉଁଠାରେ କୌଣସିପ୍ରକାର ଭେଦ ବା ବୈଷମ୍ୟ ପରିଦୃଷ୍ଟ ହୁଏ ନାହିଁ । ସେହି ଭୂମି ଉପରେ ଦଣ୍ଡାୟମାନ ହୋଇ ପାରିଲେ, ମନୁଷ୍ୟ ଆପଣା ଭିତରେ ସମସ୍ତ ବ୍ରହ୍ମାଣ୍ଡ ପ୍ରତ୍ୟକ୍ଷ କରିବାକୁ ସମର୍ଥ ହୁଏ ଏବଂ ସର୍ବତ୍ର ସର୍ବମଙ୍ଗଳମୟ

ବିଧାତାଙ୍କ ପ୍ରତ୍ୟକ୍ଷ ହସ୍ତ ଦର୍ଶନ କରି ସ୍ତମ୍ଭିତ ଓ ମୋହିତ ହୁଏ । ସୁତରାଂ ସେଠାରେ ଦେଶ କାଳର ଦୂରତ୍ୱ ବିନଷ୍ଟ ହୋଇଯାଏ । ଇତିହାସ ପାଠ କରିବା ବେଳେ ଅନେକ ସମୟରେ ଆମ୍ଭେମାନେ ଅଲକ୍ଷିତ ଭାବରେ ସେହି ସାଧାରଣ ଭୂମିରେ ଉପସ୍ଥିତ ହେଉଁ । ତେତେବେଳେ ଅତୀତର ସୁଖ ଦୁଃଖ, ହର୍ଷ ବିଷାଦ, ଭୟ ବିଭୀଷିକା, ସାହସ ଓ ବିକ୍ରମ, ଜୀବନ ଓ ମୃତ୍ୟୁ ଆମ୍ଭମାନଙ୍କ ନିକଟରେ ଜୀବନ୍ତ ମୂର୍ତ୍ତି ପରିଗ୍ରହ କରି ଦଣ୍ଡାୟମାନ ହୁଏ ଏବଂ ନିଜ ଜୀବନର ବ୍ୟାପାରତୁଲ୍ୟ ପ୍ରତିଭାତ ହୁଏ । ଏହି ଅବସ୍ଥାରେ ଅତୀତ ପ୍ରତି ହୃଦୟର ସହାନୁଭୂତି ସ୍ୱତଃ ଜାଗ୍ରତ ହୋଇ ଉଠେ । ଅତୀତର ଜୟୋଲ୍ଲାସ ନିଜ ଜୀବନର ଜୟୋଲ୍ଲାସରେ ପରିଣତ ହୁଏ । ଏହିପରି ପ୍ରତ୍ୟକ୍ଷ ଘଟନା ସଙ୍ଗେ ଯେତେବେଳେ ଜୀବନର ଯୋଗ ସଂସ୍ଥାପିତ ହୁଏ, ତେତେବେଳେ ସମଗ୍ର ଅତୀତ ବର୍ତ୍ତମାନ ଆକାର ଧାରଣ କରେ । ପ୍ରକୃତପକ୍ଷେ ଚିନ୍ତାଶୀଳ ପାଠକ ଇତିହାସ ବର୍ଣ୍ଣିତ ସକଳ ପ୍ରକାର ଚିତ୍ର ନିଜ ଜୀବନରେ ଏବଂ ସମସାମୟିକ ସମାଜ ମଧ୍ୟରେ ପ୍ରତିବିମ୍ବିତ ଦେଖି ସେଗୁଡ଼ିକରୁ ସମୁଚିତ ଶିକ୍ଷା ଲାଭ କରନ୍ତି ।

ଆମ୍ଭେମାନେ ଚିରକାଳ ଶୁଣି ଆସୁଅଛୁଁ, ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଶିକ୍ଷା ପକ୍ଷରେ ଅଧିକତର ଉପଯୋଗୀ । ଇତିହାସ ଦୃଷ୍ଟାନ୍ତର ଆକାର; ସୁତରାଂ ତାହା ଶିକ୍ଷାପକ୍ଷରେ କିପରି ଉପଯୋଗ୍ୟ, ବୁଦ୍ଧିମାନ୍ ବ୍ୟକ୍ତି ମାତ୍ରକେ ଅନୁଭବ କରି ପାରିବେ । ଉପରେ ଉକ୍ତ ହୋଇଅଛି, ପ୍ରାକୃତିକ ନିୟମର କାର୍ଯ୍ୟପ୍ରଣାଳୀ ସର୍ବତ୍ର ଏବଂ ସର୍ବ କାଳରେ ଏକ । ଯେ ପ୍ରକାର କାର୍ଯ୍ୟରୁ ଏକ ବ୍ୟକ୍ତି ବା ଜାତିର ଅଧଃପତନ ହେଲା, ସକଳ ବ୍ୟକ୍ତି ବା ଜାତିର ତଦ୍ଵାରା ନିଶ୍ଚୟ ଅଧଃପତନ ହେବ । ଉନ୍ନତିର ଯେ କ୍ରମ ଏକ ବ୍ୟକ୍ତି ବା ଜାତିର ଜୀବନରେ ପରିଲକ୍ଷିତ ହୁଏ, ସକଳ ବ୍ୟକ୍ତି ଓ ଜାତି ପକ୍ଷରେ ସେହି କ୍ରମ । ବିପରୀତ ପଥରେ ଗମନ କରି କେହି କଦାପି ଉନ୍ନତିର ସୋପାନରେ ଆରୋହଣ କରି ନ ପାରେ । ଅମୁକ ବ୍ୟକ୍ତି ଅହଙ୍କାରୀ ଥିଲା, ତେଣୁ ତାହାର ପତନ ହେଲା- କିନ୍ତୁ ମୁଁ ଚିରକାଳ ଅହଙ୍କାରରେ ବକ୍ଷସ୍ଫୀତ କରି ବୁଲିବି, ଅଥଚ ମୋର ପତନ ନାହିଁ, ଏହା କଦାପି ହୋଇ ନ ପାରେ । ଅହଙ୍କାରର ମସ୍ତକରେ 'ପତନ'

ଏହି କଥାଟି ସର୍ବତ୍ର ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇ ରହିଅଛି । ଅମୁକ ବ୍ୟକ୍ତି ସମସ୍ତଙ୍କଠାରେ ବିଶ୍ୱାସ ସ୍ଥାପନ କରି ସମସ୍ତଙ୍କର ବିଶ୍ୱାସ-ଭାଜନ ହେଲା, କିନ୍ତୁ ମୁଁ ସମସ୍ତ ଜଗତକୁ ଅବିଶ୍ୱାସ କରି, ସମସ୍ତଙ୍କ ନିକଟରେ ଆତ୍ମଗୋପନ କରି ସେହି ବ୍ୟକ୍ତି ପରି ସମସ୍ତଙ୍କର ବିଶ୍ୱାସର ପାତ୍ର ହେବି, ଏହା ଦୁରାଶା ମାତ୍ର । 'ଧର୍ମର ଜୟ, ଅଧର୍ମର ପରାଜୟ' ଇତିହାସ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରୁଅଛି । ଅପରିଣାମଦର୍ଶୀ ମାନବ ଅନେକ ସମୟରେ ପୃଥିବୀରେ ବିପରୀତ ଭାବ ଦର୍ଶନ କରି ଅବିଶ୍ୱାସୀ ହୁଏ । ଇତିହାସପାଠଦ୍ୱାରା ସକଳ ଅବିଶ୍ୱାସ ତିରୋହିତ ହୁଏ, ଦୃଷ୍ଟି ଉଜ୍ଜ୍ୱଳ ହୁଏ । ସର୍ବତ୍ର ସତ୍ୟର ଜୟ, ମଙ୍ଗଳର ଜୟ, ପୁଣ୍ୟର ଜୟ ପ୍ରତ୍ୟକ୍ଷ କରି ପ୍ରାଣ ଆଶା ଓ ବିଶ୍ୱାସରେ ପୁଲକିତ ହୁଏ । ବାସ୍ତବିକ, ଉପଯୁକ୍ତ ଭାବରେ ପାଠ କରିବାକୁ ଶିକ୍ଷା କଲେ ଇତିହାସତୁଲ୍ୟ ଦ୍ୱିତୀୟ ଶିକ୍ଷକ ଆଉ କଦାପି ଦୃଷ୍ଟ ହେବ ନାହିଁ ।

ଆଉ ଏକଭାବରେ ଦେଖିଲେ ମଧ ଇତିହାସ ଆମ୍ଭମାନଙ୍କ ନିକଟରେ ପରମ ଆଦରର ବସ୍ତୁ ବୋଲି ବୋଧ ହେବ । ଆମ୍ଭେମାନେ ବର୍ତ୍ତମାନ ଯାହା ଭୋଗ କରୁଅଛୁଁ ତାହାରି କର୍ତ୍ତା ଆମ୍ଭେମାନେ ନୋହୁଁ । ଗୋଟିଏ ଆଖ୍ୟାୟିକା ଅଛି- ପ୍ରାଚୀନକାଳରେ କୌଣସି ମହାତ୍ମା ସ୍ୱର୍ଗରୁ ଅଗ୍ନି ଆହରଣ କରିଥିବା ଯୋଗୁଁ ତାଙ୍କୁ ଦୁଃସହ କ୍ଳେଶ ଭୋଗ କରିବାକୁ ହୋଇଥିଲା । ଏହିପରି ପ୍ରତ୍ୟେକ ପ୍ରୟୋଜନୀୟ ବସ୍ତୁ ଲାଭ କରିବାପାଇଁ କେତେ ମହାପୁରୁଷଙ୍କୁ କେତେ ଭୀଷଣ କଷ୍ଟ ଓ ଯାତନା ଭୋଗ କରିବାକୁ ହୋଇଅଛି, ତାହା କଳ୍ପନା କଲେ କାହାର ହୃଦୟ ସ୍ତମ୍ଭିତ ନ ହେବ ? ଆମ୍ଭେମାନେ ଯେ ନିତ୍ୟ ନିତ୍ୟ ଅଗଣ୍ୟ ସୁଖସେବ୍ୟ ବସ୍ତୁ ସମ୍ଭୋଗ କରି ପ୍ରାଣ ମନ ପରିତୃପ୍ତ କରୁଅଛୁଁ, ସେ ସମସ୍ତ ପଦାର୍ଥର ମୂଳ କେଉଁଠାରେ, ତାହା କି ଥରେ ଭାବି ଥାଉଁ ? ପ୍ରାଥମିକ ମନୁଷ୍ୟ ଅରଣ୍ୟରେ ଶୀତ, ଗ୍ରୀଷ୍ମ, ବର୍ଷାରେ ଅସହ୍ୟ କ୍ଳେଶ ସହ୍ୟକରି ଅପକ୍ୱମାଂସ, ଫଳମୂଳ ଆହାର କରି କାଳତିପାତ କରୁଥିଲା । ଆଜି ଆମ୍ଭେମାନେ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ଚତୁର୍ବିଧ ରସରେ ରସନା ତୃପ୍ତ କରୁଅଛୁଁ, ସୁନ୍ଦର ସୁସଜ୍ଜିତ ବାସଗୃହ ନିର୍ମାଣ କରି ପରମାନନ୍ଦରେ ନିରାପଦରେ ବାସ କରୁଅଛୁଁ, ନାନା ଯନ୍ତ୍ରର ସାହାଯ୍ୟରେ ଅତି ସହଜରେ ବିବିଧ ପ୍ରୟୋଜନ

ସାଧନ କରୁଅଛୁଁ, ଏହାର ମୂଳ କେଉଁଠାରେ ? ଏକଆଡ଼େ ଘୋର ତମସାଛନ୍ନ, ସାହିତ୍ୟବିବର୍ଜିତ, ଧର୍ମଶୂନ୍ୟ, ନୀତିଶୂନ୍ୟ ପଶୁଭାବ; ଅନ୍ୟଆଡ଼େ ବର୍ତ୍ତମାନ ସମୟର କାବ୍ୟ, ନାଟକ, ଇତିହାସ, ବିଜ୍ଞାନ, ଦର୍ଶନ, ଧର୍ମଶାସ୍ତ୍ର ! ଏକଆଡ଼େ ଆଦିମ ମନୁଷ୍ୟର କାଳ୍ପନିକ ଭୂତ-ପ୍ରେତ-ପୂଜା, ଅପରଆଡ଼େ ସଚ୍ଚିଦାନନ୍ଦ ବିଗ୍ରହ ଅନନ୍ତ ବ୍ରାହ୍ମାଣ୍ଡପତିଙ୍କ ଉପାସନା । ଭାବି ଦେଖ, କେତେ ଯୁଗଯୁଗାନ୍ତର କଠୋର ତପସ୍ୟାଦ୍ୱାରା ପ୍ରାଚୀନ ପୁରୁଷମାନେ ଆମ୍ଭମାନଙ୍କ ପାଇଁ ଏହି ଅମୂଲ୍ୟ ରତ୍ନରାଶି ସଞ୍ଚୟ କରି ଯାଇଅଛନ୍ତି । ଇତିହାସରେ ଯଦି କିଛିମାତ୍ରାର ଶିକ୍ଷାର ବିଷୟ ନ ଥାଏ, ତଥାପି ଯେଉଁ ଅତୀତ ଆମ୍ଭମାନଙ୍କୁ ଏତେ ରତ୍ନ ପ୍ରଦାନ କରିଅଛି ଏବଂ ଯେଉଁ ମହିମାନ୍ୱିତ ପୁରୁଷମାନେ ଆମ୍ଭମାନଙ୍କ ପାଇଁ ଦେହପାତ କରି ଯାଇଅଛନ୍ତି, ସେମାନଙ୍କ ସମ୍ବନ୍ଧରେ କେବଳ କିଞ୍ଚିତ୍ ଜ୍ଞାନଲାଭ କରିବାହିଁ ଆମ୍ଭମାନଙ୍କର ସୁଖଲାଭର ଯଥେଷ୍ଟ କାରଣ । ଆଉ ଗୋଟିଏ କଥା ଯେ, ଏ ସମସ୍ତ ଚିନ୍ତା କଲେ କିଏ ଏ ସଂସାରରେ ଏକ ମୁହୂର୍ତ୍ତ ଆମୋଦରେ ବା ଆଳସ୍ୟରେ କଟାଇ ପାରେ ? ଅତୀତର ସନ୍ତାନ ଭବିଷ୍ୟତର ପିତାରୂପେ ଦଣ୍ଡାୟମାନ । ପୁତ୍ରପାଇଁ କେବଳ ପୈତୃକ ସମ୍ପତ୍ତି ରଖିଯିବା ପିତାର କର୍ତ୍ତବ୍ୟ ନୁହେଁ । ପୈତୃକ ଧନରାଶି ସଙ୍ଗେ ସ୍ୱୋପାର୍ଜିତ ସମ୍ପତ୍ତି ଯୋଗ କରିବାହିଁ ସୁସନ୍ତାନ ଓ ସୁପିତାର କାର୍ଯ୍ୟ । ତାହା ନ କଲେ ପିତା ଓ ପୁତ୍ର ଉଭୟଙ୍କର ପ୍ରତି କର୍ତ୍ତବ୍ୟଲଙ୍ଘନଜନିତ ଅପରାଧଭାଗୀ ହେବାକୁ ପଡ଼େ । ବିଧାତାଙ୍କ କୌଶଳ ବିଚିତ୍ର ଯେ, ଏହି କର୍ତ୍ତବ୍ୟ ପାଳନର ସୁଖ ଅପର୍ଯ୍ୟାପ୍ତ । କାର୍ଯ୍ୟକର, ସୁଖୀ ହୁଅ । ଏହାହିଁ ବିଧି ଓ ଆଦେଶ । ଏଥିରେ ପ୍ରଶ୍ନ ନାହିଁ ବା ଉତ୍ତର ନାହିଁ ।

ଇତିହାସ ଆମ୍ଭମାନଙ୍କୁ ଆଉ ଗୋଟିଏ ଶିକ୍ଷା ପ୍ରଦାନ କରେ ଏବଂ ତାହାହିଁ ଇତିହାସର ସର୍ବଶ୍ରେଷ୍ଠ ଶିକ୍ଷା । ପୂର୍ବେ ଉକ୍ତ ହୋଇଛି, ସତ୍ୟ ଓ ସାରବସ୍ତୁ ଯାହା ତାହାର କଦାପି ବିନାଶ ନାହିଁ । ମାନବ ସମାଜ ଯେ ଉନ୍ନତି ଲାଭ କରିଅଛି, ସେଥିରୁ ସେ କଦାପି ବିଚ୍ୟୁତ ହେବ ନାହିଁ । ସମାଜ ଅବିରାମଭାବରେ ମଙ୍ଗଳ ଆଡ଼କୁ, ଉନ୍ନତି ଆଡ଼କୁ ଅଗ୍ରସର ହେଉଅଛି । ପ୍ରଭେଦ ଏତିକି ଯେ, ଯେ ଯେଉଁ ବିଷୟରେ ଅଯୋଗ୍ୟ ହେବ, ସେ ସେଥିରୁ ବଞ୍ଚିତ ହେବ । ଯେଉଁ ଜାତି ଅଯୋଗ୍ୟ ହେଲା,

ତାହାର ରସାତଳଗତି ଅନିବାର୍ଯ୍ୟ। ତାହାର ସଞ୍ଚିତ ଧନରାଶି, ଜ୍ଞାନ, ବିଜ୍ଞାନ ସମସ୍ତ ଯୋଗ୍ୟତର ଜାତି ହସ୍ତରେ ସମର୍ପିତ ହେବ। ପ୍ରାଚୀନ ରୋମ ବା ପ୍ରାଚୀନ ଭାରତର ପତନ ହେଲା, ସେଥିରେ ସମଗ୍ର ମାନବଜାତିର କି କ୍ଷତି ? ରୋମ ବା ଭାରତ ଯାହା ରକ୍ଷା କରି ପାରିଲା ନାହିଁ, ଇଂଲଣ୍ଡ ଓ ଆମେରିକା ସେଥିପାଇଁ ପ୍ରସ୍ତୁତ ରହିଅଛନ୍ତି। ଇଂଲଣ୍ଡ ଓ ଆମେରିକା ଯେତେବେଳେ ନିଜ ଅଯୋଗ୍ୟତାର ପ୍ରମାଣ ପ୍ରଦର୍ଶନ କରିବେ, ତେତେବେଳେ ନବ ଇଂଲଣ୍ଡ ଓ ନବ ଆମେରିକାର ଅଭ୍ୟୁତ୍ଥାନ ହେବ। ବିଧାତାଙ୍କ କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ। ମାତ୍ର ଯୋଗ୍ୟତା ନ ଦେଖି ସେ କାହାକୁ କୌଣସି ଉଚ୍ଚ ଅଧିକାର ଦିଅନ୍ତି ନାହିଁ। ସାଧୁତା, ସରଳତା, ସତ୍ୟନିଷ୍ଠା, ମୈତ୍ରୀ, କ୍ଷମା, ସାହସ, ବୀର୍ଯ୍ୟ ପ୍ରଭୃତି ଯୋଗ୍ୟତାର ଲକ୍ଷଣ। ଏଗୁଡ଼ିକ ହରାଇ କେବଳ ଭୋଗ, ବିଳାସ, ଆମୋଦ ଓ ଆଳସ୍ୟରେ ଦିନ କଟାଇ କୌଣସି ବ୍ୟକ୍ତି ବା ସମାଜ ଉନ୍ନତି ଲାଭ କରି ନପାରେ କିମ୍ବା ଲବ୍ଧ ଉନ୍ନତି ରକ୍ଷା କରି ନ ପାରେ। ଜଣେ ଇଂରାଜୀ ଗ୍ରନ୍ଥକାର ଲେଖିଅଛନ୍ତି, "The evolution of a highly destined society must be moral, it must run in the grooves of the celestial wheels. It must be catholic in aims." ଏ କଥାଗୁଡ଼ିକ ବର୍ଣ୍ଣେ ବର୍ଣ୍ଣେ ସତ୍ୟ। ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରି ନ ପାରେ। ପ୍ରତ୍ୟେକ ଜାତିର ଇତିହାସ ଏହି ସାକ୍ଷ୍ୟ ପ୍ରଦାନ କରୁଅଛି।

ଇତିହାସ ସମ୍ବନ୍ଧରେ ମୋର ବକ୍ତବ୍ୟ ଏହିଠାରେ ଶେଷ ହେଲା। ବର୍ତ୍ତମାନ ପ୍ରସଙ୍ଗକ୍ରମେ ଆଉ ଗୋଟିଏ କଥାର ଉଲ୍ଲେଖ କରି ପ୍ରବନ୍ଧର ଉପସଂହାର କରିବି। ସମଗ୍ର ଭାବରେ ମାନବଜାତିର ଅତୀତ ଇତିହାସ ଅଧ୍ୟୟନ କରିବା ସର୍ବଥା ବିଧେୟ, ଏଥିରେ ସନ୍ଦେହ ନାହିଁ। ମାତ୍ର ମନୁଷ୍ୟ କ୍ଷୁଦ୍ର ଜୀବ, ତାହାର ସ୍ୱଦେଶ ବା ସ୍ୱଜାତି ବୋଲି ଗୋଟିଏ ଅତି ପ୍ରିୟ ବସ୍ତୁ ଅଛି। ସେ ବସ୍ତୁଟି ପ୍ରତି ତାହାର ସ୍ୱାଭାବିକ ଅନୁରାଗ ଅଧିକ। ସ୍ୱଜାତି ସଙ୍ଗେ ନିକଟ ସମ୍ପର୍କହିଁ ଏହି ଅନୁରାଗର କାରଣ। ଏହା ଦୋଷ ନୁହେଁ- ବରଂ ଏହାର ଅଭାବହିଁ ଦୋଷ। ଏହି ଅନୁରାଗରୁ ମନୁଷ୍ୟର ସାଧାରଣ

ମାନବଜାତି ପ୍ରତି ଅନୁରାଗ ଶିକ୍ଷା ଏବଂ ଏହାରି ଗୁଣରେ ଶତ ଶତ ମାନବ ଆମ୍ଭମାନଙ୍କ ନିକଟରେ ଦେବତାରୂପେ ପୂଜିତ ହେଉଅଛନ୍ତି । ସୁତରାଂ ସ୍ୱଜାତିର ଇତିହାସ ବିଶେଷ ଭାବରେ ଶିକ୍ଷା କରିବା ପ୍ରତ୍ୟେକ ସ୍ୱଜାତିବତ୍ସଳ ବ୍ୟକ୍ତିର ଅଲଙ୍ଘନୀୟ କର୍ତ୍ତବ୍ୟ । ମାତ୍ର ଅନେକସ୍ଥଳରେ ଏକ ପ୍ରକାର ବିକୃତ ସ୍ୱଜାତିପ୍ରିୟତା ଦେଖାଯାଏ । ଏହା ସଂକୀର୍ଣ୍ଣତା ଓ ପର ଜାତିବିଦ୍ୱେଷର ନାମାନ୍ତର ମାତ୍ର । ଏଥିରୁ ହୃଦୟକୁ ରକ୍ଷା କରିବା ସର୍ବତୋଭାବେ ବିଧେୟ । ଏହା ଦୃଷ୍ଟିଶକ୍ତିକୁ ହ୍ରାସ କରିଦିଏ; ଅନ୍ୟ ଜାତିର ମହତ୍ତ୍ୱ ଦେଖିବାକୁ ଦିଏ ନାହିଁ । ମନୁଷ୍ୟର ସ୍ୱଭାବ ଏହି ଯେ, ସେ ନିଜେ ହୀନତା ପ୍ରାପ୍ତ ହେଲେ ଅନ୍ୟ ବ୍ୟକ୍ତିର ମହତ୍ତ୍ୱ ଦେଖି ପାରେ ନାହିଁ ଏବଂ ଆପଣା ମଧ୍ୟରେ ଗୌରବର ବିଷୟ କିଛି ନ ଥିଲେ ପୂର୍ବ ଗୌରବର ଆସ୍ଫାଳନଦ୍ୱାରା ହୃଦୟକୁ କଥଞ୍ଚିତ୍ ଆଶ୍ୱସ୍ତ କରିବାକୁ ଚେଷ୍ଟା କରେ । ଏଥିରେ ଅନିଷ୍ଟ ଛଡ଼ା ଇଷ୍ଟ କିଛି ନାହିଁ । ପୂର୍ବ ଗୌରବର ସ୍ମୃତି ଉନ୍ନତିଲାଭର ଗୋଟିଏ ଉତ୍କୃଷ୍ଟ ସହାୟ, ଏଥିରେ ସଂଶୟ ନାହିଁ । ମାତ୍ର ତାହା ଯେବେ କେବଳ ସ୍ମୃତି ବା ବାକ୍ୟମାତ୍ରରେ ଅବସ୍ଥିତ କରେ, ତେବେ ତଦ୍ୱାରା କିଛି ଫଳ ଲାଭ ହୁଏ ନାହିଁ । ନିଜର ହୀନତା ସ୍ୱୀକାର କରିବୁଁ, ପ୍ରାଚୀନ ସମାଜର ପ୍ରଶଂସା ଶତମୁଖରେ କୀର୍ତ୍ତନ କରିବୁଁ, ଅଥଚ ନିଜେ ଯେପରି ଅଛୁଁ ସେପରି ଥିବୁଁ । ଏ ଏକ ପ୍ରକାର ଅପୂର୍ବ ପ୍ରାଚୀନାନୁରାଗ । ଈଶ୍ୱର ଆମ୍ଭମାନଙ୍କ ଦେଶକୁ ଏହି ବିକୃତ ଅନୁରାଗର ହସ୍ତରୁ ଉଦ୍ଧାର କରନ୍ତୁ । ଆମ୍ଭେମାନେ ସ୍ୱଜାତି ଓ ସ୍ୱଜାତିର ଇତିହାସ ମଧ୍ୟରେ ବିଧାତାଙ୍କ ମଙ୍ଗଳହସ୍ତ ଦର୍ଶନ କରି ଭକ୍ତି ଓ ବିନୟ ସହକାରେ ତାଙ୍କରି ହସ୍ତରେ ଆତ୍ମସମର୍ପଣ କରୁଁ । ଜୀବନର ସର୍ବବିଧ ବ୍ୟାପାରରେ ତାଙ୍କରି ମଙ୍ଗଳହସ୍ତର ସଙ୍କେତ ଅନୁଭବ କରି ପ୍ରତି ମୁହୂର୍ତ୍ତ ତାଙ୍କରି ସେବାରେ, ତାଙ୍କରି କାର୍ଯ୍ୟରେ ବ୍ୟୟ କରି ଧନ୍ୟ ହେଉଁ, କୃତାର୍ଥ ହେଉଁ ।

□□□

## (କ) ଲେଖକ ପରିଚୟ

## ବିଶ୍ୱନାଥ କର (୧୮୬୪-୧୯୩୪)

ବାଗ୍ମୀ ବିଶ୍ୱନାଥ କର ଓଡ଼ିଆ ସାହିତ୍ୟର ଜଣେ ବଳିଷ୍ଠ ସାରସ୍ୱତ ପ୍ରତିଭା। ସେ ଜଣେ ସଫଳ ସଂପାଦକ, ପ୍ରାବନ୍ଧିକ, ସାରସ୍ୱତ ସଙ୍ଗଠକ, ସମାଜ ସଂସ୍କାରକ, ଦେଶସେବକ ଓ ଉଚ୍ଚକୋଟୀର ଗଦ୍ୟ ଲେଖକ। ଓଡ଼ିଆ ସାହିତ୍ୟର ବିକାଶରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। 'ବିବିଧ ପ୍ରବନ୍ଧ' ତାଙ୍କର ଉଲ୍ଲେଖଯୋଗ୍ୟ ପ୍ରବନ୍ଧ ସଂକଳନ। ବିଶ୍ୱନାଥ କରଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ "ସାହିତ୍ୟ ଓ ଜୀବନ", "ସାହିତ୍ୟ ଚର୍ଚ୍ଚା", "ସାହିତ୍ୟ ସମାଲୋଚନା", "ଅନଧିକାର ଚର୍ଚ୍ଚା", "ଭାଷା ଚର୍ଚ୍ଚା", "ସ୍ୱାଧୀନ ଚିନ୍ତା", "ଅନନ୍ତ ପ୍ରେମ", "ସାହିତ୍ୟ ମହାସ୍ରୋତ" ଇତ୍ୟାଦି ସ୍ମରଣୀୟ। ପ୍ରାବନ୍ଧିକ ଉକ୍ତ ପ୍ରବନ୍ଧରେ ଓଡ଼ିଆ ସାହିତ୍ୟର ସମକାଳୀନ ସାମାଜିକ ବ୍ୟବସ୍ଥା ଓ ଅବସ୍ଥାକୁ ଆଲୋଚନା କରିବା ସହିତ ରକ୍ଷଣଶୀଳତା ବିରୁଦ୍ଧରେ ବିଦ୍ରୋହ କରିଛନ୍ତି । ଇତିହାସ ପ୍ରବନ୍ଧଟି 'ବିବିଧ ପ୍ରବନ୍ଧ'ରୁ ସଂଗୃହୀତ। ବିଶ୍ୱନାଥ କର ଓଡ଼ିଶାର ପ୍ରାଚୀନ ସାରସ୍ୱତ ପ୍ରତିଷ୍ଠାନ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସଂପାଦକ।

ବିଶ୍ୱନାଥ କର କଟକ ଜିଲ୍ଲାର ମାହାଙ୍ଗା ନିକଟସ୍ଥ ମୂଳବସନ୍ତ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ।

### ଇତିହାସ ସଂପର୍କରେ–

ଇତିହାସ ମାନବ ସମାଜର ଇତିବୃତ୍ତ ଚିହ୍ନିତ କରିଥାଏ। ଗୋଟିଏ ଜାତିର ଭାବଭୂମି ଇତିହାସରୁ ଆକଳନ କରାଯାଏ। ତେଣୁ ସଭ୍ୟତା ଓ ସମାଜର ବିକାଶରେ ଇତିହାସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଇତିହାସ କେବଳ ରାଜା, ରାଜପୁରୁଷ ବା ପ୍ରଶାସନର ବିବରଣୀ ନୁହେଁ। ଜାତିର ସାଧାରଣ ଜୀବନ, ସାଂସ୍କୃତିକ ଓ ନୃତାତ୍ତ୍ୱିକ ପରମ୍ପରା ଏଥିରୁ ଜଣାପଡ଼େ। ପ୍ରାବନ୍ଧିକ ବିଶ୍ୱନାଥ କର ଜଣେ ଇତିହାସ ସଚେତନ ବ୍ୟକ୍ତି। ଇତିହାସର ଆବଶ୍ୟକତା ଓ ପ୍ରୟୋଜନୀୟତାକୁ ଉପଲବ୍ଧି କରି ସେ ରଚନା କରିଛନ୍ତି 'ଇତିହାସ' ପ୍ରବନ୍ଧ। ସ୍ୱଜାତିର ଇତିହାସକୁ ଅଧ୍ୟୟନ କରିବା ପ୍ରତ୍ୟେକ ସ୍ୱାଭିମାନୀ ବ୍ୟକ୍ତିର କର୍ତ୍ତବ୍ୟ ବୋଲି ସେ ଆଲୋଚ୍ୟ ପ୍ରବନ୍ଧରେ ପ୍ରତିପାଦନ କରିଛନ୍ତି।

## କଠିନ ଶବ୍ଦାର୍ଥ

ନିତ୍ୟକ୍ରିୟାଶୀଳ- ସର୍ବଦା କାର୍ଯ୍ୟରତ

ନିଗୂଢ଼- ଅତିଗୁପ୍ତ, ଅପ୍ରକାଶ୍ୟ

ଐଶ୍ୱର୍ଯ୍ୟଶାଳୀ- ଖୁବ୍ ଧନ ସଂପତ୍ତିବନ୍ତ

ସଂସାଧିତ- ନିର୍ଦ୍ଦିଷ୍ଟ ଭାବରେ ସଂପାଦିତ

ଅଲୌକିକ- ଅସାମାନ୍ୟ, ଲୋକାତୀତ

ମନୀଷା- ଗଭୀର ପାଣ୍ଡିତ୍ୟ

ସମ୍ୟକ୍- ଉତ୍ତମ ରୂପେ, ପୂର୍ଣ୍ଣ ରୂପେ

ଔଚିତ୍ୟ- ଯଥାର୍ଥତା

ବିସ୍ତୃତ- ବ୍ୟାପ୍ତ, ବ୍ୟାପକ

ପଶ୍ଚାଦ୍ଦେଶ- ପଛଭାଗ / ପଛରେ

ସୌସାଦୃଶ୍ୟ- ଉତ୍ତମ ମେଳ, ସଂପୂର୍ଣ୍ଣ ସାଦୃଶ୍ୟ

ବିଭୀଷିକା- ଭୀତିପୂର୍ଣ୍ଣ ଦୃଶ୍ୟ, ଭୀଷଣ ଭୟ,

ଅପରିଣାମଦର୍ଶୀ- ଯେ ପରବର୍ତ୍ତୀ ଫଳ କଥା ଭାବେ ନାହିଁ

କୁତ୍ରାପି - କେଉଁଠି ହେଲେ

ଅପକ୍ୱ ମାଂସ- ଦରସିଝା ମାଂସ

ତମସାଚ୍ଛନ- ଅନ୍ଧକାରମୟ, ଅନ୍ଧାରରେ ଢଙ୍କା

ସଚ୍ଚିଦାନନ୍ଦ- ପରମେଶ୍ୱର, ନିତ୍ୟ ଓ ଜ୍ଞାନ ଆନନ୍ଦ ସ୍ୱରୂପ ବ୍ରହ୍ମ

ସଂଶୟ- ସନ୍ଦେହ

କୃତାର୍ଥ- ଧନ୍ୟ

କଥଞ୍ଚିତ୍ - କୌଣସିମତେ

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

(ଆତ୍ମଜ୍ଞାନ ଲାଭ, ତତ୍ତ୍ୱନିରୂପଣ ପ୍ରୟାସ, ଅନ୍ତର୍ଦୃଷ୍ଟି, ଈଶ୍ୱର ଚିନ୍ତା)

(୨) କେଉଁଶ୍ରେଣୀର ମନୁଷ୍ୟ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି ଓ ସମ୍ଭୋଗ କରନ୍ତି ?

(ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ)

(୩) କେଉଁଶ୍ରେଣୀର ମନୁଷ୍ୟମାନଙ୍କଠାରେ ବସ୍ତୁର ତତ୍ତ୍ୱ ନିରୂପଣ କରିବା ବିଷୟରେ ପ୍ରୟାସ ଦେଖାଯାଏ ନାହିଁ ?

(ଏକ ଶ୍ରେଣୀ, ଦୁଇ ଶ୍ରେଣୀ, ପଞ୍ଚମ ଶ୍ରେଣୀ, ଅଷ୍ଟମ ଶ୍ରେଣୀ)

(୪) ଅନନ୍ତ ପ୍ରକୃତି ସାଙ୍ଗରେ କାହାର ନିତ୍ୟ ଯୋଗ ହୋଇଥାଏ ?

(ମନୁଷ୍ୟ, ଈଶ୍ୱର, ପଶୁ, ପକ୍ଷୀ)

(୫) କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର ମୂଲ୍ୟ କିଛି ରହେ ନାହିଁ ?

(ବର୍ତ୍ତମାନ, ଅନନ୍ତ ଅତୀତ, ଆଧ୍ୟାତ୍ମିକ, ବୈଷୟିକ)

(୬) ପାଦମୂଳରୁ ନିମ୍ନ ଦେଶକୁ ଅବତରଣ କଲେ କ'ଣ ଦେଖିପାରିବ ?

(ନରକଙ୍କାଳ, ଦୁଃଖ, ମନ, ପୃଥିବୀ)

(୭) କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର ହୃତ୍‌କମ୍ପ ହୁଏ ।

(ଅସହଯୋଗ ଆନ୍ଦୋଳନ, ସିପାହୀ ବିଦ୍ରୋହ, ଫରାସୀ ରାଷ୍ଟ୍ରବିପ୍ଳବ, ଭୂଦାନ ଆନ୍ଦୋଳନ)

(୮) ବର୍ତ୍ତମାନ ମାନବ ସମାଜ ଦେହରେ କେଉଁ ମାନବ ସମାଜର ଭାବରାଶି ନିହିତ ଥିବାର ପ୍ରତ୍ୟେକ୍ଷ ହୁଏ ?

(ସାଂପ୍ରତିକ, ଅତୀତ, ଭାବାନ୍ତର, କାଳାନ୍ତର)

(୯) ମାନବର ପ୍ରକୃତ ଉନ୍ନତି କାହା ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧ ?

(ସତ୍ୟ, ମିଥ୍ୟା, ପାପ, ପୁଣ୍ୟ)

(୧୦) ମଣିଷ ଜୀବନର ସମସ୍ତ ଘଟଣାର ଲକ୍ଷ୍ୟ ଓ ଗତି କେଉଁଆଡ଼କୁ ?

(ଏକ, ଦୁଇ, ଭିନ୍ନ, ବିଭିନ୍ନ)

(୧୧) ପ୍ରକୃତ ପକ୍ଷେ ଜଗତର କୌଣସି ଘଟଣା ________ ଶୂନ୍ୟ ନୁହେଁ ?

(ଭାବ, ଅର୍ଥ, କାମ, ମୋକ୍ଷ)

(୧୨) ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ?

(ଇତିହାସ, ପୁରାଣ, ବିଜ୍ଞାନ, ଦର୍ଶନ)

(୧୩) ବ୍ୟକ୍ତିଗତ ଜୀବନ ଇତିହାସକୁ ଆମ୍ଭେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ?

(ଆତ୍ମଜୀବନୀ, ଜୀବନଚରିତ, ଆତ୍ମଲିପି, ଜୀବନାୟନ)

(୧୪) ପ୍ରସିଦ୍ଧ ପଣ୍ଡିତ ପ୍ରଚଳିତ ଇତିହାସକୁ ଗଭୀରତାଶୂନ୍ୟ କେଉଁ ଗଳ୍ପ ବୋଲି କହିଛନ୍ତି ?

(ଆଈମା ଗଳ୍ପ, ଅସୁରଅସୁରୁଣୀ ଗଳ୍ପ, ଗାଲଗଳ୍ପ, ଗ୍ରାମ୍ୟଗଳ୍ପ)

(୧୫) ଆମ୍ଭମାନଙ୍କ ଦେଶରେ ଇତିହାସ ବର୍ଣ୍ଣନା ବେଳେ କାହାର ମାତ୍ରା ଅତ୍ୟନ୍ତ ଅଧିକ ?

(ଭାବନା, କଳ୍ପନା, ସ୍ୱପ୍ନ, ବାସ୍ତବତା)

(୧୬) ପ୍ରାଚୀନ କେଉଁ ଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ?

(ଧର୍ମ, ଚିକିତ୍ସା, କାବ୍ୟ, ନାଟ୍ୟ)

(୧୭) ଇତିହାସକୁ କେତେଗୁଡ଼ିଏ ଘଟଣାର ________ ବୋଲି କୁହାଯାଏ ।

(କଳ୍ପନା, ସମଷ୍ଟି, ପୁରାଣ, ବର୍ଣ୍ଣନା)

(୧୮) ମନୁଷ୍ୟମାନଙ୍କ ମଧ୍ୟରେ ପ୍ରକୃତିଗତ କ'ଣ ବିଦ୍ୟମାନ ।

(ସୌସାଦୃଶ୍ୟ, ତୁଳନା, ବିଚାର, ବାସ୍ତବତା)

(୧୯) କେଉଁଶିକ୍ଷା ମଣିଷ ପାଇଁ ଅଧିକ ଉପଯୋଗୀ ।

(ଉପଦେଶାତ୍ମକ ଶିକ୍ଷା, କାଳ୍ପନିକ ଶିକ୍ଷା, ଦୃଷ୍ଟାନ୍ତ ଶିକ୍ଷା, ବର୍ଣ୍ଣନାତ୍ମକ ଶିକ୍ଷା)

(୨୦) 'ପତନ' କଥାଟି କେଉଁ ବ୍ୟକ୍ତିର ମସ୍ତକରେ ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଅଛି।

(ଅହଙ୍କାରୀ, ମିଥ୍ୟାବାଦୀ, ସତ୍ୟବାଦୀ, କାଞ୍ଚନିକ)

(୨୧) କେଉଁ ମାନବ ପୃଥିବୀର ବିପରୀତ ଭାବ ଦର୍ଶନ କରି ଅବିଶ୍ୱାସୀ ହୁଏ।

(ଧାର୍ମିକ, ବିଶ୍ୱାସୀ, ଅପରିଣାମ ଦର୍ଶୀ, ପାରଦର୍ଶୀ)

(୨୨) କାହାକୁ ଦ୍ୱିତୀୟ ଶିକ୍ଷକ ବୋଲି କୁହାଯାଇଛି ?

(ବେଦ, ଇତିହାସ, ବାଇବେଲ, କୋରାନ)

(୨୩) ପ୍ରୟୋଜନୀୟ ବସ୍ତୁ ଲାଭ ପାଇଁ କାହାକୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ?

(ଈଶ୍ୱର, ପରମପିତା, ମହାପୁରୁଷ, ଅସୁର)

(୨୪) ଅତୀତର ସନ୍ତାନ ଭବିଷ୍ୟତର କେଉଁ ରୂପରେ ଦଣ୍ଡାୟମାନ।

(ପିତା, ମାତା, ଭ୍ରାତା, ଦାତା)

(୨୫) କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ।

(ବିଧାତା, ଜନତା, ଲୋକତନ୍ତ୍ର, ଗଣତନ୍ତ୍ର)

(୨୬) ବିଧାତା କାହାକୁ ଉଚ୍ଚ ଅଧିକାର ଦିଅନ୍ତି।

(ଯୋଗ୍ୟଲୋକ, ନିରକ୍ଷର, ସାକ୍ଷର, ଅଯୋଗ୍ୟ ଲୋକ)

(୨୭) ଈଶ୍ୱର ଆମ୍ଭମାନଙ୍କ ଦେଶକୁ କେଉଁ ଅନୁରାଗ ହସ୍ତରୁ ଉଦ୍ଧାର କରନ୍ତୁ।

(ସରଳ, ବିକୃତ, ଅବସନ୍ନ, ନିଜସ୍ୱ)

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ସଂସାରରେ ସାଧାରଣତଃ କେତେ ଶ୍ରେଣୀର ମନୁଷ୍ୟ ଦୃଷ୍ଟ ହୁଅନ୍ତି ?

(୨) କେଉଁ ଶ୍ରେଣୀର ମନୁଷ୍ୟ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି ?

(୩) କେଉଁ ଶ୍ରେଣୀର ମନୁଷ୍ୟମାନଙ୍କଠାରେ ପୃଥିବୀର କୌଣସି ବସ୍ତୁର ତତ୍ତ୍ୱ ନିରୁପଣର ପ୍ରୟାସ ଦେଖାଯାଏ ନାହିଁ ?

(୪) କେଉଁ ଶ୍ରେଣୀର ମନୁଷ୍ୟ ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ ଓ ଚିନ୍ତାଶୀଳ ?

(୫) କେଉଁ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ ?

(୬) ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱ ନିରୂପଣ ପ୍ରୟାସ କାହାର ବିଶେଷ ଲକ୍ଷଣ ?

(୭) ମାନବ ସମାଜର ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତି କାହା ପ୍ରଭାବରେ ସଂସାଧିତ ହେଉଛି ?

(୮) ମନୁଷ୍ୟ କାହାର ପ୍ରତିକୃତି ?

(୯) ପ୍ରକୃତିସ୍ଥ ମନୁଷ୍ୟର ମନ କିପରି ?

(୧୦) ଅନନ୍ତ ପ୍ରକୃତି ସଙ୍ଗେ କାହାର ନିତ୍ୟଯୋଗ ହୋଇଥାଏ ?

(୧୧) ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ କାହାର ଘନିଷ୍ଠ ଭାବରେ ସମ୍ବନ୍ଧ ?

(୧୨) କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର କିଛି ମୂଲ୍ୟ ରହିବ ନାହିଁ ?

(୧୩) ବର୍ତ୍ତମାନ ଯାହାକିଛି ଆମର ନୟନ ଗୋଚର ହୁଏ, ସମସ୍ତେ କାହାର ସନ୍ତାନ ?

(୧୪) ପାଦମୂଳରୁ ନିମ୍ନ ଦେଶକୁ ଅବତରଣ କଲେ କ'ଣ ଦେଖିବ ?

(୧୫) ବର୍ତ୍ତମାନର ଅବସ୍ଥା ପ୍ରାପ୍ତିପାଇଁ ରାଶିରାଶି କ'ଣ ପତିତ ହୋଇଅଛି ?

(୧୬) କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମର ହୃତ୍‌କମ୍ପ ହୁଏ ?

(୧୭) ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ବିନାଶବାର୍ତ୍ତା ଶ୍ରବଣ କରି ପ୍ରାଣ କ'ଣ ହୁଏ ?

(୧୮) ସମଗ୍ର ଅତୀତ ମାନବ ଜାତିର ରକ୍ତ ଓ ମାଂସରୁ କାହାର ସୃଷ୍ଟି ?

(୧୯) ବର୍ତ୍ତମାନ ମାନବ ସମାଜ ଦେହରେ ଅତୀତ ମାନବ ସମାଜର କ'ଣ ପ୍ରତ୍ୟକ୍ଷ ହୁଏ ?

(୨୦) ପରିବର୍ତ୍ତନଶୀଳ ଜଗତରେ ସକଳ ବସ୍ତୁର କ'ଣ ଉପସ୍ଥିତ ହୋଇଅଛି ?

(୨୧) କାହାର ବିଲୋପ ଅସମ୍ଭବ ?

(୨୨) ସତ୍ୟ ସଙ୍ଗେ ବିରୋଧ ଘଟିଲେ କ'ଣ ହେବ ?

(୨୩) କ'ଣ ପୂର୍ବ ଅପେକ୍ଷା ଉଜ୍ଜ୍ୱଳ ଆକାରରେ ପ୍ରତିଭାତ ହୁଏ ?

(୨୪) ବ୍ୟକ୍ତିଗତ ଜୀବନ ବିଷୟ ଆଲୋଚନା କଲେ ଆମ୍ଭେମାନେ କେଉଁ ବିଷୟ ବୁଝିବାକୁ ସମର୍ଥ ହେଉ ?

(୨୫) ମାନବ ଜୀବନରେ କ'ଣ ଛଡ଼ା ଅଧିକ କିଛି ଦେଖାଯାଏ ନାହିଁ ?

(୨୬) ସ୍ଥୂଳଦୃଷ୍ଟି ମାନବ ନିକଟରେ ଜଗତଟା କ'ଣ ?

(୨୭) ଚିନ୍ତାଶୀଳ ମନୁଷ୍ୟ ସର୍ବତ୍ର କ'ଣ ଦର୍ଶନ କରେ ?

(୨୮) କେଉଁ ଦୁଇ ଜଣ ସମାଜର ଅଙ୍ଗ ଓ ସମାଜ ଉନ୍ନତିର ଉପଯୋଗୀ ?

(୨୯) ଜଣେ ମନୁଷ୍ୟକୁ ଜାଣିବାକୁ ହେଲେ ତାର କ'ଣ ଜାଣିବା ଆବଶ୍ୟକ ?

(୩୦) ବ୍ୟକ୍ତିଗତ ଜୀବନର ଇତିହାସକୁ ଆମ୍ଭେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ?

(୩୧) ଜାତିର ଇତିହାସକୁ ସେଇ ଜାତିର କ'ଣ ବୋଲା ଯାଇପାରେ ?

(୩୨) ପ୍ରଚଳିତ ଇତିହାସକୁ କାହା ସହିତ ତୁଳନା କରାଯାଇଛି ?

(୩୩) ପ୍ରଥମାବସ୍ଥାରେ ଇତିହାସର କ'ଣ ନ ଥିଲା ?

(୩୪) କେଉଁ ଜାତି କଳ୍ପନାପ୍ରିୟ ଭାବରେ ଖ୍ୟାତ ?

(୩୫) ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସ କାହାର କଳ୍ପନାମିଶ୍ରିତ ବିବରଣ ?

(୩୬) ମନ୍ଦିର ଗୃହରେ ଖୋଦିତ ମୂର୍ତ୍ତି ଓ ଫଳକାଦିରେ ଦେଶର କ'ଣ ଲିଖିତ ହୋଇ ରହିଛି ?

(୩୭) ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ କିପରି ଓ କାହାର ନିକଟବର୍ତ୍ତୀ ?

(୩୮) ବର୍ତ୍ତମାନ ଯୁଗର ଇତିହାସରେ ମାନବ ଜୀବନର କେଉଁ ବ୍ୟାପାରର ଯୋଗ ହୋଇଅଛି ?

(୩୯) ଇତିହାସ ଯେପରି ଭାବରେ ଲିଖିତ ହେଉ କାହା ଉପରେ ତାହାର ଉପକାରିତା ବହୁ ପରିମାଣରେ ନିର୍ଭର କରେ ?

(୪୦) ଉପଦେଶ ଅପେକ୍ଷା କେଉଁ ଶିକ୍ଷା ଅଧିକ ଉପଯୋଗୀ ?

(୪୧) ବିପରୀତ ପଥରେ ଗମନ କଲେ କ'ଣ ହେବ ?

(୪୨) ଅହଙ୍କାରୀର ମସ୍ତକରେ କେଉଁ କଥା ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଛି ।

(୪୩) ଇତିହାସ ବଜ୍ରଗମ୍ଭୀର ସ୍ୱରରେ କ'ଣ ଘୋଷଣା କରିଅଛି ।

(୪୪) ଅପରିଣାମଦର୍ଶୀ ମାନବ ପୃଥିବୀର କ'ଣ ଦର୍ଶନ କରି ଅବିଶ୍ୱାସୀ ହୁଏ ?

(୪୫) ଇତିହାସକୁ କେଉଁ ଶିକ୍ଷକ ଭାବରେ ଅଭିହିତ କରାଯାଇଛି ?

(୪୬) କେଉଁ ବସ୍ତୁ ଲାଭ କରିବା ପାଇଁ ମହାପୁରୁଷମାନଙ୍କୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ?

(୪୭) କେଉଁମାନଙ୍କ ସଂପର୍କରେ କିଞ୍ଚିତ ଜ୍ଞାନଲାଭ କରିବା ଉଚିତ୍ ?

(୪୮) କିଏ ଭବିଷ୍ୟତର ପିତାରୂପେ ଦଣ୍ଡାୟମାନ ?

(୪୯) ପୁତ୍ରପାଇଁ କ'ଣ ରଖିଯିବା ପିତାର କର୍ତ୍ତବ୍ୟ ନୁହେଁ ?

(୫୦) ଜାତି ଅଯୋଗ୍ୟ ହେଲେ ତା'ର ଗତି କୁଆଡ଼େ ?

(୫୧) ବିଧାତା ଯୋଗ୍ୟତା ଥିବା ଲୋକକୁ କ'ଣ ଦିଅନ୍ତି ?

(୫୨) କେଉଁ ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରିପାରେ ନାହିଁ ?

(୫୩) ମନୁଷ୍ୟର ଅନୁରାଗର କାରଣ କ'ଣ ?

(୫୪) ମନୁଷ୍ୟର କେଉଁ ଅଭାବକୁ ଦୋଷ ବୋଲି କୁହାଯାଇଛି ?

(୫୫) କ'ଣ ଦୃଷ୍ଟିଶକ୍ତିକୁ ହ୍ରାସ କରିଦିଏ ?

(୫୬) କ'ଣ ଅନ୍ୟ ଜାତିର ମହତ୍ତ୍ୱ ଦେଖିବାକୁ ଦିଏ ନାହିଁ ?

(୫୭) କ'ଣ ଉନ୍ନତି ଲାଭର ଉତ୍କୃଷ୍ଟ ସହାୟ ?

(୫୮) ପୂର୍ବ ଗୌରବର ସ୍ମୃତି କେବଳ ସ୍ମୃତି ବା ବାକ୍ୟମାତ୍ରରେ ଅବସ୍ଥିତ କଲେ କ'ଣ ହେବ ବୋଲି କୁହାଯାଇଛି ?

(୫୯) ଈଶ୍ୱର ଆମ୍ଭମାନଙ୍କ ଦେଶକୁ କାହା ହସ୍ତରୁ ଉଦ୍ଧାର କରନ୍ତୁ ବୋଲି କୁହାଯାଇଛି ?

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ: ଦୁଇଟି ବାକ୍ୟରେ ଉତ୍ତର ଲେଖ ।**

**ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) ଏକ ଶ୍ରେଣୀ ମନୁଷ୍ୟମାନଙ୍କଠାରେ ବସ୍ତୁର କେଉଁ ବିଷୟରେ ପ୍ରୟାସ ଦେଖାଯାଏ ନାହିଁ ?

(୨) ଏକ ଶ୍ରେଣୀ ମନୁଷ୍ୟମାନଙ୍କଠାରେ ବସ୍ତୁର କେଉଁ ବିଷୟକ ଚିନ୍ତା ସ୍ଥାନ ପ୍ରାପ୍ତ ହୁଏନାହିଁ ?

(୩) ଅପର ଶ୍ରେଣୀର ମନୁଷ୍ୟମାନଙ୍କଦ୍ୱାରା ପୃଥିବୀର କ'ଣ ସଂସାଧିତ ହୁଏ ?

(୪) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

(୫) ସୂକ୍ଷ୍ମ ଦୃଷ୍ଟି ସମ୍ପନ୍ନ ଓ ଚିନ୍ତାଶୀଳ ଶ୍ରେଣୀର ମନୁଷ୍ୟମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କଲେ କ'ଣ ବୁଝାଯାଏ ?

(୬) ମନୁଷ୍ୟ ବର୍ତ୍ତମାନର ଜୀବ ହୋଇ ସୁଦ୍ଧା କାହା ସଙ୍ଗେ ଘନିଷ୍ଠ ଭାବରେ ସମ୍ବନ୍ଧିତ ?

(୭) ମନୁଷ୍ୟର ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସଙ୍ଗେ ସମ୍ବନ୍ଧ ବିଚ୍ଛିନ୍ନ ହେଲେ କ'ଣ ହେବ ?

(୮) ମନୁଷ୍ୟ କେଉଁଠିକୁ ଅବତରଣ କଲେ ନରକଙ୍କାଳ ଦେଖିବ ?

(୯) ରାଶି ରାଶି ନର ଦେହ କାହିଁକି ପତିତ ହୋଇଅଛି ?

(୧୦) ଫରାସୀ ରାଷ୍ଟ୍ରବିପ୍ଳବ କଥା ସ୍ମରଣ କଲେ କ'ଣ ହୁଏ ?

(୧୧) କେଉଁ କଥା ଶ୍ରବଣ କଲେ ପ୍ରାଣ ଅବସନ୍ନ ହୋଇପଡ଼େ ?

(୧୨) ପ୍ରତକ୍ଷୀଭୂତ ବିପ୍ଳବ ରାଶିଛଡ଼ା କାହାର ସଂଖ୍ୟା ଗଣନା କରାଯାଇ ପାରିବ ନାହିଁ ?

(୧୩) ଅତୀତ ମାନବଜାତିର ରକ୍ତମାଂସରୁ କ'ଣ ଉଦ୍ଭୁତ ବୋଲି କୁହାଯାଇଛି ?

(୧୪) ପୃଥିବୀର ବର୍ତ୍ତମାନ ଅବସ୍ଥା ମଧ୍ୟରେ ପୂର୍ବବର୍ତ୍ତୀର କ'ଣ ପରିଲକ୍ଷିତ ହୁଏ ?

(୧୫) କେଉଁଠାରେ ଅତୀତ ମାନବ ସମାଜର ଭାବରାଶି ନିହିତ ଥିବା ପ୍ରତ୍ୟେକ୍ଷ ହୁଏ ?

(୧୬) ଜଗତର ଘୋର ପରିବର୍ତ୍ତନ ରାଶି ମଧ୍ୟରେ କ'ଣ ଅବସ୍ଥିତି କରୁଅଛି ?

(୧୭) କାହାର ବିନାଶ ଅନିବାର୍ଯ୍ୟ ?

(୧୮) ମାନବ ସମାଜ ମଧ୍ୟରେ କେଉଁ ବ୍ୟାପାର ଚିରକାଳ ଲାଗିଅଛି ?

(୧୯) ସମସ୍ତ ଘଟଣାର ଲକ୍ଷ ଓ ଗତି କେଉଁ ଆଡ଼କୁ ବୋଲି କୁହାଯାଇଛି ?

(୨୦) ସମସ୍ତ ମଣିଷ ମାନଙ୍କର ଗତି କେଉଁ ନିୟମରେ ନିୟମିତ ହେଉଅଛି ବୋଲି ଲେଖକ କହିଛନ୍ତି ?

(୨୧) ବିରୋଧ ମଧ୍ୟରେ କିଏ ସାମଞ୍ଜସ୍ୟ ଦର୍ଶନ କରେ ?

(୨୨) ଐଶ୍ୱର୍ଯ୍ୟଶାଳୀ ରାଜା ଓ ଦୀନହୀନ କୃଷକ ଉଭୟେ କ'ଣ ?

(୨୩) ମାନବ ସମାଜ ବିଷୟରେ ଜାଣିବାକୁ ହେଲେ କ'ଣ ଜାଣିବା ଆବଶ୍ୟକ ?

(୨୪) ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ସୁପ୍ରସିଦ୍ଧ ପଣ୍ଡିତ କ'ଣ କହିଛନ୍ତି ?

(୨୫) ପ୍ରାଚୀନ ଚିକିତ୍ସା ଶାସ୍ତ୍ରରେ କାହାର ସମାବେଶ ଦେଖାଯାଏ ?

(୨୬) ପ୍ରାଚୀନ କେଉଁ ଧର୍ମଶାସ୍ତ୍ର ଐତିହାସିକ ସତ୍ୟରେ ପରିପୂର୍ଣ୍ଣ ?

(୨୭) ଦେଶ ଓ କାଳର ଇତିହାସ କେଉଁଠାରେ ଉଜ୍ଜ୍ୱଳ ଅକ୍ଷରରେ ଲିଖିତ ହୋଇଅଛି ?

(୨୮) ବର୍ତ୍ତମାନ ଯୁଗର ଇତିହାସରେ କେଉଁ ପ୍ରୟୋଜନୀୟ ବିଷୟର ସମାବେଶ ହୋଇଅଛି ?

(୨୯) ପାଠକ କାହା ସହିତ ସଂପର୍କ ବିସ୍ମୃତ ହୋଇ ଇତିହାସ ଅଧ୍ୟୟନ କରିବା ବିଡ଼ମ୍ବନା ?

(୩୦) ଇତିହାସରେ ଉପସ୍ଥାପିତ ଘଟଣାର ପଶ୍ଚାତ୍‌ଦେଶରେ କାହାର ହସ୍ତ କାର୍ଯ୍ୟ କରୁଅଛି ?

(୩୧) କେଉଁଠି ଦେଶ ଓ କାଳର ଦୂରତ୍ୱ ବିନିଷ୍ଟ ହୋଇଯାଏ ?

(୩୨) ଚିନ୍ତାଶୀଳ ପାଠକ ଇତିହାସ ବର୍ଣ୍ଣିତ ସକଳ ପ୍ରକାର ଚିତ୍ରରେ କ'ଣ ଦେଖି ସମୁଚିତ ଶିକ୍ଷାଲାଭ କରନ୍ତି ?

(୩୩) ବୁଦ୍ଧିମାନ ବ୍ୟକ୍ତି ଇତିହାସରୁ କ'ଣ ଅନୁଭବ କରି ପାରିବେ ?

(୩୪) ପ୍ରାଥମିକ ମନୁଷ୍ୟ କିପରି କାଳାତିପାତ କରୁଥିଲା ?

(୩୫) ସୁ-ସନ୍ତାନ ଓ ସୁ-ପିତାର କାର୍ଯ୍ୟ କ'ଣ ?

(୩୬) ଅଯୋଗ୍ୟ ଜାତିର ସଞ୍ଚିତ ଧନରାଶି, ଜ୍ଞାନ ଓ ବିଜ୍ଞାନ କାହା ହସ୍ତରେ ସମର୍ପିତ ହେବ ବୋଲି କୁହାଯାଇଛି ?

(୩୭) କେଉଁ ଦୁଇ ରାଷ୍ଟ୍ରର ପତନ ହେଲେ ମାନବ ଜାତିର କ୍ଷତି ହେବନାହିଁ ?

(୩୮) ରୋମ ଓ ଭାରତ ଯାହା ରକ୍ଷା କରି ପାରିଲା ନାହିଁ ତାକୁ ରକ୍ଷା କରିବାକୁ କେଉଁ ଦେଶ ପ୍ରସ୍ତୁତ ଅଛି ?

(୩୯) ଇଂଲଣ୍ଡ ଓ ଆମେରିକା ଯେତେବେଳେ ନିଜ ଅଯୋଗ୍ୟତାର ପ୍ରମାଣ ପ୍ରଦର୍ଶନ କରିବେ ସେତେବେଳେ କାହାର ଅଭ୍ୟୁତଥାନ୍ ହେବ ?

(୪୦) ଯୋଗ୍ୟତା ନ ଦେଖି କିଏ ଉଚ୍ଚ ଅଧିକାର ଦିଅନ୍ତି ନାହିଁ ?

(୪୧) ଯୋଗ୍ୟତାର ଲକ୍ଷଣ କ'ଣ ?

(୪୨) କାହାକୁ ହରାଇ କୌଣସି ବ୍ୟକ୍ତି ସମାଜର ଉନ୍ନତି ଲାଭ କରି ନ ପାରେ ?

(୪୩) ଭୋଗ, ବିଳାସ, ଆମୋଦରେ କଟାଉଥିବା ବ୍ୟକ୍ତି ସମାଜର କ'ଣ କରିପାରେ ନାହିଁ ?

(୪୪) ପ୍ରତ୍ୟେକ ଜାତିର ଇତିହାସ କେଉଁ ସାକ୍ଷ୍ୟ ପ୍ରଦାନ କରୁଛି ?

(୪୫) ବ୍ୟକ୍ତିର ଅଲଘଂନୀୟ କର୍ତ୍ତବ୍ୟ କ'ଣ ?

(୪୬) କେଉଁଥିରୁ ହୃଦୟକୁ ରକ୍ଷା କରିବା ସର୍ବତୋଭାବେ ବିଧେୟ ?

(୪୭) କ'ଣ ଦୃଷ୍ଟିଶକ୍ତିକୁ ହ୍ରାସ କରିଦିଏ; ଅନ୍ୟ ଜାତିର ମହତ୍ୱ ଦେଖିବାକୁ ଦିଏନାହିଁ ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ତିରିଶଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

(୧) ଏକ ଶ୍ରେଣୀ ମନୁଷ୍ୟ କ'ଣ କରନ୍ତି କ'ଣ କରନ୍ତି ନାହିଁ ?

(୨) ଅପର ଶ୍ରେଣୀ ମନୁଷ୍ୟମାନଙ୍କ ସଂପର୍କରେ ପରିଚୟ ଦିଅ ।

(୩) ପ୍ରକୃତିସ୍ଥ ମନୁଷ୍ୟ କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ଜୀବନର ମୂଲ୍ୟ ରହେନାହିଁ।

(୪) ବିଂଶ ଶତାବ୍ଦୀର ମାନବ ସମାଜର ଭିତ୍ତିଭୂମି କ'ଣ ?

(୫) ଫରାସୀ ରାଷ୍ଟ୍ରବିପ୍ଳବ କଥା ଶ୍ରବଣ କରି ହୃଦୟ ଓ ମନ କାହିଁକି ସ୍ତମ୍ଭିତ ହୋଇଯାଏ ?

(୬) ସକଳ ପ୍ରକାର ବିପ୍ଳବ ମୂଳରେ କେଉଁ ନିଗୂଢ଼ କାରଣ ବିଦ୍ୟମାନ ?

(୭) କ୍ଷୁଦ୍ର ଅଗ୍ନିକଣା ତୁଲ୍ୟ ଗୋଟିଏ ନିଭୃତ ହୃଦୟର ଚିନ୍ତା ପରିବ୍ୟାପ୍ତ ହୋଇ କିପରି ପ୍ରତିଭାତ ହୁଏ।

(୮) ପ୍ରକୃତ ରୂପେ ମାନବ ଜୀବନ କିପରି ଗଠିତ ହୁଏ।

(୯) ବ୍ୟକ୍ତି ଓ ସମାଜ ଜୀବନ କିପରି ଉନ୍ନତତର ଅବସ୍ଥାକୁ ନୀତ ହୁଏ ?

(୧୦) କ'ଣ ଇତିହାସ ପଦବାଚ୍ୟ ନୁହେଁ ?

(୧୧) ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସରେ କ'ଣ ଉପସ୍ଥାପନ କରାଯାଇଛି ?

(୧୨) ସୂକ୍ଷ୍ମଦୃଷ୍ଟିସଂପନ୍ନ ପଣ୍ଡିତମାନେ କେଉଁଠାରୁ ସତ୍ୟ ସଂଗ୍ରହ କରି ଆମ୍ଭମାନଙ୍କ ନିକଟରେ ଉପସ୍ଥାପିତ କରିଅଛନ୍ତି ?

(୧୩) ବର୍ତ୍ତମାନର ଇତିହାସ କିପରି ?

(୧୪) କେଉଁଠାରେ ଦେଶ ଓ କାଳର ଦୂରତ୍ୱ ବିନିଷ୍ଟ ହୋଇଯାଏ ?

(୧୫) ଇତିହାସ ପାଠଦ୍ୱାରା ନିଜ ଜୀବନର କେଉଁ ବ୍ୟାପାର ପ୍ରତିଭାତ ହୁଏ ?

(୧୬) ଅନ୍ତରତମ ପ୍ରଦେଶର ସାଧାରଣ ଭୂମିରେ ଠିଆ ହେଲେ ମନୁଷ୍ୟ କାହାର ପ୍ରତ୍ୟକ୍ଷ ଦର୍ଶନ କରି ସ୍ତମ୍ଭିତ ଓ ମୋହିତ ହୁଏ।

(୧୭) ଇତିହାସ ପାଠ ଦ୍ୱାରା ସକଳ ଅବିଶ୍ୱାସ ତିରୋହିତ ହୋଇ ପ୍ରାଣ କିପରି ପୁଲକିତ ହୁଏ ?

(୧୮) କ'ଣ ନ କଲେ ପିତା ଓ ପୁତ୍ର ଉଭୟଙ୍କୁ କର୍ତ୍ତବ୍ୟ ଲଙ୍ଘନ ଜନିତ ଅପରାଧ ଭୋଗ କରିବାକୁ ପଡ଼ିବ ?

(୧୯) ମନୁଷ୍ୟ ସ୍ୱଭାବ କିପରି ବୋଲି ଲେଖକ କହିଛନ୍ତି ?

**(ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

(୧) 'ଇତିହାସ' ପ୍ରବନ୍ଧରୁ ପ୍ରାବନ୍ଧିକଙ୍କ ଆଭିମୁଖ୍ୟ ଉପସ୍ଥାପନ କର ।

(୨) "ନୀତିହୀନ ଅନୁଦାର ଜାତି କଦାପି ସଭ୍ୟତାର ଉଚ୍ଚତର ସୋପାନରେ ଆରୋହଣ କରି ନ ପାରେ" ପଠିତ ପ୍ରବନ୍ଧ ଅବଲମ୍ବନରେ ଏହାର ସତ୍ୟତା ବିଚାର କର ।

(୩) ସାଂପ୍ରତିକ ପରିପ୍ରେକ୍ଷୀରେ 'ଇତିହାସ' ପ୍ରବନ୍ଧର ଆବଶ୍ୟକତା ନିରୂପଣ କର ।

(୪) "ସ୍ୱଜାତିର ଇତିହାସ ବିଶେଷ ଭାବରେ ଶିକ୍ଷା କରିବା ପ୍ରତ୍ୟେକ ସ୍ୱଜାତିବତ୍ସଳ ବ୍ୟକ୍ତିର ଅଲଙ୍ଘନୀୟ କର୍ତ୍ତବ୍ୟ" ଏହାର ସତ୍ୟତା ବିଚାର କର ।

❑❑❑

# ପୁଷ୍ପପୁରରେ ବର୍ଷାବରଣ

## କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

•

ସ୍ୱାଗତ ବାରିବାହ ! ସ୍ୱାଗତ ! ତୋର ସ୍ନିଗ୍ଧ କଜ୍ଜ୍ୱଳକାନ୍ତି ଆଜି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି କରିଛି । ପ୍ରାସାଦ ବାତାୟନ ପଥରେ ତୋର ଆଗମନୀର ଶତ ଶୁଭ ଶଙ୍ଖ ବାଜି ଉଠୁଛି । ଦୂରବନ୍ଧୁ ! ବହୁଦିନପରେ ତୋର ଶୁଭାଗମନ ଆଜି ମଙ୍ଗଳକର ଓ ମଧୁମୟ ହୋଇଉଠିଛି । ତୋର ସ୍ପର୍ଶରେ ପୁଷ୍ପପୁର ଅଚିରେ ସଜୀବ ଓ ଶ୍ୟାମଳ ହୋଇ ଉଠିବ !

ବାରିଦ ! ମୁଁ ଶୁଣିଛି ଯେ, ଇତିହାସର କେଉଁ ଅନାମ ଯୁଗରେ ବିତାଡ଼ିତ ବିରହୀ ଯକ୍ଷଟିଏ ପୁଷ୍ପଅର୍ଘ୍ୟରେ ତୋତେ ପୂଜାକରି ଅଳକାପୁରୀର ପ୍ରିୟା ପାଖକୁ ତୋ ହସ୍ତରେ ଉଦନ୍ତ ପଠାଇଥିଲା । କିନ୍ତୁ ଘନ ! ବ୍ୟକ୍ତିଠାରୁ କ'ଣ ଗୋଷ୍ଠୀ ବଡ଼ ନୁହେ ? ଏହି ଭ୍ରାମ୍ୟମାଣ ଉଦାସୀନା ଧରଣୀ ବ୍ୟକ୍ତିବିଶେଷର ଲାଭକ୍ଷତିରେ ବିଚଳିତ ହୁଏ ନାହିଁ । ମାତ୍ର ଯେଉଁ ବାୟୁ, ସଲିଳ, ଆଲୋକ ଓ ଉତ୍ତାପ ପାଇଁ ସେ ଜୀବୀମାନଙ୍କର ବାସଭୂମି ହୋଇଛି, ସେଥିରୁ ଗୋଟିଏ ଉଣା ହେଲେ କ'ଣ ସେ ଆଉ ବାସଭୂମି ହୋଇ ରହିପାରିବ ? ଜଳାଭାବରେ ଉତ୍କଳରେ ଆଜି ହାହାକାର ପଡ଼ିଛି । ଏଣୁ ଦୀନ ଅଶ୍ରୁଅର୍ଘ୍ୟରେ ମାନସ-କମଳ ଅର୍ପଣ କରି ତୋତେ ମୁଁ କାତରରେ କହୁଛି- ପୁଷ୍ପପୁରରେ ସ୍ୱକର୍ମସାରି ଉତ୍କଳପଥରେ ଗତି କରିବୁ ।

ଆଜି ଯଦି ମୁଁ ଧୂମ, ଜ୍ୟୋତି ବା ସଲିଳ ହୋଇ ତୋହ ସହିତ ମିଶିପାରନ୍ତି, ତେବେ ବାତାୟନ ପଥରେ ଉଡ଼ିଯାଇ ଅଗ୍ରଗତିରେ ମୋର ଜନ୍ମଭୂମିକୁ ତୋତେ ଚିହ୍ନାଇ ଦିଅନ୍ତି । ତଥାପି, ପଥପ୍ରଦର୍ଶକ ବିନା ଭାରତର ସାରଭୂତା ଉତ୍କଳ ଭୂମିକୁ ଚିହ୍ନିବା ପାଇଁ ତୋର ଭ୍ରମ ହେବନାହିଁ । ତୁ ଦେଖିବୁ ଯେ ଏକଦିଗରେ ପୂଗ, ପୁନ୍ନାଗ,

ତାଳ, ତମାଳ, ତାମ୍ବୁଳ ଓ ନାରିକେଳ ବନରେ ବିଶୋଭିତ ମହୋଦଧିର ବେଳାରେ ସେ ବଳୟିତ ହୋଇଛି, ଆଉ ଅନ୍ୟଦିଗରେ ତୁଙ୍ଗଶିଖରୀ ସମାକୁଳ-ନିବିଡ଼ ବନରାଜିର ଅସରନ୍ତି ଶ୍ୟାମଶୋଭାରେ ଅପରୂପା ହୋଇଛି। ସେହି ମୋର ଜନ୍ମଭୂମି-କୋଟିବୀରପ୍ରସବିନୀ, କୋଟିକୀର୍ତ୍ତିକିରୀଟିନୀ, ତଟିନୀତଟମାଳିନୀ, ପ୍ରଚ୍ଛନ୍ନରତ୍ନ-ଧାରିଣୀ, ସୁଜଳା, ସୁଫଳା, ଶ୍ୟାମଳା, ଅଥଚ ଆଜି ପତିତା, ଲାଞ୍ଛିତା ଓ ଖଣ୍ଡିତା ! ଜଳଦ ! ଏପରି ଭୂମିକୁ ଚିହ୍ନିବା ପାଇଁ ତୋର ଭ୍ରମ ହେବ ନାହିଁ। ବିଜୁଳିବିମଣ୍ଡିତ ଓ ବଳକା-ବିଶୋଭିତ ହୋଇ ଗନ୍ଧବହ ହିଲ୍ଲୋଳରେ ଭାସି ଭାସି ପୀତବସନ ବନମାଳୀ ପରି ଉତ୍କଳର ଆକାଶରେ ଆବିର୍ଭୂତ ହୋଇଯିବୁ। ଗୋପାଙ୍ଗନାମାନଙ୍କ ଅପାଙ୍ଗ ଘନଶ୍ୟାମର ରୂପସୁଧା ପାନ କଲାପରି ଉତ୍କଳରେ ଆଜି କୋଟିନେତ୍ର ତୋର ରୂପସୁଧା ପାନ କରିବ !

ଜଳଦ ! ଦରିଦ୍ରଠାରେ ହିଁ ବଦାନ୍ୟତାର ମହତ୍ତ୍ୱ ବଢ଼ିଉଠେ। ଏଣୁ ଦରିଦ୍ର ବନବାସୀମାନଙ୍କୁ ନିରାଶ ନ କରି ତୋର ବଦାନ୍ୟତା ସେମାନଙ୍କଠାରୁ ହିଁ ଆରମ୍ଭ କରିବୁ। ଟଙ୍କିଳ, ଅନୁର୍ବର, ଉଚ୍ଚାବଚ ଭୂମିରେ ନରନାରୀଙ୍କ ସ୍ୱେଦସିକ୍ତ ଶସ୍ୟକ୍ଷେତ୍ରରେ ଶାଳିଧାନ୍ୟ ଆଜି ଆକାଶକୁ ଚାହିଁ ଝାଉଁଳୁଥିବ ! ରୋଗଶଯ୍ୟାଶାୟିତ ପୁତ୍ରକନ୍ୟାଙ୍କୁ ଦେଖି ପିତାମାତାଙ୍କ ମନ ଯେପରି ଆତଙ୍କରେ ଥରିଉଠେ, ଶାଳିକ୍ଷେତ୍ର ଦେଖି ବନବାସୀମାନଙ୍କ ମନ ଆଜି ସେହିପରି ଥରି ଉଠୁଥିବ। ନିଘଞ୍ଚ ବନମଧ୍ୟରେ ଏମାନଙ୍କ ବାସଭୂମି ମଧ୍ୟ ତୁ ସହଜରେ ଖୋଜି ପାଇବୁ ନାହିଁ। ଗୋ-ପଲର ଗଳଘଣ୍ଟି ବା ଗୋପାଳର ବେଣୁସ୍ୱନ ଶୁଣି କିମ୍ବା କୁଟୀରରୁ ଉଦ୍‌ଗତ କୁଣ୍ଡଳୀଭୂତ ଧୂମ ଦେଖି ଗ୍ରାମ-ସୀମା ଜାଣିପାରିବୁ। ଅଥବା ଯଦି ତୋର ଭାଗ୍ୟରେ ଥାଏ, ତେବେ ସଂକୀର୍ଣ୍ଣପଥରେ ଶ୍ରେଣୀବଦ୍ଧ ନରନାରୀଙ୍କ ପ୍ରବାହଟିଏ ତୋ ଆଖିରେ ପଡ଼ିଯିବ। ଅଗ୍ରସର ନବଯୁବକମାନଙ୍କ ବେଣୁସ୍ୱନର ଅନୁକୃତିରେ ଲଳନାକଣ୍ଠର ଐକତାନିକ ଲଳିତ ସ୍ୱରରେ ବନଭୂମିକୁ ଭସାଇ ଏମାନେ ନିର୍ଝର ପରି ଗତିକରି ଚାଲୁଥିବେ। ନବଘନ ! ତୁ ଦେଖି ଜାଣିବୁ ଯେ ଏହି ନାରୀମାନେ କୁଳୀହଂସୀଠାରୁ ଗତି ଚୋରି

କରନ୍ତି ନାହିଁ; କିମ୍ବା ମଦାଳସା ହୋଇ ମାତଙ୍ଗିନୀ ପରି ଚାଲନ୍ତି ନାହିଁ; କିମ୍ବା କୁସୁମକୋମଳ ପଦରେ ଅଳକ୍ତକ ବୋଳନ୍ତି ନାହିଁ; କିମ୍ବା ଜବାଧରରେ ରକ୍ତରାଗ ରଞ୍ଜନ୍ତି ନାହିଁ। ସୁସ୍ଥ, ସବଳ ଓ ସୁବଳିତ ତନୂଲତାରେ ବନପୁଷ୍ପଭରା ଗଭାର ଶୋଭା ଧାରଣ କରି ଏମାନେ ସଂକୀର୍ଣ୍ଣ, ବନ୍ଧୁର, କର୍କଶ ଓ ଉରଗକୁଟିଳ ଗିରିପଥକୁ ହାସ୍ୟ ଓ ସଙ୍ଗୀତରେ ମୁଖର କରି ନିର୍ଝରିଣୀ ପରି ଗତିକରି ଚାଲନ୍ତି। ବାରିବାହ ! ଏ ସମସ୍ତେ ତୋର ବାନ୍ଧବୀ। ତୋର ଗୁରୁଗମ୍ଭୀର ଗର୍ଜନରେ ଭୀତା ହୋଇ ଏମାନେ ଆଲିଙ୍ଗନ ପାଇଁ ପୁରୁଷ ପାଶକୁ ପଳାନ୍ତି ନାହିଁ; ଅବିରତ ବୃଷ୍ଟିପାତ ମଧ୍ୟରେ ବନସ୍ପତି ପରି ରହି ଶସ୍ୟକ୍ଷେତ୍ରରେ କର୍ମ-ରତ ରହନ୍ତି। ଏଣୁ ତୁ ଅତି ପରିଚିତପରି ଏମାନଙ୍କ ଆଡ଼କୁ ଗତି କରିବୁ; ନଚେତ୍ ତୋତେ ଅପରିଚିତ ବୋଲି ଜାଣିଲେ ଉଚ୍ଚହାସ୍ୟରେ ଏମାନେ ବନଭୂମି କମ୍ପାଇ ଦେବେ।

ଜଳଦ ! ତୁ କ'ଣ ଜାଣୁନାହୁଁ ଯେ ଏହି ବନବାସୀମାନେ ତୋର ଛଡ଼ା ଆଉ କାହାରି ଅନୁଗ୍ରହ ଲୋଡ଼ନ୍ତି ନାହିଁ, କିମ୍ବା ନିଅନ୍ତି ନାହିଁ ? ସ୍ୱେଦାର୍ଜ୍ଜିତ ଧନରେ ଉଦର ପୋଷଣ, ସୁନ୍ଦର ସ୍ୱାସ୍ଥ୍ୟ ଓ ନିର୍ମଳମନ ମାନବ ଜୀବନର ପରମକାମ୍ୟ ନୁହେକି ? ଯଦି ଜଗତରୁ କେବେ ତସ୍କରତା ଲୋପପାଏ, ତେବେ ମାନବିକତା ଶିଖିବାପାଇଁ ସଭ୍ୟସମାଜ ଏମାନଙ୍କ ପାଶକୁ ଦିନେ ଆସିବ। ଏଣୁ ତୁ ଏମାନଙ୍କୁ ନିରାଶ ନ କରି ଅବିରତ ବାରିପାତରେ ବନଭୂମିକୁ ଶ୍ୟାମଳ ଓ ଉଜ୍ଜ୍ୱଳ କରିଦେବୁ। ତୋର କୃପାରେ ଶାଳିକ୍ଷେତ୍ରରେ ନବନୀଳିମା ଖେଳିବୁଲିବ; ନିର୍ଝରିଣୀ ଗିରିଦରୀରେ କ୍ରୀଡ଼ାରତ ବତ୍ସତରୀ ପରି ନାଚିଉଠିବ; ଭଞ୍ଜନୃପପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣହେବ; ବନ୍ୟଯୂଥିର ପରିମଳରେ ବନଭୂମି ଆମୋଦିତ ହେବ; କଦମ୍ବ ପୁଲକରେ କଣ୍ଟକିତ ହୋଇ ଉଠିବ ଓ କୃଷ୍ଣଚୂଡ଼ା ନିଜ ତରୁଣ ତନୁକୁ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇପଡ଼ିବ ! ତୋର ଅନୁଗ୍ରହର ଏତେ ବିଭବ ତୁ କ'ଣ ଦେଖିବାକୁ ଚାହୁଁନାହୁଁ ?

ଯଦି ତୋର କ୍ଳାନ୍ତି ଆସେ, ତେବେ ତୁ ମେଘାସନ, ଗନ୍ଧମାର୍ଦନ ବା ମାଲ୍ୟଗିରିରେ ଅବସର ନେବୁ। ଗିରିସଙ୍କୁଳ ଏହି ମହାବନର ମହାସଙ୍ଗୀତ ସଭ୍ୟଜଗତ ଶୁଣିନାହିଁ, କିମ୍ବା ଏହାର ଅସରନ୍ତି ରତ୍ନଭଣ୍ଡାରକୁ ଆଜିଯାଏ କେହି କଳି ନାହିଁ। ବିକ୍ଷୁବ୍ଧ ବାରିରାଶିର ଅଗଣିତ ତରଙ୍ଗ ପରି ଅନାଦି ଯୁଗରୁ ଏହାର ଉଦାର ସଙ୍ଗୀତ ଏହାରି ବକ୍ଷରେ ହିଁ ମିଶିଆସୁଛି। ଏହି ସଙ୍ଗୀତ ଶୁଣିଲେ ମନ ଅନାମୟଧାମକୁ ଚାଲିଯାଏ ଓ ବିଷାଦ ପଙ୍କରୁ ଉଠି ଜୀବନ-କମଳ ବିକଶିତ ହୋଇଉଠେ। ଏହି ସଙ୍ଗୀତ ଶୁଣି ଶୁଣି, ଖଣ୍ଡାଧାର ଓ ଦେବଗଡ଼ ପ୍ରପାତରେ କ୍ରୀଡ଼ାକରି, ମହାବନରେ ଭ୍ରମୁ ଭ୍ରମୁ ଏହାର ଅସରନ୍ତି ବିଭବ ଦେଖି ତୁ ଚକିତ ହୋଇଯିବୁ। ଦୁଃଖିନୀ ଜନନୀ- ଅଯୋଗ୍ୟ ସନ୍ତାନମାନଙ୍କ ଭୟରେ ଏହିଠାରେ ହିଁ ଅସରନ୍ତି ରତ୍ନଭଣ୍ଡାର ଲୁଚାଇ ରଖିଛି। ଘନ, ତୁ ଦେଖି ସ୍ତମ୍ଭିତ ହେବୁ ଯେ ଉତ୍କଳବାସୀ ଭାଗୀରଥୀ ତୀରରେ ବସି ପିପାସୀ ଓ ରତ୍ନସ୍ତୂପରେ ବସି ଉପବାସୀ ହୋଇଛି।

ଏହି ମହାବନରୁ ପଶ୍ଚିମାଭିମୁଖରେ ତୋର ବିଜୟରଥ ବାହି ସୂକ୍ଷ୍ମଶାଳିର ଗନ୍ତାଘର ସମ୍ବଲପୁର ଅଞ୍ଚଳରେ ପହୁଞ୍ଚିଯିବୁ। ତନ୍ୱୀ ମହାନଦୀ ଏଠାରେ ଉପଳଶଯ୍ୟାରେ ଯାଉଁ ଯାଉଁ ତୀରଦେଶରେ ସ୍ୱର୍ଣ୍ଣରେଣୁ ଢାଳିଦିଏ ଓ ନରନାରୀଙ୍କ ଦେହରେ ନବଲାବଣ୍ୟ ବୋଳିଦିଏ। ଦୁଃଖଦୈନ୍ୟରେ ସୁଦ୍ଧା ଏଠାରେ ନରନାରୀଙ୍କୁ ବିଷାଦକାଳିମା ଛୁଏଁ ନାହିଁ। ପ୍ରାଚୀବଧୂ ଅରୁଣିତମୁଖରୁ ଅବଗୁଣ୍ଠନ ଖୋଲିବା ଆଗରୁ ଏଠାରେ ବଧୂମାନେ ସ୍ନାନସାରି ଶିଶିରସ୍ନାତା ଶେଫାଳୀ ପରି ହାସ୍ୟମୟୀ ହୋଇ ଉଠନ୍ତି। ଏମାନଙ୍କ ଅନଳସ ଚରଣରେ କମଳ ଫୁଟିଉଠେ ଓ କଳାକୁଶଳ କର- ସ୍ପର୍ଶରେ କ୍ଷୁଦ୍ର କୁଟୀର ସୁଦ୍ଧା ହସିଉଠେ। ଚାରୁଚିକୁରକୁ ବଳି ତୋର ଲୋଭନୀୟ କଜ୍ଜ୍ୱଳକାନ୍ତିକୁ ବହୁଦିନପରେ ଦେଖି ଏମାନେ ଆୟତ-ନୟନରେ ଚାହିଁ ରହିବେ। ଘନ ! ବିଲୋଳ ନେତ୍ରଭଙ୍ଗୀରେ ଭଳିଯାଇ ସ୍ୱକର୍ମ ଭୁଲିଯିବୁ ନାହିଁ; କେଦାରଭରା ବାରିପାତରେ ସମ୍ବଲପୁରକୁ ଶ୍ୟାମଳ କରି ଆସିବୁ।

ଏହାପରେ ଅସରନ୍ତି ବେଣୁବନ ଉପରେ ସଞ୍ଚରଣ କରି ଉପକୂଳ ଆଡ଼କୁ ଗତି କରି ଗଲାବେଳେ ତୁ ଦେଖି ବିସ୍ମିତ ହେବୁ ଯେ ଯନ୍ତଦାନବର ପ୍ରତିଦିନ ପାରଣା ହୋଇସୁଦ୍ଧା ବଂଶବନ ବଂଶ ବୃଦ୍ଧିକରି ଚାଲିଛି ଓ ବାନରବାନରୀଙ୍କ କ୍ରୀଡ଼ାଦୋଳିକା ହୋଇ ରହିଛି ।

ଏହି ବଂଶବନକୁ ବାୟୁହିଲ୍ଲୋଳରେ ଦୋହଲାଇ ଓ ସମସ୍ତ ଅଞ୍ଚଳକୁ ଶ୍ୟାମଳ କରି, ଟଙ୍କିଳ ଅନୁଗୋଳ ପଥରେ କପିଳାସ ସ୍ପର୍ଶ କରି, ଉପକୂଳରେ ପହୁଞ୍ଚିବା ଆଗରୁ ଦୂରରୁ ସୌଧାବଳୀ ଦେଖି ଜାଣିବୁ ଯେ ଏହି ସେହି କଟକ- ଉତ୍କଳର ଉତ୍ତମାଙ୍ଗ । ଘନ ! ଏହି ଥିଲା ଦିନେ ଗର୍ବିତ ଗଜପତିର ରାଜଧାନୀ; ଆଉ ଏହିଠାରୁ ହିଁ ତାର ଅଜେୟବାହିନୀ ଝଟିକାବେଗରେ ଦୁର୍ଗରୁ ଦୁର୍ଗାନ୍ତରକୁ ଗତି କରି ଚାଲିଥିଲା । ସ୍ମୃତିପୂତ ବିଡ଼ାଣସୀ ଆଜି ମୃତ୍ତିକାରେ ଅବଲୁପ୍ତ; ମାତ୍ର ଲୁଣ୍ଠିତ ବାରବାଟିର ସ୍ଖଳିତ ପ୍ରସ୍ତରରେ ତା'ର ସ୍ମୃତି ଓ କୀର୍ତ୍ତି ଆଜିଯାଏ ଲାଗିରହିଛି ଓ ମର୍କତ-କେଶରୀର ମହାକୀର୍ତ୍ତି ଆଜିଯାଏ ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି । ଏହିଠାରେ ହିଁ ବହୁ କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଅଳ୍ପଦିନ ତଳେ ଉତ୍କଳର ମହାନିଶାରେ ଉଜାଗର ରହି ଜ୍ଞାନଦୀପ ଜାଳିଗଲେ । ଏହି ଦୀପ ଅଖଣ୍ଡ ରହୁ ।

ଏହାହିଁ କାମନା କରି ତୁ କଟକକୁ ଶ୍ୟାମଳ କରି ଚାଲି ଆସିବୁ ।

କଟକରୁ ଦକ୍ଷିଣାଭିମୁଖରେ ଯାଇ ଥରେ କୋଣାର୍କର ଚାରୁଚୂଡ଼ା ଚୁମ୍ବନ ନ କଲେ ତୋର ଉତ୍କଳ-ଭ୍ରମଣ ସାର୍ଥକ ହେବନାହିଁ । କୋଣାର୍କ ପଥରେ ଯାଉଁ ଯାଉଁ ପଥ ମଧ୍ୟରେ ଅଗଣିତ କୀର୍ତ୍ତି ଦେଖି ତୁ ଚକିତ ହୋଇଯିବୁ ।

ମାତ୍ର ଘନ, ଏହି ସ୍ମୃତିଶ୍ମଶାନରେ ଅଟକିଗଲେ ତୋର ସ୍ୱକାର୍ଯ୍ୟ ସାଧନାରେ ବିଳମ୍ବ ଘଟିବ । ଏଣୁ ତୁ ଅତୀତ ଉତ୍କଳ ମହୀର ମାନଦଣ୍ଡ ପରି ଦଣ୍ଡାୟମାନ ଖାଲି ଲିଙ୍ଗରାଜ-ନିକେତନର ଚାରୁଚୂଡ଼ା ପ୍ରତି ଆନତ ହୋଇ ଉପକୂଳ ପଥରେ ଗତି କରି ଚାଲିଯିବୁ । ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ ପଲ୍ଲୀବାଳାମାନେ ତୋର

ସ୍ୱାଗତ ପାଇଁ ଶଙ୍ଖ ଧରି କୁଟୀରରୁ ବାହାରି ଆସିବେ । ଘନ ! ଏଠାରେ ତୁ ଟିକିଏ ଅଚଞ୍ଚଳ ହୋଇ ଗତି କରିବୁ, ଆଉ ପ୍ରଗଲ୍‌ଭ ପରି ବୃଥାରେ ବାଚାଳ ହେବୁ ନାହିଁ । ପଲ୍ଲୀବାଳାମାନଙ୍କ ଲୋଳ-ନୟନ ତୋର ଚଞ୍ଚଳ ଗତିପଥ କଳନା କଲେ ସେମାନଙ୍କ କୁଙ୍କୁମାକ୍ତ ଅଞ୍ଚଳ ସିନ୍ଧୁବାତରେ ଉଡ଼ିଯାଇ କେତକ ବନରେ ଲାଗିଯିବ, ଆଉ ନବଯୌବନର ଉନ୍ମୋଚନରେ ଲଜ୍ଜମାନା ବରାଙ୍ଗିନୀମାନଙ୍କ ତ୍ରସ୍ତ ଚାରୁଚରଣରେ ଗୁଡ଼କଙ୍କ ଗଳିଯିବ ! ଏତେ ଅନର୍ଥର କାରଣ ନ ହୋଇ ଏଠାରେ ତୁ ଟିକିଏ ଅଚଞ୍ଚଳ ହେଲେ କ'ଣ ଚଳିବ ନାହିଁ ? ଧୀର ଓ ଗମ୍ଭୀର ହୋଇ ରାଜଲୀଳାଗତିରେ ଯାଉଁ ଯାଉଁ ମହୋଦଧିର ତୁଙ୍ଗ-ତରଙ୍ଗାବଳୀରୁ ଉଦ୍ଭୂତ ହେଲା ଭଳି ବହୁଦୂରରୁ କୋଣାର୍କର କୃଷ୍ଣଚୂଡ଼ା ତୋର ଗତିପଥରେ ଭାସିଉଠିବ । ତୁ ଜାଣିବୁ ଯେ ଏହି ସେହି ଭୁବନମୋହନ କୋଣାର୍କ ! ସ୍ୱର୍ଗଚ୍ୟୁତ ପାରିଜାତ ପରି ତାହା ଆଜି ମ୍ଳାନ ଓ ଛିନ୍ନ ହୋଇ ବିଜନବେଳାରେ ପଡ଼ିରହିଛି । ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ ଏହି ମହାମନ୍ଦିର ଏକପକ୍ଷରେ ତୋତେ ବିପୁଳବିଭବର ବାର୍ତ୍ତା ଓ ଅନ୍ୟପକ୍ଷରେ ଅତୁଳିତ ଲଳିତକଳାର ଛନ୍ଦୋମୟୀ ଗାଥା ଏକାବେଳକେ ଆଣିଦେବ ! ଏହି ମୂକମନ୍ଦିରର ଯଦି ମୁଖ ଫିଟନ୍ତା, ତେବେ ସେ ତୋତେ ଅତୀତ ବିଭବର ଗାଥା କହି ବିଜନବେଳାକୁ ମୁଖରିତ କରିଦିଅନ୍ତା; ଅଥବା ଉଚ୍ଚରୋଦନରେ ସିନ୍ଧୁଘୋଷକୁ ବୁଡ଼ାଇ ଦିଅନ୍ତା ! ଘନ ! ଅତୀତର ଏହି ମ୍ଳାନ ଶ୍ମଶାନରେ ଆଉ ବେଶୀ କ୍ଷଣ ରହିଲେ ଲାଭ କ'ଣ ହେବ ? ଏହାର ଚାରୁଚୂଡ଼ାକୁ ଚୁମ୍ବନ କରି ଓ ମହୋଦଧି ଉପକୂଳକୁ ଶ୍ୟାମଳ କରି ତ୍ୱରାଗତିରେ ନୀଳାଚଳପଥ ଧରିବୁ ।

ନୀଳାଚଳ ପଥରେ ଯାଉଁ ଯାଉଁ ସାକ୍ଷିଗୋପାଳଙ୍କ ଧବଳିତ ସଦନଠାରେ କ୍ଷଣକାଳ ସ୍ତମ୍ଭିତ ହୋଇ ରହିଯିବୁ । ଏହିଠାରେ, ଘନ, ଅଳ୍ପଦିନ ତଳେ ଶୃଙ୍ଖଳ, ଅଶୃଙ୍ଖଳ, ଖର୍ବ, କ୍ଷମ ମନୁଷ୍ୟଟିଏ ବକୁଳବନରେ କୁଟୀର ରଚି ଉନ୍ନତ ଉତ୍କଳର ସ୍ୱପ୍ନ ଦେଖିଥିଲା । ସେ ଥିଲା ଉତ୍କଳର ମହାନିଶାରେ ଧ୍ରୁବଜ୍ୟୋତି; ଅଥବା ସେ ଥିଲା ନିର୍ଜନ ମହାବନରେ କ୍ଷୀଣ, କରୁଣ ଓ ମଧୁର-ନିସ୍ୱନ, ଅଥବା ସେ ଥିଲା ଲାଞ୍ଛିତା

ଜନନୀର କାରୁଣ୍ୟର ବିଗ୍ରହ ! ଦଧୀଚି ପରି ଅସ୍ଥି ଦେଇ ଅକାଳରେ ଝାଉଁଳି ପଡ଼ିଲା । ତା'ର ଚିତାଭସ୍ମରୁ ଉଷ୍ମତା ଯାଇନାହିଁ; ତା'ର ମହାନ୍ ଆଦର୍ଶ କଅଣ ଚାଲିଗଲା ? ମହର୍ଷି-ପ୍ରତିପାଳିତ ଏହି ମଞ୍ଜୁ ଛୁରିଅନା କୁଞ୍ଜ ଓ ବକୁଳବନ ଆଜିସୁଦ୍ଧା ତା'ର ଆଦର୍ଶ ରଖିଛନ୍ତି; ଏମାନେ ସମସ୍ତଙ୍କୁ ନିର୍ବିଶେଷରେ ଶ୍ୟାମଛାୟା ଦେଇଥାନ୍ତି । ବାଷ୍ପାକୁଳ ହୋଇ ଏମାନଙ୍କ ମସ୍ତକ ଚୁମ୍ବନ କରି ଏମାନଙ୍କୁ ଶ୍ୟାମଳ ଓ ଉଜ୍ଜ୍ୱଳ କରିଯିବୁ । ତା'ପରେ ଗୋପାଳଙ୍କ ପ୍ରତି ପ୍ରଣତ ହୋଇ ପୁଣି ନୀଳାଚଳପଥ ଧରିବୁ ।

ବାରିବାହ ! ପ୍ରଭଞ୍ଜନ ବଳରେ ଏହିଠାରୁ ତୁ ତୋର ବିଜୟ ରଥକୁ ଦ୍ୱରା ଗତିରେ ବାହି ନେବୁ । ପୂଗ ଓ ପୁନ୍ନାଗ ମଧ୍ୟରେ ସଂଘର୍ଷ ଲଗାଇ, ତାଳତରୁର ଦୀର୍ଘୀଭୂତ ମସ୍ତକକୁ ସଜୋରେ ସଞ୍ଚାଳନ କରି; ତମାଳ ପତ୍ରରେ ନବ ନୀଳିମା ବୋଳି ଦେଇ, ଅସରନ୍ତି ନାରିକେଳ ବନରେ ସଞ୍ଚରଣ କରି ଓ କେତକ ରେଣୁରେ ସୁରଭିତ ହୋଇ ନୀଳାଚଳ ପଥରେ ଯାଉଁ ଯାଉଁ ନୀଳାଚଳନାଥଙ୍କ ଧବଳିତ ସଦନ ଦକ୍ଷିଣାଶାମୁଖମକରିକା ପରି ବହୁଦୂରରୁ ତୋର ନେତ୍ର ପଥରେ ଭାସି ଉଠିବ । ଏହି ସେହି ନିଳାଚଳ- ଉତ୍କଳ କମଳର କେଶର । ନିଜେ ଲୀଳାମୟ ଏହାକୁ ବାସସ୍ଥଳୀ ପାଇଁ ବାଛିଛନ୍ତି । ତୁ ଯେବେ ଇତିହାସର ପ୍ରତିଲୋମରେ ଗତି କରିଯିବୁ, ତେବେ ଜାଣିବୁ ଯେ ଏହି ଜଗନ୍ନାଥ ହିଁ ଉତ୍କଳର ଇତିହାସ । ଶାନ୍ତି, ମୁକ୍ତି, ମୈତ୍ରୀ, ଭକ୍ତି ଓ ଭୀତି ସବୁ ଏକାଧାରରେ ଏହିଠାରେ ହିଁ ଶତ ଶତାବ୍ଦୀ ଧରି ପୁଞ୍ଜୀଭୂତ ହୋଇ ଆସିଛି । କିନ୍ତୁ ନୀଳାଚଳ-ନାଥ ଆଜିକାଲି ଶାନ୍ତି ଓ ମୈତ୍ରୀ ସବୁ ବାଣ୍ଟିଦେଇ ନିଜେ କାଙ୍ଗାଳ ହୋଇ ବସିଥାନ୍ତି । ଅବସରପ୍ରାପ୍ତ କର୍ମଚାରୀ ବୃଦ୍ଧକାଳ ଭୋଗ କଲା ପରି ସେ ଆଜିକାଲି ଖାଲି ଷାଠିଏ ପଉଟି ପାଇଲେ ତୃପ୍ତ ହୁଅନ୍ତି । ସିନ୍ଧୁ କୋଳାହଳରେ କାହାରି କାତର ଡାକ ତାଙ୍କ କାନରେ ଆଉ ପଡ଼େ ନାହିଁ । ବଳାହକ ! ତୁ ପ୍ରଭଞ୍ଜନ ବଳରେ ତାଙ୍କ ପତିତପାବନ ବାନାକୁ ସିନ୍ଧୁ ଗର୍ଭରେ ନିକ୍ଷେପ କରିବୁ ଓ ନୀଳଚକ୍ରକୁ ଚକ୍ରାକାରରେ ଘୂରାଇ ଦେବୁ । ତା'ପରେ ଅମ୍ବୁପତି ପାଶକୁ ଯାଇ ଥରେ ତୋର ବିଭୂତି ଦେଖାଇ ଦେବୁ । ଏହି ଅମ୍ବୁପତି ମହା କୃପଣ । ସୃଷ୍ଟି ଜଳିଗଲେ ସୁଦ୍ଧା କୃପଣ

କୋଟିପତି ପରି ବିନା କରପୀଡ଼ନରେ ବିନ୍ଦୁ- ମାତ୍ର ଦାନ କରେ ନାହିଁ। ଲୋଳ ଓ ଚଞ୍ଚଳ ତରଙ୍ଗାବଳୀ ସହିତ ବେଳା-ଭୂମିରେ ବାଳକ ପରି ଅବିରତ ଖେଳୁଥାଏ। ଅମ୍ବୁପତିର ଅନୁକୃତିରେ ତୋର ବିଶାଳ ଶରୀରକୁ ବିସ୍ତୀର୍ଣ୍ଣ କରି ଗୁରୁ ଗର୍ଜ୍ଜନରେ ସିନ୍ଧୁଘୋଷକୁ ବୁଡ଼ାଇ ଦେବୁ। ତୋର ଭୀମ ରୂପ ଦେଖି ଭୀରୁ ନୀଳାଚଳ ଲଳନାମାନେ ବାତାୟନ ପଥ ଛାଡ଼ି ପଳାଇଯିବେ।

ନୀଳାଚଳଠାରୁ ଚାରୁ ଚିଲିକା ବକ୍ଷ ଦେଇ ତୁ ଅଚିରେ ସମଗ୍ର ଉପକୂଳ ଓ ମାଳ ଅଞ୍ଚଳ ବ୍ୟାପିଯାଇ ଉତ୍କଳରେ ତୋର ସ୍ୱକର୍ମ ଶେଷ କରିବୁ। ଘନ ! ଗଞ୍ଜାମ ଓ ଜୟପୁରବାସୀମାନଙ୍କୁ ତୁ ଭୁଲିଯିବୁ ନାହିଁ। ଖଣ୍ଡିତ ଉତ୍କଳ ମୋହ ନିଦ୍ରାରେ ନିଦ୍ରିତ ଥିଲାବେଳେ ଏମାନେ ହିଁ ଦକ୍ଷିଣାଶାପଥ-ପ୍ରହରୀ ରୂପେ ଜାଗ୍ରତ ହୋଇ ରହିଥିଲେ ! ସିନ୍ଧୁ ପାରି-ସାଧବର ସ୍ମୃତି-ପୂତ ଏ ଭୂମିର ଜାଗ୍ରତ ଜନତା ତୋତେ ସାଦରେ ବରଣ କରିନେବେ। କୁନ୍ତଳରେ କୁରୁବକ, ନୟନରେ ଅଞ୍ଜନ ଓ କପୋଳରେ କହ୍ଲାର ଘେନି ମଞ୍ଜୁଭାଷିଣୀ, ସୁହାସିନୀ, ହାରମୟୀ ନାରୀମାନେ ତୋତେ ତୈଲଙ୍ଗୀ ଭଙ୍ଗିରେ ସ୍ୱାଗତ ଜଣାଇବେ। ଘନ ! ତୁ ଏମାନଙ୍କୁ ନିରାଶ ନ କରି ତୋର ଶ୍ୟାମ-ସ୍ପର୍ଶରେ ସମସ୍ତ ଅଞ୍ଚଳକୁ ଶ୍ୟାମଳ କରି ଆସିବୁ।

❑❑❑

## (କ) ଲେଖକ ପରିଚୟ

### କୃଷ୍ଣଚନ୍ଦ୍ର ପାଣିଗ୍ରାହୀ- (୧୯୦୯-୧୯୮୭)

ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ଖ୍ୟାତନାମା ଐତିହାସିକ ଓ ସାହିତ୍ୟିକ। ପ୍ରାବନ୍ଧିକ ଭାବରେ ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ଭିତ୍ତିକରି ପ୍ରବନ୍ଧ ରଚନା କରିବାରେ ତାଙ୍କର ମୌଳିକତା ସୁସ୍ପଷ୍ଟ। ପ୍ରଫେସର ପାଣିଗ୍ରାହୀଙ୍କ ସାରସ୍ୱତ ସୃଷ୍ଟିଗୁଡ଼ିକ ତଥ୍ୟଯୁକ୍ତ ଓ ବିଶ୍ଳେଷଣାତ୍ମକ। ବାସ୍ତବତା ଓ କଳ୍ପନାର ସମନ୍ୱୟ କୃଷ୍ଣଚନ୍ଦ୍ରଙ୍କ ପ୍ରବନ୍ଧକୁ ଅଧିକ ସୁଖପାଠ୍ୟ କରିଛି। ତାଙ୍କ ରଚିତ 'ଓଡ଼ିଶାର ସଂସ୍କୃତି ଓ ଇତିହାସରେ ଯାଜପୁର', 'ସାରଳା ସାହିତ୍ୟରେ ଐତିହାସିକ ଚିତ୍ର', 'ଭାରତୀୟ ପ୍ରତ୍ନତତ୍ତ୍ୱ', 'ଇତିହାସ ଓ କିମ୍ବଦନ୍ତୀ', 'ପ୍ରବନ୍ଧ ମାନସ' ଓ ତାଙ୍କର ଗବେଷଣା ନିବନ୍ଧ 'ଆର୍କୋଲୋଜିକାଲ ରିମେନସ୍ ଆଟ ଭୁବନେଶ୍ୱର' ଏବଂ ଆତ୍ମଜୀବନୀ 'ମୋ ସମୟର ଓଡ଼ିଶା' ଉଚ୍ଚକୋଟୀର ସାରସ୍ୱତ ସୃଷ୍ଟି।

ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୟୁରଭଞ୍ଜ ଜିଲ୍ଲାର ଖିଚିଙ୍ଗ ଠାରେ ଜନ୍ମ ଗ୍ରହଣ କରିଥିଲେ। ପ୍ରଫେସର ପାଣିଗ୍ରାହୀ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧି ଓ 'ମୋ ସମୟର ଓଡ଼ିଶା' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି।

**'ପୁଷ୍ପପୁରରେ ବର୍ଷାବରଣ' ସଂପର୍କରେ-** ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ଜାତୀୟବାଦୀ ପ୍ରାବନ୍ଧିକ। ସାହିତ୍ୟରେ ବର୍ଷାବରଣ ଏକ ସୁପ୍ରାଚୀନ ପରମ୍ପରା। ମହାକବି କାଳିଦାସ ବର୍ଷାକୁ ଦୂତ କରି ପ୍ରଣୟିନୀ ନିକଟକୁ ପଠାଇଛନ୍ତି। ପ୍ରାବନ୍ଧିକ ପାଣିଗ୍ରାହୀ ସେଇ ପରମ୍ପରାକୁ ଅନୁସରଣ କରି ବର୍ଷାକୁ ଜନ୍ମଭୂମିର ଗୌରବଗାନ କରିବା ପାଇଁ ବ୍ୟବହାର କରିଛନ୍ତି। ସୁଜଳା ସୁଫଳା ଶସ୍ୟ-ଶ୍ୟାମଳା ଉତ୍କଳଭୂମିର ଗୌରବାବହ ଅତୀତ ଓ ଅବହେଳିତ ବର୍ତ୍ତମାନ ବିଷୟ ଉଲ୍ଲେଖକରି ପୂର୍ବର ସେହି ଗୌରବ ଫେରାଇ ଆଣିବାଲାଗି ସେ ପ୍ରେରଣା ପ୍ରଦାନ କରିଛନ୍ତି। ଉକ୍ତ ପ୍ରବନ୍ଧ 'ପ୍ରବନ୍ଧମାନସ' ପୁସ୍ତକରୁ ସଂଗୃହୀତ ।

•

## କଠିନ ଶବ୍ଦାର୍ଥ

ପୁଷ୍ପପୁର – ଆଧୁନିକ ପାଟନା ସହର / ପ୍ରାଚୀନ କାଳରେ ଏହା ମଗଧର ରାଜଧାନୀ ପାଟଳୀପୁତ୍ର / ପୁଷ୍ପପୁର / ଶ୍ରୀନଗର ଭାବରେ ପରିଚିତ ଥିଲା । ପ୍ରାବନ୍ଧିକ ଏହି ପ୍ରବନ୍ଧ ରଚନା କରିଥିବାବେଳେ ପାଟନା ସହରରେ ଅବସ୍ଥାନ କରୁଥିଲେ ।

ବାରିଦ- ମେଘ

ଉଚ୍ଚାବଚ – ଖାଲଢିପ

ଉଦନ୍ତ- ଖବର / ବାର୍ତ୍ତା

ବାତାୟନ- ଗବାକ୍ଷ (ଝିଡ଼ିକି/ ଝରକା)

କିରୀଟିନୀ- ମୁକୁଟଧାରୀ

ତଟିନୀ- ନଦୀ / ସରିତ

ତୁଙ୍ଗ ଶିଖରୀ – ଉଚ୍ଚ ପର୍ବତଶୃଙ୍ଗ

ପୂଗ – ଗୁଆ

ସମାକୁଳ – ପରିପୂର୍ଣ୍ଣ

ପୁନାଗ – ପୋଲାଙ୍ଗ

ମେଖଳା – ଅଣ୍ଟାସୂତା

ବଳାକା – ବଗ

ଜଳଦ- ମେଘଖଣ୍ଡ

ଟଙ୍କିଳ- ପାହାଡ଼ିଆ

ଅନୁର୍ବର- ଉର୍ବର ନୁହେଁ ଯାହା

ଉଦ୍‌ଗତ- ଉଦିତ, ଉତ୍ପନ୍ନ

ମାତଙ୍ଗିନୀ- ହସ୍ତିନୀ

ଅଲକ୍ତକ- ଅଳତା

ଉରଗ- ସାପ

ତସ୍କରତା- ଚୋରି

ଅବଗୁଣ୍ଠନ- ଓଢ଼ଣା

ପାରଣା- ଉପବାସ ପରେ ପ୍ରଥମ ଭୋଜନ

ହିଲ୍ଲୋଳ- ଢେଉ

ଉତ୍ତମାଙ୍ଗ- ମସ୍ତକ

ବରାକିନୀ - ସୁନାଗୋରୀ

ଗୁଡ଼କଙ୍କ- ବାଲୁକାମୟ ପ୍ରଦେଶରେ ଜନ୍ମୁଥିବା ତୃଣ ଓ ତାହାର ଫଳ

ଦଧୀଚି- ବିଶ୍ୱ ହିତପାଇଁ ଅସ୍ଥି ଦାନ କରି ଆତ୍ମତ୍ୟାଗୀ ପ୍ରସିଦ୍ଧ ମୁନି

ସଞ୍ଚରଣ- ଗମନ, ବିଚରଣ

ବଳାହକ- ମେଘ

କର - କିରଣ / ଟିକସ

କୁନ୍ତଳ- କେଶଗୁଚ୍ଛ

କୁରୁବକ - ଦାସକେରେଣ୍ଡାଫୁଲ

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) କାହାର ସ୍ନିଗ୍ଧ କଜ୍ଜ୍ୱଳ କାନ୍ତି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି କରିଛି ?

(ବାରିବାହ, ପ୍ରକୃତି, ଦୂରବନ୍ଧୁ, ଅଳକାପୁରୀ)

(୨) କାହାକୁ ଦୂରବନ୍ଧୁ ବୋଲି ପ୍ରାବନ୍ଧିକ ସମ୍ବୋଧନ କରିଛନ୍ତି ?

(ପୁଷ୍ପପୁର, ବାରିବାହ, ବାତାୟନ, ଶ୍ୟାମଳ ପୃଥିବୀ)

(୩) ବ୍ୟକ୍ତିଠାରୁ କିଏ ବଡ଼ ବୋଲି ଲେଖକ ଘନକୁ ପ୍ରଶ୍ନ କରିଛନ୍ତି ?

(ଗୋଷ୍ଠୀ, ମଣିଷ, ପଶୁ, ପକ୍ଷୀ)

(୪) ଜଳର ଅଭାବରେ କେଉଁଠାରେ ହାହାକାର ପଡ଼ିଛି ?

(ପୁଷ୍ପପୁର, ପାଟଳିପୁତ୍ର, କୁସୁମଧ୍ୱଜ, ଉତ୍କଳ)

(୫) କେଉଁ ପୁରରେ ସ୍ୱ-କର୍ମ ସାରି ଉତ୍କଳ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?

(ଶ୍ରୀ ନଗର, ପୁଷ୍ପପୁର, ମହୋଦଧୀ, ତୁଙ୍ଗଶିଖରୀ)

(୬) କାହାଠାରେ ବଦାନ୍ୟତାର ମହତ୍ତ୍ୱ ବଢ଼ିଉଠେ ବୋଲି ପ୍ରାବନ୍ଧିକ କହିଛନ୍ତି ?

(ଧନୀ, ଦରିଦ୍ର, ବିତ୍ତଶାଳୀ, ଭୋଗୀ)

(୭) ବନବାସୀ ନାରୀମାନଙ୍କର ଗତିକୁ ପ୍ରାବନ୍ଧିକ କାହା ସହିତ ତୁଳନା କରିଛନ୍ତି ?

(କୁଜୀ ହଂସୀ, ମାତଙ୍ଗିନୀ, ନିର୍ଝରିଣୀ, ହରିଣୀ)

(୮) ବନବାସୀମାନେ କାହାର ଅନୁଗ୍ରହ ଲୋଡ଼ନ୍ତି ?

(ବାରିବାହ, ପର୍ବତ, ପ୍ରକୃତି, ବନଲତା)

(୯) ଜଳଦର କୃପାରୁ କେଉଁଠାରେ ନବ ନୀଳିମା ଖେଳିବୁଲିବ ବୋଲି କୁହାଯାଇଛି ?

(ଶାଳିକ୍ଷେତ୍ର, ବନଭୂମି, ମେଘାସନ, ଗନ୍ଧମାର୍ଦ୍ଦନ)

(୧୦) ନିର୍ଝରିଣୀ କେଉଁଠାରେ କ୍ରିଡ଼ାରତ ବହ୍ସତରୀ ପରି ନାଚି ଉଠେ ?

(ଗିରିଦରୀ, ମହୋଦଧି, ସରିତ, ସାଗର)

(୧୧) କେଉଁମାନଙ୍କ ଦ୍ୱାରା ପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣ ହେବ ବୋଲି ଲେଖକ କହିଛନ୍ତି ?

(ଭଞ୍ଜନୃପ, ନବତରୁଣୀ, ନବଯୁବକ, ମଦାଳସା)

(୧୨) ସମ୍ବଲପୁର ଅଞ୍ଚଳର ବଧୂମାନଙ୍କୁ କେଉଁ ଫୁଲ ପରି ହାସ୍ୟମୟୀ ବୋଲି କୁହାଯାଇଛି ?

(ଗୋଲାପ, ଶେଫାଳୀ, ପଦ୍ମ, ମନ୍ଦାର)

(୧୩) ଉତ୍କଳର ଉତ୍ତମାଙ୍ଗ ବୋଲି ପ୍ରାବନ୍ଧିକ କାହାକୁ କହିଛନ୍ତି ?

(ସମ୍ବଲପୁର, କଟକ, ଭୁବନେଶ୍ୱର, ଗଞ୍ଜାମ)

(୧୪) କାହାର କୋଳାହଳ ପାଇଁ ନୀଳାଚଳନାଥଙ୍କ କାନରେ ଭକ୍ତର କାତର ଡାକ ପଡ଼େନାହିଁ ?

(ପ୍ରଭଞ୍ଜନ, ସିନ୍ଧୁ, ଝାଉଁବଣ, ଜନତା)

(୧୫) ସିନ୍ଧୁପାରି ସାଧବର ସ୍ମୃତି-ପୂତ ଭୂମିବୋଲି କାହାକୁ କୁହାଯାଇଛି ?

(ସମ୍ବଲପୁର, କଟକ, ଜୟପୁର, ଭୁବନେଶ୍ୱର)

(ଖ) **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ କାହାକୁ ସ୍ୱାଗତ କରିଛନ୍ତି ?

(୨) ବାରିବାହର ସ୍ନିଗ୍ଧ କଜ୍ଜ୍ୱଳକାନ୍ତି କେଉଁଠାରେ ନେତ୍ରୋତ୍ସବ ସୃଷ୍ଟି କରିଛି ?

(୩) କେଉଁ ପଥରେ ବାରିବାହର ଆଗମନୀ ଶୁଭ ଶଙ୍ଖ ବାଜିଉଠିଛି ?

(୪) ବହୁ ଦିନପରେ କାହାର ଶୁଭ ଆଗମନ ଆଜି ମଙ୍ଗଳକର ଓ ମଧୁମୟ ହୋଇଉଠିଛି ?

(୫) କାହାର ସ୍ପର୍ଶରେ ପୁଷ୍ପପୁର ସଜୀବ ଓ ଶ୍ୟାମଳ ହୋଇ ଉଠିବ ବୋଲି କୁହାଯାଇଛି ?

(୬) ବାରିବାହର ସ୍ପର୍ଶରେ କେଉଁପୁର ସଜୀବ ଓ ଶ୍ୟାମଳ ହୋଇ ଉଠିବ ବୋଲି ଲେଖକ କହିଛନ୍ତି ?

(୭) ବିତାଡ଼ିତ ବିରହୀ ଯକ୍ଷ ବାରିଦକୁ କେଉଁଥିରେ ପୂଜା କରିଥିଲା ?

(୮) ଅଳକାପୁରୀରେ ଥିବା ପ୍ରିୟା ପାଖକୁ କିଏ ଉଦନ୍ତ ପଠାଇଥିଲା ?

(୯) ବିରହୀ ଯକ୍ଷ କାହା ହସ୍ତରେ ଉଦନ୍ତ ପଠାଇଥିଲା ?

(୧୦) ବ୍ୟକ୍ତିବିଶେଷର ଲାଭ କ୍ଷତିରେ କିଏ ବିଚଳିତ ହୁଏ ନାହିଁ ?

(୧୧) କାହାର ଅଭାବରେ ଉତ୍କଳରେ ହାହାକାର ପଡ଼ିଛି ?

(୧୨) ପୁଷ୍ପପୁରରେ ସ୍ୱକର୍ମ ସାରି କେଉଁ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?

(୧୩) ଲେଖକ ଧୂମ, ଜ୍ୟୋତି ଓ ସଲିଳ ହୋଇ ଜଳଦ ସହ ମିଶି ବାତାୟନ ପଥରେ ଉଡ଼ିଯାଇ କାହାକୁ ଚିହ୍ନାଇବାକୁ ଇଚ୍ଛା କରିଛନ୍ତି ?

(୧୪) ପଥପ୍ରଦର୍ଶକ ବିନା କେଉଁ ଭୂମିକୁ ଚିହ୍ନିବା ପାଇଁ ଜଳଦର ଭ୍ରମ ହେବନାହିଁ ବୋଲି କୁହାଯାଇଛି ?

(୧୫) ଗୋପାଙ୍ଗନାମାନେ ଅପାଙ୍ଗ ଘନଶ୍ୟାମଙ୍କ ରୂପସୁଧା ପାନ କଲାପରି ଉତ୍କଳର କୋଟି ନେତ୍ର କାହାର ରୂପସୁଧା ପାନ କରିବେ ବୋଲି ପ୍ରାବନ୍ଧିକ ଭାବିଛନ୍ତି ?

(୧୭) ଲେଖକ କେଉଁମାନଙ୍କୁ ନିରାଶ ନ କରି ବଦାନ୍ୟତା ଆରମ୍ଭ କରିବାକୁ ଜଳଦକୁ ଅନୁରୋଧ କରିଛନ୍ତି ?

(୧୮) ଶାଳିକ୍ଷେତ୍ର ଦେଖି କେଉଁମାନଙ୍କ ମନ ଆତଙ୍କରେ ଥରି ଉଠୁଥିବ ?

(୧୯) ଗୋ-ପଲର ଗଳଘଣ୍ଟି ଓ ଗୋପାଳର ବେଣୁସ୍ୱନ ଶୁଣି ଜଳଦ କେଉଁ ସ୍ଥାନର ସୀମା ବୋଲି ଜାଣି ପାରିବ ?

(୨୦) ନବଯୁବକମାନଙ୍କ ବେଣୁସ୍ୱନର ଅନୁକୃତିରେ ଲଳନାକଣ୍ଠର ଐକତାନିକ ଲଳିତସ୍ୱର କାହାକୁ ଭସାଇ ଦିଏ ?

(୨୧) ଉତ୍କଳୀୟ ଲଳନାଙ୍କର ଗତିକୁ କାହା ସହିତ ତୁଳନା କରାଯାଇଛି ?

(୨୨) କିଏ ମଦାଳସା ହୋଇ ମାତଙ୍ଗିନୀ ପରି ଚାଲନ୍ତି ନାହିଁ ?

(୨୩) ବନବାସୀମାନଙ୍କର କାହାର ଅନୁଗ୍ରହ ଆବଶ୍ୟକ ?

(୨୪) ଜଳକୁ ଅବିରତ ବାରିପାତ କରିବାକୁ ଲେଖକ କାହିଁକି ନିବେଦନ କରିଛନ୍ତି ?

(୨୫) ଜଳଦର କୃପା ହେଲେ ଶାଳି କ୍ଷେତ୍ରରେ କ'ଣ ଖେଳିବୁଲିବ ବୋଲି ଲେଖକ କହିଛନ୍ତି ?

(୨୬) ଜଳଦର କୃପା ହେଲେ ନିର୍ଝରିଣୀ କେଉଁଠାରେ କିପରି ନାଚି ଉଠିବ ?

(୨୭) କଦମ୍ବ ପୁଲକରେ କ'ଣ ହୋଇ ଉଠିବ ବୋଲି କୁହାଯାଇଛି ?

(୨୮) କୃଷ୍ଣଚୂଡ଼ା କ'ଣ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇପଡ଼ିବ ?

(୨୯) କେଉଁ ପ୍ରପାତରେ କ୍ରୀଡ଼ା କରିବାକୁ ଜଳଦକୁ ପ୍ରାବନ୍ଧିକ ନିବେଦନ କରିଛନ୍ତି ?

(୩୦) ମେଘାସନ, ଗନ୍ଧମାର୍ଦ୍ଦନ ଓ ମାଲ୍ୟଗିରିର ମହାବନରେ ଭ୍ରମୁଭ୍ରମୁ ଜଳଦର କ'ଣ ହୋଇଯିବ ?

(୩୧) କେଉଁ ମହାବନରେ ଅସରନ୍ତି ଭଣ୍ଡାର ଲୁଚି ରହିଛି ?

(୩୨) ଦୁଃଖିନୀ ଜନନୀ କାହାର ଭୟରେ ଅସରନ୍ତି ଭଣ୍ଡାର ମହାବନରେ ଲୁଚାଇ ରଖିଛ ?

(୩୩) ଉତ୍କଳବାସୀ କେଉଁ ନଦୀର ତୀରରେ ବସି ପିପାସୀ ହୋଇଛନ୍ତି ?

(୩୪) ଉତ୍କଳବାସୀ କାହା ଉପରେ ବସି ଉପବାସୀ ହୋଇଛନ୍ତି ?

(୩୫) ସୂକ୍ଷ୍ମଶାଳିର ଗନ୍ତାଘର କିଏ ?

(୩୬) କେଉଁ ନଦୀ ଉପଳଶଯ୍ୟାରେ ଯାଉ ଯାଉ ସ୍ୱର୍ଣ୍ଣରେଣୁ ଢାଳିଦିଏ ?

(୩୭) କେଉଁ ଅଞ୍ଚଳର ନରନାରୀମାନଙ୍କୁ ଦୁଃଖ ଦୈନ୍ୟରେ ମଧ୍ୟ ବିଷାଦକାଳିମା ଛୁଏଁ ନାହିଁ ?

(୩୮) ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କାହାକୁ କହିଛନ୍ତି ?

(୩୯) ଗର୍ବିତ ଗଜପତିର ରାଜଧାନୀ ବୋଲି କାହାକୁ କୁହାଯାଇଛି ?

(୪୦) କେଉଁଠାରୁ ଅଜେୟ ବାହିନୀ ଝଟିକା ବେଗରେ ଦୁର୍ଗରୁ ଦୁର୍ଗାନ୍ତରକୁ ଗତି କରି ଚାଲୁଥିଲେ ?

(୪୧) କେଉଁ କଟକର ସ୍ମୃତି ଆଜି ମୃତ୍ତିକାରେ ଅବଲୁପ୍ତ ?

(୪୨) ବାରବାଟୀର ସ୍ଖଳିତ ପ୍ରସ୍ତରରେ କ'ଣ ଆଜିଯାଏ ଲାଗି ରହିଛି ?

(୪୩) କେଉଁ ରାଜାଙ୍କ ମହାକୀର୍ତ୍ତି ଚିତ୍ରୋତ୍ପଳାର ମେଖଳା ପରି ଦିଶୁଛି ?

(୪୪) କେଉଁଠାରେ ଉତ୍କଳର କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉଜାଗର ରହି ଜ୍ଞାନଦୀପ ଜାଳିଥିଲେ ?

(୪୫) କାହାକୁ ସ୍ମୃତିର ଶ୍ମଶାନ ବୋଲି କୁହାଯାଇଛି ?

(୪୬) କିଏ ଉତ୍କଳଭୂମିର ମାନଦଣ୍ଡ ପରି ଦଣ୍ଡାୟମାନ ବୋଲି ଲେଖକ କହିଛନ୍ତି ?

(୪୭) ବାରିବାହ ବେଳାଭୂମିର ଶ୍ୟାମଳ ପଥରେ ଯିବାବେଳେ କେଉଁମାନେ ତା'ର ସ୍ୱାଗତ ପାଇଁ ବାହାରି ଆସିବେ ବୋଲି କୁହାଯାଇଛି ?

(୪୮) ଲେଖକ କାହାକୁ ଭୁବନ-ମୋହନ ବୋଲି କହିଛନ୍ତି ?

(୪୯) କିଏ ମ୍ଳାନ ଓ ଛିନ୍ନ ହୋଇ ବିଜନବେଳାରେ ପଡ଼ିରହିଛି ?

(୫୦) କାହାକୁ ସ୍ୱର୍ଗଚ୍ୟୁତ ପାରିଜାତ ବୋଲି କୁହାଯାଇଛି ?

(୫୧) କିଏ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ ?

(୫୨) କାହାକୁ ମହାମନ୍ଦିର ବୋଲି କୁହାଯାଇଛି ?

(୫୩) ଘନ ଅତୀତର ମ୍ଳାନ-ଶ୍ମଶାନ ବୋଲି ଲେଖକ କାହାକୁ ଅଭିହିତ କରିଛନ୍ତି ?

(୫୪) ନୀଳାଚଳ ପଥରେ ଯାଉଁ ଯାଉଁ କାହାର ଧବଳିତ ସଦନ ଠାରେ ନବଘନ କ୍ଷଣକାଳ ସ୍ତମ୍ଭିତ ହୋଇ ରହିଯିବାକୁ ଲେଖକ ଘନକୁ କହିଛନ୍ତି ?

(୫୫) ସାକ୍ଷିଗୋପାଳରେ କିଏ ଉନ୍ନତ ଉତ୍କଳର ସ୍ୱପ୍ନ ଦେଖିଥିଲେ ?

(୫୬) କାହାକୁ ଉତ୍କଳର ମହାନିଶାରେ ଧ୍ରୁବଜ୍ୟୋତି ବୋଲି କୁହାଯାଇଛି ?

(୫୭) କାହାକୁ ଦଧୀଚି ବୋଲି ଲେଖକ ଅଭିହିତ କରିଛନ୍ତି ?

(୫୮) ଉତ୍କଳକମଳର କେଶର କିଏ ?

(୫୯) କିଏ ଉତ୍କଳର ଇତିହାସ ?

(୬୦) କେଉଁମାନଙ୍କୁ ଦକ୍ଷିଣାଶାପଥ- ପ୍ରହରୀ ବୋଲି କୁହାଯାଇଛି ?

**(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) ବାରିବାହର ଆଗମନ ପରେ ପୁଷ୍ପପୁର କିପରି ହୋଇ ଉଠିବ ?

(୨) ଲେଖକ କେଉଁଠାରେ ଏବଂ କାହାର ଆଗମନୀର ଶୁଭ ଶଙ୍ଖ ଶୁଣି ପାରିଛନ୍ତି ?

(୩) ବହୁଦିନ ପରେ ଦୂରବନ୍ଧୁର ଶୁଭ ଆଗମନରେ ପୁଷ୍ପପୁର କ'ଣ ହୋଇ ଉଠିଛି ?

(୪) ଭ୍ରାମ୍ୟମାଣ ଉଦାସୀନା ଧରଣୀ କେଉଁଥିରେ ବିଚଳିତ ହୁଏନାହିଁ ?

(୫) କ'ଣ ଉଣା ହେଲେ ସେ ଆଉ ବାସଭୂମି ହୋଇ ରହିପାରିବ ନାହିଁ ବୋଲି କୁହାଯାଇଛି ?

(୬) ଲେଖକ କ'ଣ ହୋଇ ଜଳଦ ସହ ମିଶିବାକୁ ଇଚ୍ଛା କରିଛନ୍ତି ?

(୭) 'ସୁଜଳା ସୁଫଳା ଶସ୍ୟ ଶ୍ୟାମଳା' ଉତ୍କଳ ଭୂମିର ଅବସ୍ଥା ଆଜି କିପରି ହୋଇଛି ?

(୮) ଜଳଦ କିପରି ବିଶୋଭିତ ହୋଇ ଉତ୍କଳ ଆକାଶରେ ଆବିର୍ଭୂତ ହେବାକୁ ଲେଖକ ଅନୁରୋଧ କରିଛନ୍ତି ?

(୯) ଦରିଦ୍ର ବନବାସୀମାନଙ୍କୁ ନିରାଶ ନ କରି କ'ଣ କରିବାକୁ ଜଳଦକୁ ଲେଖକ ଅନୁରୋଧ କରିଛନ୍ତି ?

(୧୦) କେଉଁ ଭୂମିର ନରନାରୀଙ୍କ ସ୍ୱେଦସିକ୍ତ ଶସ୍ୟ କ୍ଷେତ୍ରରେ ଶାଳିଧାନ୍ୟ ଆକାଶକୁ ଚାହିଁ ଝାଉଁଳୁଥିବ ବୋଲି କୁହାଯାଇଛି ?

(୧୧) ଶାଳିକ୍ଷେତ୍ର ଦେଖି ବନବାସୀମାନଙ୍କ ମନର ଆତଙ୍କକୁ ଲେଖକ କାହା ସହିତ ତୁଳନା କରିଛନ୍ତି ?

(୧୨) ଜଳଦ କ'ଣ ଶୁଣି ଓ କ'ଣ ଦେଖି ବନବାସୀମାନଙ୍କ ଗ୍ରାମର ସୀମା ଜାଣିପାରିବ ?

(୧୩) ଜଳଦର ଭାଗ୍ୟରେ ଥିଲେ କେଉଁ କଥା ଆଖିରେ ପଡ଼ିଯିବ ବୋଲି ଲେଖକ କହିଛନ୍ତି ?

(୧୪) କେଉଁମାନେ ନିର୍ଝର ପରି ଗତି କରି ଚାଲୁଥିବେ ବୋଲି କୁହାଯାଇଛି ?

(୧୫) "ବାରିବାହ ! ଏ ସମସ୍ତେ ତୋର ବାନ୍ଧବୀ" । କାହା ପ୍ରସଙ୍ଗରେ ଏହା କୁହାଯାଇଛି ?

(୧୬) ବନବାସୀ ନାରୀଗଣ ଜଳଦକୁ ଅପରିଚିତ ଜାଣିଲେ କ'ଣ କରିବେ ବୋଲି କୁହାଯାଇଛି ?

(୧୮) ମାନବ ଜୀବନର ପରମ କାମ୍ୟ କ'ଣ ବୋଲି ଲେଖକ କହିଛନ୍ତି ?

(୧୯) କ'ଣ ଶିଖିବା ପାଇଁ ସଭ୍ୟ ସମାଜ ବନବାସୀମାନଙ୍କ ପାଖକୁ ଆସିବ ବୋଲି କୁହାଯାଇଛି ?

(୨୦) ଜଳଦକୁ ଅବିରତ ବାରିପାତ କରିବାକୁ ଲେଖକ କାହିଁକି ଅନୁରୋଧ କରିଛନ୍ତି ?

(୨୧) ଜଳଦକୁ କ୍ଳାନ୍ତି ଆସିଲେ ସେ କେଉଁଠାରେ ଅବସର ନେବ ବୋଲି ଲେଖକ କହିଛନ୍ତି ?

(୨୨) କାହାର ମହାସଙ୍ଗୀତ ସଭ୍ୟ ଜଗତ ଶୁଣିନାହିଁ ?

(୨୩) କାହାର ଅସରନ୍ତି ରତ୍ନଭଣ୍ଡାରକୁ ଆଜିଯାଏ କେହି କଳିନାହିଁ ?

(୨୪) ମହାବନର ମହାସଙ୍ଗୀତ ଶୁଣିଲେ ମନ କେଉଁଠିକୁ ଚାଲିଯାଏ ?

(୨୫) ଘନ କ'ଣ ଦେଖି ସ୍ତମ୍ଭିତ ହେବ ବୋଲି କୁହାଯାଇଛି ?

(୨୬) ତନ୍ୱୀ ମହାନଦୀ ଉପଳ ଶଯ୍ୟାରେ ଯାଉଁ ଯାଉଁ କ'ଣ କରେ ?

(୨୭) କ'ଣ କାମନା କରି କଟକକୁ ଶ୍ୟାମଳ କରିବାକୁ ଲେଖକ ଅନୁରୋଧ କରିଛନ୍ତି ?

(୨୮) କ'ଣ ନ କଲେ ବାରିବାହର ଉତ୍କଳ ଭ୍ରମଣ ସାର୍ଥକ ହେବନାହିଁ ?

(୨୯) କୋଣାର୍କ ପଥରେ ଯାଉଁ ଯାଉଁ କ'ଣ ଦେଖି ବାରିବାହ ଚକିତ ହୋଇଯିବ ବୋଲି ଲେଖକ କହିଛନ୍ତି ?

(୩୦) ବାରିବାହ ଧୀର, ଗମ୍ଭୀର ଓ ରାଜଲୀଳା ଗତିରେ ଗଲାବେଳେ କ'ଣ ତା'ର ଗତି ପଥରେ ଭାସିଉଠିବ ବୋଲି କୁହାଯାଇଛି ?

(୩୧) କୋଣାର୍କ ଏକାବେଳେକେ କାହାରି ବାର୍ତ୍ତା ଓ ଗାଥା ଆଣିଦେବ ବୋଲି ଲେଖକ କହିଛନ୍ତି ?

(୩୨) ମୁକମନ୍ଦିର କୋଣାର୍କର ମୁଖ ଫିଟିଲେ କ'ଣ ହୁଅନ୍ତା ?

(୩୩) ଶତଶତାବ୍ଦୀ ଧରି ଜଗନ୍ନାଥଙ୍କଠାରେ ସବୁ ଏକାଧାରରେ କ'ଣ ପୁଞ୍ଜିଭୂତ ହୋଇ ଆସିଛି ?

(୩୪) ନୀଳାଚଳ ନାଥ ଆଜିକାଲି କ'ଣ ବାଣ୍ଟିଦେଇ ନିଜେ କାଙ୍ଗାଳ ହୋଇ ବସିଛନ୍ତି ?

(୩୫) ବାରିବାହର ଭୀମ ରୂପ ଦେଖି କେଉଁମାନେ ବାତାୟନ ପଥ ଛାଡ଼ି ପଳାଇ ଯିବେ ବୋଲି କୁହାଯାଇଛି ?

(୩୬) ବାରିବାହ ନୀଳାଚଳ ଠାରୁ ଆରମ୍ଭ କରି ଉତ୍କଳର କେଉଁ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଯାଇ ତା'ର କର୍ମ ଶେଷ କରିବ ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ।**

(୧) ଇତିହାସର କେଉଁ ଅନାମ ଯୁଗର କଥା ଲେଖକ ଶୁଣିଥିଲେ ?

(୨) ଉତ୍କଳ ଭୂମିର ଦୁଇଦିଗର ବର୍ଣ୍ଣନା କର ?

(୩) ଲେଖକଙ୍କ ଜନ୍ମଭୂମିର ରୂପଚିତ୍ର ଉପସ୍ଥାପନ କର ।

(୪) ନିଘଞ୍ଚ ବନ ମଧ୍ୟରେ ଥିବା ବନବାସୀମାନଙ୍କ ବାସଭୂମିକୁ ଜଳଦ କିପରି ଚିହ୍ନିପାରିବ ।

(୫) କେଉଁମାନଙ୍କୁ ନିରାଶ ନ କରି ଅବିରତ ବାରିପାତ କରିବାକୁ ଲେଖକ ଜଳଦକୁ ଅନୁରୋଧ କରିଛନ୍ତି ।

(୬) ମେଘାସନ, ଗନ୍ଧମାର୍ଦନ ଓ ମାଲ୍ୟଗିରିର ସଂକ୍ଷିପ୍ତ ଚିତ୍ର ଦିଅ।

(୭) ସମ୍ବଲପୁର ଅଞ୍ଚଳର ନାରୀମାନଙ୍କ ବୈଶିଷ୍ଟ୍ୟ ଉପସ୍ଥାପନ କର ।

(୮) କଟକର ବୈଶିଷ୍ଟ୍ୟ ଉପସ୍ଥାପନ କର।

(୯) କୋଣାର୍କ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ- ଆଲୋଚନା କର।

(୧୦) "ଉତ୍କଳ କମଳର କେଶର"- ବୋଲି କାହାକୁ କୁହାଯାଇଛି ଓ କାହିଁକି ?

(୧୧) ଗୋପବନ୍ଧୁଙ୍କ ରୂପଚିତ୍ର ଦିଅ।

(୧୨) ଗଞ୍ଜାମ ଓ ଜୟପୁରର ଅତୀତ ଐତିହ୍ୟ ଉପସ୍ଥାପନ କର।

**(ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

(୧) 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧର ସାରମର୍ମ ଲେଖ।

(୨) 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ପ୍ରାବନ୍ଧିକ ଉତ୍କଳର ଯେଉଁ ଭୌଗୋଳିକ ଚିତ୍ର ଉପସ୍ଥାପନ କରିଛନ୍ତି ଆଲୋଚନା କର।

(୩) ପଠିତ ପ୍ରବନ୍ଧରେ ପ୍ରାବନ୍ଧିକ ଅତୀତ ଉତ୍କଳର ଯେଉଁ ସ୍ମୃତି ରୋମନ୍ଥନ କରିଛନ୍ତି, ଆଲୋଚନା କର।

(୪) ନିଜ ଜନ୍ମଭୂମି ପ୍ରତି ଆପଣାର ଭାବ 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ କିପରି ପ୍ରତିଫଳିତ- ଆଲୋଚନାର କର।

❑❑❑

# ତିନି ତୁଣ୍ଡରେ

## ଭୁବନେଶ୍ୱର ବେହେରା

•

ଅନେକ କହନ୍ତି ଯେ ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ।

'ଗଣଙ୍କ ଦ୍ୱାରା', 'ଗଣଙ୍କ ପାଇଁ', 'ଗଣଙ୍କର ଶାସନ'କୁ କୁଆଡ଼େ ଗଣତନ୍ତ୍ର କୁହାଯାଏ।

ଶାସନ କହିଲେ ଶାସନ ବା ଲୋକଙ୍କ ଉପରେ ଶାସନକୁ ହିଁ ବୁଝାଏ- ନିଜ ସ୍ତ୍ରୀ କିମ୍ବା ପୁଅ ଝିଅଙ୍କ ଉପରେ ମାଲିକାନା ଜାହିର କରିବା ନୁହେଁ। ତେଣୁ 'ଗଣଙ୍କର ଶାସନ' ବୋଲି କହିବାରେ କିଛି ବିଶେଷ ଅର୍ଥ ଥିଲାପରି ମନେହୁଏନି। ପୁଣି ନିଶ ଉପୁଡ଼ା ରାଜରାଜୁଡ଼ା ଶାସନଠାରୁ ଆରମ୍ଭ କରି ଆଚାର ଭ୍ରଷ୍ଟ 'ମ'କାର ବ୍ୟଭିଚାର ଗ୍ରସ୍ତ ଯାହିୟା ସାମରିକ ଏକଛତ୍ରବାଦ ପର୍ଯ୍ୟନ୍ତ ପ୍ରତ୍ୟେକ ଶାସନ ଡିଣ୍ଡିମ ପିଟି ଘୋଷଣା କରି କହେ ଯେ ତାଙ୍କ ପ୍ରବର୍ତ୍ତିତ ଶାସନଗଣଙ୍କ ସମୂହ ହିତପାଇଁ। ତେଣୁ କେବଳ ଗଣତନ୍ତ୍ର ଶାସନ ଯେ 'ଗଣଙ୍କ ପାଇଁ' ବା ଗଣଙ୍କ ହିତ ପାଇଁ, ସେ କଥା କହିବାରେ ମଧ୍ୟ ବିଶେଷ ତାତ୍ପର୍ଯ୍ୟ ନାହିଁ। ଅତଏବ 'ଗଣଙ୍କ ଦ୍ୱାରା' ଶାସନହିଁ ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ ବୋଲି କୁହାଯାଇ ପାରେ। ଏଥିରୁ ବୁଝିବାକୁ ମିଳେ ଯେ ଗଣତନ୍ତ୍ର ଶାସନର ଲୋକେ ନିଜେ ନିଜକୁ ଶାସନ କରନ୍ତି। ଅନ୍ୟ ଅର୍ଥରେ, ଏଥିରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ। ସେଥିପାଇଁ ଏ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନପାରେ। ତେଣୁ ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଙ୍ଗେସଙ୍ଗେ ସମଷ୍ଟିଗତ ପ୍ରଗତି ଏ ଶାସନର ସ୍ୱାଭାବିକ ପରିଣତି ବୋଲି ଯୁକ୍ତି କରାଯାଏ।

ଆମ ଦେଶର ଜନସାଧାରଣଙ୍କ ଅଭିଜ୍ଞତାରୁ କିନ୍ତୁ ମନେହୁଏ ଯେ ଏପରି ପର୍ଯ୍ୟାଲୋଚନା କେବଳ ତାତ୍ତ୍ୱିକ ଓ ପୋଥିଗତ । ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତରେ ସାମାଜିକ ନ୍ୟାୟ ଲଙ୍କାରେ ହରିଣଢ ପରି । ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡ଼ିଆ ତଥା ରାସ୍ତାକଡ଼ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନାର ବିଳାସ । କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର ଚିଲିକା ମାଛ ପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ, ଆଉ ସମଷ୍ଟିଗତ ପ୍ରଗତି ଆକାଶ କଇଁୟାଁ ପରି କପୋଳକଳ୍ପିତ । ମନରେ ତେଣୁ ପ୍ରଶ୍ନ ଉଠେ ଯେ ଗଣତନ୍ତ୍ରକୁ ଯାହା ବୋଲି ଘୋଷଣା କରାଯାଏ ସତରେ କ'ଣ ତାହା ନୁହେଁ ?

ଏପରି ସନ୍ଦେହ କିନ୍ତୁ ଅନ୍ୟାୟପୂର୍ଣ୍ଣ ବୋଲି ମନେହୁଏ ।

'ଗଣଙ୍କ ଦ୍ୱାରା' ଶାସନର ଅର୍ଥ ନୁହେଁ ଯେ ଜନତାର ସମସ୍ତେ ବ୍ୟକ୍ତିଗତ ଭାବରେ ସିଧାସଳଖ ଶାସନକର୍ତ୍ତା ହେବେ ଓ ନିଜେ ନିଜକୁ ଶାସନ କରି ବସିବେ । ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ । ତେଣୁ ଗଣତନ୍ତ୍ରରେ ଜନତା ଦ୍ୱାରା ଜନତାର ଶାସନ ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ହେବାହିଁ ସ୍ୱାଭାବିକ । ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି ଏଇ ଜନତାର ପ୍ରତିନିଧି, ଯାହାଙ୍କୁ ସେମାନେ ନିଜେ ବାଛନ୍ତି ଓ ଯାହାଙ୍କ ହାତରେ ଶାସନକ୍ଷମତା ଓ ଶାସନର ଭାର ଜାଣିଶୁଣି ନିଜେ ସମର୍ପି ଦିଅନ୍ତି । ଲୋକପ୍ରତିନିଧି ମନୋନୟନ ତେଣୁ ଗଣତନ୍ତ୍ରର ମେରୁଦଣ୍ଡ ।

ଯେଉଁ ଦେଶର ଲୋକେ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଭୋଟଦାତାମାନେ ଲୋକପ୍ରତିନିଧି ହେବାପାଇଁ ତ ଉପଯୁକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଦୋଷଗୁଣ, କ୍ରିୟାକଳାପ, ଚିନ୍ତାଧାରା ଓ ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟପଣିଆ ତଥା କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ବ୍ୟକ୍ତିକୁହିଁ ପ୍ରତିନିଧି ରୂପରେ ବାଛି ନିଅନ୍ତି । ଆଉ ଯେଉଁ ଦେଶର

ଜନତା ନିଜ ଅଧିକାର ତଥା କର୍ତ୍ତବ୍ୟ-ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ପ୍ରୋପାଗାଣ୍ଡାହିଁ ବିଶେଷ ଭାବରେ କାମକରେ । ଏପରି ଦେଶମାନଙ୍କରେ କେତେ ବିରାଡ଼ି ବୈଷ୍ଣବ ଶାସନ କ୍ଷମତା ପାଇବା ଲୋଭରେ ଜନତାର ପ୍ରତିନିଧି ହେବାକୁ ବାହାରି ପଡ଼ନ୍ତି, ଆଉ ନିଜେ ନିଜର ପେଁକାଳି ବଜାଇ, ସଭା ସମିତିରେ ଛାତି ପିଟି ବାହାସ୍ଫୋଟ ମାରି, ଧୂଆଁବାଣ ଛାଡ଼ି, ଭଡ଼ାଟିଆ ଲୋକଙ୍କ ସାହାଯ୍ୟରେ ଭ୍ରମ ବାଢ଼େଇ, ଧନ କାର୍ପଣ୍ୟ ଓ ସେବାର ସାମୟିକ ଆଶ୍ରୟ ନେଇ ପ୍ରତିଦ୍ୱନ୍ଦ୍ୱୀମାନଙ୍କ କୁତ୍ସା ରଟନା କରି, ସେମାନଙ୍କ ଲୋକଙ୍କୁ ଭୟ ଦେଖାଇ ପ୍ରଚାର ବଳରେ ଧଳାକୁ କଳା ଓ କଳାକୁ ଧଳା କରିବାକୁ ଚେଷ୍ଟା କରନ୍ତି ।

ଭଲ-ମନ୍ଦ ଚିହ୍ନିବାରେ ଯୋଗ୍ୟତା ଯେଉଁଠି ନାହିଁ ସେଠାରେ ମୁଖ୍ୟତଃ ପ୍ରୋପାଗାଣ୍ଡାରହିଁ ଜୟ ହୁଏ । ପ୍ରୋପାଗାଣ୍ଡା ଯେ କ'ଣ କରିପାରେ ସେ ସମ୍ବନ୍ଧରେ ଆମର ପୁରୁଣା ଓ ଜଣାଶୁଣା 'ତିନି ତୁଣ୍ଡରେ ଛେଳି କୁକୁର' ମଜାଗପ ମନେପଡ଼େ ।

କଳା ମଚ୍‌ମଚ୍ ଦେହ, କହରା ନିଶ, ମେହଗାନି କାଠରେ କୁନ୍ଦିଲାପରି ହାତ ଆଉ ଫୁଲ୍‌କା ରୁଟିପରି ଫୁଲି ଉଠିଥିବା ଚୌଡ଼ା ଛାତି- ଲାଠି ହାତରେ ଆକୃତିଟି ଯେତେବେଳେ ରାସ୍ତା ଉପରକୁ ଉଠି ଆସିଲା, ବ୍ରାହ୍ମଣ ଗୋସାଇଁଙ୍କ ଆଖି ତାଲୁକୁ ଖୋସି ହୋଇଗଲା, ଆଉ ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା । ଆଗନ୍ତୁକକୁ ଚିହ୍ନିପାରି ଥଥମତ ଗଳାରେ ପୁରୋହିତ ପଚାରିଲେ- 'ପାଣ୍ଡୁ କିରେ ?'

ପାଣ୍ଡୁ ଟିକିଏ ମୁରୁକି ହସ ହସି ଦେଇ ଓଳିକି କରୁକରୁ କହିଲା- 'ଗୋସାଇଁ ମହାପୁରୁ ! ଏଇ ଭୋର୍ ଭୋର୍ କୁକୁରଟିଏ କାନ୍ଧରେ ବୋହି କୁଆଡ଼ିକି ଚାଲିଛନ୍ତି ?' ଗୋସାଇଁ ମହାରାଜ ସପ୍ରତିଭ ହୋଇ ସାରିଥିଲେ । କହିଲେ, 'ହଇରେ ପାଣ୍ଡୁ, ସତରେ କ'ଣ ୬୦ ବର୍ଷ ନ ପୂରିଲେ ତମମାନଙ୍କର ବୁଦ୍ଧି ହୁଏନି ? ଛେଳି କିଏ, କୁକୁର କିଏ ଚିହ୍ନି ପାରୁନୁ? ଯଜମାନ ଛେଳିଟିଏ ଦାନ କଲେ- ସାଙ୍ଗରେ ଆଣିଲାବେଳକୁ ଛେଳିଟା ଭିଡ଼ି ଓଟାରି ହେଉଥିଲା- ବୋହି ନେଇ ଯାଉଛି ।'

ପାଣୁ ସୁନା ଖିଲି ପିଟା ଦାନ୍ତ ଦି'ଟାକୁ ଭଲକରି ନିକୁଟାଇ ବାଟକାଟି ଯାଉଯାଉ ଆଉ ଥରେ ବ୍ରାହ୍ମଣଙ୍କ କାନ୍ଧଉପରୁ ଆଖି ବୁଲାଇ ଆଣି ଟିପ୍‌ପଣୀ ଛାଡ଼ି ଦେଲା, ଯେତେ ମୂର୍ଖ ହେଲେ ବି କୁକୁରଟାକୁ ଆଉ ଚିହ୍ନି ହେବନି ? ବଡ଼ ଲୋକଙ୍କୁ ଜବାବ ନାହିଁ ପରା !'

ଅଗ୍ନାଅଗ୍ନି ବନସ୍ତ ନ ହେଲେ କ'ଣ ହେଲା, ବେଶ୍ ବୁଦିବୁଦିକିଆ ଜଙ୍ଗଲ । ଚାରି ଆଡ଼ିକି ପାହାଡ଼ର ଘେର । ଚଢ଼େଇର ଅଣ୍ଟ ଆଉ କୁର୍‌ହାଡ଼ିର ବେଣ୍ଟ ମଝି ମଝିରେ ଶୁଣା ଯାଉଛି, ଆଉ ପୁରୋହିତ ଆଗେଇ ଚାଲିଛନ୍ତି- ଭାବନାର ଅନ୍ତ ନାହିଁ । ପାଣୁକୁ ଦେଖି ସତରେ ସେ ଘାବରାଇ ଯାଇଥିଲେ । ଏଇ ଜଙ୍ଗଲ ବାଟଦେଇ ଗଲେ ଗାଁ ଟିକିଏ ପାଖ ପଡ଼େ । ଛେଳିର ବୋଝହିଁ ତାଙ୍କୁ ଖାଇଲା- ବୁଲାବାଟ ବରଂ ଭଲ ଥିଲା ।

ହଠାତ୍ ଚମକି ଉଠିଲେ । ଠିକ୍ ପାଣୁପରି ଆଉ ଜଣେ କିଏ । ମସ୍ତବଡ଼ ଠେଙ୍ଗାଟିଏ ଧରି କେଉଁ ବୁଦା ଉହାଡ଼ରୁ ରାସ୍ତା ଉପରକୁ ଉଠି ଆସିଲା । ପୁରୋହିତଙ୍କ ଛାତିରେ ପବନ ଅଟକି ଗଲା । ଥରିଲା ହାତରୁ ଛେଳିଟି ଖସି ପଡ଼ୁଁ ପଡ଼ୁଁ କେମିତି ରହିଗଲା ।

ଆଗନ୍ତୁକ ଫିକ୍ କରି ଦି' ଫାଳିଆ ହସଟିଏ ହସି ଦେଇ ପ୍ରଣାମ କରୁ କରୁ କହିଲା- 'ନନା- କୁକୁରଟାକୁ କ'ଣ କାନ୍ଧରେ ବୋହିଛନ୍ତି ? କଳିଯୁଗ ବୋଲି କ'ଣ ସବୁ ଆଚାର ବିଚାର ଗଲା ?'

ପୁରୋହିତ ଟିକିଏ ଅଡୁଆରେ ପଡ଼ିଲେ । କ'ଣ କହିବେ କିଛି ଠିକ୍‌କରି ପାରିଲେନି । ଛେଳିକୁ କାନ୍ଧରୁ ତଳକୁ ଓହ୍ଲାଇ ଖୁର ଟିକିଏ ପରଖି ନେଲେ । ନିଜ ଆଖି ଦି'ଟାକୁ ଭଲକରି ମକଚି ଛେଳିର ଲାଞ୍ଜଟିକୁ ହଲାଇ ଦେଖିଲେ । ବୋହି ଆଣିଲା ବେଳେ କେଉଁଠି ମେଁ ମେଁ କରିଥିଲା ନା ନାହିଁ ମନେ ପକାଇବାକୁ ଚେଷ୍ଟା କଲେ, ଆଉ କହିଲେ, 'କିରେ ରାଧୁ- ଛେଳିଟାକୁ ଚିହ୍ନି ପାରୁନୁ କିରେ ?'

ରାଧୁ ବାଟ କାଟି ଯାଉ ଯାଉ ପଦେ ଶୁଣାଇ ଦେଇ ଗଲା, 'ଛେଳି, ନା ବାଛୁରି, ହଁ- ସରଗକୁ ନିଶୁଣି ନାହିଁ ଆଉ...' କ'ଣ କହିଲା ଠିକ୍ ଶୁଣା ଗଲାନି।

ପୁରୋହିତ ମହାଶୟ ଏଥର ଗଭୀର ଚିନ୍ତାରେ ମଜ୍ଜି ଯାଇଥିଲେ। ଯଜମାନ ସତରେ ଗୋଟାଏ କୁକୁର ଦେଇନି ତ ! କଳିକାଳ- କିଏ ବା ଦୃଢ଼ କରି କହିବ ?

ବୁଦା ବଣ ଏ ଭିତରେ ସରିଯାଇଛି। ଆଗକୁ ଖୋଲା ରାସ୍ତା। ଗାଁ ବି ଦୂରରୁ ଦିଶିଲାଣି। ଇଏ ପୁଣି କିଏ ? ହଠାତ୍ ଜଣେ ବିରାଟକାୟ ପୁରୁଷ ଆଉ ଚାରିହାତିଆ ଠେଙ୍ଗାର ଆବିର୍ଭାବ ହେଲା। ପୁରୋହିତେ ଚିହ୍ନି ପାରିଲେ। ପାଖ ଗାଁ'ର ଅଗାଧୁ।

ଅଗାଧୁ ଭକ୍ତିପୂର୍ଣ୍ଣ ପ୍ରଣାମଟିଏ କଲା ଆଉ ଆଶୀର୍ବାଦ ଗ୍ରହଣ କରୁ କରୁ ସାପ ଉପରେ ଗୋଡ଼ ପଡ଼ିଲା ପରି ଚମକି ଉଠି କହିଲା, 'ଅବଧାନେ- ଏମିତି ଜାତିଆ କୁକୁରଟାଏ କୋଉଠୁ ପାଇଲେ ? କିଏ ବି ଛେଳି ବୋଲି ଭୁଲ କରି ବସିବ। ଭଲ ଭୁକୁଛି ନା ?'

ଯଥେଷ୍ଟ ହୋଇସାରିଥିଲା। ପୁରୋହିତ ସେଇଠି ଛେଳିଟିକୁ ରାସ୍ତା ଉପରେ ଠିଆ ଠିଆ କଚାଡ଼ି ଦେଲେ। ରାଗରେ, ଲାଜରେ ଆଉ ଭଲ ଚଷମା ହଳଟିଏ ନ କିଣି, ଏମିତି ହଟହଟା ହୋଇଥିବା ଯୋଗୁଁ ଦୁଃଖରେ ନିଜ କରମକୁ ନିନ୍ଦି, ଯଜମାନକୁ ଅଭିଶାପ ଦେଇ ଦେଇ ଗାଁ ଆଡ଼କୁ ଖଣ୍ଡ ଦଉଡ଼ ଦେବାକୁ ଆରମ୍ଭ କଲେ।

ଅଗାଧୁ ଛେଳିଟିକୁ ଆଦରରେ ଛାତି ପାଖରେ ଜାବୁଡ଼ି ଧରି ତା'ର ଅନ୍ୟ ଦି' ସାଙ୍ଗ ପାଣ୍ଡୁ ଆଉ ରାଧୁ ପାଖକୁ ଖୁସି ମନରେ ଚାଲିଗଲା।

ଆଜି ଆମ ଦେଶରେ ଅଗଣିତ ପାଣ୍ଡୁ, ରାଧୁ ଆଉ ଅଗାଧୁ ବାହାରି ପଡ଼ିଛନ୍ତି ଛେଳିକୁ କୁକୁର ଆଉ କୁକୁରକୁ ଛେଳି କରିବା ଉଦ୍ଦେଶ୍ୟରେ। ତିନି ତୁଣ୍ଡ ସାଙ୍ଗକୁ ସେମାନଙ୍କ ପାଖରେ ପ୍ରଚାର ପତ୍ର, କାନ୍ଥ ବାଡ଼ ଲେଖା, ସିନେମା ହଲର ପର୍ଦ୍ଦା, ରେଡ଼ିଓ, ଟେଲିଭିଜନଠାରୁ ଆରମ୍ଭ କରି ପାଲା ଦାଶକାଠିଆ, ସଭା ସମିତି, ଶୋଭାଯାତ୍ରା

ପର୍ଯ୍ୟନ୍ତ ଅନେକ ନୂତନ ଓ ଆଧୁନିକ ଢଙ୍ଗର ପ୍ରଚାର ଅସ୍ତ୍ର ଜମାହେଲାଣି । ସେମାନଙ୍କ ପାଖରେ ଧନର ମଧ୍ୟ ଅଭାବ ନାହିଁ ।

ଯେଉଁଠି ଶିକ୍ଷିତ ଭୋଟଦାତା ମଧ୍ୟ ଉଦାସୀନ, ସେଇଠି ଅନେକ କ୍ଷେତ୍ରରେ ଏମାନଙ୍କର ହିଁ ଜୟହେଉଛି ।

ଏପରି କେବଳ ପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ ଓ ନୀତିହୀନ କେତେକ ପ୍ରତିନିଧି ଯେତେବେଳେ ନିଜ ହାତରେ କ୍ଷମତା ପାଇ ଯାଉଛନ୍ତି, ସେମାନେ ଗରିବ ଦେଶର ବିବାଦୀ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିଲାବେଳେ ମାଙ୍କଡ଼ ଦୁଇ ବିରାଡ଼ିଙ୍କ ମଧ୍ୟରେ ପିଠାବାଣ୍ଟିଲା ନ୍ୟାୟରେ ତରାଜୁର ଦି'ପାଖ ଓଜନ ସମାନ କରୁ କରୁ ଗୋଟିଏ ପଟରୁ ପୁଳାଏ ଉଦରସ୍ଥ କିମ୍ବା ପକେଟସ୍ଥ କଲା ପରେ ଅନ୍ୟ ପାଖ ଯେତେବେଳେ ବେଶି ଓଜନିଆ ହୋଇ ଯାଉଛି, ସେପଟରୁ ପୁଳେ କାଢ଼ିଆଣି ପକେଟରେ ଭର୍ତ୍ତି କରି ଦେଉଛନ୍ତି । ତରାଜୁର ଦି'ପାଖ ଶେଷରେ ଖାଲି ହୋଇଯାଉଛି, ଆଉ ଜନତା ଜନାର୍ଦ୍ଦନ ଦୁଇ ବିରାଡ଼ିଙ୍କ ପରି ଖାଲି ଓଠ ଚାଟି ଏହି ପ୍ରତିନିଧିମାନଙ୍କୁ ମିଟି ମିଟି କରି ଅନାଇ ରହୁଛନ୍ତି । ଯେଉଁ ପ୍ରତିନିଧିମାନଙ୍କୁ ତରାଜୁ ଧରିବାର ସୁଯୋଗ ମିଳୁନି ସେମାନଙ୍କ ମଧ୍ୟରୁ କେତେ ମାଙ୍କଡ଼ଚିତି ମାରି ରାଜନୈତିକ ପଟ୍ଟ ପରିବର୍ତ୍ତନ କରୁଛନ୍ତି । ତା'ପରେ ଆରମ୍ଭ ହେଉଛି ବାଉଁଶରାଣୀ ଖେଳ । କେଉଁ ନେତା ଲାଠିଟିଏ ଧରି, ଆଉ କିଏ ବା ରଙ୍ଗ ବେରଙ୍ଗର ଛତାଟିଏ ଧରି ଦୁଇ ବାଉଁଶ ଖୁଣ୍ଟ ମଧ୍ୟରେ ବନ୍ଧାହୋଇଥିବା ତା'ର ଦଉଡ଼ିରେ କାରସାଦି ଦେଖାଉ ଦେଖାଉ ବେଳେ ବେଳେ ବିଚିତ୍ର ଗତିରେ ଗୋଟିଏ ଗୋଡ଼ରେ ଭଅଁର ଖେଳି ଦିଗ ପରିବର୍ତ୍ତନ କରି ନେଉଛନ୍ତି ।

ଯଥା ସମୟରେ ଖେଳ ଭାଙ୍ଗି ଯାଉଛି ।

ପୁଣି ନୂତନ ଅଭିନୟ ଆରମ୍ଭ ହେଉଛି ଠିକ୍ ସେଇ ଢଙ୍ଗରେ । ସେହି ଜନତା- ସେଇ ପ୍ରତିନିଧି, ସେଇ ଖେଳ । ବ୍ୟବଧାନ କେବଳ ସମୟ ।

ଗଣତନ୍ତ୍ର ଏଥିପାଇଁ ଦୋଷୀ ହେବ କାହିଁକି ? ଗଧିଆ ଯଦି ମେଣ୍ଢାର ପୋଷାକରେ ମେଣ୍ଢାଙ୍କ ଗହଣରେ ମେଣ୍ଢାଶାଳ ଭିତରେ ପଶି ଗୋଟିକ ପରେ ଗୋଟିଏ ମେଣ୍ଢା ଖାଇବାକୁ ଆରମ୍ଭ କରିଦିଏ ସେଥିପାଇଁ ଦୋଷୀ ହେବ କିପରି ?

ଗଣତନ୍ତ୍ର ଶାସନ ଯେ ଶ୍ରେଷ୍ଠ ଶାସନ ଏଥିରେ ସନ୍ଦେହ ନାହିଁ । କିନ୍ତୁ ବେଳେ ବେଳେ ମନଭିତରେ ସ୍ୱାଭାବିକ ଭାବରେ ପ୍ରଶ୍ନଉଠେ- ଆମେ କ'ଣ ଗଣତନ୍ତ୍ର ଶାସନ ପାଇଁ ନିଜେ ଉପଯୁକ୍ତ ?

କଥାରେ କହନ୍ତି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ସେଇୟାହିଁ ପାଏ । ତେଣୁ ଆଜି ଆମର ଏ ଅବସ୍ଥା ପାଇଁ ଆମେ ନିଜେହିଁ ଦାୟୀ ।

ଗଣଶିକ୍ଷା ଓ ଗଣ ଚେତନାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ।

❑❑❑

## (କ) ଲେଖକ ପରିଚୟ

### ଭୁବନେଶ୍ୱର ବେହେରା (୧୯୧୬-୨୦୦୧)

ଭୁବନେଶ୍ୱର ବେହେରା ଓଡ଼ିଆ ସାରସ୍ୱତ ଜଗତରେ ଜଣେ ପରିଚିତ ସ୍ରଷ୍ଟା । ବୃତ୍ତିରେ ଇଞ୍ଜିନିୟର ହେଲେ ମଧ୍ୟ ସାହିତ୍ୟ ରଚନା ଥିଲା ତାଙ୍କର ପ୍ରବୃତ୍ତି । ସେ ଏକାଧାରରେ ଜଣେ ପ୍ରାବନ୍ଧିକ, ଗାଳ୍ପିକ, ଲଳିତ ନିବନ୍ଧକାର ଓ ଭ୍ରମଣ କାହାଣୀର ଲେଖକ ଭାବରେ ସୁପ୍ରତିଷ୍ଠିତ । ଜଣେ ଚିନ୍ତାଶୀଳ ଲେଖକ ଭାବରେ ଓଡ଼ିଆ ଜାତୀୟ ଜୀବନର ବିଭିନ୍ନ ଦିଗକୁ ନେଇ ସେ ଲେଖନୀ ଚାଳନା କରିଛନ୍ତି । ଶିକ୍ଷା, ସଭ୍ୟତା, ସାମାଜିକ ରୀତିନୀତି, ପରମ୍ପରା, ଆଧୁନିକ ମଣିଷର ଜୀବନଚର୍ଯ୍ୟା ଓ ମଣିଷର ମନସ୍ତତ୍ତ୍ୱକୁ ନେଇ ତାଙ୍କ ପ୍ରବନ୍ଧଗୁଡ଼ିକ ରଚିତ ହୋଇଛି । ଇଞ୍ଜିନିୟର ବେହେରାଙ୍କ

ଦ୍ୱାରା ଲିଖିତ - 'ଶୁଣ ପରୀକ୍ଷ', 'କହି ନଜାଣେ', 'କଥା ଓ ଲଥା', 'ଫ଼ର ଫର ଉଡ଼େ', 'ଆନସାରୀ ଚାଚା', 'କହ ମନ୍ତ୍ରୀବର', ପୁସ୍ତକ ଓଡ଼ିଆ ସାହିତ୍ୟରେ ସ୍ମରଣୀୟ । 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି' ଭ୍ରମଣ କାହାଣୀ, 'ଗାଁର ଡାକ' ତାଙ୍କର ଆତ୍ମଜୀବନୀ । 'ଶୁଣ ପରୀକ୍ଷ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ 'ଗାଁର ଡାକ' ପାଇଁ 'ଶାରଳା ପୁରସ୍କାର' ପ୍ରାପ୍ତ ହୋଇଥିଲେ । ତାଙ୍କ ରଚନାଗୁଡ଼ିକ ଅନୁଭୂତିପୂର୍ଣ୍ଣ । ଭୁବନେଶ୍ୱରଙ୍କ ଗଳ୍ପରେ ସମକାଳୀନ ସାମାଜର ଚିତ୍ର ପ୍ରତିଫଳିତ, ସେହିପରି ପ୍ରବନ୍ଧରେ ବ୍ୟକ୍ତିର ଜୀବନବୋଧ ଉଦ୍‌ଭାସିତ । ତାଙ୍କ ପ୍ରବନ୍ଧଗୁଡ଼ିକ ସହଜ ସରଳ ଓ ତଥ୍ୟନିଷ୍ଠ । ଇଞ୍ଜିନିୟର ବେହେରାଙ୍କ ରଚନାଶୈଳୀର ସ୍ୱତନ୍ତ୍ରତା ପାଠକ ମାନଙ୍କୁ ଆକୃଷ୍ଟ କରେ ।

ଭୁବନେଶ୍ୱର ବେହେରା କଳାହାଣ୍ଡିର କାଶିବାହାଲଠାରେ ଜନ୍ମ ଗ୍ରହଣ କରିଥିଲେ ।

## 'ତିନି ତୁଣ୍ଡରେ' ସଂପର୍କରେ –

ଶାସନପଦ୍ଧତିଗୁଡ଼ିକ ମଧ୍ୟରୁ ଗଣତନ୍ତ୍ର ଶାସନ ହିଁ ସର୍ବୋତ୍କୃଷ୍ଟ । କାରଣ ଗଣଙ୍କ ଦ୍ୱାରା ଗଣଙ୍କ ପାଇଁ ଗଣଙ୍କର ଶାସନ 'ଗଣତନ୍ତ୍ର' । ଗଣପ୍ରତିନିଧି ଶାସନରେ ଗଣତାନ୍ତ୍ରିକ ଚେତନାର ପ୍ରତିଫଳନ ଦେଖାଯାଏ । ଗଣତନ୍ତ୍ରର ଅର୍ଥନୁହେଁ ଗଣ ବା ଜନତା ପ୍ରତ୍ୟକ୍ଷ ଭାବରେ ଶାସନକର୍ତ୍ତା ହେବେ ବା ସ୍ୱୟଂ ଶାସକ ବୋଲି ଗଣ୍ୟ ହେବେ । ଏହା ଅସମ୍ଭବ କଥା । ତେଣୁ ଗଣତନ୍ତ୍ର ବ୍ୟବସ୍ଥାରେ ଜନସାଧାରଣ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ ନ କରି ପରୋକ୍ଷଭାବରେ ଶାସନ ପ୍ରକ୍ରିୟାରେ ଭାଗ ନେଇଥାନ୍ତି । ଫଳରେ ଗଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ଶାସନ କ୍ଷମତା ଓ ଶାସନ ଭାର ଗ୍ରହଣ କରିଥାନ୍ତି । ଲୋକ-ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମୂଳକଥା । ତେଣୁ ବ୍ୟକ୍ତିର କ୍ରିୟାକଳାପ ଓ କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଇ ଉପଯୁକ୍ତ ପ୍ରତିନିଧି ନିର୍ବାଚନ କରିବା ଜନତାର ଦାୟିତ୍ୱ । ଯେଉଁ ରାଜ୍ୟର ଜନସାଧାରଣ ନିଜ ଅଧିକାର ଓ

କର୍ତ୍ତବ୍ୟଜ୍ଞାନ ସମ୍ବନ୍ଧରେ ଅଜ୍ଞ ସେଇ ଦେଶରେ ପ୍ରୋପାଗାଣ୍ଡା ବିଶେଷ ଭାବରେ କାର୍ଯ୍ୟକରେ । ଫଳତଃ ଅଯୋଗ୍ୟ ବ୍ୟକ୍ତିମାନେ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଥାନ୍ତି । ଭଲମନ୍ଦ ଚିହ୍ନିବାର ଶକ୍ତି ଯେଉଁଠାରେ ନାହିଁ ସେଠାରେ ପ୍ରୋପାଗାଣ୍ଡାର ହିଁ ଜୟ ହୁଏ । ପ୍ରୋପାଗାଣ୍ଡା ସତ୍ୟକୁ ମିଥ୍ୟାରେ ପରିଣତ କରେ, ତାହା ପଠିତ ଗଦ୍ୟାଂଶରେ ଲେଖକ ଉପସ୍ଥାପନ କରିଛନ୍ତି । ଗଦ୍ୟାଂଶଟି 'ଶୁଣ ପରୀକ୍ଷ' ପୁସ୍ତକରୁ ସଂଗୃହୀତ ।

●

## କଠିନ ଶବ୍ଦାର୍ଥ

ମାଲିକାନା- ମାଲିକର ପ୍ରାପ୍ୟ

ପୁଞ୍ଜିପତି- ଧନିକ

ପ୍ରୋପାଗାଣ୍ଡା- ଜନ ମତକୁ ପ୍ରଭାବିତ କରିବା ପାଇଁ ପ୍ରଚାର ବ୍ୟବସ୍ଥା

ସପ୍ରତିଭ- ନିଃସଙ୍କୋଚ

ଅଗ୍ନାଅଗ୍ନି- ଦୁର୍ଗମ, ନିବିଡ଼, ଅତିଘନ

ନିଶୁଣି- ସିଢ଼ି

ଯଜମାନ- ଯେଉଁ ବ୍ୟକ୍ତି ପୁରୋହିତଙ୍କୁ ଦକ୍ଷିଣା ଦେଇ ପୂଜା, ଯଜ୍ଞାଦି କରିଥାନ୍ତି ।

କାରସାଦି- କୂଟ କୌଶଳ, ଚାଲାକି

ଉଦାସୀନ- ବିଷୟ ଭୋଗରୁ ବିରତ, ବୈରାଗୀ

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

(୧) ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ କେଉଁ ଶାସନ ହିଁ ସର୍ବୋତ୍କୃଷ୍ଟ।

(ଏକଛତ୍ରବାଦ, ଗଣତନ୍ତ୍ର, ରାଜତନ୍ତ୍ର, ସାମ୍ୟବାଦ)

(୨) କେଉଁମାନଙ୍କ ଦ୍ୱାରା ପ୍ରଚଳିତ ଶାସନ ହିଁ ଗଣତନ୍ତ୍ରର ପ୍ରଧାନ ଓ ପ୍ରକୃତ ବିଶେଷତ୍ୱ ବୋଲି କୁହାଯାଇପାରେ ।

(ଗଣଙ୍କ, ଜଣଙ୍କ, ରାଜାଙ୍କ, ମନ୍ତ୍ରୀଙ୍କ)

(୩) ଗଣତନ୍ତ୍ର ଶାସନରେ ଲୋକେ କାହାକୁ ଶାସନ କରନ୍ତି।

(ପ୍ରଜାଙ୍କୁ, ରାଜାଙ୍କୁ, ନିଜେ ନିଜକୁ, ନିଜେ ଅନ୍ୟକୁ)

(୪) କେଉଁ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ।

(ଗଣତନ୍ତ୍ର, ଜନତନ୍ତ୍ର, ସମୂହତନ୍ତ୍ର, ବ୍ୟକ୍ତିତନ୍ତ୍ର)

(୫) କେଉଁ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନ ପାରେ।

(ସମଷ୍ଟିଗତ, ବ୍ୟକ୍ତିଗତ, ଗଣତନ୍ତ୍ର, ସ୍ୱାଧୀନ)

(୬) ଭାରତରେ ସାମାଜିକ ନ୍ୟାୟର ସ୍ୱରୂପ କିପରି ?

(ଲଙ୍କାରେ ହରି ଶବ୍ଦ ପରି, ଢୋଲ ଭିତରେ ମୂଷା ପରି, ବାପରାଣ ଢେଙ୍କିଗିଳି ପରି, ଉଷ୍ଣୁନାଧାନ ଗଜା ହେବା ପରି)

(୭) କୁସଂସ୍କାର ପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ କେଉଁ ଅଧିକାର ଚିଲିକା ମାଛପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ ।

(ବ୍ୟକ୍ତିଗତ ଅଧିକାର, ସଂପତ୍ତିଗତ ଅଧିକାର, ଭୋଟଦାନ ଅଧିକାର, ସାମାଜିକ ଅଧିକାର)

(୮) ଗଣତନ୍ତ୍ରରେ ଜନତାର ଶାସନ କିପରି ହେବା ସ୍ୱାଭାବିକ ।

(ପରୋକ୍ଷ, ପ୍ରତ୍ୟକ୍ଷ, ସ୍ୱପ୍ନିଳ, ଦୁଷ୍ପ୍ରାପ୍ୟ)

(୯) ଗଣତନ୍ତ୍ରର ମେରୁଦଣ୍ଡ କ'ଣ ?

(ଲୋକପ୍ରତିନିଧି ମନୋନୟନ, ଏକକ ମନୋନୟନ, ଏକଛତ୍ରବାଦ, ସାମ୍ରାଜ୍ୟବାଦ)

(୧୦) ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ ଭୋଟଦାତାମାନେ କ'ଣ ହେବାପାଇଁ ଉପଯୁକ୍ତ ।

(ଲୋକ ପ୍ରତିନିଧି, ପ୍ରଶାସକ, ଅଧକ୍ଷ, ମନ୍ତ୍ରୀ)

(୧୧) ଅଧିକାର ତଥା କର୍ତ୍ତବ୍ୟଜ୍ଞାନ ସମ୍ବନ୍ଧରେ ଅଜ୍ଞ ଦେଶର ଜନତା ଉପରେ ଗୁଣ ଅପେକ୍ଷା କ'ଣ ବିଶେଷ କାମ କରେ ?

(ପ୍ରୋପାଗାଣ୍ଡା, ଘୋଷଣା, ରାଜକୀୟଢଙ୍ଗ, ସାଧୁତା)

(୧୨) 'ବିରାଡ଼ି ବୈଷ୍ଣବ'ମାନେ ଶାସନ କ୍ଷମତା ପାଇବା ଲୋଭରେ କ'ଣ ହେବାକୁ ବାହାରି ପଡ଼ନ୍ତି ।

(ଭଡ଼ାଟିଆ ଲୋକ, ପ୍ରତିଦ୍ୱନ୍ଦୀ, ଜନତାର ପ୍ରତିନିଧି, ଶାସକ)

(୧୩) କାହାକୁ ଦେଖି ଗୋସେଇଁଙ୍କ ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା ।

(ରାଧୁ, ପାଣ୍ଡୁ, ଅଗାଧୁ, ସାଧୁ)

(୧୪) କେତେବର୍ଷ ନ ପୂରିଲେ ତମର ବୁଦ୍ଧିହୁଏ ନାହିଁ ବୋଲି ଗୋସେଇଁ ମହାରାଜ ପାଣ୍ଡୁକୁ କହିଛନ୍ତି।

(୮୦, ୫୦, ୬୦, ୭୦)

(୧୫) କାହାକୁ ଦେଖି ପୁରୋହିତଙ୍କ ଛାତିରେ ପବନ ଅଟକି ଗଲା ?

(ରାଧୁ, ଅଗାଧୁ, ଶ୍ୟାମ, ଦାମ)

(୧୬) ଚାରିହାତ ଠେଙ୍ଗାଧରି ଥିବା ବିରାଟକାୟ ପୁରୁଷଟି କିଏ ?

(ଅଗାଧୁ, ରାଧୁ, ମଧୁ, ଫଗୁ)

(୧୭) ଆଜିର ଶିକ୍ଷିତ ଭୋଟଦାତାମାନେ ଭୋଟ ଦେବାକୁ କ'ଣ ହୋଇଥା'ନ୍ତି ?

(ଉଦାସୀନ, ତତ୍ପର, ସଚେତନ, ଅଚେତନ)

(୧୮) ଆଜିର ଜନତାଜନାର୍ଦ୍ଦନ କାହାପରି ଓଠ ଚାଟି ତରାଜୁ ଧରିଥିବା ପ୍ରତିନିଧିମାନଙ୍କୁ ଅନାଇ ରହିଛନ୍ତି ?

(ଦୁଇ ବିରାଡ଼ି, ଦୁଇ ମାଙ୍କଡ଼, ଦୁଇ ଭାଲୁ, ଦୁଇ ଶୃଗାଳ)

(୧୯) ଗଣତନ୍ତ୍ର ଶାସନ ହିଁ ________ ଶାସନ ଏଥିରେ ସନ୍ଦେହ ନାହିଁ।

(ଶ୍ରେଷ୍ଠ, କନିଷ୍ଠ, ଅଦରକାରୀ, ଦରକାରୀ)

(୨୦) ଗଣତନ୍ତ୍ର ଶାସନରେ ଆମର ଆଜି ଏ ଅବସ୍ଥା ପାଇଁ କିଏ ଦାୟୀ।

(ଦେଶ, ଜନତା, ଆମେ, ଆପଣମାନେ)

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଗୋଟିଏ ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ଗଣତନ୍ତ୍ର ସଂପର୍କରେ ଅନେକ କ'ଣ କହନ୍ତି ?

(୨) 'ଗଣତନ୍ତ୍ର' କାହାକୁ କୁହାଯାଏ ?

(୩) ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ କ'ଣ ?

(୪) କେଉଁ ଶାସନରେ ଲୋକେ ନିଜେ ନିଜକୁ ଶାସନ କରନ୍ତି ?

(୫) ଗଣତନ୍ତ୍ର ଶାସନରେ କିଏ ଏକ ଓ ଅଭିନ୍ନ ?

(୬) ଭାରତରେ ସାମାଜିକ ନ୍ୟାୟ ପରିକଳ୍ପନା କିପରି ମନେହୁଏ ?

(୭) ଗଣତନ୍ତ୍ରରେ କେଉଁମାନେ ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି ?

(୮) ଲୋକ ପ୍ରତିନିଧି ମନୋନୟନକୁ ଗଣତନ୍ତ୍ରର କ'ଣ ବୋଲି କୁହାଯାଏ ?

(୯) ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ ଦେଶର ଲୋକମାନେ କେଉଁ ଜ୍ଞାନରେ ସୁଶିକ୍ଷିତ ?

(୧୦) ଯେଉଁ ଦେଶର ଜନତା ନିଜ ଅଧିକାର ଓ କର୍ତ୍ତବ୍ୟ- ଜ୍ଞାନ ସମ୍ବନ୍ଧରେ ଅଜ୍ଞ ସେଠାରେ କ'ଣ ବିଶେଷ ଭାବରେ କାମ କରେ ?

(୧୧) ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠାରେ ନାହିଁ ସେଠାରେ ମୁଖ୍ୟତଃ କାହାର ଜୟ ହୁଏ ?

(୧୨) ଆଗନ୍ତୁକକୁ ଚିହ୍ନିପାରି ଥଥମତ ଗଳାରେ ପୁରୋହିତ କ'ଣ ପଚାରିଥିଲେ ?

(୧୩) ଗୋସେଇଁଙ୍କୁ କିଏ ଛେଳିଟିଏ ଦାନ ଦେଇଥିଲେ ?

(୧୪) କାହାକୁ ଦେଖି ଗୋସେଇଁ ଘାବରାଇ ଯାଇଥିଲେ ?

(୧୫) ଗୋସେଇଁଙ୍କ ଆଗରେ ହଠାତ ଆବିର୍ଭାବ ହୋଇଥିବା ବିରାଟକାୟ ପୁରୁଷଟି କିଏ ଥିଲା ?

(୧୬) ଆଜି ଆମ ଦେଶରେ ଅଗଣିତ ପାଣ୍ଡୁ, ରାଧୁ ଓ ଅଗାଧୁ କେଉଁ ଉଦ୍ଦେଶ୍ୟରେ ବାହାରିଛନ୍ତି ?

(୧୭) ଅନେକ କ୍ଷେତ୍ରରେ ପାଣ୍ଡୁ, ରାଧୁ ଓ ଅଗାଧୁମାନଙ୍କର ଜୟ ହେବାର କାରଣ କ'ଣ ?

(୧୮) ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ କିପରି କ୍ଷମତା ପାଉଛନ୍ତି ?

(୧୯) ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ ବିବାଦୀ ଜନତାଙ୍କ ମଧ୍ୟରେ କେଉଁ ନ୍ୟାୟରେ ସୁବିଧା ବାଣ୍ଟୁଛନ୍ତି ?

(୨୦) ଜନତା ଜନାର୍ଦ୍ଦନ କାହା ପରି ଓଠ ଚାପି ପ୍ରତିନିଧିମାନଙ୍କୁ ଅନାଇ ରହୁଛନ୍ତି ?

(୨୧) ନେତାମାନଙ୍କର ରାଜନୈତିକ ପଟ୍ଟପରିବର୍ତ୍ତନ ପରେ କେଉଁ ଖେଳ ଆରମ୍ଭ ହୁଏ ?

(୨୨) ମେଣ୍ଢା ଶାଳ ଭିତରେ ଗଧିଆ କେଉଁ ପୋଷାକରେ ରହେ ?

(୨୩) କେଉଁ ଶାସନ ଶ୍ରେଷ୍ଠ ଶାସନ ବୋଲି ଲେଖକ କହିଛନ୍ତି ?

(୨୪) ଗଣତନ୍ତ୍ରରେ ଆମର ଆଜିର ଅବସ୍ଥା ପାଇଁ କାହାକୁ ଦାୟୀ କରାଯାଇଛି ।

(୨୫) ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ କାହାର ସଫଳତା ଆଶା କରିବା ବିଡ଼ମ୍ବନା ?

(ଗ) **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ।**

(୧) ଶାସନ କହିଲେ କ'ଣ ବୁଝାଏ ?

(୨) ଗଣତନ୍ତ୍ର ଶାସନ କହିଲେ କ'ଣ ବୁଝାଏ ?

(୩) ଗଣତନ୍ତ୍ର ଶାସନ ସଂପର୍କରେ କେଉଁ କଥା କହିବାରେ ବିଶେଷ ତାତ୍ପର୍ଯ୍ୟ ନାହିଁ ?

(୪) ଗଣତନ୍ତ୍ର ଶାସନରେ କେଉଁ କଥା କଳ୍ପନା କରାଯାଇ ନ ପାରେ ?

(୫) ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ବୋଲି ଯୁକ୍ତି କରାଯାଏ ?

(୬) ଅର୍ଥନୈତିକ ସମତାର ଆଶାକୁ ଲେଖକ କଳ୍ପନାର ବିଳାସ ବୋଲି କହିବାର କାରଣ କ'ଣ ?

(୭) ଗଣତନ୍ତ୍ରରେ କେଉଁ ପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ ?

(୮) ଯେଉଁ ଦେଶର ଭୋଟଦାତାମାନେ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ ଓ ପ୍ରତିନିଧି ବାଛିବା ସମ୍ବନ୍ଧରେ ସଚେତନ ସେମାନେ କ'ଣ ହେବାପାଇଁ ଉପଯୁକ୍ତ ?

(୯) କେଉଁ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗାଣ୍ଡା ହିଁ ବିଶେଷ କାମ କରେ ।

(୧୦) ପାଣ୍ଡୁ ମୁରୁକି ହସିଦେଇ ଗୋସେଇଁଙ୍କୁ କ'ଣ କହିଲା ?

(୧୧) ଗୋସେଇଁ କାହିଁକି ଛେଳିକୁ ବୋହି ନେଇ ଯାଉଥିଲେ ?

(୧୨) ପାଣ୍ଡୁ ବାଟକାଟି ଯାଉ ଯାଉ କ'ଣ ଟିପ୍ପଣୀ କରିଥିଲା ?

(୧୩) ରାଧୁ ଗୋସେଇଁଙ୍କୁ ପ୍ରଣାମ କରି କ'ଣ କହିଲା ?

(୧୪) ରାଧୁ ବାଟକାଟି ଯାଉ ଯାଉ କ'ଣ ପଦେ ଶୁଣେଇ ଦେଇଗଲା ?

(୧୫) ଅଗାଧୁ ଭକ୍ତିପୂତ ପ୍ରଣାମ ଜଣାଇ କ'ଣ କହିଲା ?

(୧୬) ଯେଉଁଠି ଶିକ୍ଷିତ ଭୋଟଦାତାମାନେ ଉଦାସୀନ ସେଠାରେ କ'ଣ ହେବ ?

(୧୭) ଆଜିର ଜନତାଜନାର୍ଦ୍ଦନ ଦୁଇ ବିରାଡ଼ିଙ୍କ ପରି ପ୍ରତିନିଧିମାନଙ୍କୁ କିପରି ଅନାଇ ରହୁଛନ୍ତି ?

(୧୮) ଯେଉଁ ପ୍ରତିନିଧିମାନଙ୍କୁ ତରାଜୁ ଧରିବାକୁ ସୁଯୋଗ ମିଳୁନି ସେମାନେ କ'ଣ କରନ୍ତି ?

(୧୯) କେଉଁ କଥାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ବୋଲି ଲେଖକ କହିଛନ୍ତି ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର।**

(୧) କେଉଁମାନଙ୍କ ପ୍ରବର୍ତ୍ତିତ ଶାସନ ଗଣସମୂହଙ୍କ ହିତ ପାଇଁ ବୋଲି ଡିଣ୍ଡିମ ପିଟି ଘୋଷଣା କରେ ?

(୨) ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ବୋଲି ଯୁକ୍ତି କରାଯାଏ ?

(୩) ଗଣତନ୍ତ୍ରକୁ ଯାହାବୋଲି ଘୋଷଣା କରାଯାଏ ସତରେ କାହିଁକି ସେ ତାହା ନୁହେଁ ବୋଲି ମନରେ ପ୍ରଶ୍ନ ଉଠେ ?

(୪) 'ଗଣଙ୍କ ଦ୍ୱାରା' ଶାସନର ଅର୍ଥ କ'ଣ ବୋଲି ଲେଖକ କହିଛନ୍ତି ?

(୫) କେଉଁ ଦେଶର ଭୋଟଦାତାମାନେ ଲୋକ-ପ୍ରତିନିଧି ହେବାପାଇଁ ଉପଯୁକ୍ତ ?

(୬) କେଉଁ ଉପଯୁକ୍ତ ବ୍ୟକ୍ତିକୁ ପ୍ରତିନିଧି ରୂପେ ବାଛିବା ଉଚିତ୍ ?

(୭) କାହାକୁ ବିରାଡ଼ି ବୈଷ୍ଣବ ବୋଲି କୁହାଯାଇଛି ?

(୮) ପାଣ୍ଡୁର ରୂପ କିପରି ଥିଲା ?

(୯) ଗୋସେଇଁ ମହାରାଜ ସପ୍ରତିଭ ହୋଇସାରିବା ପରେ ପାଣ୍ଡୁକୁ କ'ଣ କହିଥିଲେ ?

(୧୦) ରାଧୁର କଥା ଶୁଣି ପୁରୋହିତ କ'ଣ କଲେ ?

(୧୧) ଅଗାଧୁ କଥାଶୁଣି ପୁରୋହିତ କ'ଣ କଲେ ?

(୧୨) ମାଙ୍କଡ଼ଚିତ୍ ମାରୁଥିବା ନେତାମାନେ କ'ଣ କରନ୍ତି ?

(୧୩) ଲେଖକ ଗଣତନ୍ତ୍ରଙ୍କୁ କାହିଁକି ଦୋଷୀ କରି ନାହାଁନ୍ତି ?

**(ଡ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୦୫ ନମ୍ବର ।**

(୧) 'ତିନି ତୁଣ୍ଡରେ' ନାମକରଣର ସାର୍ଥକତା ପ୍ରତିପାଦନ କର ।

(୨) 'ଗଣତନ୍ତ୍ର' ଶାସନ ପଦ୍ଧତି ସଂପର୍କରେ ଲେଖକଙ୍କ ଅଭିମତ ବୁଝାଅ ।

(୩) ସ୍ୱାଧୀନତା ପରବର୍ତ୍ତୀ କାଳର ଗଣତନ୍ତ୍ର କିପରି ପ୍ରୋପାଗଣ୍ଡା ଧର୍ମୀ ହୋଇଛି- ପଠିତ ପ୍ରସଙ୍ଗ ଭିତ୍ତିରେ ଆଲୋଚନା କର ।

(୪) "ଗଣଶିକ୍ଷା ଓ ଗଣ ଚେତନାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର" ଲେଖକଙ୍କ ଏହି ଉକ୍ତିର ସତ୍ୟତା ପ୍ରତିପାଦନ କର ।

❑❑❑

# ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା

## ଗୋଲୋକବିହାରୀ ଧଳ

•

ଥରେ ଜିଲାପରିଷଦ ପରିଚାଳିତ ଗୋଟିଏ ଆଞ୍ଚଳିକ ସଭା ଦେଖିବାର ସୁଯୋଗ ମିଳିଥିଲା । ସେଠି ଦେଖିଲି ସେହି ସଭାରେ ବିଚାର ହେବା ପାଇଁ ଯେତେ ବିଷୟ ରଖା ଯାଇଥିଲା, ସେଥିରେ କୃଷି ଥିଲା ସବା ଉପରେ ଓ ଶିକ୍ଷା ଥିଲା ସବା ତଳେ । କୃଷି ଉପରେ ରହିବା କଥାଟା ବୁଝାଗଲା; କିନ୍ତୁ ଶିକ୍ଷାଟା ସବାତଳକୁ ଯିବାର କିଛି ବୁଝାଗଲା ନାହିଁ । କିନ୍ତୁ ସେଦିନ ବିଚାର ଆଲୋଚନାରୁ ଯାହା ବୁଝାଗଲା, ସରକାର ବହୁତ ଯୋଜନା କରିଛନ୍ତି, କିନ୍ତୁ ଲୋକେ ତାକୁ ବୁଝୁନାହାନ୍ତି କିମ୍ବା ବୁଝିବାକୁ ସେମାନଙ୍କର ଇଚ୍ଛା ବି ନାହିଁ । ତା'ର କାରଣ ହେଉଛି ସାଧାରଣ ଲୋକଙ୍କର ବିଶେଷ ଶିକ୍ଷା ନାହିଁ । ମାଟିକୁ ପାଗ କରି ସେଥିରେ ମଞ୍ଜି ପୋତିଲେ ଚଞ୍ଚଳ ଗଛ ଧରେ; କିନ୍ତୁ ପଡ଼ିଆ ଭୂଇଁରେ ଫସଲ ବୁଣିଲେ ଗୋରୁ ଚରିଯାନ୍ତି । ତେଣୁ ମଣିଷ ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'ପରେ ତାକୁ ଯୋଜନା କଥା କହିଲେ ସେ ବୁଝିପାରିବ । କିନ୍ତୁ ଆଜିକାଲିର ଏ ଯୋଜନାଯୁଗରେ ସମସ୍ତେ ପାଠ ପଢ଼ିସାରିବା ପର୍ଯ୍ୟନ୍ତ ଯଦି ଆମେ ଯୋଜନାକୁ ପକାଇ ରଖୁ ତା' ହେଲେ ବହୁତ ପଛରେ ପଡ଼ିଯିବାକୁ ହେବ । ତେଣୁ ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା' ଠାରୁ ଅନେକ ଗୁଣ ଅଧିକ ଆଗ୍ରହରେ କଲେ ଶିକ୍ଷା ଓ ଯୋଜନା ଭିତରେ ସମନ୍ୱୟ ରହିପାରିବ । ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କହିଛନ୍ତି, ଲୋକମାନେ ଅଶିକ୍ଷିତ ନିରକ୍ଷର ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ଅନେକ ପଛରେ ପଡ଼ିଯାଇଛି । ଏସିଆରେ ଅଧିକାଂଶ ଦେଶରେ ଏହା ହେଉଛି ସବୁଠୁ ବଡ଼ ସମସ୍ୟା ।

ତେଣୁ କହିବା ବାହୁଲ୍ୟ ଯେ ଆମେ ସ୍ୱାଧୀନ ହେବା ପରେ ପରେ ଆମ ଦେଶରେ ସର୍ବତ୍ର ଶିକ୍ଷାପ୍ରସାର ପାଇଁ ଚେଷ୍ଟା ଚାଲିଛି । କିନ୍ତୁ ମନେହେଉଛି ପ୍ରଚାର ନାଁରେ ଅର୍ଥାତ୍ ଉନ୍ନୟନର ଲମ୍ବା ଲମ୍ବା ରିପୋର୍ଟ ଦେବା ନାଁରେ ଆମ୍ଭେମାନେ ଏତେ ମୁଗ୍ଧ ଯେ କୌଣସି ବସ୍ତୁର ମୌଳିକ ମୂଲ୍ୟ ବିଷୟରେ ବିଶେଷ ଚିନ୍ତା କରିବାକୁ ଆମକୁ ବେଳ ନାହିଁ । କେବଳ ଶିକ୍ଷା ନୁହେଁ, ସବୁ କ୍ଷେତ୍ରରେ ଅଳ୍ପବହୁତ ସେୟା ହୋଇଛି । ତହିଁକି ଆମର ଶାସନପଦ୍ଧତି ଏମିତି ଯେ ସେଥିରେ ବିଶେଷଜ୍ଞମାନଙ୍କର ବିଶେଷ ମୂଲ୍ୟ ନ ଥାଏ, କେବଳ ଲୋକ ଦେଖାଣିଆକୁ ସେମାନଙ୍କୁ କେତେବେଳେ କେମିତି ଖୋଜା ଯାଇଥାଏ । ତା'ଛଡ଼ା ସବୁ ହୋଇସାରିଲା ପରେ ଯୋଜନା ଯେତେବେଳେ ଅର୍ଥବିଭାଗଙ୍କ ବିଚାରକୁ ଆସିଯାଏ, ସେତେବେଳେ ପ୍ରଥମ ଆଘାତ ଶିକ୍ଷା ଉପରେ ପଡ଼େ ।

ଏହି ସମ୍ପର୍କରେ ନିକଟରେ ଅଳ୍ପ କେତେଦିନ ତଳେ 'ଇଲଷ୍ଟ୍ରେଟେଡ୍ ଉଇକ୍ଲି'ରେ ଗୋଟିଏ ଲେଖା ବାହାରିଥିଲା- ଭାରତୀୟ ଲୋକେ କାହିଁକି ପାଠ ପଢ଼ି ସାରିଲା ପରେ ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି । ସେଥିରେ ସେ ଆମେରିକାର ସୁଖସମ୍ଭୋଗ ଓ ଟଙ୍କାପଇସା କଥା ଛାଡ଼ିଦେଲେ ଅସଲ କଥା ଲେଖିଛନ୍ତି, ଭାରତରେ ବିଶେଷଜ୍ଞମାନଙ୍କର ବିଶେଷ ମୂଲ୍ୟ ନାହିଁ । ସେଠି ସବୁକଥା ଶାସକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ । ଭାରତବର୍ଷରେ ଯେଉଁ ବିଭାଗରେ ଯେତେ ବିଶେଷଜ୍ଞ ଅଛନ୍ତି, ସେମାନେ ସମସ୍ତେ ଅଳ୍ପ ବହୁତେ ନିଶ୍ଚୟ ଏକଥା ଅନୁଭବ କରିଥିବେ । ଏହି ବିଷୟରେ ଗଲା ମେ ମାସରେ ବମ୍ବେରୁ ବାହାରୁଥିବା 'ସଣ୍ଡେ ଷ୍ଟାଣ୍ଡାର୍ଡ୍' କାଗଜ "ଶାସକ ଓ ବିଶେଷଜ୍ଞ" ଶୀର୍ଷକ ଗୋଟିଏ ଅଗ୍ରଲେଖାରେ ଅତି ଗର୍ହିତ ଅଥଚ ପ୍ରଣିଧାନଯୋଗ୍ୟ ମତାମତମାନ ପ୍ରକାଶ କରିଛନ୍ତି । ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ବୋଲି ଭାରତୀୟ ଛାତ୍ରମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି । ଭାରତ ସରକାର ଜଣେ ଛାତ୍ରଙ୍କୁ ଲେଖିଥିଲେ ଯେ ଭାରତ ସରକାର ତ ଆମେରିକା ସରକାର ପରି ଧନୀ ନୁହନ୍ତି; ତେଣୁ ସେ ଅନ୍ତତଃ ନିଜ ଦେଶର ସେବା କରିବା ପାଇଁ

ନିଜ ଦେଶକୁ ଫେରି ଆସନ୍ତୁ। ସେଥିରେ ସେ ଛାତ୍ର ଜବାବ ଦେଇ ଲେଖିଥିଲେ, ତାଙ୍କୁ ଯଦି ଭାରତର ଜଣେ ଗଭର୍ଣ୍ଣରଙ୍କ ସହିତ ସମାନ ଦରମା ଦିଆଯାଏ, ତା'ହେଲେ ସେ ଫେରିବା କଥା ବିଚାର କରିବେ। ବିଦେଶରେ ଲୋକେ ରହି ଏମିତି କଥା ଶୁଣାଇ ପାରୁଛନ୍ତି, ଅଥଚ ସେହି ଷ୍ଟାଣ୍ଡାର୍ଡ଼ର ଲୋକ ଏ ଦେଶରେ ପନ୍ଦର ବର୍ଷ କାମ କଲେ ମଧ୍ୟ ପ୍ରଥମ ପାହାଚରୁ ଦ୍ୱିତୀୟ ପାହାଚକୁ ଉଠି ପାରୁନାହାନ୍ତି। ଏଇଥିପାଇଁ ଏ ଦେଶରେ ବିଶେଷଜ୍ଞମାନଙ୍କର କୌଣସି କଥା କରିବାପାଇଁ ବ୍ୟକ୍ତିଗତ ଉତ୍ସାହ କିମ୍ବା ସ୍ପୃହା ନାହିଁ; ଦ୍ୱିତୀୟରେ ଯେଉଁଥିରେ ଯାହାର ଅବା ସ୍ପୃହା ଅଛି ସେ ବିଷୟରେ ତାଙ୍କୁ ଯଥାଶୀଘ୍ର ନିଃସ୍ପୃହ କରିବାପାଇଁ କମ୍ ଲୋକ ନାହାନ୍ତି। ଏହି ସମ୍ପର୍କରେ ଦେଶର ପରିଚାଳନା ପଦ୍ଧତିରେ ଏକ ନୂତନ ଦୃଷ୍ଟିକୋଣ ସୃଷ୍ଟି ନ ହେଲା ପର୍ଯ୍ୟନ୍ତ ଅବସ୍ଥାରେ କୌଣସି ପରିବର୍ତ୍ତନ ସମ୍ଭବ ନୁହେଁ।

ବଡ଼ ବଡ଼ ଯୋଜନା ଓ ବଡ଼ ବଡ଼ ବିଶେଷଜ୍ଞଙ୍କ କଥା ଛାଡ଼ିଦେଲେ ଶିକ୍ଷାର ସାଧାରଣ ସ୍ତରରେ ଯାହା ହେଲାଣି ଓ ଯେଉଁ ପ୍ରକାର ଅଧୋଗତି ଦିନକୁ ଦିନ ଚାଲିଛି, ତାକୁ ନ ରୋକିଲେ ଆମର ଅବସ୍ଥା ନିଶ୍ଚୟ ଶୋଚନୀୟ ହେବ। ଶିକ୍ଷା ପ୍ରସାର ବାହାରକୁ ଯେତେ ଦେଖା ଯାଉଥିଲେ ମଧ୍ୟ ଯେଉଁମାନେ ଶିକ୍ଷାକଥା ଜାଣୁଛନ୍ତି, ସେମାନେ ନିଶ୍ଚୟ ଅନୁଭବ କରୁଥିବେ ଶିକ୍ଷା ରାଜ୍ୟରେ ଏକ ନିରୁପାୟ ଅବସ୍ଥା ଆସି ପହଞ୍ଚିଲାଣି। ସେଇଥିପାଇଁ ବୋଧହୁଏ ଭାରତ ସରକାର ଏକ ଶିକ୍ଷା କମିଶନ ବର୍ତ୍ତମାନ ବସାଇ ଭାରତୀୟ ପରିସ୍ଥିତିର ନିରୀକ୍ଷଣ କରୁଛନ୍ତି।

ସମସ୍ୟା ତ ଅନେକ; କିନ୍ତୁ ଗୋଟିଏ ଦୁଇଟି କଥା ବିଚାର କଲେ ଆମ ସମସ୍ୟାର ବିଶାଳତାର ଆଭାସ ମିଳିବ। ଆମ ଦେଶରେ ମୂଳରୁ ଚୂଳ ପର୍ଯ୍ୟନ୍ତ ଯେଉଁ ପରୀକ୍ଷା-ପଦ୍ଧତି ଅଛି, ସେହି ପଦ୍ଧତିରେ ଛାତ୍ରମାନଙ୍କର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା ଭାରି କଷ୍ଟ। ଶିକ୍ଷା କମିଶନ ଅନ୍ୟାନ୍ୟ ବିଷୟ ମଧ୍ୟରେ ଏହି ପରୀକ୍ଷାପଦ୍ଧତି ପ୍ରତି ବେଶି ଦୃଷ୍ଟି ଦେବେ ବୋଲି ଆଶା କରାଯାଏ। ଏବେ ନିକଟରେ 'କଳିଙ୍ଗ' 'ସତ୍ୟ ହୋଇଥିଲେ ସାଙ୍ଘାତିକ' ନାମରେ ଗୋଟିଏ ଉପାଗ୍ର ଲେଖାରେ

ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ ଯେଉଁ ସୂଚନା ଦେଇଥିଲେ, ତାକୁ ବର୍ତ୍ତମାନ ସମାଧାନ କରିବାର କୌଣସି ଉପାୟ ଥିଲା ପରି ମନେ ହେଉନି। ଆଜିକାଲି ଛାତ୍ରମାନେ ପାଠପଢ଼ା କଥା ଯେତିକି ଜାଣୁଛନ୍ତି, ତା'ଠୁ ବେଶି ଜାଣୁଛନ୍ତି ପରୀକ୍ଷା ବିଷୟରେ। ଆମ ପ୍ରଗତିଶୀଳ ଦେଶରେ ନୋଟ ବହି ଜବତ କରିବା ତ ଦୂରର କଥା, ଏବେ ପ୍ରାଥମିକ ପରୀକ୍ଷା ପାଇଁ ମଧ୍ୟ ପ୍ରଶ୍ନୋତ୍ତର ବହି ସବୁଠୁ ବେଶୀ କଟୁଛି। ନୋଟବହି ପଢ଼ି ଭୋଟ ଦେଇ ପୃଥିବୀରେ କେଉଁଠି କେବେ ଗଣତନ୍ତ ତିଷ୍ଠିଲାଣି ? ରାତି ପାହିଲେ ଯେଉଁ ବିଲାତ, ଆମେରିକା ଓ ରୁଷ କଥା ଆମେ କହୁଛୁ ଓ ସେମାନଙ୍କ ସଙ୍ଗେ ସମକକ୍ଷ ହେବାପାଇଁ ଚେଷ୍ଟା କରୁଛୁ, ଏମିତି ନୋଟବହି ପଢ଼ି କ'ଣ ଆମେ ସମାନ ହୋଇ ପାରିବୁ ? ନୋଟ ବହି ପଢ଼ିବା ଲୋକ କ'ଣ ମୌଳିକ ପୁସ୍ତକ ଲେଖିପାରିବ ? ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇ ପାରିବ ନାହିଁ, ସେ ଦେଶରେ କ'ଣ ମୌଳିକ ଚିନ୍ତାର ସ୍ଫୁରଣ ହୋଇପାରିବ ?

ପିଲା ଯଦି ପ୍ରାଥମିକ ସ୍କୁଲରୁ ନୋଟବହି ପଢ଼େ, ପରୀକ୍ଷାରେ ପାସ୍ କରିବାର ଆଧୁନିକ କୌଶଳମାନ ଶିଖେ, ବହିର ଜ୍ଞାନ ଅନୁସନ୍ଧାନ ନ କରି ପ୍ରଶ୍ନପତ୍ର କେଉଁଠି ରହିଛି ସେହି ଅନୁସନ୍ଧାନରେ ଅନେକ ସମୟ କଟାଏ, ତେବେ ଜ୍ଞାନାର୍ଜନ କରିବା ତା' ପକ୍ଷରେ ସମ୍ଭବ ହେବ କେଉଁଠୁ ? ଏବେ ଆନ୍ଧ୍ର ପ୍ରଦେଶରେ ଜଣେ ଛାତ୍ର ପ୍ରଶ୍ନପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇଥିବା କଥା ସେଠିକା ବିଧାନସଭାରେ ବିଚାର ହୋଇଯାଇଛି। ଜଣେ ସ୍କୁଲ ଶିକ୍ଷକ ଖୋଲା ଖୋଲି ଗୋଟିଏ ପ୍ରବନ୍ଧରେ ଲେଖିଛନ୍ତି, ଯଦି ଆଜିକାଲି କୌଣସି ଅନୁଷ୍ଠାନରୁ ବହୁତ ଛାତ୍ର ଖୁବ୍ ଭଲ ଫଳ ଦେଖାଇଥାନ୍ତି ତେବେ ସେ ପ୍ରକାର ଫଳକୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ହେବ। ପିଲା ଖୁବ୍ ଭଲ କରିଛି ଶୁଣିଲା ମାତ୍ରେ ଆମେ ଯଦି ତାକୁ ସନ୍ଦେହ କରିବାକୁ ଆରମ୍ଭ କରୁ ଓ ପାଠପଢ଼ାର ପରିଣତି ଯଦି ଏୟା ହୁଏ, ତେବେ ସେ ପ୍ରକାର ପାଠର ମୂଲ୍ୟ କ'ଣ ? ଜୀବନଟା କେବଳ ସିନା ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ। ବର୍ତ୍ତମାନ ପରୀକ୍ଷାର ଅବସ୍ଥା ଏହିଭଳି ଥିବାବେଳେ ଦିନକୁ ଦିନ ଏହି

ପରୀକ୍ଷା ବଢୁଛି । ମାଇନର ପରୀକ୍ଷା ନ ଥିଲା ସେ ଚାଲିଲା, ଅପର୍ ପ୍ରାଇମେରୀ ନ ଥିଲା ସେ ବି ଏବେ ଚାଲୁ ହେଲା । ଏହି ସବୁ ପରୀକ୍ଷା ଚାଲୁହେବା ପରେ ପରୀକ୍ଷା ବିଷୟରେ ଆଗେ ଯାହାସବୁ ଶୁଣା ନ ଥିଲା, ତା' ଏବେ ଶୁଣାଗଲା । ତେଣୁ ଲୋକସାଧାରଣ ଆଶ୍ଚର୍ଯ୍ୟ ହେଉଛନ୍ତି ଏ ପରୀକ୍ଷାରେ ପିଲାଙ୍କ ପାଇଁ ପ୍ରଶ୍ନୋତ୍ତର ବହି ବିକ୍ରି ହେବା ଛଡ଼ା ଆଉ ବିଶେଷ କ'ଣ ଲାଭ ହୋଇଛି ?

କେବଳ ତଳ ସ୍ତରରେ ନୁହେଁ ଉପର ସ୍ତରରେ ମଧ୍ୟ ପରିସ୍ଥିତି ବିଶେଷ ସନ୍ତୋଷଜନକ ନୁହେଁ । ଗତ ଗ୍ରୀଷ୍ମରେ ବିଶ୍ୱବିଦ୍ୟାଳୟର ଗୋଟିଏ ପରୀକ୍ଷାରେ ଯେତିକି ପାସ୍ ପିଲାଙ୍କ ନାଁ ବାହାରିଥିଲା ତା'ର ଏକତୃତୀୟାଂଶ ପିଲା ଅବୈଧ ଆଚରଣରେ ଦଣ୍ଡିତ ହୋଇଥିବା କଥା ମଧ୍ୟ ବାହାରିଥିଲା । ତେଣୁ ଆଗକାଳେ ଯେମିତି ଏକାଥରକେ ପରୀକ୍ଷାଫଳ ବାହାରି ଯାଉଥିଲା, ଆଜିକାଲି ଆଉ ସେମିତି ନ ବାହାରି ହୀରାକୁଦ ବନ୍ଧରୁ ପାଣି ଝରିଲା ପରି ସାରା ବର୍ଷଯାକ ପରୀକ୍ଷାଫଳ ଆସ୍ତେ ଆସ୍ତେ ବାହାରୁଛି ।

ଆଗେ ମାଟ୍ରିକ୍ୟୁଲେସନ ପାସ୍ କରି ଲୋକେ ମାଜିଷ୍ଟ୍ରେଟ୍ କାମ ଚଳାଇ ଦେଉଥିଲେ । ଏବେ ମାଟ୍ରିକ୍ ପାଠ ଖଡ଼ିକି ନୁହେଁ କି ପେଡ଼ିକି ନୁହେଁ । ଜଣେ ବି.ଏ. ଛାତ୍ରଙ୍କୁ ଚିଠିଟାଏ ଲେଖିବାକୁ କହିଲେ, ଇଂରାଜୀରେ ତ ଯାହିତାହି ହୋଇଯିବ, କିନ୍ତୁ ମାତୃଭାଷାରେ ଲେଖିଲାବେଳକୁ ପନ୍ଦରଟା ବନାନ ଅଶୁଦ୍ଧି ହୋଇଥିବ । ପାଠ ତ ଯାହା ଦେଖିବେ, ଅକ୍ଷର ଦେଖିଲେ ଡରିଯିବେ । ଅକ୍ଷରର ବୋଧହୁଏ ଆଜିକାଲି ପାଠସଙ୍ଗେ କିଛି ସମ୍ପର୍କ ନାହିଁ !

ଆଗେ ଯେତେବେଳେ ପାଠ ପଢ଼ିବାପାଇଁ ବିଶେଷ ସୁବିଧା ନ ଥିଲା କିମ୍ବା ଲୋକଙ୍କର ବିଶେଷ ଆଗ୍ରହ ନ ଥିଲା ସେତେବେଳେ ପାଠର ମାନଦଣ୍ଡ ଏତେ ଉଚ୍ଚ ଥିଲା, ଅଥଚ ଏତେବେଳେ ବିଜ୍ଞାନବଳରେ ଶିକ୍ଷା ପାଇଁ ନାନା ସୁବିଧା ଆବିଷ୍କୃତ ହୋଇଥିଲେ ମଧ୍ୟ ଓ ପ୍ରତ୍ୟେକ ଲୋକ ପାଠର ମୂଲ୍ୟ ବୁଝିସାରିଥିଲେ ମଧ୍ୟ ପାଠର

ମାନଦଣ୍ଡ କମୁଛି। ପ୍ରାଥମିକରୁ ପିଏଚ୍. ଡି. ପର୍ଯ୍ୟନ୍ତ ସବୁଠି ଅବସ୍ଥା ସମାନ ହୋଇଗଲାଣି, ଏବେ 'ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼'ରେ 'ଆଉଟ ସାଇଡ଼ର' ନା ଦେଇ ଜଣେ କେହି The M.A. in Bengali ବୋଲି ଗୋଟିଏ ଲେଖା ଲେଖିଥିଲେ। ସେଥିରେ ସେ ଦେଖାଇଥିଲେ, ସେହି ବିଭାଗରେ କେମିତି ଅନେକ ଲୋକ ପ୍ରଥମ ଶ୍ରେଣୀ ପା'ନ୍ତି। କିନ୍ତୁ ପ୍ରଥମ ଶ୍ରେଣୀର କିଛି ମୂଲ୍ୟ ନ ଥିବାରୁ ଅଧିକାଂଶ ଡି.ଫିଲ୍. କରିବାକୁ ବାଧ ହେଉଛନ୍ତି। ଏବେ ସେହି ଡି.ଫିଲ୍ ସଂଖ୍ୟା ବହୁତ ହେବାରୁ ଡି.ଲିଟ୍. କରିବା ଛଡ଼ା ଆଉ ଉପାୟ ନାହିଁ। ଲେଖକ କହିଛନ୍ତି, ଆଶ୍ଚର୍ଯ୍ୟର କଥା ସେହି ବିଭାଗରେ କୌଣସି ଭଲ ଛାତ୍ର ନ ଥିଲେ ସୁଦ୍ଧା ଅନେକ ଡି.ଲିଟ୍. ମଧ୍ୟ ପାଇ ଯାଉଛନ୍ତି। ତଥାପି ସେଥିରେ ଅବସ୍ଥା ବିଶେଷ ଭଲ ନୁହେଁ। କିନ୍ତୁ ମୋର ଧାରଣା ଏହିପ୍ରକାର ଅଧଃପତନ ଯେ କେବଳ ବଙ୍ଗଳା ବିଭାଗରେ ହୋଇଛି ତା' ନୁହେଁ, ଅନ୍ୟାନ୍ୟ ବିଭାଗରେ ମଧ୍ୟ ଆସ୍ତେ ଆସ୍ତେ ତାହା ପ୍ରବେଶ କରିଛି। ଦୁର୍ଭାଗ୍ୟବଶତଃ ଆମ ଦେଶରେ ଗବେଷଣା ଡିଗ୍ରୀ କଲାବେଳେ ଛାତ୍ରମାନଙ୍କୁ କୌଣସି ପ୍ରବନ୍ଧ ଇତ୍ୟାଦି ଲେଖି କିମ୍ବା ପ୍ରକାଶ କରି ନିଜର ପ୍ରବୀଣତାର ପରୀକ୍ଷା ଦେବାକୁ ପଡ଼େ ନାହିଁ। ପାଶ୍ଚାତ୍ୟ ଦେଶମାନଙ୍କର ବିଶେଷତଃ ଆମେରିକାରେ ସେହି ପରିସ୍ଥିତିରେ ନିଜ କାର୍ଯ୍ୟକଳାପର ପ୍ରଗତିର ପରିଚୟ ଦେବାକୁ ପଡ଼େ; କିନ୍ତୁ ଏ ଦେଶରେ ଜ୍ଞାନୀ ଗବେଷକମାନେ ଲୁଚିକରି ଥାଆନ୍ତି, ହଠାତ୍ ବାହାରିପଡ଼ି ଏମିତି ଚମକ ଦେଖାନ୍ତି ଯେ ହଠାତ୍ ଲୋକେ ଚମକି ପଡ଼ି ବିଶ୍ୱାସ କରିପାରନ୍ତି ନାହିଁ। ଭାରତବର୍ଷରେ କେତେକ ବିଶ୍ୱବିଦ୍ୟାଳୟରେ ଶହ ଶହ ପିଏଚ୍.ଡ଼ି, ଡି.ଲିଟ୍. ବାହାରୁଛନ୍ତି। ଅଥଚ ସେମାନଙ୍କର ଗୋଟିଏ ହେଲେ ଗବେଷଣା ଉଚ୍ଚ ଜ୍ଞାନରାଜ୍ୟରେ ସମ୍ମାନ ପାଇନାହିଁ। ତେଣୁ ତଳ ତ ଯାହା ଯାହା ଉପରଟା ଯଦି ଫାଙ୍କା ହୋଇଯାଏ, ତେବେ ଖାଲି ଅବାଜରେ କ'ଣ ଏହି ସ୍ୱାଧୀନତାଟାକୁ ସମ୍ଭାଳି ହେବ? ଭାରତଟା ସିନା ବ୍ରିଟିଶମାନଙ୍କର ନିଜରାଜ୍ୟ ନ ଥିଲା ବୋଲି ତାଳଗଛକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ଘଉଡ଼ୁଥିଲେ। କିନ୍ତୁ ଆମେ କ'ଣ ଆମ ନିଜ ଦେଶକୁ

ଏମିତି ଠକି ପାରିବା ? ଖାଲି ନିରନ୍ନ ମୂର୍ଖ ଲୋକଙ୍କୁ ତାଲିମ କରି ଫଉଜ ପୋଷାକ ପିନ୍ଧାଇଲେ ଦେଶର ସ୍ୱାଧୀନତା ରହିପାରିବ ନାହିଁ। ରହିବ ଯଦି ପାଠବଳରେ ଆମେ ଅନ୍ୟମାନଙ୍କ ସହିତ ସମାନ ହୋଇପାରିବା। ତେଣୁ ଶିକ୍ଷାକୁ ଆମ ବିଚାରରେ ଶେଷସ୍ଥାନ ନ ଦେଇ ଶୀର୍ଷସ୍ଥାନ ଦେଲେ ଏହି ଅବସ୍ଥାର ପରିବର୍ତ୍ତନ କେବଳ ଆଶା କରାଯାଇ ପାରେ।

❑❑❑

## (କ) ଲେଖକ ପରିଚୟ

### ଗୋଲୋକବିହାରୀ ଧଳ (୧୯୨୧-୧୯୭୪)

ପ୍ରଫେସର ଗୋଲୋକବିହାରୀ ଧଳ ଜଣେ ବିଶିଷ୍ଟ ଭାଷାତତ୍ତ୍ୱବିତ୍; ପ୍ରାବନ୍ଧିକ, ଅନୁବାଦକ ଓ ଭ୍ରମଣ କାହାଣୀର ଲେଖକ ଭାବରେ ସୁପରିଚିତ। 'ଧ୍ୱନି ବିଜ୍ଞାନ', 'ଭାଷାଶାସ୍ତ୍ର ପରିଚୟ', 'ଇଂରାଜୀ ଉଚ୍ଚାରଣ ଶିକ୍ଷା', 'ମଣିଷର ଭାଷା', 'ଓଡ଼ିଆ କେବେ' ଇତ୍ୟାଦି ଭାଷା ଭିତ୍ତିକ ଆଲୋଚନା ପୁସ୍ତକ ଓ 'ବିଚାର ଆଲୋଚନା' ପ୍ରବନ୍ଧ ସଂକଳନ, 'ଆମେରିକାର ଅନୁଭୂତି', 'ଲଣ୍ଡନ ଚିଠି' 'ଗଙ୍ଗାରୁ ଗୋଦାବରୀ' ଆଦି ଭ୍ରମଣ କାହାଣୀ ତାଙ୍କ ସାରସ୍ୱତ ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର । 'ଗୋଦାନ', 'ଗବନ' 'ପ୍ରତିଜ୍ଞା', 'ପ୍ରେମାଶ୍ରମ', 'ପ୍ରେମଚନ୍ଦ ଗଳ୍ପମାଳା', 'ବନ୍ଦୀ ନେହରୁ', 'ଆମ ସଂସ୍କୃତି', 'ପୃଥିବୀର ନାରୀ', 'ଭାରତ ମୋର ଘର', 'କେନେଡ଼ିଙ୍କ ଜୀବନୀ' 'ସେ ଦିନର ଲକ୍ଷ୍ନୌ', 'ଧୂଳିର ପଣତ' ଇତ୍ୟାଦି ତାଙ୍କର ଅନୁବାଦ ପୁସ୍ତକ । 'ଗୋଦାନ'ର ଅନୁବାଦ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ।

ପ୍ରଫେସର ଧଳ ଢେଙ୍କାନାଳ ଜିଲ୍ଲାର 'ଗଂଜେଇଡିଅ' ଠାରେ ଜନ୍ମଗ୍ରହଣ କରିଥିଲେ ।

**'ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା' ସଂପର୍କରେ** - ପ୍ରବନ୍ଧଟି 'ବିଚାର ଆଲୋଚନା' ପୁସ୍ତକରୁ ସଂଗୃହୀତ । ଉକ୍ତ ପ୍ରବନ୍ଧରେ ସ୍ୱାଧୀନ ଭାରତବର୍ଷର ଶିକ୍ଷା ବ୍ୟବସ୍ଥା ସଂପର୍କରେ ଆଲୋକପାତ କରାଯାଇଛି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଉନ୍ନୟନ ବିଷୟ ବିଚାର କଲାବେଳେ ଶିକ୍ଷା କଥାକୁ ଶେଷରେ ବିଚାର କରାଯାଉଥିଲା। ଆମେରିକା ଓ ଇଂଲଣ୍ଡ ଅପେକ୍ଷା ଭାରତରେ ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳେନାହିଁ। ଫଳରେ ଏ ଦେଶରେ ବିଶେଷଜ୍ଞମାନଙ୍କର କୌଣସି କଥା କରିବା ପାଇଁ ବ୍ୟକ୍ତିଗତ ଉତ୍ସାହ ନାହିଁ କି ସ୍ପୃହା ଦେଖାଯାଏ ନାହିଁ। ଶିକ୍ଷା ବ୍ୟବସ୍ଥାର ଅଧୋଗତି ସଂପର୍କରେ ବିଭିନ୍ନ ଘଟଣାର ଉଦାହରଣ ପ୍ରାସଙ୍ଗିକ ଭାବେ ଲେଖକ ବର୍ଣ୍ଣନା କରିଛନ୍ତି । ପରୀକ୍ଷାପଦ୍ଧତିରେ ଅସାଧୁ ଉପାୟ ଅବଲମ୍ବନ କରାଯାଉଥିବାରୁ ମୂଲ୍ୟାୟନ କାଳରେ ବିଦ୍ୟାର୍ଥୀଙ୍କ ଗୁଣାତ୍ମକମାନ ନିର୍ଦ୍ଧାରଣ କରିବା କଷ୍ଟକର କଥା ବୋଲି ପ୍ରାବନ୍ଧିକ ମତ ପ୍ରଦାନ କରିଛନ୍ତି। ସର୍ବ ଶେଷରେ ଶିକ୍ଷାକୁ ଶୀର୍ଷସ୍ଥାନ ଦେଲେ ଅବସ୍ଥାର ପରିବର୍ତ୍ତନ ହେବ ବୋଲି ସେ ଆଶା ପୋଷଣ କରିଛନ୍ତି।

●

## କଠିନ ଶବ୍ଦାର୍ଥ

ରିପୋର୍ଟ- ବିବରଣୀ

ଇଲଷ୍ଟ୍ରେଟେଡ୍ ଉଇକ୍ଲି - ଏକ ଇଂରାଜୀ ସାପ୍ତାହିକ

ବିଶେଷଜ୍ଞ- ଯାହାର କୌଣସି ବିଷୟରେ ବିଶେଷ ଜ୍ଞାନ ଅଛି।

ଗଭର୍ଣ୍ଣର- ରାଜ୍ୟପାଳ

ନିଃସ୍ପୃହ- ଉଦାସୀନ

ଶିକ୍ଷା କମିଶନ- ଶିକ୍ଷା ଆୟୋଗ (ଶିକ୍ଷା କର୍ମ ସଂପାଦନ ନିମନ୍ତେ ଗଠିତ କାର୍ଯ୍ୟ ନିର୍ବାହିକା ମଣ୍ଡଳୀ)

ଆଉଟ୍ ସାଇଡ୍‌ର- ବାହାର ଲୋକ

ପିଏଚ.ଡ଼ି., ଡି.ଫିଲ., ଡି.ଲିଟ୍- ଉଚ୍ଚ ବିଦ୍ୟାବତ୍ତା ସୂଚକ ଉପାଧି।

## ପ୍ରଶ୍ନାବଳୀ

(କ) **ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

(୧) ଆଞ୍ଚଳିକସଭାର କେଉଁ ବିଷୟକୁ ସବା ଉପରେ ବିଚାର ପାଇଁ ରଖାଯାଇଥିଲା।

(ଶିକ୍ଷା, କୃଷି, ବାଣିଜ୍ୟ, ଶିଳ୍ପ)

(୨) 'ଶିକ୍ଷା'କୁ ଜିଲ୍ଲା ପରିଷଦ ସଭାର କେଉଁ କ୍ରମରେ ବିଚାର ବିଷୟ ଭାବରେ ରଖାଯାଇଥିଲା।

(ସବା ଉପର, ମଧ୍ୟଭାଗ, ସବାତଳ, ଅନ୍ୟାନ୍ୟ)

(୩) ମଣିଷମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ତା'ପରେ ତାକୁ କେଉଁ କଥା କହିଲେ ସେ ବୁଝିପାରିବ ?

(ଧର୍ମ, ପୁରାଣ, ଗବେଷଣା, ଯୋଜନା)

(୪) ଲେଖକ ଆଜିକାଲିର ଯୁଗକୁ କେଉଁ ଯୁଗ ବୋଲି କହିଛନ୍ତି ?

(ବିଜ୍ଞାନ ଯୁଗ, ଉନ୍ନୟନ ଯୁଗ, ଯୋଜନା ଯୁଗ, ବିଶେଷଜ୍ଞ ଯୁଗ)

(୫) ନିରକ୍ଷରତା ପାଇଁ ଉନ୍ନୟନ ପଛରେ ପଡ଼ିଛି ବୋଲି ଜାତିସଂଘ ତାଙ୍କ କେଉଁ ରିପୋର୍ଟରେ କହିଛନ୍ତି ?

(ଶିକ୍ଷା ରିପୋର୍ଟ, ବାର୍ଷିକ ରିପୋର୍ଟ, ଯୋଜନା ରିପୋର୍ଟ, ବିକାଶର ରିପୋର୍ଟ)

(୬) କେଉଁ ମହାଦେଶରେ ନିରକ୍ଷରତା ସବୁଠୁ ବଡ଼ ସମସ୍ୟା ?

(ଏସିଆ, ୟୁରୋପ, ଆମେରିକା, ଆଫ୍ରିକା)

(୭) ଯୋଜନା ଅର୍ଥବିଭାଗଙ୍କ ବିଚାରକୁ ଆସିଲେ ପ୍ରଥମେ ଆଘାତ କେଉଁ ବିଭାଗ ଉପରେ ପଡ଼େ ?

(ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ନଗରଉନ୍ନୟନ)

(୮) ବିଶେଷଜ୍ଞମାନଙ୍କର କେଉଁ ଦେଶରେ ବିଶେଷ ମୂଲ୍ୟ ନାହିଁ ?

(ଆମେରିକା, ଭାରତ, ଇଂଲଣ୍ଡ, ଜାପାନ)

(୯) ଭାରତ ବର୍ଷରେ ସବୁକଥା କେଉଁମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ?

(କମିଶନର, ବିଶେଷଜ୍ଞ, ଗବେଷକ, ଶାସକ)

(୧୦) "ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ବୋଲି ଭାରତୀୟ ଛାତ୍ରମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁ ନାହାଁନ୍ତି"- କେଉଁ କାଗଜରେ ଏହା ପ୍ରକାଶ ପାଇଥିଲା ?

(ସଣ୍ଡେ ଷ୍ଟାଣ୍ଡାର୍ଡ଼, ଇଲଷ୍ଟ୍ରେଟେଡ଼ ଉଇକ୍ଲି, ଟେଲିଗ୍ରାଫ, ଟାଇମ୍ସ ଅଫ ଇଣ୍ଡିଆ)

(୧୧) ଶିକ୍ଷାର କେଉଁ କଥା ନ ରୋକିଲେ ଆମର ଅବସ୍ଥା ଶୋଚନୀୟ ହେବ ବୋଲି କୁହାଯାଇଛି ?

(ଅଧୋଗତି, ଊର୍ଦ୍ଧ୍ୱଗତି, ବିପରୀତ ଗତି, ଦୁର୍ଗତି)

(୧୨) ଶିକ୍ଷା କମିଶନ ଅନ୍ୟାନ୍ୟ ବିଷୟ ଅପେକ୍ଷା କାହାପ୍ରତି ବିଶେଷ ଦୃଷ୍ଟି ଦେବାକୁ ଲେଖକ ଅନୁରୋଧ କରିଛନ୍ତି ?

(ପଠନ ପଦ୍ଧତି, ଶିକ୍ଷା ପଦ୍ଧତି, ପାଠ୍ୟ ପୁସ୍ତକ, ନୋଟ ବହି)

(୧୩) 'ସତ୍ୟ ହୋଇଥିଲେ ସାଙ୍ଘାତିକ' ନାମରେ ଉପାଗ୍ର ଲେଖା କେଉଁ କାଗଜରେ ପ୍ରକାଶିତ ହୋଇଥିଲା ।

(ସମାଜ, କଳିଙ୍ଗ, ପ୍ରଜାତନ୍ତ୍ର, ବାଲେଶ୍ୱର ସମ୍ବାଦ ବାହିକା)

(୧୪) ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇପାରିବ ନାହିଁ, ସେ ଦେଶରେ କାହାର ସ୍ଫୁରଣ ହୋଇପାରିବ ନାହିଁ ?

(ମୌଳିକ ଜ୍ଞାନ, ପ୍ରକୃତ ଗଣତନ୍ତ୍ର, ମୌଳିକ ଚିନ୍ତା, ଉଚିତ୍ ଶିକ୍ଷା)

(୧୫) ଆନ୍ଧ୍ର ପ୍ରଦେଶର ଛାତ୍ରଟିଏ କ'ଣ ବିକି ଦଶହଜାର ଟଙ୍କା ଲାଭ ଉଠାଇଥିଲା ବୋଲି କୁହାଯାଇଛି ?

(ନୋଟବହି, ପ୍ରଶ୍ନପତ୍ର, ପ୍ରଶ୍ନର ଉତ୍ତର, ଖାତା-କଲମ)

(୧୬) ବିଶ୍ୱବିଦ୍ୟାଳୟର ଗୋଟିଏ ପରୀକ୍ଷାରେ ପାସ୍ କରିଥିବା ପିଲାଙ୍କ କେତେଭାଗ ଅବୈଧ ଆଚରଣରେ ଦଣ୍ଡିତ ହୋଇଥିଲେ ?

(ଏକ ତୃତୀୟାଂଶ, ଦୁଇ ତୃତୀୟାଂଶ, ତିନି ତୃତୀୟାଂଶ, ସମୁଦାୟ)

(୧୭) ହୀରାକୁଦ ବନ୍ଧରୁ ପାଣି ଝରିଲା ପରି ସାରା ବର୍ଷଯାକ କ'ଣ ଆସ୍ତେ ଆସ୍ତେ ବାହାରୁଛି ?

(ଛୁଟି ତାଲିକା, ଛାତ୍ର ଧର୍ମଘଟ, ପରୀକ୍ଷା ଫଳ, ଶ୍ରେଣୀ ନିର୍ଘଣ୍ଟ)

(୧୮) ଆଗେ ମାଟ୍ରିକ୍ୟୁଲେସନ ପାସ୍ କରି ଲୋକେ କେଉଁ କାମ ଚଳାଇ ଦେଉଥିଲେ ?

(ମାଜିଷ୍ଟ୍ରେଟ, ଇନିସ୍‌ପେକ୍ଟର, ତହସିଲଦାର, ବି.ଡି.ଓ)

(୧୯) କାହାର ବୋଧହୁଏ ଆଜିକାଲି ପାଠସଙ୍ଗେ କିଛି ସମ୍ପର୍କ ନାହିଁ ବୋଲି ଲେଖକ କହିଛନ୍ତି ?

(ଛାତ୍ରର, ଶିକ୍ଷକର, ଅକ୍ଷରର, କଲେଜର)

(୨୦) ବ୍ରିଟିଶମାନେ କାହାକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ଘଉଡ଼ାଉଥିଲେ ?

(ନଡ଼ିଆଗଛ, ଗୁଆଗଛ, ତାଳଗଛ, ଶାଳଗଛ)

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ଜିଲ୍ଲା ପରିଷଦ ପରିଚାଳିତ ଆଞ୍ଚଳିକ ସଭାର ପ୍ରଥମ ବିଷୟ ଭାବରେ ବିଚାର ହେବାପାଇଁ କେଉଁ ବିଷୟ ରଖାଯାଇଥିଲା ?

(୨) ଜିଲ୍ଲା ପରିଷଦ ପରିଚାଳିତ ସଭାର ଶେଷ ବିଚାର ବିଷୟ କ'ଣ ଥିଲା ?

(୩) ସରକାରଙ୍କ ଯୋଜନା ନ ବୁଝିବାର କାରଣ କ'ଣ ?

(୪) ମାଟିକୁ ପାଗକରି ସେଥିରେ କ'ଣ ପୋତିଲେ ଚଞ୍ଚଳ ଗଛ ଧରେ ?

(୫) ପଡ଼ିଆରେ ଫସଲ ବୁଣିଲେ କ'ଣ ହେବ ?

(୬) ମଣିଷ ମନକୁ ପ୍ରଥମେ କେଉଁଥିରେ ସଜାଡ଼ି ପରେ ଯୋଜନା କଥା କହିବା ଉଚିତ୍ ?

(୭) ଲୋକମାନେ କ'ଣ ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ପଛରେ ପଡ଼ିଛି ବୋଲି ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କହିଛନ୍ତି ?

(୮) ଭାରତର ଲୋକେ ପାଠ ପଢ଼ିସାରିଲାପରେ କେଉଁଠୁ ଛାଡ଼ିଆସିବାକୁ ଚାହୁଁନାହାନ୍ତି ?

(୯) ଭାରତରେ କେଉଁମାନଙ୍କର ବିଶେଷ ମୂଲ୍ୟ ନାହିଁ ?

(୧୦) ବମ୍ବେରୁ ବାହାରୁଥିବା କାଗଜଟିର ନାମ କ'ଣ ?

(୧୧) 'ସଣ୍ଡେ ଷ୍ଟାଣ୍ଡାର୍ଡ଼' କାଗଜରେ କେଉଁ ଶୀର୍ଷକରେ ଅଗ୍ରଲେଖା ପ୍ରକାଶିତ ହୋଇଥିଲା ?

(୧୨) ଭାରତବର୍ଷରେ କେଉଁମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ?

(୧୩) ଆମେରିକାରେ ପଢୁଥିବା ଭାରତୀୟ ଛାତ୍ର ଭାରତର କେଉଁ ସମ୍ମାନସ୍ପଦ ବ୍ୟକ୍ତିଙ୍କ ସହିତ ସମାନ ଦରମା ଦେଲେ ଫେରିବେ ବୋଲି କହିଥିଲେ ?

(୧୪) ଭାରତ ସରକାର ଶିକ୍ଷା କମିଶନ ବସାଇ କ'ଣ ନିରୀକ୍ଷଣ କରୁଛନ୍ତି ?

(୧୫) ଶିକ୍ଷାରାଜ୍ୟରେ ବର୍ତ୍ତମାନ କେଉଁ ଅବସ୍ଥା ଆସି ପହଞ୍ଚିଛି ?

(୧୬) ଆମ ଦେଶରେ ପରୀକ୍ଷାପଦ୍ଧତିରେ ଛାତ୍ରର କ'ଣ ନିର୍ଦ୍ଧାରଣ କରିବା କଷ୍ଟ ?

(୧୭) 'କଳିଙ୍ଗ' ଖବରକାଗଜ କେଉଁ ଶୀର୍ଷକରେ ଉପାଗ୍ର ଲେଖି ପରୀକ୍ଷା କ୍ଷେତ୍ରରେ ଅବୈଧ ଆଚରଣ ବିଷୟରେ ସୂଚନା ଦେଇଥିଲା ।

(୧୮) ଆଜିକାଲି ଛାତ୍ରମାନେ ପାଠପଢ଼ା କଥା ଯେତିକି ଜାଣୁଛନ୍ତି ତା'ଠାରୁ ଅଧିକ କାହା ବିଷୟରେ ଜାଣୁଛନ୍ତି ?

(୧୯) ଏବେ କେଉଁ ପରୀକ୍ଷା ପାଇଁ ପ୍ରଶ୍ନୋତ୍ତର ବହି ସବୁଠୁ ବେଶୀ କଟୁଛି ବୋଲି କୁହାଯାଇଛି ?

(୨୦) ନୋଟବହିପଢ଼ି ଆମେ ବିଲାତ, ଆମେରିକା ଓ ଋଷ ସଙ୍ଗେ କ'ଣ ହୋଇ ପାରିବୁ ନାହିଁ ବୋଲି କୁହାଯାଇଛି ?

(୨୧) ନୋଟବହି ପଢ଼ିବା ଲୋକ କେଉଁ ପୁସ୍ତକ ଲେଖିପାରିବ ନାହିଁ ?

(୨୨) କେଉଁ ପ୍ରଦେଶର ବିଧାନ ସଭାରେ ଛାତ୍ରଟି ପ୍ରଶ୍ନପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇବା କଥା ବିଚାର ହୋଇଥିଲା ?

(୨୩) ଏବେ ବି.ଏ. ପିଲାଟିକୁ ମାତୃଭାଷାରେ ଚିଠିଟିଏ ଲେଖିବାକୁ କହିଲେ କ'ଣ ହେବ ?

(୨୪) ଆଜିକାଲି କାହାର ପାଠ ସଙ୍ଗେ ସମ୍ପର୍କ ନାହିଁ ?

(୨୫) ଆଗେ ପାଠ ପଢ଼ିବାର ସୁବିଧା ନ ଥିଲେ ବି ପାଠର ମାନଦଣ୍ଡ କିପରି ଥିଲା ?

(୨୬) ବର୍ତ୍ତମାନର ଲୋକ ପାଠର ମୂଲ୍ୟ ବୁଝି ସାରିଥିଲେ ମଧ୍ୟ ପାଠର କ'ଣ କମୁଛି ?

(୨୭) ପ୍ରାଥମିକଠାରୁ କେଉଁ ପର୍ଯ୍ୟନ୍ତ ସବୁଠି ପାଠର ଅବସ୍ଥା ସମାନ ହୋଇଗଲାଣି ?

(୨୮) ଏବେ କେଉଁ ଡିଗ୍ରୀ ସଂଖ୍ୟା ବହୁତ ହେବାରୁ ଡି.ଲିଟ କରିବା ଛଡ଼ା ଆଉ ଉପାୟ ନାହିଁ ?

(୨୯) ଏ ଦେଶରେ କେଉଁମାନେ ଲୁଚି କରିଥାନ୍ତି, ହଠାତ ବାହାରି ଚମକ ଦେଖାନ୍ତି ?

(୩୦) କେଉଁ ଦେଶରେ ବିଶ୍ୱବିଦ୍ୟାଳୟମାନଙ୍କରୁ ଶହ ଶହ ପିଏଚ୍.ଡ଼ି ଓ ଡି.ଲିଟ ବାହାରୁଛନ୍ତି ?

(୩୧) କେଉଁ ଲୋକମାନଙ୍କୁ ତାଲିମ କରି ଫଉଜ ପୋଷାକ ପିନ୍ଧାଇଲେ ଦେଶର ସ୍ୱାଧୀନତା ରହିପାରିବ ନାହିଁ ?

(୩୨) କାହା ବଳରେ ଆମେ ଅନ୍ୟ ଦେଶମାନଙ୍କ ସହିତ ସମାନ ହୋଇପାରିବା ?

(୩୩) ଶିକ୍ଷାକୁ କେଉଁସ୍ଥାନ ଦେଲେ ଅବସ୍ଥାର ପରିବର୍ତ୍ତନ ହୋଇପାରିବ ବୋଲି ଲେଖକ ବିଚାର କରିଛନ୍ତି ?

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ।**

(୧) ଜିଲ୍ଲା ପରିଷଦ ପରିଚାଳିତ ସଭାର ସବା ଉପର ଏବଂ ସବାତଳ ବିଚାର ବିଷୟ କ'ଣ ଥିଲା ?

(୨) ଆଜିକାଲି ସମସ୍ତେ ପାଠ ପଢ଼ିସାରିବା ପର୍ଯ୍ୟନ୍ତ ଯୋଜନା ପକାଇ ରଖିଲେ କ'ଣ ହେବ ?

(୩) ମଣିଷର ମନକୁ ପ୍ରଥମେ ଶିକ୍ଷାରେ ସଜାଡ଼ି କେଉଁ କଥା କହିଲେ ସେ ବୁଝିପାରିବ ?

(୪) ଏସିଆର ଅଧିକାଂଶ ଦେଶର ସବୁଠୁ ବଡ଼ ସମସ୍ୟା କ'ଣ ?

(୫) ଲୋକମାନେ ଅଶିକ୍ଷିତ ଓ ନିରକ୍ଷର ହେଲେ କ'ଣ ହେବ ?

(୬) 'ଇଲଷ୍ଟ୍ରେଟେଡ୍‌ଉଇକ୍ଲି'ରେ ଲେଖାଯାଇଥିବା- ଅସଲ କଥାଟି କ'ଣ ଥିଲା ?

(୭) 'ଶାସକ ଓ ବିଶେଷଜ୍ଞ' ଶୀର୍ଷକ ଅଗ୍ରଲେଖରେ କିପରି ମତାମତ ପ୍ରକାଶ ପାଇଥିଲା ?

(୮) ଭାରତୀୟ ଛାତ୍ରମାନେ କାହିଁକି ଆମେରିକା ଛାଡ଼ି ଆସିବାକୁ ଚାହୁଁ ନାହାଁନ୍ତି ?

(୯) ଭାରତର ପରିଚାଳନା ପଦ୍ଧତିରେ ଏକ ନୂତନ ଦୃଷ୍ଟିକୋଣ ସୃଷ୍ଟି ହେଲେ କ'ଣ ହେବ ?

(୧୦) ଶିକ୍ଷା ରାଜ୍ୟରେ ଦେଖାଯାଉଥିବା ନିରୁପାୟ ଅବସ୍ଥା କେଉଁମାନେ ଜାଣୁଛନ୍ତି ?

(୧୧) ବର୍ତ୍ତମାନ କେଉଁ ବିଷୟରେ ସମାଧାନ କରିବାର କୌଣସି ଉପାୟ ଥିଲା ପରି ମନେ ହେଉନି ?

(୧୨) ନୋଟବହି ପଢ଼ିଲେ ଆମେ କେଉଁ ଦେଶମାନଙ୍କ ସହିତ ସମକକ୍ଷ ହୋଇପାରିବୁ ନାହିଁ ?

(୧୩) ମୌଳିକ ପୁସ୍ତକ ଲେଖା ନହେଲେ କ'ଣ ହେବ ?

(୧୪) ଆନ୍ଧ୍ର ପ୍ରଦେଶର ବିଧାନ ସଭାରେ କେଉଁ କଥା ବିଚାର ହୋଇଥିଲା ?

(୧୫) ଆଜିକାଲି ପରୀକ୍ଷାଫଳ ବାହାରିବାକୁ ଲେଖକ କାହା ସହିତ ତୁଳନା କରିଛନ୍ତି ?

(୧୬) ଆଗେ ପାଠ ପଢ଼ିବା ପାଇଁ କ'ଣ ନ ଥିଲା ?

(୧୭) 'ଆଉଟସାଇଡ଼ର' ଶିକ୍ଷାର ଅଧଃପତନ ସଂପର୍କରେ କ'ଣ ମତ ଦେଇଥିଲା ?

(୧୮) ଆମ ଦେଶରେ ଗବେଷଣା ଡିଗ୍ରୀ କଲାବେଳେ ଛାତ୍ରମାନଙ୍କୁ କେଉଁ ପରୀକ୍ଷା ଦେବାକୁ ପଡ଼େନାହିଁ ?

(୧୯) କେଉଁ ଦେଶର ଗବେଷଣା ଉଚ୍ଚ ଜ୍ଞାନରାଜ୍ୟରେ ସମ୍ମାନ ପାଇନାହିଁ ?

(୨୦) କ'ଣ କଲେ ଆମେ ଅନ୍ୟମାନଙ୍କ ସହ ସମାନ ହୋଇପାରିବା ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

(୧) ସାଧାରଣ ଲୋକଙ୍କର ଶିକ୍ଷା ନଥିବାରୁ କ'ଣ ହେଉଛି ?

(୨) କ'ଣ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ?

(୩) ଇଲଷ୍ଟ୍ରେଟେଡ଼ ଉଇକ୍ଲିରେ ବାହାରି ଥିବା ଲେଖାଟି କ'ଣ ?

(୪) ଭାରତ ସରକାର ଆମେରିକାରେ ଥିବା ଛାତ୍ର ପାଖକୁ କ'ଣ ଚିଠି ଲେଖିଥିଲେ ?

(୫) ଭାରତ ବର୍ଷରେ ବିଶେଷଜ୍ଞ ମାନଙ୍କର କୌଣସି କଥା କରିବା ପାଇଁ କାହିଁକି ବ୍ୟକ୍ତିଗତ ଉତ୍ସାହ କିମ୍ବା ସ୍ପୃହା ନାହିଁ ?

(୬) ଭାରତ ସରକାର ଶିକ୍ଷା କମିଶନ ବସାଇବାର କାରଣ କ'ଣ ?

(୭) ପିଲାଟି ପ୍ରାଥମିକ ସ୍କୁଲରୁ ନୋଟ ବହି ପଢ଼ିଲେ କ'ଣ ହେବ ?

(୮) "ଜୀବନଟା କେବଳ ସିନା ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ"– ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୯) ପରୀକ୍ଷା ବିଷୟରେ ସାଧାରଣ ଲୋକ ଆଶ୍ଚର୍ଯ୍ୟ ହେବାର କାରଣ କ'ଣ ?

(୧୦) ଆଗର ମାଟ୍ରିକ୍ୟୁଲେସନ ପାସ୍ ଲୋକେ ଓ ଆଜିର ବି.ଏ. ଛାତ୍ରଙ୍କ ମଧ୍ୟରେ କ'ଣ ପାର୍ଥକ୍ୟ ଦେଖାଯାଏ ?

(୧୧) ବର୍ତ୍ତମାନ ଶିକ୍ଷା ଡିଗ୍ରୀ ସଂପର୍କରେ 'ଆଉଟସାଇଡ଼ର'ଙ୍କ ମତ କ'ଣ ?

(୧୨) ଭାରତବର୍ଷର ସ୍ୱାଧୀନତାକୁ କାହିଁକି ସମ୍ଭାଳି ହେବନାହିଁ ବୋଲି କୁହାଯାଇଛି ।

**(ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୦୫ ନମ୍ବର ।**

(୧) 'ସ୍ୱାଧୀନ ଦେଶର ଶିକ୍ଷାଚିନ୍ତା' ପ୍ରବନ୍ଧର ସାରମର୍ମ ଲେଖ ।

(୨) ଶିକ୍ଷା ବ୍ୟବସ୍ଥା ସଂପର୍କରେ ପ୍ରାବନ୍ଧିକଙ୍କ ପ୍ରତିକ୍ରିୟା "ସ୍ୱାଧୀନ ଦେଶର ଶିକ୍ଷାଚିନ୍ତା' ପ୍ରବନ୍ଧରେ କିପରି ପ୍ରତିଫଳିତ, ଆଲୋଚନା କର ।

(୩) ଆମ ଦେଶର ପରୀକ୍ଷା ପଦ୍ଧତି ଓ ଛାତ୍ରମାନଙ୍କ ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ ସଂପର୍କରେ ପ୍ରାବନ୍ଧିକଙ୍କ ମତର ସତ୍ୟତା ବିଚାର କର ।

(୪) "ଶିକ୍ଷାକୁ ଆମ ଦେଶରେ ଶେଷସ୍ଥାନ ନ ଦେଇ ଶୀର୍ଷସ୍ଥାନ" ଦେବାପାଇଁ ପ୍ରାବନ୍ଧିକଙ୍କ ଯୁକ୍ତିର ଯଥାର୍ଥତା ବିଚାର କର ।

□□□

# ଦ୍ୱିତୀୟ ଏକକ – ପଦ୍ୟ

## ବଡ଼ପଣ

ରାଧାନାଥ ରାୟ

•

ମନେ ନାହିଁ ତୁମ୍ଭେ କାହାର ସନ୍ତାନ,
କେଶରୀ-ଔରସେ ତୁମ୍ଭେ ସିନା ଶ୍ୱାନ ।
ପୂର୍ବପୁରୁଷର ପ୍ରତିଷ୍ଠା ବିଶାଳ,
ବିକି ଭାଙ୍ଗି ଖାଉଥିବ କେତେ କାଳ ?
ସେ ପ୍ରତିଷ୍ଠା ନିଜେ ତିଳେ ନ ବଢ଼ାଇ,
କରୁଥିବ ଆଉ କେତେ ତା ବଡ଼ାଇ ?
ଥିଲେ ଆଗେ ଯେହୁ ଉତ୍କଳର ସ୍ୱାମୀ,
ବହ୍ନିଶିଖା ପରି ସଦା ଊର୍ଦ୍ଧ୍ୱଗାମୀ,
ତୁମ୍ଭେ ହୋଇ ସେହି ବଂଶର ସନ୍ତତି,
ଜଳଧାରା ପରି ହେଲ ଅଧୋଗତି ।
ତୁମ୍ଭ ପିତୃଗଣ ପରମ ଉଦାର,
ରାଜ୍ୟ ମଣୁଥିଲେ ଏକ ପରିବାର ।

କାହିଁ ଗଲା ସେହି ପ୍ରାଚୀନ ସୁଧାରା,
ରାଜା ପ୍ରଜା ଏବେ ହେଲେ ବାଜ ପାରା !
କାଢ଼ିନେଲା ରାଜ-ଭୋଗ-ଅଭିଳାଷ,
ପ୍ରଜାମୁଖୁଁ ତାଙ୍କ ଶ୍ରମାର୍ଜିତ ଗ୍ରାସ ।
ଦେଶୀ ହୋଇ ତୁମ୍ଭେ ଆଚରିଲ ନିତି,
ନିର୍ମମ-ବିଦେଶୀ-ସର୍ବ-ଶୋଷୀ-ନୀତି !
ବାତ୍ସଲ୍ୟେ ନ ବାନ୍ଧି ପ୍ରଜାଙ୍କର ଚିତ୍ତ,
ବିଦେଶୀ-ସଙ୍ଗୀନେ କଲ ତାଙ୍କୁ ଭୀତ ।
ଗନ୍ତାଘର ହେଲା ତୁମ୍ଭର ସର୍ବସ୍ୱ,
ସର୍ବସ୍ୱ ପ୍ରାସାଦ, ଗାଭୀ, ହସ୍ତୀ, ଅଶ୍ୱ ।
ରାଜଧର୍ମ ହେଲା ପ୍ରଜାଧନ ବୁହା,
ମନ୍ତ୍ରୀ ହେଲେ ଖଳ, ଖଣ୍ଡ, କାନକୁହା ।
ତଣ୍ଡି ଦୁଃଖୀ, ରଙ୍କ, ଅରକ୍ଷିତ, ରାଣ୍ଡ,
ବିଦେଶୀଙ୍କି ଖୁଆଇଲ କୁକ୍କୁଟାଣ୍ଡ ।
ନ ପାଇଲେ ଦୁଃଖୀ ପ୍ରଜା ଖୁଦକୁଣ୍ଡା,
ନେଲେ ଘିଅ ଅଟା ସଙ୍ଗେ ଛାଗମୁଣ୍ଡା
କାଣ୍ଡଜ୍ଞାନହୀନ କାଣ୍ଡପୃଷ୍ଠ ହୁଣ୍ଡା ।
ଅଭୀଷ୍ଟ ଦେବତା କଲ ଲୋଭପ୍ରେତ,
ନ ଚେତିଲ ଖାଇ ବିପଦର ବେତ ।

ସଦା ହୋଇ ପାପ-ଦ୍ରବିଣ-ପ୍ରତ୍ୟାଶୀ,
ପ୍ରଜା ମଧ୍ୟେ ପାପବୃଦ୍ଧିକି ମନାସି !
ରହିଥାଅ ଟାକି, କରି ଜରିମାନା
ଧନେ ପୂରାଇବା ଲାଗି ମାଲଖାନା ।
ଧନର ଲାଳସା ଜାଗ୍ରତେ ସ୍ୱପନେ,
ଧନ ବିନୁ ନାହିଁ ଆନ ଚିନ୍ତା ମନେ ।
ଧନର ସାଫଲ୍ୟ ସୁବ୍ୟୟ କେବଳ,
ଯକ୍ଷ ପ୍ରାୟେ ତାକୁ ଜଗି କେଉଁ ଫଳ ?
ମଞ୍ଚେ କେତେ ଆସି କେତେ ଗଲେ, ଭାଇ,
କିଏ ନେଇଗଲେ କି ଧନ ମୁଣ୍ଡାଇ ?
ପଡ଼ି ତ ରହିଲେ ପଛେ ହାତୀ ଘୋଡ଼ା,
ପଡ଼ି ତ ରହିଲା ସୁନା ରୂପା ତୋଡ଼ା,
ପଡ଼ି ତ ରହିଲା ରତନେ ଭାସ୍ୱର,
କୁବେରଭଣ୍ଡାର ସମ ଗନ୍ତାଘର ।
"ଜିଣିବାକୁ ଆଉ ନାହିଁ ଧରାଖଣ୍ଡ"
ବୋଲି କଲେ ଯେହୁ ଅଶ୍ରୁସିକ୍ତ ଗଣ୍ଡ,
ମଲାବେଳେ ବିଶ୍ୱ-ବିଜୟୀ ସ୍କନ୍ଦର
କି କହିଥିଲେ ତା ଚିତ୍ତେ ଥରେ ଧର ।
ବୋଇଲେ "ଏ ପ୍ରାଣ ଗଲେ ପିଣ୍ଡ ଛାଡ଼ି,

ନେବ ଯେବେ ମୋତେ କୋକେଇରେ କାଢ଼ି,
ଦେଇଥିବ ତହିଁ ମୋ ଶବ ଶୁଆଇ
ବେନି ପାଶେ ବେନି କରକୁ ଝୁଲାଇ,
ଯା ଦେଖି ଜାଣିବେ ଜଗତେ ସମସ୍ତେ
ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ।"
ଏହି ମହାବାକ୍ୟ ମନେ ମନେ ହେଜି
ସତ୍‌ଗୁଣ ଭଜ ଲୋଭ ମଦ ତେଜି।
ଅକାରଣେ କିପାଁ ତଣ୍ଡି ଅରକ୍ଷିତ,
ଅଳ୍ପଦିନପାଇଁ ସଞ୍ଚୁଅଛ ବିତ୍ତ ?
ବୋଲାଅ ଜଗତେ ସିନା ଲକ୍ଷ-ପୋଷୀ,
ଫଳେ ତୁମ୍ଭେ ଜଣେ ଜଣେ ଲକ୍ଷ-ଶୋଷୀ।
ଗଣିକା, ଓକିଲ, ଛାମୁଆ ପୋଷଣ,
ଲାଗି କର କିପାଁ ପ୍ରଜାଙ୍କୁ ଶୋଷଣ ?
ପ୍ରଜା ରକ୍ତ, ସ୍ୱେଦ, ଲୋତକେ ଅର୍ଜିତ
ଅଭିଶପ୍ତ ରାଶି ରାଶି ପାପବିତ୍ତ।
ପ୍ରାୟଶ୍ଚିତ୍ତେ ବ୍ୟୟ ନ କରି ଯତନେ,
ପାପ ଅର୍ଜୁଅଛ ପାପାର୍ଜିତ ଧନେ।
ଅର୍ଜୁଅଛ ସିନା କେବଳ ଦୁଷ୍କୃତ,
ଘୃଷ୍ଟିମୁଖେ ଢାଳି ଯଜ୍ଞକୁଣ୍ଡ-ଘୃତ।

ଏ ଅପ୍ରିୟ ସତ୍ୟେ ଛଳକୁ ନ ଧରି,
ନିଜ ଶ୍ରେୟ ଦେଖ ଚିତ୍ତେ ଚିନ୍ତା କରି ।
ଭଗ୍ନଘଟୁଁ, ଆହା, ସଲିଳ ଯେସନ
ସରିଯାଉଅଛି ଆୟୁ ପ୍ରତି କ୍ଷଣ ।
ବଡ଼ କ୍ରୂର କାଳ, ବଡ଼ ଅବିଶ୍ୱାସୀ,
ହାବୋଡ଼ି, ଯିବ ସେ ଆଚମ୍ବିତେ ଆସି ।
ଦୂରବର୍ତ୍ତୀ ଜାଣି କାଳକୁ ଯେ ହସେ,
ହସି ସେ ତା' ପଛେ ଆସି ଲୁଚି ବସେ ।
ନୀତିବେଳ ବୁଝି ଛାମୁରେ ହାଜର
ହେବା ବିଧି ତାକୁ ନାହିଁଟି ଗୋଚର ।
କେତେ ଦିନ ଖେଳୁଥିବ ଏହି ଖେଳ,
ପାଖେଇ ଆସୁଛି ସେ ଅନ୍ତିମ ବେଳ ।
ଆସୁଛି ନୀରବେ ସେହୁ ପ୍ରତିକ୍ଷଣେ
ନିତ୍ୟଗାମି-ରଥ-ଚକ୍ର ଆବର୍ତ୍ତନେ ।
ଆୟୁ-ସୂର୍ଯ୍ୟ ଯାଏ ତଳେ ଯେତେ ଗଡ଼ି,
ତୁମ୍ଭ ମାୟା ଯାଏ ଛାୟା ପରି ବଢ଼ି ।
ମାୟା-ଚେର ତଳେ ଭେଦିବ ଯେତିକି,
ଅନ୍ତକ ରଗଡ଼େ ଝିଙ୍କିବ ତେତିକି ।
ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର-
ଲାଭ ଲାଗି ଆଗୁଁ ହୁଅ ହୁସିଆର ।

ବେଳ ଥାଉଁ ଥାଉଁ ଅରଜି ଧରମ,
ଜନ୍ମ-ଅନୁରୂପେ ଦେଖାଅ କରମ।
ଜନ୍ମଫଳେ ଭବେ ବଡ଼ପଣ ପାଇ,
ଧର୍ମଫଳେ ତାକୁ କର ଚିରସ୍ଥାୟୀ।
ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି,
ତରିବାକୁ ଏହି ସଂସାର-ବାରିଧି।
ଧର୍ମ ଏକା ସିନା ମହତପଣିଆ,
ଆଉ ବଡ଼ପଣ ଅଢ଼େଇଦିନିଆ।
ବଡ଼ପଣ, ଭାଇ, ଏକା ସିନା ସେହି,
ଛଡ଼ାଇ କେହି ଯା ନ ପାରଇ ନେଇ।
ବଡ଼ପଣ ସେହି, ଅନ୍ତେ ସୁଦ୍ଧା ଯାର,
ସୌରଭେ ଚହଟୁ ଥାଏ ଏ ସଂସାର।
ବଡ଼ପଣେ ସିନା ସେହି ତାକୁ ଗଣି,
ଯେଉଁ ବଡ଼ପଣ ଦ୍ୱିଲୋକସାଧନୀ।
ସେହି ସିନା ବଡ଼ପଣ, ଯହିଁ ଲାଗି
ଅନ୍ତକର ବଜ୍ର-ଦନ୍ତ ଯାଏ ଭାଙ୍ଗି।
ସେହି ବଡ଼ପଣେ ବଳାଅ ମତିକି,
କାଳ ନ ପାରିବ ପଶି ଯା କତିକି।

ହେଳା କର ନାହିଁ ପାଇ ଏ ସୁବିଧା,
ଲଭିବାକୁ ସେହି ବଡ଼ପଣ ନିଦା।
ସଂସାରର ତୁଚ୍ଛସାର ବଡ଼ପଣ-
ଲାଳସାରୁ ନିଅ ବାହୁଡ଼ାଇ ମନ।
ଉଦାସୀନ ନେତ୍ରେ ଦୁନିଆର ମାନ,
ଦେଖି କର ମନ ଧର୍ମେ ଏକତାନ।
ରାଜଧର୍ମେ ଆତ୍ମ-ତତ୍ତ୍ୱେ ଦେଇ ମତି,
ଉଚ୍ଚ ହୋଇ ଲଭ ଉଚ୍ଚତର ଗତି।

□□□

**(କ) ଲେଖକ ପରିଚୟ**

**ରାଧାନାଥ ରାୟ (୧୮୪୮-୧୯୦୮)**

**ଜନ୍ମସ୍ଥାନ-** କେଦାରପୁର, ବାଲେଶ୍ୱର

**ରଚନାସମ୍ଭାର-** କାବ୍ୟ- କେଦାରଗୌରୀ, ନନ୍ଦିକେଶ୍ୱରୀ, ଉଷା, ପାର୍ବତୀ, ଚନ୍ଦ୍ରଭାଗା, ଚିଲିକା, ଦରବାର, ମହାଯାତ୍ରା, ଯଯାତିକେଶରୀ।

ଗଦ୍ୟ - ଇତାଲୀୟ ଯୁବା, ବିବେକୀ, ଏତଦ୍‌ବ୍ୟତୀତ ଅନେକ କବିତା, ଅନୂଦିତ ରଚନା, ସଂସ୍କୃତ ରଚନା ଓ ବଙ୍ଗଳା ରଚନା ଦେଖିବାକୁ ମିଳିଥାଏ।

ରାଧାନାଥ ରାୟ ଓଡ଼ିଆ ଆଧୁନିକ କାବ୍ୟ ସାହିତ୍ୟର ପଥୀକୃତ ସ୍ରଷ୍ଟା। ପ୍ରଥମ କବି ଭାବରେ ସେ ପାଶ୍ଚାତ୍ୟ ଓ ଭାରତୀୟ ସାହିତ୍ୟ ଉଭୟର ଅଧ୍ୟୟନ ଓ

ଅନୁଶୀଳନ କରି ଆପଣାର କାବ୍ୟ କବିତାରେ ପ୍ରତିଫଳିତ କରିଥିଲେ । ତେଣୁ ତାଙ୍କ ସାହିତ୍ୟକୁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମନ୍ୱୟ ବୋଲି ଗବେଷକମାନେ ମତ ଦିଅନ୍ତି । ରାଧାନାଥ ଓଡ଼ିଶା ମାଟିର ଜଣେ ସୁଯୋଗ୍ୟ ସନ୍ତାନ । ମହାକବି ସାରଳା ଦାସଙ୍କ ପରି ସେ ଓଡ଼ିଶାର ମାଟି, ପାଣି, ଅରଣ୍ୟ, ପର୍ବତ, ନଦୀ, ସମୁଦ୍ର ଓ ତୀର୍ଥସ୍ଥାନମାନଙ୍କୁ ଆପଣା କାବ୍ୟରେ ମହତ ସ୍ଥାନ ପ୍ରଦାନ କରିଛନ୍ତି । ଶିକ୍ଷକରୁ ଶିକ୍ଷା ପ୍ରଶାସକ ହୋଇଥିବା ରାଧାନାଥ ସମଗ୍ର ଓଡ଼ିଶା ଏବଂ ଭାରତର ବିଭିନ୍ନ ସ୍ଥାନ ଭ୍ରମଣର ସୁଯୋଗ ପାଇଥିଲେ । କବିବର ରାଧାନାଥ ଆପଣା କବିତାରେ ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟର ଅପରୂପ ବର୍ଣ୍ଣନା କରିଅଛନ୍ତି । ସୁଖପାଠ୍ୟ ଭାଷା, ସରଳ ସୁବୋଧ ଛନ୍ଦରେ ଜୀବନର ପାର୍ଥିବ ଅନୁଭୂତି ଓ ନଶ୍ୱରତା, ପ୍ରକୃତି ମଧ୍ୟରେ ପରମେଶ୍ୱରଙ୍କ ଦର୍ଶନ, ସତ୍ୟ, ଧର୍ମର ଜୟ ଆଦି ପ୍ରସଙ୍ଗକୁ ଆପଣା କାବ୍ୟ ଗୁଡ଼ିକରେ ସେ ସୁନ୍ଦର ଭାବେ ରୂପ ପ୍ରଦାନ କରିଛନ୍ତି । କବିଙ୍କ ସୌନ୍ଦର୍ଯ୍ୟ ସଂଦର୍ଶନରେ ପାରଦର୍ଶିତା ବିଷୟ ନିର୍ବାଚନରେ ନୂତନତା, ବର୍ଣ୍ଣନାର ରସାଳତା, ପ୍ରାଣପ୍ରାଚୁର୍ଯ୍ୟର ବିଶାଳତା ଓ ଭାଷାର ଲାଳିତ୍ୟ ତାଙ୍କ କାବ୍ୟଗୁଡ଼ିକୁ ସୁଖପାଠ୍ୟ କରିପାରିଛି । ରାଧାନାଥ ସାଧାରଣ କବିରୁ ପାଲଟିଛନ୍ତି ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ।

## 'ବଡ଼ପଣ' ସଂପର୍କରେ –

ଆମର ପଠିତ କବିତାଟି ରାଧାନାଥଙ୍କ ସୁପ୍ରସିଦ୍ଧ ବ୍ୟଙ୍ଗ କାବ୍ୟ 'ଦରବାର'ରୁ ସଂଗୃହୀତ । ବିଶ୍ୱବିଖ୍ୟାତ ନକ୍ଷତ୍ରବିଜ୍ଞାନୀ, ଜ୍ୟୋତିର୍ବିଦ ପଠାଣି ସାମନ୍ତ ବା ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ କଟକର ବାରବାଟୀ ଦୁର୍ଗରେ ଏକ ଦରବାର ବସିଥିଲା । ଓଡ଼ିଶାର ବିଭିନ୍ନ ଗଡ଼ଜାତର ରାଜା, ଜମିଦାରମାନେ ଏହି ଦରବାରକୁ ଆସିଥିଲେ । ସେହି ରାଜା ଓ ରାଜକର୍ମଚାରୀମାନଙ୍କର ଅସାର ଅହଙ୍କାର କବି ରାଧାନାଥଙ୍କ ପାଇଁ ଅସହ୍ୟ ହୋଇଛି । ଆପଣାର ଶକ୍ତିଶାଳୀ ଲେଖନୀରେ ସେ ସେହି ଅହଙ୍କାରୀମାନଙ୍କ ଉଦ୍ଦେଶ୍ୟରେ ମହାକାଳର କ୍ରୂରତା,

ଅହମିକାର ଅସାରତା, ମଣିଷପଣିଆର ମହାନତା ଏବଂ ଧର୍ମର ଶ୍ରେଷ୍ଠତା ବିଷୟରେ ଅବତାରଣା କରିଛନ୍ତି । ଧର୍ମ ପଥରେ ଜୀବନ ଯାପନ କରି ପ୍ରକୃତ ବଡ଼ପଣର ପରିଚୟ ଦେବାକୁ ସେ ନିବେଦନ କରିଅଛନ୍ତି ।

•

## କଠିନ ଶବ୍ଦାର୍ଥ

ବଡ଼ପଣ- ମହାନପଣିଆ / ଶ୍ରେଷ୍ଠତା, କେଶରୀ- ସିଂହ, ଔରସେ - ପିତୃତ୍ୱ, ଶ୍ୱାନ-କୁକୁର, ପ୍ରତିଷ୍ଠା- ସମ୍ମାନ / ମହନୀୟତା, ତିଳେ- ଅଳ୍ପ ପରିମାଣରେ, ବଡ଼ାଇ- ଅହଙ୍କାର, ସ୍ୱାମୀ- ସମ୍ରାଟ / ପ୍ରଭୁ, ବହ୍ନି- ଅଗ୍ନି / ନିଆଁ, ଊର୍ଦ୍ଧ୍ୱଗାମୀ- ଉପରକୁ ଗତି ଯାହାର, ନିଆଁ ଜଳୁଥିଲେ ଶିଖା ସଦା ଉପରକୁ ଉଠି ଦିଶୁଥାଏ । ଅଧୋଗତି- ନିମ୍ନଗାମୀ (ଜଳ ଧାରା ସର୍ବଦା ତଳକୁ ତଳକୁ ବହିଚାଲେ), ମଣୁଥିଲେ- ମନେ କରୁଥିଲେ, ସୁଧାର- ଉତ୍ତମ ପ୍ରଥା, ବାଜ- ସଞ୍ଚାଣ, ବାଜପାରା- ଏଠାରେ ପ୍ରଜାମାନଙ୍କୁ ପାରା ଓ ରାଜାଙ୍କୁ ସଞ୍ଚାଣ କୁହାଯାଇଛି କାରଣ ରାଜାମାନେ ସର୍ବଦା ପ୍ରଜାଙ୍କୁ ଶୋଷଣ କରୁଥିଲେ), ରାଜଭୋଗ ଅଭିଳାଷ- ରାଜ ଭୋଗର ଇଚ୍ଛା, ଶ୍ରମାର୍ଜିତ ଗ୍ରାସ- ପରିଶ୍ରମରୁ ଅର୍ଜିତ ଖାଦ୍ୟ, ସର୍ବଶୋଷୀ- ଯେ ସମସ୍ତଙ୍କୁ ଶୋଷଣ କରନ୍ତି, ବାତ୍ସଲ୍ୟେ- ପୁତ୍ର ସ୍ନେହରେ, ସଙ୍ଗୀନେ- ବନ୍ଧୁକ ମୂନରେ, ଭୀତ- ଭୟକାତର, ଗନ୍ତାଘର- ଖଜଣା ଖାନା, ପ୍ରାସାଦ- ରାଜ ଉଆସ, ଗାଭୀ- ଗାଈ, ପ୍ରଜାଧନ ବୁହା- ପ୍ରଜାଙ୍କ ସମ୍ପତ୍ତି ଅପହରଣ, ଖଳ-ଦୁଷ୍ଟ, ଖଣ୍ଟ- ଡକାୟତ, ତଣ୍ଡି- ଠକି / କଷ୍ଟଦେଇ, ରାଣ୍ଡ-ବିଧବା, ଛାଗ ମୁଣ୍ଡା- ଛେଳିମାଂସ, କାଣ୍ଡଜ୍ଞାନ ହୀନ- ଯାହାର ସାମାନ୍ୟ ସାଧାରଣ ଜ୍ଞାନ ନ ଥାଏ, କାଣ୍ଡ ପୃଷ୍ଠ ହୁଣ୍ଡା- ଜ୍ଞାନଶୂନ୍ୟ ଅସ୍ତ୍ର ବ୍ୟବସାୟୀ, ଅଭୀଷ୍ଟ- ଇଷ୍ଟ ଦେବତା, ଲୋଭ ପ୍ରେତ- ଲୋଭଗ୍ରସ୍ତ ପ୍ରେତ, ବିପଦର ବେତ- ବିପଦ ରୂପକ ବେତ ପ୍ରହାର, ପାପ ଦ୍ରବିଣ- ପାପ ଅର୍ଜିତ ଧନ, ପ୍ରତ୍ୟାଶୀ- ଆଶାୟୀ, ମନାସି- ଇଚ୍ଛାକରି, ଟାକି - ଅପେକ୍ଷା କରି, ଜରିମାନା- ଜୋରିମାନା,

ମାଲଖାନା- ଅର୍ଥାଗାର / ଗନ୍ତାଘର / ଟ୍ରେଜେରୀ, ଜାଗ୍ରତେ ସ୍ୱପନେ- ସ୍ୱପ୍ନରେ ଜାଗିଉଠେ ବା ଚେଇଁ ଅଥବା ଶୋଇଥିବା ସମୟରେ, ସାଫଲ୍ୟ- ସଫଳତା, ସୁବ୍ୟୟ- ଉତ୍ତମ ବ୍ୟୟ / ଭଲ ପରୋପକାର ମୂଳକ କାମରେ ଖର୍ଚ୍ଚ, ଯକ୍ଷ- ଧନକୁ ଜଗି ରହିଥିବା ଉପଦେବତା / କୁବେରର ଧନାଗାରର ଜଗୁଆଳି, ମଞ୍ଚେ- ଦୁନିଆର ରଙ୍ଗମଞ୍ଚରେ, ଧରାଖଣ୍ଡ- ଦେଶ, ଅଶ୍ରୁସିକ୍ତ ଗଣ୍ଡ- ଲୁହା ବୁହାଇଲେ/ ଲୁହ ବହିବାରୁ ଓଦା ଗାଲ, ସ୍କନ୍ଦର-ଗ୍ରୀକ୍ ବୀର ଆଲେକଜାଣ୍ଡାର, ଚିତ୍ତେ- ହୃଦୟରେ, କୋକେଇ- ଶବାଧାର, ବେନିପାଶେ- ଦୁଇ ପାଖକୁ, ହେଜି- ମନେପକାଇ, ସତ୍ତ୍ୱଗୁଣ- ସତ୍‌ଗୁଣ ସକଳ, ତେଜି- ତ୍ୟାଗକରି, ତଣ୍ଡି- ଶୋଷଣ କରି । ଅରକ୍ଷିତ- ଅସହାୟ ବ୍ୟକ୍ତି, ବିତ୍ତ- ଧନ, ଲକ୍ଷପୋଷୀ- ଯେ ଲକ୍ଷାଧିକ ଲୋକଙ୍କୁ ପୋଷେ, ସାଧାରଣତଃ ରାଜା / ଜମିଦାର ମାନଙ୍କୁ ଲକ୍ଷପୋଷୀ କୁହାଯାଉଥିଲା କିନ୍ତୁ କବିଙ୍କ ମତରେ ସେମାନେ ଥିଲେ ଲକ୍ଷଶୋଷୀ- ଅର୍ଥାତ୍ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ଶୋଷଣ କରି ନିଜର ଧନ ବୃଦ୍ଧି କରୁଥିଲେ । ଗଣିକା- ରୂପଜୀବୀ / ବେଶ୍ୟା, ଛାମୁଆ- ଖୋସାମତିଆ ପାଖଲୋକ (ରାଜାଗଣ ବେଶ୍ୟାସକ୍ତ ହୋଇ ମାଲିମକଦ୍ଦମା ଗ୍ରସ୍ତ ହୋଇ ବହୁ ଅର୍ଥ ବ୍ୟୟ କରୁଥିଲେ । ତାଙ୍କ ପାଖ ଲୋକମାନେ ମଧ୍ୟ ମିଛ କଥା କହି ଖୋସାମତ୍ କରି ତାଙ୍କଠାରୁ ବହୁ ଅର୍ଥ ଶୋଷଣ କରି ନେଉଥିଲେ ।) ସ୍ୱେଦ- ଝାଳ, ପାପବିତ୍ତ- ପାପ ଅର୍ଜିତ ଧନ, ଦୁଷ୍କୃତ- ପାପ, ଘୃଷ୍ଟି- ଘୁଷୁରି, ଶ୍ରେୟ- ଶ୍ରେଷ୍ଠତ୍ୱ, ଭଗ୍ନଘଟୁ- ଭଙ୍ଗା ମାଠିଆରୁ, ସଲିଳ- ଜଳ, କ୍ରୂର- ନିଷ୍ଠୁର, ହାବୋଡ଼ିଯିବ- ପହଞ୍ଚି ଯିବ, ଆଚମ୍ବିତେ - ଅତର୍କିତ ଭାବରେ / ସମସ୍ତଙ୍କୁ ଚକିତ କରି, ଦୂରବର୍ତ୍ତୀ - ଦୂରରେ ଅଛି ବୋଲି ମନେକରି, ନୀତିବେଳ- ଦୈନନ୍ଦିନ କାର୍ଯ୍ୟ ନିର୍ଘଣ୍ଟ, ଅନ୍ତିମବେଳ- ଶେଷ ସମୟ, ମାୟାଡେର- ସଂସାରର ମାୟା ରୂପକ ଡେର, ଅନ୍ତକ- ଯମ / ମୃତ୍ୟୁ ଦେବତା, ରଗଡ଼େ ଝିଙ୍କିବ- ଖୁବ୍ ଜୋରରେ ଓଟାରିବ (ମାୟାଗ୍ରସ୍ତ ଲୋକଙ୍କୁ ମୃତ୍ୟୁ ଖୁବ୍ ଯନ୍ତ୍ରଣା ପ୍ରଦ ହୁଏ ।) ନିସ୍ତାର ଲାଭ- ତ୍ରାହି ପାଇବା, ଭବେ - ସଂସାରରେ, ପୋତ- ଜାହାଜ / ବୋଇତ, ବାରିଧି- ସମୁଦ୍ର, ଅଢ଼େଇ ଦିନିଆ-

କ୍ଷଣସ୍ଥାୟୀ / ଅଳ୍ପ କାଳସ୍ଥାୟୀ। ଅନ୍ତେ-ଶେଷରେ / ପରେ, ସୌରଭ - ସୁବାସ, ଦ୍ୱିଲୋକ - ମର୍ତ୍ତ୍ୟଲୋକ ଓ ସ୍ୱର୍ଗଲୋକ / ଦୁଇଲୋକ, (ଅଭିଧାନରେ ଶବ୍ଦଟି 'ଦ୍ୟୁଲୋକ' ଅର୍ଥ ସ୍ୱର୍ଗ ଲୋକ । କିନ୍ତୁ କବି ରାଧାନାଥ ଏଠାରେ ଏହାକୁ 'ଦ୍ୱିଲୋକ' ଲେଖିଥିବାରୁ ସ୍ୱର୍ଗ ଓ ମର୍ତ୍ତ୍ୟ ଦୁଇ ଲୋକ ଅର୍ଥ କରାଯାଇଛି ।) ବଜ୍ର-ଦନ୍ତ- କଠୋର ଦନ୍ତ (ସତ୍‌କୀର୍ତ୍ତି କରିଥିବା ଲୋକ ମରିମଧ୍ୟ ଅମର ରହେ। କାଳ ତାକୁ ଗ୍ରାସ କରିପାରେ ନାହିଁ।) ତ୍ୱକସାର- ମୂଲ୍ୟହୀନ, ରାଜଧର୍ମ- ପ୍ରଜାନୁରଞ୍ଜନ ହେଉଛି ଭାରତର ଆଦର୍ଶ ରାଜଧର୍ମ, ଆତ୍ମତତ୍ତ୍ୱେ- ଆତ୍ମଜ୍ଞାନ ଲାଭରେ, ଲଭ- ଲାଭକର, ଉଚ୍ଚତର ଗତି- ବଡ଼ପଣ।

□□□

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) "କେଶରୀ ଔରସେ ତୁମ୍ଭେ ସିନା ଶ୍ୱାନ" – ଏହା କାହାକୁ କୁହାଯାଇଛି ?

(i) ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କୁ।

(ii) ସାମନ୍ତ ଚନ୍ଦ୍ରଶେଖରଙ୍କୁ।

(iii) ଇଂରେଜ ସାହେବମାନଙ୍କୁ।

(iv) କବି ରାଧାନାଥଙ୍କୁ।

(୨) ବହ୍ନି ଶିଖା ପରି ଊର୍ଦ୍ଧ୍ୱଗାମୀ କିଏ ଥିଲେ ?

(i) ସାମନ୍ତ ଚନ୍ଦ୍ରଶେଖର।

(ii) ଉତ୍କଳର ଗଜପତି।

(iii) ଉତ୍କଳର ସେନାପତି।

(iv) ବନ୍ଧୁ ଜଗବନ୍ଧୁ।

(୩) କବି ରାଧାନାଥ ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ପିତୃଗଣଙ୍କୁ ପରମ ଉଦାର ବୋଲି କାହିଁକି କହିଛନ୍ତି ?

(i) ସେମାନେ ସୁଶାସକ ଥିଲେ।

(ii) ଶକ୍ତିଶାଳୀ ଯୋଦ୍ଧାଥିଲେ।

(iii) ରାଜ୍ୟକୁ ଏକ ପରିବାର ମନେ କରୁଥିଲେ।

(iv) ଦୋଷୀ ପ୍ରଜାଙ୍କୁ ଦଣ୍ଡ ଦେଉ ନ ଥିଲେ।

(୪) କବିଙ୍କ ସମୟର ରାଜା ଓ ପ୍ରଜାଙ୍କ ସଂପର୍କ କିପରି ଥିଲା।

(i) ଶୁଆଶାରୀ ପରି ।

(ii) ବାଜ-ପାରାପରି ।

(iii) ସିଂହ- ଶଶକ ପରି ।

(iv) ପିତା - ପୁତ୍ର ପରି ।

(୫) ଦରବାରୀ ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରୁଥିଲେ ?

(i) ବେତମାଡ଼ ଦେଇ ।

(ii) କର ଆଦାୟ କରି ।

(iii) ବିଦେଶୀ ବନ୍ଧୁକ ଦେଖାଇ ।

(iv) ବନ୍ଦୀ କରି।

(୬) ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ସର୍ବସ୍ୱ କ'ଣ ଥିଲା ?

(i) ଧନ ସମ୍ପତ୍ତି ।

(ii) ସୁନା ।

(iii) ଗନ୍ତାଘର ।

(iv) ସୈନ୍ୟ ସାମନ୍ତ ।

(୭) ଦୁଃଖୀରଙ୍କଙ୍କୁ ଶୋଷଣ କରି ରାଜାମାନେ ବିଦେଶୀଙ୍କୁ କ'ଣ ଖୁଆଉ ଥିଲେ ?

(i) ଘିଅ ଅଟା ।

(ii) ଛାଗମୁଣ୍ଡା ।

(iii) କୁକ୍କୁଟାଣ୍ଡ ।

(iv) ଖୁଦକୁଣ୍ଡା ।

(୮) ରାଜାମାନେ କିପରି ନିଜର ମାଲଖାନା ପୂର୍ଣ୍ଣ କରୁଥିଲେ ?

(i) ପ୍ରଜାମାନଙ୍କ ଧନ ଅପହରଣ କରି ।

(ii) ଜରିମାନା କରି ।

(iii) ବ୍ରିଟିଶ ସରକାରଙ୍କ ଠାରୁ କରଜ ଆଣି ।

(iv) ଭୂ-ସମ୍ପତ୍ତି ବିକ୍ରି କରି ।

(୯) ଧନ ଅର୍ଜନର ସଫଳତା କେଉଁଠି ଥାଏ ?

(i) ଖାଇ ପିଇ ଆରାମ କରିବାରେ ।

(ii) ବିଳାସ ବ୍ୟସନରେ ବ୍ୟୟ କରିବାରେ ।

(iii) ସୁ-ବ୍ୟୟରେ ।

(iv) ଅନ୍ୟକୁ ଦାନ କରିବାରେ ।

(୧୦) ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାର ସମୁଦ୍ର କୂଳରେ ପହଞ୍ଚି କାହିଁକି କାନ୍ଦି ପକାଇ ଥିଲେ ?

(i) ଯୁଦ୍ଧ କରି କ୍ଳାନ୍ତ ହୋଇ ଯାଇଥିବାରୁ ।

(ii) ଜୟ କରିବାକୁ ଆଉ ରାଜ୍ୟ ନ ଥିବାରୁ ।

(iii) ପୁରୁଙ୍କ ସହିତ ହାରି ଯିବାରୁ ।

(iv) ରୋଗଗ୍ରସ୍ତ ହୋଇ ଯାଇଥିବାରୁ ।

(୧୧) "ଆସିଥିଲି ଫେରି ଗଲି ଶୂନ୍ୟ ହସ୍ତେ" - ଉକ୍ତିଟି କାହାର ?

(i) ଉତ୍କଳର ଗଜପତି ।

(ii) ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାର ।

(iii) ସାମନ୍ତ ଚନ୍ଦ୍ରଶେଖର ।

(iv) ଜଣେ ସାଧାରଣ ପ୍ରଜାର ।

(୧୨) ଭଙ୍ଗାମାଠିଆରୁ ପାଣି ବୋହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ?

(i) ବଳ ।

(ii) ଆୟୁ ।

(iii) ଧନ ।

(iv) ଯୌବନ ।

(୧୩) ମୃତ୍ୟୁ ବହୁ ଦୂରରେ ଅଛି ବୋଲି ମନେ କରି ଯିଏ ହସୁଥାଏ ତାର କିପରି ଗତି ଘଟେ ?

(i) ହସି ହସି ମୃତ୍ୟୁ ତା' ପଛରେ ଆସି ବସିଯାଏ।

(ii) ତା' ଜୀବନ ଦୀର୍ଘସ୍ଥାୟୀ ହୋଇଯାଏ।

(iii) ମୃତ୍ୟୁ ଭୟ ଲୋପ ପାଇଯାଏ।

(iv) ଆନନ୍ଦରେ ରହେ।

(୧୪) ଆୟୁ ବଢ଼ିଗଲେ ଜୀବନରେ ମାୟାର ପ୍ରଭାବ କିପରି ହୁଏ ବୋଲି କବି କହିଛନ୍ତି ?

(i) ଛାୟା ପରି ବଢ଼ିଯାଏ।

(ii) ବ୍ୟକ୍ତି ନିର୍ଲିପ୍ତ ହୋଇଯାଏ।

(iii) ମାୟାର ଆକର୍ଷଣ ରହେନାହିଁ।

(iv) ମାୟା କମିଯାଏ।

(୧୫) ବିଧାତା ଧର୍ମ ରୂପକ ପୋତ ଗଢ଼ିଛନ୍ତି କାହିଁକି ?

(i) ସଂସାର ବାରିଧିକୁ ଅତିକ୍ରମ କରିବା ପାଇଁ ।

(ii) ଧର୍ମ ହୀନ ବ୍ୟକ୍ତିକୁ ଧର୍ମ ସଂପର୍କରେ ସଚେତନ କରିବା ପାଇଁ ।

(iii) ଧର୍ମର ପ୍ରଚାର କରିବା ପାଇଁ ।

(iv) ରାଜ୍ୟ ଶାସନ କରିବା ପାଇଁ ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) 'ବଡ଼ପଣ' କବିତା ରାଧାନାଥଙ୍କ କେଉଁ କାବ୍ୟରୁ ଆସିଅଛି ?

(୨) ଦରବାରରେ ଯୋଗ ଦେଇଥିବା ରାଜା ଓ ଜମିଦାରମାନେ କ'ଣ ବିକି ଭାଙ୍ଗି ଖାଉଥିଲେ ?

(୩) କିଏ ବହ୍ନିଶିଖା ପରି ସଦା ଊର୍ଦ୍ଧ୍ୱଗାମୀ ଥିଲେ ?

(୪) ବିହ୍ନି ଶିଖାର ଧର୍ମ କ'ଣ ?

(୫) ଜଳଧାରାର ଧର୍ମ କ'ଣ ?

(୬) ପୂର୍ବ ରାଜାମାନଙ୍କର ବଂଶଧର ହୋଇ ଆଜିର ରାଜା ଜମିଦାରମାନଙ୍କର କିପରି ଅବସ୍ଥା ହୋଇଛି ?

(୭) ଦରବାରରେ ଯୋଗ ଦେଇଥିବା ରାଜାଙ୍କର ପିତୃଗଣ କିପରି ଥିଲେ ?

(୮) କେଉଁମାନେ ରାଜ୍ୟକୁ ନିଜ ପରିବାର ପରି ମନେ କରୁଥିଲେ ?

(୯) ଏବେ ରାଜା ଓ ପ୍ରଜାଙ୍କ ସଂପର୍କ କିପରି ବୋଲି କୁହାଯାଇଛି ?

(୧୦) ରାଜଭୋଗର ଅଭିଳାଷ ପ୍ରଜାଙ୍କଠାରୁ କ'ଣ କାଢ଼ିନେଲା ?

(୧୧) ଦେଶୀ ହୋଇ ରାଜାମାନେ କେଉଁ ବିଦେଶୀ ନୀତି ଅବଲମ୍ବନ କରୁଥିଲେ ?

(୧୨) ପ୍ରଜାଙ୍କ ଚିତ୍ତକୁ ପୂର୍ବ ରାଜାମାନେ କିପରି ବାନ୍ଧିଥିଲେ ?

(୧୩) କିଏ ବିଦେଶୀ ସଙ୍ଗିନରେ ପ୍ରଜାମାନଙ୍କୁ ଭୟଭୀତ କରୁଥିଲେ ?

(୧୪) ଆଜିର ରାଜାମାନଙ୍କର ସର୍ବସ୍ୱ କ'ଣ ?

(୧୫) ଆଜିର ରାଜଧର୍ମ କିପରି ବୋଲି କୁହାଯାଇଛି ?

(୧୬) କେଉଁମାନଙ୍କୁ କାନକୁହା ବୋଲି କବି କହିଛନ୍ତି ?

(୧୭) ଦୁଃଖୀରଙ୍କିଙ୍କୁ ତଣ୍ଡି ରାଜାଗଣ ବିଦେଶୀଙ୍କୁ କ'ଣ ଖୁଆଉ ଥିଲେ ?

(୧୮) କାଣ୍ଡପୃଷ୍ଠ ହୁଣ୍ଡା ବୋଲି କେଉଁମାନଙ୍କୁ କୁହାଯାଇଛି ?

(୧୯) ପ୍ରଜାଙ୍କମଧ୍ୟରେ କିଏ ପାପବୃଦ୍ଧିକୁ ମନାସୁ ଥିଲେ ?

(୨୦) ରାଜାମାନେ କିପରି ନିଜର ମାଲଖାନା ଭରୁଥିଲେ ?

(୨୧) କେଉଁ ଚିନ୍ତା ବିନା ରାଜାମାନଙ୍କର ଅନ୍ୟ ଚିନ୍ତା ନଥିଲା ?

(୨୨) ଜାଗ୍ରତ ଓ ସ୍ୱପ୍ନରେ ରାଜାମାନଙ୍କ ଠାରେ କେଉଁ ଲାଳସା ଜାତ ହେଉଥିଲା ?

(୨୩) ଧର୍ମର ସାଫଲ୍ୟ କେଉଁଥିରେ ଥାଏ ?

(୨୪) କିଏ ଧନକୁ ଜଗି ବସିଥାଏ ?

(୨୫) ରାଧାନାଥ କାହାକୁ ସ୍କନ୍ଦର ବୋଲି କହିଛନ୍ତି ?

(୨୬) ସ୍କନ୍ଦର କାହିଁକି କାନ୍ଦୁଥିଲେ ?

(୨୭) 'ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ'- କିଏ କହିଛନ୍ତି ?

(୨୮) ଲକ୍ଷ୍ୟଶୋଷୀ ବୋଲି କାହାକୁ କୁହାଯାଇଛି ?

(୨୯) ରାଜା ଓ ଜମିଦାରମାନେ କାହିଁକି ପ୍ରଜାଙ୍କୁ ଶୋଷଣ କରନ୍ତି ?

(୩୦) ପାପବିତ୍ତ କିପରି ଅର୍ଜିତ ହୁଏ ?

(୩୧) ଭଙ୍ଗା ମାଠିଆରୁ ପାଣି ବୋହିଗଲା ପରି କ'ଣ ପ୍ରତିକ୍ଷଣରେ ବୋହି ଯାଉଅଛି ?

(୩୨) କାଳ କିପରି ?

(୩୪) କାହାକୁ ଅବିଶ୍ୱାସୀ ବୋଲି କୁହାଯାଇଛି ?

(୩୫) କିଏ ହଠାତ ଆସି ହାବୁଡ଼ି ଯିବ ବୋଲି କୁହାଯାଇଛି ?

(୩୬) କାହା ପଛରେ କାଳ ଲୁଚି ବସିଥାଏ ?

(୩୭) ଛାୟା କେତେବେଳେ ବଢ଼ିଯାଏ ?

(୩୮) ରାଧାନାଥ ମାୟାକୁ କାହା ସହିତ ତୁଳନା କରିଛନ୍ତି ?

(୩୯) ମାୟାର ଚେର ଭେଦିଗଲେ କି କ୍ଷତିହୁଏ ?

(୪୦) ଅନ୍ତକ କିଏ ?

(୪୨) ବେଳ ଥାଉଁ କ'ଣ ଅର୍ଜନ କରିବାକୁ କବି ପରାମର୍ଶ ଦେଇଛନ୍ତି ?

(୪୩) ସଂସାରରେ ଜନ୍ମଫଳରୁ କ'ଣ ମିଳେ ?

(୪୪) ବଡ଼ପଣ କିପରି ଚିରସ୍ଥାୟୀ ହୁଏ ?

(୪୫) ବିଧାତା କି ପୋତ ଗଢ଼ିଛନ୍ତି ?

(୪୬) ଭଗବାନ କାହିଁକି ଧର୍ମର ପୋତ ଗଢ଼ିଛନ୍ତି ?

(୪୭) ସଂସାରକୁ କବି କାହା ସହିତ ତୁଳନା କରିଛନ୍ତି ?

(୪୮) ସଂସାରରେ ମହତ ପଣିଆ କ'ଣ ?

(୪୯) ସଂସାରର ସବୁ ବଡ଼ପଣକୁ କବି କ'ଣ ବୋଲି କହିଛନ୍ତି ?

(୫୦) ଦ୍ୱିଲୋକସାଧନୀ ବୋଲି କବି କାହାକୁ କହିଛନ୍ତି ?

(୫୧) କେଉଁ ବଡ଼ପଣରେ ମତି ବଳାଇବାକୁ କବି ପରାମର୍ଶ ଦେଇଛନ୍ତି ?

(୫୨) କେଉଁଥିରେ ମନ ବାହୁଡ଼ାଇ ନେବାପାଇଁ ପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ?

(୫୩) ନିଜେ ଉଚ୍ଚହୋଇ କ'ଣ ଲାଭ କରିବା ପାଇଁ କବି ରାଜାମାନଙ୍କୁ ପରାମର୍ଶ ଦେଇଛନ୍ତି ।

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) କବି ରାଧାନାଥ କେଉଁମାନଙ୍କୁ "କେଶରୀ ଔରସେ ଶ୍ୱାନ" ବୋଲି କହିଛନ୍ତି ?

(୨) ପୂର୍ବ ପୁରୁଷର ବିଶାଳ ପ୍ରତିଷ୍ଠାକୁ କବିଙ୍କ ସମୟର ରାଜାମାନେ କିପରି ନଷ୍ଟ କରିଥିଲେ ?

(୩) 'ବହ୍ନି ଶିଖା ପରି ସଦା ଊର୍ଦ୍ଧ୍ୱଗାମୀ' କାହା ଉଦ୍ଦେଶ୍ୟରେ କୁହାଯାଇଛି ?

(୪) ପ୍ରାଚୀନ ଓଡ଼ିଶାର ରାଜାମାନେ କିପରି ଉଦାର ଥିଲେ ?

(୫) ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ପ୍ରାଚୀନ ସଂପର୍କ କିପରି ଥିଲା ?

(୬) କାହା-କାହାର ସଂପର୍କକୁ ବାଜ ଓ ପାରାର ସଂପର୍କ ବୋଲି କୁହାଯାଇଛି ?

(୭) ପ୍ରଜାଙ୍କ ଶ୍ରମାର୍ଜିତ ଗ୍ରାସ କିଏ କାଢ଼ି ନେଇଛି ?

(୮) ନିର୍ମମ ବୈଦେଶୀ ନୀତି କ'ଣ ?

(୯) ଦେଶୀ ରାଜାମାନେ କିପରି ବିଦେଶୀ ନୀତି ଆପଣେଇ ଥିଲେ ?

(୧୦) ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରାଉଥିଲେ ?

(୧୧) ଦରବାରକାଳୀନ ରାଜାଙ୍କର ରାଜଧର୍ମ କିପରି ଥିଲା ?

(୧୨) ରାଜାମାନେ ବିଦେଶୀଙ୍କୁ କିପରି କୁକ୍କୁଟାଣ୍ଡ ଖୁଆଉ ଥିଲେ ?

(୧୩) ରାଜାମାନେ କ'ଣ ପାଇଁ ଟାକି ରହିଥିଲେ ବୋଲି କୁହାଯାଇଛି ?

(୧୪) ଧନ ଅର୍ଜନର ପ୍ରକୃତ ସୁଫଳ କିପରି ମିଳେ ବୋଲି କବି କହିଛନ୍ତି ?

(୧୫) ମଣିଷର ମୃତ୍ୟୁପରେ ତା' ଅର୍ଜିତ ଧନର କି ପରିଣତ ହୁଏ ?

(୧୬) ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାର କାହିଁକି 'ଅଶ୍ରୁ ସିକ୍ତଗଣ୍ଡ' କରିଥିଲେ ?

(୧୭) 'ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ' କିଏ କେତେବେଳେ କହିଥିଲେ ?

(୧୮) ରାଜାମାନେ ପ୍ରଜାଙ୍କଠାରୁ ଶୋଷଣ କରି ଆଣୁଥିବା ବିତ୍ତ କିପରି ବ୍ୟୟିତ କରୁଥିଲେ ?

(୧୯) କବି କାହିଁକି କାଳକୁ ନିଷ୍ଠୁର ଓ ଅବିଶ୍ୱାସୀ ବୋଲି କହିଛନ୍ତି ?

(୨୦) ମାୟା ବଢ଼ିଲେ କ'ଣ ହୁଏ ?

(୨୧) ଧର୍ମପୋତ କିଏ ଓ କାହିଁକି ଗଢ଼ିଛନ୍ତି ?

(୨୨) ପ୍ରକୃତ ବଡ଼ପଣ କ'ଣ ?

(୨୩) 'ଉଚ୍ଚ ହୋଇ ଲଭ ଉଚ୍ଚତର ଗତି' କିଏ କାହାକୁ କହିଛି ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର । ଉତ୍ତର ପାଇଁ ୨ ନମ୍ବର ରହିବ।**

(୧) ପୂର୍ବ ପୁରୁଷଙ୍କ ପ୍ରତିଷ୍ଠା ବିଷୟରେ କବି କି ସୂଚନା ଦେଇଛନ୍ତି ?

(୨) ଉତ୍କଳର ପୂର୍ବ ସମ୍ରାଟମାନଙ୍କର ପରିଚୟ କିପରି ଥିଲା ?

(୩) "ରାଜା ପ୍ରଜା ଏବେ ହେଲେ ବାଜପାରା"- କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୪) ଧନ ଅର୍ଜନ ଓ ଏହାର ସୁବ୍ୟୟ କିପରି ହୋଇପାରିବ ବୋଲି କବି ପରାମର୍ଶ ଦେଇଛନ୍ତି ?

(୫) ଆଲେକ୍‌ଜାଣ୍ଡାରଙ୍କର ଶେଷ ଇଚ୍ଛା କ'ଣ ଥିଲା ?

(୬) 'ଘୃଷ୍ଟିମୁଖେ ଢାଳି ଯଜ୍ଞକୁଣ୍ଡ ଘୃତ' କେଉଁ ପ୍ରସଙ୍ଗରେ କୁହାଯାଇଛି- ବୁଝାଇ ଦିଅ ?

(୭) ରାଜା ଓ ଜମିଦାରଙ୍କ ଅର୍ଥ କିପରି ଅପବ୍ୟୟିତ ହେଉଥିଲା ବୋଲି କବି ଉଲ୍ଲେଖ କରିଛନ୍ତି ?

(୮) ମଣିଷ ଜୀବନରେ କାଳର ମହତ୍ତ୍ୱକୁ କବି କିପରି ବର୍ଣ୍ଣନା କରିଛନ୍ତି ?

(୯) କେଉଁ ଦୁଃଖରୁ ନିସ୍ତାର ଲାଭ କରିବା ପାଇଁ ହୁସିଆର ହୋଇ ରହିବାକୁ କବି ପରାମର୍ଶ ଦେଇଛନ୍ତି ?

(୧୦) ଜନ୍ମ ଅନୁରୂପରେ ପାଇଥିବା ବଡ଼ପଣ ସଫଳ ହେବ କିପରି ?

(୧୧) ଉଚ୍ଚତର ଗତି କିପରି ଲାଭ କରାଯାଇପାରେ ବୋଲି କବି କହିଛନ୍ତି ?

(୧୨) 'ବଡ଼ପଣ ନିଦା' କହିବାର ଯଥାର୍ଥତା ବିଚାର କର ?

**(ଙ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

(୧) 'ବଡ଼ପଣ' କବିତାର ସାରମର୍ମ ନିଜ ଭାଷାରେ ଲେଖ ।

(୨) ମଣିଷ କିପରି ଉଚ୍ଚ ହୋଇ ଉଚ୍ଚତର ଗତିଲାଭ କରିପାରିବ, ପଠିତ- 'ବଡ଼ପଣ' କବିତା ଅବଲମ୍ବନରେ ଆଲୋଚନା କର ।

(୩) 'ବଡ଼ପଣ' କବିତା ଆଧାରରେ କବି ରାଧାନାଥଙ୍କ ଜୀବନ ପ୍ରତି ଦୃଷ୍ଟି-ଭଙ୍ଗୀର ପରିଚୟ ପ୍ରଦାନ କର।

(୪) ପଠିତ କବିତା ଅବଲମ୍ବନରେ ମଣିଷ ଜୀବନରେ ଧର୍ମର ଗୁରୁତ୍ୱ ବିଚାର କର।

(୫) ପଠିତ କବିତା ଅବଲମ୍ବନରେ କବି ରାଧାନାଥ ତାଙ୍କ ସମୟର ରାଜା ଓ ଜମିଦାର ମାନଙ୍କୁ ରାଜଧର୍ମ ପାଳନର ଯେଉଁ ପରାମର୍ଶ ଦେଇଛନ୍ତି- ଆଲୋଚନା କର।

❑❑❑

# ତପସ୍ୱିନୀର ପତ୍ର

## ଗଙ୍ଗାଧର ମେହେର

●

"ଶରଣ-ବତ୍ସଳ-ଧ୍ୱଜ ରିପୁ-ଗଜାଙ୍କୁଶ
ଦୁଃଖ-ଗିରି-ବଜ୍ର ଯହିଁ ଦେଖନ୍ତି ବିଦୁଷ,
ରାଜରାଜେଶ୍ୱରଙ୍କ ସେ ପଦପଦ୍ମ ଦ୍ୱନ୍ଦେ
ଦୀନ ଭିଖାରିଣୀ ଦୂରୁ ନତଶିରେ ବନ୍ଦେ ।

କରିବାକୁ ମଧୁ-ଆଶା-ତିମିର-ଭେଦନ
କାତରେ କାନ୍ତାରେ ଥାଇ କରେ ନିବେଦନ
ମହାରାଜ ମହାଯଜ୍ଞେ ହୋଇଛ ଦୀକ୍ଷିତ,
ନବ-ବାମା ହେଉଥିବ ବାମାଙ୍କେ ବୀକ୍ଷିତ ।

ମୁଗ୍ଧ-ବଧୂ ମୁଗ୍ଧ ହେବ ବୋଲି ଶତ ଗୁଣ
ବଢ଼ିଯାଉଥିବ ତୁମ୍ଭ ସକଳ ସଦ୍‌ଗୁଣ ।
ଆଚରିତ ମହାଯଜ୍ଞେ କରିବ ପ୍ରଦାନ
ଅଶେଷ ରତନ ଧନ କ୍ଷୌମ ବସ୍ତ୍ରମାନ ।

ସିଦ୍ଧ-କାମ ହେବେ ତହିଁ ଅର୍ଥୀ ସମୁଦାୟ,
ମୋ ମାନସେ ଭିକ୍ଷା ଏକ ହୋଇଛି ଉଦୟ ।
ଏ ଛାର ଭିକ୍ଷାରେ ନାଥ, ନ ହେବ କୃପଣ,
ଦୟା-ରତ୍ନମୟ ଦାନ-ବାରିଧି ଆପଣ ।

ମୁଁ କିଏ, ତା ଜାଣିବାର ନୁହେ ଆବଶ୍ୟକ
ସଦା ତୁମ୍ଭେ, ତାପସଙ୍କ ଅଶାନ୍ତି-ନାଶକ
ତାପସଙ୍କୁ କିଛି ତୁମ୍ଭ ନ ଥାଏ ଅଦେୟ,
ମୁହିଁ ତପସ୍ୱିନୀ ମୋତେ ନକରିବ ହେୟ ।

ଯେ ହୋଇଛି ଆଜି ତୁମ୍ଭ ଅଙ୍କର ଭାଜନ,
ଭକ୍ତିଭରେ ଦେଖୁଥିବେ ଜଗତର ଜନ ।
ପୂର୍ବେ ସେହୁ କରିଥିଲେ କେଉଁ ଘୋର ତପ ।
କେଉଁଠାରେ କେତେକାଳ କେଉଁ ମନ୍ତ୍ର ଜପ,

ଏହା ମାତ୍ର ପ୍ରଭୋ, ମୋତେ ଦେବଟି ଜଣାଇ
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ
କୋଟି ଅଶ୍ୱମେଧେ ଯେତେ ଧନ ହୁଏ ଦାନ
ତହିଁରୁ ଅଧିକ ତାହାହେବ ମୋର ଜ୍ଞାନ ।

ଆଉ ଏକ କଥା ମାତ୍ର ଅଛି ଅନୁରୋଧ,
ଦୁଃଖିନୀର ପୁତ୍ରଯୁଗ ଅତ୍ୟନ୍ତ ଅବୋଧ।
ନାହିଁ ତାଙ୍କ ପିତୃ-କୋଳ-ଆରୋହଣ ଭାଗ୍ୟ
ନ ଜାଣନ୍ତି ଜନ୍ମକାଳୁ ପିତୃ ଅନୁରାଗ।

ଜାଣିଛନ୍ତି ଜନନୀର ଜୀବନ କନ୍ଦାଇ
ବୀଣା-ତନ୍ତ୍ରୀ-ସହକାରେ ରାମାୟଣଗାଇ।
କିଏ ନ କାନ୍ଦିବ ବହି ମାନବ-ହୃଦୟ ?
ତରୁଲତାଚୟ ଯହିଁ ହୁଅନ୍ତି ଅଥୟ।

ତୁମ୍ଭର ଚରିତେ ନିଜେ ହୋଇ ବିମୋହିତ
ଯାଉଛନ୍ତି ଶିଶୁଦ୍ୱୟ ମହର୍ଷି ସହିତ।
କରିବାକୁ ତୁମ୍ଭ ପଦ-ପଙ୍କଜ-ଦର୍ଶନ,
ମନ ତାଙ୍କ ନେଉଅଛି କରି ଆକର୍ଷଣ।

ଶୁଣାଇବେ ତୁମ୍ଭ ଗତ ଦୁଃଖର କାହାଣୀ,
ଯା' ଶୁଣିଲେ ଦୁଖିନୀର ହୃଦ ହୁଏ ହାଣି।
ନ ଶୁଣିଲେ ତହିଁ ପ୍ରତି ଧାଉଁଥାଏ ମନ,
ନ ହୁଅଇ କରି ତାର ଔତ୍ସୁକ୍ୟ-ଦମନ।

ଧୀରବର, ସେ କଥାକୁ ଘେନି ତୁମ୍ଭ ଶ୍ରୁତି
ଆଣିବ ଯଦ୍ୟପି ଦୀନା ବୈଦେହୀର ସ୍ମୃତି,
ବୈଦେହୀର ପ୍ରଣୟକୁ ମଣିବ ସ୍ୱପନ
ଚାହିଁ ନବ-ପ୍ରଣୟିନୀ-ପ୍ରଫୁଲ୍ଲ-ଲପନ।"

ଲେଖୁଥାନ୍ତି ପତ୍ର ସତୀ ହୃଦୟ-ବିକଳେ,
ପତ୍ର ଧୌତ ହେଉଥାଏ ନୟନର ଜଳେ।
ଆଉ କି ଲେଖିବି ବୋଲି ଭାବୁଥିଲେ ବସି
ଆସିଗଲେ କୁଶ ଲବ ମୁଦେ ହସି ହସି।

□□□

## (କ) ଲେଖକ ପରିଚୟ

**ଗଙ୍ଗାଧର ମେହେର (୧୮୬୨-୧୯୨୪)**

**ଜନ୍ମସ୍ଥାନ** - ବରପାଲି, ବରଗଡ଼

**ରଚନା ସମ୍ଭାର**- କାବ୍ୟ - ଇନ୍ଦୁମତୀ, କୀଚକ ବଧ, ପ୍ରଣୟ ବଲ୍ଲରୀ, ତପସ୍ୱିନୀ, ଅର୍ଘ୍ୟଥାଳି, କବିତା କଲ୍ଲୋଳ, ଉତ୍କଳ ଲକ୍ଷ୍ମୀ, ରସ ରତ୍ନାକର, ପଦ୍ମିନୀ।

ଦରିଦ୍ରତା ପଙ୍କପୂର୍ଣ୍ଣ ଜୀବନ ସରୋବରରୁ ଜାତ ହୋଇଥିଲା ରଙ୍ଗାଜୀବ କବି ଗଙ୍ଗାଧରଙ୍କ ସୁକୁମାର ସାହିତ୍ୟ ସରୋଜ। ଏଇ କବି ଜୀବନ ଓ ଜୀବିକାର ଜଟିଳତାରେ ଛନ୍ଦି ହୋଇ ମଧ୍ୟ ଭୁଲି ନ ଥିଲେ ବାଣୀ ଆରାଧନା। ଦେବୀ କୃପାମୟୀ ସରସ୍ୱତୀଙ୍କ କରୁଣାରୁ କବିତା ରଚନା ତାଙ୍କ ପକ୍ଷେ ସହଜ ଓ ସ୍ୱାଭାବିକ ହୋଇ ପଡ଼ିଥିଲା। କବି ଥିଲେ ଭାରତୀୟ ପରମ୍ପରାର ଜଣେ ଦୃଢ଼ ସମର୍ଥକ।

ଗଙ୍ଗାଧରଙ୍କ ପ୍ରେରଣାର ଉତ୍ସ ଥିଲା ଭାରତୀୟ ପୁରାଣ, କାବ୍ୟ ଓ ନାଟକାବଳୀ। ପ୍ରାଚୀନ ପରଂପରା ଆଧାରିତ ହୋଇଥଲେ ମଧ୍ୟ ତାଙ୍କ କାବ୍ୟକବିତାରେ ଆଧୁନିକତାର ସ୍ୱର ଓ ସ୍ୱାକ୍ଷର ସୁସ୍ପଷ୍ଟ । ତାଙ୍କ ଭାବରାଜି ନୀତି ଓ ଆଦର୍ଶର କଠୋର ଶୃଙ୍ଖଳା ଶାସିତ ହୋଇଥିଲେ ମଧ ବିବିଧ ମାନବୀୟ ଦୁର୍ବଳତାକୁ ସେ ପରିହାର କରି ପାରି ନାହାନ୍ତି। ଏତଦ୍‌ବ୍ୟତୀତ ପ୍ରକୃତିର ଜୀବନ୍ତ ଓ ଅପରୂପ ଶୋଭା ବର୍ଣ୍ଣନା କରିବାରେ ଗଙ୍ଗାଧର ହେଉଛନ୍ତି ସମଗ୍ର ଓଡ଼ିଆ ସାହିତ୍ୟରେ ଅନନ୍ୟ। ବହିଃପ୍ରକୃତି ସହିତ ଅନ୍ତଃପ୍ରକୃତିର ମନୋଜ୍ଞ ସମନ୍ୱୟ ଓ ପ୍ରକୃତିର ମାନବାୟନ ଗଙ୍ଗାଧରଙ୍କ ରଚନାକୁ ସୁଖପାଠ୍ୟ କରି ରଖିଛି।

## "ତପସ୍ୱିନୀର ପତ୍ର" ସଂପର୍କରେ –

ଆଲୋଚ୍ୟ କବିତାଂଶଟି ଗଙ୍ଗାଧରଙ୍କ ସର୍ବଶ୍ରେଷ୍ଠ ରଚନା 'ତପସ୍ୱିନୀ'ରୁ ସଂଗୃହୀତ ହୋଇଛି। ଜନ ଅପବାଦ ଭୟରୁ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ସତୀ / ସାଧ୍ୱୀ ସୀତାଙ୍କୁ ନିର୍ବାସିତା କରନ୍ତି। ବାଲ୍ମୀକି ଆଶ୍ରମରେ ଅନ୍ତଃସତ୍ତ୍ୱା ସୀତାଙ୍କର ଆରମ୍ଭ ହୁଏ ପତିହିତ ସାଧିନୀ ତପସ୍ୟା। ଦୁଇ ରାଜପୁତ୍ରଙ୍କୁ ସମୁଚିତ ଶିକ୍ଷା ପ୍ରଦାନ କରି ଦେବୀ ରାମାୟଣ ପାଠରେ ଯୋଗ୍ୟ କରନ୍ତି। ସଂଯୋଗ ବଶତଃ ରାମାୟଣ ଗାନ କରି ଲବ କୁଶ ପହଞ୍ଚିଯାଆନ୍ତି ଅଯୋଧ୍ୟାର ରାଜସଭାରେ। ସାକ୍ଷାତ ହୁଏ ପିତା-ପୁତ୍ରଙ୍କର। କିନ୍ତୁ ପରିଚୟ ହୋଇ ନଥାଏ। ପରଦିନ ପ୍ରଭାତରୁ ପ୍ରସ୍ତୁତ ହୁଅନ୍ତି ଲବ-କୁଶ ଅଯୋଧ୍ୟା ଯିବାପାଇଁ ଋଷି ବାଲ୍ମୀକିଙ୍କ ସହିତ। ସୀତା ସେତେବେଳେ ସମସ୍ତ ବିଷୟ ଶୁଣି ମର୍ମାହତ ହୁଅନ୍ତି। ତାଙ୍କର ହଠାତ୍ ରାମଚନ୍ଦ୍ରଙ୍କ ଉପରେ ସନ୍ଦେହ ଜାତହୁଏ। ଏ ଜନ୍ମପାଇଁ ଏକପତ୍ନୀ ବ୍ରତ ଅବଲମ୍ବନ କରିଥିବା ରାମଚନ୍ଦ୍ର କ'ଣ ତେବେ ଦ୍ୱିତୀୟ ପତ୍ନୀ ବରଣ କଲେ ? ନ ହେଲେ ଯଜ୍ଞ କାର୍ଯ୍ୟ କରୁଛନ୍ତି କିପରି ? ପତ୍ନୀର ଅବର୍ତ୍ତମାନରେ ଯଜ୍ଞ କାର୍ଯ୍ୟ ଅସମ୍ଭବ ? ସନ୍ଦେହୀ ନାରୀମନ ପତି ଦେବତାଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖିଛି। ତାହାହିଁ ଆଲୋଚ୍ୟ କବିତାର ପ୍ରସଙ୍ଗ। ମନ ଭିତରେ ସନ୍ଦେହ। ନାରୀ ଜନ ସୁଲଭ ଈର୍ଷା। କିନ୍ତୁ କଣ୍ଠରେ କାରୁଣ୍ୟ। ଅବଶ୍ୟ

ପାତିବ୍ରତ୍ୟର ମହତ୍ତ୍ୱରେ ତାଙ୍କର ସକଳ ନାରୀ ଜନୋଚିତ ଭାବନା ସଂଗୋପିତ ହୋଇପଡ଼ିଛି । ଦେବୀ ସୀତା ପରିଣତ ହୋଇଛନ୍ତି କାରୁଣ୍ୟ ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ରୂପରେ ।

•

## କଠିନ ଶବ୍ଦାର୍ଥ

ଶରଣ-ବତ୍ସଳ-ଯେ ଶରଣାଗତଙ୍କୁ ନିଜର ସନ୍ତାନ ପରି ସ୍ନେହ ପ୍ରଦାନ କରନ୍ତି । ଧ୍ୱଜ- ପତାକା, ଶରଣ-ବତ୍ସଳ-ଧ୍ୱଜ-ଶରଣ ବତ୍ସଳତା ଯାର ପତାକା, (ଯେ ଶରଣ ବତ୍ସଳତା ରୂପକ ପତାକା ଉଡ଼ାନ୍ତି), ରିପୁ-ଶତ୍ରୁ, ଗଜ-ହାତୀ, ଗଜାଙ୍କୁଶ- ଯେଉଁ ଅଙ୍କୁଶରେ ଗଜକୁ ଆୟତ୍ତ କରିହୁଏ । ରିପୁ-ଗଜାଙ୍କୁଶ- ଶତ୍ରୁ ରୂପକ ଗଜର ଅଙ୍କୁଶ ପରି, ଦୁଃଖ-ଗିରି-ବଜ୍ର- ଦୁଃଖ ରୂପକ ପର୍ବତର ବଜ୍ରପରି, ବିଦ୍ୱାନ୍- ପଣ୍ଡିତ, ରାଜରାଜେଶ୍ୱର- ରାମଚନ୍ଦ୍ର, ପଦ ପଦ୍ମ ଦ୍ୱନ୍ଦେ- ପାଦ ପଦ୍ମ ଦ୍ୱୟରେ, ନତଶିରେ- ମୁଣ୍ଡ ନୁଆଁଇ, ବନ୍ଦେ- ବନ୍ଦନା କରେ, ମଧୁ- ଆଶା -ତିମିର-ଭେଦନ- ମଧୁର ଆଶାରୂପକ ଅନ୍ଧକାରକୁ ଭେଦ କରି, କାନ୍ତାରେ- ଜଙ୍ଗଲ ଭିତରେ, ନବ-ବାମା- ନୂଆ ବୋହୂ (ସୀତାଙ୍କ ପରେ ଯେଉଁ ନୂଆ ରାଜକନ୍ୟାଙ୍କୁ ରାମ ବିବାହ କରିଥିବେ), ବାମାଙ୍କେ-ବାମ କୋଳରେ, ବୀକ୍ଷିତ- ଶୋଭିତ / ପରିଦୃଶିତ, ମୁଗ୍ଧ ବଧୂ- ଯେଉଁ ବଧୂ ରାମଚନ୍ଦ୍ରଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇଥିବ, କ୍ଷୌମବସ୍ତ୍ର- ପାଟଲୁଗା, ସିଦ୍ଧ-କାମ-ଯାହାର କାମନା ସିଦ୍ଧହୁଏ, ଅର୍ଥୀ- ଯେ ଅର୍ଥ କାମନା କରନ୍ତି, ଦାନ- ବାରିଧି- ଦାନର ସମୁଦ୍ର, ତାପସ- ଯେ ତପ ଆଚରଣ କରନ୍ତି, ଅଦେୟ- ନ ଦେବା, ଅଙ୍କ- କୋଳ, ଭାଜନ-ପ୍ରତିଷ୍ଠିତ, କୋଟି ଅଶ୍ୱମେଧେ ଯେତେ ଧନହୁଏ ଦାନ- କୋଟିଏ ଅଶ୍ୱମେଧରେ ଯେତେ ଧନ ଦାନ କରାଯାଏ, ପୁତ୍ର ଯୁଗ- ଦୁଇପୁତ୍ର (କୁଶ-ଲବ) ପିତୃ-କୋଳ- ଆରୋହଣ- ବାପାଙ୍କ କୋଳରେ ବସିବାର ଭାଗ୍ୟ, ପିତୃ ଅନୁରାଗ- ବାପାଙ୍କ ସ୍ନେହ, ବୀଣା-ତନ୍ତ୍ରୀ-ସହକାରେ- ବୀଣା ଯନ୍ତ୍ର ସହାୟତାରେ, ବିମୋହିତ- ବିଶେଷ ଭାବରେ ମୁଗ୍ଧ, ମହର୍ଷି- ବାଲ୍ମୀକି, ଧୀରବର-

ପଣ୍ଡିତ ଶ୍ରେଷ୍ଠ (ରାମଚନ୍ଦ୍ରଙ୍କ ଅର୍ଥରେ) ବୈଦେହୀ- ବିଦେହର ରାଜକନ୍ୟା ସୀତା, ନବ ପ୍ରଣୟିନୀ- ନବ ବିବାହିତା ପତ୍ନୀ, ପ୍ରଫୁଲ୍ଲ- ଲପନ- ସୁନ୍ଦର ମୁହଁ, ଶ୍ରୁତି- ଶ୍ରବଣ, ଧୌତ- ଧୋଇ ହେବା, ମୁଦେ- ଆନନ୍ଦରେ ।

❑❑❑

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ! ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ଶରଣ-ବତ୍ସଳ-ଧ୍ୱଜ ରିପୁ-ଗଜାଙ୍କୁଶ - ଏଥିରେ ଧ୍ୱଜ ଶବ୍ଦର ଅର୍ଥ ________ ।

(i) ରକ୍ଷକ ।

(ii) ପତାକା ।

(iii) ଶତ୍ରୁ ।

(iv) ମିତ୍ର ।

(୨) 'ନବବାମା' ବୋଲି କବି କାହାକୁ କହିଛନ୍ତି ?

(i) ସୀତା ।

(ii) ସୁନାର ସୀତା ।

(iii) ନବ ବିବାହିତା ଦ୍ୱିତୀୟା ପତ୍ନୀ ।

(iv) ରୁକ୍ମିଣୀ ।

(୩) ରାମଚନ୍ଦ୍ରଙ୍କର ସଦ୍‌ଗୁଣାବଳୀ ଶତଗୁଣିତ ହେଉଥିବ କାହିଁକି ?

(i) ସୀତାଙ୍କ ସ୍ମୃତିକୁ ମନେପକାଇ ।

(ii) ଲବ କୁଶଙ୍କ ପରିଚୟ ପାଇ ।

(iii) ମୁଗ୍ଧ ନବବଧୂକୁ ମୁଗ୍ଧ କରିବା ପାଇଁ ।

(iv) ଋଷିମାନଙ୍କୁ ଆନନ୍ଦ ପ୍ରଦାନ କରିବା ପାଇଁ।

(୪) ତାପସଙ୍କ ଅଶାନ୍ତି-ନାଶକ ବୋଲି କାହାକୁ କୁହାଯାଇଛି ?

(i) ରାମଚନ୍ଦ୍ର ।

(ii) ରାବଣ ।

(iii) ସୀତା ।

(iv) ବାଲ୍ମୀକି ।

(୫) ସୀତା, ରାମଚନ୍ଦ୍ରଙ୍କୁ ଚିଠିଲେଖି କ'ଣ ମାଗିଥିଲେ ?

(i) ପୁଅ ଦୁହିଁଙ୍କୁ ରାଜଭୋଗ ପ୍ରଦାନ କରିବା ପାଇଁ।

(ii) ନବ ପ୍ରଣୟିନୀଙ୍କୁ ବାହାର କରିଦେବା ପାଇଁ।

(iii) ନବ ପ୍ରଣୟିନୀ କେଉଁ ଘୋର ତପସ୍ୟା କରି କେଉଁ ମନ୍ତ୍ର ଜପ କରି ରାମଚନ୍ଦ୍ରଙ୍କୁ ବର ରୂପେ ପାଇଲେ ଜଣାଇବା ପାଇଁ।

(iv) ତାଙ୍କ ଦୋଷ କ୍ଷମା କରି ଦେବା ପାଇଁ।

(୬) ସୀତାଙ୍କ ପୁତ୍ରଦ୍ୱୟ କିପରି ଜନନୀଙ୍କ ଜୀବନ କନ୍ଦାଉ ଥିଲେ ?

(i) ପରସ୍ପର ମଧ୍ୟରେ କହଳ କରି ।

(ii) ବୀଣା ସହକାରେ ରାମାୟଣ ଗାନ କରି ।

(iii) ରାମଚନ୍ଦ୍ରଙ୍କ କଥା ମନେ ପକାଇ ।

(iv) ପିତାଙ୍କ ପରିଚୟ ପଚାରି ।

(୭) ତରୁଲତାଗଣ କ'ଣ ଶୁଣି ଅଥୟ ହୁଅନ୍ତି ?

(i) ସୀତାଙ୍କ କ୍ରନ୍ଦନ।

(ii) ଲବ-କୁଶଙ୍କ ରାମାୟଣ ଗାନ।

(iii) ଋଷିମାନଙ୍କର ଓଁକାର ଧ୍ୱନି।

(iv) ଋଷିକୁମାରମାନଙ୍କର ବେଦ ଧ୍ୱନି।

(୮) ସୀତାଙ୍କ ଶିଶୁଦ୍ୱୟଙ୍କ ମନ କ'ଣ ପାଇଁ ସେମାନଙ୍କୁ ଆକର୍ଷିତ କରି ନେଉଥିଲା ?

(i) ରାମଚନ୍ଦ୍ରଙ୍କ ପଦ ପଙ୍କଜ ଦର୍ଶନ କରିବା ପାଇଁ ।

(ii) ରାଜା ରାମଙ୍କ ନିକଟରେ ରାମାୟଣ ଗାନ କରିବା ପାଇଁ ।

(iii) ମାତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବାପାଇଁ ।

(iv) ଅଯୋଧ୍ୟା ଯାଇ ନିଜର ପିତାଙ୍କୁ ପରିଚୟ ଦେବାପାଇଁ ।

(୯) କ'ଣ ଶୁଣି ସୀତାଙ୍କର ହୃଦୟ ହାଣି ହୋଇ ଯାଉଥିଲା ?

(i) ଶିଶୁଦ୍ୱୟଙ୍କ କ୍ରନ୍ଦନ ।

(ii) ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ ।

(iii) ଜନକଙ୍କ ଅସୁସ୍ଥତା ।

(iv) ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ ।

(୧୦) ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ କାହିଁକି ସ୍ୱପ୍ନ ମନେ କରିବେ ବୋଲି ସୀତା ଲେଖିଛନ୍ତି ?

(i) ନବ ପ୍ରଣୟିନୀର ମୁଖ ଦର୍ଶନ କରି ।

(ii) ରାଜ କାର୍ଯ୍ୟରେ ବ୍ୟସ୍ତ ରହି ।

(iii) ପୁତ୍ରଦ୍ୱୟଙ୍କ ପରିଚୟ ପାଇ ।

(iv) ରାମାୟଣର କଥା ଶ୍ରବଣ କରି ।

(୧୧) ସୀତା ପତ୍ର ଲେଖୁଥିଲା ବେଳେ କିଏ ହସିହସି ପହଞ୍ଚିଲେ ?

(i) ବାଲ୍ମୀକି ।

(ii) ଲବ-କୁଶ ।

(iii) ସଖୀ ।

(iv) ରାମଙ୍କ ଦୂତ ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ତପସ୍ୱିନୀ କିଏ ?

(୨) ତପସ୍ୱିନୀର ପତ୍ର କାହା ଉଦ୍ଦେଶ୍ୟରେ ଲିଖିତ ?

(୩) ଶରଣବତ୍ସଳ ବୋଲି କବି କାହାକୁ କହିଛନ୍ତି ?

(୪) ଦୁଃଖଗିରିର ବଜ୍ର କିଏ ?

(୫) ଦୀନ ଭିଖାରୁଣୀ ବୋଲି କାହାକୁ କୁହାଯାଇଛି ?

(୬) ରାଜରାଜେଶ୍ୱର କିଏ ?

(୭) ମହାଯଜ୍ଞରେ କିଏ ଦୀକ୍ଷିତ ହୋଇଥିବେ ବୋଲି କୁହାଯାଇଛି ?

(୮) ନବବାମା ବୋଲି କାହାକୁ କୁହାଯାଇଛି ?

(୯) ଯଜ୍ଞକାଳରେ ମହାରାଜାଙ୍କ ବାମଭାଗରେ କିଏ ଶୋଭା ପାଉଥିବେ ବୋଲି ସୀତା ପତ୍ରରେ ଲେଖିଛନ୍ତି ?

(୧୦) ଯଜ୍ଞକାଳରେ ରାମଚନ୍ଦ୍ରଙ୍କ ସଦ୍‌ଗୁଣ କାହିଁକି ବଢ଼ିଯାଉଥିବ ବୋଲି କୁହାଯାଇଛି ?

(୧୧) କିଏ ମୁଗ୍‌ଧ ହେବ ବୋଲି ସୀତା ଭାବିଛନ୍ତି ?

(୧୨) ମହାଯଜ୍ଞରେ ମହାରାଜା ରାମଚନ୍ଦ୍ର କ'ଣ ପ୍ରଦାନ କରୁଥିବେ ବୋଲି କୁହାଯାଇଛି ?

(୧୩) 'ଦାନବାରିଧି' ବୋଲି ସୀତା କାହାକୁ ସମ୍ବୋଧନ କରିଛନ୍ତି ?

(୧୪) ତପସ୍ୱୀମାନଙ୍କର ଅଶାନ୍ତି ନାଶକ କିଏ ?

(୧୫) କେଉଁମାନଙ୍କୁ ରାଜା ରାମଚନ୍ଦ୍ରଙ୍କର କିଛି ଅଦେୟ ନ ଥିଲା ?

(୧୬) 'ମୋତେ ନ କରିବ ହେୟ' କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୧୭) ଜନତା ଭକ୍ତି ସହକାରେ କାହାକୁ ଦେଖୁଥିବେ ବୋଲି କୁହାଯାଇଛି ?

(୧୮) ସୀତା ରାମଚନ୍ଦ୍ରଙ୍କୁ କ'ଣ ଜଣାଇ ଦେବାକୁ ଲେଖିଥିଲେ ?

(୧୯) ଅତ୍ୟନ୍ତ ଅବୋଧ ବୋଲି ସୀତା କାହାକୁ କହିଛନ୍ତି ?

(୨୦) ସୀତାଙ୍କ ପୁତ୍ରମାନଙ୍କର କେଉଁ ଭାଗ୍ୟ ନାହିଁ ବୋଲି କୁହାଯାଇଛି ?

(୨୧) ସୀତାଙ୍କ ପୁତ୍ରମାନେ କିପରି ଜନନୀର ଜୀବନ କନ୍ଦାଉ ଥିଲେ ?

(୨୨) ସୀତାଙ୍କ ପୁତ୍ରମାନେ କେଉଁ ବାଦ୍ୟ ସହାୟତାରେ ରାମାୟଣ ଗାଉଥିଲେ ?

(୨୩) ତରୁଲତା ଗଣ କ'ଣ ଶୁଣି ଅଥୟ ହୁଅନ୍ତି ବୋଲି ସୀତା ଲେଖିଛନ୍ତି ?

(୨୪) ଶିଶୁପୁତ୍ରଦ୍ୱୟ କାହା ସହିତ ଅଯୋଧ୍ୟା ଯାଉଥିଲେ ?

(୨୫) କେଉଁଥିରେ ମୁଗ୍ଧ ହୋଇ ସୀତାଙ୍କ ଶିଶୁପୁତ୍ରଦ୍ୱୟ ମହର୍ଷିଙ୍କ ସହିତ ଯାଉଥିଲେ ?

(୨୬) ସୀତାଙ୍କ ଶିଶୁପୁତ୍ର ଦ୍ୱୟଙ୍କ ମନ କ'ଣ ପାଇଁ ଆକର୍ଷିତ ହୋଇଥିଲା ?

(୨୭) ସୀତାଙ୍କ ହୃଦୟ କେଉଁଥିରେ ହାଣି ହେଉଥିଲା ?

(୨୮) ବୈଦେହୀର ସ୍ମୃତି କିପରି ମନେ ପଡ଼ିବ ବୋଲି ସୀତା ଲେଖିଛନ୍ତି ?

(୨୯) କାହିଁକି ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ ସ୍ୱପ୍ନ ପରି ମନେ କରିବେ ?

(୩୦) ହୃଦୟ ବିକଳରେ ପତ୍ର ଲେଖୁଥିଲାବେଳେ ପତ୍ରଟି କାହାଦ୍ୱାରା ଧୋଇ ହୋଇ ଯାଉଥିଲା ?

(୩୧) କାହାକୁ ଦେଖି ସୀତାଙ୍କ ପତ୍ର ଲିଖନ ବନ୍ଦ ହୋଇଗଲା ?

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) ରାମଚନ୍ଦ୍ରଙ୍କଠାରେ ବିଦୂଷମାନେ କ'ଣ ଦେଖିଥା'ନ୍ତି ?

(୨) "ଦୀନ ଭିକ୍ଷାରୁଣୀ ଦୂରୁ ନତ ଶିରେ ବନ୍ଦେ" କିଏ କାହାକୁ ବନ୍ଦନା କରୁଛି ?

(୩) ରାମଚନ୍ଦ୍ର କିପରି ମହାଯଜ୍ଞରେ ଦୀକ୍ଷିତ ହୋଇଥିବେ ବୋଲି ସୀତା ମନେ କରିଛନ୍ତି ?

(୪) ମୁଗ୍ଧବଧୂକୁ ମୁଗ୍ଧ କରିବା ପାଇଁ ରାମଚନ୍ଦ୍ରଙ୍କଠାରେ କ'ଣ ବଢ଼ି ଯାଉଥିବ ବୋଲି କୁହାଯାଇଛି ?

(୫) ରାମଚନ୍ଦ୍ର ଯଜ୍ଞରେ କ'ଣସବୁ ଦାନ କରୁଥିଲେ ?

(୬) ସୀତାଙ୍କ ମନରେ କି ଭିକ୍ଷା ଉଦୟ ହୋଇଥିଲା ?

(୭) ସୀତା ରାମଚନ୍ଦ୍ରଙ୍କ ଠାରୁ କେଉଁ ମନ୍ତ୍ର ଜାଣିବାକୁ ଚାହୁଁଥିଲେ ?

(୮) କ'ଣ ପାଇଲେ ସୀତା ଶହେ ଅଶ୍ୱମେଧ ଯଜ୍ଞର ଧନ ପାଇଯିବେ ବୋଲି କହିଛନ୍ତି ?

(୯) 'ନଜାଣନ୍ତି ଜନ୍ମକାଳୁ ପିତୃ ଅନୁରାଗ' କାହା ପ୍ରସଙ୍ଗରେ କୁହାଯାଇଛି ?

(୧୦) 'କିଏ ନ କାନ୍ଦିବ ବହି ମାନବ ହୃଦୟ' କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୧୧) କେଉଁମାନେ କିପରି ଜନନୀର ହୃଦୟ କନ୍ଦାଉ ଥିଲେ ?

(୧୨) ସୀତାଙ୍କ ପୁତ୍ରମାନେ କିପରି ରାମାୟଣ ଗାନ କରୁଥିଲେ ?

(୧୩) କେଉଁଥିରେ ବିମୋହିତ ହୋଇ ସୀତାଙ୍କ ପୁତ୍ରଦ୍ୱୟ ମହର୍ଷିଙ୍କ ସହିତ ଅଯୋଧ୍ୟା ଯାଉଥିଲେ ?

(୧୪) ସୀତାଙ୍କ ପୁତ୍ରମାନଙ୍କର ମନ କାହିଁକି ଆକର୍ଷିତ ହେଉଥିଲା ?

(୧୫) ସୀତା କେଉଁ ପ୍ରସଙ୍ଗରୁ ନିଜର ଔତ୍ସୁକ୍ୟ ଦମନ କରି ପାରୁ ନ ଥିଲେ ।

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

(୧) ତପସ୍ୱିନୀ ସୀତା କାହାକୁ ପତ୍ର ଲେଖିଥିଲେ ଓ କାହିଁକି ?

(୨) ରାମଚନ୍ଦ୍ରଙ୍କର ଯଜ୍ଞ କରୁଥିବା କଥା ଶୁଣି ସୀତା କେଉଁ ପ୍ରସଙ୍ଗରେ ନିଶ୍ଚିତ ହୋଇଥିଲେ ?

(୩) "ମୁହିଁ ତପସ୍ୱିନୀ ମୋତେ ନ କରିବ ହେୟ" – ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୪) ସୀତା ପତ୍ରଲେଖି ରାମଚନ୍ଦ୍ରଙ୍କ ଠାରୁ କେଉଁ ତପସ୍ୟା ଓ ମନ୍ତ୍ର ବିଷୟରେ ଜାଣିବାକୁ ଚାହିଁଥିଲେ ?

(୫) ନିଜର ପୁତ୍ରମାନଙ୍କର କେଉଁ ଅସହାୟତା ବିଷୟରେ ସୀତା ପତ୍ର ମାଧ୍ୟମରେ ସ୍ୱାମୀଙ୍କୁ ଲେଖିଥିଲେ ?

(୬) କାହିଁକି ସୀତାଙ୍କ ପ୍ରେମକୁ ରାମଚନ୍ଦ୍ର ସ୍ୱପ୍ନ ପରି ମନେ କରିବେ ବୋଲି ସେ ଉଲ୍ଲେଖ କରିଛନ୍ତି ?

(୭) ତପସ୍ୱିନୀ ସୀତାଙ୍କର ସନ୍ଦେହାଚ୍ଛନ୍ନ ଭାବନାର ପରିଚୟ ଦିଅ ?

**(ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

(୧) 'ତପସ୍ୱିନୀର ପତ୍ର' କବିତା ଅବଲମ୍ବନରେ ସୀତାଙ୍କ ଚାରିତ୍ରିକ ମହତ୍ତ୍ୱର ପରିଚୟ ଦିଅ।

(୨) 'ତପସ୍ୱିନୀର ପତ୍ର' କବିତାରେ ସୀତାଙ୍କ ନାରୀ ମନସ୍ତତ୍ତ୍ୱ କିପରି ପ୍ରତିଫଳିତ- ଆଲୋଚନା କର।

(୩) 'ତପସ୍ୱିନୀର ପତ୍ର' କବିତାର ସାରମର୍ମ ଲେଖ।

(୪) ପତିହିତସାଧିନୀ ତପସ୍ୟାରେ ବ୍ରତୀ ତପସ୍ୱିନୀଙ୍କ ଚରିତ୍ରର ମହତ୍ତ୍ୱ ପ୍ରତିପାଦନ କର ।

(୫) 'ତପସ୍ୱିନୀର ପତ୍ର' କବିତାରୁ ଗଙ୍ଗାଧରଙ୍କ ନିର୍ମଳ କବିତ୍ୱର ପରିଚୟ ଦିଅ ।

❑❑❑

# ବନ୍ଦୀର ବିରହ ବ୍ୟଥା

## ଗୋପବନ୍ଧୁ ଦାସ

●

ମଧୁର ବସନ୍ତ ସମୟ ଦିନ ହେଲାଣି ଶେଷ,
ଛାଡ଼ି ପୂର୍ବ ଏବେ ତପନ ଯିବେ ପଶ୍ଚିମଦେଶ ।
ବିଦାୟର ତେଣୁ ଲାଗିଛି ଆୟୋଜନ ବିସ୍ତାର,
ନାନାରଙ୍ଗ ଚନ୍ଦ୍ର ଆତପେ ଆଚ୍ଛାଦିତ ଅମ୍ବର ।
ଦଳେ ଦଳେ ପକ୍ଷୀ ଗାଆନ୍ତି ଉଚ୍ଚେ କରୁଣ ଗାନ,
ତରୁ ଗିରି ଛାୟା ବିସ୍ତାରି ପାଦେ କରେ ପ୍ରଣାମ ।
ତାଙ୍କ ଶିରେ ସୂର୍ଯ୍ୟ ଦିଅନ୍ତି ହେମବରଣୀ ପାଟ,
ଅନୁରକ୍ତ ଭୃତ୍ୟ ମସ୍ତକେ ଯଥା ବାନ୍ଧେ ସମ୍ରାଟ ।
ଅସ୍ତାଚଳ ଉଚ୍ଚ ଆସନେ ବସି ହସନ୍ତି ରବି,
ପ୍ରାଚୀ ଅନୁରାଗେ ରଞ୍ଜିତ ଚାରୁ ବଦନ ଛବି ।
ପ୍ରାଚୀ ଅଭିମୁଖେ ଲମ୍ବାଇ ସ୍ନିଗ୍ଧ କନକ କର,
କୋମଳ ଆଶ୍ୱାସେ ଦେଖାନ୍ତି ନିଜ ସ୍ନେହ ଆଦର ।
ସମୀରଣ ମୃଦୁ ମର୍ମରେ ପ୍ରେମ ଅସ୍ପଷ୍ଟ ଗିର,
କହନ୍ତି "ଅଚିରେ ଫେରିବି ଧନି ! ନୁହ କାତର ।"

ଅନୁରାଗ ରଙ୍ଗ ପ୍ରକାଶେ କ୍ଷଣେ ପ୍ରାଚୀ-କପୋଳେ,
ତା ମଧ୍ୟରେ କିନ୍ତୁ ବିରହ-ଦୁଃଖ-କାଳିମା ବୋଳେ।
ରବି ଲାସ୍ୟହାସ୍ୟେ ପ୍ରକଟେ ଗୁରୁ ବିଷାଦରେଖା,
ଅନୁଭବୀ ନେତ୍ରେ କେବଳ ସିନା ଯାଏ ସେ ଦେଖା।
ଆହା, ପ୍ରିୟଜନ ବିରହ କି ଦାରୁଣ କଷଣ ?
ପ୍ରୀତିପାଶେ ବନ୍ଧା ଜଗତେ ସର୍ବ ଜଡ଼ ଚେତନ।
ଏ ବିରହ ଦୃଶ୍ୟ ଦିଅଇ ବନ୍ଦୀ- ପରାଣେ ବ୍ୟଥା,
ପଲକେ ପଲକେ ପଡ଼ଇ ମନେ କେତେ କି କଥା।
ସମ୍ଭାଳ ଟିକିଏ ସିପାହି ଚାବି ନ ଦିଅ ଦ୍ୱାରେ,
ପ୍ରଣୟ ପ୍ରଭାବ ଦେଖିବି କ୍ଷଣେ ରହି ବାହାରେ।
ପ୍ରଣୟ-ପୀୟୁଷେ ମିଶିଛି କିଆଁ ବିରହ-ବିଷ,
ବିଶ୍ୱବାସୀ ପ୍ରତି ବିଚିତ୍ର ଏ କି ବିଧି ଆଶିଷ ?
ସୁନ୍ଦର ସରୋଜ ଚରଣେ କିପାଁ ଜଡ଼ିତ ଅହି,
ବିପରୀତ ସ୍ଥିତି ରହସ୍ୟ କିଏ ପାରିବ କହି ?
ପ୍ରିଜୟନ ପ୍ରିୟ ସ୍ଥାନ ମୁଁ ଛାଡ଼ି ବନ୍ଦୀ ଏଠାରେ,
ବିରହ-ବିଷମ ବିଷେ ମୋ ମନ ପରାଣ ଘାରେ।
ବିଶ୍ୱ ପ୍ରକୃତିରେ ଦେଖିଲେ ସମ ହୃଦ-ବେଦନା,
ତାପିତ ଅନ୍ତରେ ଆସିବ ଅବା କ୍ଷଣେ ସାନ୍ତ୍ୱନା।

ରହ ଆଉ ଦଣ୍ଡେ ସିପାହି କିପାଁ କର କଟାଳ ?

କକ୍ଷେ ଅବରୋଧ ସମୟ ପରା ଗୋଧୂଳି କାଳ !

ଦେଖ ରଡ ରଡ ହୁଅଇ ରବି ଏବେ ଗଗନେ,

ଆଉ ଟିକିଏ ମୁଁ ବୁଲିବି ଏଥି କାରା-ପ୍ରାଙ୍ଗଣେ ।

ଯମଦୂତ ହୃଦେ କରୁଣା କାହୁଁ ବସିବ ତିଳେ ?

ଅଧିକ ନ କହି ମର୍ଯ୍ୟାଦା ଜଗି ପଶିବି ବିଳେ ।

❑❑❑

## (କ) ଲେଖକ ପରିଚୟ

**ଗୋପବନ୍ଧୁ ଦାସ- (୧୮୭୭-୧୯୨୮)**

**ଜନ୍ମସ୍ଥାନ-** ସୁଆଣ୍ଡୋ, ସାକ୍ଷିଗୋପାଳ, ପୁରୀ

**ରଚନା ସମ୍ଭାର-** 'ଧର୍ମପଦ', 'ବନ୍ଦୀର ଆତ୍ମକଥା', 'କାରା କବିତା', 'ଅବକାଶ ଚିନ୍ତା', 'ନଚିକେତା ଉପାଖ୍ୟାନ', 'ଗୋମାହାତ୍ମ୍ୟ' ଇତ୍ୟାଦି 'ସତ୍ୟବାଦୀ' ଓ 'ସମାଜ'ର ସଂପାଦକ ଓ ପ୍ରତିଷ୍ଠାତା ।

ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଆଧୁନିକ ଓଡ଼ିଶାର ନବ ନିର୍ମାତା । ଓଡ଼ିଶାର ଶିକ୍ଷା, ସାହିତ୍ୟ, ସମାଜ, ରାଜନୀତି ଓ ସଂସ୍କୃତିର ଜଣେ ବଳିଷ୍ଠ ପୃଷ୍ଠ ପୋଷକ । ଦେଶପାଇଁ ଆତ୍ମବଳୀ ଦେବା ଥିଲା ତାଙ୍କ ଜୀବନର ଚରମ ଓ ପରମ ବ୍ରତ । ବାଲ୍ୟ ବୟସରୁ ସେ ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ । ନୀଳକଣ୍ଠ ଓ ହରିହରଙ୍କ ସାହଚର୍ଯ୍ୟ, କବି ଗୋପବନ୍ଧୁଙ୍କୁ ଏହି କାମରେ ଅଧିକ ପ୍ରୋତ୍ସାହିତ କରିଥିଲା । କଲିକତାରୁ ଓକିଲାତି ପାଶ୍ କରି ମଧ୍ୟ ସେ ଓକିଲାତି

ଅପେକ୍ଷା ଶିକ୍ଷକତାକୁ ଅଧିକ ପସନ୍ଦ କରିଥିଲେ । ସତ୍ୟବାଦୀରେ ବନ ବିଦ୍ୟାଳୟ ପ୍ରତିଷ୍ଠା କରି ସେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସୁସ୍ଥ ଓ ଆଦର୍ଶ ଦେଶଭକ୍ତ ତିଆରି କରିବାରେ ଲାଗି ପଡ଼ିଥିଲେ । ଗୋପବନ୍ଧୁଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ଶିକ୍ଷକତାଠାରୁ ସ୍ୱାଧୀନତା ସଂଗ୍ରାମୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ମାନବ ସେବାଥିଲା ତାଙ୍କ ଜୀବନର ଆଦର୍ଶ । ଦେଶର ସ୍ୱାଧୀନତା ଥିଲା ଉତ୍କଳମଣିଙ୍କର ଏକମାତ୍ର କାମ୍ୟ । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଗଢ଼ିବା ପାଇଁ ଗୋପବନ୍ଧୁଙ୍କ ଉଦ୍ୟମ ଉଲ୍ଲେଖଯୋଗ୍ୟ । ଗୋପବନ୍ଧୁଙ୍କ ସାହିତ୍ୟ ମାନବିକତାର ସାହିତ୍ୟ । ସ୍ୱଦେଶପ୍ରୀତି ଓ ମାନବ ସଂପ୍ରୀତି ତାର ମୁଖ୍ୟ ଅବଲମ୍ବନ । ଏ ସବୁ ସତ୍ତ୍ୱେ କବି ଗୋପବନ୍ଧୁ ଥିଲେ ଖୁବ୍ ଭାବ ପ୍ରବଣ । ତାଙ୍କ ରଚନାବଳୀରେ ଏହାର ପ୍ରତିଫଳନ ଦେଖିବାକୁ ମିଳେ ।

## 'ବନ୍ଦୀର ବିରହ ବ୍ୟଥା' ସଂପର୍କରେ-

ସଂଶିତ କବିତାଟି 'କାରା କବିତା' ସଂକଳନରୁ ଉଦ୍ଧୃତ । ୧୯୨୩-୨୪ ମସିହାରେ ହଜାରିବାଗ ଜେଲରେ ଗୋପବନ୍ଧୁ ବନ୍ଦୀ ଥିଲାବେଳେ ଏହି କବିତାଟି ଲିଖିତ । କୌଣସି ଏକ ସନ୍ଧ୍ୟାରେ ସୂର୍ଯ୍ୟଙ୍କର ଅସ୍ତକାଳୀନ ରୂପ ଦେଖି କବି ଗୋପବନ୍ଧୁ ଭାବପ୍ରବଣ ହୋଇ ପଡ଼ିଥିଲେ । ସୂର୍ଯ୍ୟ ଓ ପୃଥିବୀର ପ୍ରେମ ଅତ୍ୟନ୍ତ ନିବିଡ଼ । ସୂର୍ଯ୍ୟଙ୍କ ବିଦାୟ ପରେ ବିରହପ୍ରାଣା ପୃଥିବୀର ମନୋଭାବକୁ ଗୋପବନ୍ଧୁ ମାନବୀୟ ଦୃଷ୍ଟିକୋଣରୁ ଉପସ୍ଥାପନ କରିଛନ୍ତି । ଦ୍ୱିତୀୟତଃ କବି ନିଜେ ଯେହେତୁ ହଜାରୀବାଗ୍ ଜେଲରେ ବନ୍ଦୀ ଥିଲେ, ସନ୍ଧ୍ୟା ଆସିଲା ବେଳେ ସିପାହି ଜେଲ ବନ୍ଦ କରିବାକୁ ଆସିଛି । ପ୍ରିୟଜନମାନଙ୍କଠାରୁ ଅଲଗା ହୋଇ ରହିବାର ବ୍ୟକ୍ତିଗତ ବିରହବୋଧ ମଧ୍ୟ ଉକ୍ତ କବିତାରେ ଉପସ୍ଥାପିତ ହୋଇଛି । ମୁଖ୍ୟତଃ ବାହ୍ୟପ୍ରକୃତି ଓ ଅନ୍ତଃପ୍ରକୃତିର ସମନ୍ୱୟ କବିତାଟିକୁ ଅଧିକ ମର୍ମସ୍ପର୍ଶୀ କରିପାରିଛି ।

•

## କଠିନ ଶବ୍ଦାର୍ଥ

ତପନ- ସୂର୍ଯ୍ୟ, ଅମ୍ବର- ଆକାଶ, ହେମବରଣୀ- ସୁନାରଙ୍ଗର, ଅନୁରକ୍ତ - ଅନୁଗତ / ବିଶ୍ୱସ୍ତ, ଭୃତ୍ୟ- ଚାକର, ଅସ୍ତାଚଳ - ସୂର୍ଯ୍ୟ ଅସ୍ତ ଯାଉଥିବା ପର୍ବତ, ରବି - ସୂର୍ଯ୍ୟ, ପ୍ରାଚୀ- ପୂର୍ବଦିଗ, ଅନୁରାଗେ- ସ୍ନେହରେ, ଚାରୁ- ସୁନ୍ଦର, କନକ- ସୁନା, ଆଶ୍ୱାସେ- ସାନ୍ତ୍ୱନାରେ, ଅସ୍ପଷ୍ଟ ଗିର- ଫିସଫିସ କଥା, ଅଚିରେ - ଖୁବ୍ ଶୀଘ୍ର, କପୋଳ- ଗାଲ, ଲାସ୍ୟ- ଲୀଳାୟିତ ଗତି, କଷଣ- କଷ୍ଟ, ଜଡ଼ - ନିର୍ଜୀବ ବସ୍ତୁ, ଚେତନ- ସଜୀବ (ଚେତନା ଯୁକ୍ତ), ପୀୟୂଷ - ଅମୃତ, ଆଶିଷ- ଆଶୀର୍ବାଦ, ସରୋଜ- ପଦ୍ମ, ଜଡ଼ିତ-ଲାଗି ରହିଥିବା, ଅହି- ସର୍ପ, ବିଷମ- ଭୟଙ୍କର, ବେଦନା- ଦୁଃଖ/କଷ୍ଟ, ତାପିତ- ତାପପ୍ରାପ୍ତ / ଦୁଃଖଗ୍ରସ୍ତ, କଟାଳ- ଜୁଲମ, କକ୍ଷ- ଘର, ଅବରୋଧ - ବନ୍ଦୀ, ଗୋଧୂଳି କାଳ- ସନ୍ଧ୍ୟା ସମୟ, କାରା ପ୍ରାଙ୍ଗଣେ- ଜେଲ ଅଗଣାରେ, ବିଳେ- ଗାତ ଭିତରେ / ଜେଲର ଅନ୍ଧାର ଘରେ)

❑❑❑

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ! ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) "ନାନାରଙ୍ଗ ଚନ୍ଦ୍ରଆତପେ ଆଚ୍ଛାଦିତ ଅମ୍ବର" ଏଠାରେ ଅମ୍ବରର- ଅର୍ଥ- ________ ।

(i) ଲୁଗା ।

(ii) ଚାନ୍ଦୁଆ ।

(iii) ଆକାଶ ।

(iv) ସୂର୍ଯ୍ୟ ।

(୨) ସୂର୍ଯ୍ୟାସ୍ତ ସମୟରେ ଗଛଗୁଡ଼ିକର ଛାଇ ଲମ୍ବି ଯାଇଥିବାରୁ କବି କ'ଣ କଳ୍ପନା କରୁଛନ୍ତି ?

(i) ଗଛମାନେ ଅନ୍ଧାରକୁ ଜାବୁଡ଼ି ଧରିଛନ୍ତି ।

(ii) ଗଛମାନେ ସୂର୍ଯ୍ୟଙ୍କୁ ପାଦରେ ପ୍ରଣାମ କରୁଛନ୍ତି ।

(iii) ଗଛମାନେ ଗର୍ବରେ ଫୁଲି ଉଠୁଛନ୍ତି ।

(iv) ପରାଧୀନତା ପରି ଅନ୍ଧକାର ବ୍ୟାପିଯାଉଛି ।

(୩) ସୂର୍ଯ୍ୟାସ୍ତକାଳୀନ ମୃଦୁ ସମୀରଣକୁ କବି କାହା ସହିତ ତୁଳନା କରିଛନ୍ତି ?

(i) ପତିପତ୍ନୀର କଳହ ।

(ii) ପ୍ରେମ ଅସ୍ପଷ୍ଟ ଗିର ।

(iii) ନାୟକ ନାୟିକାର ମିଳନ ।

(iv) ପ୍ରେମିକର ଭର୍ତ୍ସନା ।

(୪) ସନ୍ଧ୍ୟାକାଳୀନ ମୃଦୁ ସମୀରଣରେ ସୂର୍ଯ୍ୟ ପ୍ରେମିକାର କାନରେ କ'ଣ କହୁଥିଲେ ?

(i) ଶୀଘ୍ର ଫେରି ଆସିବି ।

(ii) ଆଉ ଫେରିବିନି ।

(iii) ବିରହ ଅବିସମ୍ବାଦିତ ।

(iv) ଫେରିବାରେ ବିଳମ୍ବ ହେବ ।

(୫) ଅନୁଭବିର ନେତ୍ରରେ କ'ଣ ଦେଖାଯାଏ ?

(i) ପ୍ରେମିକାର ଲାସ୍ୟ ।

(ii) ପ୍ରେମିକାର ସ୍ୱୀକୃତି ।

(iii) ପ୍ରେମିକର ଆନନ୍ଦ ଭିତରେ ବିଷାଦ ରେଖା ।

(iv) ପ୍ରେମିକର ଅହଙ୍କାର ।

(୬) ବନ୍ଦୀ ଗୋପବନ୍ଧୁଙ୍କ ପ୍ରାଣରେ କେଉଁ ଦୃଶ୍ୟ କଷ୍ଟ ଦେଉଥିଲା ?

(i) ଅନ୍ୟ ଜଣେ ବନ୍ଦୀ ପ୍ରତି ଅତ୍ୟାଚାର ।

(ii) ସନ୍ଧ୍ୟାର ବିରହ ଦୃଶ୍ୟ ।

(iii) ଅସ୍ତକାଳୀନ ସୂର୍ଯ୍ୟର ସ୍ନିଗ୍ଧ କିରଣ ।

(iv) ନୀଡ଼ବାହୁଡ଼ା ପକ୍ଷୀମାନଙ୍କ ଆଗମନର ଦୃଶ୍ୟ ।

(୭) ପ୍ରଣୟ ପୀୟୂଷରେ କ'ଣ ମିଶିଛି ?

(i) ମିଳନ ଅମୃତ ।

(ii) ବିରହର ବିଷ ।

(iii) ପ୍ରତିକ୍ରିୟାର ହଳାହଳ ।

(iv) ନିର୍ଯ୍ୟାତନାର କୁଟିଳତା ।

(୮) କବିଙ୍କ ତାପିତ ଅନ୍ତରରେ କିପରି ସାନ୍ତ୍ୱନା ଆସିବ ବୋଲି ସେ ମନେ କରିଛନ୍ତି ?

(i) ଜେଲ ଭିତରେ ରହିଲେ ।

(ii) ମୁକ୍ତି ପାଇଗଲେ ।

(iii) ପ୍ରକୃତି ମଧ୍ୟରେ ସମହୃଦ ବେଦନା ଦେଖିଲେ ।

(iv) ସିପାହି ତାଙ୍କୁ ଜେଲ ଭିତରେ ଆବଦ୍ଧ ନ କଲେ ।

(୯) ଗୋପବନ୍ଧୁଙ୍କ ଅବରୋଧର ସମୟ କ'ଣ ଥିଲା ?

(i) ସକାଳ ।

(ii) ମଧ୍ୟାହ୍ନ ।

(iii) ଗୋଧୂଳି କାଳ ।

(iv) ରାତି ।

(୧୦) ଯମଦୂତ ବୋଲି କବି କାହାକୁ କହିଛନ୍ତି ?

(i) ଜେଲର ସିପାହିକୁ ।

(ii) ସହବନ୍ଦୀଙ୍କୁ ।

(iii) ଇଂରେଜ ଶାସକଙ୍କୁ ।

(iv) ଗଡ଼ଜାତ ରାଜାଙ୍କୁ ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁଙ୍କ କେଉଁ ସଂକଳନରୁ ଆସିଛି ?

(୨) ବସନ୍ତ ସମୟ କିପରି ?

(୩) ବିଦାୟୀ ସୂର୍ଯ୍ୟର ଆକାଶ କେଉଁଥିରେ ଆଚ୍ଛାଦିତ ବୋଲି ଗୋପବନ୍ଧୁ କହିଛନ୍ତି ?

(୪) ବିଦାୟବେଳାରେ ପକ୍ଷୀମାନଙ୍କର ଗାନ କିପରି ଥିଲା ?

(୫) ଆସନ୍ନସନ୍ଧ୍ୟାରେ ତରୁ ଓ ଗିରିର ବିସ୍ତାରିତ ଛାୟା କାହା ପାଦରେ ପ୍ରଣାମ କରୁଥିଲେ ?

(୬) ପ୍ରଣାମର ପ୍ରତିବଦଳରେ ସୂର୍ଯ୍ୟ ତରୁଗିରିଙ୍କୁ କ'ଣ ଦାନ କରୁଥିଲେ ?

(୭) ସଂଧ୍ୟା କାଳୀନ ସୂର୍ଯ୍ୟ କେଉଁଠି ବସି ହସୁଥିଲେ ବୋଲି କୁହାଯାଇଛି ?

(୮) ଅସ୍ତକାଳୀନ ସୂର୍ଯ୍ୟଙ୍କର କୋମଳ କିରଣକୁ କବି କାହା ସହିତ ତୁଳନା କରିଛନ୍ତି ?

(୯) ବିଦାୟବେଳାରେ ପ୍ରେମର ଅସ୍ପଷ୍ଟଭାଷା କିଏ ଉଚ୍ଚାରଣ କରୁଥିଲେ ?

(୧୦) ସମୀରଣ କଣ୍ଠରେ ସୂର୍ଯ୍ୟ ଦେବତାଙ୍କର ପ୍ରେମପୂର୍ଣ୍ଣ ଅସ୍ପଷ୍ଟ ଭାଷା କ'ଣ ଥିଲା ?

(୧୧) ବିଦାୟକାଳୀନ ଅନୁରାଗର ରଙ୍ଗ କେଉଁଠି ପ୍ରକାଶ ପାଉଥିଲା ?

(୧୨) ସୂର୍ଯ୍ୟଙ୍କର ହସରେ କ'ଣ ପ୍ରକଟିତ ହେଉଥିଲା ?

(୧୩) ବିରହୀ ସୂର୍ଯ୍ୟଙ୍କର ବିଷାଦ କିଏ ଦେଖି ପାରୁଥିବେ ବୋଲି କବି କହିଛନ୍ତି ?

(୧୪) କାହାର ବିରହ ମନରେ ଦାରୁଣ କଷଣ ଦିଏ ବୋଲି କୁହାଯାଇଛି ?

(୧୫) ପ୍ରୀତି ପାଶରେ କିଏ ବନ୍ଧା ବୋଲି କବି କହିଛନ୍ତି ?

(୧୬) ସୂର୍ଯ୍ୟଙ୍କର ବିରହ ଦୃଶ୍ୟ କାହା ପ୍ରାଣରେ ବ୍ୟଥା ଦେଉଥିଲା ?

(୧୭) ସଂଧ୍ୟାକାଳୀନ ବିଦାୟ ଦୃଶ୍ୟ ବନ୍ଦୀ ଗୋପବନ୍ଧୁଙ୍କୁ କ'ଣ ମନେ ପକାଇ ଦେଉଥିଲା ?

(୧୮) ବନ୍ଦୀଶାଳାରେ ଚାବି ନ ଦେବାପାଇଁ ଗୋପବନ୍ଧୁ କାହାକୁ ଅନୁରୋଧ କରିଥିଲେ ?

(୧୯) ଗୋପବନ୍ଧୁ ବନ୍ଦୀଶାଳାର ଚାବି ନ ଦେବା ପାଇଁ ସିପାହିକୁ କାହିଁକି ଅନୁରୋଧ କରିଥିଲେ ?

(୨୦) ପ୍ରଣୟପୀୟୂଷରେ କ'ଣ ମିଶିଛି ବୋଲି କବି କହିଛନ୍ତି ?

(୨୧) ବିଶ୍ୱବାସୀଙ୍କ ପ୍ରତି ବିଧାତାର ବିଚିତ୍ର ଆଶିଷ ବୋଲି କବି କାହାକୁ କହିଛନ୍ତି ?

(୨୨) ସୁନ୍ଦର ପଦ୍ମରେ କିଏ ଜଡ଼ିତ ହୋଇଥାଏ ବୋଲି କୁହାଯାଇଛି ?

(୨୩) ବିରହକୁ କବି କାହା ସହିତ ତୁଳନା କରିଛନ୍ତି ?

(୨୪) କେଉଁ ବିଷରେ କବିଙ୍କ ପରାଣ ଘାରୁଛି ବୋଲି ସେ କହିଛନ୍ତି ?

(୨୫) ଆପଣାର ବିରହ ବେଦନାକୁ କବି କେଉଁଠାରେ ଦେଖିଛନ୍ତି ?

(୨୬) କବିଙ୍କ ତାପିତ ଅନ୍ତର କିପରି ସାନ୍ତ୍ୱନା ଲାଭ କରିଛି ?

(୨୭) ବନ୍ଦୀଶାଳାର ଅବରୋଧ ସମୟ କେଉଁ ସମୟ ଥିଲା ?

(୨୮) ସୂର୍ଯ୍ୟ ଆକାଶରେ ରତରତ ହେଉଥିବାରୁ କବି ସିପାହିକୁ କ'ଣ ଅନୁରୋଧ କରିଛନ୍ତି ?

(୨୯) ଯମଦୂତ ବୋଲି କବି କାହାକୁ କହିଛନ୍ତି ?

(୩୦) ନିଜର ମର୍ଯ୍ୟାଦା ଜଗି ଶେଷରେ କବି କ'ଣ କରିବେ ବୋଲି କହିଛନ୍ତି ?

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁ କେଉଁ ଜେଲରେ ଥିବାବେଳେ ଲେଖିଥିଲେ ?

(୨) ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ କିପରି ଥିଲା ?

(୩) ସନ୍ଧ୍ୟାକାଳୀନ ତରୁଗିରିର ବିସ୍ତାରିତ ଛାୟାକୁ କବି କାହା ସହିତ ତୁଳନା କରିଛନ୍ତି ?

(୪) "ଅଚିରେ ଫେରିବି ଧନି ! ନୁହ କାତର"- କିଏ କାହାକୁ କହିଛନ୍ତି ?

(୫) ସନ୍ଧ୍ୟାର ଅନୁରାଗ ରଙ୍ଗରେ ବିରହ ଦୁଃଖର କାଳିମା କିପରି ଥିଲା ?

(୬) ସନ୍ଧ୍ୟାକାଳୀନ ଦୃଶ୍ୟରୁ ଅନୁଭବି ବ୍ୟକ୍ତି କ'ଣ ଦେଖିପାରେ ?

(୭) ପ୍ରିୟଜନର ବିରହ ଦୁଃଖ କବିଙ୍କୁ କିପରି ମନେହୋଇଛି ?

(୮) ପ୍ରୀତି ପାଶରେ କିଏ ବନ୍ଧା ହୋଇଛନ୍ତି ବୋଲି କବି ଗୋପବନ୍ଧୁ କହିଛନ୍ତି ?

(୯) ସିପାହିକୁ କବି କାହିଁକି ବନ୍ଦୀଶାଳାର ଦ୍ୱାରରେ ଚାବି ନ ଦେବାପାଇଁ ଅନୁରୋଧ କରିଥିଲେ ?

(୧୦) ପ୍ରଣୟର କି ବିଚିତ୍ର ବିଧାନ କବି ଉପଲବ୍ଧି କରିଛନ୍ତି ?

(୧୧) କବି ଗୋପବନ୍ଧୁଙ୍କ ମନ ପ୍ରାଣ କାହିଁକି ବିରହ ବିଷାଦରେ ଘାରୁଥିଲା ?

(୧୨) ବିଶ୍ୱ ପ୍ରକୃତିରେ ସମାନ ହୃଦୟ ବେଦନା କବିଙ୍କ ଅନ୍ତରରେ କେଉଁ ଉପଲବ୍ଧି ଆଣିବ ବୋଲି କୁହଯାଇଛି ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

(୧) 'ବନ୍ଦୀର ବିରହ ବ୍ୟଥା' କବିତାରେ ସୂର୍ଯ୍ୟାସ୍ତକାଳୀନ ପ୍ରକୃତିର ରୂପଚିତ୍ର ଉପସ୍ଥାପନ କର ।

(୨) କବି ଗୋପବନ୍ଧୁ ସୂର୍ଯ୍ୟଙ୍କର ବିଦାୟକୁ କିପରି ମାନବୀୟ ବିରହ ସହିତ ତୁଳନା କରିଛନ୍ତି ?

(୩) ପ୍ରଣୟ ଓ ବିରହ ସଂପର୍କରେ କବିଙ୍କ ଅଭିମତ ପଠିତ କବିତା ଅବଲମ୍ବନରେ ପ୍ରଦାନ କର ।

(୪) ଯମଦୂତ ବୋଲି କବି କାହାକୁ କହିଛନ୍ତି ଓ କାହିଁକି ?

**(ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

(୧) 'ବନ୍ଦୀର ବିରହ ବ୍ୟଥା' କବିତାର ସାରମର୍ମ ନିଜ ଭାଷାରେ ଲେଖ ।

(୨) ପ୍ରକୃତିର ବିରହ ମଧ୍ୟରେ କବି କିପରି ଆପଣାର ବିରହକୁ ଉପଲବ୍ଧି କରିଛନ୍ତି ଆଲୋଚନା କର ।

(୩) ପଠିତ କବିତା ଅନୁସରଣରେ କବି ଗୋପବନ୍ଧୁଙ୍କ ପ୍ରକୃତି ପ୍ରୀତି ଓ ସ୍ୱଦେଶ ପ୍ରୀତିର ପରିଚୟ ଦିଅ ।

(୪) ବହିଃପ୍ରକୃତି ସହିତ ଅନ୍ତଃପ୍ରକୃତିର ମଧୁର ସମନ୍ୱୟ 'ବନ୍ଦୀର ବିରହ ବ୍ୟଥା' କବିତାକୁ ହୃଦୟଗ୍ରାହୀ କରିପାରିଛି, ଆଲୋଚନା କର ।

(୫) "ପ୍ରକୃତି ମଧ୍ୟରେ ମାନବୀୟ ଭାବ ସଂବେଦନାର ଉପସ୍ଥାପନ କବି ଗୋପବନ୍ଧୁଙ୍କ କବିତ୍ୱକୁ କାଳଜୟୀ କରାଇଛି", ପଠିତ କବିତା ଅବଲମ୍ବନରେ ଉକ୍ତିଟିର ସତ୍ୟତା ଦର୍ଶାଅ ।

□□□

# ପିଙ୍ଗଳାର ଅଭିସାର

## ରାଧାମୋହନ ଗଡ଼ନାୟକ

●

(୧)

ନଆସିବ ଆଉ ରସିକ ନାଗର, ନ ଆସିବ ଆଉ ପୁରେ,
ବାରବଧୂ ମୁହିଁ ପିଙ୍ଗଳା ଆଜି ଚାଲିଯାଉଅଛି ଦୂରେ ।
ଫୁଲଶେଯ ଆଉ ଶେଯାଇବି ନାହିଁ ନିତି ରାତି ସାରା ବସି,
କେଳି-ଦୀପ ଆଉ ଜାଳିବି ନାହିଁ ମୁଁ ଶୂନ୍ୟ ସୁଆଗେ ରସି ।

କାହା ଆଗେ ଆଉ ଦେଖାଇବି ନାହିଁ ପୀରତିର ଅଭିନୟ,
ନିଶାର ଅସାର ସ୍ୱପ୍ନ ସମାନ ସକଳ ଭଜିଚି ଲୟ ।
ମରମେ ମୋହର ଲଭିଅଛି ଆଜି ଦିବ୍ୟ ପରମ ଧନ,
ମରତ-ପଥର ଅମର ବନ୍ଧୁ ଅନ୍ତର-ବିମୋହନ ।

ଏ ମୋର ଜୀବନ ପଙ୍କ-ଉରସେ ଫୁଟିଅଛି ଶତଦଳ
ରିକ୍ତ ଏ ମୋର ଶୁକ୍ତି ଗରଭେ ଫଳିଛି ମୁକ୍ତାଫଳ ।
ଲୋଡ଼ା ନାହିଁ ମୋର ଧନସମ୍ପଦ ମଣିକାଞ୍ଚନ ମାଳା
ଲୋଡ଼ା ନାହିଁ ମୋର ବିଳାସ-କୁଞ୍ଜ ଏ ଚାରୁ ଚିତ୍ରଶାଳା ।

ନ ଆସିବ ଆଉ ରସିକ ନାଗର; ନ ଆସିବ ମୋର ପୁରେ
ବାରବଧୂ ମୁହିଁ ପିଙ୍ଗଳା ଆଜି ଚାଲିଯାଉଅଛି ଦୂରେ ।

(୨)

ଆଜି ଏ ମଧୁର ନିଶୀଥ ଲଗନେ ମେଦୁର ଧରଣୀ ସାରା,
ଗଗନେ ହସଇ ମୋହନ ଇନ୍ଦୁ, ହସଇ ମୁଗଧ ତାରା ।
ଦିଶିଦିଶି ପୁଣି ଉଚ୍ଛୁଳି ପଡ଼ଇ ଶୁଭ୍ର, ଜୋଛନା ଶିରୀ;
ସ୍ନିଗ୍ଧ ସମୀର ମଧୁର ଲହରେ ବହିଆସେ ଥିରି ଥିରି ।
ଭାସିଆସେ ମୋର ବନ୍ଧୁ-ପରଶ ଆହା କେଡ଼େ ସୁମଧୁର,
ଅଙ୍ଗ ପୁଲକେ ପୁଲକି ଉଠଇ ବରଷାର ନୀପ ତୁଲ ।
ବାଜିଉଠେ ପୁଣି ମଞ୍ଜୁ ମୁରଲୀ କାହିଁ କେଉଁ ଦୂର ଦେଶେ
ଜୀବନ ଯମୁନା ଉଜାଣି ଉଠଇ ମଞ୍ଜୁ ମଦିରାବେଶେ ।
ପାଷାଣ-କାରା ମୋ ଯାଇଅଛି ଭାଜି ଜାଗିଛି ମୁକ୍ତ ଧାରେ
ଯାଉଅଛି ଆଜି ଜୀବନର ମମ ପ୍ରିୟତମ-ଅଭିସାରେ ।

ନାହିଁ ଆଉ ମୋର ବାଧା ବନ୍ଧନ ସକଳ ଯାଇଚି ତୁଟି,
ମୁକ୍ତ-ଚାରିଣୀ ତଟିନୀର ସମ ଯିବି ମୁହିଁ ଆଜି ଛୁଟି ।
ଶତ ବନଗିରି କାନ୍ତାରେ ବୁଲି ଭେଟିବି ପ୍ରେମର ଧନ;
ବନ୍ଧୁ ମୋ ପ୍ରେମ-ସିନ୍ଧୁ-ଚରଣେ ଢାଳିଦେବି ଏ ଜୀବନ !

(୩)

ନୁହଇ ମୁଁ ଆଜି ବିଦେହର ନଟୀ, ନୁହେ ବାରବିଳାସିନୀ
ଜଗତର ପଥେ ଯାଉଅଛି ଆଜି ପ୍ରେମର ସନ୍ନ୍ୟାସିନୀ।
ମୁକ୍ତ ଭୁବନେ ବୁଲିବି ହରଷେ ମୁକ୍ତ ଆକାଶ ତଳେ।
ଧୋଇବି ପ୍ରାଣର କଳୁଷ-କାଳିମା ତିକ୍ତ ଲୋତକଜଳେ।
କ୍ଷୁଣ୍ଣଏ ମୋର ଯଉବନ ଧନ ପୂର୍ଣ୍ଣ ଏ ମୋର ରୂପ
ପୀରତି ଅନଳେ ଜାଳି ପ୍ରିୟଲାଗି କରିବି ଆରତି-ଧୂପ।

ଉଷା ଉଷସୀର ଗଗନେ ଦେଖିବି ବନ୍ଧୁର ରୂପବୀଥି
ଗଗନେ ଭୁବନେ ପବନେ ପବନେ ଶୁଣିବି ମୁରଲୀ-ଗୀତି।
ଜ୍ୟୋସ୍ନାନିଶିର ପୁଲକେ ପିଇବି ବନ୍ଧୁର ହାସ ସୁଧା
ଭୁଲିବି ପ୍ରାଣର ଆକୁଳ ପିଆସା ଭୁଲିବି ପ୍ରାଣର କ୍ଷୁଧା।

ଧରଣୀର ତୃଣ ତଳପ ଉରସେ ଶୋଇବି ହରଷ ଭୋଳେ
ଊର୍ଦ୍ଧ୍ୱେ ନୀଳିମ ଗଗନ ବିତାନେ ଅନାଇଁ ମୁଗଧ ଡୋଳେ।
ବନ୍ଧୁ-ସପନ ଦେଖୁ ଦେଖୁ ମୁହିଁ ବୁଜିବି ଏ ମୋର ଆଖି,
ଚନ୍ଦ୍ର ତପନ ସାକ୍ଷୀ ରହିଥିବେ, ଗଗନ ଭୁବନ ସାକ୍ଷୀ।

(୪)

ବିଦାୟ ନେଉଛି ବିଦେହ ନଗର, ବିଦାୟ ନେଉଛି ଆଜି
ଭୁଲିଯାଅ ମତେ, ଭୁଲିଯାଅ ମୋର ଘୃଣ୍ୟ କଳୁଷରାଜି।

ସରଗର ମୁହିଁ ଅମର-କନ୍ୟା; ମୁହିଁ ନାରୀ; ମୁହିଁ ଦେବୀ
ପୁଣ୍ୟ ମରତେ ପତିତା ସାଜିଲି ଘୃଣ୍ୟ ଜୀବନ ସେବି ।

ଅମୃତ ପିଇ ଆସିଥିଲି ଏଥି ହାୟରେ କରିଲି କିସ ?
ସର୍ପିଣୀ ସମ ସୃଷ୍ଟିର ତଳେ ସୃଜିଲି ବିଷମ ବିଷ ।
ସେ ବିଷର ତାପେ ଜଗତ ଜାଳିଲି, ସେ ତାପେ ଜଳିଲି ଆପେ,
ପୁଣ୍ୟ ଜୀବନ ପୁଣ୍ୟ ଭୁବନ ଭରିଦେଲି ଖାଲି ପାପେ ।

ଜୀବନର ମୋର ପ୍ରିୟତମ ଆଜି ଦେଖି ଏ କଳୁଷ-ଗତି
ମଞ୍ଜୁ ମଧୁର ମୁରଲୀର ରବେ ଡାକଇ ଆଦରେ ଅତି ।
ପତିତପାବନ ବନ୍ଧୁ ସେ ମୋର ବିଶ୍ୱ-ପରଶମଣି
ପୁଣ୍ୟ ପରଶେ ସ୍ୱର୍ଣ୍ଣ କରିବେ ଏ ମୋର ଅଙ୍ଗ ପୁଣି ।

ବିଦାୟ ନେଉଚି ବିଦେହ ନଗର, ବିଦାୟ ନେଉଚି ଆଜି
ଭୁଲିଯାଅ ମତେ ଭୁଲିଯାଅ ମୋର ଘୃଣ୍ୟ କଳୁଷରାଜି ।

□□□

## (କ) ଲେଖକ ପରିଚୟ

**ରାଧାମୋହନ ଗଡ଼ନାୟକ (୧୯୧୧-୨୦୦୦)**

**ଜନ୍ମସ୍ଥାନ - କଲଣ୍ଡାପାଳ, ଅନୁଗୁଳ ।**

**ରଚନା ସମ୍ଭାର-** କାବ୍ୟନାୟିକା, ଉତ୍କଳିକା, ମୌସୁମୀ, ପଶୁପକ୍ଷୀର କାବ୍ୟ, ସ୍ମରଣିକା, କୈଶୋରିକା, ଶାମୁକାର ସ୍ୱପ୍ନ, ଧୂସର ଭୂମିକା, ସୂର୍ଯ୍ୟ ଓ ଅନ୍ଧକାର, ଅବାଟୀର ତାରା, ହୀରାଖଣ୍ଡର ଗାଥା ।

**ଅନୁବାଦ-** ମେଘଦୂତ, ସୋରାବ ଓ ରୁସ୍ତମ୍ ।

**ଗଦ୍ୟ-** ତୁଳସୀ ସ୍ତବକ ଓ ରାଧାନାଥ, 'ଓଡ଼ିଆ ଛାନ୍ଦ' ।

ଆଧୁନିକ ଓଡ଼ିଆ କବିତାରେ ଛନ୍ଦକବି ଭାବରେ ରାଧାମୋହନ ଗଡ଼ନାୟକ ବେଶ୍ ପରିଚିତ । ସବୁଜ କବିଙ୍କ ସମସାମୟିକ ଭାବେ କବିତା ଲେଖିବା ଆରମ୍ଭ କରିଥିଲେ ହେଁ, ରାଧାମୋହନ ଗଡ଼ନାୟକ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଉଭୟ ଗୀତ ଓ ଗାଥା କବିତା କ୍ଷେତ୍ରରେ ସେ ଅଦ୍ୱିତୀୟ ସିଦ୍ଧିର ଅଧିକାରୀ । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଜାତୀୟତାବୋଧ ଓ ଦେଶପ୍ରୀତିକୁ ନେଇ କବିଙ୍କ କବିତାମାନ ଭାଷା ଓ ଛନ୍ଦର ଅପୂର୍ବ କାବ୍ୟ ଶୈଳୀରେ ବେଶ୍ ଭାବୋଦ୍ଦୀପକ ଓ ହୃଦୟସ୍ପର୍ଶୀ ମନେହୁଅନ୍ତି । କବି ଗଡ଼ନାୟକ 'କେନ୍ଦ୍ର ସାହିତ୍ୟ ଏକାଡେମୀ', 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଓ 'ପଦ୍ମଶ୍ରୀ' ଉପାଧି ପାଇଥିଲେ ।

**'ପିଙ୍ଗଳାର ଅଭିସାର' ସଂପର୍କରେ –**

ଆଲୋଚ୍ୟ କବିତାଟି ଭାଗବତର ମିଥ୍ ଆଧାରିତ ଏକ ଗାଥା କବିତା । ଭାଗବତ ଏକାଦଶ ସ୍କନ୍ଦ ନବମ ଅଧ୍ୟାୟରେ ପିଙ୍ଗଳା ବେଶ୍ୟା ଉପାଖ୍ୟାନ ସ୍ଥାନ ପାଇଛି । ଅବଧୂତ ଯଦୁ ରାଜାଙ୍କ ନିକଟରେ ପହଞ୍ଚି ଆପଣା ଆଦର୍ଶ ଜୀବନର ରହସ୍ୟ ଓ କେଉଁ ଗୁରୁଙ୍କ ଠାରୁ କି ଶିକ୍ଷା ଲାଭ କରି ସେ ଜୀବନକୁ ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ କରୁଛନ୍ତି ତା'ର ସୂଚନା ଦେଇଛନ୍ତି । ସେହି ଚବିଶ ଗୁରୁଙ୍କ ମଧ୍ୟରେ

ପିଙ୍ଗଳା ଜଣେ। ସେ ବିଦେହ ନଗରର ନଟୀ ଓ ବାରବିଳାସିନୀ । ଜୀବନ ଯାକ ସେ କେତେ ରସିକ ନାଗରଙ୍କୁ ଖୁସି କରି ଅର୍ଜନ କରିଛି ଅସୁମାରି ଅର୍ଥ। ଦିନେ ସଂଧ୍ୟା ସମୟରେ ଜଣେ ସମ୍ଭ୍ରାନ୍ତ ଧନୀ ଯୁବକ ସଙ୍କେତ ଦେଇ ଯାଇଛନ୍ତି ତା' ପୁରକୁ ଆସିବେ ବୋଲି । କିନ୍ତୁ ସେ ନ ଆସିବାରୁ ଅପେକ୍ଷମାଣା, ବାସକସଜ୍ଜା ପିଙ୍ଗଳାର ଭାବାନ୍ତର ଘଟିଛି । ପ୍ରହରକ ପରେ ପ୍ରହର ବିତିଯାଇଛି। ଶେଷରେ ତୃତୀୟ ପ୍ରହରକୁ ପିଙ୍ଗଳାର ଚେତନା ଜାଗ୍ରତ ହୋଇଛି। ତା' ହୃଦୟରେ କାମନାର ଢେଉ ପରିବର୍ତ୍ତେ ସେ ଉପଲବ୍ଧି କରିଛି- "ମୋ ପ୍ରାଣନାଥ ଅଛି ପାଶେ। ମୁହିଁ ନ ଦେଖେ ମୋହବଶେ" । ଧନ, ସମ୍ପତ୍ତି, ସକଳ ପ୍ରାଚୁର୍ଯ୍ୟ, ରୂପ, ଯୌବନକୁ ପଛରେ ଛାଡ଼ି ପିଙ୍ଗଳା ହୋଇ ଯାଇଛି ସନ୍ନ୍ୟାସିନୀ। ସେଇ ସନ୍ନ୍ୟାସିନୀ ପିଙ୍ଗଳାର ଉତ୍ତରଣର ଚିତ୍ର ପ୍ରଦାନ କରିଛନ୍ତି କବି ରାଧାମୋହନ ଗଡ଼ନାୟକ।

●

## କଠିନ ଶବ୍ଦାର୍ଥ

ରସିକ ନାଗର- ପ୍ରେମିକ ପୁରୁଷ, ବାରବଧୂ- ବାରବିଳାସିନୀ, ରୂପଜୀବୀ, କେଳି-ଦୀପ- କେଳି ସଦନକୁ ଆଲୋକିତ କରିବା ପାଇଁ ଜଳୁଥିବା ସ୍ତିମିତ ଦୀପାଳି, ଅନ୍ତର-ବିମୋହନ- ଯେ ଅନ୍ତରକୁ ମୁଗ୍ଧ କରନ୍ତି, ଉରସେ-ଛାତିରେ, ଶତଦଳ-ପଦ୍ମ, ରିକ୍ତ-ଶୂନ୍ୟ, ଶୁକ୍ତି- ଶାମୁକା, ଚାରୁ ଚିତ୍ରଶାଳା- ସୁନ୍ଦର ଚିତ୍ର ପୁରୀ, ମେଦୁର-ଚିକ୍କଣ, ମୋହନ- ମୁଗ୍ଧକର, ଇନ୍ଦୁ- ଚନ୍ଦ୍ର, ଦିଶିଦିଶି- ଦିଗବିଦିଗ, ଜୋଛନା-ଚନ୍ଦ୍ରିକା, ଶିରୀ- ସୌନ୍ଦର୍ଯ୍ୟ, ସମୀର-ପବନ, ପରଶ-ସ୍ପର୍ଶ, ପୁଲକ- ରୋମାଞ୍ଚ, ନୀପ-କଦମ୍ବ, ମୁରଲୀ-ବଂଶୀ, ଉଜାଣି-ଓଲଟା, ମଦିରା-ମଦ୍ୟ, ମଦିରାବେଶେ- ମଦ୍ୟର ପ୍ରଭାବରେ, ପାଷାଣ- କାରା- ପଥରର ବନ୍ଦୀଗୃହ, ତଟିନୀ-ନଦୀ, କାନ୍ତାରେ-ବନରେ, ପିଆସା- ପିପାସା / ତୃଷା, ସୁଧା- ଅମୃତ, କ୍ଷୁଣ୍ଣ-ଚୂର୍ଣ୍ଣିଭୂତ / ନିରାଶାଜର୍ଜରିତ, ଉଷସୀ-ସଂଧ୍ୟା, ଉରସେ-ଛାତିରେ, ତୃଣ ତଳପ-ଘାସର ଶଯ୍ୟା, ବିତାନେ- ବଗିଚାରେ, କଳୁଷ-

ପାପ, ରତେ– ସ୍ୱରରେ, ପରଶମଣି– ଯେଉଁ ମଣିକୁ ଛୁଆଁଇ ଦେଲେ ସାଧାରଣ ଧାତୁ ସୁନାରେ ପରିଣତ ହୁଏ, କଲୁଷ– ପାପ ।

❑❑❑

## ପ୍ରଶ୍ନାବଳୀ

(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

(୧) ପିଙ୍ଗଳା କିଏ ?

(i) ପଲ୍ଲୀବଧୂ ।

(ii) କୁଳବଧୂ ।

(iii) ବାରବଧୂ ।

(iv) ନବବଧୂ ।

(୨) ପିଙ୍ଗଳା ଆଉ କେଉଁ ଦୀପ ଜାଳିବ ନାହିଁ ବୋଲି କହିଛି ?

(i) ସଂଜ ଦୀପ ।

(ii) ପୂଜା ଦୀପ ।

(iii) ଜ୍ଞାନ ଦୀପ ।

(iv) କେଳିଦୀପ ।

(୩) ପିଙ୍ଗଳା ରସିକ ନାଗରମାନଙ୍କୁ କି ଅଭିନୟ ଦେଖାଉଥିଲା ?

(i) ପୀରତିର ଅଭିନୟ ।

(ii) ଛଳନାର ଅଭିନୟ ।

(iii) ସ୍ତ୍ରୀର ଅଭିନୟ ।

(iv) ବାନ୍ଧବୀର ଅଭିନୟ ।

(୪) 'ମରତ ପଥର ଅମରବନ୍ଧୁ ଅନ୍ତର ବିମୋହନ'- କାହା ଉଦ୍ଦେଶ୍ୟରେ କୁହାଯାଇଛି ?

(i) ପିଙ୍ଗଳାର ପ୍ରେମିକ ।

(ii) ଧନିକ ଯୁବକ ।

(iii) ରସିକ ନାଗର ।

(iv) ପରମ ପୁରୁଷ ।

(୫) ମୁକ୍ତା କେଉଁଠି ଫଳେ ?

(i) ଶୁକ୍ତି ଗର୍ଭରେ ।

(ii) ସାଗର ଗର୍ଭରେ ।

(iii) ଧରିତ୍ରୀ ଗର୍ଭରେ ।

(iv) ପଦ୍ମ ଗର୍ଭରେ ।

(୬) କେଉଁମାଳା ଦରକାର ନାହିଁ ବୋଲି ପିଙ୍ଗଳା କହିଛି ?

(i) ମଣିକାଞ୍ଚନ ମାଳା ।

(ii) ମରକତ ମାଳା ।

(iii) ବନପୁଷ୍ପର ମାଳା ।

(iv) ମଲ୍ଲୀମାଳା ।

(୭) ସଚେତନ ପିଙ୍ଗଳାର ଅଙ୍ଗପୁଲକକୁ କାହା ସହିତ ତୁଳନା କରାଯାଇଛି ?

(i) ପ୍ରସ୍ଫୁଟିତ ପଦ୍ମ ।

(ii) ବରଷାର ନୀପ ।

(iii) କୋରକିତ କେତକୀ ।

(iv) ବିକଶିତ ମଲ୍ଲୀ ।

(୮) ଆତ୍ମଜ୍ଞାନ ଲାଭ ପରେ ପିଙ୍ଗଳା କାହା ପରି ଛୁଟି ଯିବାପାଇଁ ଚାହିଁଛି ?

(i) ମୁକ୍ତ ଚାରିଣୀ ତଟିନୀ ।

(ii) ବରଷାର ଧାରା ।

(iii) ଧୀର ସମୀରଣ ।

(iv) ଦକ୍ଷିଣା ପବନ।

(୯) ପିଙ୍ଗଳା କେଉଁ ନଗରର ନଟୀ ଥିଲା ?

(i) ଅବନ୍ତୀ ।

(ii) ଉଜ୍ଜୟିନୀ ।

(iii) ବିଦେହ ।

(iv) କୋଶଳ ।

(୧୦) ପ୍ରେମର ସନ୍ନ୍ୟାସିନୀ ବୋଲି କବି କାହାକୁ କହିଛନ୍ତି ?

(i) ମଧୁମନ୍ତା ।

(ii) ପିଙ୍ଗଳା ।

(iii) ଆମ୍ରପଲ୍ଲୀ ।

(iv) ମଧୁବ୍ରତା ।

(୧୧) ଉତ୍ତରିତ ପିଙ୍ଗଳା କେଉଁଠି ଶୋଇବ ବୋଲି କହିଛି ?

(i) ଧରଣୀର ତୃଣତଳ୍ପରେ ।

(ii) ଫୁଲ ଶଯ୍ୟାରେ ।

(iii) ତୂଳିତଳ୍ପ ଶଯ୍ୟାରେ ।

(iv) ପଥରର ଚଟାଣରେ ।

(୧୨) ପୁଣ୍ୟ ମର୍ତ୍ତ୍ୟଭୂମିରେ ପିଙ୍ଗଳା କ'ଣ ସାଜିଛି ବୋଲି କହିଛି ?

(i) ପତିତା ।

(ii) ନେତ୍ରୀ ।

(iii) ସାମ୍ରାଜ୍ଞୀ ।

(iv) ଗୃହିଣୀ ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ପିଙ୍ଗଳାର ଅଭିସାର କବିତାର କବି କିଏ ?

(୨) କେଉଁ ପୁରାଣର ଉପାଖ୍ୟାନ ଆଧାରରେ 'ପିଙ୍ଗଳାର ଅଭିସାର' କବିତାଟି ରଚିତ ହୋଇଛି ?

(୩) ପିଙ୍ଗଳା କେଉଁ ନଗରୀରେ ବାସ କରୁଥିଲା ?

(୪) ବାରବଧୂ ବୋଲି କବି କାହାକୁ କହିଛନ୍ତି ?

(୫) ପିଙ୍ଗଳାର ମନରେ କାହିଁକି ବିରାଗ ଆସିଥିଲା ?

(୬) ଦିବ୍ୟ ପରମଧନ ବୋଲି କାହାକୁ କୁହାଯାଇଛି ?

(୭) ମରତ ପଥର ଅମର ବନ୍ଧୁ କିଏ ?

(୮) ପିଙ୍ଗଳାର ପଙ୍କିଳ ଜୀବନରେ କ'ଣ ଫୁଟିଛି ବୋଲି କୁହାଯାଇଛି ?

(୯) ପିଙ୍ଗଳାର କାହିଁକି ଧନ ସଂପଦ ଲୋଡ଼ାନାହିଁ ବୋଲି ସେ କହିଛି ?

(୧୦) ରସିକନାଗରମାନେ ଆଉ କାହିଁକି ପିଙ୍ଗଳା ପାଖକୁ ଆସିବେ ନାହିଁ ବୋଲି କୁହାଯାଇଛି ?

(୧୨) ମଧୁରଲଗ୍ନରେ ଆକାଶରେ କିଏ ହସୁଥିଲେ ?

(୧୩) 'ଶୁଭ୍ର, ଜୋଛନା ଶିରୀ' କେଉଁଠି ଉଚ୍ଛୁଳି ପଡୁଥିଲା ?

(୧୪) ପିଙ୍ଗଳାର ଅଙ୍ଗର ପୁଲକକୁ କାହା ସହିତ ତୁଳନା କରାଯାଇଛି ?

(୧୫) ଜୀବନ ଯମୁନାରେ କିପରି ଜୁଆର ଆସେ ?

(୧୬) ପ୍ରେମର ଧନକୁ କିପରି ଭେଟିବ ବୋଲି ପିଙ୍ଗଳା କହିଛି ?

(୧୭) ମୁକ୍ତଚାରିଣୀ ତଟିନୀ ବୋଲି କାହାକୁ କୁହାଯାଇଛି ?

(୧୮) ପ୍ରେମରେ ସନ୍ୟାସିନୀ କିଏ ?

(୧୯) ପିଙ୍ଗଳା ତା' ପାପର କଳୁଷ କାଳିମା କିପରି ଧୋଇବ ବୋଲି ଭାବୁଛି ?

(୨୦) ପିଙ୍ଗଳା ପ୍ରିୟତମକୁ କିପରି ଧୂପ ଆରତି ଦେବ ?

(୨୧) ପିଙ୍ଗଳା ମୁରଲୀର ଗୀତ କେଉଁଠି ଶୁଣିବ ବୋଲି କବି କହିଛନ୍ତି ?

(୨୨) ଜ୍ୟୋସ୍ନା ନିଶିର ପୁଲକରେ ପିଙ୍ଗଳା କ'ଣ ପିଇବ ବୋଲି କବି କହିଛନ୍ତି ?

(୨୩) ପ୍ରେମପାଗଳିନୀ ପିଙ୍ଗଳା କ'ଣ ଭୁଲିଯିବ ବୋଲି କହିଛି ?

(୨୪) ସଚେତନ ପିଙ୍ଗଳା କେଉଁଠି ଆନନ୍ଦରେ ଶୋଇ ପାରିବ ବୋଲି କହିଛି ?

(୨୫) କାହାର ସ୍ୱପ୍ନ ଦେଖି ପିଙ୍ଗଳା ଆନନ୍ଦରେ ଆଖି ବୁଜିବ ବୋଲି କହିଛି ?

(୨୬) ପିଙ୍ଗଳା ସ୍ୱପ୍ନ ଦେଖି ଆଖି ବୁଜିବା ବେଳେ କେଉଁମାନେ ସାକ୍ଷୀ ରହିଥିବେ ?

(୨୭) 'ସରଗର ଅମର କନ୍ୟା' ବୋଲି କବି କାହାକୁ କହିଛନ୍ତି ?

(୨୮) କିଏ ପତିତାର ଜୀବନ ବିତାଉଥିଲା ?

(୨୯) ଅମୃତ ପିଇବା ପାଇଁ ଆସିଥିଲି ବୋଲି କିଏ କହିଛି ?

(୩୦) ମଧୁର ମୁରଲୀର ଧ୍ୱନିରେ କିଏ ପିଙ୍ଗଳାକୁ ଡାକୁଥିଲେ ?

(୩୧) ପତିତପାବନ ବନ୍ଧୁ ବୋଲି କବି କାହାକୁ କହିଛନ୍ତି ?

(୩୨) 'ବିଶ୍ୱ- ପରଶମଣି' – କାହାକୁ କୁହାଯାଇଛି ?

(୩୩) ପତିତପାବନଙ୍କ ପୁଣ୍ୟ ସ୍ପର୍ଶରେ ପିଙ୍ଗଳାର କ'ଣ ହେବ ବୋଲି କୁହାଯାଇଛି ?

(୩୪) ବିଦାୟ ବେଳାରେ ପିଙ୍ଗଳା ବିଦେହବାସୀଙ୍କୁ କ'ଣ ଭୁଲିଯିବା ପାଇଁ ଅନୁରୋଧ କରିଛି ?

(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିବ ।

(୧) ପିଙ୍ଗଳା କାହିଁକି ପୀରତିର ଅଭିନୟ କରିବ ନାହିଁ ବୋଲି କହିଛି ?

(୨) "ରିକ୍ତ ଏ ମୋର ଶୁକ୍ତିଗରଭେ ଫଳିଛି ମୁକ୍ତାଫଳ" କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୩) ପିଙ୍ଗଳାର ଚେତନା ଜାଗ୍ରତ ହେବାରୁ ସେ ଆଉ କ'ଣ ଲୋଡ଼ା ନାହିଁ ବୋଲି କହିଛି ?

(୪) ପିଙ୍ଗଳାର ଜୀବନ ଯମୁନାରେ ଉଜାଣି ଉଠିଲା କାହିଁକି ?

(୫) "ବନ୍ଧୁ ମୋ ପ୍ରେମ ସିନ୍ଧୁ" କିଏ କେଉଁ ପ୍ରସଙ୍ଗରେ କହିଛି ?

(୬) ପିଙ୍ଗଳା ଆପଣା ପ୍ରାଣର ଆକୁଳ ପିଆସା କିପରି ଭୁଲିବ ବୋଲି ମନେ କରିଛି ?

(୭) ସନ୍ନ୍ୟାସିନୀ ପିଙ୍ଗଳାର ଜୀବନ ଧାରଣା କିପରି ହେବ ବୋଲି କବି ବର୍ଣ୍ଣନା କରିଛନ୍ତି ?

(୮) ପିଙ୍ଗଳା କାହିଁକି ନିଜକୁ ସର୍ପିଣୀ ବୋଲି କହିଛି ?

(୯) ମଧୁର ମୁରଲୀର ସ୍ୱରରେ କିଏ କାହାକୁ କାହିଁକି ଡାକୁଥିଲା ?

(୧୦) ବିଶ୍ୱ ପରଶମଣି ବୋଲି କବି କାହାକୁ କାହିଁକି କହିଛନ୍ତି ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର । ଉତ୍ତର ପାଇଁ ୨ ନମ୍ବର ।**

(୧) ପିଙ୍ଗଳାର ମନରେ କାହିଁକି ବୈରାଗ୍ୟ ଭାବ ଜାତ ହେଲା ?

(୨) ମରତ ପଥର ଅମର ବନ୍ଧୁଙ୍କୁ ଲାଭ କରିବା ପରେ ପିଙ୍ଗଳା ଜୀବନରେ କ'ଣ ସବୁ କରିବ ନାହିଁ ବୋଲି କହିଛି ?

(୩) ପିଙ୍ଗଳାର ବିଫଳ ଜୀବନ ସଫଳ ହେଲା ବୋଲି ସେ କିପରି ମନେ କରିଛି ?

(୪) ପରିବର୍ତ୍ତିତ ପିଙ୍ଗଳା, ପ୍ରକୃତିକୁ କିପରି ଅନୁଭବ କରିଛି ?

(୫) "ଯାଉଅଛି ଆଜି ଜୀବନର ମମ ପ୍ରିୟତମ ଅଭିସାରେ" କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୬) ସଚେତନ ପିଙ୍ଗଳା ତା'ର ପ୍ରିୟପରମଙ୍କର କିପରି ପୂଜା ଆରତି କରିବ ବୋଲି କବି ବର୍ଣ୍ଣନା କରିଛନ୍ତି ?

(୭) ଆପଣାର ଘୃଣ୍ୟ ଜୀବନରୁ ମୁକ୍ତି ପାଇଥିବା ପିଙ୍ଗଳାର ଅନୁଭୂତିକୁ କବି କିପରି ବର୍ଣ୍ଣନା କରିଛନ୍ତି ?

**(ଙ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

(୧) "ପିଙ୍ଗଳାର ଅଭିସାର" କବିତାର ମର୍ମ ନିଜ ଭାଷାରେ ଲେଖ ?

(୨) କାମନା ବାସନାର ପଙ୍କିଳ ଜୀବନରୁ ଚେତନାର ଊର୍ଦ୍ଧ୍ୱାୟନ ହେଉଛି 'ପିଙ୍ଗଳାର ଅଭିସାର' କବିତାର ମର୍ମବାଣୀ, ଆଲୋଚନା କର ।

(୩) ଅନ୍ତରର ଆହ୍ୱାନ ଆସିଲେ ବ୍ୟକ୍ତି ପାର୍ଥିବ କାମନା ବାସନାର ଜଟିଳ ଜଞ୍ଜାଳରୁ ମୁକ୍ତ ହୋଇଯାଏ, ପଠିତ 'ପିଙ୍ଗଳାର ଅଭିସାର' କବିତାରୁ ଏହାର ସତ୍ୟତା ବିଚାର କର ।

(୪) ଭାଗବତର ମିଥ୍ ଆଧାରରେ 'ପିଙ୍ଗଳାର ଅଭିସାର' କବିତା ରଚିତ ହୋଇ ଥିଲେ ହେଁ ଏହାର ଏକ ଚିରନ୍ତନ ମୂଲ୍ୟ ରହିଛି- ଆଲୋଚନା କର ।

(୫) ଦୈହିକ ଭୋଗଲାଳସା ନୁହେଁ, ବରଂ ଆତ୍ମାର ଆହ୍ୱାନ ହିଁ 'ପିଙ୍ଗଳାର ଅଭିସାର' କବିତାର ମୁଖ୍ୟସ୍ୱର– ପ୍ରମାଣ କର ।

❑❑❑

# ବାର୍ତ୍ତା

ସଚ୍ଚିଦାନନ୍ଦ ରାଉତରାୟ

●

ଶତାବ୍ଦୀର ସିଂହଦ୍ୱାରୁ ଆସିଅଛି ଦୂତ
ଆଣିଅଛି ବାର୍ତ୍ତା ଭବିଷ୍ୟର-
ଜୀବନର ସଂଭାବନା ଯହିଁ ମୂର୍ତ୍ତିମାନ
ନାଇ ଯହିଁ ପ୍ରାଚୀର ପ୍ରାନ୍ତର ।
ଜାଗ ହେ ମାନବ ଶିଶୁ !
ଜାଗ ନରବ୍ରହ୍ମ !
ଜାଗ ଧରି ଲୌକିକର ଜ୍ଞାନ ।

ଦୃଢ଼ ହୁଅ, ରୂଢ଼ ହୁଅ,
ନିଅ ପ୍ରତିଶୋଧ
ଯୁଗବ୍ୟାପୀ ହୀନ ଦାସତ୍ୱର ।
ସମୟ ଆସିଛି ଆଜି ପଚାରିବା ପାଇଁ
ଦୀପ୍ତ କଂଠେ, ହେ ମାନବ ପୁତ୍ର
ଏତେ ଦିନ ଶୃଙ୍ଖଳାଟା ଥିଲା କାହିଁପାଇଁ
କିପାଁ ଥିଲା ଲୌହ କାରାଗାର ?

ଯୁଗ ଯୁଗ ଧରି ଯେତେ
ଭୀମ ଅତ୍ୟାଚାର
ପୀଡ଼ା ଦେଲା ମାନବ ଆତ୍ମାକୁ
ମାଗିବାକୁ କୈଫିୟତ
ଆଜି ତ ତାହାରି
ବେଳ ହେଲା, ହେ ରୁଦ୍ର ଭୈରବ !

ଶତାବ୍ଦୀର ସିଂହଦ୍ୱାରୁ
ଆସିଅଛି ଦୂତ
ଆଣିଅଛି ବର ଦେବତାର ।
ଦଗ୍ଧ ହୁଅ- ଭସ୍ମ ହୁଅ
ହେ ମନୁଷ୍ୟ ପୁତ୍ର !
କୀଟ ସମ ହୁଅ ନିଷ୍ପେଷିତ ।

ଲଭ ତହୁଁ ଜ୍ଞାନ-ରଶ୍ମି
ବୁଝ ଆଜି ମୂଢ଼
କାରଣ କେ ସେହି ପୀଡ଼ନର ।
ତାହାରି ଉଚ୍ଛେଦ କର
କର ରେ ନିର୍ମୂଳ
ଶ୍ୟେନ ପରି ନିଅ ପ୍ରତିଶୋଧ ।

ସେହି ତୋର ମହାଧର୍ମ,
ତୋ ଶ୍ରେଣୀ-ଚେତନା
ଭସ୍ମ ମଧ୍ୟୁଁ ଘେନ ଏହି ଦୀକ୍ଷା,
ଧନ୍ୟ ହେଉ ଉତ୍ପୀଡ଼ନ
ଜୟ ହେଉ ପୀଡ଼ନର,
ଜୟ ଲଭୁ କୃଷର ସାଧନା ।

❑❑❑

## (କ) ଲେଖକ ପରିଚୟ

**ସଚ୍ଚିଦାନନ୍ଦ ରାଉତରାୟ - (୧୯୧୬-୨୦୦୪)**

**ଜନ୍ମସ୍ଥାନ-** ଗୁରୁଜଙ୍ଗ, ଖୋର୍ଦ୍ଧା ।

**ରଚନା ସମ୍ଭାର-** କବିତା- ପାଥେୟ, ପୂର୍ଣ୍ଣିମା, ବାଜିରାଉତ, ଅଭିଯାନ, ରକ୍ତଶିଖା, ପଲ୍ଲିଶ୍ରୀ, ହସଂତ, ଅଭିଜ୍ଞାନ, ଭାନୁମତୀର ଦେଶ, ପାଣ୍ଡୁଲିପି, ସ୍ୱଗତ କବିତା-୧୯୬୨, କବିତା-୧୯୬୯, କବିତା- ୧୯୭୧, କବିତା - ୧୯୭୪, କବିତା-୧୯୮୩, କବିତା-୧୯୮୫, କବିତା-୧୯୮୭, କବିତା-୧୯୯୦ ।

**ଉପନ୍ୟାସ-** ଚିତ୍ରଗ୍ରୀବ ।

**ଗଳ୍ପ -** ମଶାଣିର ଫୁଲ, ମାଟିର ତାଜ, ଛାଇ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ।

**ପ୍ରବନ୍ଧ -** ସାହିତ୍ୟରେ ମୂଲ୍ୟବୋଧ, ସାହିତ୍ୟ ବିଚାର ଓ ମୂଲ୍ୟବୋଧ ।

**ଆତ୍ମ ଜୀବନୀ-** ଉତ୍ତର କକ୍ଷ ।

କବି ସଚ୍ଚିଦାନନ୍ଦ ରାଉତରାୟ ଆଧୁନିକ ଓଡ଼ିଆ କବିତାରେ ନୂତନ ଚେତନାର ବାର୍ତ୍ତାବହ । ରୋମାଣ୍ଟିକ ସବୁଜଗୋଷ୍ଠୀର ପ୍ରଭାବରୁ କବିତା ରଚନା ଆରମ୍ଭ କରି ପରବର୍ତ୍ତୀ କାଳରେ ପ୍ରଗତିବାଦୀ ଓ ଆଧୁନିକ କବି ଭାବରେ ସେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ବାକ୍‌ରୀତି ସହ କାବ୍ୟରୀତିର ସଫଳ ସମନ୍ୱୟ ତାଙ୍କ କବିତାର ବିଶେଷତ୍ୱ । ପଲ୍ଲୀ ପ୍ରକୃତିଠାରୁ ଆରମ୍ଭ କରି ସାମ୍ୟବାଦୀ ଚେତନାର ରୂପକାର ଭାବେ ତାଙ୍କର ଖ୍ୟାତି ସୁଦୂରପ୍ରସାରୀ । ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜୀବନ ବୋଧ; ଉପମା, ରୂପକ, ଚିତ୍ରକଳ୍ପ ଓ ମିଥ୍‌ର ସଫଳ ପ୍ରୟୋଗ ତାଙ୍କ କବିତାକୁ ବେଶ୍ ସଫଳ ଓ ଯୁଗୋପଯୋଗୀ କରିପାରିଛି । ଓଡ଼ିଆ କବିତାକୁ ନୂଆ ଦିଶା ଦେବାରେ କବି ରାଉତରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାରସ୍ୱତ ରଚନା ପାଇଁ ସେ ସାହିତ୍ୟ ଅକାଦେମି ଓ ଜ୍ଞାନପୀଠ ପୁରସ୍କାର ପାଇଛନ୍ତି ।

**ବାର୍ତ୍ତା ସଂପର୍କରେ-** ବାର୍ତ୍ତା କବିତାଟି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପାଣ୍ଡୁଲିପି'ରୁ ସଂଗୃହୀତ । ଦାସତ୍ୱ ବନ୍ଧନରେ ନିକ୍ଷେପିତ ମଣିଷମାନଙ୍କୁ କବି ଏଥିରେ ମୁକ୍ତିର ସ୍ୱପ୍ନ ଦେଖାଇଛନ୍ତି । ଅତ୍ୟାଚାରୀମାନଙ୍କଠାରୁ ମୁକ୍ତିପାଇଁ ବ୍ୟକ୍ତିକୁ ଆତ୍ମୋତ୍ସର୍ଗ କରିବାକୁ ପଡ଼ିବ ବୋଲି କବି କହିଛନ୍ତି ।

•

## କଠିନ ଶବ୍ଦାର୍ଥ

ବାର୍ତ୍ତା- ଖବର / ସମ୍ବାଦ, ସଂଭାବନା- ଭବିଷ୍ୟତ ସମ୍ବନ୍ଧରେ କୌଣସି ସଂଶୟ ଯୁକ୍ତ ଧାରଣା, ମୂର୍ତ୍ତିମାନ- ମୂର୍ତ୍ତି ବିଶିଷ୍ଟ / ଦେହଧାରୀ / ସାକାର । ପ୍ରାଚୀର- ପାଚେରୀ, ପ୍ରାନ୍ତର- ପଡ଼ିଆ, ଲୌକିକ- ପାର୍ଥିବ / ସାମାଜିକ / ସାଧାରଣ / ମାନବିକ, ଦୃଢ଼-ଶକ୍ତ / କଠିନ / ଅଟଳ, ରୂଢ଼ - କର୍କଶ, ରୁକ୍ଷ / ପ୍ରତିଶୋଧ - ପ୍ରତିହିଂସା, ହୀନ - ହେୟ / ତୁଚ୍ଛ / ନୀଚ, ଦାସତ୍ୱ - ଗୋଲାମି, ଦୀପ୍ତ - ତେଜୋମୟ, କାରାଗାର - ବନ୍ଦୀଶାଳା, ଭୀମ - ଭୀଷଣ, ପୀଡ଼ା - କଷ୍ଟ,

କୈଫିୟତ - କାରଣ ପ୍ରଦର୍ଶନ, ରୁଦ୍ର - ଉଗ୍ର / ଭୀଷଣ / ପ୍ରଚଣ୍ଡ, ଭସ୍ମ- ପାଉଁଶ। ଦଗ୍ଧ - ପୋଡ଼ା, ନିଷ୍ପେଷିତ - ଅତ୍ୟାଚାରିତ, ମୂଢ଼ - ଅଜ୍ଞାନ। ପୀଡ଼ନ- ପେଷଣ / ଅତ୍ୟାଚାର, ଉଚ୍ଛେଦ - ଧ୍ୱଂସ / ବିନାଶ, ନିର୍ମୂଳ - ବିଧ୍ୱସ୍ତ / ମୂଳରୁ ଉପାଡ଼ି ଦେବା, ଶ୍ୟେନ - ସଞ୍ଚାଣ, ଦୀକ୍ଷା- କାର୍ଯ୍ୟ ସାଧନ ପାଇଁ ସଂକଳ୍ପ / ମନ୍ତ୍ର ଗ୍ରହଣ, ସାଧନା - କାମ୍ୟବସ୍ତୁ ପାଇବା ପାଇଁ ଚେଷ୍ଟା ବା ଅଭ୍ୟାସ, କ୍ରୁଶର ସାଧନା- ଅତ୍ୟାଚାରିତ ମାନଙ୍କ ପାଇଁ ଯୀଶୁଙ୍କ ଆତ୍ମୋତ୍ସର୍ଗ।

❑❑❑

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

(୧) ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା କିଏ ଆଣିଛି ?

(i) ଦୂତ ।

(ii) ଡାକବାଲା ।

(iii) ମେଘ ।

(iv) ପାରା ।

(୨) କବି ମାନବ ଶିଶୁକୁ କିପରି ଜାଗ୍ରତ ହେବାକୁ ପରାମର୍ଶ ଦେଇଛନ୍ତି ?

(i) ପ୍ରତିଶୋଧ ପରାୟଣ ହୋଇ ।

(ii) ଲୌକିକ ଜ୍ଞାନକୁ ଧରି ।

(iii) ସମସ୍ତଙ୍କୁ ଆପଣାର କରି ।

(iv) ପ୍ରତିଶ୍ରୁତି ପାଳନ କରି ।

(୩) ଦୀପ୍ତ କଣ୍ଠରେ କ'ଣ ପଚାରିବା ପାଇଁ ସମୟ ଆସିଛି ?

(i) ଏତେ ଦିନ ଧରି ଲୌହ କାରାଗାର କାହିଁକି ଥିଲା ।

(ii) ମଣିଷ କାହିଁକି ଅନ୍ୟକୁ ବିଶ୍ୱାସ କରୁଥିଲା ।

(iii) ଜୀବନର କ'ଣ ସଂଭାବନା ଥିଲା ।

(iv) ଭବିଷ୍ୟତର କି ଆଶା ଥିଲା ।

(୪) ଶତାବ୍ଦୀର ସିଂହଦ୍ୱାରରୁ ଦୂତ କାହାର ବର ଆଣିଛି ?

(i) ଜମିଦାରର ।

(ii) ମହାଜନର ।

(iii) ଦେବତାର ।

(iv) ଭବିଷ୍ୟତର ।

(୫) କବି ମନୁଷ୍ୟ ପୁତ୍ରକୁ କ'ଣ ହୁଅ ବୋଲି କହିଛନ୍ତି ?

(i) ଦଗ୍ଧ ଓ ଭସ୍ମ ହେବାକୁ ।

(ii) ଦେବତାର ରୂପ ନେବାକୁ ।

(iii) ଅତ୍ୟାଚାରୀ ହେବାକୁ ।

(iv) କୈଫିୟତ ଦେବାକୁ ।

(୬) ଯୁଗ ଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଇଛି ?

(i) ମରୁଡ଼ିର ବିଭୀଷିକା ।

(ii) ବାତ୍ୟାର କରାଳ ତାଣ୍ଡବ ।

(iii) ଭୀମ ଅତ୍ୟାଚାର ।

(iv) ଶୋଷଣ ପେଷଣ ।

(୭) କବି ମନୁଷ୍ୟ ପୁତ୍ରକୁ କିପରି ପ୍ରତିଶୋଧ ନିଅ ବୋଲି କହିଛନ୍ତି ?

(i) ଶ୍ୟେନପରି ।

(ii) ସିଂହପରି ।

(iii) ବାଘପରି ।

(iv) ଶ୍ୱାନପରି ।

(୮) କାହାର ସାଧନା ଜୟ ଲାଭ କରୁ ବୋଲି କବି ସଚ୍ଚିଦାନନ୍ଦ ରାଉତରାୟ କହିଛନ୍ତି ?

(i) କ୍ଷୁଶର ସାଧନା ।

(ii) ଉତ୍ପୀଡ଼ନର ସାଧନା ।

(iii) ଶିକ୍ଷାର ସାଧନା ।

(iv) ବ୍ରହ୍ମଜ୍ଞାନର ସାଧନା ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ଦୂତ କେଉଁଠୁ ଭବିଷ୍ୟତର ବାର୍ତ୍ତା ନେଇ ଆସିଛି ?

(୨) ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା ଧରି କିଏ ଆସିଛି ?

(୩) କାହାର ବାର୍ତ୍ତା ଧରି ଦୂତ ଶତାବ୍ଦୀର ସିଂହ ଦ୍ୱାରରୁ ଆସିଛି ?

(୪) ହୀନ ଦାସତ୍ୱ ବିରୁଦ୍ଧରେ ଦୃଢ଼ ଓ ରୂଢ଼ ହୋଇ କ'ଣ କରିବାକୁ କବି କହିଛନ୍ତି ?

(୫) ଆଜିର ମାନବ ପୁତ୍ରକୁ ଦୀପ୍ତ କଣ୍ଠରେ ପଚାରିବା ପାଇଁ କ'ଣ ଆସିଛି ?

(୬) ସମୟ ଦୀପ୍ତ କଣ୍ଠରେ ଆଜି ପଚାରିବା ପାଇଁ କାହାକୁ କହିଛି ?

(୭) ଦୀପ୍ତ କଣ୍ଠରେ ଆଜିର ମାନବ ପୁତ୍ର କ'ଣ ପଚାରୁଛି ?

(୮) ଯୁଗ ଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଇଛି ?

(୭) କେଉଁ ବିଷୟରେ କୈଫିୟତ ମାଗିବାର ବେଳ ଉପସ୍ଥିତ ହୋଇଛି ?

(୮) ଶତାବ୍ଦୀର ସିଂହଦ୍ୱାରରୁ ଦୂତ କାହାର ବର ଆଣିଛି ?

(୯) କବି କାହାକୁ ଭସ୍ମ ହୁଅ ବୋଲି କହିଛନ୍ତି ?

(୧୦) "କୀଟ ସମ ହୁଅ ନିଷ୍ପେଷିତ" କାହା ପ୍ରସଙ୍ଗରେ କୁହାଯାଇଛି ?

(୧୧) କବି କାହାର ଉଚ୍ଛେଦ ଓ ନିର୍ମୂଳ କରିବାକୁ କହିଛନ୍ତି ?

(୧୨) କାହାପରି ପ୍ରତିଶୋଧ ନେବାକୁ କବି ପ୍ରବର୍ତ୍ତାଇଛନ୍ତି ?

(୧୩) ଭସ୍ମ ମଧ୍ୟରୁ କି ଦୀକ୍ଷା ଲାଭ କରିବା ପାଇଁ କବି ଉପଦେଶ ଦେଇଛନ୍ତି ?

(୧୪) କବି କାହାର ଜୟ ହେଉ ବୋଲି କହିଛନ୍ତି ?

**(ଗ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) ଭବିଷ୍ୟତର କି ବାର୍ତାଧରି ଦୂତ ଆସିଛି ?

(୨) ଲୌକିକ ଜ୍ଞାନ କହିଲେ କ'ଣ ବୁଝ ?

(୩) କବି ଶୋଷିତ ମଣିଷକୁ କାହାର କୈଫିୟତ ମାଗିବାକୁ କହିଛନ୍ତି ?

(୪) କବି କାହା ବିରୁଦ୍ଧରେ ପ୍ରତିଶୋଧ ନେବାକୁ କହିଛନ୍ତି ?

(୫) ମୂଢ଼ ମନୁଷ୍ୟ ପୁତ୍ର କେଉଁଥିରୁ ଜ୍ଞାନ ରଶ୍ମି ଲାଭ କରିବ ?

(୬) ଆଜିର ମଣିଷ ଶୋଷଣ ଓ ପୀଡ଼ନର କାରଣ କିପରି ଜାଣିପାରିବ ବୋଲି କବି କହିଛନ୍ତି ?

(୭) "ଶ୍ୱେନପରି ନିଅ ପ୍ରତିଶୋଧ" – ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ।

(୮) କାହାକୁ କବି ମହାଧର୍ମ ଆଖ୍ୟା ଦେଇଛନ୍ତି ?

(୯) ଆଜିର ମଣିଷ ଭସ୍ମ ମଧ୍ୟରୁ କେଉଁ ଦୀକ୍ଷା ଗ୍ରହଣ କରିବ ବୋଲି କବି ପରାମର୍ଶ ଦେଇଛନ୍ତି ?

(୧୦) କବି କୃଶର ସାଧନାକୁ ଜୟକାର କରିବାର ଅର୍ଥ କ'ଣ ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

(୧) ଶତାବ୍ଦୀର ସିଂହଦ୍ୱାରରୁ କିଏ, କ'ଣ ବାର୍ତ୍ତା ନେଇ ଆସିଛି ?

(୨) କେଉଁ ବିଷୟରେ ପଚାରିବା ପାଇଁ ଆଜି ସମୟ ଆସିଛି ?

(୩) କେଉଁ ବିଷୟରେ କୈଫିୟତ ମାଗିବାର ଆଜି ବେଳ ଆସିଛି ?

(୪) କବି ମନୁଷ୍ୟ ପୁତ୍ରକୁ ଦଗ୍ଧ ହେବାପାଇଁ କାହିଁକି କହିଛନ୍ତି ?

(୫) କବି ଭସ୍ମ ମଧ୍ୟରୁ କି ଦୀକ୍ଷା ଗ୍ରହଣ କରିବାକୁ କହିଛନ୍ତି ?

(୬) ଉତ୍ପୀଡ଼ନର ଜୟ ହେଉ କହିବା ପଛରେ କବିଙ୍କ ଉଦ୍ଦେଶ୍ୟ କ'ଣ ?

(୭) 'ଜୟ ହେଉ ପୀଡ଼ନର' କହିବାର ତାତ୍ପର୍ଯ୍ୟ କ'ଣ ?

(୮) ଶ୍ୟେନର ପ୍ରତିଶୋଧକୁ କବି ମହାଧର୍ମ ଆଖ୍ୟା କାହିଁକି ଦେଇଛନ୍ତି ?

**(ଙ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକ ଉତ୍ତର ପ୍ରାୟ ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

(କ) 'ବାର୍ତ୍ତା' କବିତାରେ କବି ଆଧୁନିକ ଜୀବନ ସଂପର୍କରେ ଯେଉଁ ବାର୍ତ୍ତା ଦେଇଛନ୍ତି – ଆଲୋଚନା କର ।

(ଖ) 'ବାର୍ତ୍ତା' କବିତାରୁ କବିଙ୍କ କାବ୍ୟ ଆଭିମୁଖ୍ୟ ଉପସ୍ଥାପନ କର ।

(ଗ) 'ବାର୍ତ୍ତା' କବିତାରେ କବି ଯେଉଁ ନୂତନ ପୃଥିବୀର ପରିକଳ୍ପନା କରିଛନ୍ତି ତାହାର ରୂପଚିତ୍ର ପ୍ରଦାନ କର ।

(ଘ) 'ବାର୍ତ୍ତା' କବିତାରୁ କବିଙ୍କ ସର୍ଜନଶୀଳତାର ବୈଶିଷ୍ଟ୍ୟ ଉପସ୍ଥାପନ କର ।

(ଙ) "ଜୟ ଲଭୁ କ୍ଷୁଦ୍ରର ସାଧନା" ଉକ୍ତିରେ ସମଗ୍ର କବିତାର ଭାବାଦର୍ଶ କିପରି ପ୍ରତିଫଳିତ – ଆଲୋଚନା କର ।

❑❑❑

# ତୃତୀୟ ଏକକ – ଗଳ୍ପ

## ସଭ୍ୟ ଜମିଦାର

### ଫକୀରମୋହନ ସେନାପତି

•

ବାବୁ ବଳରାମ ବଳ କଲିକତା ବଡ଼ ବଜାରର ଜଣେ ଗଦିଆନ ମହାଜନ। ଉତ୍କଳର ସମସ୍ତ ବେପାରୀଙ୍କର ଦଣ୍ଡିଦାର। ସମସ୍ତ ମାଲ ଆମଦାନି ରପ୍ତାନି ତାଙ୍କ ହାତବାଟେ ହେଉଥିଲା। ଲକ୍ଷ ଲକ୍ଷ ଟଙ୍କାର କାରବାର। ଢେର ବର୍ଷ ତଳର କଥା। ରେଳ ନାମ ତ କେହି ଶୁଣି ନ ଥିଲେ, ଷ୍ଟିମର ମଧ୍ୟ ଚଳୁ ନଥିଲା। ବାଲେଶ୍ୱର ଜାହାଜରେ ମାଲ ଆମଦାନି ରପ୍ତାନି ହୁଏ। କଲିକତା ଆମଦାନି ମାଲ ମଧ୍ୟରେ ଧୂଆଁପତ୍ର ପ୍ରଧାନ। କଲିକତାରୁ ମାଲ ଆସି ବାଲେଶ୍ୱର ବନ୍ଦରରେ ଜାହାଜରୁ ଘାଟ ଭିଡ଼େ। ସେ ସ୍ଥାନରୁ ଶଗଡ଼ରେ ସମସ୍ତ ଉତ୍କଳକୁ ଚଲାଣ ହୁଏ, ଏଥିପାଇଁ ସମସ୍ତ ଉତ୍କଳରେ କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ। ହେଲେ ବାଲେଶ୍ୱରୀ ଲୋକେ ଧୂଆଁ ପତ୍ର ଗଛ କେବେ ଦେଖି ନାହାନ୍ତି।

ଧୂଆଁପତ୍ର କାରବାର ବଡ଼ କଠିଣ। ଘୋଡ଼ାଚଢ଼ା ମହାଜନ କଥା ପଦକେ ଘାସ କାଟେ–ଘାସକଟା ଘୋଡ଼ା ଚଢ଼େ। ମହାଜନେ ବୋଲନ୍ତି, 'ଦୋକ୍ତା' କାରବାର ଆଉ ଗୋଖର ସାପ ଖେଳାଇବା ଏକା କଥା। ବାସନାରେ, ରଙ୍ଗରେ ମାଲ୍ ସମାନ। ସେହି ମାଲ୍ ମହଣ କୋଡ଼ିଏ ତ ସେହି ମାଲ୍ ମହଣ ଚାଳିଶ ଟଙ୍କା। ଚିହ୍ନରା ଦଣ୍ଡିଦାର ନ ଧରି ଲୋକେ ଧୂଆଁ ପତ୍ର କିଣିବାକୁ ଭରସନ୍ତି ନାହିଁ। ବଳରାମ ବଳେ ଜଣେ ଚିହ୍ନରା, ଏଥିପାଇଁ ଓଡ଼ିଶାରେ ନାମଡ଼ାକ।

ମହାଜନଙ୍କ ଘର ଯାଜପୁର ଅଞ୍ଚଳରେ । ଗ୍ରାମ ନାମ ଜଣା ନାହିଁ । ମହାଜନ ଥରେ ଗ୍ରାମକୁ ଆସିଥିଲେ । ଦଶ ବାର ବର୍ଷର ଛେଉଣ୍ଡ ପିଲା ଗୋପାଳିଆ ଗାଁରେ ବୁଲୁଥିଲା । ଜାତିପୁଅଟା ଅନାସ୍ଥା ହେଇ ବୁଲୁଛି, ଦୟା କରି ସାଙ୍ଗରେ ଘେନିଗଲେ । ଗୋପାଳ ଗଦିରେ ଥାଏ । ଖାଉଛି ତ ଖାଉଛି, ଅଛି ତ ଅଛି, ତାକୁ ଦେଖୁଛି କିଏ-ପଚରାପଚରିର ଦରକାର କ'ଣ ? ଦିନେ ରାତିରେ କ'ଣ ହେଲା କି, ମହାଜନ ଜଣେ ସଉଦାଗର ପାଖରୁ ପାଞ୍ଚଟା ଆକବରୀ ମୋହର କିଣିଲେ । ବାବୁଙ୍କ ମନ ଭାରି ଖୁସି । ମିଳିବା ପଦାର୍ଥ ନୁହେ, ବାକସରେ ରଖି ପୂଜା କରିବେ । ମୋହର ପୁଟୁଳାଟି ଧରି ବସିଥାନ୍ତି, କେତେବେଳେ ତଳେ ରଖି ଦେଲେଣି । ପାଇକାର, ମହାଜନ, ମୋଟିଆ, ମଜୁରିଆ ହିସାବପତ୍ର ଛିଡ଼ିବାକୁ ରାତି ଛ ଘଡ଼ି । ବାବୁଙ୍କର ହୋବ ନାହିଁ, ଗଦି ବନ୍ଦ କରି ଉଠିଗଲେ । ତହିଁ ଆରଦିନ ସକାଳେ ଗୋପାଳ ଯିମିତି ଉଠିଛି, ଗଦିରେ ମୋହର ପୋଟଳା ଉପରେ ନଜର ପଡ଼ିଗଲା, ହାତରେ ଧରି ବାବୁଙ୍କ ପାଖକୁ ଧାଇଁଲା । କୁକୁଡ଼ା ଡାକ ଆଗରୁ କଲିକତାରେ ଯିମିତି ତୋପ ପଡ଼େ, ଗଦିଆନ୍ ଧାର୍ମିକ ହିନ୍ଦୁ ମହାଜନମାନେ ଗଙ୍ଗାସ୍ନାନକୁ ବାହାରିଯାନ୍ତି । ଢେର ଜାଗାରେ ଠାକୁର ଠାକୁରାଣୀ ଦର୍ଶନ କରି ଗଦିକୁ ବାହୁଡ଼ିବାକୁ ବେଳ ଦୁଇଘଡ଼ି । ଧର୍ମକାର୍ଯ୍ୟ କରିବାକୁ ସେଇଟା ହେଲା ଅସଲ ବେଳ । ଫୁରସତ୍ ବା କାହିଁ ? ବାବୁଙ୍କୁ ନ ଭେଟି ଗୋପାଳ ତାଙ୍କ ପଲଙ୍କ ତକିଆ ତଳେ ପୋଟଳାଟି ଥୋଇ ଦେଲା । ତାହାର ବି ସେ କଥା ଆଉ ମନରେ ନାହିଁ । ବାବୁ ସ୍ନାନ ସାରି ଆସିବାବେଳକୁ ଚାକର ବିଦିଆ ବାରିକ ଗଦି ଝାଡ଼ଝୁଡ଼ କରି ଗଙ୍ଗାଜଳ ଛିଞ୍ଚି ଧୂପ ଗୁଗ୍‌ଗୁଳ ଧୂଆଁ ଜାଳିଦେଇ ସାରିଛି । ବାବୁ ବଡ଼ ମାଣ୍ଡିଟାକୁ ଆଉଜି ବସି ରୂପାବନ୍ଧା ହୁକାରେ ଭଡ଼ର ଭଡ଼ର କରି ଗୁଡ଼ାଖୁ ପିଇବାକୁ ବସିଲେ । ଆଗରେ ଦୁଇକଡ଼ା କଣା କଉଡ଼ି ବନ୍ଧା ବ୍ରାହ୍ମଣ ହୁକା, କାୟସ୍ଥ ହୁକା, ନବଶାଖ ହୁକା କଂସା ବଇଠକରେ ଥୁଆ ହୋଇଛି । ଏଇଟା ହେଲା କଲିକତା ସବୁ ଗଦିର ଦସ୍ତୁର ।

ବେଳ ଛ ଘଡ଼ି ବେଳେ ହଠାତ୍ ବାବୁଙ୍କର ମନରେ ପଡ଼ିଗଲା ମୋହର କଥା। ହଁ ମୋହର କାହିଁ ? ବାବୁ ଛିଡ଼ା ହୋଇ ପଡ଼ିଲେ, ହୁକାଟା ହାତରୁ ଖସି ପଡ଼ି ନିଆଁ ପାଣି ଗଦିଯାକ ବୁଣି ପଡ଼ିଲାଣି, ଦେଖୁଛି କିଏ। ପାଞ୍ଚଟା ମୋହର ବଡ଼ କଥା ନୁହେ, ଏ ଯେ ହେଲା ଆକବରୀ ମୋହର। ସେହିପରି କପାଳିଆ ଲୋକକୁ ଲକ୍ଷ୍ମୀ ଆଲିଙ୍ଗନ କରନ୍ତି, ଆକବରୀ ମୋହର ମିଳେ। ସେ ମୋହର ଗଲେ ଲକ୍ଷ୍ମୀ ଛାଡ଼ିଯାଏ। ବାବୁ ତ ମୁଣ୍ଡରେ ହାତଦେଇ ଗୁମ୍ ମାରି ବସିଗଲେ। ଗୋପାଳ ରୋଷେଇ ଘରେ ବସିଥିଲା, ମୋହର ଖୋଜା ଶୁଣି ଧାଇଁ ଆସିଲା। ବାବୁଙ୍କୁ ହସି ହସି କହିଲା, "ଆଜ୍ଞା ! ଆଜ୍ଞା ! ମୋହର ଅଛି।" ବାବୁ ଧାଇଁ ଆସି ଗୋପାଳକୁ କୁଣ୍ଢେଇ ପକାଇଲେ। ଗୋପାଳ ମୋହର କାଢ଼ି ଦେଇ ପାଇବାର ହାଲ ସବୁ କହିଲା, ବାବୁ ଦଣ୍ଡେଯାଏ ତାକୁ ଅନାଇ ନିଶ୍ୱାସଟାଏ ପକାଇଲେ।

ସେହିଦିନ କତିରୁ ତୁଚ୍ଛାଟାରେ ହେଲେ ବାବୁ ଦଶ ଥର 'ଗୋପାଳରେ, ଗୋପାଳରେ', ଡାକ ପକାଉଥିବେ। ଭୋଜନ ବେଳେ ଥାଳି ପାଖରେ ଗୋପାଳ ଅବଖୁରାରେ ଜଳ ଥୋଇ ନ ଦେଲେ ବାବୁଙ୍କୁ ଆଉ ଜଳ ଭଲ ଲାଗେ ନାହିଁ। ବାବୁଙ୍କ ବିଡ଼ିଆ ଗୋପାଳ ଭାଙ୍ଗିବ। ଶେଯ ପରାଟା ଗୋପାଳ ଜିମା। ବାବୁଙ୍କ ଶ୍ରଦ୍ଧା ଦେଖି ଗଦିର ଆଉ ପାଞ୍ଚଜଣ ବି ତାକୁ ମାନିଲେଣି। ବାବୁଙ୍କ ଇଚ୍ଛା ବଡ଼ ଗୋଟାଏ କିଛି ପାଇଟିରେ ତାକୁ ଲଗାଇବେ। ହେଲେ ଓଡ଼ିଆ ପିଲା, ମଫସଲଗାଁରେ ଘର, ଏଣେ ତ କଲିକତାଟା ଠକ ଗଣ୍ଠିକଟା ଖଣି, କ'ଣ ବୋଲି କ'ଣ ହୋଇଯିବ, ହେଉ, ଆଉ ଟିକିଏ ପାରି ଯାଉ।

ଦିନ ବେଳ ଛ ଘଡ଼ିଯାଏ ଚୁଲିରେ ଲୁଣ୍ଡା ପଡ଼ିନାହିଁ। ରୋଷେଇଆ ବ୍ରାହ୍ମଣ କାହିଁ ? ହଁ, ଦେଖ ଦେଖ, ବାବୁଙ୍କ ଟଙ୍କା ସିନ୍ଦୁକ ଚାବି ଭଙ୍ଗା, ପାଞ୍ଚଶହ ଟଙ୍କାର ଥଳିଟା ନାହିଁ। ଢେର ଖୋଜ ତଲାସ ହେଲା, ଥାନାରେ ଏତଲା ଦିଆଗଲା, ଆଉ ପୂଝାରୀ ଏକା-ବେଳକେ ଗୁମ୍। ଗୋଳମାଳରେ ବେଳ ଗଡ଼ିଗଲାଣି, ବାବୁ ଉପାସ ବସିଛନ୍ତି। ବଙ୍ଗାଳୀ ବ୍ରାହ୍ମଣ ହାତରୁ ତ ଖାଇବେ ନାହିଁ, ଏତେ ଚଞ୍ଚଳ ଓଡ଼ିଆ

ବାହ୍ମଣ ବା କାହୁଁ ଘଟୁଛି ? ଗୋପାଳ ହାତ ଯୋଡ଼ି କହିଲା, "ଆଜ୍ଞା ! ମୁଁ ତେବେ ଦିଟା ଚଢ଼େଇ ଦିଏଁ ?" ବାବୁ କହିଲେ, "ତୁ ପାରିବୁରେ ? ଆଚ୍ଛା ହେଉ, ଏ ଓଳିଟା ଚଳିଯାଉ ।" ବାବୁ ଠା ପିଢ଼ାରେ ବସି ଦେଖିଲେ, ଏତେ ଚଞ୍ଚଳ ପାଞ୍ଚ ତିଅଣ, ପୁଣି ବଡ଼ ଭଲ। ପଚାରିଲେ, "ଆରେ ଗୋପାଳ, ତୁ କିମିତି ରାନ୍ଧି ଶିଖିଲୁରେ ?" "ଆଜ୍ଞା ପୂଝାରୀ ରନ୍ଧା ଦେଖି ଦେଖି ଶିଖିଛି। ସେ ରାନ୍ଧୁଥିବା ବେଳେ ମୁଁ ବସି ଦେଖୁଥାଏଁ।"

ବାବୁ ଏଣିକି ଗୋପାଳ ହାତ ଛଡ଼ା ଆଉ କାହାରି ହାତରୁ ଜଳ ଛୁଅଁନ୍ତି ନାହିଁ। ପୁଣି ଦେଖିଲେ, ବଜାର ସଉଦା ଖର୍ଚ୍ଚ ଅଧାଅଧି ଊଣା, ପରିବାପତ୍ର ଦୁଇଗୁଣ ବେଶି, ପୁଣି ବଡ଼ ସୁନ୍ଦର ରନ୍ଧା। ବାବୁଙ୍କ ମନ ଜାଣି ବେଳ ମାଫିକେ ଗୋପାଳ ରନ୍ଧା ବଢ଼ାରେ ଲାଗିଥାଏ। ପୂଝାରୀ ତ ବଜାର ସଉଦା ଘିଅ ତେଲ ସବୁଥିରୁ ରେଷା କାଟିବ, ସବୁବେଳେ ଆପଣା ରୋଜଗାରରେ ଲାଗିଥାଏ। ବାବୁ ଭଲ ଖାଇଲେ, ମନ୍ଦ ଖାଇଲେ, ତା'ର କ'ଣଯାଏ।

ବାବୁ ଥରେ ଗାଁକୁ ଯାଇ ଗୋପାଳକୁ ଗୋଟିଏ ଘର ବନାଇ ଦେଇ ବିଭା କରାଇ ଦେଲେ। କନ୍ୟାଟି ଯେମିତି ଦେଖିବାକୁ ଢ଼ୌଲ ଡାଉଲ, ସେମିତି ଗୁଣ। ପହରା ପଡ଼ିବା ଦିନରୁ ଦିନକୁ ଦିନ ଗୋପାଳର ଘର ବଢୁଛି। ଗୋପାଳ ରନ୍ଧାବଢ଼ା ସାରି ସବୁବେଳେ ଗଦିରେ ବାବୁଙ୍କ ପାଖେପାଖେ ଥାଏ। ତୁଚ୍ଛା ବସି ଥାଏ ନାହିଁ, କେତେବେଳେ କଣ୍ଟା ଧରିଛି ତ, କେତେବେଳେ ମାଲ୍ ସାଇତାରେ ଅଛି।

ମାଲ୍ କିଣା ବିକା ଛକ ଛାକ ଗୋପାଳ ବେଶ ଜାଣିଗଲାଣି। ବାବୁ ଢେର ଥର ବିଡ଼ିଲେଣି, ଆପେ ଏଡ଼େ ପୁରୁଖା ଲୋକ ହେଲେ ବି ଥରେ ଥରେ ଗୋପାଳ ବଳିପଡ଼େ, ତା' କଥାରେ ଚାଲିଲେ ଠକିବାକୁ ହୁଏ ନାହିଁ, ବେଶ ଦି ପଇସା ଲାଭ ହୁଏ। ଗୋପାଳ ଆଉ ରୋଷେଇଆ ନୁହେ, ବେପାରରେ ବାବୁଙ୍କ ଡାହାଣ ହାତ। ବାବୁ ବୁଢ଼ା ହେଲେଣି, ପାଞ୍ଚ ଜାଗାକୁ ଯାଇ ଆସିପାରନ୍ତି ନାହିଁ। ଧା ଦଉଡ଼ କାମ

ଗୋପାଳ ଜିମା। ଏବେ ଆଉ ସେ ଗୋପାଳ ନୁହେଁ, ଗଦିରେ ଡାକନାମ ସାନ ବାବୁ। କାଗଜପତ୍ରରେ ଗୁମାସ୍ତା ଲେଖେ, 'ବାବୁ ଗୋପାଳଚନ୍ଦ୍ର ମହାପାତ୍ର'।

ବାବୁ ଗୋପାଳଚନ୍ଦ୍ର ମହାପାତ୍ରେ ସନ୍ଧାନ କରି ବୁଝିଲେ, ଯଶୋର, ମୋତିହାର, ପାବନା ଅଞ୍ଚଳରୁ ସେଉଁ ସବୁ ହଳଦୀ, ଧୂଆଁ ପତ୍ର, ସରକ ଆସେ, ପ୍ରଥମେ ଚାଷୀଠାରୁ କିଣେ ବୁଲା ବେପାରୀ, ସେ ବିକେ ପାଇକାରଙ୍କୁ, ପାଇକାର ହାତରୁ କିଣେ ଗୋଦାମ ବାଲା, ଦଣ୍ଡିଦାର ତା' ପାଖରୁ ମାଲ୍ କିଣି ଚଲାଣ ଦିଏ। କଲିକତାରେ ମାଲ ପହଞ୍ଚିବାବେଳକୁ ତିନିଟା ହାତରେ ଲାଭ ଲାଗିଯାଏ। ମହାପାତ୍ରେ ଦିନେ ବେଳ ଉଣ୍ଡି ମହାଜନଙ୍କୁ ଜଣାଇଲେ, "ଆଜ୍ଞା ବେପାରର ଲାଭ ବିକା ଜାଗାରେ ନୁହେ, କିଣା ଜାଗାରେ। ଏହି ଯେ ଧୂଆଁପତ୍ର, ହଳଦୀ ସରକ ଆସୁଛି, ମୁଁ ଥରେ ଯାଇ ଠିକଣା ଜାଗାଟା ବୁଝିଆସେଁ।"

ମହାଜନଙ୍କ ଅନୁମତି ଘେନି ସାନବାବୁ ସଳଖେ ସଳଖେ ଠିକଣା ଜାଗାକୁ ଚାଲିଗଲେ। ମଝିରେ ଆଉ କାହାରିକୁ ନଗା ନ ରଖି ଚାଷମୁଣ୍ଡରେ ଚାଷୀମାନଙ୍କଠାରୁ ସଉଦା କଲେ। ଦୁଇ ବର୍ଷ ଏହିପରି କାମ ଚଳିବାରୁ ଦେଖାଗଲା, ପୂର୍ବଠାରୁ ଦୁଇଗୁଣ ଲାଭ ବେଶି। ମହାପାତ୍ରେ ଏବେ ବଳଙ୍କର ଚାକର ନୁହନ୍ତି, ଲାଭରେ ଚାରିପଣୀ ଅଂଶଭାଗୀ।

ପାଞ୍ଚ ସାତ ବର୍ଷ ଏହିପରି କାମ ଚଳିଲାଣି– ମହାପାତ୍ରେ ବର୍ତ୍ତମାନ ଲକ୍ଷପତି। ସେ ମନା କରୁଁ କରୁଁ ମହାଜନ ବଳେ ଗ୍ରାମରେ ଦଶ ବାର ହଜାର ଟଙ୍କା ଲଗାଇ ଗୋଟାଏ ବଡ଼ ଦୋମହଲା ଘର ବନାଇଦେଲେ। ଖଣ୍ଡେ ତାଲୁକ ବି କିଣି ଦେଲେଣି। ମହାଜନଙ୍କର ଇଚ୍ଛା, ଗୋପାଳ ଖୁବ୍ ବଡ଼ ଲୋକ ହେଉ। ହେଲେ, ଗୋପାଳର ବଡ଼ଲୋକି ଚାଲିଚଳଣ ନାହିଁ, ଦିନ ରାତି କାମରେ ଲାଗିଥିଲେ ଆନନ୍ଦ। ଗଦିର ସବୁ ମାମଲତ ତହବିଲ ଚାବି ମହାପାତ୍ରଙ୍କ ହାତରେ। ବଳେ ଏବେ ତୁନି ହୋଇ ଗଦିରେ ମାଲ ଗଡ଼ାଉଥାନ୍ତି।

ବାବୁ ଗୋପାଳଚନ୍ଦ୍ର ମହାପାତ୍ରଙ୍କର ଗୋଟିଏ ବୋଲି ପୁଅ, ନାମ ରାଜୀବଲୋଚନ। ପୁଅଟି ପାରିଗଲାଣି, ଚଉଦ ପୂରି ପନ୍ଦର ଚାଲିଛି। ଗୋପାଳ ବାବୁ ଗ୍ରାମକୁ ଯାଇଥିଲେ, ଅବଧାନେ ଦେବୀ ଓଝା ଆସି କହିଲେ, "ସାନ ବାବୁ ଖୁବ୍ ବୁଦ୍ଧିଆ, ଭାରି ପାଠୁଆ । ଖଡ଼ିପାଠ, ପୋଥିପାଠ ସବୁ ଛିଡ଼ିଲାଣି। ଆଉ ତାଙ୍କୁ ପଢ଼ାଇବାକୁ ପାଠ ନାହିଁ।" ଅସଲ କଥା, ରାଜୀବଟା ଭାରି ଦୁଷ୍ଟ। ଚାଟଶାଳୀରେ ବଡ଼ ଉତ୍ପାତ କରେ, ଅବଧାନଙ୍କ ସଙ୍ଗରେ ବି ତୋଖଡ଼ ମୋଖଡ଼ ଲଗାଇଲାଣି। ବଡ଼ଲୋକ ପୁଅ, ଜମିଦାର ପୁଅ ବୋଲି ଅବଧାନେ ଶଙ୍କି ରହିଥାନ୍ତି, କିଛି କହି ପାରନ୍ତି ନାହିଁ। ବାବୁ ପୁଅର ପ୍ରଶଂସା ଶୁଣି ଭାରି ଖୁସି। ଅବଧାନେ ଗୋଟିଏ ଯଥା, ପାଞ୍ଚୋଟି ଟଙ୍କା ପୁରସ୍କାର ପାଇ ଦଣ୍ଡବତଟା କରି ମେଲାଣି ଘେନିଲେ। ସାଆନ୍ତାଣୀ (ରାଜୀବଙ୍କ ମାତା) ସାଆନ୍ତଙ୍କୁ କହିଲେ, "ରାଜୀବ ମୋ ବୋଲ ମାନେନାହିଁ, ଦିନଯାକ ଗାଁ ଟୋକାଙ୍କ ସାଙ୍ଗରେ ଦାଣ୍ଡରେ ବୁଲୁଥାଏ। ତାକୁ ସାଙ୍ଗରେ ଘେନିଯାଅ।" ରାଜୀବକୁ କଲିକତା ଘେନିଯାଇ କାମ ଶିଖାଇବାପାଇଁ ବାବୁଙ୍କର ବି ଇଚ୍ଛା ଥିଲା।

କଲିକତା ବଳବାବୁ ମହାଜନ ଗଦି ସାଙ୍ଗରେ ବଡ଼ ବଡ଼ ଇଂରାଜୀ ସଉଦାଗର ହାଉସମାନଙ୍କର କାରବାର। ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ, ଗୋଟାଏ ଦୋଭାଷୀ ଜରିଆରେ କଥା ଚଳେ। ବାବୁ ଇଂରାଜୀ ଜାଣନ୍ତି ନାହିଁ- ସାହେବ ବି ଓଡ଼ିଆ ବୁଝେ ନାହିଁ। ବାବୁ ଢେର ଥର ବିଡ଼ିଲେଣି ମଝିରେ ଦୋଭାଷୀ ଖାବଳେ ମାରିନିଏ। ରାଜୀବ ଯେବେ ଇଂରାଜୀ ପାଠ ପଢ଼ି କାମରେ ଲାଗିବ, କେହି ଠକାଇ ପାରିବେ ନାହିଁ। ଗଦିର ସରକାର କେଲ୍‌କାଟା ଏଣ୍ଟ୍ରି ଏକାଡ଼େମୀରେ ରାଜୀବ ବାବୁଙ୍କ ନାମ ଲେଖାଇ ଦେଇଆସିଲା। ପଢ଼ା ଚାଲିଛି ତ ଚାଲିଛି। ମାସକୁ ଥରେ ସ୍କୁଲ ଦରମା ଓ କିତାପର ଦାମ ନେବା ବେଳେ ବାପା ପୁଅଙ୍କର ଭେଟ। ବାପେ ପାଠ ସଇ ନେବେ କ'ଣ, କିପରି, ପଢୁଛି ପଚାରିବାକୁ ବି ବେଳ ନାହିଁ। ତିନି ଚାରିବର୍ଷ ବିତିଗଲାଣି। ମାସକୁ ମାସ

ସ୍କୁଲ ଦରମା ଆଉ କିତାପର ଦାମ ପଚାଶ ଟଙ୍କାରୁ ବଳିଲାଣି। ଦିନେ ବାପେ ପଚାରିଲେ, "କିରେ ରାଜୀବ, ଏବେ ଏତେ ଖରଚ କାହିଁ ?" ରାଜୀବ ବାବୁ ଜବାବ ଦେଲେ, "ବାପା, ମୁଁ କିଲାସ ଢେର ଉପରକୁ ଉଠି ଗଲିଣି, ସେଥିପାଇଁ ଏତେ ଖରଚ।" ବାପେ କହିଲେ, "ତେବେ ଆଉ ପଢ଼ ନା, ଆ କାମରେ ଲାଗ।" ରାଜୀବ ବାବୁ କହିଲେ, "ନା ବାପା ପାସ୍ ନ କଲେ ଇଂରାଜୀ ପାଠ ହୁଏ ନାହିଁ।" ମହାପାତ୍ରେ ବି ଶୁଣିଥିଲେ, ଇଂରାଜୀରେ ଗୋଟାଏ ପାସ୍ ହୁଏ। କହିଲେ, "ହଁରେ, ସେ କଥା ମତେ ଜଣାଅଛି, ତୁ ବେଶି ବେଶି ପାସ୍ କରି ପକା, ଯେତେ ଟଙ୍କା ଲାଗିବ ଲାଗୁ।" ବାପା ପୁଅ ଦୁହିଙ୍କ ମନ ଖୁସି।

ଚାରି ପାଞ୍ଚ ବର୍ଷ ମଧ୍ୟରେ ବାବୁଙ୍କ ଇଂରାଜୀ ପଢ଼ା କେତେଦୂର ହେଲା, ସେ କଥା ଜଣା ନାହିଁ; ମାତ୍ର ଢେର ଢେର ସଭା ସମିତିରେ ଉପସ୍ଥିତି, ଥିଏଟର ଆଉ ସୁସ୍ଥାନ କୁସ୍ଥାନ ଭ୍ରମଣ ବିଷୟରେ ବାବୁ ପକ୍କା ହୋଇଗଲେଣି। ସ୍ୱଦେଶର ଉନ୍ନତି ସାଧନ ନିମନ୍ତେ କେତେଜଣ ବନ୍ଧୁମିଳି ଏକାବେଳକେ ଯୋଡ଼ିଏ ସମିତି ସ୍ଥାପନ କଲେ। ମଙ୍ଗଳବାର ଦିନ 'କୁସଂସ୍କାର- ବିମର୍ଦ୍ଦିନୀ' ଶନିବାର 'ନାରୀସ୍ୱାଧୀନତା- ବିବର୍ଦ୍ଧିନୀ' ସଭାର ଅଧିବେଶନ ହୁଏ। ଦୁଇ ସଭାର ସମ୍ପାଦକ ନିଜେ ବାବୁ। ସଭାର ସମସ୍ତ ବ୍ୟୟ ବହନ କରିବା ତ ସମ୍ପାଦକ ପକ୍ଷରେ ଉଚିତ, ଏଇଟା ହେଲା କଲିକତାର ନିୟମ। ସଭାରେ ଢେର ଢେର ବକ୍ତୃତା ହୁଏ। ସମ୍ପାଦକ ଢେର ଥର ବକ୍ତୃତା କଲେଣି। ତାଙ୍କ ବକ୍ତୃତାରେ ଯେଉଁଦିନ ବେଶି ହାତତାଳି ପଡ଼େ, ସେଦିନ ହୋଟେଲବାଲାର ବେଶ ଆୟ।

ଆକସ୍ମିକ ଗୋଟାଏ ସନ୍ନିପାତ ବେମାରୀ ଆସିଲା, ଦିନ ତିନିଟା ଭିତରେ ସଜ୍ଞାନରେ ବାବୁ ଗୋପାଳଚନ୍ଦ୍ର ମହାପାତ୍ରଙ୍କ ଗଙ୍ଗାଲାଭ। ପିତାର ମୃତ୍ୟୁରେ ଡକା ପକାଇ କାନ୍ଦିବା ଗୋଟାଏ କୁସଂସ୍କାର। ଶୋକ ପ୍ରକାଶ ଲାଗି ସଭାରେ ତିନିଦିନ ବକ୍ତୃତା ହୋଇଗଲାଣି। ବାବୁ ଖଣ୍ଡେ କଳାକନା ହାତରେ ବାନ୍ଧିଲେ। ସ୍ଥିର ହେଲା, ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବାଟା କୁସଂସ୍କାର, କେବଳ ସଭାଗୃହରେ ଭୋଜି ଆଉ

ଦରିଦ୍ରମାନଙ୍କୁ ଅର୍ଥ ବିତରଣ, ଡାକ୍ତରଖାନା ମାନଙ୍କୁ ଚାନ୍ଦା ଦିଆଯିବ। ମାତ୍ର ମହାଜନ ବଳ ବାବୁଙ୍କ ଡରରେ ଏ ସମସ୍ତ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇପାରିଲା ନାହିଁ।

ମହାଜନ ବଳ ବାବୁ ପିଲାଟିକୁ ଯତ୍ନରେ ପାଖରେ ରଖିଲେ। ଇଚ୍ଛା, ପିତୃକାର୍ଯ୍ୟରେ ଉତ୍ତରାଧିକାରୀ ହେଉ। ମାତ୍ର ସେ ଇଂରାଜୀ ପାଠ ପଢ଼ିଛି ସତ, ବେପାର ବଣିଜ କାମ କିଛି ଶିଖି ନାହିଁ। ଆଶା, କାମରେ ବାପଠାରୁ ବଳି ପଡ଼ିବ। ଗୋପାଳ ଯେ ଅକ୍ଷର ଜାଣି ନ ଥିଲା। ଢେର ବର୍ଷଯାଏ ସ୍କୁଲପାଠ ପଢ଼ିଛି। ମହାଜନ ପାଖରେ ବସାଇ କାମ ଶିଖାଇବାକୁ ଲାଗିଲେ ଏବଂ ଶିଖାଇବାପାଇଁ କର୍ମଚାରୀମାନଙ୍କୁ ଉପଦେଶ ଦେଲେ। ଏଣେ ରାଜୀବବାବୁର ଗଦିରେ ବସିବାକୁ ମନ ନାହିଁ। ମହାଜନେ ଧରାଧରି କରି ବସାଇଲେ। କାମରେ ମନ ନାହିଁ, କଣଟାଏ ବସି ଭାବୁଥାଏ, ମଙ୍ଗଳବାର ଶନିବାର ରାତିରେ କୁଆଡ଼େ ଚାଲିଯାଏ। ବଳ ବାବୁ ମନରେ କଲେ, ହାତରେ ପାଇଟି ପଡ଼ିଲେ ବା ବାଟକୁ ଆସିବ। ଯେ କାମ ଦେଲେ, ଲାଭ ଥାଉ ମୂଳରୁ ତୁଟି କରିବସେ।

ଲାଗ ଲାଗ ଯୋଡ଼ାଏ ସଭାରେ ସମ୍ପାଦକ ଅନୁପସ୍ଥିତ ହେବାରୁ ସଭ୍ୟମାନେ ବଡ଼ ଖପା ହୋଇଗଲେଣି। ଅନୁପସ୍ଥିତିର କାରଣ ସନ୍ଧାନ କରି ଦିନେ ଜଣେ ସଭ୍ୟ ସ୍ୱାଧୀନତା ବିଷୟରେ ଭାରି ଗୋଟାଏ ବକ୍ତୃତା କଲେ। ସେଥିରେ ମର୍ମ- 'ଶିକ୍ଷିତ ଜମିଦାର ସନ୍ତାନ ପକ୍ଷରେ ପର ଅଧୀନରେ ଚାକିରି କରିବା ଉଚିତ ନୁହେଁ।' ବକ୍ତୃତା ସଙ୍ଗେ ସଙ୍ଗେ ଗୋଟିଏ କବିତା ପାଠ କରିଥିଲେ।

'ଯାହାର ଅଛି ଧନ ଜ୍ଞାନ ଅଧିକ,
ଚାକିରି କଲେ ତା' ଜୀବନେ ଧିକ ଧିକ।'

ସଭାରେ ଖୁବ୍ ହାତତାଳି ପଡ଼ିଲା। ରାଜୀବ ବାବୁଙ୍କ ମନରେ କଥାଟା ଲାଖିଗଲା।

ତହିଁ ଆରଦିନ ଦିନଯାକ ରାଜୀବ ବାବୁଙ୍କୁ ଢେର ଖୋଜତଲାସ୍ ହେଲା, ଭେଟ ମିଳିଲା ନାହିଁ। ମହାଜନ ଆଗରୁ ଭାରି ଖପା ହୋଇଥିଲେ, କେବଳ ଗୋପାଳଙ୍କୁ ମନରେ କରି କିଛି କହିପାରୁ ନଥିଲେ। ସଞ୍ଜବେଳେ ଭେଟ ପାଇବାରୁ ତାଙ୍କୁ କାରବାରରୁ ଜବାବ ଦେଲେ। ରାଜୀବ ବାବୁ ତ ତାହାହିଁ ଲୋଡୁଥିଲେ। ଇଚ୍ଛା ଥିଲା, ଅନ୍ୟ ଜାଗାରେ ବସା କରି ସଭା ସମିତି ଚଳାଇବେ, ମାତ୍ର ପାରିଲେ ନାହିଁ। ମହାଜନ ବଳ ବାବୁ ଧରାଧରି କରି ଗ୍ରାମକୁ ପଠାଇ ଦେଲେ।

ପାଞ୍ଜିଆ ଗୁମାସ୍ତା ପ୍ରଜାପାଟକଙ୍କ ମନ ଭାରି ଖୁସି। ନୂଆ ଜମିଦାରଙ୍କୁ ଅଧବାଟରୁ ପାଛୋଟି ନେଲେ। ଶୁଣିଥିଲେ, ନୂଆ ଜମିଦାର ସରକାରୀ ସ୍କୁଲରେ ଢେର ପାଠପଢ଼ି ତାଲିମ ହୋଇଛନ୍ତି। ଭେଟିବା ପାଇଁ ତହିଁ ଆରଦିନ ସକାଳେ ଗୋଟିଏ ସଭା ହେବାର ସ୍ଥିର ହେଲା। ସଭା ନାମ ଶୁଣି ଜମିଦାରଙ୍କ ମନ ଭାରି ଖୁସି। ଠିକ ନିରୂପିତ ବେଳରେ ପୁରୁଣା ବୁଢ଼ା ପାଞ୍ଜିଆ ରଙ୍ଗାଧର ମହାନ୍ତି ଜମିଦାରଙ୍କୁ ଗଦିରେ ବସାଇ ଦେଲେ। ତାଲୁକ କିଣା ଦିନଠାରୁ ମହାନ୍ତି ଶେଠ ପାଞ୍ଜିଆ କାମରେ ଅଛନ୍ତି। ଲୋକଟି ବଡ଼ ବିଶ୍ୱାସୀ, କାମଦାର ଲୋକ, ସାଆନ୍ତାଣୀଙ୍କ ଡାହାଣ ହାତ। ତାଙ୍କ ଯତ୍ନରେ ଜମିଦାରୀ ଆୟ ଖୁବ୍ ବଢ଼ିଛି। ଜମିଦାର ତ ସବୁଦିନେ କଲିକତାରେ। ଏହାଙ୍କୁ ଧରି ସାଆନ୍ତାଣୀ ସବୁ ମାମଲତ ବୁଝାସୁଝା କରୁଥିଲେ।

ତାଲୁକ ମଧ୍ୟରେ ଶାମପୁର ଗ୍ରାମଟି ସବୁଠାରୁ ବଡ଼, ଥିଲାଲୋକ ଢେର। ଗୋପାଳ ବାବୁ ଗ୍ରାମରୁ ଢେର ଲୋକଙ୍କୁ କଲିକତାରେ ନାନା କାମରେ ଲଗାଇ ଦେଇ ରୋଜଗାର କରାଇ ଦେଇଥିଲେ। ବାବୁଙ୍କ ସାହାଯ୍ୟ ଓ ଯତ୍ନରେ ଢେର ପିଲା କଟକରୁ ଶିକ୍ଷିତ ହୋଇ ଆସିଛନ୍ତି। ବଡ଼ ବଡ଼ ଚାଷୀ, ସରକାରୀ ଚାକିରିଆ, ମହାଜନ ଲୋଡ଼ିଲେ ଊଣା ଅଧିକ ଚାଳିଶ ପଞ୍ଚାଶ ସରିକି ବାହାରି ପାରିବେ। ନୂଆ ଜମିଦାର ବାବୁ ଖୋଜି ବସିଲେ ଗ୍ରାମ ମଧ୍ୟରେ ଶିକ୍ଷିତ କୁସଂସ୍କାରବର୍ଜିତ ଲୋକ ଅଛନ୍ତି କି ନାହିଁ। ପ୍ରାଇମେରୀ, ଅପର ପ୍ରାଇମେରୀ ପାସ୍, ଛାତ୍ରବୃତ୍ତି ଫେଲ ଢେର ଶିକ୍ଷିତ ସ୍ୱାଧୀନମନା ଲୋକ ଗ୍ରାମରେ ବୁଲୁଥିଲେ। ଜମିଦାରଙ୍କ ଆହ୍ୱାନରେ ତୁରନ୍ତ

ହାଜର ହୋଇଗଲେ । ଜମିଦାରୀ କଚେରୀ ଘରେ ସନ୍ଧ୍ୟା ସମୟରେ ପ୍ରଥମ ସଭା ବସିଲା । ନିଜେ ଜମିଦାର ବାବୁ ଢେର ବକ୍ତୃତା କଲେ । ସେଥିର ସାର ମର୍ମ, 'ହେ ସଭ୍ୟ ମହୋଦୟଗଣ ! ଏ ଦେଶର ଦୁଃଖ ଦୁର୍ଦ୍ଦଶାର କାରଣ ଲୋଡ଼ିଲେ ଦିନ ଆଲୁଅ ପରି ଜଣାଯିବ । ମୂର୍ଖତା, କୁସଂସ୍କାର, ଅବଳା, ଭଗିନୀମାନଙ୍କୁ ଘର ଭିତରେ ଲୁଚାଇ ରଖିବା ସମସ୍ତର ମୂଳ । ଏ ସମସ୍ତ ଦୂର କରିବା ସର୍ବାଗ୍ରେ ଉଚିତ । ଆଉ ସମସ୍ତେ କିଛି ନ ବୁଝିପାରି ମୁହଁ ଚାହାଁଚାହିଁ ହେଲେ । ବାବୁ ହରିବୋଲ ପଟ୍ଟନାୟକେ ଚଞ୍ଚଳ ଛିଡ଼ା ହୋଇପଡ଼ି କହିଲେ, "ସୁଶିକ୍ଷିତ ଜମିଦାର ମହୋଦୟଙ୍କ ପ୍ରସ୍ତାବ ଦୁତୀୟ କରୁଛି । ଉଚିତ, ଖୁବ ଉଚିତ, ନିଶ୍ଚୟ ଉଚିତ, ଶୀଘ୍ର ଉଚିତ ।" ଜମିଦାର ବାବୁ ଭାରୀ ଖୁସି ହୋଇ ବାବୁଙ୍କର ପରିଚୟ ପଚାରିଲେ । ହରିବୋଲ ବାବୁଙ୍କ ଘର ଏହି ଗ୍ରାମରେ, ଇଂରାଜୀ ମାଇନର ପାସ୍ । ବିଦୁପୁର ପୋଷ୍ଟ ଅଫିସରେ ସବ ପୋଷ୍ଟମାଷ୍ଟର ଥିଲେ, ଅନ୍ୟାନ୍ୟ କର୍ମଚାରୀ ଅର୍ଥାତ୍ ପିଅନମାନେ ବଡ଼ ଚୋର ଓ ଅଯୋଗ୍ୟ ଲୋକ ଥିଲେ । ବାବୁ ସେମାନଙ୍କୁ ଶାସନ କରିବାରୁ ସେମାନେ ସରକାରୀ ତହବିଲ ଟ ୧ ୬ ୨ ୫ ଚୋରି କରି ବାବୁଙ୍କ ନାମରେ ଗଡ଼ାଇ ଦେଲେ । ମେଜେଷ୍ଟର ସାହେବ ତାଙ୍କୁ ଛ ମାସ କଟକରେ ଅଟକାଇ ରଖିଥିଲେ ସତ୍ୟ; ମାତ୍ର ପଛନ୍ତେ ଅସଲ ହାଲ ଜାଣିପାରି ନିର୍ଦ୍ଦୋଷ ବୋଲି ଛାଡ଼ି ଦେଇଥିଲେ । ବାବୁ ବିରକ୍ତ ହୋଇ ପର ଅଧୀନରେ ଚାକିରି ଛାଡ଼ି ଦେଇଛନ୍ତି ।

ଜମିଦାର ବାବୁ ଭାରୀ ଖୁସୀ । ଗ୍ରାମ ମଧ୍ୟରେ ତାଙ୍କୁ ଯୋଗ୍ୟ ଲୋକ ବୋଲି ସ୍ଥିରକଲେ । ଆପାତତଃ 'ଜ୍ଞାନବର୍ଦ୍ଧିନୀ' ଓ 'ସ୍ତ୍ରୀ ସ୍ୱାଧୀନତା ବିବର୍ଦ୍ଧିନୀ' ଯୋଡ଼ିଏ ସଭା ବସିବାର ସ୍ଥିର ହେଲା । ଦୁଇ ସଭାର ସମ୍ପାଦକ ହରିବୋଲ ବାବୁ । ପ୍ରତିଦିନ ନିୟମିତ ରୂପେ ସଭାକାର୍ଯ୍ୟ ଚଳିଲା । ସଭାକାର୍ଯ୍ୟ ଶେଷ ହେବାକୁ ଅଧିକ ରାତ୍ରି ହୋଇଯାଏ । ସଭ୍ୟମାନେ ଘରକୁ ଯାଇ ପାରନ୍ତିନାହିଁ, କଚେରୀ ଘରେ ସେମାନଙ୍କ ଭୋଜନ ପାନର ବନ୍ଦୋବସ୍ତ ହୁଏ । ଗୋଟିଏ ବାଳିକା ବିଦ୍ୟାଳୟ ଓ ଜନାନା ସ୍କୁଲ ବସିବାର ବନ୍ଦୋବସ୍ତ ହେଲା ।

ରୋଜ ରୋଜ ଟଙ୍କା ଦାଖଲ କରି କରି ବୁଢ଼ା ପଟ୍ଟନାୟକ ହୟରାଣ। ଟିକିଏ ବିଳମ୍ବ ବା ମୋଡ଼ ମୋଡ଼ ହେଲେ ବାବୁ ଭାରୀ ଖପା। ଟଙ୍କା ଗୁଡ଼ାକ କୁଆଡ଼େ ଯାଏ, କି କାରବାର ହୁଏ, ଇଦମିଥ ନାହିଁ। ଦିନେ ସନ୍ଧ୍ୟାବେଳେ ମା' ସାଆନ୍ତାଣୀ ଓ ପଟ୍ଟନାୟକଙ୍କ ମଧ୍ୟରେ କଥା ହେଲା।

ପଟ୍ଟନାୟକେ- ଆଜ୍ଞା, ସବୁ ବୁଡ଼ି ବସିଲା।

ମା' ସାଆନ୍ତାଣୀ- ରହିବ ପରା, ନିଜେ ମୂର୍ଖ, କିଛି ବୁଝିବାର ନାହିଁ, ମୁଲକର ଚୋର ଗୁଣ୍ଡ, ଟିକିଏ ଧର୍ମଭାବ ଭଲା ଥାଆନ୍ତା। ଏହି ଘରେ ପୁଣି ମଦ ମାଂସ । ରାଧେକୃଷ୍ଣ ରାଧେକୃଷ୍ଣ। ପଟ୍ଟନାୟକେ ତୁମେ ଅଲଗା ହୋଇଯାଅ।

ପଟ୍ଟନାୟକେ ନିଶ୍ୱାସଟାଏ ପକାଇଲେ।

ପଟ୍ଟନାୟକଙ୍କୁ କିଛି କହିବାକୁ ହେଲାନାହିଁ। ରାତି ସଭାରେ ସ୍ଥିର ହୋଇଗଲା, 'ବୁଢ଼ାଟା ଅଯୋଗ୍ୟ, କୁସଂସ୍କାରୀ, ସଭାର ବିଘ୍ନକାରୀ- ସେ ବରଖାସ୍ତ। ହରିବୋଲ ବାବୁ ଭାରୀ ଯୋଗ୍ୟ-ଲୋକ, ସଭା ଏବଂ ଜମିଦାରୀ ଦୁଇ କାର୍ଯ୍ୟ ତୁଲେଇ ପାରିବେ।' ଏଣିକି ସୁନ୍ଦର କାର୍ଯ୍ୟ ଚଳିଲା, ଟଙ୍କାର ଅଭାବ ନାହିଁ, ବାଧା ଦେବାକୁ କେହି ନାହିଁ। ଅମଲା ପଧାନମାନଙ୍କ ପ୍ରତି ସାଫ ହୁକୁମ, ଟଙ୍କା ଦାଖଲ। ପ୍ରଥମ ପ୍ରଥମ ସେମାନଙ୍କୁ ଅଡୁଆ ଲାଗୁଥିଲା, ଏଣିକି ସାଫ ବୁଝିଲେଣି। ଦଶ ଖମାର ଧାନ, ଛ ସାତଟା ଗୋରୁ ମଇଁଷି ପଲ, ପାଞ୍ଚବାଟୀ ହାତଚାଷ, ଯେଣିକି ଅନାଇଲେ ଟଙ୍କା; ରୋଜଗାରର ଦାଁଓ କିଏ ଛାଡ଼େ ?

ବାବୁ ଗୋପାଳଚନ୍ଦ୍ର ମହାପାତ୍ରେ ଉଆସ ଆଗରେ ଗୋଟିଏ ପକା ମନ୍ଦିର ତୟାର କରାଇ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପ୍ରତିଷ୍ଠା କରାଇଥିଲେ। ମା ସାଆନ୍ତାଣୀ ବର୍ତ୍ତମାନ ଘରୁ ବାହାରି ଯାଇ ସେହି ମନ୍ଦିରରେ ଅଛନ୍ତି, ପ୍ରତିଦିନ ସନ୍ଧ୍ୟା ସମୟରେ ବକଟେ ଠାକୁର ପ୍ରସାଦ ହବିଷ୍ୟାନ୍ନ। ବୁଢ଼ା ଛାମୁକରଣ ବି ସେହିଠାରେ ଥାନ୍ତି। ପ୍ରତିଦିନ ସନ୍ଧ୍ୟାଠାରୁ ଅଧରାତିଯାଏଁ ଭାଗବତ ପାଠ ହୁଏ। ମା' ସାଆନ୍ତାଣୀ ଦିନଯାକ

ଠାକୁର ଆଗରେ ଆଖି ବୁଜି ବସି ମାଳି ଗଡ଼ାଇଥାଆନ୍ତି । ଦିନେ ପଟ୍ଟନାୟକେ ସାଆନ୍ତାଣୀଙ୍କୁ କହିଲେ, "ଆଜ୍ଞା, ଶୁଣିଛନ୍ତି, ବାବୁଙ୍କ ମଙ୍ଗଳକୃତ୍ୟ ବଡ଼ିବାର ସଭାରେ ସ୍ଥିର ହେଲା । ମୁଁ କହୁଛି, ହେଉ, ବୋହୂ ସାଆନ୍ତାଣୀ ଆସିଲେ ଅବା ଘରକରଣାଟା ସମ୍ଭଳା ସମ୍ଭଳି କରିବେ ।" ମା ସାଆନ୍ତାଣୀ ଆଁଟା କରି ପଟ୍ଟନାୟକ ମୁହଁକୁ ଘଡ଼ିଏଯାଏ ଚାହିଁଲେ, ତହିଁ ଉତ୍ତାରେ ପଚାରିଲେ "-ଆ- କନ୍ୟା ?" ପଟ୍ଟନାୟକେ କହିଲେ, "ଆଜ୍ଞା, ମୁଁ ନିଜେ ସେ କଥା ବୁଝିବାକୁ ଯାଇଥିଲି, ବାବୁ ଜବାବ ଦେଲେ, ଦେଶୀ କନ୍ୟାଗୁଡ଼ିକ ଅଶିକ୍ଷିତା, କୁସଂସ୍କାର ଅସଭ୍ୟତାରେ ବୁଡ଼ିଛନ୍ତି, ଲୁଗା ଖଣ୍ଡେ ପିନ୍ଧି ଜାଣନ୍ତି ନାହିଁ, ଅଧାଲଙ୍ଗଳା ହୋଇଥାନ୍ତି, ମୁହଁ ଢାଙ୍କି ମୂଷା ପରି ଗାତରେ ଲୁଚିଥାନ୍ତି ! କଲିକତାରେ ପରା କନ୍ୟା ଠିକ୍ ହେଲାଣି !" ମା' ସାଆନ୍ତାଣୀ ପାଟି କରି 'ରାଧେକୃଷ୍ଣ, ରାଧେକୃଷ୍ଣ' କହି ତୁନି ହେଲେ । ହାତ ଯୋଡ଼ି ଠାକୁରଙ୍କୁ ଅନାଇଥାନ୍ତି, ଦୁଇ ଆଖିରୁ ଯୋଡ଼ାଏ ଧାର ବହିଯାଉଛି । ପଟ୍ଟନାୟକେ ପୁନର୍ବାର କହିଲେ, "କଲିକତାକୁ ବରଯାତ୍ରୀ କିଏ କିଏ ଯିବେ, କି କି ରୋଶନି କେତେ ତୟାର ହେବ, ପଚାରିଥିଲି । ବାବୁ ଠୋ, ଠୋ ହସି ଉଠି କହିଲେ, 'ଅସଭ୍ୟତା, 'କୁସଂସ୍କାର ! ତୁମେ ତ ଇଂରାଜୀ ଜାଣ ନା, ଦେଖି ବି ନାହଁ, ସଭ୍ୟ ବିବାହ କଥା କିପରି ଜାଣିବ ? ରୋଶନି ଆଉ ଆଉ ଖରଚ କଥା ଯେ କହିଲ, ତୁମ୍ଭମାନଙ୍କ ପରି ଅଶିକ୍ଷିତ ଲୋକେ କେତେ ଜମିଦାର ଘର ବୁଡ଼ାଇଲେଣି । ବିହାର ବିବାହ-ବ୍ୟୟ-ସଂକ୍ଷେପଣୀ ସଭାକୁ ଇଂରାଜୀ ଅଫିସିଏଲ ଚିଠି ଯାଇଛି, ସେଠାରୁ ଯେପରି ବ୍ୟବସ୍ଥା ଆସିବ, ସେହିପରି ବିଭା ହେବ ।' ମୁଁ ଆଉ କିଛି କହିଲି ନାହିଁ, ସବୁବେଳେ ମିଜାଜଟା ଚଢ଼ି ରହିଛି, କାଚ କୁମ୍ପା ଗୁଡ଼ାକ ଓଳି ତଳେ ଗଣ୍ଡା ଗଣ୍ଡା ଗଡୁଛି ।"

ସଭାର ସଭ୍ୟମାନଙ୍କୁ ସାଙ୍ଗରେ ଧରି ବାବୁ କଲିକତା ଚାଲି ଗଲେଣି । କଲିକତା ଗୋଟିଏ ବିଚିତ୍ର ଜାଗା । ଟଙ୍କା କାଢ, ମା ବାପା ଛଡ଼ା ସବୁ ମିଳିବ । ଖିଦିରପୁର ଗାଡ଼ନରିଚରେ ଗୋଟାଏ ବଡ଼ ଦୋତାଲା ଘରେ ଝାଡ଼ ଲଣ୍ଠନ ଦେବାଲଗିରି ଶହେଖଣ୍ଡ ଦିନ ଆଲୁଅ ପରି ଜଳୁଛି, ତଳେ ଗାଲିଚା ଶତରଞ୍ଜି

ବିଛଣା । ରାତିରେ ଦୁଇ ତରଫା ଖେମଟା ନାଚ । ଦୀୟତାଂ- ପୀୟତାଂ ଲାଗିଛି । ଆଖପାଖ ବଜାର ଲୋକେ ଜାଣିଲେ, ଓଡ଼ିଶାର ଗୋଟିଏ ରଜାପୁଅର ବିଭାଘର ।

କନ୍ୟାଟିର ନାମ ନୟନତାରା- ଦୁଃଖପାସୋରା । ବାବୁ ଶୁଣିଥିଲେ, ମଧ ପ୍ରତ୍ୟକ୍ଷ ଦେଖିଲେ- କନ୍ୟା ସୁନ୍ଦରୀ, ସଭ୍ୟା, ସ୍ୱାଧୀନା, ଶିକ୍ଷିତା । ଜମିଦାର ବାବୁ ବିମୋହିତ ହୋଇ ଗଲେଣି । ମନେ କଲେ, ସ୍ୱର୍ଗରୁ ଦେବକନ୍ୟାଟିଏ ଓହ୍ଲାଇ ଆସିଛି । ଦିନରାତି ଗିଲାସ ହାତରୁ ଛାଡ଼ ନାହିଁ । ଚାରିଦିନ ହେଲା ବର କନ୍ୟା ମଧ୍ୟରେ ପୂର୍ବାଳାପ ଅର୍ଥାତ୍ Courtship ଚାଲିଛି । ବଗି ଚଢ଼ି କେତେ ଜାଗା ବୁଲି ଆସିଲେଣି । କନ୍ୟା ବାପ ମାଙ୍କୁ ଏଇଟା ଭଲ ଲାଗୁନାହିଁ । କାଳେ ଜମିଦାର ପୁଅଟା ହାତରୁ ଖସିଯିବ, ସେହି ଡରରେ କିଛି କହି ପାରୁନାହାନ୍ତି । କନ୍ୟାର ଜାତି କୁଳ ଘର ବିଷୟ କେହି ସନ୍ଧାନ କରି କିଛି ଠିକଣା ପାଇଲେ ନାହିଁ ।

ଗଳ୍ପ ଲେଖକମାନଙ୍କୁ ସମସ୍ତ ବିଷୟ ସନ୍ଧାନ କରି ନିରୋଳ ସତ୍ୟ କଥାଗୁଡ଼ିକ ଲେଖିବାକୁ ହୁଏ । ଆମ୍ଭେମାନେ ବହୁତ ଅନୁସନ୍ଧାନ ଯୋଗରେ ଏହିପରି ପରିଚୟ ପାଇଅଛୁଁ- ଆସାମ ଚା ବଗିଚା ମେନେଜର ସାହେବ ଗୋଟାଏ କୁଲି ଟୋକାକୁ ବବୁର୍ଚି କାମରେ ବାହାଲ କରିଥିଲେ, ତା' ନାମ ମକ୍ରା ମଳିକ । ସେ ବଢ଼ି ବଢ଼ି ପଦୋନ୍ନତିରେ ହେଲା ଖାନସମା । ସେହି ବଗିଚାରେ ୩୦/୪୦ ବର୍ଷ ହେଲା ସାହେବମାନଙ୍କ ପାଖରେ ଅଛି । ଗ୍ରାମ, ଘର, ଜାତି, କୁଳ କିଛି ଜଣାନାହିଁ- କୁଆଡ଼େ ବା ଯିବ ? ସେହିଠାରେ ଗୋଟିଏ କୁଲିଆଣୀକୁ ବାହା ହେଲା । ବାହା ହେଲା ହଁ, ଢେର ଦିନଯାଏ ସନ୍ତାନ ମୁଖ ଦେଖିଲା ନାହିଁ । ତ୍ରିନାଥମେଳା, ସୁକୁଟୁନି-ପୂଜା, ଗ୍ରାମଦେବତୀ ମାଜଣା, ଦୁଇଜଣଯାକ ଢେର ଢେର ଧର୍ମ କାର୍ଯ୍ୟ କଲେ । ଦରବୁଢ଼ା ବୟସରେ ଗୋଟିଏ କନ୍ୟା ଜାତ ହେଲା, ବୁଢ଼ାବୁଢ଼ୀ ଭାରି ଖୁସି । ମା' ଝିଅର ନାମ ଦେଲେ, ନୟନତାରା-ବାପା ଡାକିଲେ ଦୁଃଖପାସୋରା- ଶେଷରେ ନାମ ହେଲା ନୟନ-ତାରା-ଦୁଃଖପାସୋରା । କନ୍ୟାଟି ଦିନକୁ ଦିନ ବଢ଼ିଲା । ଚା ବଗିଚା ପାଖରେ ଗୋଟିଏ ସ୍କଟିଶ୍ ବ୍ୟାପ୍ଟିଷ୍ଟ ଅର୍ଫେନ ବାଳିକା ସ୍କୁଲ ଥିଲା । ମିସ୍

ଡଗ୍‌ଲସ ମିଷ୍ଟ୍ରେସ୍। ମା' ବାପା ଭାରୀ ଶ୍ରଦ୍ଧା, ଭାରୀ ଖୁସିରେ କନ୍ୟାଟିକୁ ମୋଜା ଜୋତା ସେମିଜ୍ ଜାକେଟ୍ ପିନ୍ଧାଇ ଦେଇ ସ୍କୁଲ ଛାଡ଼ିଲେ। କନ୍ୟାଟି ବଢ଼ି ବଢ଼ି ପାଠ ପଢ଼ି ପଢ଼ି ତେର ବା ଚଉଦବର୍ଷ ହେଲାଣି। କନ୍ୟାଟି ସ୍କୁଲରୁ ଆସି ମା ବାପା ପାଖରେ ଢେର ଇଂରଜୀ କଥା କହେ, ମୋଜା ବୁଣା ଦେଖାଏ, ଗୀତ ଗାଏ, ନାଚେ। ଖୁବ ସ୍ୱାଧୀନା। ପୁରୁଷଗୁଡ଼ାଙ୍କୁ ଖାତର କରେ ନାହିଁ। ଏଣେ ମା' ବାପ ମୁଣ୍ଡରେ ଉକୁଣି କାମୁଡ଼ିଲାଣି, କିମିତି ବାହା ଦେବେ। ଛୁଟି ନେଇ କଲିକତା ଆସିଲେ, ଢେର ଖୋଜାଖୋଜି କଲେ, ମାତ୍ର, ବାପ ମା'ର ଜାତି କୁଳ, ଦେଶର ପତ୍ତା ନ ଲାଗିବାରୁ ବର ଜୁଟିଲା ନାହିଁ। ପ୍ରଜାପତି ଘଟସୂତ୍ର, ଜଣେ ଦଲାଲ ଠିକଣା ଲଗାଇ ଦେଲା। ସେହି ଦଲାଲ ବାବୁଙ୍କୁ ଜଣାଇଲା, "ଆପଣ ଜମିଦାର, କଲିକତା ସହରରେ ଭାରି ନାମ ଡାକ। ସେହିପରି ମର୍ଯ୍ୟାଦାରେ ବିଭାଘର ହେବ।" ବାବୁ ଝୁଙ୍କି ଝୁଙ୍କି କହିଲେ, "ଅବଶ୍ୟ, ଅବଶ୍ୟ ନିଶ୍ଚୟ।" ମେନେଜର ବାବୁ କହିଲେ, "ଟଙ୍କା ନାହିଁ ଯେ।" ଦଲାଲ କହିଲା, "ଏ କ'ଣ ଗୋଟାଏ କଥା ? ବାବୁଙ୍କର ପୁଣି ଟଙ୍କାର ଅଭାବ ? ବାବୁ ଆଜ୍ଞା କରନ୍ତୁ, ଏଇଲାଗେ ଦଶ ହଜାର ଟଙ୍କା ଆଣି ଦେବି।" ଟଙ୍କା ନାମ ଶୁଣି ବାବୁଙ୍କର ଟିକିଏ ହୋସ୍ ହେଲା, ଶୁଣି ମନ ଖୁସି, ସଳଖି ବସିଲେ। କଲିକତାରେ ମହାଜନ ଅଭାବ କ'ଣ ? ଖୁବ୍ କାଏଦା କଟକଣାରେ ଜମିଦାରୀ ଲେଖି ନେଇ ଦଶହଜାର ଟଙ୍କା ଦେବାକୁ କହିଲା। ଦଲିଲ ରେଜେଷ୍ଟାରୀ କରିବାକୁ ତର ସହୁ ନାହିଁ, ଜଲଦି ଟଙ୍କା ଆଣ। କଲିକତାରେ ଅନେକ ବାବୁ ଅର୍ଥାତ୍ ପୂର୍ବ ସଭାର ସଭ୍ୟମାନେ, ଆଉ ଖିଦିରପୁର ବଜାରର ଛୁଟକୁରିଆ ବଡ଼ିଆ ସମସ୍ତ ଦୋକାନୀ ନିମନ୍ତ୍ରିତ ହୋଇଗଲେ। ନାନାପ୍ରକାର ମିଷ୍ଟାନ୍ନ, ନାନାପ୍ରକାର ପେୟ, ଆସନ, ଦାନ୍ତ ଖୁଣ୍ଟା ପର୍ଯ୍ୟନ୍ତ ଧରି ଠିକାଦାର ହାଜର। ତିନି ଦିନଯାଏ ନାଚ ତାମସା ପିଆର ଖୁବ୍ ଧୁମ ଲାଗିଛି।

କରଜ ଦଶ ହଜାର ଟଙ୍କାରୁ କାହିଁରେ କେତେଟଙ୍କା ଖରଚ ହେଲା, ଆମ୍ଭେମାନେ ସେଥିର ହିସାବ ଦେଇ ପାରିବୁ ନାହିଁ, କାରଣ ସେଥିର କିଛି

ଲେଖାଲେଖି ନାହିଁ। ମେନେଜର ହରିବୋଲ ବାବୁଙ୍କ ହାତରେ ତହବିଲ। ନାନା କାର୍ଯ୍ୟରେ ବ୍ୟସ୍ତ ଏବଂ ଜମିଦାରଙ୍କ ସ୍ୱାସ୍ଥ୍ୟ ନିମନ୍ତେ ସଭ୍ୟଦେଶ ନିୟମାନୁସାରେ ପାନର ମାତ୍ରା କିଛି ବଳି ପଡ଼ିବାରୁ ଖର୍ଚ୍ଚ ଟଙ୍କାର ହିସାବ ରଖିବାକୁ ବେଳ ପାଇନାହାନ୍ତି।

ବିବାହ ଶେଷ। ଜମିଦାର ଜମିଦାରାଣୀ ଦେଶସ୍ଥ ସଭ୍ୟମାନଙ୍କୁ ଧରି ଦେଶକୁ ବାହୁଡ଼ିଲେ। ବର କନ୍ୟା ଉଆସ ମଧ୍ୟକୁ ପ୍ରବେଶ ବେଳେ ଉଆସର ପୋଇଲୀ ପଂଝା, ଗ୍ରାମର ଭଲ ଭଲ ଲୋକ, ଘର ବୋହୂ ଝିଅମାନେ ଗୋଟିଏ ନୂଆ କୁଲାରେ ସେରେ ଅରୁଆ ଚାଉଳ, ଦୂବ, ବରକୋଳି ପତ୍ର ଦେଇ ତାହ ଉପରେ ଘିଅ ଦୀପଟିଏ ଥୋଇ ବର କନ୍ୟା ବନ୍ଦାଇ ନେବାକୁ ଆସିଲେ। ଶଙ୍ଖ ହୁଳହୁଳି ଶୁଣି ଜମିଦାର ଭାରି ରାଗି ଯାଇ "କୁସଂସ୍କାର, କୁସଂସ୍କାର, ଅସଭ୍ୟତା" କହି ଭାରି ଗୋଟାଏ ପାଟି କଲେ। ସ୍ୱାମୀଙ୍କ ଦେଖାଦେଖି କନ୍ୟା ମଧ୍ୟ "ଏହା ନିତାନ୍ତ ବଡ଼ କୁସଂସ୍କାର ଅଛି, ଏହା ଅସଭ୍ୟତା" କହି ଠୋ ଠୋ କରି ହସି ଉଠିଲେ। ଗାଁ ଭୁଆସୁଣୀ ଗୁଡ଼ାକ ଏ ସବୁ ଦେଖି ଶୁଣି ଛାନିଆରେ ଡରରେ ଅଗଣାରେ କୁଲାଟା ତଳେ ଥୋଇ ଦେଇ ଯେ ଯାହା ଘରକୁ ପଳାଇଲେ।

ପୁଅ ବୋହୂ ହାତ ଧରାଧରି ହୋଇ ମା ସାଆନ୍ତାଣୀଙ୍କ ସହିତ ସାକ୍ଷାତ୍ କରିବାକୁ ବାହାରିଲେ। ମା' ତେତେବେଳେ ଠାକୁରଙ୍କ ଆଗରେ ମାଳିଟି ହାତରେ ଧରି ଆଖି ବୁଜି ବସି ଫୁସ୍ ଫୁସ୍ 'ହରେ କୃଷ୍ଣ' ନାମ ଜପୁଛନ୍ତି। ବୋହୂର ଗୋଡ଼ରେ ଲେଡ଼ିଜୋତା ଏଡ଼ିର ଠକ୍ ଠକ୍ ଶବ୍ଦ ଶୁଣି, ଚମକି ପଡ଼ି ଠିଆ ହୋଇଗଲେ। ବୋହୂ ଟିକିଏ ହସି ହସି 'ଓ ଆମ୍ଭର ପ୍ରିୟ ଶାଶୁ ! ନମସ୍କାର- ନମସ୍କାର। କେମନ୍ତ କର ଆପଣ କର' କହି ହାତ ବଢ଼ାଇ ଯେମନ୍ତ ଶାଶୁ ପାଖକୁ ଚାଲିଗଲେ, ବୁଢ଼ୀ ତ 'ଛୁଁ-ନା-ଛୁଁ-ନା-ଛୁଁ-ନା-ଆରେ କିଏ ଅଛିରେ, ମନ୍ଦିର ଅପ୍ରତିଷ୍ଠା ହେଲାରେ, ବାହାର କରି ଦିଅରେ, ବାହାର କରି ଦିଅରେ' ବୋଲି ରଡ଼ି ଛାଡ଼ିଲେ। ଜମିଦାର ବାବୁ ମିସେସ୍ ମହାପାତ୍ରଙ୍କ ହାତ ଧରି ଭିଡ଼ି ନେଲେ। ଭାରୀ ଖପାଟାଏ ହୋଇ

କହିଲେ, "ଅସଭ୍ୟତା, ମୂର୍ଖତା, ଭାରି କୁସଂସ୍କାର । ଓହୋ ! ଲେଡ଼ିକୁ ଇନ୍‌ସଲ୍‌ଟ୍ ।" ସେହି ମୁହୂର୍ତ୍ତରେ ମା' ସାଆନ୍ତାଣୀ ବିଶ୍ୱାସୀ ପୋଇଲୀ ରାଧୀ ଆଉ ଗୋଟିଏ ପୁଟୁଳି ଧରି ଘରୁ ବାହାରି ଗଲେ ପୁରୀ । ମାତାମଠରେ ରହିଥିବାର ଆଠ ଦିନ ବାଦ ସମ୍ବାଦ ଆସିଲା ।

କେହି ବାଧା ଦେବାକୁ ନାହିଁ, କେହି କିଛି କହିବାକୁ ନାହିଁ, ସ୍ୱାଧୀନ ଭାବରେ କୁସଂସ୍କାର ନିବାରଣ ଆଉ ଦେଶ ଉଦ୍ଧାର ବିଷୟରେ ଲାଗି ପଡ଼ିଛନ୍ତି । ରାତି ସାରା ବକ୍ତୃତା ଓ ପାନାହାରରେ କଟିଯାଏ, ଶୋଇବାକୁ ବେଳ କାହିଁ ? ମିସେସ୍ ମହାପାତ୍ର ବି ସଭାରେ ଛିଡ଼ା ହୋଇ କେତେଥର ବକ୍ତୃତା କଲେଣି । ଦିନଯାକ ଶୋଇଥାନ୍ତି, ପ୍ରଜା ପାଟକ କେହି ଗୁହାରିଆ ଆସିଲେ ଭେଟ ପାଏ ନାହିଁ । ଯଦି ଭେଟ ମିଳେ, ଏକ ଜବାବ, "ମେନେଜର ପାଖକୁ ଯାଅ ।"

କେହି ବୋହୂ ସାଆନ୍ତାଣୀ ବୋଲି କହିଲେ ଜମିଦାର ବାବୁ ଭାରୀ ଖପା ହୋଇଯାଆନ୍ତି । ନାମ ହୋଇଛି, ମିସେସ୍ ମହାପାତ୍ର । ମାତ୍ର ପୋଇଲୀମାନେ ଆଉ ମୂର୍ଖ ଚାକରଗୁଡ଼ାକ ଠିକ୍ ନାମ ଧରି ଡାକି ପାରନ୍ତି ନାହିଁ । କେହି କହେ କିସ୍‌ମିସ୍ ମହାପାତ୍ର– କେହି କେହି କହେ ମିସ୍ତ୍ରୀ ମହାପାତ୍ର– କେହି ଡାକେ ଫିସ୍ ଫିସ୍ ମହାପାତ୍ର । କିନ୍ତୁ ସେଥିରେ ମନା ନାହିଁ, ବରଞ୍ଚ ମିସେସ୍ ମହାପାତ୍ର ହସି ପକାଇ ବଡ଼ ଖୁସି ହୁଅନ୍ତି ।

ମିସେସ୍ ମହାପାତ୍ର ପ୍ରାତଃକାଳରେ ଚା ଖାଇଲା ବାଦ ପୋଷାକ ପିନ୍ଧି ଉଆସ ଚଉପିଠି ବଗିଚା ଆଉ ଆଗ ଦାଣ୍ଡରେ ପ୍ରାତଃଭ୍ରମଣ କରି ଆସନ୍ତି । ଦିନେ ବବୁର୍ଚ୍ଚିଖାନା ତଦାରଖ କରିବାକୁ ଚାଲିଗଲେ । ତେତେବେଳେ ପୋଇଲୀ ପଦୀ ହାଣ୍ଡିଏ ଗୋବର ପାଣି ଧରି କନା ଖଣ୍ଡକରେ ଚୁଲି ଲିପୁଥିଲା, ଯୋତାର ଠକ ଠକ ଶବ୍ଦ ଶୁଣି ଯିମିତି ମୁହଁ ବଙ୍କାଇ ପଛକୁ ଚାହିଁ ଦେଇଛି, ଭାରୀ ପାଟିଟାଏ କଲା, "ଆଲୋ ମୋ ମା ଲୋ ! ଆଲୋ ମୋ ବାପ ଲୋ ! ଯୋତା ମାଡ଼ି ହାଣ୍ଡିଶାଳରେ ପଶିଲା ଲୋ !

ହାଣ୍ଡିଶାଳ ମାରୁଗଲା ଲୋ !" କନା ଖଣ୍ଡ ଫୋପାଡ଼ି ଦେଇ ଏକାମୁହାଁ ଧାଇଁଛି । ଆଉ ଉଆସରେ ତାକୁ କେହି କେବେ ଦେଖିନାହିଁ । ଏଣେ ମିସେସ୍ ମହାପାତ୍ର 'ଉଆ, ଉଆ, ଉଆ' କହି ଅନ୍ୟ ଆଡ଼କୁ ଧାଇଁଛନ୍ତି, ମୁହଁରେ ରୁମାଲ ଢାକି ନଥିଲେ, କେଜାଣି ବାନ୍ତି କରି ପକାଇଥାନ୍ତେ । ଏକାବେଳକେ ଶିଶିଏ ଲେଭେଣ୍ଡର ଦେହଯାକ ଢାଳି ହେବାରୁ ଟିକିଏ ସାଷ୍ଟମ ହେଲେ । ଗୋରୁଗୁହ ବବୁର୍ଚ୍ଚିଖାନରେ ଢଳା ହୋଇଛି, ଜମିଦାର ଶୁଣି ଭାରି ଖପା; ମୂର୍ଖତା, ଅସଭ୍ୟତା, କୁସଂସ୍କାର ! ସେ ଘରେ ରୋଷେଇ ହେଲେ ଲେଡ଼ିଙ୍କୁ ଖାନା ରୁଚିବ ନାହିଁ, ବାନ୍ତି କରିପକାଇବେ । ଚାରି ବୋତଲ ଫେନାଇଲ ଘରସାରା ଢଳାଗଲା ।

ଏହିପରି ଆଠ ଦଶ ମାସ ଗଲା ବାଦେ ଦିନେ କରଣମାନେ ମେଳି ବାନ୍ଧି ଆସି ମେନେଜର ପାଖରେ ଜଣାଇଲେ, "ଖମାର ସବୁ ଖାଲି ପଡ଼ିଛି, ଗୋରୁ ମଇଁଷି ପଲରେ ଲାଙ୍ଗୁଡ଼ ଖଣ୍ଡେ ବି ନାହିଁ, ପାଞ୍ଚ ବାଟୀ ହାତ ଚାଷ ପ୍ରଜା ଲଗାଇ ଦେଇ ଯେଉଁ ସଲାମୀ ମିଳିଥିଲା ତାହା ଆସି ସରିଲାଣି, ଆଉ ଏବେ କାହୁଁ ଖରଚ ଯୋଗାଇବୁଁ ?" ମେନେଜର ତୁରନ୍ତ ଜବାବ ଦେଲେ, "ମାରିପିଟି ପ୍ରଜାଙ୍କଠାରୁ ଆଗତୁରା ବର୍ଷକର ଖଜଣା ଅସୁଲ କର ।" 'କୁମ୍ଭୀର ଖୋଜେ ଗୋଳିଆ ପାଣି'; ଅମଲାମାନେ ଆନନ୍ଦରେ 'ଆଜ୍ଞା' କହି ଦଣ୍ଡବତ ହୋଇ ଚାଲିଗଲେ ।

ଆଉ ଦୁଇ ମାସ ବାଦେ କାର୍ତ୍ତିକ କିସ୍ତି ଟଙ୍କାଦାଖଲ ନ ହେବାରୁ ତାଲୁକ ନିଲାମରେ ଚଢ଼ିବାର କଟକରୁ ଜବାବ ଆସିଲା । ଠିକ୍ ସେହି ଦିନ କଲିକତା ମହାଜନ ଦଶ ହଜାର ଟଙ୍କା ମୂଳକୁ କଳନ୍ତର ଖର୍ଚ୍ଚା ଓଗେର ଭିଡ଼ି କୋଡ଼ିଏ ହଜାର ଟଙ୍କା ପାଇଁ ଡିକ୍ରୀଜାରି ପିଆଦା କଲିକତା ହାଇକୋର୍ଟରୁ ଆସି ଚଳନ୍ତି ଅଚଳନ୍ତି ଯାନାସନ ସମସ୍ତ କ୍ରୋକ କରି ପକାଇଲା ।

ସକାଳୁ ଉଠି ମିଷ୍ଟର ଓ ମିସେସ୍ ମହାପାତ୍ର ବଗଲା ବଗଲୀ ପରି ବସିଛନ୍ତି, ଜନ ପ୍ରାଣୀ ପାଖରେ ନାହିଁ । ସଭାର ସଭ୍ୟମାନେ ଆଗରୁ ଏକଘରିଆ ହୋଇଥିଲେ,

ଗୋବରପାଣି ପିଇ ଜାତିରେ ଉଠିଛନ୍ତି । ଆଉ କି ଆସିବେ ? ବେଳ ବୁଡ଼ିବାକୁ ବସିଲାଣି । ମିଷ୍ଟର ଓ ମିସେସ୍ ଦୁଇଜଣ ଭୋକରେ ଛଟପଟ ହେଉଛନ୍ତି । ସଞ୍ଜ ଲାଗିଲା- ବେଳକୁ ମିସେସ୍ ମହାପାତ୍ର ବହୁ କଷ୍ଟରେ ଖଣ୍ଡେ ଅଳଙ୍କାର କାଢ଼ି-. ଦେଲେ, ବିକିବାକୁ ଯାଇ ଦେଖିଲେ ପିତଳ ଗିଲ୍‌ଟି । ଖଣ୍ଡିଏ, ଆଉ ଖଣ୍ଡିଏ ଦେଖାଗଲା, ସବୁଗୁଡ଼ାକ ଗିଲ୍‌ଟି ! ବିଭାଘର ସମୟରେ ଅଢ଼େଇ ହଜାର ଟଙ୍କାର ଗହଣା କିଣା ଯାଇଥିଲା, ସବୁଗୁଡ଼ାକ ଗିଲ୍‌ଟି ! ଏତେବେଳେ ଦୁଇଜଣଙ୍କର ଚେତା ବସିଲା । ଆଉ ଡିକ୍ରୀଜାରି ପିଆଦା ଜୁଲମରେ ଘରେ ରହି ପାରିଲେ ନାହିଁ, ରାତି ଅନ୍ଧାରରେ କାହିଁ ଅନ୍ତର୍ଦ୍ଧାନ ।

ପାଞ୍ଚ ଛ ବର୍ଷ ବାଦେ ଜମିଦାର ବାବୁ ତାଙ୍କ ଶଶୁର କାମରେ ଆସାମରେ ଖାନସମାଗିରି କାମ କରୁଥିବାର ଦେଶରେ ଶୁଣାଗଲା ।

❑❑❑

## (କ) ଲେଖକ ପରିଚୟ

### ଫକୀରମୋହନ ସେନାପତି (୧୮୪୩-୧୯୧୮)

ଆଧୁନିକ ଓଡ଼ିଆ ସାହିତ୍ୟର ନବନିର୍ମାତା ଭାବେ ଫକୀରମୋହନ ସେନାପତି ବହୁ ଗୌରବର ଅଧିକାରୀ । ଏକାଧାରରେ ସେ ଥିଲେ 'ବ୍ୟାସକବି', 'କଥାସମ୍ରାଟ' ଏବଂ 'ସରସ୍ୱତୀ ଫକୀରମୋହନ' । ଅନୁବାଦ, ପାଠ୍ୟପୁସ୍ତକ, ଭ୍ରମଣ ବୃତ୍ତାନ୍ତ, ପ୍ରବନ୍ଧ, ଆତ୍ମଜୀବନୀ ଆଦି ସାହିତ୍ୟର ବିଭିନ୍ନ ବିଭାଗ ସହ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ରଚନା କ୍ଷେତ୍ରରେ ସେ ତାଙ୍କ ପ୍ରତିଭାର ଅନନ୍ୟ ସ୍ୱାକ୍ଷର ପ୍ରଦାନ କରି ପାରିଛନ୍ତି । ତାଙ୍କ "ରେବତୀ" ହେଉଛି ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ ଓ "ଛ' ମାଣ ଆଠଗୁଣ୍ଠ" ତାଙ୍କର ପ୍ରଥମ ଉପନ୍ୟାସ । ଫକୀରମୋହନଙ୍କ ବ୍ୟତୀତ ଅନ୍ୟ କୌଣସି

ସାହିତ୍ୟ-ସ୍ରଷ୍ଟାଙ୍କ ଆଦ୍ୟସୃଷ୍ଟି ଏପରି ସଫଳ ହୋଇପାରିନାହିଁ। ବିଶେଷତଃ ଊନବିଂଶ ଶତାବ୍ଦୀର ସାମାଜିକ ଜୀବନକୁ ନେଇ ସେ ତାଙ୍କ କ୍ଷୁଦ୍ରଗଳ୍ପ ଗୁଡ଼ିକ ରଚନା କରିଛନ୍ତି। ଏଗୁଡ଼ିକ 'ଗଳ୍ପସ୍ୱଳ୍ପ' ନାମରେ ଦୁଇଖଣ୍ଡ ଗ୍ରନ୍ଥରେ ସଙ୍କଳିତ ହୋଇ ରହିଛି। ତାଙ୍କ କ୍ଷୁଦ୍ରଗଳ୍ପଗୁଡ଼ିକରେ ନାରୀଶିକ୍ଷା ପ୍ରତି ଆଗ୍ରହ, ବାଲ୍ୟବିବାହ-କନ୍ୟାସୁନା-ଧାର୍ମିକ ଶଠତା- ମହାଜନ ଜମିଦାରଙ୍କ ଶୋଷଣ ଏବଂ ଇଂରାଜୀ ଶିକ୍ଷାପ୍ରାପ୍ତ ଯୁବକ-ଯୁବତୀଙ୍କ ସ୍ୱେଚ୍ଛାଚାର ପ୍ରତି ବ୍ୟଙ୍ଗ ପରିଦୃଷ୍ଟ ହୁଏ। କଥାବସ୍ତୁର ବୈଚିତ୍ର୍ୟ ସହ ଚରିତ୍ର ଚିତ୍ରଣରେ ଅପୂର୍ବ ଦକ୍ଷତା ଫକୀରମୋହନଙ୍କ ନିଜସ୍ୱ। ତାଙ୍କ ରଚନାଗୁଡ଼ିକ ମଧ୍ୟରେ 'ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଜୀବନ ଚରିତ' (ମୂଳ,ବଙ୍ଗଳା), 'ରାମାୟଣ', 'ମହାଭାରତ', 'ଶ୍ରୀମଦ୍‌ଭାଗବତ ଗୀତା', 'ଉପନିଷଦ (ମୂଳ, ସଂସ୍କୃତ)ର ଓଡ଼ିଆ ଅନୁବାଦ, ଭାରତବର୍ଷର ଇତିହାସ (୧ମ ଓ ୨ୟ ଭାଗ) 'ବ୍ୟାକରଣ', 'ଆଜ୍ଞାମାଳା' ଆଦି ପାଠ୍ୟପୁସ୍ତକ, 'ଗଳ୍ପସ୍ୱଳ୍ପ' (୧ମ ଓ ୨ୟ ଭାଗ) ସନ୍ନିହିତ କ୍ଷୁଦ୍ରଗଳ୍ପ, 'ଛ'ମାଣ ଆଠଗୁଣ୍ଠ', 'ଲଛମା', 'ମାମୁଁ', ପ୍ରାୟଶ୍ଚିତ' ଆଦି ଉପନ୍ୟାସ, 'ବୌଦ୍ଧାବତାର', 'ପୁଷ୍ପମାଳା', 'ଉପହାର', 'ଅବସର ବାସରେ', 'ଧୂଳି' ଆଦି କାବ୍ୟ- କବିତା, 'ଆତ୍ମଜୀବନ ଚରିତ' ଏବଂ କିଛି ପ୍ରବନ୍ଧ ଅନ୍ୟତମ।

## (ଖ) ସଭ୍ୟ ଜମିଦାର ସମ୍ପର୍କରେ

ଫକୀରମୋହନଙ୍କ 'ସଭ୍ୟ ଜମିଦାର' ଗଳ୍ପ ହେଉଛି ଇଂରାଜୀ ଶିକ୍ଷା ପ୍ରାପ୍ତ ନବ୍ୟ ଶିକ୍ଷିତଙ୍କ ପ୍ରତି ଏକ ଅନାସ୍ଥାଭାବ। ଗଳ୍ପର ଆରମ୍ଭରେ ବାବୁ ବଳରାମ ବଳ ତାଙ୍କ ଗାଁର ଅନାଥ ପିଲା ଗୋପାଳକୁ ସାଙ୍ଗରେ ଧରି କଲିକତା ଆସନ୍ତି। ସେଠାରେ ଥିବା ତାଙ୍କ ବ୍ୟବସାୟ ଗଦିରେ ଗୋପାଳ ବୋଲହାକି କରେ ଓ ହଜିଥିବା ଆକବରୀ ମୋହର ପୁଟୁଳି ଦେଇ ମହାଜନ ବଳଙ୍କର ବିଶ୍ୱାସଭାଜନ ହୁଏ। ରୋଷେଇଆ କାମ କିଛିଦିନ କଲାପରେ ବାବୁ ବଳରାମ, ଗୋପାଳକୁ ତାଙ୍କ ବ୍ୟବସାୟର

ଅଂଶୀଦାର କରନ୍ତି । କ୍ରମେ ଗୋପାଳ ହୁଏ ବାବୁ ଗୋପାଳଚନ୍ଦ୍ର ମହାପାତ୍ର । ଗୋପଳ ପାଇଁ ମହାଜନେ ଗାଁରେ ଘର ତୋଳି ଦିଅନ୍ତି, ବିବାହ କରାଇ ଦିଅନ୍ତି ଏବଂ ପରେ ପରେ 'ତାଲୁକ' କିଣିଦିଅନ୍ତି । ସେଠି ଗୋପାଳଙ୍କ ଏକମାତ୍ର ପୁଅ ରାଜୀବଲୋଚନ ଅବଧାନଙ୍କ ପାଖରେ ପାଠ ପଢ଼ିଥିଲାବେଳେ ତା'ର ଦୁଷ୍ଟାମି ସମ୍ପର୍କରେ ସୂଚନା ଦିଅନ୍ତି ରାଜୀବଙ୍କ ମାଆ । ବାବୁ ଗୋପାଳ ତେଣୁ ରାଜୀବଙ୍କୁ ସାଙ୍ଗରେ କଲିକତା ଆଣି ଇଂରାଜୀ ପାଠ ପଢ଼ାନ୍ତି । ମାତ୍ର ରାଜୀବର ପାଢ଼ପଢ଼ା ପ୍ରତି କୌଣସି ଆଗ୍ରହ ନଥିଲେ ବି ବାବୁ ଗୋପାଳ ତା'ର ସୂଚନା ପାଆନ୍ତି ନାହିଁ । ସନ୍ନିପାତରୋଗରେ ହଠାତ୍ ଗୋପାଳଙ୍କ ମୃତ୍ୟୁ ଗଳ୍ପଟିର ମୋଡ଼ ବଦଳାଇ ଦିଏ । ମହାଜନ ବଳ ରାଜୀବଲୋଚନଙ୍କୁ ଗଦିରେ ବସାଇ ତା'ର ଭବିଷ୍ୟତ ଗଢ଼ିବାକୁ ଚାହିଁଲେ ବି ରାଜୀବ ସେଠି ତା'ର ଅପାରଗତାର ପରିଚୟ ଦିଏ । ଫଳରେ ରାଜୀବଲୋଚନଙ୍କୁ ଗାଁକୁ ପଠାଇଦିଅନ୍ତି ବାବୁ ବଳରାମ । ଗାଁକୁ ଯିବାପରେ ରାଜୀବଙ୍କଠାରେ ଇଂରାଜୀ ଶିକ୍ଷାର ଯେଉଁ କୁପ୍ରଭାବ ଦେଖାଯାଏ ତାହା ତାଙ୍କ ପିତାଙ୍କ ମୃତ୍ୟୁର ଶୁଦ୍ଧିକାର୍ଯ୍ୟଠାରୁ ଆରମ୍ଭ କରି, ଗାଁ ବେକାର ଯୁବକଙ୍କୁ କୁସଂସ୍କାର ଦୂର କରିବାର ଆହ୍ୱାନ ଏବଂ ନିଜର ବିବାହ ପାଇଁ କନ୍ୟା ନିର୍ବାଚନ ଓ ବିବାହ ଆଦି କାର୍ଯ୍ୟରେ ବାରି ହୋଇପଡ଼େ । ଶେଷରେ ପୁଅ-ବୋହୂଙ୍କ ବ୍ୟବହାର ସହି ନପାରି ମାଆ ସାଆନ୍ତାଣୀ ଘର ଛାଡ଼ିଛନ୍ତି, ରାଜୀବଲୋଚନ ତାଙ୍କ ପତ୍ନୀଙ୍କ ସହ ଆସାମ ଚାଲିଯାଇ ଚାକିରି କରିଛନ୍ତି ତାହା ହୋଇଛି ଗଳ୍ପଟିର କଥାବସ୍ତୁ । ଉକ୍ତ ଗଳ୍ପରେ ଗାଳ୍ପିକ ରାଜୀବଲୋଚନଙ୍କ ଚରିତ୍ରମାଧ୍ୟମରେ ନବ୍ୟଶିକ୍ଷିତ ଓ ଇଂରାଜୀ ଶିକ୍ଷାର କୁପରିଣାମକୁ ବ୍ୟଙ୍ଗ କରିଛନ୍ତି ।

□□□

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) କଲିକତା ଆମଦାନି ମାଲ ମଧ୍ୟରେ କିଏ ପ୍ରଧାନ ଥିଲା ?

ସବାଇଘାସ, ଧୂଆଁପତ୍ର, ହଳଦୀପତ୍ର, ତେଜପତ୍ର ।

(୨) ମହାଜନ ବାବୁ ବଳରାମ ବଳଙ୍କର ଘର ଓଡ଼ିଶାର କେଉଁ ଅଞ୍ଚଳରେ ?

ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର ।

(୩) ମହାଜନ ବଳରାମ ଜଣେ ସଉଦାଗରଠାରୁ କେଉଁ ମୋହର କିଣିଥିଲେ ?

କାବୁଲୀ, ଆକବରୀ, ବର୍ଦ୍ଧମାନୀ, ସାହାଜାହାନୀ ।

(୪) ବାବୁ ବଳରାମଙ୍କ ଚାକରର ନାମ କ'ଣ ଥିଲା ?

ଗୋବିନ୍ଦା, ମାଧିଆ, ପଦିଆ, ବିଦିଆ ।

(୫) କେଉଁ ହୁକାରେ ବାବୁ ବଳରାମ ଗୁଡ଼ାଖୁ ପିଅନ୍ତି ?

ରୂପାବନ୍ଧା, ସୁନାବନ୍ଧା, ପିତଳବନ୍ଧା, ତମ୍ବାବନ୍ଧା ।

(୬) କଲିକତାକୁ ଠିକ୍ କେଉଁଖଣି ବୋଲି କୁହାଯାଇଛି ?

ହରିଲୁଟ୍ ଖଣି, ଚୋରାଖଣି, ତଣ୍ଟିକଟା ଖଣି, ଗଣ୍ଠିକଟା ଖଣି ।

(୭) ବାବୁ ବଳରାମ କେବଳ କେଉଁ ବ୍ରାହ୍ମଣ ହାତରୁ ଖାଉଥାନ୍ତି ?

ଓଡ଼ିଆ, ବଙ୍ଗାଳୀ, ବିହାରୀ, କାଶି ।

(୮) ଗୋପାଳର ନାଁ 'ବାବୁ ଗୋପାଳଚନ୍ଦ୍ର ମହାପାତ୍ର' ବୋଲି କିଏ ଲେଖୁଥାଏ ?

ମୋହରୀର, ଗୁମାସ୍ତା, ମୁହୁରୀ, ମେନେଜର।

(୯) ମହାପାତ୍ରେ, ବାବୁ ବଳରାମଙ୍କ ବ୍ୟବସାୟର କେତେ ଅଂଶୀଦାର ଥିଲେ ?

ଚାରିପଣୀ, ଆଠପଣୀ, ଦୁଇପଣୀ, ଛଅପଣୀ।

(୧୦) ଦେବୀ ଓଝା କିଏ ?

ସରପଞ୍ଚ, ୱାର୍ଡ଼ମେମ୍ବର, ଅବଧାନ, ଦୋକାନୀ।

(୧୧) 'କୁସଂସ୍କାର- ବିମର୍ଦ୍ଦିନୀ' ସଭାର ଅଧିବେଶନ କେଉଁଦିନ ହୋଇଥାଏ ?

ରବିବାର, ସୋମବାର, ମଙ୍ଗଳବାର, ଗୁରୁବାର।

(୧୨) ଶନିବାର ଦିନ କେଉଁ ସଭାର ଅଧିବେଶନ ହୋଇଥାଏ ?

ନାରୀ ମଙ୍ଗଳ କାରିଣୀ, ନାରୀ ସଂସ୍କାର ବିବର୍ଦ୍ଧନୀ, ନାରୀ ସଶକ୍ତିକାରିଣୀ, କୁସଂସ୍କାର ବିମର୍ଦ୍ଦିନୀ।

(୧୩) କେଉଁ ବେମାରୀରେ ଗୋପାଳଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା ?

ବସନ୍ତ, ଯକ୍ଷ୍ମା, ସନ୍ନିପାତ, ଝାଡ଼ାବାନ୍ତି।

(୧୪) 'ଗଙ୍ଗାଲାଭ' ବୋଇଲେ କ'ଣ ବୁଝ ?

ବ୍ରତ, ପୁଣ୍ୟ, ସ୍ନାନ, ମୃତ୍ୟୁ।

(୧୫) ଯାହାର ଧନ, ଜ୍ଞାନ ଅଛି, ସେ କ'ଣ କଲେ ତା' ଜୀବନ ଧିକ ହୋଇଯାଏ ବୋଲି ସଭାରେ କୁହାଯାଇଥିଲା ?

ଘରେ ବସି ରହିଲେ, ବ୍ୟବସାୟ କଲେ, ଚାକିରି କଲେ, ବେକାର ହୋଇଗଲେ।

(୧୬) କେଉଁ ନାମ ଶୁଣି 'ନୂଆ ଜମିଦାର'ଙ୍କ ମନ ଭାରି ଖୁସି ହୋଇଥିଲା ?

ସଭା, ସ୍କୁଲ, ଗାଆଁ, ଜମିଦାରୀ।

(୧୭) ତାଲୁକ କିଣାଠାରୁ ରଙ୍ଗାଧର ମହାନ୍ତି କେଉଁ କାମରେ ଥିଲେ ?

ମୁଖ୍ୟ ଗୁମାସ୍ତା, ଛାମୁକରଣ, ଶେଠ ପାଞ୍ଜିଆ, ଗଦି ସରକାର।

(୧୮) ତାଲୁକ ମଧ୍ୟରେ କେଉଁ ଗ୍ରାମଟି ସବୁଠାରୁ ବଡ଼ ଥିଲା ?

ମଦନ ପୁର, ମାନପୁର, ନରଣପୁର, ଶ୍ୟାମପୁର।

(୧୯) 'ନୂଆ ଜମିଦାର'ବାବୁ ଶ୍ୟାମପୁର ଗ୍ରାମରେ କେଉଁ ଲୋକଙ୍କୁ ଖୋଜି ବସିଥିଲେ ?

ଶିକ୍ଷିତ ବେକାର, ଶିକ୍ଷିତ ସମାଜସେବୀ, ଶିକ୍ଷିତ ସମାଜ- ସଂସ୍କାରକ, ଶିକ୍ଷିତ କୁସଂସ୍କାର ବର୍ଜିତ।

(୨୦) ଏ ଦେଶର ଦୁଃଖଦୁର୍ଦ୍ଦଶାର କାରଣ ଲୋଡ଼ିଲେ ତାହା କେଉଁପରି ଜଣାଯିବ ବୋଲି ନୂଆ ଜମିଦାର ବକ୍ତୃତାରେ କହିଥିଲେ ?

ଡାହାଣୀ ଆଲୁଅ, ସଂଜ ଆଲୁଅ, ଆତସବାଜୀ ଆଲୁଅ, ଲଣ୍ଠନ ଆଲୁଅ।

(୨୧) ସୁଶିକ୍ଷିତ ଜମିଦାର ମହୋଦୟଙ୍କ ପ୍ରସ୍ତାବକୁ କିଏ ଦ୍ବିତୀୟ କରିଥିଲେ ?

ଗାହ୍ଲବ ପଟ୍ଟନାୟକ, ବହ୍ଲଭ ରାୟ, ହରିବୋଲ ପଟ୍ଟନାୟକ, ରଙ୍ଗାଧର ମହାନ୍ତି।

(୨୨) 'ନୂଆ ଜମିଦାର'ଙ୍କ ବିବାହ ପାଇଁ କେଉଁଠାରେ କନ୍ୟା ଠିକ୍ ହୋଇଥିଲା ?

କଟକ, କଲିକତା, ବାଲେଶ୍ୱର, ଯାଜପୁର।

(୨୩) କନ୍ୟାପିତା ମକ୍ରା ମଳିକ ଆସାମ ଚା' ବଗିଚାରେ ପଦୋନ୍ନତି ପାଇ ଶେଷରେ କ'ଣ ହୋଇଥିଲା ?

ଖାନସମା, ବବୁର୍ଚି, କୁଲିସର୍ଦ୍ଦାର, ମେନେଜର।

(୨୪) ସାଆନ୍ତାଣୀଙ୍କର ବିଶ୍ୱାସୀ ପୋଇଲି କିଏ ?

ଫୁଲ, କନି, ରାଧୀ, ପଦୀ।

(୨୫) କୁମ୍ଭୀର କ'ଣ ଖୋଜିଥାଏ ବୋଲି କୁହାଯାଇଛି ?

ଲୁଣି ପାଣି, କାଦୁଅ ପାଣି, ଗୋଳିଆ ପାଣି, ପଙ୍କୁଆ ପାଣି।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ଗୋଟିଏ ବାକ୍ୟରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

(୧) କଲିକତା ବଡ଼ବଜାରରେ ବାବୁ ବଳରାମଙ୍କର ପରିଚୟ କ'ଣ ଥିଲା ?

(୨) 'ଦୋକ୍ତା' କାରବାର କାହାସହ ସମାନ ବୋଲି ମହାଜନେ କହିଥା'ନ୍ତି ?

(୩) କଲିକତା ମାଲ୍ ଆମଦାନି ରପ୍ତାନି କେଉଁଥିରେ ହେଉଥିଲା ?

(୪) ବଳରାମ ବଳଙ୍କର ଓଡ଼ିଶାରେ କାହିଁକି ନାମଡ଼ାକ ଥିଲା ?

(୫) କଲିକତାରେ କେତେବେଳେ ତୋପ ପଡ଼େ ବୋଲି କୁହାଯାଇଛି ?

(୬) କପାଳିଆ ଲୋକକୁ କ'ଣ ମିଳିଥାଏ ବୋଲି କୁହାଯାଇଛି ?

(୭) କେଉଁଦିନରୁ ଦିନକୁ ଦିନ ଗୋପାଳର ଘର ବଢୁଥିଲା ?

(୮) କେଉଁ କଥା ଗୋପାଳ ବେଶ୍ ଜାଣିଗଲାଣି ବୋଲି କୁହାଯାଇଛି ?

(୯) ଗୋପାଳ, ବେପାରରେ ବାବୁ ବଳରାମଙ୍କର କ'ଣ ପରି ଥିଲା ?

(୧୦) ଗଦିରେ ଗୋପାଳର ଡାକନାମ କ'ଣ ହୋଇଥିଲା ?

(୧୧) ବେପାରରେ ଲାଭ କେଉଁ ଜାଗାରେ ବୋଲି ମହାପାତ୍ରେ, ମହାଜନ ବଳଙ୍କୁ କହିଛନ୍ତି ?

(୧୨) ଗଦିର କେଉଁସବୁ କଥା ମହାପାତ୍ରଙ୍କ ହାତରେ ଥିଲା ?

(୧୩) 'ବଳେ', ତୁନି ହୋଇ ଗଦିରେ କ'ଣ କରିଥା'ନ୍ତି ବୋଲି କୁହାଯାଇଛି ?

(୧୪) ମହାପାତ୍ରଙ୍କଠାରୁ ଅବଧାନେ କେତେଟଙ୍କା ପୁରସ୍କାର ପାଇଥିଲେ ?

(୧୫) ବଳବାବୁ ମହାଜନ ଗଦି ସାଙ୍ଗରେ କାହାର କାରବାର ଥିଲା ?

(୧୬) ଗଦିର ସରକାର କେଉଁଠାରେ ରାଜୀବବାବୁଙ୍କ ନାମ ଲେଖାଇ ଦେଇ ଆସିଥିଲେ ?

(୧୭) କେଉଁ କଥାଟା କଲିକତାର ନିୟମ ବୋଲି କୁହାଯାଇଛି ?

(୧୮) ପିତାଙ୍କ ମୃତ୍ୟୁରେ କେଉଁ କଥାଟା କୁସଂସ୍କାର ବୋଲି ରାଜୀବଲୋଚନ କହିଛନ୍ତି ?

(୧୯) ଗୋପାଳ ଚନ୍ଦ୍ର ମହାପାତ୍ର ତିଆରି କରିଥିବା ମନ୍ଦିରରେ କେଉଁ ମୂର୍ତ୍ତି ସ୍ଥାପିତ ହୋଇଥିଲା ?

(୨୦) କେଉଁ ସଂସ୍ଥାରୁ ଯେପରି ବ୍ୟବସ୍ଥା ଆସିବ ସେପରି ବିଭା ହେବ ବୋଲି କୁହାଯାଇଛି ?

(୨୧) କଲିକତା ଗୋଟିଏ ବିଚିତ୍ର ଜାଗା ବୋଲି କାହିଁକି କୁହାଯାଇଛି ?

(୨୨) କଲିକତାର ମହାଜନ ସଭ୍ୟ ଜମିଦାରଙ୍କୁ ଦଶ ହଜାର ଟଙ୍କା କରଜ ଦେଇଥିଲେ କିପରି ?

(୨୩) ପୁଅ-ବୋହୂ ହାତ ଧରାଧରି ହୋଇ କୁଆଡ଼େ ବାହାରିଥିବାର କୁହାଯାଇଛି ?

(୨୪) ମା' ସାଆନ୍ତାଣୀ କେଉଁ କଥା ଶୁଣି ଚମକି ପଡ଼ି ଠିଆ ହୋଇଗଲେ ?

(୨୫) ମା' ସାଆନ୍ତାଣୀ ଘରୁ ବାହାରିଯାଇ କେଉଁଠି ରହିଥିବାର ସମ୍ବାଦ ଆସିଥିଲା ?

(୨୬) ବୋହୂ- ସାଆନ୍ତାଣୀଙ୍କୁ କେଉଁ ନାମରେ ଡାକିବାକୁ ଜମିଦାରବାବୁ ଚାହୁଁଥିଲେ ?

(୨୭) ଗୋରୁଗୁହ କେଉଁଠି ଢଳାଯାଇଛି ଶୁଣି ଜମିଦାରବାବୁ ଖପା ହୋଇଥିଲେ ?

(୨୮) ମିଷ୍ଟର ଓ ମିସେସ୍ ମହାପାତ୍ର ଘରେ ଆଉ ରହିପାରିଲେ ନାହିଁ କାହିଁକି ?

(୨୯) ଜମିଦାରବାବୁ ପାଞ୍ଚ ଛ' ବର୍ଷ ପରେ କ'ଣ କରୁଥିବାର ଶୁଣାଯାଇଥିଲା ?

(୩୦) ବୋହୂ- ସାଆନ୍ତାଣୀଙ୍କ ପ୍ରକୃତ ନାମ କ'ଣ ଥିଲା ?

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) ଧୂଆଁପତ୍ର କାରବାର ସଂପର୍କରେ କ'ଣ କୁହାଯାଇଛି ?

(୨) ଗୋପାଳ କିପରି କଲିକତା ଯାଇଥିଲା ?

(୩) କଲିକତା ଗଦିରେ ଗୋପାଳ ପ୍ରଥମେ କିପରି ଥିଲା ?

(୪) ମୋହର ପୋଟଳା ଦେଖି ଗୋପାଳ କ'ଣ କରିଥିଲା ?

(୫) କୁକୁଡ଼ା ଡାକ ଆଗରୁ ଗଦିଆନ ଧାର୍ମିକ ହିନ୍ଦୁ ମହାଜନମାନେ କ'ଣ କରିଥାନ୍ତି ?

(୬) କପାଳିଆ ଲୋକକୁ କ'ଣ ମିଳିଥାଏ ଓ ସେ ଗଲେ କ'ଣ ହୋଇଥାଏ ?

(୭) ରୋଷେଇଆ ବ୍ରାହ୍ମଣ ସଂପର୍କରେ କ'ଣ କୁହାଯାଇଛି ?

(୮) ଗୋପାଳ କେମିତି ରାନ୍ଧି ଶିଖିଥିଲା ବୋଲି କହିଛି ?

(୯) ବାବୁ ବଳରାମ ଗାଁକୁ ଯାଇ ପ୍ରଥମେ ଗୋପାଳ ପାଇଁ କ'ଣ କରିଥିଲେ ?

(୧୦) ରନ୍ଧାବଢ଼ା ସାରି ଗୋପାଳ ଗଦିରେ କ'ଣ କରିଥାଏ ?

(୧୧) ଦିନ ବେଳ ଉଣ୍ଡି ମହାଜନ ବଳଙ୍କୁ ମହାପାତ୍ରେ କ'ଣ ଜଣାଇଥିଲେ ?

(୧୨) ସାନବାବୁଙ୍କ ସଂପର୍କରେ ଅବଧାନେ ମହାପାତ୍ରଙ୍କୁ କ'ଣ କହିଛନ୍ତି ?

(୧୩) ରାଜୀବ ସମ୍ପର୍କରେ ସାଆନ୍ତାଣୀ ସାଆନ୍ତଙ୍କୁ କ'ଣ କହିଛନ୍ତି ?

(୧୪) ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ ତାଙ୍କର କ'ଣ ଅସୁବିଧା ହୋଇଥାଏ ?

(୧୫) ବାବୁ ରାଜୀବ କେଉଁ ବିଷୟରେ ପକ୍‌କା ହୋଇଗଲେଣି ବୋଲି କୁହାଯାଇଛି ?

(୧୬) କେଉଁଦିନ ହୋଟେଲ ବାଲାର ବେଶ୍ ଆୟ ହୋଇଥାଏ ?

(୧୭) ରାଜୀବଙ୍କ କେଉଁ ଇଚ୍ଛା ମହାଜନ ବଳବାବୁ ସଫଳ କରି ନଥିଲେ ?

(୧୮) ପାଞ୍ଜିଆ ଗୁମାସ୍ତା ପ୍ରଜାପାଟକମାନେ ନୂଆ ଜମିଦାରଙ୍କ ପାଇଁ କ'ଣ କରିଥିଲେ ?

(୧୯) ଶାମପୁର ଗାଁ ଲୋକ ଓ ଗ୍ରାମ ପିଲାଙ୍କର ଗୋପାଳବାବୁ କି ଉପକାର କରିଥିଲେ ?

(୨୦) ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ କ'ଣ ଘଟିଥିଲା ?

(୨୧) ହରିବୋଲବାବୁ କେଉଁ ଦୁଇଟି ସଭାର ସଂପାଦକ ଥିଲେ ଓ କାହିଁକି ?

(୨୨) ସଭାକାର୍ଯ୍ୟ ଶେଷହେବାକୁ ଅଧିକ ରାତ୍ରି ହୋଇଗଲେ ସଭ୍ୟମାନେ କ'ଣ କରିଥା'ନ୍ତି ?

(୨୩) ପଟ୍ଟନାୟକଙ୍କୁ କାହିଁକି ବରଖାସ୍ତ କରାଯାଇଥିଲା ?

(୨୪) ନୂଆ ଜମିଦାରଙ୍କ ମଙ୍ଗଳକୃତ୍ୟ ସଂପର୍କରେ ପଟ୍ଟନାୟକ ସାଆନ୍ତାଣୀଙ୍କୁ କ'ଣ କହିଛନ୍ତି ?

(୨୫) ପଟ୍ଟନାୟକ ନୂଆ ଜମିଦାରଙ୍କ ବିବାହ ବିଷୟରେ ଆଉ କିଛି କହିଲେ ନାହିଁ କାହିଁକି ?

(୨୬) କନ୍ୟାଟିର ନାମ କ'ଣ ଥିଲା ଏବଂ ବାବୁ ରାଜୀବ ସେଠି ପ୍ରତ୍ୟକ୍ଷରେ କ'ଣ ଦେଖିଲେ ?

(୨୭) ନୟନତାରା- ଦୁଃଖପାଶୋରାର ବିବାହ ପାଇଁ ତା'ର ବାପା- ମା' କେଉଁ ଅସୁବିଧାରେ ପଡ଼ିଥିଲେ ?

(୨୮) ପୁଅ-ବୋହୂ ସାକ୍ଷାତ କରିବାକୁ ଗଲାବେଳେ ମା' ସାଆନ୍ତାଣୀ କ'ଣ କରୁଥିଲେ ?

(୨୯) 'ଲେଡ଼ିକୁ ଇନ୍‌ସଲ୍‌ଟ' ବୋଲି ନୂଆ ଜମିଦାର କାହିଁକି କହିଥିଲେ ?

(୩୦) ନୂଆ ଜମିଦାରଙ୍କର ଶୋଇବାକୁ ବେଳ ନଥିଲା କାହିଁକି ?

(୩୧) ମିସେସ୍ ମହାପାତ୍ର କେଉଁ କଥାରେ ହସିପକାଇ ବଡ଼ ଖୁସି ହୋଇଥା'ନ୍ତି ?

(୩୨) ପୋଇଲୀ ପଦୀ କାହିଁକି ଭାରି ପାଟିଟାଏ କରିଥିଲା ?

(୩୩) ସଭାର ସଭ୍ୟମାନେ ଆଉ ମିଷ୍ଟର ଓ ମିସେସ୍ ମହାପାତ୍ରଙ୍କ ନିକଟକୁ ଆସିଲେ ନାହିଁ କାହିଁକି ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ।**

(୧) କଲିକତି ଧୂଆଁପତ୍ରର ନାମ ବାଲେଶ୍ୱରୀ ବୋଲି କାହିଁକି କୁହାଯାଉଥିଲା ?

(୨) ଗୋପାଳ କିପରି ମହାଜନ ବଳରାମଙ୍କ କଲିକତା ଗଦିରେ ପହଞ୍ଚିଥିଲା ?

(୩) କେଉଁ କଥାକୁ ହେଜ ନ ଥାଇ ବାବୁ ବଳରାମ ଗଦି ବନ୍ଦକରି ଉଠିଯାଇଥିଲେ ?

(୪) କେଉଁକଥା କଲିକତାର ସବୁ ଗଦିର ଦସ୍ତୁର ବୋଲି କୁହାଯାଇଛି ?

(୫) ବାବୁ ବଳରାମ କାହିଁକି ଗୋପାଳକୁ ଦଣ୍ଡେ ଯାଏ ଅନାଇଥିଲେ ?

(୬) ଗୋପାଳ ପ୍ରତି ବାବୁ ବଳରାମଙ୍କ ଶ୍ରଦ୍ଧା ସଂପର୍କରେ କ'ଣ କୁହାଯାଇଛି ?

(୭) କେଉଁ ପରିସ୍ଥିତିରେ ଗୋପାଳ ରନ୍ଧାବଢ଼ା ଦାୟିତ୍ୱ ନେଇଥିଲା ?

(୮) ବେପାରରେ ଗୋପାଳ କିପରି, ବାବୁ ବଳରାମଙ୍କ ଡାହାଣ ହାତ ହୋଇଥିଲା ?

(୯) ବାବୁ ଗୋପାଳଚନ୍ଦ୍ର ମହାପାତ୍ର କେଉଁ କଥାସବୁ ସନ୍ଧାନ କରି ବୁଝିଥିଲେ ?

(୧୦) ମହାଜନଙ୍କ ଅନୁମତି ଘେନି ସାନବାବୁ ଗୋପାଳଚନ୍ଦ୍ର କ'ଣ କରିଥିଲେ ?

(୧୧) "ବଳେ ଏବେ ତୁନି ହୋଇ ଗଦିରେ ମାଳା ଗଡ଼ାଉଥାନ୍ତି"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୧୨) ରାଜୀବଙ୍କ ସଂପର୍କରେ ଅସଲ କଥାଟି କ'ଣ ଥିଲା ?

(୧୩) ବାପ-ପୁଅ ଦୁହିଁଙ୍କ ମନ କାହିଁକି ଖୁସି ହୋଇଥିଲା ?

(୧୪) ବାବୁ ରାଜୀବଙ୍କ ଇଂରାଜୀ ପାଠପଢ଼ାର ପରବର୍ତ୍ତୀ ଘଟଣା କ'ଣ ଥିଲା ?

(୧୫) ପିତାଙ୍କ ମୃତ୍ୟୁରେ ରାଜୀବଲୋଚନ କ'ଣ କହିଥିଲେ ?

(୧୬) ମହାଜନ ବଳବାବୁ ରାଜୀବଙ୍କ ଭବିଷ୍ୟତ ପାଇଁ କ'ଣ ଚିନ୍ତା କରିଥିଲେ ?

(୧୭) ବାବୁ ରାଜୀବ ଗଦିରେ ବସିବାର ପରିଣତି କ'ଣ ହୋଇଥିଲା ?

(୧୮) ବାବୁ ରାଜୀବଙ୍କ ମନରେ କେଉଁ କଥାଟା ଲାଖି ଯାଇଥିଲା ?

(୧୯) ରଙ୍ଗାଧର ମହାନ୍ତିଙ୍କ ସଂପର୍କରେ କ'ଣ କୁହାଯାଇଛି ?

(୨୦) ନୂଆ ଜମିଦାରଙ୍କ ଆହ୍ୱାନରେ ଶାମପୁର ଗ୍ରାମରେ କ'ଣ ଘଟିଥିଲା ?

(୨୧) ନୂଆ ଜମିଦାରଙ୍କ ଆଦ୍ୟ ବକ୍ତୃତାର ସାରମର୍ମ କ'ଣ ଥିଲା ?

(୨୨) ବାବୁ ହରିବୋଲ କାହିଁକି ଚାକିରି ଛାଡ଼ି ଦେଇଥିଲେ ?

(୨୩) ହରିବୋଲ ବାବୁ କାହାର ସଂପାଦକ ହୋଇଥିଲେ ଓ ତାଙ୍କ ଦାୟିତ୍ୱରେ ସଭାକାର୍ଯ୍ୟ କିପରି ଚାଲିଥିଲା ?

(୨୪) ପଟ୍ଟନାୟକଙ୍କୁ ମା- ସାଆନ୍ତାଣୀ ନୂଆ ଜମିଦାରଙ୍କ ସମ୍ପର୍କରେ କ'ଣ କହିଥିଲେ ?

(୨୫) ହରିବୋଲବାବୁ ଉଭୟ ସଭା ଓ ଜମିଦାରୀ କାର୍ଯ୍ୟ କିପରି ତୁଲାଇଥିଲେ ?

(୨୬) ମା-ସାଆନ୍ତାଣୀଙ୍କ ଦିନ କିପରି କଟୁଥିଲା ?

(୨୭) 'ଦେଶୀକନ୍ୟା'ଙ୍କ ସମ୍ପର୍କରେ ରାଜୀବଲୋଚନ ପଟ୍ଟନାୟକଙ୍କୁ କ'ଣ କହିଥିଲେ ?

(୨୮) ବରଯାତ୍ରୀ ଓ ରୋଶନି ସଂପର୍କରେ ନୂଆ ଜମିଦାର ପଟ୍ଟନାୟକଙ୍କୁ କି ଉତ୍ତର ଦେଇଥିଲେ ?

(୨୯) ଖିଦିରପୁର ଗାର୍ଡ଼ନ ରିଚ୍‌ରେ ବିଭାଘରର ପ୍ରସ୍ତୁତି କିପରି ଥିଲା ?

(୩୦) କେଉଁ କଥାରେ କନ୍ୟାର ବାପା ମା' କିଛି କରିପାରୁ ନଥିଲେ ?

(୩୧) କନ୍ୟାର ବାପା ମାଙ୍କ ସଂପର୍କରେ ଲେଖକ କି ପରିଚୟ ପାଇଥିଲେ ?

(୩୨) କନ୍ୟାଟିର ପାଠପଢ଼ା ସମ୍ପର୍କରେ କ'ଣ କୁହାଯାଇଛି ?

(୩୩) ମେନେଜର ହରିବୋଲବାବୁ ଖର୍ଚ୍ଚ ଟଙ୍କାର ହିସାବ ଦେଇପାରିନଥିଲେ କାହିଁକି ?

(୩୪) ଶାଶୁ-ବୋହୂଙ୍କର ପ୍ରଥମ ଦେଖା କିପରି ଥିଲା ?

(୩୫) ମିସେସ୍ ମହାପାତ୍ରଙ୍କ କେଉଁ କଥାରେ ଦାସୀ ପଦୀ ଏହାମୁହାଁ ହୋଇ ଚାଲିଯାଇଥିଲା ?

(୩୬) ମିସେସ୍ ମହାପାତ୍ର ବବୁର୍ଚ୍ଚିଖାନାରେ କ'ଣସବୁ କରିଥିଲେ ?

**(ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୦୫ ନମ୍ବର ।**

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ ।**

(୧) ପଠିତ ଗଳ୍ପରୁ ବାବୁ ବଳରାମ ବଳଙ୍କର ଧୂଆଁପତ୍ର ବ୍ୟବସାୟ ସମ୍ପର୍କରେ ଉଲ୍ଲେଖ କର ।

(୨) 'ସଭ୍ୟ ଜମିଦାର' ଗଳ୍ପ ଆଧାରରେ ଗୋପାଳର ଚରିତ୍ର ଚିତ୍ରଣ କର ।

(୩) ପଠିତ ଗଳ୍ପ ଅବଲମ୍ବନରେ ରାଜୀବଲୋଚନଙ୍କ ଉତ୍ଥାନ ଓ ପତନର ଚିତ୍ର ଦିଅ ।

(୪) ସଭ୍ୟ ଜମିଦାର ଗଳ୍ପରୁ ହରିବୋଲ ବାବୁଙ୍କ ଚରିତ୍ର ଚିତ୍ରଣ କର ।

(୫) ନୂଆ ଜମିଦାରଙ୍କ ବିବାହ ସମ୍ପର୍କରେ କ'ଣ କୁହାଯାଇଛି- ଉଲ୍ଲେଖ କର ।

(୬) ନୟନତାରା- ଦୁଃଖପାଶୋରାଙ୍କ ଭୂମିକା 'ସଭ୍ୟ ଜମିଦାର' ଗଳ୍ପଟିକୁ କିପରି ବ୍ୟଙ୍ଗାତ୍ମକ କରିପାରିଛି- ଉଲ୍ଲେଖ କର।

(୭) 'ସଭ୍ୟ ଜମିଦାର' ଗଳ୍ପ ଅବଲମ୍ବନରେ ମା' ସାଆନ୍ତାଣୀଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ଦର୍ଶାଅ।

(୮) ଏକ ବ୍ୟଙ୍ଗାତ୍ମକ ଗଳ୍ପ ଭାବରେ 'ସଭ୍ୟ ଜମିଦାର' ଗଳ୍ପର ମୂଲ୍ୟାଙ୍କନ କର।

(୯) 'ସଭ୍ୟ ଜମିଦାର' ଗଳ୍ପରୁ ଇଂରାଜୀ ଶିକ୍ଷାର କୁପ୍ରଭାବ ଉପରେ ଆଲୋକପାତ କର।

❑❑❑

# ପତାକା ଉତ୍ତୋଳନ

## ସୁରେନ୍ଦ୍ର ମହାନ୍ତି

•

୧୪, ଅଗଷ୍ଟ ୧୯୪୭..........

ରାୟବାହାଦୁର ଶ୍ରୀ ସୋମନାଥ ମହାପାତ୍ର ଆଇ:ପି:(ରିଟାୟାର୍ଡ୍) ସି: ବି: ଇ: ଓ: ବି: ଇ: କେ: ସି: ଆଇ: ଇ: ଇତ୍ୟାଦିଙ୍କ ଆଖିରେ ଛାଇନିଦ ଲାଗିଆସିଥିଲା ।

ରାତି ସେତେବେଳକୁ ବାରଟା ପାଖାପାଖି । ହଠାତ୍ ଶଙ୍ଖ, ଘଣ୍ଟ, ହୁଳହୁଳି ଓ ତୋପ ପ୍ରଭୃତି ମିଳିତର ଐକ୍ୟତାନରେ ତାଙ୍କର ଛାଇନିଦ ଭାଙ୍ଗିଗଲା । ଆଖି ମଳିମଳି ସେ ବିଛଣା ଉପରେ ଉଠି ବସିଲେ । ରାତିର ଶାନ୍ତ ନିରବ ମୁହୂର୍ତ୍ତ "ଜୟ ସ୍ୱାଧୀନ ଭାରତ କି ଜୟ" ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇ ଉଠିଲା ।

ରାୟବାହାଦୁର ବିଛଣା ଛାଡ଼ି ଉଠିଲେ । ବାହାରେ ଜୟନାଦ କ୍ରମେ ବଢୁଥିଲା ! ରାୟବାହାଦୁର ଗୋଟିଗୋଟି କରି ଘରର ଝରକା କବାଟ ସବୁ ବନ୍ଦ କରିଦେଲେ ।

ତାହା ଯେପରି ଏକ ସୂତୀକ୍ଷ୍ଣ ଶଳାକା ରୂପେ ତାଙ୍କୁ ବିଦ୍ଧ କରୁଥିଲା ତାହା ଯେପରି ତାଙ୍କର ଚରମ ପରାଜୟର ଦୁଃସହ ଘୋଷଣା ।

ଝରକା କବାଟ ବନ୍ଦ କରି ସେ ସ୍ୱର୍ଦ୍ଧିତ ଜୟନାଦକୁ କିନ୍ତୁ ରୁଦ୍ଧ କରି ହୁଏନା । ରାୟବାହାଦୂର ଦୁଇ କାନରେ ଦୁଇଟି ଆଙ୍ଗୁଠି ଚାପି ଧରିଲେ । ତଥାପି ସେଥିରୁ ନିଷ୍କୃତି ନଥିଲା । ବନ୍ଧୁକ ଗୁଳି ପରି ସେ ଜୟଧ୍ୱନି ଯେପରି ବୃଦ୍ଧ ରାୟବାହାଦୁରଙ୍କର ପ୍ରତ୍ୟେକ ଜୀର୍ଣ୍ଣ ଅସ୍ଥି ଖଣ୍ଡ ଚୂର୍ଣ୍ଣ କରି ଦେଉଥିଲା ।

ରାୟବାହାଦୁର କ୍ଷିପ୍ର ପରି ଘରର ଝରକା କବାଟ ଗୁଡ଼ାକ ପୁଣି ଖୋଲିଦେଲେ । ବାହାରର କୋଳାହଳ ଝଡ଼ ପରି ଘର ଭିତରର ପ୍ରତ୍ୟେକ ସ୍ତବ୍ଧ ଅନ୍ଧକାର କୋଣ ଥରାଇ ଦେଇଗଲା ।

ରାୟବାହାଦୁର ଝରକା ବାଟେ ତଳର ରାସ୍ତାକୁ ଚାହିଁଲେ । ରାସ୍ତାରେ ଜୟଧ୍ୱନି କରି ଚାଲିଥିଲା ଏକ ବିରାଟ ପଟୁଆର, ସ୍ୱାଧୀନ ଭାରତର ତ୍ରିରଙ୍ଗ ପତାକା ଧରି ।

ପଟୁଆରର ଅଗ୍ରଣୀ, ତାଙ୍କର ପରଲୋକଗତ ଜ୍ୟେଷ୍ଠପୁତ୍ରର ଏକମାତ୍ର ପୁତ୍ର ବିଜୟ । ହାତରେ ତା'ର ସ୍ୱାଧୀନ ଭାରତର ଏକ ପ୍ରକାଣ୍ଡ ତ୍ରିରଙ୍ଗୀ ଝଣ୍ଡା...ଉନ୍ମତ୍ତ ପରି ସେ ଜୟଧ୍ୱନି ଦେଉଥିଲା... ଜୟ ସ୍ୱାଧୀନ ଭାରତ କି...ବଜ୍ର ନିର୍ଘୋଷ ପରି ପହଳି ଫେରୁଥିଲା...ଜୟ !

ରାୟବାହାଦୁର ଝରକା ପାଖରୁ ଚାଲିଆସି କାନ୍ଥରେ ସୁଇଚ୍ ମାରି ଆଲୁଅ ଜଳାଇଲେ । ତା'ପରେ ତକିଆ ତଳୁ ଗୋଟାଏ ଚାବି ଲେନ୍ଥା କାଢ଼ି ଘରର ଗୋଟିଏ କୋଣରେ ଡ୍ରୟରଚେଷ୍ଟର ଗୋଟାଏ ଡ୍ରୟର ଫିଟାଇଲେ । ଏଇ ଡ୍ରୟରଚେଷ୍ଟଟି ତାଙ୍କର ଏକାନ୍ତ ନିଜସ୍ୱ । ଏହାର ଚାବି ସେ ଭୁଲରେ ସୁଦ୍ଧା କାହା ହାତରେ ଦେଇ ନ ଥିଲେ କେବେ !

ରାୟବାହାଦୁର ଡ୍ରୟର ଭିତରୁ କାଢ଼ିଲେ ପରଲୋକଗତ ଅରୁଣର ଖଣ୍ଡେ ବହୁଦିନର ଫଟୋଗ୍ରାଫ । ଗୋଟିଏ ଭେଲଭେଟ୍ ବାକ୍ସରେ ଅତି ଯତ୍ନରେ ସୁରକ୍ଷିତ ଥିଲା ସେ ଫଟୋ ଖଣ୍ଡିକ ।

ଅରୁଣର ସେଇ ପ୍ରତିଭାଦୀପ୍ତ, ଆଦର୍ଶୋଜ୍ଜ୍ୱଳ ଚେହେରା ! ପରିଧାନରେ ଅସହଯୋଗକାରୀ ସତ୍ୟାଗ୍ରହୀର ପରିଚ୍ଛଦ ।

ହଠାତ୍ ମନେହେଲା, ବିଦ୍ୟୁତର ଆଘାତରେ ରାୟବାହାଦୁର ଯେପରି ଟଳି ପଡ଼ିବେ । ତାଙ୍କର କମ୍ପିତ ହାତରୁ ସେ ଫଟୋଟି ତଳେ ଖସି ପଡ଼ିଲା ।

ମୁହୂର୍ତ୍ତକ ଭିତରେ ପ୍ରକୃତିସ୍ଥ ହୋଇ ରାୟବାହାଦୁର ଫଟୋଟି ତଳୁ ଉଠାଇ ନେଇ ପୁଣି ସେ ଭେଲ୍‌ଭେଟ ବାକ୍‌ସ ଭିତରେ ବନ୍ଦ କରି ରଖିଦେଲେ ।

ତା'ପରେ ସେହି ଡ୍ରୟର ଭିତରୁ କାଢ଼ିଲେ ଗୁଡ଼ାଏ ମେଡ଼ାଲ ଆଉ ସନନ୍ଦପତ୍ର । ସନନ୍ଦପତ୍ର ଗୁଡ଼ିକ ଉପରେ ଇତିମଧ୍ୟରେ ଗୋଟାଏ ହଳଦିଆ ଆସ୍ତରଣ ମାଡ଼ିଗଲାଣି । ରାୟବାହାଦୁର ମୂକ ପରି ଚାହିଁ ରହିଲେ, ଏକଦା ବିଜୟୋଜ୍ଜ୍ୱଳ ଅତୀତର ସେହି ପ୍ରାଣହୀନ ସ୍ମାରକୀଗୁଡ଼ିକୁ ।

ଗୋଟିଏ ସନନ୍ଦ ରାୟବାହାଦୁର କମ୍ପିତ ହାତରେ ଧରି ପଢ଼ିବାକୁ ଆରମ୍ଭ କଲେ ।

୧୯୨୩ ସାଲରେ ଖୋଦ୍ ବ୍ରିଟିଶ ସମ୍ରାଟଙ୍କ ଦ୍ୱାରା ସେ ସନନ୍ଦଟି ପ୍ରଦତ୍ତ ହୋଇଥିଲା କୌଣସି ଏକ ଦରବାର ଉପଲକ୍ଷରେ । ସେଥିରେ ଲେଖାଥିଲା...

"ବ୍ରିଟିଶ ସିଂହାସନ ପ୍ରତି ଆପଣଙ୍କର ନିଷ୍ଠା ଏବଂ ଅନୁରକ୍ତି ମହାମହିମ ବ୍ରିଟିଶ ସମ୍ରାଟଙ୍କୁ ମୁଗ୍ଧ କରିଛି । ବ୍ରିଟିଶ ସିଂହାସନ ପ୍ରତି ଏ ଅତୁଳନୀୟ ଅନୁରକ୍ତି ପାଇଁ ଆପଣ ନିଜର......"

ରାୟବାହାଦୁରଙ୍କ ଦୁଇ ଆଖି ଆଗରେ କିଏ ହଠାତ୍ ଯେମିତି ଟାଣି ଦେଇଗଲା କୁହୁଡ଼ିର ଗୋଟାଏ ପର୍ଦ୍ଦା । ହାତରୁ ତାଙ୍କର ସେ ସନନ୍ଦପତ୍ରଟା ଖସିପଡ଼ିଲା ।

ସେ ଆଜିକି ପଚିଶ ବର୍ଷ ତଳେ....

ଚଉରୀଚଉରା ବିପ୍ଲବ ପରେ ଭାରତରେ ମନ୍ଥର ଜାତୀୟ ଆନ୍ଦୋଳନର ଜଡ଼ ନାଡିକାରେ ଜାଗିଥିଲା ଏକ ନୂତନ ସ୍ପନ୍ଦନ । ସନ୍ତ୍ରାସବାଦ ସେଦିନ ଭାରତର ଜାତୀୟ ଆନ୍ଦୋଳନରେ ଆଣି ଦେଇଥିଲା ଏକ ନୂତନ ଆଭିମୁଖ୍ୟ ।

ସେତେବେଳକୁ ପୁଲିସ ବିଭାଗରେ ସେ ଜଣେ ଅସ୍ଥାୟୀ ସବ୍‌ଇନ୍‌ସପେକ୍ଟର ମାତ୍ର ।

"ବନ୍ଦେ ମାତରମ୍।

ସୁଜଳାଂ ସୁଫଳାଂ ମଳୟଜ ଶୀତଳାମ୍, ବନ୍ଦେ..."

ରାୟବାହାଦୁର ଚମକି ପଡ଼ିଲେ।

ଅରୁ କଣ୍ଠରେ "ବନ୍ଦେ ମାତରମ୍" ସଙ୍ଗୀତର ଆବୃତ୍ତି ଠିକ୍ ଏହିପରି ଶୁଭୁଥିଲା।

ରାୟବାହାଦୁର ଛୁଟିଗଲେ ଖୋଲା ଝରକା ପାଖକୁ। କ୍ରମେ "ବନ୍ଦେମାତରମ୍"ର ଐକ୍ୟତାନ ଗାନ ଅସ୍ପଷ୍ଟରୁ ଅସ୍ପଷ୍ଟତର ହୋଇ ଆସୁଥିଲା।

ତା'ପରେ..........

"ଅରୁଣ ! ତମେ ଅନ୍ୟାୟ କରୁଛ। ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ତମର ଏ ଦ୍ରୋହାଚାର କେବଳ ଅନ୍ୟାୟ ନୁହେଁ......"

"ମୋତେ କ୍ଷମା କରନ୍ତୁ। ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି। ଭାରତର ପବିତ୍ରତମ ଦାବି। ଆପଣ କ'ଣ ଭାରତୀୟ ନୁହନ୍ତି ବାପା ? ନାଁ ବ୍ରିଟିଶ ସରକାରର ଗୋଲାମି ଆପଣଙ୍କ ଦେହରୁ..."

"ଅରୁଣ !"

ଚିତ୍କାର କରି ଉଠିଥିଲେ ସେ ଦିନ ଭାବି ଆଇ:ପି: ବାହାଦୁର ସି: ବି: ଇ: ଓ: ବି: ଇ: କେ: ସି: ଆଇ: ଇ:-

"ଅରୁଣ, ଏ ମୋର ଆଦେଶ !"

"ଅନ୍ୟାୟ ଆଦେଶ ମୁଁ ସ୍ୱୀକାର କରିବି ନାହିଁ କେବେ।"

ରାୟବାହାଦୁର କ୍ଷିପ୍ତ ପରି ଚାବୁକରେ ଆଘାତ କଲେ ଅରୁଣକୁ।

ଅରୁଣ ତଥାପି ଅବିଚଳିତ କଣ୍ଠରେ ଜବାବ ଦେଇଥିଲା... "ଆପଣ ଅନ୍ୟାୟ କରୁଛନ୍ତି ବାପା !"

ରାୟବାହାଦୁରଙ୍କ ସ୍ତ୍ରୀ ହେମମାଳିନୀ, ରନ୍ଧାଘର ଭିତରୁ ଦଉଡ଼ି ବାପ ପୁଅଙ୍କ ମଝିରେ ଠିଆହୋଇ ଅନୁଯୋଗର ସ୍ୱରରେ କହିଲେ .... "ଏ କ'ଣ କରୁଚ ତମେ ?

ରାୟବାହାଦୁର ଚିତ୍କାର କରି ଉଠିଥିଲେ... "ଏଠୁ ଯାଅ ତମେ । ବାହାରର କଥା ନେଇ ମୁଣ୍ଡ ଖେଳେଇବାରେ ତମର କିଛି ଦରକାର ନାହିଁ। ଯାହାର ଦାନା ଖାଇ ମୁଁ ମଣିଷ, ତା'ର ନିମକହାରାମି ଅସମ୍ଭବ ।"

ଅରୁଣ ପଚାରିଲା... "କାହାର ଦାନା, କାହାର ପାଣି ପବନରେ ମଣିଷ ହୋଇଛନ୍ତି ଆପଣ ? ଭାରତର, ଏଇ ଗୋଲାମ-ଭାରତର, ସ୍ୱାଧୀନତା ଯାହାର ଦାବି !"

ରାୟବାହାଦୁର ଆଦେଶ ଦେଇଥିଲେ... "ଏଇ ମୁହୂର୍ତ୍ତରେ ଏ ଘରୁ ତମେ ବାହାରି ଯାଅ ଅରୁଣ ! ତମେ ଆଜିଠାରୁ ମୋର ତେଜ୍ୟପୁତ୍ର" !

ଅରୁଣ ସେଇଦିନୁ ଯାଇଛି । ଆଉ ଭୁଲରେ କେବେ ଫେରିନି ସୁଦ୍ଧା !

ବାହାରେ କୋଳାହଳ ମୁହୂର୍ତ୍ତକ ପାଇଁ ବନ୍ଦ ହୋଇଯାଇଥିଲା । ରାତିର ଲକ୍ଷ ଝିଙ୍କାରି କଣ୍ଠରେ ସେଇ ଏକଟଣା ଝିଁ ଝିଁ ସୁରରେ ରାତିର ନିରବ ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇ ଉଠିଥିଲା ।

ରାୟବାହାଦୁର ଉତ୍କର୍ଣ୍ଣ ହୋଇ ଶୁଣୁଥିଲେ । ଅନେକ ରାତିରେ ଏମିତି ଶୁଣନ୍ତି, କେବେ କେବେ ଅଧରାତିରେ ଯଦି ନିଦ ଭାଙ୍ଗିଯାଏ ।

କୋଉଠି କିଏ ଯେପରି କାନ୍ଦୁଥିଲା, ସଦ୍ୟ ବିଧବାର ବୁକୁଚିରା ସେ କାନ୍ଦ । ତାଙ୍କର ପୁତ୍ରବଧୂ ଅପର୍ଣ୍ଣା ବି ଏମିତି ଦିନେ କାନ୍ଦିଥିଲା ।

ପୁଲିସ ସାହେବର ହୁକୁମ... "ଦେଖ ମହାପାତ୍ର। ତମେ ଭାରି ପାରିଲାର ଲୋକ। ଅନେକ ବଡ଼ ବଡ଼ କଥା ତମେ ଚଳେଇ ନେଇଛ। ଆଜି ଏକ ବିରାଟ ଜନତା ଆସୁଛି ସହରର ଥାନା କଚିରି ସବୁ ଆକ୍ରମଣ କରିବା ପାଇଁ। ସେମାନଙ୍କୁ ମୁକାବିଲା କରିବାର ଦାୟିତ୍ୱ ତମର।"

ରାୟବାହାଦୁର ନାଟକୀୟ ଭଙ୍ଗୀରେ କୁର୍ଣ୍ଣିସ ଜଣାଇଥିଲେ।

ପୁଲିସ ଥାନା ଆଗରେ ବିରାଟ ଜନତା। ସମସ୍ତେ ନିରସ୍ତ୍ର। ସାମନାରେ ସେମାନଙ୍କର ସଶସ୍ତ୍ର ପୁଲିସବାହିନୀ। ବନ୍ଧୁକର ବେୟୋନେଟ୍‌ରେ ଖରାପଡ଼ି ଚକ୍ ଚକ୍ କରୁଛି।

ରାୟବାହାଦୁର କ୍ଷିପ୍ତ ପରି ଚିତ୍କାର କରୁଥିଲେ... "ହଟୋ ହଟୋ ! ଶାଲେ ଲୋକ !"

ଜନତା କୁହାଟୁଥିଲା... "ବନ୍ଦେ ମାତରମ୍ !"

ଲାଠି ଚାର୍ଜର ହୁକୁମ ଆସିଲା।

ତଥାପି ଜନତା ପୃଷ୍ଠଭଙ୍ଗ ଦିଏନା।

ବିଶୃଙ୍ଖଳ ଜନତା ଭିତରୁ ହଠାତ୍ ଅରୁଣ କୁଆଡୁ ଆସି ଚିତ୍କାର କରି ଉଠିଲା... "ଏ ଲାଠି ମାଡ଼ ଅନ୍ୟାୟ କିନ୍ତୁ ଆତ୍ମରକ୍ଷା ଅନ୍ୟାୟ ନୁହେଁ। ବନ୍ଦେ ମାତରମ୍..."

ଝଞ୍ଜାକ୍ରାନ୍ତ ସମୁଦ୍ର ପରି ମୁହୂର୍ତ୍ତକ ଭିତରେ ଜନତା ଭୀଷଣ ଓ ଭୟଙ୍କର ହୋଇଉଠିଲା।

ସୋମନାଥ ହାତରୁ ପିସ୍ତଲ ଉପରକୁ ଉଠାଇଲେ। ପିତା ପୁତ୍ରର ଶେଷ ସାକ୍ଷାତ୍... ବହୁଦିନ ପରେ !

ଅରୁଣ ଅବିଚଳିତ କଣ୍ଠରେ ନିର୍ଦ୍ଦେଶ ଦେଲା... "ଭୟ ନାହିଁ। ଭୟ ନାହିଁ ଭାଇମାନେ ! ଶ୍ରୀରାମଚନ୍ଦ୍ର କମଳନୟନର ନୀଳୋତ୍ପଳରେ ଦେବୀ ଆରାଧନା କରିଥିଲେ ! ଆମର..."

ଜନତାର କୁହାଟରେ ଶତସିଂହ ଯେପରି ଗର୍ଜନ କରି ଉଠିଲା। କେତେଜଣ ଏହା ଭିତରେ ଯାଇଁ ଫ୍ଲାଗଷ୍ଟାଫ୍ ଭାଙ୍ଗି ତା' ଉପରେ ଉଡୁଥିବା ୟୁନିୟନ ଜାକ୍‌କୁ ଚିରି ଦେଇ ସାରିଥିଲେ।

ସୋମନାଥଙ୍କ ହାତରେ ପିସ୍ତଲ ଫୁଟିଲା।

ହାୟ ଭଗବାନ !

ସେ ଚାହିଁଥିଲେ ସିନା ଖାଲି ଫାଙ୍କା ଆବାଜ କରିବାକୁ।

କିନ୍ତୁ...କିନ୍ତୁ... ଅରୁଣର ରକ୍ତାକ୍ତ ଶବ ତଳେ ଖସି ପଡ଼ିଲା।

"ସାବାସ ମହାପାତ୍ର ! ବ୍ରିଟିଶ ସମ୍ରାଟ ଏ ଅତୁଳନୀୟ କର୍ତ୍ତବ୍ୟ ନିଷ୍ଠାର ମହତ୍ତ୍ୱକୁ ଯଥାଯୋଗ୍ୟ ପୁରସ୍କୃତ କରିବେ।"

ସେଦିନ ରାତିରେ ଅପର୍ଣ୍ଣାର ହାତରୁ କାଚ ଭାଙ୍ଗିଲାବେଳେ... ଉଃ ନାରାୟଣ ! ନାରାୟଣ !

ତା' ପରଦିନ ସୋମନାଥ ହୋଇଥିଲେ ଇନ୍‌ସପେକ୍ଟର !

ଜୀବନରେ ଗତ ପଚିଶ ବର୍ଷ ଭିତରେ ସେ ନିଜକୁ ନିଜେ ସାନ୍ତ୍ୱନା ଦେଇ ଆସିଛନ୍ତି- ଏ ପୁତ୍ରହତ୍ୟା କର୍ତ୍ତବ୍ୟ ସାଧନ; ଏହା ନିର୍ମମ ହୋଇପାରେ, ମାତ୍ର ଅନ୍ୟାୟ ନୁହେଁ।

ରାୟବାହାଦୁର ହଠାତ୍ ଚମକି ଉଠିଲେ, ଘର ଭିତରେ ଶଙ୍ଖଧ୍ୱନି ଶୁଣି।

ହେମମାଳୀ ଦୋତାଲା ବାରଣ୍ଡାରେ କେତେବେଳେ ଗୋଟିଏ ତ୍ରିରଙ୍ଗା ପତାକା ଉଡ଼ାଇ, ପାଦତଳେ ତା'ର ଦୀପ ଜାଳି ଶଙ୍ଖଧ୍ୱନି କରୁଥିଲେ।

ରାୟବାହାଦୁର ପାଗଳ ପରି ଧାଇଁଯାଇଁ, ହେମମାଳୀଙ୍କ ହାତରୁ ଶଙ୍ଖଟା ଛଡ଼ାଇ ନେଇ କହିଲେ... "ଏ କ'ଣ କରୁଚ ତମେ ?"

ହେମମାଳୀ ଚିତ୍କାର କରି ଉଠିଲେ... "ମୋତେ ଛୁଅଁନା, ଛୁଅଁନା ତମେ- ମୋ ଅରୁ ଆଜି ଫେରିଆସିଛି ମୋ କୋଳକୁ।"

ହେମମାଳୀ ଭୋ ଭୋ ହୋଇ କାନ୍ଦି ଉଠିଲେ। ଏମିତି କାନ୍ଦ ସେ କାନ୍ଦି ନଥିଲେ ଗତ ପଚିଶ ବର୍ଷ ଭିତରେ କେବେ।

ରାୟବାହାଦୁରଙ୍କ ଦୁଇ ଆଖିରେ ନିଆଁର ଫୁଲ୍‌କୀ ଉଡ଼ି ଆସୁଥିଲା । ସେ ତ୍ରିରଙ୍ଗ ପତକାଟାକୁ କାଢ଼ି ଫିଙ୍ଗିଦେଇ କହିଲେ... "ଯେଉଁ ୟୁନିୟନ ଜାକ୍ ପାଇଁ ଅରୁକୁ ଖୁନ୍ କରିଛି, ସେ ପତାକାର ପତନ ଅସମ୍ଭବ।"

ହେମମାଳୀ ଦର୍ପିତାର କଣ୍ଠରେ କହିଲେ... "ଯୋଉ ପତାକା ପାଇଁ ଅରୁ ପ୍ରାଣବଳି ଦେଇଛି, ସେ ପତାକା ଯୁଗେଯୁଗେ ରହିବ ଉନ୍ନତ ହୋଇ।"

ହେମମାଳୀ ଆବେଗ ଓ ଉତ୍ତେଜନାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଗଲେ।

ରାୟବାହାଦୁର ଭିତରକୁ ଯାଇ ଅନେକ ଦିନର ସାଇତା ସିଲ୍‌କର ଗୋଟାଏ ୟୁନିୟନ ଜାକ୍ ପତାକା କାଢ଼ି ଉଡ଼ାଇଲେ ସେଇ ତ୍ରିରଙ୍ଗ ପତାକା ସ୍ଥାନରେ।

ତା' ପରଦିନ ସକାଳ।

ସାରା ରାତି ସୋମନାଥଙ୍କର ଆଖିରେ ନିଦ ନଥିଲା। ଅତି ସତର୍କ ପ୍ରହରୀ ପରି ସେ ସାରା ରାତି ଚେଇଁ ବସିଥିଲେ ସେଇ ୟୁନିଅନ୍ ଜାକ୍ ପତାକା ପାଖରେ। ତାତଳେ ହେମମାଳୀଙ୍କର ଦୀପ କେତେବେଳୁଠୁଁ ନିଭିସାରିଥିଲା।

ରାତି ସାରା ସ୍ୱାଧୀନତା ଉତ୍ସବରେ ମାତି ଘରକୁ ଫେରିଲା ବିଜୟ ।

ଘରେ ପାଦଦେଇ ଏ ବିଚିତ୍ର ଦୃଶ୍ୟରେ ସେ ସ୍ତମ୍ଭିତ ହୋଇଗଲା । ମୁହୂର୍ତ୍ତକର ଜଡ଼ତା କଟିଯିବା ପରେ ବିଜୟ ପଚାରିଲା...

"ଏ କ'ଣ ହେଉଛି ଜେଜେ ! ଆଜି....... ୟୁନିୟନ ଜାକ୍..."

ରାୟବାହାଦୁର କହଲେ... "ଦୁନିଆ ନିମକହାରାମ ହୋଇପାରେ ବିଜୁ କିନ୍ତୁ ମୁଁ ନୁହେଁ ।"

ବିଜୁ ଦୃଢ଼ କଣ୍ଠରେ ପ୍ରତିବାଦ କଲା... "ଏ ପତାକା ଏଠି ଉଡ଼ିପାରିବ ନାହିଁ ଜେଜେ !"

ରାୟବାହାଦୁର କହିଲେ... "ଅଲବତ ଉଡ଼ିବ । ଚିରଦିନ ଉଡ଼ିବ । ମୁଁ ବଞ୍ଚି ଥିବାଯାଏ ଉଡ଼ିବ । ଏ ଘର ମୋର ।"

ବିଜୟ ପତାକାଟାକୁ ଝାମ୍ପି ଉଠାଇ ନେଇ କହିଲା... "ଏ ଦେଶ ଆମର । ବ୍ରିଟିଶର ଗୋଲାମପାଇଁ ସ୍ଥାନ ନାହିଁ ଏଠି ।"

ସୋମନାଥ ବିଜୟ ହାତରୁ ସେ ୟୁନିୟନ ଜାକ୍‌କୁ ଛଡ଼ାଇବାକୁ ଲାଗିଲେ । ଅତି ଅସ୍ୱାଭାବିକ ଭାବରେ ସେ କିପରି ହୋଇ ଉଠିଥିଲେ ହିଂସ୍ର ଓ ଉତ୍‌କ୍ଷିପ୍ତ ।

ବିଜୟ ଦୁଇ ହାତରେ ଠେଲିଦେଲା ତାଙ୍କୁ । ସୋମନାଥ ସିଡ଼ିରେ ଗଡ଼ି ଗଡ଼ି ପଡ଼ିଲେ ଯାଇଁ ତଳ ମହଲାର ଚଟାଣରେ । ମୁଣ୍ଡ ଓ ନାକ ଫାଟି ତଳେ ରକ୍ତର ସୁଅ ଛୁଟିଲା ।

ବିଜୟ ତାଙ୍କ ଉପରେ ଝୁଙ୍କିପଡ଼ି ଅପରାଧୀ କଣ୍ଠରେ ଡାକିଲା... "ଜେଜେ" !

ସୋମନାଥ କ୍ଷୀଣ କଣ୍ଠରେ କହିଲେ... "ତୋତେ ଆଶୀର୍ବାଦ କରୁଛି ବିଜୁ ! ମୁଁ ଅନ୍ତତଃ ଶାନ୍ତିରେ ମରି ପାରିବି ଏଥର ! ... ଏଇ ପତାକା ପାଇଁ କେତେ ରାଜ୍ୟ

ଉଛନ୍ନ ହୋଇଛି, କେତେ ଯୁଦ୍ଧ ରକ୍ତପାତ ବା ନଘଟିଛି । ଏଇ ପତାକା ପାଇଁ ନିଜ ହାତରେ ମୁଁ ଗୁଳି କରି ମାରିଛି ଅରୁଣକୁ । ଏଇ ପତାକାପାଇଁ ତୁ ତୋର ବୁଢ଼ା ଜେଜେକୁ ମଧ୍ୟ ଆଘାତ କରିଚୁ । ଅଥଚ ଭାବୁଚି ଏ ପତାକା କ'ଣ ? ଖଣ୍ଡେ ରଙ୍ଗିନ୍ କନା ମାତ୍ର ! ରଙ୍ଗ ଛାଡ଼ିଯିବ ତାର ! ତଥାପି ତୋର ପତାକାର ଜୟ ହେଉ !

ପାଟି ପଡ଼ିଗଲା । ଆଖି ଦୁଇଟା ଶେତା ହୋଇ ଆସିଥିଲା । ଦୁଇ ଜଣ ଭୃତ୍ୟ ମୁମୂର୍ଷୁ ରାୟବାହାଦୁରଙ୍କୁ ଟେକି ନେଇଗଲେ ଉପରକୁ ।

ବିଜୟ ପ୍ରାଣହୀନ ପାଷାଣ ପରି ଚାହିଁ ରହିଥିଲା ପ୍ରଭାତର ସୂର୍ଯ୍ୟୋଦ୍ଦୀପ୍ତ ଆକାଶଆଡ଼େ ।

ଭାଦ୍ର ଆକାଶର ମେଘହୀନ, ସୁନୀଳ ପଟଭୂମିରେ ସ୍ୱାଧୀନ ଭାରତର ତ୍ରିରଙ୍ଗ ପତାକା ଉଡୁଥିଲା ଫରଫର ହୋଇ !

□□□

## (କ) ଲେଖକ ପରିଚୟ

## ସୁରେନ୍ଦ୍ର ମହାନ୍ତି (୧୯୨୨-୧୯୯୦)

ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ପ୍ରଥିତଯଶା ସ୍ରଷ୍ଟା ଭାବେ ସୁରେନ୍ଦ୍ର ମହାନ୍ତି ଅଶେଷ ସିଦ୍ଧିର ଅଧିକାରୀ। 'ବନ୍ଦୀ' ଗଳ୍ପରୁ ତାଙ୍କ ଯାତ୍ରାର ଶୁଭାରମ୍ଭ ଘଟାଇ ଶହେ ପଚାଶରୁ ଅଧିକ ଗଳ୍ପ ରଚନା କରିବାର ଗୌରବ ସେ ଅର୍ଜନ କରିପାରିଛନ୍ତି। ସେହିପରି ଉପନ୍ୟାସ ରଚନାରେ ସୁରେନ୍ଦ୍ରଙ୍କ ସିଦ୍ଧହସ୍ତତା ତାଙ୍କ ସଫଳତାର ପ୍ରମାଣ ଦେଇଥାଏ। ଏତଦ୍ ବ୍ୟତୀତ ସାହିତ୍ୟ-ସମୀକ୍ଷା, ଜୀବନୀ ଆତ୍ମଜୀବନୀ, ସମ୍ପାଦକୀୟ, ସ୍ତମ୍ଭଲେଖ, ପ୍ରବନ୍ଧ ଆଦି ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ ପ୍ରଥମ ସାରଳା ପୁରସ୍କାର ଲାଭ କରି ସେ ଆପଣାର କୀର୍ତ୍ତିକୁ ଶୀର୍ଷକରେ ପହଞ୍ଚାଇ ପାରିଛନ୍ତି। ଅଭିଜାତ ପୂର୍ଣ୍ଣ ଓ ଚମତ୍କାର କଥନ ଶୈଳୀ ତାଙ୍କୁ ବିପୁଳ ଶ୍ରଦ୍ଧା ଓ ସମ୍ମାନ ପ୍ରଦାନ କରିପାରିଛି। ତାଙ୍କ ରଚନାଗୁଡ଼ିକ ମଧ୍ୟରେ- 'ମହାନଗରୀର ରାତ୍ରି', 'କୃଷ୍ଣଚୂଡ଼ା', 'ରୁଟି ଓ ଚନ୍ଦ୍ର', 'ଶେଷ କବିତା', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ମରାଳର ମୃତ୍ୟୁ', 'ଦୁଇ ସୀମାନ୍ତ', 'ମହାନିର୍ବାଣ', ଓ 'କାଲକାଟା', 'ମାଂସର କୋଣାର୍କ', 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ', 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ', ଗଳ୍ପ ପୁସ୍ତକ- 'ନୀଳଶୈଳ', 'ଶତାବ୍ଦୀର ସୂର୍ଯ୍ୟ' 'ହଂସଗୀତି', 'କୁଳବୃଦ୍ଧ' 'ନିଳାଦ୍ରୀ ବିଜୟ' 'ଅଚଳାୟତନ', 'କାଳାନ୍ତର', 'ନେତିନେତି', 'କୃଷ୍ଣାବେଣୀରେ ସନ୍ଧ୍ୟା', 'ଆଜୀବକର ଅଟ୍ଟହାସ', 'ଫଟାମାଟି', ଉପନ୍ୟାସ- ସାହିତ୍ୟ-ସମୀକ୍ଷା, 'ଓଡ଼ିଆ ସାହିତ୍ୟର ଆଦିପର୍ବ', 'ଓଡ଼ିଆ ସାହିତ୍ୟର ମଧ୍ୟ ପର୍ବ ଓ ଉତ୍ତର-ମଧ୍ୟ ପର୍ବ', 'ଫକୀରମୋହନ ସାହିତ୍ୟ ସମୀକ୍ଷା', 'ଓଡ଼ିଆ ସାହିତ୍ୟର କ୍ରମବିକାଶ', 'ସାହିତ୍ୟ ଓ ସମାଜ', 'ଉତ୍କଳ ଯୁଗେଯୁଗେ, 'ଶେଷସ୍ତମ୍ଭ', 'ପଥ ଓ ପୃଥିବୀ' ଅନ୍ୟତମ । 'ପେକିଂଡାଏରୀ' ସୁରେନ୍ଦ୍ରଙ୍କର ପ୍ରସିଦ୍ଧ ଭ୍ରମଣ କାହାଣୀ ।

ନୀଳଶୈଳ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ କୁଳବୃଦ୍ଧ' ପାଇଁ ପ୍ରଥମ ସାରଳା ପୁରସ୍କାର ଲାଭ କରିଥିଲେ।

## (ଖ) 'ପତାକା ଉତ୍ତୋଳନ' ସମ୍ପର୍କରେ

'ପତାକା ଉତ୍ତୋଳନ' ଗଳ୍ପ ସ୍ୱାଧୀନତା ପୂର୍ବ ଅର୍ଥାତ୍ ଅଗଷ୍ଟ, ୧୪ ତାରିଖ ୧୯୪୭ ରାତିର କଥା। ଉକ୍ତ ଗଳ୍ପର ଚରିତ୍ରମାନେ ତିନି ପୀଢ଼ି ବା ତିନୋଟି ସମୟର ପ୍ରତିନିଧିତ୍ୱ କରିଛନ୍ତି। ପ୍ରଥମ ଚରିତ୍ର ରାୟବାହାଦୁର ସୋମନାଥ ମହାପାତ୍ର । ସୋମନାଥ ହେଉଛନ୍ତି ବ୍ରିଟିଶ ସରକାରଙ୍କ ଅନୁଗତ ପୋଲିସ ଅଫିସର। ଅରୁଣ, ସ୍ୱାଧୀନତା ସଂଗ୍ରାମୀ। ବିଜୟ ସ୍ୱାଧୀନତା ପ୍ରାପ୍ତିକୁ ଉପଭୋଗ କରୁଥିବା ଯୁବପୀଢ଼ି। ଅଗଷ୍ଟ ୧୫, ୧୯୪୭ର ପୂର୍ବ ରାତିରେ ସ୍ୱାଧୀନତା ପ୍ରାପ୍ତିଜନିତ ଉତ୍ସବକୁ ଉତ୍ସାହ ସହକାରେ ପାଳନ କରାଯାଉଥିବାବେଳେ ରାୟବାହାଦୁର ତାହା ସହ୍ୟ କରି ପାରିନାହାନ୍ତି। ବାହାରେ ଜନତାଙ୍କ କୋଳାହଳ ଓ ଜୟଜୟକାର ଧ୍ୱନି । ଅରୁଣର ଫଟୋଖଣ୍ଡିକ ବାହାର କରି ରାୟବାହାଦୁର ମନେପକାଇଛନ୍ତି ପଚିଶ ବର୍ଷ ତଳର କଥା। ଜନତାଙ୍କୁ ନେତୃତ୍ୱ ଦେଇଥିବା ଅରୁଣ ସେଦିନ କିପରି ତାଙ୍କ ଗୁଳିରେ ଟଳି ପଡ଼ିଥିଲା ଏବଂ ପୁତ୍ରବଧୂ ଅପର୍ଣ୍ଣା ହାତରୁ କାଚ ଭଙ୍ଗା ଯିବାର ଦୃଶ୍ୟ କିପରି ଥିଲା ମର୍ମବିଦାରକ। ତେବେ ସକାଳୁ ସକାଳୁ ବିଜୁ ଘରକୁ ଫେରି ଦେଖେ ତ ତାଙ୍କ ଘରେ ତ୍ରିରଙ୍ଗ ପତାକା ସ୍ଥାନରେ ଉଡୁଛି ୟୁନିୟନ୍ ଜାକ୍। ଜେଜେ ନିମକହାରାମ ହେବେନି ବୋଲି ଯୁକ୍ତି କଲାପରେ ବିଜୁ 'ରାୟବାହାଦୁରଙ୍କ ଠେଲି ଦେବା ଏବଂ ତାଙ୍କ ନାକ ଓ ପାଟିରୁ ରକ୍ତର ସୁଅ ଛୁଟିବା ସାରା ପରିବେଶକୁ ବଦଳାଇ ଦେଇଛି। ଶେଷରେ ସୋମନାଥ ମହାପାତ୍ରଙ୍କ "ଏ ପତାକାର ଜୟହେଉ' ଭିତରେ ଗଳ୍ପର ପରିସମାପ୍ତ ଘଟିଛି।

□□□

## ପ୍ରଶ୍ନାବଳୀ

(କ) **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛିଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) 'ପତାକା ଉତ୍ତୋଳନ' ଗଳ୍ପଟି କେଉଁ ଦିବସର କଥା କହିଛି ?

୧୫ ଅଗଷ୍ଟ ୧୯୪୭, ୧୬ ଅଗଷ୍ଟ ୧୯୪୭, ୧୪ ଅଗଷ୍ଟ ୧୯୪୭, ୨୬ ଜାନୁଆରୀ ୧୯୫୦ ।

(୨) ସୋମନାଥ ମହାପାତ୍ର କେଉଁ ଉପାଧି ପାଇଥିଲେ ?

ରାୟଚୌଧୁରୀ, ରାୟବାହାଦୁର, ରାୟସାହେବ, ରାୟମହାପାତ୍ର ।

(୩) 'ଜୟ ସ୍ୱାଧୀନ ଭାରତ କି ଜୟ' ଧ୍ୱନି ରାୟବାହାଦୁରଙ୍କୁ କିପରି ବିଦ୍ଧ କରୁଥିଲା ?

ବନ୍ଧୁକ ଗୁଳି ରୂପେ, ସୁତୀକ୍ଷ୍ଣ ଶର ରୂପେ, ସୁତୀକ୍ଷ୍ଣ ଶଳାକା ରୂପେ, ସୁତୀକ୍ଷ୍ଣ ଛୁରୀକା ରୂପେ ।

(୪) ବାହାରର କେଉଁ କଥା ଘର ଭିତରର ପ୍ରତ୍ୟେକ ଅନ୍ଧକାର କୋଣକୁ ଥରାଇ ଦେଉଥିଲା ?

ଗଣ୍ଡଗୋଳ, ସ୍ଲୋଗାନ, କୋଳାହଳ, ହୋହଲ୍ଲା ।

(୫) ପଟୁଆରର ଅଗ୍ରଣୀ କିଏ ଥିଲେ ?

ବିଜୟ, ଅଜୟ, ସଞ୍ଜୟ, ମୃତ୍ୟୁଞ୍ଜୟ ।

(୬) କେଉଁଟି ରାୟବାହାଦୁରଙ୍କର ଏକାନ୍ତ ନିଜସ୍ୱ ଥିଲା ବୋଲି କୁହାଯାଇଛି ?

ଭେଲଭେଟ୍ ବାକ୍ସ, ଡ୍ରୟର ଚେଷ୍ଟ, ଚାବିଲେନ୍ଥା, ସନନ୍ଦପତ୍ର ।

(୭) ରାୟବାହାଦୁର ଡ୍ରୟର ଭିତରୁ କାହା ଫଟୋଗ୍ରାଫ୍ କାଢ଼ିଥିଲେ ?

ଅଜୟ, ଅକ୍ଷୟ, ବିଜୟ, ଅରୁଣ ।

(୮) କାହା ଉପରେ ଗୋଟାଏ ହଳଦିଆ ଆସ୍ତରଣ ମାଡ଼ିଯାଇଥିଲା ବୋଲି କୁହାଯାଇଛି ?

ସନନ୍ଦପତ୍ର, ମେଡ଼ାଲ, ଫଟୋଗ୍ରାଫ୍, ଭେଲଭେଟ୍ ବାକ୍ସ ।

(୯) ରାୟବାହାଦୁର ପଢୁଥିବା ସନନ୍ଦଟି ତାଙ୍କୁ କେଉଁ ସାଲରେ ପ୍ରଦତ୍ତ ହୋଇଥିଲା ?

୧୯୨୫, ୧୯୨୭, ୧୯୨୯, ୧୯୨୩ ।

(୧୦) କେଉଁ ବିପ୍ଳବ ପରେ ଭାରତର ଜାତୀୟ ଆନ୍ଦୋଳନରେ ଏକ ନୂତନ ସ୍ପନ୍ଦନ ଦେଖାଦେଇଥିଲା ?

ଚଉରୀଚଉରା, ଜାଲିଓ୍ୱାନାବାଗ୍, ଓ୍ୱାଧା, ସାବରମତୀ ।

(୧୧) ମନୁଷ୍ୟର ଜନ୍ମଗତ ଦାବି ବୋଲି କାହାକୁ କୁହାଯାଇଛି ?

ପବିତ୍ରତା, ମହନୀୟତା, ସ୍ୱାଧୀନତା, ମାନବିକତା ।

(୧୨) ରାୟବାହାଦୁର ଅରୁଣଙ୍କୁ କେଉଁଥିରେ ଆଘାତ କରିଥିଲେ ?

ବନ୍ଧୁକ, ଲାଠି, ବୁଟ୍, ଚାବୁକ ।

(୧୩) ରାୟବାହାଦୁରଙ୍କ ପୁତ୍ରବଧୂର ନାମ କ'ଣ ଥିଲା ?

ଅପର୍ଣ୍ଣା, ସୁପର୍ଣ୍ଣା, ସୁକନ୍ୟା, ଋତୁପର୍ଣ୍ଣା ।

(୧୪) କିଏ କମଳନୟନର ନୀଳୋତ୍ପଳରେ ଦେବୀ ଆରାଧନା କରିଥିଲେ ?

(ଶ୍ରୀକୃଷ୍ଣ, ଶ୍ରୀରାମଚନ୍ଦ୍ର, ଶ୍ରୀଗୋବିନ୍ଦ, ଶ୍ରୀଚୈତନ୍ୟ)

(୧୫) ଜନତା ଫ୍ଲାଗଷ୍ଟାଫ୍ ଭାଙ୍ଗି କ'ଣ ଚିରି ଦେଇଥିଲେ ?

ନେସନାଲ ଜାକ୍, ଫେଡ଼େରାଲ ଜାକ୍, ୟୁନିୟନ ଜାକ୍, ଷ୍ଟେଟ୍ସ ଜାକ୍ ।

(୧୬) ଘର ଭିତରେ କାହାର ଶବ୍ଦ ଶୁଣି ରାୟବାହାଦୁର ହଠାତ୍ ଚମକି ଉଠିଲେ ?

ଘଣ୍ଟଧ୍ୱନି, ଶଙ୍ଖଧ୍ୱନି, ପୂଜା ଆଳତି, ହୁଳହୁଳି ।

(୧୭) ହେମମାଳୀ କେତେବର୍ଷ ଧରି ଏମିତି କାନ୍ଦ କାନ୍ଦି ନଥିଲେ ବୋଲି କୁହାଯାଇଛି ?

ପନ୍ଦର, କୋଡ଼ିଏ ପଚିଶ, ବାଇଶି ।

(୧୮) ରାତିସାରା କେଉଁଥିରେ ମାତି ବିଜୟ ଘରକୁ ଫେରିଥିଲା ?

ସ୍ୱାଧୀନତା ଆନ୍ଦୋଳନ, ଜନତାଙ୍କ ଉତ୍ସବ, ମୁକ୍ତି ସଂଗ୍ରାମ, ସ୍ୱାଧୀନତା ଉତ୍ସବ ।

(୧୯) ବିଜୟ କାହାକୁ ବ୍ରିଟିଶର ଗୋଲାମ ବୋଲି କହିଛି ?

ଆଇଙ୍କୁ, ଜେଜେଙ୍କୁ, ଭାଇଙ୍କୁ, ବିଦ୍ରୋହୀଙ୍କୁ ।

(୨୦) ସୋମନାଥ ଶେଷରେ କାହାକୁ ଆଶୀର୍ବାଦ କରିଥିଲେ ?

ଅପର୍ଣ୍ଣାକୁ, ହେମମାଳୀକୁ, ଅରୁକୁ, ବିଜୁକୁ ।

(ଖ) **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) କାହାର ଐକ୍ୟତାନରେ ରାୟବାହାଦୁରଙ୍କ ଛାଇ ନିଦ ଭାଙ୍ଗିଯାଇଥିଲା ?

(୨) ରାତିର ଶାନ୍ତ ନିରବ ମୁହୂର୍ତ୍ତ କେଉଁ ଧ୍ୱନି ଭିତରେ ଚଞ୍ଚଳ ହୋଇ ଉଠିଥିଲା ?

(୩) ଝରକା କବାଟ ବନ୍ଦ କରି କାହାକୁ ରୁଦ୍ଧ କରିହୁଏ ନା ବୋଲି କୁହାଯାଇଛି ?

(୪) ବିଜୟର ପୁତ୍ରର ନାମ କ'ଣ ?

(୫) ଅରୁଣର ଫଟୋଖଣ୍ଡିକ କେଉଁଠି ସୁରକ୍ଷିତ ଥିଲା ?

(୬) ଅରୁଣର ପରିଚ୍ଛଦ କାହାପରି ଥିଲା ?

(୭) ରାୟବାହାଦୁର ତଳୁ ଫଟୋଟିକୁ ଉଠାଇନେଇ କ'ଣ କଲେ ?

(୮) ରାୟବାହାଦୁରଙ୍କ ଆଖି ଆଗରେ କିଏ ହଠାତ୍ କ'ଣ ଟାଣି ଦେଇଗଲା ପରି ଲାଗିଲା ?

(୯) ପଚିଶ ବର୍ଷ ତଳେ ରାୟବାହାଦୁର କେଉଁ ପଦବୀରେ ଥିଲେ ?

(୧୦) 'ବନ୍ଦେ ମାତରମ୍'ର ପରବର୍ତ୍ତୀ ପାଦଟି କ'ଣ ?

(୧୧) କାହା କଣ୍ଠରେ "ବନ୍ଦେ ମାତରମ୍" ସଙ୍ଗୀତର ଆବୃତ୍ତି ଶୁଣି ରାୟବାହାଦୁର ଚମକି ପଡ଼ିଥିଲେ ?

(୧୨) କେଉଁ କଥା ସ୍ୱୀକାର କରିବ ନାହିଁ ବୋଲି ଅରୁଣ କହିଛି ?

(୧୩) କେଉଁ ସୁରରେ ରାତିର ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇ ଉଠିଥିଲା ?

(୧୪) ପୁଲିସ୍ ସାହେବଙ୍କୁ ରାୟବାହାଦୁର ନାଟକୀୟ ଭଙ୍ଗିରେ କ'ଣ ଜଣାଇଥିଲେ ?

(୧୫) ରାୟବାହାଦୁରଙ୍କ ବନ୍ଧୁକରେ ଖରାପଡ଼ିଲେ କିପରି ଦେଖାଯାଏ ?

(୧୬) ରାୟବାହାଦୁର କ୍ଷିପ୍ତ ପରି ଚିତ୍କାର କରି କ'ଣ କହିଥିଲେ ?

(୧୭) ପଟୁଆରରେ ଆସୁଥିବା ଜନତା କେଉଁକଥା କହି କୁହାଟୁଥିଲା ?

(୧୮) ଶୋଭାଯାତ୍ରାରେ ଆସୁଥିବା ଜନତା କିପରି ଭୀଷଣ ଓ ଭୟଙ୍କର ହୋଇ ଉଠିଥିଲା ?

(୧୯) ସୋମନାଥ ପ୍ରକୃତରେ କ'ଣ ଚାହିଁଥିଲେ ?

(୨୦) ସୋମନାଥଙ୍କ ପିସ୍ତଲ ଗୁଳି ଫୁଟିଲା ପରେ କ'ଣ ଘଟିଲା ?

(୨୧) ହେମମାଳୀ କେଉଁ ଅବସ୍ଥାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଥିଲେ ?

(୨୨) କେଉଁ ପତାକା ଏଠି ଉଡ଼ିପାରିବ ନାହିଁ ବୋଲି ବିଜୁ ଜେଜେଙ୍କୁ କହିଥିଲା ?

(୨୩) ବିଜୟ ଝୁଙ୍କିପଡ଼ି ରାୟବାହାଦୁରଙ୍କୁ କେଉଁ କଣ୍ଠରେ ଡାକିଥିଲା ?

(୨୪) ବିଜୟ କିପରି ପ୍ରଭାତର ସୂର୍ଯ୍ୟୋଦୀପ୍ତ ଆକାଶ ଆଡ଼େ ଚାହିଁ ରହିଥିଲା ?

(୨୫) ସ୍ୱାଧୀନ ଭାରତର ତ୍ରିରଙ୍ଗ ପତାକା କେଉଁ ପଟ୍ଟଭୂମିରେ ଫରଫର ହୋଇ ଉଡୁଥିଲା ?

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) ବାହାରର ଜୟଧ୍ୱନି ଶୁଣି ରାୟବାହାଦୁର କ'ଣ କରିଥିଲେ ?

(୨) କେଉଁ କଥା ରାୟବାହାଦୁରଙ୍କ ଚରମ ପରାଜୟ ଘୋଷଣା କରୁଥିଲା ?

(୩) ରାୟବାହାଦୁର କ୍ଷିପ୍ତ ପରି କ'ଣ କରିଥିଲେ ଓ ଘର ଭିତରେ କ'ଣ ଅନୁଭବ କରିଥିଲେ ?

(୪) ରାୟବାହାଦୁର ତଳର ରାସ୍ତାକୁ ଚାହିଁ କ'ଣ ଦେଖିଲେ ?

(୫) ରାୟବାହାଦୁର ଡ୍ରୟର ଭିତରୁ କ'ଣ କାଢ଼ିଥିଲେ ?

(୬) ଅରୁଣର ଚେହେରା ଓ ପରିଚ୍ଛଦ ସମ୍ପର୍କରେ କ'ଣ କୁହାଯାଇଛି ?

(୭) ଅରୁଣର ଫଟୋଖଣ୍ଡିକ ଦେଖି ରାୟବାହାଦୁରଙ୍କୁ କ'ଣ ମନେ ହୋଇଥିଲା ?

(୮) ପ୍ରକୃତିସ୍ଥ ହେବା ପରେ ରାୟବାହାଦୁର କ'ଣ କହିଥିଲେ ?

(୯) ରାୟବାହାଦୁର କାହିଁକି ଚମକି ପଡ଼ିଥିଲେ ?

(୧୦) ଅରୁ କଣ୍ଠରେ 'ବନ୍ଦେ ମାତରମ୍' ଶୁଣି ରାୟବାହାଦୁର ତାକୁ କ'ଣ କହିଥିଲେ ?

(୧୧) "ଏ କ'ଣ କରୁଚ ତମେ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୧୨) ରାୟବାହାଦୁର ଅରୁଣକୁ କ'ଣ ଆଦେଶ ଦେଇଥିଲେ ?

(୧୩) ରାୟବାହାଦୁରଙ୍କ ଆଦେଶ ସତ୍ତ୍ୱେ ଅରୁଣ କ'ଣ କରିଥିଲା ?

(୧୪) ପୁଲିସ୍ଥାନା ଆଗରେ କ'ଣ ଦେଖାଯାଇଥିଲା ?

(୧୫) ରାୟବାହାଦୁରଙ୍କ ଚିତ୍କାର ଶୁଣି ଜନତା କେଉଁପରି କୁହାଟୁଥିଲା ?

(୧୬) କେଉଁ ପରିସ୍ଥିତିରେ ଜନତା ପୃଷ୍ଠଭଙ୍ଗ ଦେଇ ନଥିଲେ ?

(୧୭) ବିଶୃଙ୍ଖଳ ଜନତା ଭିତରୁ ଅରୁଣ କ'ଣ କହିଥିଲା ?

(୧୮) ଅରୁଣ ଅବିଚଳିତ କଣ୍ଠରେ ଜନତାଙ୍କୁ କ'ଣ ନିର୍ଦ୍ଦେଶ ଦେଇଥିଲା ?

(୧୯) ପଚିଶବର୍ଷ ଧରି ରାୟବାହାଦୁର ନିଜକୁ କ'ଣ ସାନ୍ତ୍ୱନା ଦେଇଆସିଛନ୍ତି ?

(୨୦) ରାୟବାହାଦୁର ପାଗଳ ପରି ଧାଇଁଯାଇ କ'ଣ କହିଥିଲେ ?

(୨୧) ଗତ ପଚିଶ ବର୍ଷ ଧରି ହେମମାଳୀ କ'ଣ କେବେ କରି ନଥିଲେ ?

(୨୨) ହେମମାଳୀ ଦର୍ପିତାର କଣ୍ଠରେ କ'ଣ କହିଥିଲେ ?

(୨୩) ରାୟବାହାଦୁର ଘର ଭିତରକୁ ଯାଇ କ'ଣ କହିଥିଲେ ?

(୨୪) ପତାକାଟାକୁ ଝାମ୍ପିନେଇ ବିଜୟ କ'ଣ କରିଥିଲା ?

(୨୫) "ଅଥଚ ଭାବୁଚି ଏ ପତାକା କ'ଣ" ? ଏଠାରେ ପତାକା କ'ଣ ବୋଲି କୁହାଯାଇଛି ?

**(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

(୧) ରାୟବାହାଦୁରଙ୍କ ନିଦ କାହିଁକି ଭାଙ୍ଗିଯାଇଥିଲା ?

(୨) କେଉଁ କଥା ରାୟବାହାଦୁରଙ୍କ ଚରମ ପରାଜୟ ଘୋଷଣା କରୁଥିଲା ?

(୩) ଝରକା କବାଟ ବନ୍ଦ କରି ମଧ୍ୟ ରାୟବାହାଦୁରଙ୍କ ଅବସ୍ଥା କିପରି ଥିଲା ?

(୪) ରାୟବାହାଦୁର ଝରକା କବାଟ ଖୋଲି କ'ଣ ଦେଖିଥିଲେ ?

(୫) ଝରକା ପାଖରୁ ଚାଲିଆସି ରାୟବାହାଦୁର କ'ଣ କରିଥିଲେ ?

(୬) ବିଦ୍ୟୁତର ଆଘାତରେ ଟଳିପଡ଼ିବା ପରି ରାୟବାହାଦୁରଙ୍କୁ କାହିଁକି ମନେ ହୋଇଥିଲା ?

(୭) ଡ୍ରୟର ଭିତରୁ ରାୟବାହାଦୁର କ'ଣ ସବୁ କାଢ଼ିଥିଲେ ?

(୮) ବ୍ରିଟିଶ୍ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସନନ୍ଦଟିରେ କ'ଣ ଲେଖାଯାଇଥିଲା ?

(୯) ଚଉରୀଚଉରା ବିପ୍ଳବ ସଂପର୍କରେ କ'ଣ କୁହାଯାଇଛି ?

(୧୦) କେଉଁ ଗାନ କ୍ରମେ ଅସ୍ପଷ୍ଟରୁ ଅସ୍ପଷ୍ଟତର ହେଉଥିଲା ?

(୧୧) ଅରୁଣ, ତା' ବାପାଙ୍କୁ କାହିଁକି ବ୍ରିଟିଶ ସରକାରଙ୍କ ଗୋଲାମ ବୋଲି କହିଛି ?

(୧୨) "ଆପଣ ଅନ୍ୟାୟ କରୁଛନ୍ତି ବାପା"- ଏହା କିଏ କାହାକୁ କାହିଁକି କହିଛି ?

(୧୩) ହେମମାଳୀ ଅନୁଯୋଗ ସ୍ୱରରେ କ'ଣ କହିଥିଲେ ଓ ରାୟବାହାଦୁରଙ୍କ ଉତ୍ତର କ'ଣ ଥିଲା ?

(୧୪) ରାୟବାହାଦୁରଙ୍କୁ ଅରୁଣ କ'ଣ ପଚାରିଥିଲା ଓ କାହିଁକି ?

(୧୫) ରାୟବାହାଦୁର କ'ଣ ଉତ୍କର୍ଣ୍ଣ ହୋଇ ଶୁଣୁଥିଲେ ?

(୧୬) ପୁଲିସ ସାହେବଙ୍କର କ'ଣ ହୁକୁମ ଥିଲା ?

(୧୭) ପୁଲିସ ଥାନା ଆଗରେ କେଉଁସବୁ ଘଟଣା ଘଟୁଥିଲା ?

(୧୮) ସୋମନାଥ ହାତରୁ ପିସ୍ତଲ ଉଠାଇଥିଲେ କାହିଁକି ?

(୧୯) ଅରୁଣର ନିର୍ଦ୍ଦେଶ ପାଇ ଜନତା କ'ଣ କରିଥିଲେ ?

(୨୦) ସୋମନାଥଙ୍କ ପିସ୍ତଲ ଫୁଟିଲା ପରେ କ'ଣ ଘଟିଥିଲା ?

(୨୧) ରାୟବାହାଦୁର ହଠାତ୍ ଚମକି ଉଠିଥିଲେ କାହିଁକି ?

(୨୨) ହେମମାଳୀ ଭୋ ଭୋ ହୋଇ କାନ୍ଦି ଉଠିଥିଲେ କାହିଁକି ?

(୨୩) କେଉଁ ପତାକାର ପତନ ଅସମ୍ଭବ ବୋଲି ରାୟବାହାଦୁର କହିଥିଲେ ଓ କାହିଁକି ?

(୨୪) ହେମମାଳୀ କ'ଣ କହି ମୂର୍ଚ୍ଛିତା ହୋଇ ପଡ଼ିଯାଇଥିଲେ ?

(୨୫) ସାରାରାତି ସୋମନାଥ କ'ଣ କରୁଥିଲେ ?

(୨୬) "ବ୍ରିଟିଶ୍‌ର ଗୋଲାମ ପାଇଁ ସ୍ଥାନ ନାହିଁ ଏଠି"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ।

(୨୭) ସୋମନାଥଙ୍କ ମୁଣ୍ଡ ଓ ନାକ ଫାଟିଯିବାର କାରଣ କ'ଣ ଥିଲା ?

(୨୮) ସୋମନାଥ କ୍ଷୀଣକଣ୍ଠରେ ବିଜୟକୁ କ'ଣ କହିଥିଲେ ?

**(ଙ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୦୫ ନମ୍ବର ।**

(୧) 'ପତାକା ଉତ୍ତୋଳନ' ଗଳ୍ପରୁ ରାୟବାହାଦୁରଙ୍କ ଚରିତ୍ର ଚିତ୍ରଣ କର ।

(୨) ପଠିତ ଗଳ୍ପ ଆଧାରରେ ସ୍ୱାଧୀନତା ଆନ୍ଦୋଳନରେ ଅରୁଣର ଭୂମିକା ନିର୍ଣ୍ଣୟ କର ।

(୩) ସୋମନାଥ ମହାପାତ୍ର କିପରି ସବ-ଇନ୍‌ସପେକ୍ଟରରୁ ଇନ୍‌ସପେକ୍ଟର ହୋଇପାରିଥିଲେ- ଉଲ୍ଲେଖ କର ।

(୪) ହେମମାଳୀ ଓ ସୋମନାଥଙ୍କ ପାରିବାରିକ ଜୀବନରେ ଘଟିଥିବା ଘଟଣାଗୁଡ଼ିକ ସମ୍ପର୍କରେ ସୂଚନା ଦିଅ ।

(୫) "ତଥାପି ତୋର ପତାକାର ଜୟ ହେଉ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି- ବିଶ୍ଳେଷଣ କର ।

(୬) 'ପତାକା ଉତ୍ତୋଳନ' ଗଳ୍ପର ନାମକରଣ ସାର୍ଥକତା ପ୍ରତିପାଦନ କର ।

❑❑❑

# ରୂପନାରାୟଣ ସାହା

## ଅଖିଳମୋହନ ପଟ୍ଟନାୟକ

•

କ୍ରିଷ୍ଟମାସ୍ ଛୁଟି ।

ବନାରସ୍ ରାସ୍ତାରେ ଅସମ୍ଭବ ଲୋକର ଭିଡ଼ । ବନାରସ- ଭାରତ ଭୂମିର ଅସଂଖ୍ୟ ପୁଣ୍ୟ କାଙ୍ଗାଳ ଜନତାର ଚିର ଇପ୍ସିତ ବନାରସ୍ । ରାସ୍ତାରେ ସିଆର ସିଆର ହୋଇ ଲୋକର ଧାଡ଼ି ଯେମିତି ଜମାଟ୍ ବାନ୍ଧିଯାଇଛି ବରଫ୍ ପରି । ଗୋଟାଏ ଲାଇଟ୍ ପୋଷ୍ଟକୁ ଆଉଜି ରହି ଅନ୍ୟମନସ୍କ ଭାବରେ ଚାହିଁ ରହିଥିଲି ରାସ୍ତାକୁ । ଜମାଟ ବନ୍ଧା ବରଫର ସ୍ତୂପ ଯେମିତି ସୂର୍ଯ୍ୟର ପ୍ରଥମ କିରଣରେ ଧୀରେ ଧୀରେ ଗ୍ଲେସିଅର ପରି ପ୍ରସରି ଯାଇଛି, ତା'ର ପ୍ରବାହରେ ସଂକୀର୍ଣ୍ଣ ରାଜପଥର ପ୍ରତିଟି ବର୍ଗଇଞ୍ଚକୁ ଆଲିଙ୍ଗନ କରି କରି ।

କିନ୍ତୁ ଯେତ ବନାରସ ନୁହେଁ । ବନାରସ୍ ବହୁବର୍ଣ୍ଣ ବିଭୂଷିତ ବହୁ ବିଚିତ୍ର । କାଶୀ ବିଶ୍ୱନାଥ ମନ୍ଦିରର ସ୍ୱର୍ଣ୍ଣଚୂଡ଼ା ଆସନ୍ନ ସଂଧ୍ୟାର ମଳିନ ଆଲୁଅରେ ଚକ୍ ଚକ୍ କରୁଛି । ମନ୍ଦିରର ରାସ୍ତା ନାତିପ୍ରଶସ୍ତ- ଠିକ୍ ସେଇ ରାସ୍ତାରୁ ମନ୍ଦିରର ଅଳ୍ପ ଆଗରୁ ଜନ୍ମ ନେଇଛି ଆଉ ଏକ ସଂକୀର୍ଣ୍ଣ ଉପପଥ । ସଂକୀର୍ଣ୍ଣ ଅଥଚ ଦୀର୍ଘ । ଡାଲ୍‌ମଣ୍ଡି- ସହସ୍ରାଧିକ ବାରଙ୍ଗନାର ଆଶ୍ରୟ ଦାତ୍ରୀ ଡାଲ୍‌ମଣ୍ଡି । ଲକ୍ଷ ରୂପ-ପିୟାସୀ ନାଗରିକ ପଦରଜ ସିକ୍ତ ତୀର୍ଥ ଡାଲ୍‌ମଣ୍ଡି । ନାୟିକାର ଆଖିର ବର୍ଚ୍ଛାରେ ସେଠି ସଂଧ୍ୟା ତ୍ରସ୍ତା- ମଦନ ଅର୍ଚ୍ଚନାର କୋଳାହଳରେ ରାତ୍ରି ନିର୍ବାସିତା । କିନ୍ତୁ ସେଠି ବି ସଂଧ୍ୟା ଆସେ ଆତୁରା ନାୟିକାର ନିମନ୍ତ୍ରଣ-ଭୀରୁ ଆଖିର ଇଙ୍ଗିତରେ- ରାତ୍ରି ଆସେ ରତିକ୍ଲାନ୍ତକାମୁକୀ

ନାରୀର ସ୍ୱେଦସିକ୍ତ ଆଖିର ପତାରେ ପତାରେ । ନାଁ ଡ୍ୟାମ୍‌ଇଟ୍ । ପ୍ରଶସ୍ତିର ସୀମା ଅଛି । ଡାଲ୍‌ମଣ୍ଡି- ଏ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ଡାଲ୍‌ମଣ୍ଡି ।

ଛ'ଟା ବାଜିବାକୁ ଆଉ ଦଶମିନିଟ୍ ବାକି ।

ଅକାରଣର ଆନନ୍ଦ ସଂଧାନ କରିବାକୁ ଆହୁରି ଲୋକ ଆସୁଛନ୍ତି - ଅନେକ ଲୋକ । ବନାରସ୍‌ର ସଂକୀର୍ଣ୍ଣ ଫୁଟପାଥ୍ ଉପରେ ଲୋକର ଭିଡ଼ ଉଛୁଳି ପଡୁଛି । କିନ୍ତୁ କାହିଁ ସନ୍ଧ୍ୟା ତ ହୁଏ ନାଁ ? ଅସମ୍ଭବ କୋଳାହଳ ଆଉ ଉଦ୍‌ଭାସିତ ବିଦ୍ୟୁତ ଆଲୋକ ଭିତରେ ଶଙ୍କିତା ସନ୍ଧ୍ୟା ହୁଏତ ଏଇ ମୁହୂର୍ତ୍ତରେ ବିଳାପ କରୁଥିବ କାଶୀତଳ ବାହିନୀ ଗଙ୍ଗା ମାତାର ଉଦାର ବକ୍ଷ ଉପରେ, ଶୋଇ ଶୋଇ । ଗୋଧୂଳି ଓ ଗଙ୍ଗାଜୀ ଉଭୟେ ରହସ୍ୟମୟୀ ।

ବନାରସ୍‌ର ଧାଡ଼ି ଧାଡ଼ି ତୁଙ୍ଗ ସୌଧ ଡେଇଁ ମୋର ଆଖି ପହଁରିଗଲା ଗଙ୍ଗାକୂଳକୁ । ସେ କି ଦୃଶ୍ୟ ! ଗଙ୍ଗାର ବିପୁଳ ଦେହବ୍ୟାପୀ ଅସ୍ତ ସୂର୍ଯ୍ୟର ସୁନା କିରଣ ଝଲ୍ ମଲ୍ କରୁଛି । ଗଙ୍ଗାର ଗହମ ରଙ୍ଗର ପାଣି ଲାଲେ-ଲାଲ୍ । ଆଜି କ'ଣ ମୁକ୍ତକେଶୀ ଦ୍ରୌପଦୀର ବେଣୀ ବନ୍ଧନ ? ବେଣୀ ବନ୍ଧନର ଲଗ୍ନ ଏଇ ଅତିକ୍ରମ କରିଗଲା । ସନ୍ଧ୍ୟାର ଦିଗହରା ପବନରେ ଗଙ୍ଗାର କୃଷ୍ଣନୀଳ ପାଣି ଅସଂଖ୍ୟ ଢେଉରେ ଭାଙ୍ଗି ପଡୁଛି । ପ୍ରତିଟି ଢେଉର ନୀଳଗାତ୍ରରେ ଅଳ୍ପ କିଛି ଧୂସର ଅନ୍ଧାର । ଗଙ୍ଗାମାତା ଯେମିତି ତନ୍ଦ୍ରାତୁରା ଶିଶୁ ସନ୍ଧ୍ୟାକୁ କୋଳରେ ନଚେଇ ନଚେଇ ଶୁଆଇ ପକାଉଛି ରାତ୍ରିର ଗଭୀର ନିଦ୍ରାରେ ।

ଏ ଦୃଶ୍ୟ ପ୍ରତିଦିନ ଯେପରି ନିତ୍ୟ ନୂତନ ହୋଇ ଅଭିନୀତ ହୁଏ ଏଇ ମହାନଗରୀର ଉପକଣ୍ଠରେ ।

ଅନେକ ଦିନ ତଳେ ମୁଁ ବନାରସ୍‌ରେ ଥିଲି । କିନ୍ତୁ ଆଜି ? ଯୌବନର ଅସ୍ତଲଗ୍ନକୁ ଅପେକ୍ଷା କରି କରି ମୁଁ କେମିତି କୈଶୋରର ସେଇ କୌତୂହଳୀ ଆଖି ନେଇ ଆଉଥରେ ଦେଖୁଥିଲି ଏ ଗଙ୍ଗା ଗୋ-ଧୂଳିର କରୁଣ ଏକାଙ୍କିକା ।

ତା'ପରେ ? ତା'ପରେ ଆଲୋକ । କୂଳର ଅସଂଖ୍ୟ ବିଦ୍ୟୁତ୍ ଆଲୋକର ପ୍ରତିବିମ୍ବ ପଡ଼ିଛି ଗଙ୍ଗା ବକ୍ଷରେ- କେଶରୀ ମଧ୍ୟମା ଗଙ୍ଗାର କଟି ଆବୃତ୍ତ କରିଛି ସୁବର୍ଣ୍ଣ ମେଖଳା । ଆଉ ଗଙ୍ଗାର ଦେହେ ଦେହେ ଗଭୀର ନୀଳ ରଙ୍ଗର ବୁଟିଦାର ବନାରସୀ ଶାଢ଼ୀ- ଛତ୍ରେ ଛତ୍ରେ ରୂପେଲୀ ଜରିର ତାରା ଫୁଟିଛି ।

ଚକ୍ରବାଳରେ ଏବେ ବି ଆଲୋକର ଅବଶିଷ୍ଟ ଥିବ । ଉଜ୍ଜ୍ୱଳ ଚକ୍ରବାଳର ପଛଭୂମିରେ ସିଲହୁଟ ଛବି ପରି ବହୁ; ଯାତ୍ରୀବାହୀ ନୌକା ଯାତାୟାତ କରୁଥିବ ଏ କୂଳରୁ ସେକୂଳ । କଦବା କ୍ୱଚିତ୍ କୌଣସି ନୌକାରେ ଆଲୋକ ଥିଲେ, ଆଲୋକର ଅଳ୍ପକିଛି ରେଣୁ ବିଛି ହୋଇ ପଡ଼ିଥିବ ପାଣିରେ । ଆଉ ସହସ୍ର ଫଣା ବାସୁକୀ ପରି କେଉଁ ନୌକାର ପାଲ ପବନରେ ନଇଁ ଯାଇ ଉଠିଥିବ ଉପରକୁ ।

ଲାଇଟ୍ ପୋଷ୍ଟଟାକୁ ତଥାପି ଆଉଜି ରହି ପୁରାତନ ଅନୁଭୂତିକୁ ରୋମନ୍ଥନ କରୁଥିଲି । ଅନୁଭୂତିର ସମୁଦ୍ର ମନ୍ଥନରେ ବହୁ ପୁରାତନ ସ୍ମୃତିର ବୁଦ୍‌ବୁଦ ଭାସି ଉଠିଛି ଉପରକୁ ।

ସେ ମୋ'ର ଶୈଶବର କଥା । ବାପା ବନାରସରେ ଥାଆନ୍ତି ମିଲିଟାରୀ ଡାକ୍ତର । ସେଦିନ ଏମିତି ସନ୍ଧ୍ୟା । କ୍ଷୁଦ୍ର ପରିବାରଟିର ସମସ୍ତ ଲୋକ ନୌକାରେ ଫେରୁଥାଉଁ ଗଙ୍ଗା ଆରପାରିର ରାମନଗର ଦେଖିସାରି । ଏଇ, ହରିଶ୍ଚନ୍ଦ୍ର ଘାଟର ଚିତା ନିକଟ ହୋଇ ଆସିଲାଣି । ଆଉ ଡାକେ ବାଟ- ଆଉ ତା'ପରେ ମାଝି ନୌକା ଉଠିବ ଦଶାଶ୍ୱମେଧ ଘାଟରେ । ପବନର ପ୍ରତିକୂଳରେ ମାଝି ଆହୁଲା ଟାଣୁଛି ଜୋର୍‌ସେ । ତା'ର ହାତ ହୁଗୁଳା ହୋଇ ଆସିଲା । ନୌକାରେ ପରିବାରଟିର ମୃଦୁଗୁଞ୍ଜନ ମଧ୍ୟ ନିରବ ହୋଇଗଲା । ଚାପା କଣ୍ଠରେ ମାଝି କ'ଣ କହିବାକୁ ଆରମ୍ଭ କରିଛି- ହିନ୍ଦି ଆଉ ମୈଥିଳୀ ଆଉ ଭୋଜପୁରୀ ମିଶି ମିଶି ଅଦ୍‌ଭୁତ୍ ସେ' ମାଝିର ଭାଷା..... ତଥାପି ଅଳ୍ପ ଅଳ୍ପ ବୁଝି ହେଉଛି ଆନ୍ଦାଜ କରି । କୂଳରେ ବସିଥିବା ଗୋଟାଏ ନିଶୁଆ ଲୋକକୁ ଦେଖାଇ ଦେଇ ସେ' କହୁଛି- ସାମ୍ନେ

ବୈଠାହୁଆ ଆଦ୍‌ମି ନାଓ କେ ବାରେ ମେ ଆପ୍ କୋ କୁଛ୍ ପୁଛେ ତୋ– ନୌକା ଭାସିଯାଉଛି ପାଖକୁ ପାଖକୁ– ଆହୁରି ଧୀର କଣ୍ଠରେ କହିଲା ସେ'– ରାମନଗର୍ କା ନାମ୍ ମତ୍ ଲିଜିୟେ ବାବୁଜୀ–ହର୍ ଆଦ୍‌ମିକୋ ଏକ୍ ଏକ୍ ରୁପିୟା ଟ୍ୟାକ୍ସ ଲଗା ଯାଏଗା– କର୍ପୋରେସନ୍ କା, ହାଁ.......।

ତା' ପରେ ଆହୁଲାରେ ପାଣି ରୋକି କହିଲା– ବତା ଦିଜିୟେ ସ୍ରିଫ୍ ଘୁମ୍‌ନେ ଗୟେଥେ...... ପୁଣି ମାରିଲା ଆହୁଲା ଖାଞ୍ଚେ। ଆଉ ଠିକ୍ ତା'ପରେ ସେଇ ଲୋକଟା କୂଳରୁ ଠିଆ ହୋଇ ହାତ ଟେକି ଚିତ୍କାର କରୁଛି.... ରୋକିଏ ରୋକିଏ ଜୀ...ଇ...ଇ...କହାଁ ଗଇଥି ନାଓ:। ମୁଁ ସେତେବେଳକୁ ହିନ୍ଦି ଶିଖି ନେଇଥାଏ କିଛି କିଛି। ଚିଲ୍ଲେଇ ଉଠିଲି ରାମନଗର୍.....ରାମନଗର୍ ଗୟେଥେ ହାମଲୋଗ୍। ସର୍ବନାଶ ! କାହାରି ମୁହଁରେ ଭାଷା ନାହିଁ।

କର୍ପୋରେସନର ଅଦୃଶ୍ୟ ଇଙ୍ଗିତରେ ବାଧ୍ୟ ଶିଶୁପରି ନୌକା ଲାଗିଲା ଘାଟରେ, ସେ' ଲୋକ ପାଖରେ। ଆଉ ଜଣକୁ ଟଙ୍କାଏ ହିସାବରେ ବାପାଙ୍କୁ ଗଣି ଦେବାକୁ ପଡ଼ିଲା ନଗଦ ଦଶ ଟଙ୍କା।

ନୌକା କୂଳରୁ ମୁକୁଳି ଗଲା ଟ୍ୟାକ୍ସ ଦେଇସାରି।

ସମସ୍ତେ ଚୁପ୍‌ଚାପ୍। ଯେମିତି ଯୁଦ୍ଧ ସମୟର କଳାବଜାର ପଇସାରେ ସେମାନଙ୍କୁ କିଣିବାକୁ ହେଲା ରାମନଗରର ଏଇ ଜଳିଟ୍ରିପ୍‌ଟାକୁ।

ବିରକ୍ତି ଆଉ ରାଗର ଶ୍ରାବଣ ମେଘ ଘୋଡ଼ାଇ ରହିଛି ସମସ୍ତ ପରିବାରର ଲୋକଙ୍କୁ– ପ୍ରତି ମୁହୂର୍ତ୍ତରେ ବର୍ଷିଯିବାର ଆଶଙ୍କା କରି ମୁଁ ଏତେ ଟିକେ ହୋଇଯାଇଛି ଏକାଥରକେ।

ବାପା ଆରମ୍ଭ କରି ଦେଲେ, (ଟ୍ୟାକ୍‌ସଟା ବାଧୁଛି, ତାଙ୍କୁ ସବୁଠୁଁ ବେଶି) ସବୁ ବଡ଼ ବଡ଼ ଲୋକଙ୍କ ସାଙ୍ଗରେ ତୁ ବି ଜଣେ ବଡ଼ ମଣିଷ ହୋଇଗଲୁଣି–

ନାଇଁ। ମା' ବାପାଙ୍କର ସହଧର୍ମିଣୀ- ଅନୁଶୋଚନା କଲେ- ଯାଙ୍କୁ ପରା କୁଆଡ଼େ ସାଙ୍ଗରେ ନବନି...।

ଦାଦା ଯୋଗ ଦେଲେ- ତୋ'ର କ'ଣ ଦରକାର ଥିଲା ଯେ ତୁ' ...ସେ' ବାପାଙ୍କର ଅନୁଜ।

ମୁଁ ଜନ୍ମ ହୋଇ ବଡ଼ଭାଇଙ୍କ ପ୍ରତି ବାପା ମା'ଙ୍କର ଏକାନ୍ତ ସ୍ନେହର ଭାଗୀଦାର ହୋଇଥିବାରୁ ସେ ଇଂରାଜୀ ଭାଷାରେ ତାଙ୍କର ବିରକ୍ତି ପ୍ରକଟ କଲେ- ଇଡ଼ିୟଟ୍...

ସୁବିଧାବାଦୀ ସାନଭଉଣୀ ବି ଖନେଇ ଖନେଇ ତା' ଅହନ୍ତା ସାଧିଲା। ବାପା- ଭାଇର ଆଉ ପ୍ୟାଣ୍ଟ କିଣା ହେବ ନାହିଁ।

ଶିକାରୁ ଆଚାର ଚୋରି କରିବାକୁ ତା'ର ବହୁ କରୁଣ ମିନତିକୁ ବାରମ୍ବାର ଉପେକ୍ଷା କରି ମୋର ନିଜର ସୁବିଧା ଦେଖି ମୁଁ ମୋର ଦୀର୍ଘ ହାତକୁ ବ୍ୟବହାର କରିଛି।

ଶେଷକୁ କ୍ଷୀଣ କଣ୍ଠରେ ଟିପ୍ପଣୀ କଲା ଜେଜେମା-'

କ'ଣ ଆଜି ? ସବୁଦିନ ପରା ସେଇଟା ଡବଡ଼ବିଟାଏ- ଅନେକ ଥର ଅଫିମ ପାଇଁ ଖେଳ ଛାଡ଼ି ବଜାରକୁ ଯିବାକୁ ମୁଁ ତାର ଆଦେଶ ଅମାନ୍ୟ କରିଛି।

ଉଙ୍ଗାର ଅନ୍ୟାନ୍ୟ ସଭ୍ୟମାନେ କିଛି ନ କହିଲେ ମଧ ମୁଁ ଠିକ୍ ବୁଝି ପାରୁଛି ସେମାନେ ଗୋଟାଏ ସ୍ଥାୟୀ ସରକାର ଗଠନ କରିବାକୁ ଭୋଟ୍ ଦେଇଛନ୍ତି ସବଳ ସପକ୍ଷରେ।

ସେତେବେଳେ ମାତ୍ର ଦଶବର୍ଷର ଶିଶୁ ମୁଁ। ମୋର ସହଜାତ ବୁଦ୍ଧି ଉପରେ ତର୍କଶାସ୍ତ୍ର ତା'ର ମାୟାଜାଲ ବିସ୍ତାର କରିବାକୁ ଆହୁରି ଅନେକ ଡେରି ଅଛି। ସହିବାର ସୀମା ମୋର ଅତିକ୍ରମ କରିଗଲାଣି ଅନେକ ବେଳୁ- ଆଖିରେ ଆଖିଏ ଲୁହ ଟଳମଳ କରୁଛି। ହଠାତ୍ ମୋର ଏ ବିପନ୍ନ ମୁହୂର୍ତ୍ତରେ ମତେ ମଦତ୍ ଦେଉଛି

କିଏ ? ପଛକୁ ଅନେଇଲି- ମାଷ୍ଟରଜୀ ମୋ ଆଡ଼କୁ ଅନେଇ ଧୀରେ ଧୀରେ ମୁଣ୍ଡ ହଲେଇ କହୁଛନ୍ତି- "ପରିଶାନ୍ ନ ହୋ ଅଶୋକ ୟେ' ତୋ'-।"

ଆଉ କି ରହେ ? ତାଙ୍କ କୋଳରେ ମୁଣ୍ଡ ରଖି କଇଁ କଇଁ ହୋଇ କାନ୍ଦି ଉଠିଲି ମୁଁ। ଆଜି ବି ମନେ ଅଛି, ମୋ ପିଠି ଉପରେ ତାଙ୍କର ବଡ଼ ପାପୁଲିଟା ଅଶ୍ୱତ୍ଥ ପତ୍ର ପରି କମ୍ପି ଉଠୁଥାଏ। ଆଉ ରୁଦ୍ଧ କଣ୍ଠରେ ସେ' କହୁଥାଆନ୍ତି, 'ରୋଅମତ୍ ବେଟା...ରୋ... ମତ- ଅଶୋକ," ଅ...ଶୋ...କ- ମାଷ୍ଟରଜୀଙ୍କ ଅଣ୍ଟାକୁ ଜାବୁଡ଼ିଧରି କୋହ ଉପରେ କୋହ ଉଠୁଛି । ମୋ'ର- ବାପା, ମା, ଦାଦା ପ୍ରଭୃତି କ'ଣ ଧୀରେ ଧୀରେ କଥାବାର୍ତ୍ତା କରୁଛନ୍ତି। ଗୁରୁଗମ୍ଭୀର ସ୍ୱରରେ ଆରମ୍ଭ କଲେ ମାଷ୍ଟରଜୀ।

ସହାନୁଭୂତି- ଆର୍ଦ୍ର, ବାଷ୍ପାକୁଳ କଣ୍ଠରେ କ୍ରୋଧର ଉତ୍ତେଜନା ମିଶି ଅଦ୍‌ଭୁତ ଶୁଣାଯାଉଛି ତାଙ୍କର କଣ୍ଠସ୍ୱର।

ଆପଣମାନେ ୟେ' କ'ଣ କଲେ- କ'ଣ ଭୁଲ କରିଛି ଅଶୋକ ? ସତ କହିଛି, ଏଇ ତ ?

ନୌକାରେ ସ୍ତବ୍ଧ ନିରବତା। ତାଙ୍କର କଥାର ସୁଅ ତଥାପି ବନ୍ଦ ହଉନି- ମତେ କ୍ଷମା କରନ୍ତୁ ଆପଣମାନେ। ମାନୁଛି ଆପଣମାନେ ଅଶୋକର ଗୁରୁଜନ କିନ୍ତୁ ଆପଣମାନେ ତା'ର ଯେ କି କ୍ଷତି କରୁଛନ୍ତି ତା' ବୁଝିବାର କ୍ଷମତା ଆପଣମାନଙ୍କର ନାହିଁ।

ମାଷ୍ଟରଜୀ ପାଞ୍ଚ ଟଙ୍କା ଦରମାରେ ମୋର ଟ୍ୟୁସନ୍ ମାଷ୍ଟର। କିନ୍ତୁ ପାଞ୍ଚ ଟଙ୍କା ଦରମାର ସେଇ ଅକାଳ-ପ୍ରୌଢ଼, ଚିନ୍ତାଜୀର୍ଣ୍ଣ, ଦରିଦ୍ର ଶିକ୍ଷକ ହଠାତ୍ ଯେପରି ମୁହୂର୍ତ୍ତକ ଭିତରେ ଉତ୍ତୀର୍ଣ୍ଣ ହୋଇଗଲା ସମଗ୍ର ପରିବାରର ମୁରବୀ ପଦକୁ। ମୁଁ ଅନେକ ଦିନ ଧରି ଜାଣିଛି ମୋର ଏଇ ମାଷ୍ଟରଜୀଙ୍କୁ। କିନ୍ତୁ ସେ ଦିନ ମୁଁ କେବଳ ଅବାକ୍ ହୋଇ ଚାହିଁ ରହିଥିଲି ତାଙ୍କୁ। ମୋର ବହୁ ପରିଚିତ ଏଇ ପରାନ୍ନଭୋଜୀ,

ନିରୀହ, ଭୀରୁ ମାଷ୍ଟରଜୀଙ୍କର କଣ୍ଠରେ କୁଆଡୁ ଆସିଲା ଏ ଗାମ୍ଭୀର୍ଯ୍ୟ, ଏ ସାହସ, ଏ ଦୃଢ଼ତା ? ସମାଲୋଚନା କରିବାର ଏ ଦୁର୍ବାର ଆତ୍ମବିଶ୍ୱାସ, ଆଦେଶ ଦେବାର ଏ ଅପୂର୍ବ ଆସ୍ପର୍ଦ୍ଧା । ପାଇଲା କୁଆଡୁ ଏଇ ଚିର ଅବହେଳିତ ଶୀର୍ଣ୍ଣ ଦେହ ଭିକ୍ଷୁକ ବ୍ରାହ୍ମଣ ? ଆଶ୍ଚର୍ଯ୍ୟ ? ଗତାୟୁ ଗୋଧୂଳିର ସେଇ ଲଗ୍ନରେ ମୋର ସମସ୍ତ ଇନ୍ଦ୍ରିୟ ଆଚ୍ଛନ୍ନ କରି ମାଷ୍ଟରଜୀର ସମଗ୍ର ସତ୍ତା ଯେପରି ଅନୁଭବ କରିଲି ମୁଁ ପ୍ରଥମ ଥର ପାଇଁ। ସତ୍ୟର ପ୍ରଚଣ୍ଡ ଅସ୍ତିତ୍ୱ ଯେପରି ତାଙ୍କର ଦୁର୍ବଳ ବ୍ୟକ୍ତିତ୍ୱର ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି ନିଜକୁ ପ୍ରକାଶ କରୁଛି । ସେ' ସତ୍ୟ ।

ବାପା ନିରବରେ ମତେ କୋଳକୁ ନେଲେ ।

ମାଷ୍ଟରଜୀ- ତାଙ୍କ ମୁହଁ ଆଜି ବି ସ୍ପଷ୍ଟ ମନେ ପଡୁଛି ମୋର । ଉଜ୍ଜ୍ୱଳ ଗୌରବର୍ଣ୍ଣ- ଈଷତ୍ ଦୀର୍ଘ ମୁହଁ ଉପରେ ଉନ୍ନତ ଶୁକଚଞ୍ଚୁ ନାସିକା- ବଡ଼ ବଡ଼ ଦୁଇଟା କାନ ଉପରେ ବିପର୍ଯ୍ୟସ୍ତ ବାଳ ଲମ୍ବି ଆସିଛି କେରା କେରା ହୋଇ । ସାମାନ୍ୟ ଭିତରକୁ ପଶି ପଶି ଯାଇଛି, ଦୁଇଟି ବୁଦ୍ଧିଦୀପ୍ତ ଆଖି । ମାଷ୍ଟରଜୀ- ଏଇ ମୋର ମାଷ୍ଟରଜୀ ।

ସତେ ତ ! ମାଷ୍ଟରଜୀଙ୍କ ଘର ବନାରସ୍‌ରେ, ଏଇଠି । ହଠାତ୍ ମନେ ହେଲା ଥରେ ଯାଇ ତାଙ୍କୁ ଦେଖି ଆସିବାକୁ । ଏତେଦିନ ପରେ ମତେ ଦେଖି ନିଶ୍ଚୟ ଖୁସିରେ ଅଧୀର ହୋଇ ଉଠିବେ ମାଷ୍ଟରଜୀ- ତାଙ୍କରି ପାଠର ମୂଳଦୁଆ ଉପରେ ମୁଁ ଅନେକ ଘର କରିଗଲିଣି । ମାଟ୍ରିକୁଲେଶନ, ଆଇ.ଏ, ବି.ଏ., ଏମ୍.ଏ.- ଆଉ ତା'ପରେ ବି.ଏ. ଅକ୍‌ସନ୍ । ସବୁ ଗୋଟି ଗୋଟି କରି କହିବି ତାଙ୍କୁ ଓ ମୋର କୃତଜ୍ଞତା ବି ପ୍ରକାଶ କରିବି ।

ଏଇ ରିକ୍‌ସା ! ଚଲାଓ କ୍ୟାଣ୍ଟନମେଣ୍ଟ୍ ରୋଡ଼ ।

ତୁହାଇ ତୁହାଇ ଶୈଶବର ସ୍ମୃତି ଉତୁରି ପଡୁଛି ମନ ଭିତରେ । ମାଷ୍ଟରଜୀଙ୍କର ଦୁଇଟି ଶିଷ୍ୟ ଥିଲେ ମୁନ୍ନା ଆଉ ମନ୍ନୁ । ମୁନ୍ନା ମୋର ଡାକ ନାଁ, ଆଉ ମନ୍ନୁ ମୋର

ପୋଷା ପାତି ମାଙ୍କଡ଼ ଛୁଆ । ମୁଁ ମନ୍ନୁକୁ ସାଙ୍ଗରେ ନ ଧରିଲେ ନ ଯାଏ ପାଠ ପଢ଼ିବାକୁ । ମନ୍ନୁ ବି ମୋ ସହିତ ସିଲଟ ଧରି ପାଠ ପଢ଼ିବାକୁ ବସେ । କିନ୍ତୁ ତଫାତ୍ ଥାଏ ଅନେକ । ମୁଁ ଦାନ୍ତ ଦେଖାଇଲେ ମତେ ଡରାନ୍ତି ମାଷ୍ଟରଜୀ । କିନ୍ତୁ ମନ୍ନୁ ଦାନ୍ତ ଦେଖେଇଲେ ମାଷ୍ଟରଜୀ ଡରି ଅସ୍ଥିର । ଭାରି ଭଲ ଲାଗେ ଡରିଲେ ମାଷ୍ଟରଜୀ । ମନ୍ନୁ ଦାନ୍ତ ଦେଖେଇ ଟିକିଏ ଖେଙ୍କି ଦେଲେ ବି ହାତ ପଛକୁ ଘୁଞ୍ଚିଯାଇ ମାଷ୍ଟରଜୀ କୁହନ୍ତି, "ସମ୍‌ହାଲ୍‌କେ ମୁନ୍ନା ସମ୍‌ହାଲ୍‌କେ- ଚେନ୍ ପକଡ଼ତା ରହୋ, ଅଗର୍ ଛୁଟ୍ ଯାଏତୋ- । ମୁଁ ହସି ହସି ଗଡ଼ିଯାଏ ହୋଃ ହୋଃ... । ନେହିଁ ମାଷ୍ଟରଜୀ ଓ ତୋ ମଜାକ୍ କର୍ ରହା ହେ... । ଓଃ ସେ ପୁଣି କି ଅବସ୍ଥା- ଲଣ୍ଠନର ଠିପି ଖୋଲି ମୁଁ ପାଣି ପୂରଉଛି, ମାଷ୍ଟରଜୀ ମତେ ରୋକୁ ରୋକୁ ମନ୍ନୁ ତାଙ୍କର ପାନବଟା ଖୋଲି ଚାରିପାଞ୍ଚ ଖଣ୍ଡ ପାନ ଏକା ସାଙ୍ଗରେ ଉଠାଇ ଧୀରେ ଧୀରେ ପାଟିରେ ପୂରାଇବାର ସୂଚନା ଦଉଛି । ଏ ବିପନ୍ନ ମୁହୂର୍ତ୍ତରେ ମାଷ୍ଟରଜୀ କିଛି କରି ନ ପାରି ଗମ୍ଭୀର ହୋଇ ସ୍ଥିର ଭାବରେ ବସି ରହି କପଟ ଭର୍ତ୍ସନା କରି କହନ୍ତି, "କରତା ଯାଓ ହାଁ । ହାଁ ଯୋ ତୁମ୍ ହାରା ଖୁସି କରତା ଯାଓ, ମେରା ୱକ୍ତ ଆଜାନେସେ ଆଚ୍ଛେତେରା ସମ୍‌ଝାଦୁଙ୍ଗା ।" ମନ୍ନୁ ପାନ ଖାଏ ଆଉ ମୁନ୍ନା ପାଣି ପୂରାଏ, ଆଉ ପାଣି ଛାଟି ତତଲା ଲଣ୍ଠନ କାଚକୁ ଫଟେଇ ଦିଏ । ମାଷ୍ଟରଜୀ କୁହନ୍ତି "ମୁନ୍ନା ମନ୍ନୁ ଭାଇ ଭାଇ- ଓଃ ଦୁଇ ଦୁଇଟା ମାଙ୍କଡ଼ଙ୍କୁ ମଣିଷ କାହାଁତକ୍ କରେ ମୁଁ । ପଢ଼ି ସାରିଲା ବେଳକୁ ପ୍ରାୟ ହାତରେ ପିଜୁଳି, ଆମ୍ବ ନ ହେଲେ ହାଲୁଆ ଧରି ଆସି ପହଞ୍ଚି ଯିବେ ମାତାଜୀ । ସେ ମାଷ୍ଟର୍‌ଜୀଙ୍କର ମା' ଓ ଆମ ସମସ୍ତଙ୍କର ବି । ଆଉ ମାତାଜୀଙ୍କ ହାତର ହାଲୁଆ ଯେ ଥରେ ଖାଇଛି ସେ ଭୁଲିପାରିବ ନାହିଁ ଜନ୍ଦ୍‌ଗୀଭର୍ ।

ରିକ୍‌ସା ଆସି ପହଞ୍ଚିଗଲାଣି କ୍ୟାଣ୍ଟନ୍‌ମେଣ୍ଟ ଛକ ଉପରେ । ଆଉ ଅଳ୍ପ ବାଟ ଗଲେ ସଦର୍ ବଜାର । ତା'ପରେ ସଦର୍ ବଜାରର ଛୋଟ ପୋଷ୍ଟଅଫିସ୍ ସାମ୍ନାର ସେଇ ଗଳି...ତା'ପରେ....ତା'ପରେ ଆଉ ମନେନାହିଁ ଠିକ୍ କେଉଁଠି ମାଷ୍ଟରଜୀଙ୍କର ଦରିଦ୍ର କୁଟୀର ।

କେମିତି ଦେଖାହେବ ମାଷ୍ଟରଜୀଙ୍କ ସହିତ ? ଏଇ ସୁଟ୍ ଆଉ ଟାଇର ପୋଷାକରେ ସେ' କ'ଣ ଚିହ୍ନି ପାରିବେ ମତେ ? ନାଁ, ମୁଁ ତାଙ୍କ ଆଖିରେ ଆଜି ପର୍ଯ୍ୟନ୍ତ ମଧ୍ୟ ଥିବି ସେଇ ପୁରାତନ ଚପଳ ଶିଶୁ। ଏଇତ ସନ୍ଧ୍ୟାହେଲା। ନାଲି କିରାସିନିର ସେଇ ମୁମୂର୍ଷୁ ଲଣ୍ଠନ ଆଲୁଅରେ ସେ ତାଙ୍କର ପିଣ୍ଡା ଉପରେ ବସି ରହିଥିବେ, ଆଉ ତାଙ୍କୁ ଘେରି ବସିଥିବେ ଅନେକ ପଠନରତ ଶିଶୁ। ମୁଁ ଚଟ୍‌କରି ଚିହ୍ନିନେବି ତାଙ୍କୁ ଆଉ ଯାଇ ତାଙ୍କର ପଦଧୂଳି ନେବି। ମଥାପାତି କୃତଜ୍ଞତା ସ୍ୱୀକାର କରିବି। ପରିଚୟ ପାଇ ସେ ନିଶ୍ଚୟ ମତେ କୁଣ୍ଢେଇ ପକେଇବେ ଗଦ୍ ଗଦ୍ ହୋଇ। ସ୍ନେହ ଦୁର୍ବଳ ଏଇ ଶିକ୍ଷକର ଦୁଇ ଆଖି ଭାସିଯିବ ଆନନ୍ଦର ଅଶ୍ରୁରେ। ରୁଦ୍ଧ କଣ୍ଠରେ ସେ ବୋଧହୁଏ କହିବେ, "ତୋ ପରି ଜଣେ ଛାତ୍ର ମୁଁ ଆଜିଯାଏ ଦେଖିଲି ନାହିଁ ଅଶୋକ। ଆଉ କ'ଣ ସେ' ଦିନ ଅଛି ? କେଇଜଣ ଛାତ୍ର ତା'ର ବାଲ୍ୟଗୁରୁର ଋଣ ସ୍ୱୀକାର କରିବାକୁ ଆସନ୍ତି ତୋ'ପରି ? ଜାତିର ଶ୍ରେଷ୍ଠ ସନ୍ତାନ କେଉଁଦିନ ଆସି ତା'ର ବାଲ୍ୟଗୁରୁର ପାଦତଳେ ମଥା ନତ କରି ତା'ର କୃତଜ୍ଞତା ଜଣାଇବ ସେଇ ଚିର-ଇପ୍‌ସିତ ଦିନକୁ ଅତିଷ୍ଠ ହୋଇ ଅପେକ୍ଷା କରି ରହିଥାଏ ପ୍ରତ୍ୟେକ ଶିକ୍ଷକ। ଏତିକି ତ ତା'ର ଗର୍ବ ! ଚିର ନିର୍ଯ୍ୟାତିତ ଶିକ୍ଷକ ଗୋଷ୍ଠୀର ଏତିକି ତ ଚରମ କ୍ଷତିପୂରଣ।"

କିସ୍ ତରଫ୍ ଚଲୁଁ ବାବୁଜୀ ?

ରିକ୍‌ସାବାଲାର ପ୍ରଶ୍ନରେ ମୋର କଳ୍ପନା ଭାଙ୍ଗିଗଲା। ରିକ୍‌ସା ଆସି ପହଞ୍ଚି ଗଲାଣି ସଦର୍ ବଜାର ପୋଷ୍ଟଅଫିସ୍ ପାଖରେ। ସାମ୍ନାରେ ଦୁଇଟା ରାସ୍ତା, ଦୁଇ ଆଡ଼କୁ ବାଙ୍କି ଯାଇଛି, ଏକ ଯୂପକାଷ୍ଠ ପରି।

ଯେଁହି ରୋକୋ। ଓହ୍ଲେଇ ପଡ଼ିଲି।

ପିଣ୍ଡା ଉପରେ କେଇଜଣ ଲୋକ ଗପ ଜମେଇଛନ୍ତି। ପାଖକୁ ଯାଇ ପଚାରିଲି, "କହିପାରିବେ ରୂପ୍ ନାରାୟଣଜୀ କେଉଁଠି ରହନ୍ତି ?"

ଲୋକଗୁଡ଼ିକ ମତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ- ଜଣେ କିଏ ତା' ଭିତରୁ କହି ଉଠିଲା, "ଗଲତ୍ କିଏ ହୋଙ୍ଗେ ଆପ୍ ବାବୁଜୀ, ଏକ ରୂପନାରାୟଣ କି ସୋନେକା ଦୁକାନ୍ ହୋଗା ମେରେ ଖିଆଲ୍ ପର୍ ଗୋଧୂଳିଆ ପର୍।"

ମୋ'ର ପୋଷାକ ଦେଖି ସେମାନଙ୍କର ଏ ଧାରଣା ହବା ସ୍ୱାଭାବିକ। ଆଉଥରେ ବୁଝେଇ କହିଲି, "ମୁଁ ଅଳଙ୍କାର ପାଇଁ ଆସିନି -ଛୋଟ ଛୋଟ ପିଲାଙ୍କୁ ପଢ଼ାନ୍ତି- ଏଇଠି କୋଉଠି ଥାଆନ୍ତି ମାଷ୍ଟରଜୀ... ରୂପନାରାୟଣ...।"

ମୋ' କଥା ଶୁଣି ସମସ୍ତେ ଏକା ସାଙ୍ଗରେ ମୁହଁ ଟେକି ଚାହିଁ ରହିଲେ ମୋ' ପାଖରେ ଠିଆ ହୋଇଥିବା ରିକ୍‌ସାବାଲା ମୁହଁକୁ। ରିକ୍‌ସାବାଲାଟା ବୋଧହୁଏ ମୋର ଗନ୍ତବ୍ୟ ପଥର ଠିକଣା ସନ୍ଧାନ କରିବାକୁ ଆସି ଠିଆ ହୋଇ ରହିଥିଲା ମୋ' ପାଖରେ। ମୁଁ ବି ଚାହିଁଲି ରିକ୍‌ସାବାଲାକୁ। ଯେ କ'ଣ ! ଏ ରିକ୍‌ସାବାଲାଟା କାହିଁକି ମତେ ଚାହିଁ ରହିଛି ଏମିତି ! ତା'ର କୋଟରଗତ ଦୁଇଟା ଆଖି ମେଲି ସେ' ମୋତେ ଚାହିଁ ରହିଛି ଅପଲକ, ଯେମିତି ତା'ର ସେଇ ପରଳ ଲଗା ପେଜୁଆ ପେଜୁଆ ଆଖିର ଏକ୍‌ସରେ ଦେଇ ସେ' ମୋର ଅଭ୍ୟନ୍ତରଟାକୁ ଦେଖିବାକୁ ଚେଷ୍ଟା କରୁଛି। ଆଖିରେ ତା'ର ସୁଦୂରର ଦୃଷ୍ଟି- ଆଖି କଣର ଚମଡ଼ାଗୁଡ଼ାକ କୁଞ୍ଚି କୁଞ୍ଚି ହୋଇଯାଇ ଅସଂଖ୍ୟ ରେଖା ସୃଷ୍ଟି କରିଛି। ସେ ଯେପରି କ'ଣ କହିବ କହିବ ହଉଚି ଓ ସେଇ ଉତ୍ତେଜନାରେ ତା'ର କଳା କଳା ଓଠ କମ୍ପି ଉଠୁଛି ବାରମ୍ବାର। କିଛି ସମୟ ପରେ ସେ କହିଲା- ସେ ଯେମିତି କହୁଛି ବହୁ ଯୁଗର ତନ୍ଦ୍ରାଛନ୍ନ ସ୍ୱପ୍ନର କୁହୁଡ଼ି କାଟି, "ତୁମ୍ ଅଶୋକ୍ ହୋ ନାଁ- ଇତ୍‌ନେ ବଡ଼ା ହୋ ଗେ ତୁମ୍ ?"

ମୋର ମେରୁଦଣ୍ଡ ଦେଇ ବିଦ୍ୟୁତ୍‌ର ଶୀତ୍କାର ପହଁଚିଗଲା ମୁହୂର୍ତ୍ତକ ଭିତରେ। କିଏ ଯେ ! ଠିକ୍ ତ ସେଇ ଦିହ, ସେହି ମୁହଁ, ସେଇକଥା। ମୋର ସାମ୍ନାରେ, ସେଇ ବିପର୍ଯ୍ୟସ୍ତ, ଜରାକ୍ଳାନ୍ତ, ଦୀନ ରିକ୍‌ସାବାଲାର ମଳିନ ପ୍ରତିକୃତି ଭିତରୁ ଧୀରେ ଧୀରେ ଉଇଁ ଆସିଲା ମୋ'ର ମାଷ୍ଟରଜୀର ସେଦିନର ଚେହେରା।

ମାଷ୍ଟରଜୀ ! ସେ' ବିସ୍ମୟ ବର୍ଣ୍ଣନାର ଅତୀତ ।

ନଇଁପଡ଼ି ପଦଧୂଳି ନେବାକୁ ହାତ ବଢ଼ାଇଲି । ମୁହୂର୍ତ୍ତକରେ କେଇହାତ ପଛକୁ ଘୁଞ୍ଚିଯାଇ ମୋର ଦୁଇ ବାହା ଧରି ଉପରକୁ ଟୋକି ନେଇ କହିଲେ-

ଦୀର୍ଘଜୀବୀ ହୁଅ ତୁ ଅଶୋକ- ମନେଥିଲା ତୋ'ର ଏଇ ବୁଢ଼ା ରୂପନାରାୟଣର କଥା ?

ଆଉ କହିପାରିଲେ ନାହିଁ ସେ, ଆନନ୍ଦର ଅଶ୍ରୁ ତାଙ୍କର କଣ୍ଠ ରୁଦ୍ଧ କରିଦେଲା । ସେ କି ଦୃଶ୍ୟ ! ଦୁହେଁ ଦୁହିଁଙ୍କୁ ଚାହିଁ ରହିଛୁ କେବଳ । ସେ'ଦିନ ମୁଁ ଅନୁଭବ କଲି ମନୁଷ୍ୟ କଥା କହିବା ଅପେକ୍ଷା ନିରବରେ ତା'ଠାରୁ ପ୍ରକାଶ କରିପାରେ ଯଥେଷ୍ଟ ବେଶି !

ତା'ପରେ ପରେ ମାଷ୍ଟରଜୀଙ୍କର ଆନନ୍ଦ ଦେଖେ କିଏ ? ତାଙ୍କର କ୍ଷୁଦ୍ର ପରିଚିତ ମହଲ ଭିତରେ ସେ ମତେ ଘୂରେଇ ଫେରେଇ ବୁଲାଇ ଆଣିଥିବେ ତିନିଥର । କଥା କଥାକେ ପ୍ରଶଂସା, ଗର୍ବ ଆଉ ଆନନ୍ଦରେ ସେ ଅସ୍ଥିର । ସେ ମୁହୂର୍ତ୍ତରେ ତାଙ୍କୁ ଯେ କେହି ଦେଖିଥିଲେ କହି ଥାଆନ୍ତା ସେ ପୃଥିବୀର ସବୁଠାରୁ ସୁଖୀ ମନୁଷ୍ୟ ।

ଦୁଇଜଣଯାକ ଫେରି ଆସିଲୁ ତାଙ୍କର ସେଇ ପୁରୁଣା ପିଣ୍ଡା ଉପରକୁ । କ'ଣ ପଚାରିବି ତାଙ୍କୁ ! ପଚାରିବି ସେ' କାହିଁକି ଆଜି ଏ ଅବସ୍ଥାରେ ! ମୋର ଠିକ କ'ଣ ପଚାରିବା ଉଚିତ୍ ସେଇ କଥା ଭାବି ଭାବି ମୂକ ହୋଇ ବସି ରହିଛି । ମତେ ଏ ଅପ୍ରୀତିକର ଅବସ୍ଥାରୁ ରକ୍ଷାକରି ଦେଇ ନିଜଛାଏଁ ଆରମ୍ଭ କରିଦେଲେ ମାଷ୍ଟରଜୀ... ।

କିଛିଦିନ ତଳେ ସାରା ଉତ୍ତର ଭାରତ ବ୍ୟାପୀ ଯେଉଁ ନିମ୍ନ ପ୍ରାଥମିକ ଶିକ୍ଷକ ଧର୍ମଘଟ ହୋଇଥିଲା ସେଥିରେ ସେ ଥିଲେ ପୁରୋଧା । କିଛି ସମୟ ତଳର ଆନନ୍ଦ

ଉଦ୍‌ବେଳିତ ଏଇ ଲୋକଟା ଯେମିତି ଭାଙ୍ଗି ପଡ଼ିଛି ହଠାତ୍। କରୁଣ ସ୍ୱରରେ କହିଲେ, "ଆମର ଧର୍ମଘଟ କରି ସରକାର ଗଠନ କରିବାର ଇଚ୍ଛା ନ ଥିଲା ଅଶୋକ- ଏ ସମୟରେ ୧୩ ଟଙ୍କା ଦରମାରେ ଚଳୁଁ କେମିତି ? ଆଉ ସେଇଥିରେ ହିଁ ସେ, ଜେଲ ଚାଲିଗଲେ, ରାଷ୍ଟ୍ର ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗରେ। ବର୍ଷକ ପରେ ଜେଲ୍‌ରୁ ଫେରି ଦେଖନ୍ତି ତାଙ୍କର ସ୍ତ୍ରୀ ମରିଯାଇଛି। ଗୋଟାଏ ବଡ଼ ସମାଧାନ ହେଇଯାଇଛି ଯାହାହେଉ", କହିଲେ ମାଷ୍ଟରଜୀ। "ପରିବାରର ବୋଝ ଲଘୁ ହୋଇଯାଇଛି ଅନେକ। ଆଉ ତା' ଛଡ଼ା ତା'ର ଯାହା ଦିଖଣ୍ଡ ଅଳଙ୍କାର ଥିଲା ସେଥିରେ ଆଉ କିଛି କରଜ ଟଙ୍କା ମିଶେଇ ଖଣ୍ଡେ ରିକ୍‌ସା ପାଇଁ ମୂଳଧନ ହୋଇଗଲା। ପ୍ରାଇଭେଟ୍ ଟ୍ୟୁସନରୁ ଟଙ୍କାଏ ଦୁଇଟଙ୍କା ପାଇ କ'ଣ ବଞ୍ଚି ହୁଅନ୍ତା ଅଶୋକ ?"

ସେ, ଆଖିରୁ ଲୁହ ପୋଛିଲେ। ହଠାତ୍ ଗୋଟାଏ ଝାଙ୍କ କାଶ ଆସିଲା। ସେ କାଶରେ ଯେମିତି ଦୋହଲି ଗଲା ମାଷ୍ଟର୍‌ଜୀର ଜୀର୍ଣ୍ଣ କଙ୍କାଳଗୁଡ଼ାକ। କେତେବେଳକେ କହିଲେ ମାଷ୍ଟରଜୀ; "ଆଜିକାଲି ଆଉ ଦେହ ଭଲ ରହୁନାହିଁ। ବଳେଇ ପକେଇବାରୁ ଡାକ୍ତରଖାନାକୁ ଦେଖେଇବାକୁ ଯାଇଥିଲି। କ'ଣ ଦେଖିଲେ କେଜାଣି କହିଲେ, 'ପ୍ଳୁରେସି ହେଇଛି ଚିକିତ୍ସା କରିବାକୁ ଅନେକ ପଇସା ଲାଗିବ।"

ପ୍ଳୁରେସି ! ମୁଁ ଚମ୍‌କି ପଡ଼ିଲି।

"ହଁ କେତେ ତ ରୋଗ ବାହାରିଲାଣି, ହେଲେ ଟିକିଏ କାଶ ପାଇଁ ଆଉ ଏତେ ଟଙ୍କା ଖର୍ଚ୍ଚ କରି ହଉଛି କୁଆଡୁ ?"

ସେଇବାଟ ଦେଇ ଗୋଟିଏ ସୁଦୃଶ୍ୟ ଦମ୍ପତି ଯାଉଥିଲେ। ବୋଧହୁଏ ସାନ୍ଧ୍ୟ ଭ୍ରମଣ ସାରି ଫେରୁଥିଲେ ସେମାନେ। ଆମ ସାମ୍ନାର ରିକ୍‌ସାଟାକୁ ଦେଖି ଅଟକି ଗଲେ ଟିକିଏ।

ହଠାତ୍ କଥାର ଖିଅ ଛିଣ୍ଡେଇ ଦେଇ ମାଷ୍ଟରଜୀ ଚିତ୍କାର କରି ଡାକି ଉଠିଲେ, "ରାମସରନ୍- ଏ ରାମସରନ୍- ସବାରି ଲାଗି ହେ ତୁରନ୍ତ ଆନା ତୁରନ୍ତ। ସିଆଡୁ କିଏ ପାଟିକରି ଉଠିଲା, "ଅଇ-ଇ-ଇ ବାବୁଜୀଇ।" ଗୋଟିଏ ବାର ଚଉଦ ବର୍ଷର ବାଳକ ଚିଲ୍ଲପରି ଦୌଡ଼ି ଆସି ରିକ୍ସାରେ ବସେଇ ନେଇ ଚାଲିଗଲା ସେମାନଙ୍କୁ। ମାଷ୍ଟରଜୀ ରିକ୍ସା ଆଡ଼କୁ ଚାହିଁ ଚାହିଁ ଅବ୍ଶୋଷର ଦୀର୍ଘ ନିଶ୍ୱାସ ପକେଇ କହିଲେ କେବଳ, "ବଡ଼ ପିଲାବେଳୁ ତା' ଉପରେ ଅନେକ ଦାୟିତ୍ୱ ପଡ଼ିଗଲା- ରୂପା ଆଜି ବଞ୍ଚିଥିଲେ-।

ପୁଣି ଥରେ ଆଖିରୁ ଲୁହ ପୋଛିଲେ ସେ। ସଦର୍ ବଜାରର ଆକାଶ ଉପରେ ଅନ୍ଧାର ଜମି ଜମି ଆସିଛି।

ମାଷ୍ଟର୍ଜୀର କ୍ଷୁଦ୍ର ଇତିହାସ ମଧ୍ୟ ସରିଯାଇଛି। କାହାଣୀ କହିବାରେ ଅସାଧାରଣ ଦକ୍ଷତା ଥିଲା ତାଙ୍କର। ତାଙ୍କ କାହାଣୀର ପ୍ରତ୍ୟେକଟି ଚରିତ୍ରକୁ ସେ ଆଖି ଆଗରେ ଜୀବନ୍ତ କରି ତୋଳି ଧରି ପାରୁଥିଲେ। ତାଙ୍କ କାହାଣୀର ସ୍ୱର୍ଗର ପରୀ, ଆଣ୍ଡ୍ରୋସିଲିସ୍ର ସିଂହ, ସୁନୀତି ସନ୍ତାନ ଧ୍ରୁବ ସବୁ ସତ୍ୟ- ଆଉ ଏବେ ବି ଆମରି ସାଙ୍ଗରେ ବଞ୍ଚିଛନ୍ତି ରାଜପୁତ୍ ବୀରପ୍ରତାପ ସିଂହ। ଚୌହାନ୍ର ପୃଥ୍ୱୀରାଜ ଆଉ ପଳାତକ ଶିଖ୍ମନାଇ ଜୟଦ୍ରଥ, ଯେ' ସବୁ ସେବକାର କାହାଣୀ। କିନ୍ତୁ ମୁଁ କ'ଣ ଜାଣିଥିଲି ଏଇ କାହାଣୀ। ଦକ୍ଷ ଦରିଦ୍ରର ମଧ୍ୟ ଗୋଟାଏ ଆତ୍ମ କାହାଣୀ ଅଛି ଯାହା ପରୀ ରାଜ୍ୟର କଳ୍ପନାକୁ ମଧ୍ୟ ପରାସ୍ତ କରେ- ଅଥଚ ଇତିହାସଠାରୁ ଆହୁରି ସତ୍ୟ। ହଠାତ୍ ମନେ ହେଲା ମୋର ଏବେ ବି ଯେମିତି ପାଠ ପଢ଼ା ଅସମାପ୍ତ ରହିଯାଇଛି ଆଉ ସେଦିନର ସେଇ କୁତୂହଳୀ ଶିଶୁ ପରି ଆଜି ବି ମୁଁ ମାଷ୍ଟରଜୀଙ୍କ ପାଖରେ ବସି ବସି ବହି ପଢୁଛି। ଏଇ ବିଶ୍ୱର ବିରାଟ ବହି ଉପରେ ବହୁ ବିଚିତ୍ର ମନୁଷ୍ୟ ନାୟକ ନାୟିକାର ହୃତପଦ୍ମର ସ୍ପନ୍ଦନ ଶୁଣୁଛି।

କର୍ପୋରେସନ୍‌ର କର୍ମଚାରୀ ଲାଇଟ୍‌ପୋଷ୍ଟ ଦେହରେ ଶିଡ଼ି ଆଉଜେଇ ଉପରକୁ ଉଠୁଛି ଆଲୁଅ ଜାଳିବାକୁ।

ମାଷ୍ଟରଜୀ କହିଲେ, "ଭାରି ଖୁସି ଲାଗିଲା ତତେ ଏତେ ଦିନ ପରେ ଦେଖି ଅଶୋକ। କିନ୍ତୁ ଏ ଭଙ୍ଗାଘରେ ତତେ ରହିବାକୁ ମୁଁ କହିବି କେମିତି କହ? ଗୋଟାଏ ରାତି ପାଇଁ ମଧ୍ୟ ତତେ ମୁଁ ଅତିଥି କରି ପାରୁନାହିଁ। ସେ ମୋର ଦୁର୍ଭାଗ୍ୟ।"

ଉତ୍ତର ଦେବାର କିଛି ନ ଥିଲା ମୋର। ଉଠିବାକୁ ବସିଛି।

ମାଷ୍ଟର୍‌ଜୀ ସାମ୍ନାରେ ଗୋଟିଏ ବୃଦ୍ଧାକୁ ହାତ ବଢ଼େଇ ଦେଖେଇ ଦେଲେ ମତେ। ପିଠି ଆଉ ଆଣ୍ଠୁ ଲାଗି ଗଲାଣି। ମୁଣ୍ଡରେ କେଇ କେରା ବାଳ ଝୋଟ ଫର୍ ଫର୍ ଉଡୁଛି। ସାମ୍ନାରେ ଛୋଟ ଛୋଟ ଦୁଇଟି କିରାସିନି ଟିଣ। ଦେଖିବା ଓ ଶୁଣିବାର ସମସ୍ତ ଶକ୍ତି ବି ଲୋପ ହୋଇ ଆସିଲାଣି ପ୍ରାୟ। ଜଣ ଜଣ କରି ରିକ୍‌ସାବାଲା ଆସୁଛନ୍ତି। ହାତରେ ପଇସା ଧରି ଦୀପ ଆଲୁଅରେ ଖୁବ୍ ନିରୀକ୍ଷଣ କରି କିଛି ସମୟ ଦେଖି ସାରିଲା ପରେ ଥରିଲା ହାତରେ ପଳା ପଳା କରି କିରାସିନି ମାପି ଦେଉଛି ସେ'। ବୟସ ନିଶ୍ଚୟ ୭୦ ଉପରେ।

ପଚାରିଲା ଆଖିରେ ମାଷ୍ଟରଜୀଙ୍କୁ ଚାହିଁଲା।

ଅନ୍ୟମନସ୍କ ହୋଇ ସେ ଖାଲି କହିଲେ "ମାତାଜୀ"

ମାତାଜୀ!- ପାଖକୁ ଯାଇ ପାଦଧୂଳି ନେଲି। ଏଇ ମାତାଜୀ ଦିନେ ହାଲୁଆ କରୁଥିଲା। ସେ ହାଲୁଆ ଆଉ ମୁଁ ଖାଇନାହିଁ ଆଜିଯାଏ। ମାତାଜୀ ପାଖରେ ବସି ସେଦିନ ହାଲୁଆର ଗନ୍ଧ ମୁଁ ଆଘ୍ରାଣ କରିପାରିଲି ଯେମିତି। ସାମାନ୍ୟ ଉଚ୍ଚ କଣ୍ଠରେ କହିଲି, "ମୈ ଅଶୋକ- ଅଶୋକ ହୁଁ ମାତାଜୀ।" ସେ ଚିହ୍ନି ପାରିଲେ ନାହିଁ- ଚିହ୍ନିବାକୁ ଚେଷ୍ଟା ମଧ୍ୟ କଲେ ନାହିଁ। ଚିହ୍ନି ତାଙ୍କର ଲାଭ ନାହିଁ ଏତେ ଟିକିଏ। ପ୍ରଣାମ କଲାବେଳେ କିରାସିନି ମାପୁ ମାପୁ ଟିକିଏ ବିଡ଼ି ବିଡ଼ ହୋଇ ଉଠିଲେ,

ଅସ୍ପଷ୍ଟ ସ୍ୱରରେ, "ଜୀତେ ରହୋ ବେଟା- ଜୀତେ ରହୋ ।" ମତେ ସେ ଚାହିଁ ମଧ୍ୟ ନାହାନ୍ତି- କଥା କହିବାର ତିଳେମାତ୍ର ସ୍ପୃହା ନାହିଁ ତାଙ୍କର । ଉଠିଆସିଲି । ମାଷ୍ଟରଜୀଙ୍କୁ ପଚାରିଲି, "ୟେ କ୍ୟା ହୋଗୟା ହେ ମାତାଜୀ କୋ ?"

ମାଷ୍ଟରଜୀ ତାଙ୍କର ଡାହାଣ ହାତର ବିଷି ଆଙ୍ଗୁଠିଟାକୁ କାନ ପାଖରେ ଦୁଇ ତିନି ଥର ବୃତ୍ତାକାରରେ ବୁଲେଇ ନେଇ କହିଲେ, "କୈ ସାଲ୍ ହୁଆ ଦିମାକ୍ ବିଗଡ୍ ଗୈ... ।" ମନେ ପଡୁଛି । ମାଷ୍ଟରଜୀ କେବେ କାହାକୁ ନାଲି ଆଖି ଦେଖେଇ ଟିକିଏ କିଛି କହିଲେ ସେ ସିଲଟ ଫିଙ୍ଗିଦେଇ ଦୌଡ଼ି ଯାଉଥିଲା ଏଇ ମାତାଜୀ କୋଳକୁ । ଆଉ ଠିକ୍ ତା'ପରେ ପରେ ଆଜିର ଏଇ ଲୋଳିତ ଚର୍ମ, ଶିଥିଳ ବୃଦ୍ଧା ସେଦିନ ଦୃପ୍ତ ପଦକ୍ଷେପରେ ପଦାକୁ ବାହାରି ଆସି କହୁଥିଲା ମାଷ୍ଟରଜୀଙ୍କୁ, "କ୍ୟା ତୁମ୍‌ହରା ଦିମାକ୍ ତୋ' ବିଗଡ୍ ନେହିଁ ଗିୟା ରୂପ୍‌ନାରାୟଣ- ବଚ୍ଚାକୋ ଦାଣ୍ଟତା ହେ ତୁମ୍ ?"

ଏଇ ମାଷ୍ଟରଜୀ ସଂକୁଚିତ ହୋଇଯାଉଥିଲା ସେ' କଥାରେ ।

ଆଜି ପୁଣି ସେଇ ମାତାଜୀର ଦିମାକ୍ ବିଗିଡ଼ି ଯାଇଛି ।

ସବୁ- ରୂପନାରାୟଣର ସୁବର୍ଣ୍ଣ ସଂସାରର ସବୁ ଯେମିତି ବିଗିଡ଼ି ଯାଇଛି ବିଲକୁଲ ।

ହାୟ ରୂପନାରାୟଣ !...

ପ୍ରଣାମ କରି ବିଦାୟ ନେଇ ହୋଟେଲ୍‌କୁ ଫେରିଲି । ଆସିଲାବେଳେ ମାଷ୍ଟରଜୀ ହାତରେ ଖଣ୍ଡେ କାଗଜ ବଢ଼େଇ ଦେଇ କହିଲେ, "ୟେ ରହା ହାମାରା ୟାଁହା କା ପତ୍ତା- କଭି କଭି ୟାଦ୍ ଆୟାଏ ତୋ ଚିଠି ଲିଖ୍‌ଖୋ ହାଁ... ।"

କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍‌ର ମସୃଣ ମ୍ୟାକାଡ଼ାମାଇଜଡ୍ ରାସ୍ତା ଉପରେ ଧୀରେ ଧୀରେ ପାଦ ଗଣି ଗଣି ଚାଲୁଛି ମୁଁ । ତୁହାଇ ତୁହାଇ ମନେ ପଡୁଛି ମାଷ୍ଟରଜୀଙ୍କ

କଥା । ଏଇ ଅଳ୍ପ କିଛି ସମୟ ତଳେ ଯେଉଁ ନାଟିକା ମୁଁ ଦେଖି ଆସଲି ସେ କ'ଣ ସତ୍ୟ ! ସତରେ କ'ଣ ସେଇ ଜରାଜୀର୍ଣ୍ଣ, ଦରିଦ୍ର, ରିକ୍ସାବାଲାଟା ବିଦ୍ୟାଦାତା ରୂପନାରାୟଣ ! ଇଚ୍ଛା କରି ମୁଁ ବିଶ୍ୱାସ କରିବାକୁ ଚାହେଁ ନାଁ । କିନ୍ତୁ ମାଷ୍ଟରଜୀ ଯଦି ଜାଣିଥାନ୍ତେ ଯେ ମୁଁ ବର୍ତ୍ତମାନ ଭାରତ ସରକାରଙ୍କର ଶିକ୍ଷା ବିଭାଗରେ... ଯଦି ଜାଣିଥାନ୍ତେ ଯେ ମୋର ନିର୍ଦ୍ଦେଶରେ ତାଙ୍କ ପରି ଲକ୍ଷ ଲକ୍ଷ ଶିକ୍ଷକଙ୍କର ଭାଗ୍ୟ ନିୟନ୍ତ୍ରିତ ହେଉଛି- କ'ଣ ଭାବି ଥାଆନ୍ତେ ସେ ? ହୁଏତ ଘୃଣାକରି ଥାଆନ୍ତେ ମତେ- ଭଲ ହେଇଛି ତା' ଜାଣିବାର ସୁବିଧା ପାଇନାହାନ୍ତି ସେ । ଜଣେ ହତ୍ୟାକାରୀର ଭୀରୁ ସଂକୁଚିତ ବିବେକ ନେଇ ଚାଲିଛି ମୁଁ ।

କିଏ ! ମୁଁ ଚମକି ପଡ଼ିଲି । ହଠାତ୍ ମୋ'ର ମନେ ହେଲା ମୋର କାନ ପାଖରେ କିଏ ଜଣେ ଫିସ୍ ଫିସ୍ କରି କହୁଛି, 'ଏ ଦୋଷ ତୋର ଏକା ନୁହଁରେ ଅଶୋକ- ଏ ମୂର୍ଖତା ଏଇ ସମଗ୍ର ଅନ୍ଧଜାତିର ।"

କିଏ ? ମାଷ୍ଟର୍ ଜୀ ?

ହଁ, ମୁଁ ରୂପନାରାୟଣ... ଏ ଦେଶର ଆମେ ଲକ୍ଷ ଲକ୍ଷ ଦରିଦ୍ର ନିରନ୍ନ ଶିକ୍ଷକ ପ୍ରାଣପାତ କରି ପଢ଼େଇଲୁ ଏ ଜାତିକୁ, କିନ୍ତୁ କ'ଣ ଶିଖିଲେ ଏମାନେ ? ଏ ଜାତିର ଶୈଶବ ଏବେ ବି ବାକୀ- ଆଉ ଥରେ ନୂଆ କରି ଏମାନଙ୍କୁ ପ୍ରାଥମିକ ଶିକ୍ଷା ଦେବାକୁ ହେବ ଅଶୋକ !

"କିନ୍ତୁ ରୂପନାରାୟଣ, ତମେ ନାଁ ଏ ଜାତିର ଜନକ ? ତମେଇତ ମଣିଷ କରିବ ଏ ଜାତିକୁ ? ଶିଥିଳତା କାହିଁକି ଆଜି ? ତମର ସେଇ ଲମ୍ବା ବେତଟା ଅନେକ ଛୋଟ ମାଷ୍ଟରଜୀ । ସେଟାକୁ ଫିଙ୍ଗି ଦେଇ ତା' ବଦଳରେ ଗୋଟାଏ ଖୁବ୍ ଲମ୍ବା ଚାବୁକ୍ ଧର...ଆଉ" । କି କରୁଣ ସେ ମୁହଁ । ସେ ସ୍ୱରରେ କି ସହାନୁଭୂତି !

"ଛିଃ, ଅଶୋକ ତୁ କହ କେବେ ମାରିଛି ତତେ ମୁଁ । ବେତ ମାରି ତୋ'ମାଷ୍ଟରଜୀ କେବେ କନ୍ଦେଇଛି ତତେ ? କ'ଣ କହିବେ ମାତାଜୀ ?"

ମୁଁ ଉତ୍ତେଜିତ ହୋଇ ଉଠିଛି। କ୍ଷିପ୍ର ଗତିରେ ଗୋଟାକ ପରେ ଗୋଟାଏ ଆଲୋକ ସ୍ତମ୍ଭ ମୁଁ ଅତିକ୍ରମ କରି ଚାଲିଛି।

ନାଁ- ଆପଣ ବୁଝି ପାରିବେ ନାହିଁ ମାଷ୍ଟରଜୀ- ଏ ମଦ୍ୟପ ଜାତି ଯେ ଆଜି କ୍ଷମତାର ମଦ ପିଇ ବେହୋସ୍ ହୋଇପଡ଼ିଛି। ଏମାନେ କ'ଣ ଟିକିଏ ଶୁଣିଛନ୍ତି। ଆପଣମାନଙ୍କର ଏତେ ଦିନର କରୁଣ ନିବେଦନ ! ଆଜି ଆଉ ନୁହେଁ- ଏ ଜାତିକୁ ଜାଗ୍ରତ କରିବାକୁ ହବ।"

ଆଜି ସେଇ ଲମ୍ବା ଚାବୁକ୍‌ଟା ଧରି ପିଟନ୍ତୁ ଏ ଜାତିକୁ ପିଟନ୍ତୁ- ଖୁବ୍ ଜୋର୍‌ରେ ପିଟନ୍ତୁ- ବିଟ୍ ଦେମ୍ ରାଇଟ୍ ଆଣ୍ଡ ଲେଫ୍‌ଟ- ବ୍ଲାକ୍ ଆଣ୍ଡ ବ୍ଲୁ। ଦେଖିବେ- ଦେଖିବେ ମାଷ୍ଟରଜୀ ଏ ଅଚେତନ ଜାତିର ମସ୍ତିଷ୍କରେ ଧୀରେ ଧୀରେ ଚେତନା ସଞ୍ଚାରିତ ହେବ। ଏ ଜାତି ଧୀରେ ଧୀରେ ଅହିରାଜ କୁଣ୍ଡଳିର ଶୀତ-ଶଯ୍ୟାରୁ ଚଞ୍ଚଳ ହୋଇ ଉଠିବ- ଆଉ ତା'ର ଜନକର ପାଦତଳେ ଜାନୁପାତି କ୍ଷମା ମାଗି, ପୁଣି ଥରେ ବାଧ୍ୟ ଶିଶୁ ପରି ସିଲଟ ଧରି ଫେରି ଆସିବ ଆପଣଙ୍କ ଚାଟଶାଳୀକୁ।

ଆପଣ ସେଇ ଦିନ କହିବେ, "ମୁଁ ତମକୁ କ୍ଷମା କରିଛି- ଯାଅ- ତମମାନଙ୍କର ବିଦ୍ୟା ଏଥର ସମାପ୍ତ।"

ଚାହା ଥଣ୍ଡା ହୋଇଗଲାଣି। ରାସ୍ତା କରର ଗୋଟାଏ କାଫେ ଭିତରେ ନିଶ୍ଚଳ ହୋଇ ବସି ରହି ଖଣ୍ଡେ କାଗଜକୁ ଅନ୍ୟମନସ୍କ ହୋଇ ପାପୁଲିରେ ଦଳୁଚି ଆଉ ଦଳୁଚି। କି କାଗଜ ଏଟା ? ମଇଳା କାଗଜ ଗୁଳାଟାକୁ ଖୋଲି ଦେଖିଲି- ଲେଖା ଅଛି-

ରୂପ୍ ନାରାୟଣ ସାହା, ସଦର୍ ବଜାର

କାଣ୍ଟନ୍‌ମେଣ୍ଟ ରୋଡ୍,

ବନାରସ୍

## (କ) ଲେଖକ ପରିଚୟ

### ଅଖିଳମୋହନ ପଟ୍ଟନାୟକ (୧୯୨୭-୧୯୮୨)

ଅଖିଳମୋହନ ପଟ୍ଟନାୟକ ଓଡ଼ିଆ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ଜଣେ ଅନନ୍ୟ ପ୍ରତିଭା । ଜୀବନର ସଂଘର୍ଷମୟ ବାସ୍ତବତାକୁ ସେ କେତେବେଳେ ସାମ୍ୟବାଦୀ ଚିନ୍ତାଧାରାର କଷଟୀରେ ପରୀକ୍ଷା କରିଛନ୍ତି ତ, କେତେବେଳେ ସପ୍ନର କୁହେଳି ମଧ୍ୟରେ ଜୀବନର ଭାବଘନ ମୁହୂର୍ତ୍ତର ପ୍ରତିଛବି ଆଙ୍କିଛନ୍ତି । ତାଙ୍କ କାହାଣୀଧର୍ମୀ ଗଳ୍ପଗୁଡ଼ିକରେ ମଣିଷର ରହସ୍ୟମୟ ସ୍ଥିତି ଏକ ଏକ ଚୂଡ଼ାନ୍ତ ଅନୁଭବ ସୃଷ୍ଟି କରିଛି । ସେଥିପାଇଁ ସେ କହିଛନ୍ତି ଯେ "ମନୁଷ୍ୟ ଏକ ଚିର ରହସ୍ୟମୟ ଶେଷହୀନ ଗ୍ରନ୍ଥ ।" କଥାର ଚାତୁରୀରେ, ନାଟକୀୟ ସଂଳାପରେ ଏବଂ ଗୀତିମୟ ଚାହାଣିରେ ଅଖିଳମୋହନଙ୍କ ଗଳ୍ପଗୁଡ଼ିକ ସରସ ଓ ରୁଚିସମ୍ପନ୍ନ ମର୍ଯ୍ୟାଦା ଲାଭ କରିଛନ୍ତି । 'ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର' 'ଓ' ଅନ୍ଧଗଳି', 'ନଦୀର ନାମ ଗଣତନ୍ତ୍ର', 'ପ୍ରଥମ ଓ ଶେଷ' ପ୍ରଭୃତି ତାଙ୍କର ଉଲ୍ଲେଖଯୋଗ୍ୟ ଗଳ୍ପଗ୍ରନ୍ଥ ।

'ଅନ୍ୟଦେଶ' ନାମରେ ଏକ ଭ୍ରମଣ କାହାଣୀ ମଧ୍ୟ ତାଙ୍କ ପ୍ରତିଭାର ସାକ୍ଷର ବହନ କରେ । 'ଓ ଅନ୍ଧଗଳି' ଗଳ୍ପଗ୍ରନ୍ଥ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ପଠିତ ଗଳ୍ପ 'ରୂପନାରାୟଣ ସାହା' ତାଙ୍କ ପ୍ରଥମ ଗଳ୍ପଗୁଚ୍ଛ 'ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର' ରୁ ଗୃହୀତ ହୋଇଅଛି ।

## (ଖ) 'ରୂପନାରାୟଣ ସାହା' ସମ୍ପର୍କରେ :

'ରୂପନାରାୟଣ ସାହା' ଗଳ୍ପଟି ଆମ ଶିକ୍ଷାବ୍ୟବସ୍ଥା ଓ ଶିକ୍ଷକଙ୍କ ସମ୍ବନ୍ଧୀୟ ଏକ ନିଚ୍ଛକ ବୃତ୍ତାନ୍ତ । ମାଷ୍ଟରଜୀ ରୂପନାରାୟଣ ଏବଂ ଅଶୋକଙ୍କ ଚରିତ୍ରକୁ ନେଇ ଏହା ଜୀବନ୍ତ । ଅଶୋକ କ୍ରିଷ୍ଟମାସ ଛୁଟିରେ ବନାରସ ବୁଲିଯା'ନ୍ତି, ଯେଉଁଠାରେ ତାଙ୍କର ପିଲାଦିନ କଟିଥିଲା । ବନାରସର ରାଜପଥ, କାଶୀବିଶ୍ୱନାଥ ମନ୍ଦିର, ଡାଲ୍‌ମଣ୍ଡିର ହତଶ୍ରୀ ସଭ୍ୟତା, ଗଙ୍ଗାନଦୀର ନିତ୍ୟ ନୂତନତା ସେଠି

ତାଙ୍କ ମନରେ ଆଲୋଡନ ସୃଷ୍ଟି କରିଛି । ମନେ ପଡ଼ିଛି ଶୈଶବ ଏବଂ ତା'ର ଅଭୁଲା ସ୍ମୃତି । ବାପା ସେଠି ମିଲିଟାରୀ ଡାକ୍ତର ଥିବାବେଳେ ସେମାନେ ଥରେ ଗଙ୍ଗା ଆରପାରିରେ ଥିବା ରାମନଗରରୁ ଫେରୁଥା'ନ୍ତି ନୌକାରେ । ରାମନଗରରୁ ଆସୁଥିବା ଲୋକଙ୍କ ପାଇଁ କର୍ପୋରେସନର ଇଂଗିତରେ ମୁଣ୍ଡପିଛା ଏକଟଙ୍କା କରି ଟ୍ୟାକ୍ସ ପଡୁଥିବାରୁ ମାଝି ବାରଣ କରେ ସତକଥା କହିବାକୁ । ସେତେବେଳେ ଅଶୋକଙ୍କୁ ମାତ୍ର ଦଶବର୍ଷ । ନୌକାରେ ଥିବା ସବୁଲୋକଙ୍କୁ ଆଶ୍ଚର୍ଯ୍ୟ କରି ଅଶୋକ କିନ୍ତୁ ସତ କଥା କହିଦିଏ ଯେ ସେମାନେ ରାମନଗର ଦେଖି ଫେରୁଥିଲେ ବୋଲି । ଫଳରେ ତାଙ୍କ ପରିବାରକୁ ହିଁ ଅଧିକ ଟ୍ୟାକ୍ସ ଦେବାକୁ ପଡ଼େ ଏବଂ ସାରା ପରିବାରର ଲୋକେ ଅଶୋକଙ୍କ ପ୍ରତି ବିରକ୍ତି ପ୍ରକାଶ କରନ୍ତି । ଅଶୋକଙ୍କ ଏହି ବିପନ୍ନ ମୁହୂର୍ତ୍ତରେ କିନ୍ତୁ ତାଙ୍କୁ ମଦତ୍ କରନ୍ତି ମାଷ୍ଟରଜୀ । ମାଷ୍ଟରଜୀ ଥିଲେ ମାତ୍ର ପାଞ୍ଚଟଙ୍କା ଦରମାରେ ତାଙ୍କ ଟ୍ୟୁସନମାଷ୍ଟର । ମାଷ୍ଟରଜୀଙ୍କ ସହ ଅଶୋକଙ୍କ ପିଲାଦିନ ଥିଲା ବେଶ୍ ସ୍ମୃତିମୟ । ମାତାଜୀ (ମାଷ୍ଟରଜୀଙ୍କ ମାଆ)ଙ୍କ ହାତର ହାଲୁଆ ଖାଇବାଠାରୁ ଆରମ୍ଭ କରି ପାତିମାଙ୍କଡ଼ 'ମନ୍ନୁ'ର ମାଷ୍ଟରଜୀଙ୍କ ସହ ଖେଳ-କୌତୁକ ସେ ସବୁ ସ୍ମୃତିକୁ ମଧୁର ଓ ରୋମାଞ୍ଚକର କରିପାରିଥିଲା । ମନେପଡ଼ିଥିଲା ସେଇ ମାଷ୍ଟରଜୀଙ୍କ କଥା । ତାଙ୍କ ଘରକୁ ଯାଇ ଥରେ ପୁଣି ଦେଖି ଆସିବାକୁ ଅଶୋକଙ୍କର ଭାରି ଇଚ୍ଛା ହୋଇଥିଲା । ରିକ୍ସାଟିରେ ବସି ସେ ମାଷ୍ଟରଜୀଙ୍କ ଘର ପାଖାପାଖି ପହଞ୍ଚି ଲୋକଙ୍କୁ 'ରୂପନାରାୟଣ ସାହା'ଙ୍କ ବିଷୟରେ ପଚାରିଥିଲେ ଓ ସେମାନେ ମାଷ୍ଟରଜୀଙ୍କ ବିଷୟରେ କିଛି କହିପାରି ନଥିଲେ । ହେଲେ, ନାଟକୀୟ ଭାବରେ ସେହି ରିକ୍ସାଚାଳକ ହିଁ ଥିଲେ ମାଷ୍ଟରଜୀ । ସେ ହିଁ ଚିହ୍ନିଥିଲେ ଅଶୋକଙ୍କୁ । ମାଷ୍ଟରଜୀଙ୍କଠାରୁ ଅଶୋକ ଶୁଣିଥିଲେ ତାଙ୍କ ଜୀବନ-କାହାଣୀ । ଶିକ୍ଷକ ଧର୍ମଘଟରେ ନେତୃତ୍ୱ ନେଇ ଜେଲ୍ ଯିବାଠାରୁ ଆରମ୍ଭ କରି ପତ୍ନୀଙ୍କ ବିୟୋଗ, ଏକମାତ୍ର ପୁଅ ରାମଶରନ୍‌ର

ପିଲାଦିନରୁ ପରିବାରର ଦାୟିତ୍ୱ ଏବଂ ଲୋଳିତ ଚର୍ମା ମାତାଜୀଙ୍କ ଦିମାକ ବିଗିଡ଼ି ଯିବା– ଏ ସବୁ ଥିଲା ମାଷ୍ଟରଜୀଙ୍କ ସୁବର୍ଣ୍ଣ ସଂସାରର ଭଗ୍ନରୂପ ।

ସବୁ ଦେଖି ଶୁଣି ମଧ୍ୟ ଅଶୋକଙ୍କର କିଛି କରିବାର ନ ଥିଲା । ନିଜ ଠିକଣା ଲେଖା କାଗଜଟିଏ ମାଷ୍ଟରଜୀ ଅଶୋକର ହାତକୁ ବଢ଼ାଇଦେଇ କେବଳ କହିଥିଲେ ଯେ ଯଦି କେବେ କେମିତି ମନେପଡ଼େ ତେବେ ଚିଠିଟିଏ ଲେଖିବାକୁ । ଫେରିବା ବାଟରେ ନିଜକୁ ଧିକ୍କାର କରୁଥିଲେ ଅଶୋକ । ମାଷ୍ଟରଜୀ ଯଦି ଜାଣିଥାନ୍ତେ ଯେ ଅଶୋକ ବର୍ତ୍ତମାନ ଭାରତ ସରକାରଙ୍କ ଶିକ୍ଷାବିଭାଗର ସର୍ବୋଚ୍ଚ ଅଧିକାରୀ ତେବେ କ'ଣ ଭାବିଥା'ନ୍ତେ ସେ । ଏ କଥା ଜଣାଇବାର ସତ୍‌ସାହସ ତାଙ୍କର ନଥିଲା । ଜଣେ ହତ୍ୟାକାରୀର ଭୀରୁ ସଙ୍କୁଚିତ ବିବେକ ନେଇ ସେ ଚାଲିଥିଲେ ଏବଂ ଉତ୍ତେଜିତ କଣ୍ଠରେ ସତେଯେପରି କହୁଥିଲେ କ୍ଷମତାର ମଦ ପିଇ ଏ ଜାତି ବେହୋସ ହୋଇ ପଡ଼ିଛି । ଏ ଜାତିକୁ ମାଷ୍ଟରଜୀଙ୍କ ଲମ୍ବା ଚାବୁକ୍ ପ୍ରହାର ହିଁ ପୁଣି ଜାଗ୍ରତ କରିପାରିବ, ସେଇଦିନ ହିଁ ହେବ ତାଙ୍କ ଛାତ୍ରମାନଙ୍କ ବିଦ୍ୟାର ସମାପ୍ତି ।

❑❑❑

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) 'ରୂପନାରାୟଣ ସାହା' ଗଳ୍ପଟି କେଉଁ ସମୟର କଥା କହିଛି ?

ଗୁଡ୍‌ଫ୍ରାଇଡ଼େ ଛୁଟି, କ୍ରିଷ୍ଟମାସ ଛୁଟି, ନିଉଇୟର ଛୁଟି, ଏକ୍‌ସମାସ ଛୁଟି ।

(୨) "ଭାରତ ଭୂମିର ଅସଂଖ୍ୟ ପୁଣ୍ୟ କାଙ୍ଗାଳ ଜନତାର ଚିର ଇପ୍‌ସିତ ସ୍ଥାନ ବୋଲି କାହାକୁ କୁହାଯାଇଛି ?

ତିରୁପତି, ବୃନ୍ଦାବନ, ମଥୁରା, ବନାରସ୍।

(୩) ବନାରସରେ କେଉଁ ମନ୍ଦିର ଅବସ୍ଥିତ ?

ସୋମନାଥ, କେଦାରନାଥ, କାଶୀବିଶ୍ୱନାଥ, ବଦ୍ରିନାଥ।

(୪) ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କାହାକୁ କୁହାଯାଇଛି ?

ଡାଲ୍‌ମଣ୍ଡି, ରାମ୍‌ନଗର, ସଦର୍‌ବଜାର, ଗୋଧୂଳିଆ।

(୫) ଗୋଧୂଳି ଓ ଗଙ୍ଗାଜୀ- ଉଭୟଙ୍କୁ କ'ଣ ବୋଲି କୁହାଯାଇଛି ?

ମାନମୟୀ, ପ୍ରେମମୟୀ, ରହସ୍ୟମୟୀ, ଭାବମୟୀ।

(୬) ଗଙ୍ଗାର କେଉଁ ରଙ୍ଗର ପାଣି ଲାଲେ-ଲାଲ୍ ଲାଗୁଥିଲା ?

ପେସ୍ତା, ଗହମ, ବାଜରା, ବାଦାମ୍।

(୭) ନୌକାର ପାଲ କେତେ ଫଣା ବାସୁକୀ ପରି ନଇଁଯାଇ ଉପରକୁ ଉଠିଯାଏ ବୋଲି କୁହାଯାଇଛି ?

ସପ୍ତଫଣା, ଶତଫଣା, ସହସ୍ର ଫଣା, ସହସ୍ରାଧିକ ଫଣା।

(୮) ଅଶୋକଙ୍କ ବାପା ବନାରସରେ କି ଚାକିରି କରିଥିଲେ ?

ପୋଲିସ ଅଫିସର, ମିଲିଟାରୀ ମେଜର, ପ୍ରଫେସର, ମିଲିଟାରୀ ଡାକ୍ତର।

(୯) କାହାର ଅଦୃଶ୍ୟ ଇଙ୍ଗିତରେ ନୌକା ଘାଟରେ ଲାଗିଥିଲା ?

ମାଝିର, କର୍ପୋରେସନର, ପୋଲିସଷ୍ଟେସନର, ମାଜିଷ୍ଟ୍ରେଟଙ୍କର।

(୧୦) କିଏ ଇଂରାଜୀ ଭାଷାରେ ବିରକ୍ତି ପ୍ରକଟ କରି କହିଥିଲେ- 'ଇଡ଼ିୟଟ' ?

ବାପା, ବଡ଼ଭାଇ, ଦାଦା, ମାଆ।

(୧୧) ରାମ୍‌ନଗର ଦେଖିସାରି ଗଙ୍ଗାପାର ହେଉଥିବାବେଳେ ଅଶୋକଙ୍କ ବୟସ କେତେ ଥିଲା ?

ବାର, ଏଗାର, ଦଶ, ଆଠ।

(୧୨) ଅଶୋକର ପିଠି ଉପରେ ମାଷ୍ଟରଜୀଙ୍କ ବଡ଼ପାପୁଲି କିପରି କମ୍ପି ଉଠିଥିଲା ?

ଦେବଦାରୁପତ୍ର ପରି, ବରପତ୍ର ପରି, କଦଳୀପତ୍ର ପରି, ଅଶ୍ୱତ୍ଥପତ୍ର ପରି।

(୧୩) ମାଷ୍ଟରଜୀ କେତେଟଙ୍କା ଦରମାରେ ଅଶୋକର ଟ୍ୟୁସନମାଷ୍ଟର ଥିଲେ ?

ପାଞ୍ଚଟଙ୍କା, ଛଅଟଙ୍କା, ସାତଟଙ୍କା, ଦଶଟଙ୍କା।

(୧୪) ମାଷ୍ଟରଜୀଙ୍କ ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି କିଏ ନିଜକୁ ପ୍ରକାଶ କରୁଥିଲା ?

ବିବେକ, ବିଚାର, ଜ୍ଞାନ, ସତ୍ୟ।

(୧୫) ମାଷ୍ଟରଜୀଙ୍କ ନାସିକା କେଉଁପରି ଥିଲା ବୋଲି କୁହାଯାଇଛି ?

ପିକଚଞ୍ଚୁ ପରି, ଚିଲଚଞ୍ଚୁ ପରି, କାକଚଞ୍ଚୁ ପରି, ଶୁକଚଞ୍ଚୁ ପରି।

(୧୬) ଅଶୋକଙ୍କର ଡାକନାମ କ'ଣ ଥିଲା ?

ମନ୍ନୁ, ମୁନ୍ନା, ଚିନ୍ନା, କାହ୍ନା।

(୧୭) କାହାର ନାମ ମନ୍ନୁ ଦିଆ ଯାଇଥିଲା ?

କୁକୁର ଛୁଆର, ବଣିଛୁଆର, ପାତି ମାଙ୍କଡ଼ ଛୁଆର, ପୋଷା ବିଲେଇ ଛୁଆର।

(୧୮) ମାତାଜୀଙ୍କ ହାତ ତିଆରି କେଉଁ ଖାଦ୍ୟ ଥରେ ଯେ ଖାଇଛି ସେ ଜୀବନସାରା ଭୁଲି ପାରିବନି ବୋଲି କୁହାଯାଇଛି ?

ପକୁଡ଼ି, ଉପମା, ସନ୍ଦେଶ, ହାଲୁଆ ।

(୧୯) ଉତ୍ତର ଭାରତ ବ୍ୟାପୀ ପ୍ରାଥମିକ ଶିକ୍ଷକ ଧର୍ମଘଟରେ ମାଷ୍ଟରଜୀ କ'ଣ ଥିଲେ ?

ବିଦ୍ରୋହୀ, ସମର୍ଥକ, ପୁରୋଧା, ପଳାତକ ।

(୨୦) ଧର୍ମଘଟ ବେଳେ ମାଷ୍ଟରଜୀଙ୍କ ଦରମା କେତେ ଥିଲା ?

ପନ୍ଦର ଟଙ୍କା, ତେର ଟଙ୍କା, ଏଗାର ଟଙ୍କା, ଦଶ ଟଙ୍କା ।

(୨୧) ମାଷ୍ଟରଜୀଙ୍କୁ କେଉଁ ରୋଗ ହୋଇଥିଲା ବୋଲି ଡାକ୍ତର କହିଥିଲେ ?

ପ୍ଲୁରେସି, ଡିସେଣ୍ଟ୍ରି, ଡାଏବେଟିକ୍, ନିମୋନିଆ ।

(୨୨) ମାଷ୍ଟରଜୀଙ୍କ ପୁଅର ନାମ କ'ଣ ଥିଲା ?

ରାମଗୋପାଳ, ରାମଦୁଲାଳ, ରାମସରନ୍, ରାମମନୋହର ।

(୨୩) ମାଷ୍ଟରଜୀଙ୍କ ସ୍ତ୍ରୀ ନାମ କ'ଣ ଥିଲା ?

ରୂପା, ସୁନା, ହୀରା, ପଦ୍ମା ।

(୨୪) ମାଷ୍ଟରଜୀ ତାଙ୍କ କାହାଣୀରେ କେଉଁ ସିଂହ କଥା କହୁଥିଲେ ?

ଚେକୋସ୍ଲୋଭିଆର, ଆଲେକ୍‌ଜାଣ୍ଡ୍ରିଆର, ଆଣ୍ଡ୍ରୋସିଲିସ୍‌ର, କାଲିଫର୍ଣ୍ଣିଆର ।

(୨୫) କାହାର ଭୀରୁ ସଙ୍କୁଚିତ ବିବେକ ନେଇ ଅଶୋକ ରାସ୍ତାରେ ଚାଲିଥିଲେ ?

ହତ୍ୟାକାରୀର, ପ୍ରଶାସକର, ବିଶ୍ୱାସଘାତକର, ଅବିବେକୀର ।

(୨୬) ଏ ଜାତିକୁ କ'ଣ ନୂଆକରି ଦେବାକୁ ମାଷ୍ଟରଜୀ କହୁଥିବା ପରି ଅଶୋକର ମନେ ହୋଇଛି ?

ପ୍ରାଥମିକ ଶିକ୍ଷା, ଉପଯୁକ୍ତ ଶିକ୍ଷା, ନୈତିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ।

(୨୭) ଏ ଜାତି ଧୀରେ ଧୀରେ କାହା କୁଣ୍ଡଳିର ଶୀତ-ଶଯ୍ୟାରୁ ଚଞ୍ଚଳ ହୋଇ ଉଠିବ ବୋଲି କୁହାଯାଇଛି ?

ଗୋଖର, ଅଜଗର, ଅହିରାଜ, ଶଙ୍ଖଚୂଡ଼ ।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ବନାରସ ରାସ୍ତାରେ ଲୋକଙ୍କ ଧାଡ଼ି କେଉଁପରି ଲାଗୁଥିଲା ବୋଲି କୁହାଯାଇଛି ?

(୨) ରୂପ-ପିୟାସୀ ନାଗରିକଙ୍କ ତୀର୍ଥ କିଏ ?

(୩) ଗଙ୍ଗାର ଲାଲେ-ଲାଲ୍ ପାଣି ମୁକ୍ତକେଶୀ ଦ୍ରୌପଦୀଙ୍କ କେଉଁ ଦୃଶ୍ୟ ପରି ମନେହୋଇଛି ?

(୪) ବହୁ ଯାତ୍ରୀବାହୀ ନୌକା କେଉଁପରି ଗଙ୍ଗାର ଏ କୂଳରୁ ସେ କୂଳକୁ ଯାତାୟତ କରୁଥିବାର କୁହାଯାଇଛି ?

(୫) ହରିଶ୍ଚନ୍ଦ୍ରଘାଟ ପରେ ନୌକା କେଉଁ ଘାଟରେ ପହଞ୍ଚିବ ବୋଲି କୁହାଯାଇଛି ?

(୬) ମାଝିର ଭାଷା କେଉଁସବୁ ଭାଷାର ମିଶାମିଶି ଭାଷା ଥିଲା ?

(୭) ହର୍ ଆଦ୍‌ମିକୋ କେତେ ଟ୍ୟାକ୍ସ ଲଗାଯାଏଗା ବୋଲି 'ମାଝି' କହିଛି ?

(୮) ସୁବିଧାବାଦୀ ସାନ ଭଉଣୀ ଖନେଇ ଖନେଇ କ'ଣ କହିଥିଲା ?

(୯) ଜେଜେମା'ଙ୍କର କେଉଁ ଆଦେଶ ପିଲାଦିନେ ଅଶୋକ ଅମାନ୍ୟ କରିଥିଲା ?

(୧୦) ଆର୍ଦ୍ର, ବାଷ୍ପାକୁଳ କଣ୍ଠରେ କ'ଣ ମିଶି ମାଷ୍ଟରଜୀଙ୍କ କଣ୍ଠସ୍ୱର ଅଦ୍‌ଭୁତ ଶୁଣାଯାଉଥିଲା ?

(୧୧) ଗତାୟୁ ଗୋଧୂଳିର ସେଇ ଲଗ୍ନରେ ଅଶୋକ ପ୍ରଥମଥର ପାଇଁ କ'ଣ ଅନୁଭବ କରିଥିଲେ ?

(୧୨) ତୁହାଇ ତୁହାଇ କେଉଁକଥା ଅଶୋକଙ୍କ ମନ ଭିତରେ ଉତୁରି ପଡୁଥିଲା ?

(୧୩) ମାଷ୍ଟରଜୀଙ୍କ ଦୁଇଟି ଶିଷ୍ୟଙ୍କ ନାମ କ'ଣ ଥିଲା ?

(୧୪) ମାଷ୍ଟରଜୀ କେତେବେଳେ ଡରି ଅସ୍ଥିର ହୋଇଥା'ନ୍ତି ?

(୧୫) କେଉଁ ପୋଷାକରେ ମାଷ୍ଟରଜୀ ତାଙ୍କୁ ଚିହ୍ନି ପାରିବେନି ବୋଲି ଅଶୋକ ଆଶଙ୍କା କରିଥିଲେ ?

(୧୬) ମାଷ୍ଟରଜୀଙ୍କୁ ଚଟ୍‌କରି ଚିହ୍ନିନେବା ପରେ ଅଶୋକ ପ୍ରଥମ କ'ଣ କରିବେ ବୋଲି କହିଛନ୍ତି ?

(୧୭) ପୋଷ୍ଟ ଅଫିସର ସାମ୍ନାରେ ଦୁଇଟି ରାସ୍ତା ଦୁଇଆଡ଼କୁ କିପରି ବାଙ୍କିଯାଇଛି ବୋଲି କୁହାଯାଇଛି ?

(୧୮) ପିଣ୍ଡା ଉପରେ ଗପ ଜମେଇଥିବା କେଇଜଣଙ୍କୁ ଅଶୋକ କ'ଣ ପଚାରିଥିଲେ ?

(୧୯) "ରୂପନାରାୟଣଙ୍କ ସୋନେକା ଦୁକାନ୍" କେଉଁଠି ଥିଲା ବୋଲି କୁହାଯାଇଛି ?

(୨୦) କେଉଁ ଆଖିର ଏକ୍‌ସରେ ଦେଇ ରିକ୍‌ସାବାଲା ଅଶୋକଙ୍କ ଅଭ୍ୟନ୍ତରକୁ ଦେଖିବାକୁ ଚେଷ୍ଟା କରୁଥିଲା ?

(୨୧) ମନୁଷ୍ୟ କଥାକହିବା ଅପେକ୍ଷା କେଉଁଥିରେ ଯଥେଷ୍ଟ ବେଶି ପ୍ରକାଶ କରିପାରେ ?

(୨୨) କେଉଁଥିରେ ତାଙ୍କର ଗୋଟାଏ ବଡ଼ ସମାଧାନ ହୋଇଯାଇଛି ବୋଲି ମାଷ୍ଟରଜୀ ଅଶୋକଙ୍କୁ କହିଥିଲେ ?

(୨୩) ଝାଙ୍କ କାଶରେ ମାଷ୍ଟରଜୀଙ୍କର କ'ଣ ଦୋହଲି ଯାଇଥିଲା ?

(୨୪) ବଡ଼ ପିଲାଦିନୁ 'ରାମସରନ୍' ଉପରେ କ'ଣ ପଡ଼ିଗଲା ବୋଲି କୁହଯାଇଛି ?

(୨୫) କାହାର ଆକାଶ ଉପରେ ଅନ୍ଧାର ଜମି ଆସିଛି ବୋଲି କୁହାଯାଇଛି ?

(୨୬) କେଉଁଥିରେ ମାଷ୍ଟରଜୀଙ୍କର ଅସାଧାରଣ ଦକ୍ଷତା ଥିଲା ?

(୨୭) କାହାଣୀର ପ୍ରତ୍ୟେକଟି ଚରିତ୍ରକୁ ମାଷ୍ଟରଜୀ କ'ଣ କରି ପାରୁଥିଲେ ?

(୨୮) ଏଇ ବିଶ୍ୱର ବିରାଟ ବହି ଉପରେ କାହାଙ୍କ ହୃତ୍‌ପଦ୍ମର ସ୍ପନ୍ଦନ ଅଶୋକ ଶୁଣିପାରିଛନ୍ତି ?

(୨୯) କର୍ପୋରେସନ କର୍ମଚାରୀ କ'ଣ କରୁଥିବାର କୁହାଯାଇଛି ?

(୩୦) ପଳାପଳା କରି କିରାସିନି ମାପି ଦେଉଥିବା ବୃଦ୍ଧାଟିର ବୟସ କେତେ ଥିଲା ?

(୩୧) "କୈସାଲ ହୁଆ ଦିମାକ ବିଗଡ଼୍ ଗୈ"- କାହାକୁ ଲକ୍ଷ୍ୟ କରି ଏହା କୁହାଯାଇଛି ?

(୩୨) କ୍ୟାଣ୍ଟନ୍‌ମେଣ୍ଟ ରୋଡ଼୍‌ର କେଉଁ ରାସ୍ତାରେ ଅଶୋକ ଧୀରେ ଧୀରେ ପାଦ ଗଣି ଗଣି ଚାଲୁଥିଲେ ?

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) କାଶୀ ବିଶ୍ୱନାଥ ମନ୍ଦିରର ରାସ୍ତା ସମ୍ପର୍କରେ କ'ଣ ବର୍ଣ୍ଣନା କରାଯାଇଛି ?

(୨) ଡାଲ୍‌ମଣ୍ଡିର ସନ୍ଧ୍ୟା ସମ୍ପର୍କରେ କ'ଣ କୁହାଯାଇଛି ?

(୩) କେଉଁ ଆଖିନେଇ ଅଶୋକ ଆଉଥରେ ଗଙ୍ଗା- ଗୋଧୂଳିର କରୁଣ ଏକାଙ୍କିକା ଦେଖୁଥିଲେ ?

(୪) ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ ଯାତ୍ରୀବାହୀ ନୌକାଗୁଡ଼ିକ ସମ୍ପର୍କରେ କ'ଣ କୁହାଯାଇଛି ?

(୫) ଅଶୋକଙ୍କ ପୁରାତନ ଅନୁଭୂତିର ରୋମନ୍ଥନ କିପରି ଅନୁଭୂତ ହେଉଥିଲା ?

(୬) ପବନର ପ୍ରତିକୂଳରେ ମାଝି କ'ଣ କରୁଥିଲା ?

(୭) କର୍ପୋରେସନର ଅଦୃଶ୍ୟ ଇଙ୍ଗିତରେ କ'ଣ ହୋଇଥିଲା ?

(୮) ରାମ୍‌ନଗରର ଜଲିଟ୍ରିପ୍‌ଟାକୁ କିପରି କିଣିବାକୁ ହେଲା ବୋଲି କୁହାଯାଇଛି ?

(୯) ବାପା କ'ଣ ଆରମ୍ଭ କରି ଦେଇଥିଲେ ବୋଲି କୁହାଯାଇଛି ?

(୧୦) ସାନଭଉଣୀର କରୁଣ ମିନତି ସମ୍ପର୍କରେ କ'ଣ କୁହାଯାଇଛି ?

(୧୧) ଅଶୋକଙ୍କ ସଂପର୍କରେ ଜେଜେ ମା'ଙ୍କ ଟିପ୍‌ପଣୀ କ'ଣ ଥିଲା ?

(୧୨) ଆପଣମାନେ ଯେ କ'ଣ କଲେ କହି ମାଷ୍ଟରଜୀ କ'ଣ କହିଛନ୍ତି ?

(୧୩) ଅକାଳ-ପ୍ରୌଢ଼, ଚିନ୍ତାଜୀର୍ଣ୍ଣ, ଦରିଦ୍ର ଶିକ୍ଷକଟି କେଉଁ ପଦକୁ ଉତ୍ତୀର୍ଣ୍ଣ ହୋଇଯାଇଥିଲେ ବୋଲି କୁହାଯାଇଛି ?

(୧୪) ମୁନ୍ନା ଓ ମନ୍ନୁ ଭିତରେ କ'ଣ ପାର୍ଥକ୍ୟ ଥିଲା ?

(୧୫) ମନ୍ନୁ ଦାନ୍ତ ଦେଖେଇ ଖେଙ୍କି ଦେଲେ ମାଷ୍ଟରଜୀ କ'ଣ କୁହନ୍ତି ?

(୧୬) ମାଷ୍ଟରଜୀ କପଟ ଭର୍ତ୍ସନା କରି ମନ୍ନୁକୁ କ'ଣ କହିଥା'ନ୍ତି ?

(୧୭) ପଢ଼ିସାରିଲା ବେଳକୁ ମାତାଜୀ କ'ଣ କରିଥା'ନ୍ତି ?

(୧୮) ପିଣ୍ଡା ଉପରେ ବସିଥିବା ଲୋକଙ୍କୁ ଅଶୋକ କ'ଣ ପଚାରିଥିଲେ ?

(୧୯) ପିଣ୍ଡା ଉପରର ଲୋକଙ୍କ ମଧ୍ୟରୁ ଜଣେ ଅଶୋକଙ୍କ ପ୍ରଶ୍ନର କି ଉତ୍ତର ଦେଇଥିଲା ?

(୨୦) ଅଶୋକ ଆଉଥରେ ବୁଝାଇ ପିଣ୍ଡା ଉପରର ଲୋକମାନଙ୍କୁ କ'ଣ କହିଥିଲେ ?

(୨୧) ରିକ୍ସାବାଲାଟା ତା'ର କୋଟରଗତ ପେଚୁଆ ପେଚୁଆ ଆଖିରେ କ'ଣ ଦେଖିବାକୁ ଚେଷ୍ଟା କରୁଥିଲା ?

(୨୨) ମାଷ୍ଟରଜୀଙ୍କ ପାଦଧୂଳି ନେବାକୁ ଅଶୋକ ହାତ ବଢ଼ାଇଲା ପରେ ମାଷ୍ଟରଜୀ କ'ଣ କହିଥିଲେ ?

(୨୩) ମାଷ୍ଟରଜୀଙ୍କ ସେଇ ପୁରୁଣା ପିଣ୍ଡାରେ ଅଶୋକ କାହିଁକି ମୂକ ହୋଇ ବସିଥିଲେ ?

(୨୪) କେଉଁ କଥାରେ ମାଷ୍ଟରଜୀଙ୍କର ଗୋଟାଏ ବଡ଼ ସମାଧାନ ହୋଇଯାଇଥିଲା ବୋଲି ସେ କହିଛନ୍ତି ?

(୨୫) କିଏ ସାମ୍‌ନାର ରିକ୍‌ସାକୁ ଦେଖି ଅଟକି ଯାଇଥିଲେ ?

(୨୬) କାହାଣୀ-ଦକ୍ଷ ମାଷ୍ଟରଜୀଙ୍କ ଆତ୍ମକାହାଣୀର ସ୍ୱରୂପ କିପରି ଥିଲା ?

(୨୭) ମାତାଜୀଙ୍କ ପାଦଧୂଳି ନେଇ ଅଶୋକ ସେଥିରୁ କେଉଁ ଗନ୍ଧ ଆଘ୍ରାଣ କରି ପାରୁଥିଲେ ?

(୨୮) ମାତାଜୀଙ୍କର ଅବସ୍ଥା ଶେଷବେଳକୁ କ'ଣ ହୋଇଥିଲା ?

(୨୯) ମାତାଜୀଙ୍କର କେଉଁ କଥାରେ ମାଷ୍ଟରଜୀ ସଙ୍କୁଚିତ ହୋଇ ଯାଉଥିଲେ ?

(୩୦) ମାଷ୍ଟରଜୀ ଅଶୋକଙ୍କ ହାତରେ ଖଣ୍ଡେ କାଗଜ ବଢ଼େଇ ଦେଇ ତାଙ୍କୁ କ'ଣ କହିଥିଲେ ?

(୩୧) ମାଷ୍ଟରଜୀଙ୍କ କଥା ଅଶୋକଙ୍କର କେଉଁଠି ଡୁହାଇ ଡୁହାଇ ମନେପଡୁଥିଲା ?

(୩୨) କେଉଁ କଥା ଇଚ୍ଛାକରି ବି ବିଶ୍ୱାସ କରିବାକୁ ଚାହାଁନ୍ତି ନାହିଁ ବୋଲି ଅଶୋକ କହିଛନ୍ତି ?

(୩୩) କ'ଣ କରି ଏ ଜାତି ମାଷ୍ଟରଜୀଙ୍କ ଚାଟଶାଳୀକୁ ଫେରିଆସିବ ବୋଲି କୁହାଯାଇଛି ?

(୩୪) ବାଧ୍ୟ ଶିଶୁପରି ମାଷ୍ଟରଜୀଙ୍କ ଚାଟଶାଳୀକୁ ଏ ଜାତି ଫେରି ଆସିଲେ ସେଦିନ ମାଷ୍ଟରଜୀ କ'ଣ କରିବେ ?

(୩୫) ମଇଳା କାଗଜ ଗୁଳାଟିକୁ ଖୋଲି ଅଶୋକ ସେଥିରେ କ'ଣ ଲେଖାଥିବାର ଦେଖିଥିଲେ ?

(ଘ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ।

(୧) ବନାରସର ରାସ୍ତା ସଂପର୍କରେ କ'ଣ ବର୍ଣ୍ଣନା କରାଯାଇଛି ?

(୨) ଡାଲ୍‌ମଣ୍ଡିକୁ ଏକ ହତଶ୍ରୀ ସଭ୍ୟତାର ଡଷ୍ଟବିନ୍ ବୋଲି କାହିଁକି କୁହାଯାଇଛି ?

(୩) ବନାରସରେ କାହିଁକି ସନ୍ଧ୍ୟା ହୁଏନା ବୋଲି କୁହାଯାଇଛି ?

(୪) ଗଙ୍ଗାର କେଉଁ ଦୃଶ୍ୟ ମୁକ୍ତକେଶୀ ଦ୍ରୌପଦୀର ବେଣୀବନ୍ଧନ ପରି ମନେ ହୋଇଛି ?

(୫) ବେଣୀବନ୍ଧନର ଲଗ୍ନ ଅତିକ୍ରମ କରିବାର ଦୃଶ୍ୟକୁ କିପରି ବର୍ଣ୍ଣନା କରାଯାଇଛି ?

(୬) ଗଙ୍ଗା ବକ୍ଷରେ ବିଦ୍ୟୁତ୍ ଆଲୋକର ପ୍ରତିବିମ୍ବ କିପରି ମନେହୋଇଛି ?

(୭) "ନୌକା ଉଠିବ ଦଶ୍ୱାଶ୍ୱମେଧ ଘାଟରେ"- ନୌକାର ଗତିପଥ ସଂପର୍କରେ ଏଠାରେ କ'ଣ କୁହାଯାଇଛି ?

(୮) "ରାମ୍‌ନଗର କା ନାମ୍ ମତ ଲିଜିୟେ ବାବୁଜୀ"- ମାଝିଜଣକ ଏ କଥା କାହିଁକି କହିଛି ?

(୯) "ସର୍ବନାଶ ! କାହାରି ମୁହଁରେ ଭାଷା ନାହିଁ"- ଏହାର ପ୍ରସଙ୍ଗଟି କ'ଣ ?

(୧୦) କେଉଁ ମୁହୂର୍ତ୍ତକୁ ତାର ବିପନ୍ନ ମୁହୂର୍ତ୍ତ ବୋଲି ଅଶୋକ କହିଛି ?

(୧୧) ମାଷ୍ଟରଜୀ କିପରି ଅଶୋକର ମଦତ୍ କରିଥିଲେ ?

(୧୨) "ତା' ବୁଝିବାର କ୍ଷମତା ଆପଣମାନଙ୍କର ନାହିଁ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୧୩) ମାଷ୍ଟରଜୀଙ୍କ ସମଗ୍ର ସତ୍ତାରେ ଅଶୋକ ପ୍ରଥମ ଥର ପାଇଁ କ'ଣ ଅନୁଭବ କରିଥିଲା ?

(୧୪) ମାଷ୍ଟରଜୀଙ୍କ ଶାରୀରିକ ଗଠନ କିପରି ଥିଲା ?

(୧୫) ମାଷ୍ଟରଜୀଙ୍କୁ ଥରେ ଯାଇ ଦେଖି ଆସିବାକୁ ଅଶୋକ କାହିଁକି ମନ ବଳାଇଥିଲେ ?

(୧୬) କେଉଁ ଘଟଣାରେ ମାଷ୍ଟରଜୀ ଡରି ଅସ୍ଥିର ହୋଇ ଯାଇଥିଲେ ?

(୧୭) କେଉଁ ଅବସ୍ଥାକୁ ମାଷ୍ଟରଜୀଙ୍କ ବିପନ୍ନ ମୁହୂର୍ତ୍ତ ବୋଲି କୁହାଯାଇଛି ?

(୧୮) "ଓଃ ଦୁଇ ଦୁଇଟା ମାଙ୍କଡ଼ଙ୍କୁ ମଣିଷ କାହାଁତକ କରେ ମୁଁ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୧୯) ରିକ୍ସା ଆସି କେଉଁଠି ପହଞ୍ଚି ଯାଇଥିଲା ଓ ଅଶୋକ ସେଠାରେ କ'ଣ ଖୋଜୁଥିଲେ ?

(୨୦) ନାଲି କିରାସିନିର ଲଣ୍ଠନ ଆଲୁଅରେ ମାଷ୍ଟରଜୀ କ'ଣ କରୁଥିବେ ବୋଲି ଅଶୋକ କଳ୍ପନା କରିଛନ୍ତି ?

(୨୧) ସ୍ନେହ- ଦୁର୍ବଳ ଶିକ୍ଷକର ଦୁଇଆଖି କାହିଁକି ଆନନ୍ଦର ଅଶ୍ରୁରେ ଭାସିଯିବ ବୋଲି କୁହାଯାଇଛି ?

(୨୨) ପ୍ରତ୍ୟେକ ଶିକ୍ଷକ କେଉଁଦିନକୁ ଅପେକ୍ଷା କରି ରହିଥାଏ ?

(୨୩) ଅଶୋକଙ୍କୁ ଚିହ୍ନିବା ଅବସରରେ ରିକ୍ସାବାଲାର ଆଖି ଓ ଓଠର ଅବସ୍ଥା କିପରି ଥିଲା ?

(୨୪) "ସେଇ ବିସ୍ମୟ ବର୍ଣ୍ଣନାର ଅତୀତ"- ଏଠାରେ କେଉଁ ବିସ୍ମୟ କଥା କୁହାଯାଇଛି ?

(୨୫) ମାଷ୍ଟରଜୀ ଆଉ କିଛି ନ କହିପାରିବାର ଦୃଶ୍ୟଟି କିପରି ଥିଲା ?

(୨୬) ମାଷ୍ଟରଜୀ ସେ ମୁହୂର୍ତ୍ତରେ ପୃଥିବୀର ସବୁଠାରୁ ସୁଖୀ ମନୁଷ୍ୟ ବୋଲି କାହିଁକି ଯେକେହି କହିଥା'ନ୍ତା ?

(୨୭) ମାଷ୍ଟରଜୀ କାହିଁକି ଜେଲ୍ ଯାଇଥିଲେ ?

(୨୮) ଜେଲ୍‌ରୁ ଫେରିବା ପରେ ମାଷ୍ଟରଜୀ କ'ଣ କରିଥିଲେ ?

(୨୯) ମାଷ୍ଟରଜୀଙ୍କ ଝାଙ୍କ-କାଶ ସଂପର୍କରେ କ'ଣ କୁହାଯାଇଛି ?

(୩୦) 'ରାମସରନ' ସମ୍ପର୍କରେ କ'ଣ କୁହାଯାଇଛି ?

(୩୧) ମାଷ୍ଟରଜୀଙ୍କ କାହାଣୀରେ କେଉଁ ଚରିତ୍ର ସବୁ ଜୀବନ୍ତ ହୋଇ ଉଠୁଥିଲେ ?

(୩୨) ମାଷ୍ଟରଜୀଙ୍କ ଆତ୍ମକାହାଣୀ ଶୁଣିବା ପରେ ଅଶୋକଙ୍କୁ ହଠାତ୍ କ'ଣ ମନେ ହୋଇଥିଲା ?

(୩୩) ମାଷ୍ଟରଜୀଙ୍କ କେଉଁ କଥାର ଉତ୍ତର ଦେବାର କିଛି ନଥିଲା ବୋଲି ଅଶୋକ କହିଛନ୍ତି ?

(୩୪) ସତୁରିରୁ ଅଧିକ ବୟସ ହୋଇଥିବା ମାତାଜୀ କ'ଣ କରୁଥିବାର ଅଶୋକ ଦେଖିଥିଲେ ?

(୩୫) "ୟେ କ୍ୟା ହୋଗୟା ହେ ମାତାଜୀ କେ ?"- ଏ କଥା ଅଶୋକ ମାଷ୍ଟରଜୀଙ୍କୁ କାହିଁକି ପଚାରିଛନ୍ତି ?

(୩୬) ମାତାଜୀ ସେଦିନ ଦୃପ୍ତକଣ୍ଠରେ ପଦାକୁ ବାହାରି ଆସି କ'ଣ କହୁଥିଲେ ବୋଲି ଅଶୋକ ମନେ ପକାଇଛନ୍ତି ?

(୩୭) "ଜଣେ ହତ୍ୟାକାରୀର ଭୀରୁ ସଙ୍କୁଚିତ ବିବେକ ନେଇ ଚାଲିଛି ମୁଁ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

(୩୮) ଅଶୋକଙ୍କ କାନ ପାଖରେ କିଏ ଜଣେ କ'ଣ ଫିସ ଫିସ୍ କରି କହୁଛି ବୋଲି ତାଙ୍କର ମନେ ହୋଇଛି ?

(୩୯) ରୂପନାରାୟଣ ଏ ଜାତି ପାଇଁ କ'ଣ କରିବା ଉଚିତ୍ ବୋଲି ଅଶୋକ କହିଛନ୍ତି ?

(୪୦) ଏ ଜାତିକୁ ଜାଗ୍ରତ କରିବାକୁ ହେବ ବୋଲି ଅଶୋକ ମାଷ୍ଟରଜୀଙ୍କୁ କାହିଁକି କହିଛନ୍ତି ?

(୪୧) ମାଷ୍ଟରଜୀ କ'ଣ କଲେ ଏ ଅଚେତନ ଜାତିର ମସ୍ତିଷ୍କରେ ଚେତନା ସଞ୍ଚାରିତ ହେବ ବୋଲି ଅଶୋକ କହିଛନ୍ତି ?

**(ଡ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୦୫ ନମ୍ବର।**

(୧) ପଠିତ ଗଳ୍ପରେ ବନାରସ୍‌ର ବର୍ଣ୍ଣନା କିପରି ରହିଛି- ଉଲ୍ଲେଖ କର।

(୨) କଥାକାରଙ୍କ ବର୍ଣ୍ଣନାଚାତୁରୀ କିପରି ସନ୍ଧ୍ୟା ଓ ରାତ୍ରିକାଳୀନ ଗଙ୍ଗାର ଦୃଶ୍ୟକୁ ଚିତ୍ରାୟିତ କରିଛି- ଦର୍ଶାଅ।

(୩) 'ରୂପନାରାୟଣ ସାହା' ଗଳ୍ପ ଅବଲମ୍ବନରେ ଗଙ୍ଗାରେ ଅଶୋକର ନୌକାଯାତ୍ରା ସମ୍ପର୍କିତ ଶୈଶବକାଳୀନ ସ୍ମୃତି ସମ୍ପର୍କରେ ଉଲ୍ଲେଖ କର ।

(୪) ଅଶୋକର ନୌକାଯାତ୍ରା ସମୟରେ ଉପୁଜିଥିବା ବିପନ୍ନ ମୁହୂର୍ତ୍ତରେ ମାଷ୍ଟରଜୀଙ୍କ ଭୂମିକା ନିର୍ଣ୍ଣୟ କର ।

(୫) ଅଶୋକର ଶୈଶବକାଳୀନ ସ୍ମୃତି ତା' ମନ ଭିତରେ ମାଷ୍ଟରଜୀଙ୍କ ସମ୍ବନ୍ଧରେ ଯେଉଁସବୁ କଥା ମନେପକାଇଥିଲା, ତା'ର ଏକ ଚିତ୍ର ଦିଅ ।

(୬) ମାଷ୍ଟରଜୀଙ୍କ ସହ ଅଶୋକଙ୍କ ସାକ୍ଷାତର ଏକ ବିବରଣୀ ଦିଅ ।

(୭) ପଠିତ ଗଳ୍ପରୁ ମାଷ୍ଟରଜୀଙ୍କ ଜୀବନର କ୍ଷୁଦ୍ର ଇତିହାସ ସମ୍ପର୍କରେ ସୂଚନା ଦିଅ ।

(୮) ମାତାଜୀଙ୍କ ସହ ଅଶୋକଙ୍କ ଶେଷ ସାକ୍ଷାତ କିପରି ଥିଲା– ଉଲ୍ଲେଖ କର ।

(୯) ମାଷ୍ଟରଜୀଙ୍କ ଠାରୁ ବିଦାୟ ନେବା ପରେ ଅଶୋକଙ୍କ ମନରେ ଯେଉଁସବୁ ପ୍ରତିକ୍ରିୟା ଦେଖାଦେଇଛି, ସେଗୁଡ଼ିକର ବିଶ୍ଲେଷଣ କର ।

(୧୦) ପଠିତ ଗଳ୍ପକୁ ଆଧାର କରି ମାଷ୍ଟରଜୀଙ୍କ ଚରିତ୍ର ଚିତ୍ରଣ କର ।

□□□

# ଆକାଶ କଇଁଛ

## ମନୋଜ ଦାସ

●

ସରୋବର ଥିଲା ସ୍ୱଚ୍ଛ; ଉପତ୍ୟକା ଥିଲା ସବୁଜ; କିନ୍ତୁ ଉଚ୍ଚାଭିଳାଷୀ କମ୍ବୁଗ୍ରୀବକୁ ସେ ପରିବେଶ ସନ୍ତୁଷ୍ଟ କରିପାରୁ ନଥିଲା । ଦିଗନ୍ତ ପ୍ରତି ଦୃଷ୍ଟି ପ୍ରସାରିତ କରି ସେ ଛାଡୁଥିଲା ଦୀର୍ଘନିଃଶ୍ୱାସ । ଦୂରର ପର୍ବତଶ୍ରେଣୀ ସେପାରିସ୍ଥ ସରୋବରମାନ କେତେ ସ୍ୱଚ୍ଛତର ଓ ଉପତ୍ୟକାମାନ କେତେ ସବୁଜତର ହୋଇ ନ ଥିବ ! ସେ ବିହଙ୍ଗଟିଏ ନହୋଇ କଚ୍ଛପ ହୋଇଥିବା ହେତୁ ନିଜ ଭାଗ୍ୟକୁ ଧିକ୍‌କାର ଦିଏ ।

ସମୟ ସମୟରେ କୂଳକୁ ଉଠିଯାଇ ସେ ମୃଦୁ ସମୀରଣରେ ବିଚରଣ କରୁଥାଏ ଓ କେତେବେଳେ ଲତାପତ୍ର ଦେହରୁ ଶିଶିର ବିନ୍ଦୁଟିଏ ଚାଟିଦିଏ ତ କେତେବେଳେ ଘାସ ଫୁଲଟିଏ ଚୋବାଇ ପକାଏ; କିନ୍ତୁ ଦୂରାନ୍ତରର ଅଜଣାକୁ ଜାଣିବାର ପିପାସା ସେଥିରେ ବଢ଼େ ସିନା, କମେ ନାହିଁ ।

ଥରେ ଥରେ ସେ ଆଖି ବୁଜି ବିମୁଗ୍ଧ କଳ୍ପନାଲୋକରେ ଦେଖେ ଭଲିକିଭଳି ଅଜବ ଦୃଶ୍ୟ । ଗୀତବୋଲିପାରୁଥିବା ଗଛଲତା, ମେଘମାଳା ଭିତରୁ ସିଧାସଳଖ ଝରି-ଆସୁଥିବା ସାତରଙ୍ଗୀ ନଦୀ, ପ୍ରଶସ୍ତ ସଦନରେ ଏକତ୍ରିତ ସ୍ୱନାମଧନ୍ୟ ନର ଓ ବାନରବର୍ଗ ମଧ୍ୟରେ ଲାଙ୍ଗୁଳର ଉପଯୋଗିତା ସମ୍ପର୍କରେ ତର୍କସଭା, ଇତ୍ୟାଦି ।

ପ୍ରତିବର୍ଷ ବର୍ଷାଋତୁ ସମାଗତ ହେଲେ ସଙ୍କଟ ଓ ବିକଟ ନାମକ ଦୁଇଗୋଟି ହଂସ ସେ ସରୋବରରେ ଉପନୀତ ହେଉଥିଲେ । ପର୍ବତଶ୍ରେଣୀ ସେପାରିସ୍ଥ ଏକ ବୃହତ୍ତର ସରୋବରକୁ ଯିବା ମାର୍ଗରେ ସେମାନେ ସେଠାରେ ସପ୍ତାହେ ବିଶ୍ରାମ କରୁଥିଲେ । ଗଭୀର ଆଗ୍ରହ ସହକାରେ କମ୍ବୁଗ୍ରୀବ ସେମାନଙ୍କ ଆଗମନକୁ ଅପେକ୍ଷା

କରୁଥାଏ । ହଂସଯୁଗଳ କଚ୍ଛପର ଅନୁସନ୍ଧିତ୍ସା ସମ୍ପର୍କରେ ଅବହିତ ଥିଲେ । ତେଣୁ ଦୂରଦୂରାନ୍ତରର କାହାଣୀ ଶୁଣାଇ ତା'ର ମନୋରଞ୍ଜନ କରିବା ନିମନ୍ତେ ସେମାନେ ଦୈନିକ ଘଣ୍ଟାଏ ଦୁଇଘଣ୍ଟା ସମୟ ଦେବାରେ କାର୍ପଣ୍ୟ କରୁନଥିଲେ ।

ସେମାନଙ୍କ ଭିତରେ ବନ୍ଧୁତା ଯଥେଷ୍ଟ ଦୃଢ଼ୀଭୂତ ହେଲା ପରେ ହିଁ ଦିନେ କମ୍ବୁଗ୍ରୀବ ସେମାନଙ୍କ ସହିତ ପର୍ବତଶ୍ରେଣୀ ସେପାରିସ୍ଥ ସରୋବରକୁ ଯିବାର ଇଚ୍ଛା ପ୍ରକଟ କଲା । ପ୍ରସ୍ତାବର ବିଜ୍ଞତା ସମ୍ପର୍କରେ ଯଥେଷ୍ଟ ସନ୍ଦେହ ଥିବା ସତ୍ତ୍ୱେ ହଂସଦ୍ୱୟ ପ୍ରଥମେ ଅର୍ଦ୍ଧକ୍ରୋଶ ପଥଯାଏ ଏକ ପରୀକ୍ଷାମୂଳକ ପଦକ୍ଷେପ ନେବା ନିମନ୍ତେ ରାଜିହେଲେ ।

ବିକଟ ଓ ସଙ୍କଟ କାମୁଡ଼ି ଧରିଲେ ଖଣ୍ଡିଏ କାଠିର ଦୁଇ ପ୍ରାନ୍ତ । କାଠିର ମଧ୍ୟଭାଗକୁ କାମୁଡ଼ି ଧରିଲା କମ୍ବୁଗ୍ରୀବ । ତା'ପରେ ସେମାନେ ଶୂନ୍ୟକୁ ଉଠିଲେ ।

ଏହି ପ୍ରଣାଳୀରେ ଅର୍ଦ୍ଧକ୍ରୋଶ ଅତିକ୍ରମ କରି ସେମାନେ ଏକ ଅନୁଚ୍ଚ ପାହାଡ଼ ଉପରେ ଅବତରଣ କଲେ ।

"ପରୀକ୍ଷା ସଫଳ !" - ମୃଦୁହାସ୍ୟ ସହକାରେ ବ୍ୟକ୍ତ କଲା ବିକଟ ।

"ଏଥର ବନ-ପର୍ବତ, ନଗର-ଜନପଦ ଉପର ଦେଇ ନିରବଚ୍ଛିନ୍ନ ଗତିରେ ଉଡ଼ିଯିବାକୁ ପଡ଼ିବ । ଶୂନ୍ୟରେ ଥିବାଯାଏ ମୁହଁ ଖୋଲିବ ନାହିଁଟି !" ସଙ୍କଟ କମ୍ବୁଗ୍ରୀବକୁ ଚେତାଇଦେଲା ।

"ଏତିକି ମାତ୍ର କରିବା ପାଇଁ ଅବତରଣ କରିବା କ'ଣ ଦରକାର ଥିଲା ?"- କଚ୍ଛପ ଉତ୍କଣ୍ଠିତ ଭାବରେ ପ୍ରଶ୍ନକଲା ।

"ଅବତରଣ ନକରି ଶୂନ୍ୟମାର୍ଗରେ ଏକଥା କହିଥିଲେ ତମ ଅବସ୍ଥା ଶୋଚନୀୟ ହୋଇଥାନ୍ତା ।"- ହଂସମାନେ ମନେପକାଇଦେଲେ ।

କମ୍ବୁଗ୍ରୀବ ସେ କୈଫିୟତ୍ ଶୁଣୁ ନଥିଲା । ବିସ୍ମୟ ଓ ପୁଲକଭରେ ସେ ଚତୁର୍ଦ୍ଦିଗ ନିରୀକ୍ଷଣ କରିଲାଗିଥିଲା ।

ପୁନର୍ବାର କାଠି ମଝିରେ ଦାନ୍ତ ବସାଇବା ପୂର୍ବରୁ କଚ୍ଛପ ଗଦ୍‌ଗଦ୍ କଣ୍ଠରେ କହିଲା- "ଇତିହାସରେ ପ୍ରଥମ କଚ୍ଛପ-ମହାକାଶଚାରୀ ଭାବରେ ମୋ ନାମ ଅମର ରହିବ ।"

ହଂସମାନେ ଏଥର ଅପେକ୍ଷାକୃତ ଅଧିକ ସ୍ୱାଚ୍ଛନ୍ଦ୍ୟ ଓ ଆତ୍ମବିଶ୍ୱାସ ସହକାରେ ଊର୍ଦ୍ଧ୍ୱକୁ ଉଠିଲେ । ପବନ ଥିଲା ଅନୁକୂଳ, ଆକାଶ ମେଘମୁକ୍ତ । ତେବେ ସୂର୍ଯ୍ୟାସ୍ତ ସମୟ ହୋଇଥିବା ହେତୁ କାଗଜ ଉପରେ ସ୍ୟାହି ବିଞ୍ଚି ହୋଇଗଲା ଭଳି ଆକାଶବ୍ୟାପୀ ବିଞ୍ଚି ହୋଇ ରହିଥିଲେ ପକ୍ଷୀମାନେ । ଘରଚଟିଆ ଓ ବତାସୀ ଭଳି ସାଧାରଣ ପକ୍ଷୀମାନେ ସେ ଅକଳ୍ପନୀୟ ଦୃଶ୍ୟରେ ବିମୂଢ଼ ପାଲଟିଯିବା ସ୍ଥଳେ ପାରା ଓ ଚିଲ ଜାତୀୟ ସମ୍ଭ୍ରାନ୍ତ ପକ୍ଷୀମାନେ ଉଦ୍‌ବେଗ ପ୍ରକାଶ କରିବାର ଶୁଣାଯାଉଥାଏ । ନିରାଶାବାଦୀ ଭାବରେ ଜଣାଶୁଣା ଗୋଟିଏ କାଉ କହିଲା, "ଆକାଶର ଭବିଷ୍ୟତ୍ ଅନ୍ଧକାର ବୋଲି ମୁଁ କାହିଁ କେତେ ଦିନରୁ ଭବିଷ୍ୟତ ବାଣୀ କରି ଆସିଛି । କଚ୍ଛପଦ୍ୱାରା ଏ ଆକାଶ-ବିଜୟ ସେହି ଅବଶ୍ୟମ୍ଭାବୀ ପରିଣତିର ଆରମ୍ଭ ମାତ୍ର" ।

"ହଂସମାନେ ଯୁଗେ ଯୁଗେ ବିଶ୍ୱାସଘାତକ" - ମନ୍ତବ୍ୟ ଦେଲା ବକଟିଏ !

ଆକାଶମାର୍ଗୀୟ ସେ ଅଭିନବ ଘଟଣା ମଣିଷଙ୍କ ଭିତରୁ ପ୍ରଥମେ ପର୍ବତ ସେପାରି ପ୍ରାନ୍ତରର କେତେଜଣ ଗାଈଆଳ ଟୋକାଙ୍କ ଦୃଷ୍ଟି ଗୋଚର ହେଲା । ସେମାନେ ଯଥାଶକ୍ତି ହାତତାଳି ଦେଇ କଚ୍ଛପବାହୀ ହଂସମାନଙ୍କ ସହ ତାଳ ରଖି ଦୌଡ଼ିଲେ । କମ୍ବୁଗ୍ରୀବ ଅସୁବିଧା ସତ୍ତ୍ୱେ ଆଖିପିତୁଳା ତଳକୁ ବୁଲାଇ ସେ ଦୃଶ୍ୟ ଦେଖିପାରିଲା । ନଈତୀରଯାଏ ଆସି ଯେତେବେଳେ ଟୋକାମାନେ ଅଟକିଯିବାକୁ ବାଧ୍ୟହେଲେ, ସେତେବେଳେ ସେ ସ୍ୱୟଂ ହାତତାଳି ଦେବାର ପ୍ରେରଣା ଅନୁଭବ

କଲା; କିନ୍ତୁ ହାତ ବା ଗୋଡ଼ ଅତ୍ୟନ୍ତ କ୍ଷୁଦ୍ରାକୃତି ହୋଇଥିବାରୁ ପରସ୍ପର ଭେଟିପାରିଲେ ନାହିଁ।

କମ୍ବୁଗ୍ରୀବର ଓଜନ ଯୋଗୁ ହଂସମାନେ ବେଶି ଉଠିପାରୁ ନ ଥିଲେ। ତଳେ ନଦୀବକ୍ଷରେ ଜଣେ ବୃଦ୍ଧ ଏକ ତରୁଣୀ ଭାର୍ଯ୍ୟା ସଂଗ୍ରହ କରି ନୌକାରେ ଫେରୁଥିଲେ। କନ୍ୟା ଦୀର୍ଘ ଓଢ଼ଣାରେ ମୁହଁ ଆବୃତ କରି ବସିଥିଲା; କିନ୍ତୁ ଆକାଶରେ ଘଟୁଥିବା ଅଭାବନୀୟ ଘଟଣା ବିଷୟରେ ସହଯାତ୍ରୀମାନେ ବିସ୍ମୟସୂଚକ ପାଟିଗୋଳ କରିବାର ଶୁଣିବାମାତ୍ରେ ସେ କ୍ଷୀପ୍ରଗତିରେ ଓଢ଼ଣା ଅପସାରଣ କରି ସ୍ୱାମୀଙ୍କୁ ନିଜ କୋମଳ କହୁଣିର ପ୍ରଥମ ସ୍ୱାଦ ଚଖାଇ କହିଲା- "ମୋତେ ସେଇଟି ଆଣିଦିଅ !" ବୃଦ୍ଧ ମୁକୁଟ ସହ ଉଠି ଠିଆହୋଇପଡ଼ିଲେ ଓ ଭାରସାମ୍ୟ ହରାଇ ପଡ଼ିଗଲେ।

"ବୁଦ୍ଧୁ !" କହିଆସୁଥିଲା କମ୍ବୁଗ୍ରୀବ- କିନ୍ତୁ ଉଦ୍‌ଗତ ଶବ୍ଦଟି ସେ ଗଳାଧଃକରଣ କରିଦେଲା।

ଅସ୍ତମାନ ସୂର୍ଯ୍ୟର ରଶ୍ମିଜାଳ ହଂସଦ୍ୱୟଙ୍କ ଚଞ୍ଚଳ ପକ୍ଷ ଓ କଚ୍ଛପର ମସୃଣ ପୃଷ୍ଠ-ଦେଶରେ ସୁନାର ଧୂଳି ମଖାଇ ଦେଇଥାଏ।

"ଆଃ ! ମୁଁ ଉଡ୍‌ଡୀୟମାନ !" ହଠାତ୍ ଏତକ ବଡ଼ପାଟିରେ କହିବାକୁ ଉଦ୍ୟତ ହୋଇ କଚ୍ଛପ କୌଣସି ପ୍ରକାରେ ସମ୍ଭାଳିଗଲା।

ଅଦୂରରେ ଦେଖାଗଲା ରାଜନଅରର ଶିଖର। ଇତିମଧ୍ୟରେ ଲୋକେ ଦୌଡ଼ିଯାଇ ରାଜାଙ୍କୁ ସେ ଅପୂର୍ବ ଦୃଶ୍ୟର ସମ୍ବାଦ ଜଣାଇସାରିଥିଲେ। ରାଜା ତାଙ୍କର ସମଗ୍ର ଦରବାର ସହ ଛାତ ଉପରକୁ ଉଠିଯାଇଥାନ୍ତି। ଦରବାରର ଅନ୍ତର୍ଭୁକ୍ତ ଥିଲେ ଜଣେ ବିଦେଶୀ ରାଜଦୂତ।

"ବିଚିତ୍ର !" ରାଜା ଉଡ଼ନ୍ତ କଚ୍ଛପକୁ ଦେଖି କହିଲେ।

"ବିଚିତ୍ର କ'ଣ ମଣିମା ! ଆମ ରାଜ୍ୟରେ ଥରେ ଥରେ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ଘୁଷୁରି ଉଡ଼ିଯିବାର ଦେଖାଯାଇଥାଏ !"- କହିଲେ ବିଦେଶୀ ରାଜଦୂତ।

"କିନ୍ତୁ ସେମାନଙ୍କୁ ଉଡ଼ାଇନିଏ କିଏ ? ତମ ଘୁଷୁରିମାନଙ୍କର କ'ଣ ପର ଅଛି- ଅଥବା ଅଛି ତମ ରାଜାଙ୍କର ଲାଞ୍ଜ ?"

"ମଣିମା !" ରାଜଦୂତ ଗଳା ପରିଷ୍କାର କରିନେବା ସତ୍ତ୍ୱେ ଖନେଇ ଖନେଇ କହିଲେ- "ଆମ ଘୁଷୁରିମାନେ ପକ୍ଷବନ୍ତ ନୁହନ୍ତି; ଆମ ଛାମୁଙ୍କର ନାହିଁ ଲାଞ୍ଜ। କିନ୍ତୁ ଆମ ରାଜ୍ୟରେ ମଇଁଷି ଭଳି ବୃହଦାକାର ବିହଙ୍ଗମାନ ଅଛନ୍ତି। ଘୁଷୁରି ଉଡ଼ାଇନେବା ସେହିମାନଙ୍କର ସଉକ୍।"

"ବିଚିତ୍ର !" କହିଲେ ରାଜା।

"ବୁଦ୍ଧୁ !" ଉଦ୍‌ଗତ ଭାବାବେଗ ସମ୍ଭାଳି ନ ପାରି କହିଦେଲା କମ୍ବୁଗ୍ରୀବ ଏବଂ ଚକ୍ରବତ୍ ବୁଲି ବୁଲି ସେ ଆସି ସଶବ୍ଦେ ପଡ଼ିଲା ନଅର ଛାତ ଉପରେ।

ଶଙ୍କିଗଲେ ସଭାସଦ୍‌ବର୍ଗ। ହଂସମାନେ ବାଡ଼ିଖଣ୍ଡିକ ପକାଇ ଦେଇ କିଛି ସମୟ ଆର୍ତ୍ତରବ ଛାଡ଼ି ନଅର ଉପରେ ଚକ୍‌କର ଦେଇ ପାର୍ଶ୍ୱବର୍ତ୍ତୀ ଗୋଟିଏ ଗଛରେ ବସିପଡ଼ି ଅନାଇ ରହିଲେ।

ଚକ୍ରାକାରେ କଚ୍ଛପକୁ ଘେରି ସଭାସଦ୍‌ବର୍ଗ ଚମତ୍କୃତ ହୋଇ ଅନାଇରହିଲେ।

ଦରବାରର ପ୍ରଧାନ ବିଶେଷଜ୍ଞ-ଭୋଜନପ୍ରେମୀ କହିଲେ, "ଏଇଟି ଦୁର୍ଲଭ ଧରଣର ସୁସ୍ୱାଦୁ କଚ୍ଛପ। କଚ୍ଛପମାଂସ ରାଜକୀୟ ଖାଦ୍ୟ ତାଲିକାର ବହିର୍ଭୂତ ହୋଇ ନ ଥିଲେ ଏହା ରାଜଭୋଗର ମର୍ଯ୍ୟାଦା ପାଇବାକୁ ହକ୍‌ଦାର ଥିଲା।"

"ସହସ୍ର ବର୍ଷରେ ଥରେ ଯାଇ ଶୂନ୍ୟରୁ କଚ୍ଛପ ବୃଷ୍ଟିହୁଏ। ଆଉ ସେ କଚ୍ଛପମାଂସ ସହସ୍ର ଧରଣର ରୋଗବ୍ୟାଧି ଓ ଦୋଷ-ଦୁର୍ବଳତାର ପ୍ରତିଷେଧକ ହୋଇଥାଏ", କହିଲେ ଦରବାରର କବିରାଜ ଜ୍ୟୋତିଷ। ତା'ପରେ ଆଖିଯୋଡ଼ିକର

ଉପରାର୍ଦ୍ଧ ନିମୀଳିତ ରଖି ଓ ନିମ୍ନାର୍ଦ୍ଧ ଦରବାରର ପଞ୍ଜିକା ଉପରେ ନିବଦ୍ଧ ରଖି ସେ ଘୋଷଣା କଲେ, "ଆଜିଠାରୁ ନଅଶହ ବର୍ଷ ନଅ ମାସ ନଅ ସପ୍ତାହ- ହଁ, ଭବିଷ୍ୟତରେ ଦଶ ସପ୍ତାହରେ ମାସଟିଏ ହେବ ବୋଲି ମୁଁ ଦେଖିପାରୁଛି- ନଅ ଦିବସ ଓ ନଅ ଘଣ୍ଟାପରେ ଏହିପରି ଆଉ ଏକ କଚ୍ଛପ ଶୂନ୍ୟରୁ ଖସିବ ବୋଲି ମୁଁ ଏକ୍ଷଣି ଭବିଷ୍ୟତ୍‌ବାଣୀ କରୁଛି।"

"କିନ୍ତୁ ଆପଣ ଏଇଟିର ପତନ ସମ୍ପର୍କରେ ଭବିଷ୍ୟତ୍‌ବାଣୀ କରି ନ ଥିଲେ କାହିଁକି, ମହାପଣ୍ଡିତେ ?"- ପ୍ରଶ୍ନକଲେ ରାଜା।

"ଛାମୁଙ୍କୁ କେନ୍ଦ୍ର କରି ହିଁ ମୋର ସବୁ ଗଣନା। ଯେହେତୁ କଚ୍ଛପମାଂସ ରାଜମଣୋହିର ଅଯୋଗ୍ୟ, ତେଣୁ ଏ ଘଟଣାକୁ ମୁଁ ଉଲ୍ଲେଖଯୋଗ୍ୟ ବୋଲି ବିଚାରି ନଥିଲି।" ଉତ୍ତର ଦେଲେ ମହାପଣ୍ଡିତେ ।

କଚ୍ଛପ ଆଡ଼କୁ ଦୃଷ୍ଟିପାତ କରି ରାଜାଙ୍କର ଅନ୍ତତଃ ଗୋଟିଏ ଚକ୍ଷୁ ଝଟକି ଉଠିଲା।

"ଏହା ଯେ ସ୍ଥଳେ ବହୁ ରୋଗ ଓ ଦୋଷ-ଦୁର୍ବଳତାର ମହୌଷଧ, ଏହାକୁ ରନ୍ଧନ କରି ପୀଡ଼ିତମାନଙ୍କୁ ଦେବାର ବ୍ୟବସ୍ଥା କରିବା !"- କହି ରାଜା ମୁଖ୍ୟ ପାଚକକୁ ସେଇଟି ନେଇଯାଇ ତତ୍‌କ୍ଷଣାତ୍ ରାନ୍ଧିବାକୁ ନିର୍ଦ୍ଦେଶ ଦେଲେ।

"ଯଦିଓ ଛାମୁଙ୍କ ଭଳି ମୁଁ ବି ଛାର କଚ୍ଛପମାଂସ ଖାଇବାକୁ ପସନ୍ଦ କରେନାହିଁ, ଏଇଟିରୁ ବରଂ ଫାଳେ ଖାଇବି। ଅଧିକ ଦକ୍ଷତା ସହ ରାଜସେବା କରିବା ନିମନ୍ତେ ମୁଁ ଗଣ୍ଠିବାତରୁ ସହଳ ମୁକ୍ତି ପାଇବା ଆବଶ୍ୟକ।"- କହିଲେ ସେନାପତି।

ସେନାପତିଙ୍କ ଘୋଷଣାର ପ୍ରତିଧ୍ୱନି ନିର୍ଗତ ହେଲା ସମସ୍ତ ମନ୍ତ୍ରୀ ଓ ସଭାସଦ୍‌ବର୍ଗଙ୍କ କଣ୍ଠରୁ। ସମସ୍ତେ ଅଧିକ ଦକ୍ଷ ରାଜସେବା ନିମନ୍ତେ କଚ୍ଛପର କିୟଦଂଶମାନ ଭକ୍ଷଣ କରି କୌଣସି ନା କୌଣସି ରୋଗରୁ ମୁକ୍ତି ପାଇଁ ଆଗ୍ରହୀ ଥିଲେ।

"ଆମ ଦୁଇ ମହାନ୍ ଦେଶ ମଧ୍ୟରେ ମୈତ୍ରୀ ଗାଢ଼ତର କରିବାର ଆବଶ୍ୟକତା ଦୃଷ୍ଟିରୁ ମୁଁ ମଧ୍ୟ କିଞ୍ଚିତ୍ କଚ୍ଛପମାଂସ ଭକ୍ଷଣ ପାଇଁ ପ୍ରସ୍ତୁତ",- ଘୋଷଣା କଲେ ବିଦେଶୀ ରାଜଦୂତ।

ଇତିମଧ୍ୟରେ ରାଜାଙ୍କ ନିମନ୍ତେ ଚଳନ୍ତି ସିଂହାସନଟିଏ ଛାତ ଉପରକୁ ଅଣାସରିଥିଲା। ସେ ତହିଁରେ ଉପବେଶନ କରନ୍ତେ ଅନ୍ୟମାନେ ତଳେ ବସିଗଲେ।

"ଯାହାର ସର୍ବାଧିକ ପ୍ରୟୋଜନ, କଚ୍ଛପ ତାକୁ ହିଁ ମିଳିବ। ସେକଥା ଆମ୍ଭେ ଦେଖିବୁ। କିନ୍ତୁ ଜୀବ ଶୂନ୍ୟରୁ ଖସିଲାବେଳେ କିଛି ଗୋଟାଏ କହିବାର ଆମ୍ଭେ ଶୁଣିଲୁଁ। ସେଇଟି କ'ଣ ?"- ବୃହତ୍ତମ କର୍ଣ୍ଣସମ୍ବଳିତ ସଭାସଦ୍‌ଙ୍କୁ ରାଜା ପ୍ରଶ୍ନଟି କଲେ।

"କହିବାକୁ ଛାତି ଫାଟିଯାଉଛି, ମଣିମା", ସଭାସଦ୍ ତାଙ୍କର ଅନନୁକରଣୀୟ ଲମ୍ବ କର୍ଣ୍ଣଯୁଗଳ (ଯାହାକୁ କି ସେ ଇଚ୍ଛାନୁସାରେ ଦୋହଲାଇ ପାରୁଥିଲେ) ଆଉଁସି କହିଲେ, "ଜୀବଟି 'ବୁଦ୍ଧୁ' ବୋଲି ଉଚ୍ଚାରଣ କରିଥିଲା !"

"ବିଚିତ୍ର ! କିନ୍ତୁ କାହାକୁ ଉଦ୍ଦେଶ୍ୟ କରି ସେ ସେଭଳି ସମ୍ବୋଧନ କରିଥାଇପାରେ ? ଆମ ଭିତରେ ପୁଣି ବୁଦ୍ଧୁ କିଏ ?"- ରାଜା ବିସ୍ମୟ ପ୍ରକାଶ କଲେ।

ଗମ୍ଭୀର ମୌନତା ଭିତରେ ସଭାସଦ୍‌ବର୍ଗ ପରସ୍ପର ପ୍ରତି ଘନ ଘନ ଦୃକ୍‌ପାତ କରିବାକୁ ଲାଗିଲେ।

"ବୁଦ୍ଧୁ ସ୍ୱୟଂ ମାନି ନ ଗଲେ ଆମ୍ଭକୁ ବାଡିଲ ରୀତି ଦ୍ୱାରା ତାକୁ ଆବିଷ୍କାର କରିବାକୁ ହେବ",- କହି ରାଜା ଅପେକ୍ଷା କଲେ। ନୀରବତା ସେପରିକି ଘନତର ହୋଇଉଠିଲା।

"ଆମ ସମ୍ମାନିତ ଅତିଥି ବିଦେଶୀ ରାଜଦୂତ ମହୋଦୟ ତାଙ୍କ କୂଟନୈତିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ବୁଦ୍ଧୁ ପଦାବାଚ୍ୟ ହୋଇନପାରନ୍ତି।"- ରାଜା କହିଲେ।

"ହେଁ ହେଁ ମଣିମା", - ରାଜଦୂତ ଉଚିତ ଲଜ୍ଜା ସହକାରେ ମୁଣ୍ଡ ହଲାଇ ରାଜାଙ୍କ ବକ୍ତବ୍ୟ ପ୍ରତି ସମର୍ଥନ ଜଣାଇଲେ।

"ଆମ ମନ୍ତ୍ରୀମାନେ ହୁଏତ ମନ୍ତ୍ରୀ ନ ହେଲେ ବୁଦ୍ଧୁ। ସେମାନେ ଏକାଧାରାରେ ଉଭୟ ହୋଇ ନ ପାରନ୍ତି !"

"ଠିକ୍ ମଣିମା, ଆମ୍ଭେମାନେ ମନ୍ତ୍ରୀ ମାତ୍ର !" ଆଶ୍ୱସ୍ତ ସ୍ମିତ ହସମାନ ଫୁଟାଇ ମନ୍ତ୍ରୀବର୍ଗ କହିଲେ।

"ଆମ ସେନାପତି, ଯିଏ କି ସର୍ବସମକ୍ଷରେ, ଏପରିକି ଜଣେ ବିଦେଶୀ ଦୂତଙ୍କ ଉପସ୍ଥିତି ସତ୍ତ୍ୱେ, ନିଜ ଗଣ୍ଠିବାତର ରହସ୍ୟ ପ୍ରକାଶ କରିଦେଲେ, ସେ ନିଶ୍ଚୟ ତାଙ୍କ ଚେହେରାରୁ ଯେତିକି ଜଣାପଡ଼େ ତା' ତୁଳନାରେ ଅଧିକ ବିଜ୍ଞ।"

ସେନାପତି ବିକଳ ହସ ହସି ସମସ୍ତଙ୍କ ମୁହଁକୁ ଅନାଇଲେ।

କ୍ରମେ, ଏହିପରି ବାତିଲ ରୀତିରେ, ଜଣ ଜଣ ହୋଇ ସମସ୍ତ ସଭାସଦ୍ ବୁଦ୍ଧୁ ହୋଇଥିବାର ସମ୍ଭାବନାରୁ ମୁକ୍ତ ହେଲେ।

ଯେତେବେଳେ ଶେଷ ଆଶ୍ୱାସନାର ଦୀର୍ଘଶ୍ୱାସ ଶୁଣାଗଲା, ସେତେବେଳେ ରାଜା ହଠାତ୍ କାନ୍ଦିଉଠି କହିଲେ, "ବାକି ରହିଲି ମୁଁ- ଅର୍ଥାତ୍ ମୁଁ ହିଁ ବୁଦ୍ଧୁ।"

ସମସ୍ତ ସଭାସଦ୍ କାନ୍ଦିଉଠିଲେ।

"କିନ୍ତୁ ରାଜାଟିଏ ବୁଦ୍ଧୁ ହେଲେ ଚଳିବ କି ? ଆବଶ୍ୟକ ହେଲେ ରାଜପରିବାରର ପବିତ୍ର ପରମ୍ପରା ଭଙ୍ଗକରି ଏଇ ଅସାଧାରଣ କଛପଟି- ସମ୍ଭବ ହେଲେ ସମଗ୍ର କଛପଟି-ଖାଇଦେଇ ମୁଁ ବୁଦ୍ଧୁ ବ୍ୟାଧିରୁ ମୁକ୍ତହେବା ଜରୁରୀ ନୁହେଁ କି ?"- ରାଜା ଏହା କହିସାରି ରନ୍ଧା କଛପ ହସ୍ତେ ସଦ୍ୟ ପହଞ୍ଚିଥିବା ପାଚକକୁ ଇଙ୍ଗିତ ଦିଅନ୍ତେ ପାଚକର ସହକାରୀ ନିଜ ହାତପାଆନ୍ତାରେ ଥିବା ମନ୍ତ୍ରୀଟିର ପଗଡ଼ି

ଓଟାରି ଆଣି ରାଜାଙ୍କ କୋଳରେ ବିଛାଇଦେଲା ଓ ପାଚକ ତହିଁ ଉପରେ ସପାତ୍ର କଚ୍ଛପ ଥୋଇଦେଲା ।

ସଭାସଦ୍ ବର୍ଗଙ୍କ କାନ୍ଦ ଅବ୍ୟାହତ ଥାଉଁ ଥାଉଁ ରାଜା ଗଭୀର ମନୋଯୋଗ ସହକାରେ ପାତ୍ରଟି ଖାଲି କରିଦେଲେ ।

"ଚୁପ୍‌କର !"- ରାଜାଙ୍କ ଧମକ ବୁଲ୍‌ଡ଼ୋଜର ଭଳି ସଭାସଦ୍‌ମାନଙ୍କ କୋହ-କାନ୍ଦଣାକୁ ମାଡ଼ି ମକଚି ନିସ୍ତବ୍ଧ କରିଦେଲା । ତପ୍ରରେ ନିଶ ପୋଛି ରାଜା ରାଜଦୂତଟି ଉପରେ ଦୃଷ୍ଟି ନିବଦ୍ଧ କଲେ ଓ କହିଲେ, "ଶୁଣ; ଦୂତ ମହୋଦୟ ! ମାସଟିଏ ସମୟ ଦେଲି । ତମ ରାଜ୍ୟରେ ସୁଲଭ ଥିବା ମଇଁଷି ଆକାରର ବିହଙ୍ଗରୁ ହଳେ ନେଇଆସ-ନହେଲେ ତମ ରାଜ୍ୟ ଆମର ଏକ ତାଲୁକରେ ପରିଣତ ହେବ । ଦୀର୍ଘକାଳ ହେବ ଆମ୍ଭେ କୌଣସି ମହତ୍ କାର୍ଯ୍ୟରେ ହାତ ଦେଇନାହୁଁ; ଫଳରେ ଆମ ସୈନ୍ୟମାନେ ମୋଟେଇଯାଉଛନ୍ତି, ସେନାପତି ଗଣ୍ଠିବାତ ଭୋଗୁଛନ୍ତି । ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା !"

## (କ) ଲେଖକ ପରିଚୟ

## ମନୋଜ ଦାସ (୧୯୩୪)

ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ କଥାକାର ଭାବେ ମନୋଜ ଦାସଙ୍କ ଖ୍ୟାତି ସୁଦୂରପ୍ରସାରୀ । ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଗଳ୍ପ-ଉପନ୍ୟାସ ରଚନା କରି ସେ ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି । ଗଳ୍ପଗୁଡ଼ିକ ତାଙ୍କର କାହାଣୀଧର୍ମୀ । ଫକୀରମୋହନଙ୍କ ପରମ୍ପରାର ସେ ଜଣେ ଉପଯୁକ୍ତ ଦାୟାଦ । ଆମ ସାମାଜିକ, ରାଜନୀତିକ, ସାଂସ୍କୃତିକ ଓ ମାନବୀୟ ଗତିପ୍ରବାହରେ ଥିବା ବିଡ଼ମ୍ବନାକୁ ଚିହ୍ନି ଚିହ୍ନାଇବାରେ ତାଙ୍କର ଏକ ଅସାଧାରଣ ବୈଶିଷ୍ଟ୍ୟ ରହିଛି । ମଣିଷର ଦମ୍ଭ ଓ ଅହଂକାରକୁ ସ୍ନେହଶୀଳ ବ୍ୟଙ୍ଗ ମାଧ୍ୟମରେ ସେ ସଜାଡ଼ିନେବାର ପ୍ରଯତ୍ନ କରିଛନ୍ତି ଏବଂ ତା'ର ଅସହାୟତାକୁ ଆତ୍ମୀୟତାର ସ୍ୱରରେ ବେଶ୍

ସମ୍ବେଦନଶୀଳ କରି ପ୍ରକାଶ କରିଛନ୍ତି । ପ୍ରାଚୀନ କାହାଣୀରୁ ଉପାଦାନ ସଂଗ୍ରହ କରି ତହିଁରେ ଅନ୍ତର୍ନିହିତ ଥିବା ଜୀବନର ସତ୍ୟକୁ ଉଦ୍‌ଘାଟନ କରିବା ହେଉଛି ମନୋଜଙ୍କ ଅନ୍ୟତମ ବିଶେଷତ୍ୱ । ସହଜ ସରଳ ଭାଷା ସହ ଲଘୁ ହାସ୍ୟରସର ଛଟା ତାଙ୍କ ଗଳ୍ପଗୁଡ଼ିକୁ ଅତ୍ୟନ୍ତ ସଫଳ କରିପାରିଛି । କେବଳ ଗଳ୍ପ-ଉପନ୍ୟାସ ନୁହେଁ କବିତା, ପ୍ରବନ୍ଧ-ରମ୍ୟରଚନା, ଭ୍ରମଣକାହାଣୀ ଇତ୍ୟାଦିରେ ସେ ତାଙ୍କର ଦକ୍ଷତା ପ୍ରତିପାଦନ କରିଛନ୍ତି । ସେଥିପାଇଁ ସେ  କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ଶାରଳା ପୁରସ୍କାର, ପଦ୍ମଶ୍ରୀ ଉପାଧି ସହିତ ବହୁ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି । ତାଙ୍କ ରଚନାଗୁଡ଼ିକ ମଧ୍ୟରେ 'ପଦଧ୍ୱନି', 'ଉପନିବେଶ', 'ନନ୍ଦାବତୀର ମାଝି', 'ତୁମ ଗାଁ ଓ ଅନ୍ୟାନ୍ୟ କବିତା' ଆଦି କବିତାଗ୍ରନ୍ଥ, 'କେତେ ଦିଗନ୍ତ (୧ମ ଓ ୨ୟ)', 'ବିପୁଳାଚ ପୃଥ୍ୱୀ', 'ଭାରତର ଐତିହ୍ୟ : ଶତକ ପ୍ରଶ୍ନର ଉତ୍ତର', 'ସନ୍ଧାନ ଓ ସଙ୍କେତ', 'ଅରଣ୍ୟ ଉଲ୍ଲାସ' 'ଅନ୍ତରଂଗ ଭାରତ' ପ୍ରଭୃତି ପ୍ରବନ୍ଧ ଓ ରମ୍ୟରଚନା ଏବଂ 'ଦୂର ଦୂରାନ୍ତର' 'ଇଣ୍ଡୋନେସିଆ ଅନୁଭୂତି' ଆଦିଭ୍ରମଣ କାହାଣୀ ରହିଛି । ଏତଦ୍‌ବ୍ୟତୀତ ତାଙ୍କ ପ୍ରସିଦ୍ଧ ଗଳ୍ପଗ୍ରନ୍ଥଗୁଡ଼ିକର ନାମ ହେଲା– 'ସମୁଦ୍ରର କ୍ଷୁଧା', 'ଜୀବନର ସ୍ୱାଦ', 'ବିଷକନ୍ୟାର କାହାଣୀ', 'ଆରଣ୍ୟକ', 'ଶେଷ ବସନ୍ତର ଚିଠି', ମନୋଜ ଦାସଙ୍କ କଥା ଓ କାହାଣୀ', 'ଲକ୍ଷ୍ମୀର ଅଭିସାର', 'ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ', 'ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ', 'ମନୋଜ ପଞ୍ଚବିଂଶତି', 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ', 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ', 'ମନୋଜ ଦାସଙ୍କ ଅବୋଲକରା କାହାଣୀ' ଇତ୍ୟାଦି । 'ବୁଲ୍‌ଡୋଜର୍ସ', 'ପ୍ରଭଞ୍ଜନ', 'ଗୋଧୂଳିର ବାଘ', 'ଅମୃତଫଳ' ଓ 'ଆକାଶର ଇସାରା' ଆଦି ଉପନ୍ୟାସ ତାଙ୍କର ଅନ୍ୟତମ ସୃଷ୍ଟି ସମ୍ପଦ ।

## (ଖ) 'ଆକାଶ କଇଁଛ' ସମ୍ପର୍କରେ

'ଆକାଶ କଇଁଛ' ଗଳ୍ପଟି ମନୋଜ ଦାସଙ୍କ 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' ଗଳ୍ପଗ୍ରନ୍ଥରୁ ଆସିଅଛି । ଏହାର ଅଷ୍ଟମଗଳ୍ପ 'ପ୍ରାପ୍ତ ବୟସ୍କର ପଞ୍ଚତନ୍ତ୍ର'ରେ ରହିଛି ତିନୋଟି ଗଳ୍ପ । (କ) ବ୍ୟାଘ୍ର ଓ କଙ୍କଣ ଲୋଭୀ ପଥଚାରୀ (ଖ) ମୂର୍ଖ ଭୃତ୍ୟ ଉପାଖ୍ୟାନ (ଗ) ଆକାଶ କଇଁଛ ।

ପ୍ରାଚୀନ କାହାଣୀକୁ ନୂତନ ଭାବରେ ଉପସ୍ଥାପନା କରିବା ହେଉଛି ମନୋଜ ଦାସଙ୍କ ଗଳ୍ପ ରଚନାର ବୈଶିଷ୍ଟ୍ୟ । ପରମ୍ପରାକୁ ମାନ୍ୟତା ଦେଇ ସେ ଏହି ଶ୍ରେଣୀୟ ଗଳ୍ପରେ କିଛି ନୂତନ ସନ୍ଦେଶ ଦେଇଥା'ନ୍ତି । ମୂଳଗଳ୍ପଟି ହେଉଛି ଗୋଟେ କଇଁଛର ଆକାଶ ଅଭିଯାନର କଥା । ଖଣ୍ଡିଏ କାଠିର ମଧ୍ୟଭାଗକୁ କାମୁଡ଼ିଧରି, କାଠିର ଦୁଇ ପ୍ରାନ୍ତକୁ କାମୁଡ଼ି ଧରିଥିବା ହଂସ ଦୁଇଟିଙ୍କ ସହାୟତାରେ କଇଁଛଟି ଆକାଶରେ ଉଡ଼ିଚାଲିବାବେଳେ ତଳେ ଖେଳୁଥିବା ପିଲାଙ୍କ କୌତୂହଳମିଶା କଥାକୁ ସହ୍ୟ କରିପାରେନା । ସେହି ପିଲାମାନଙ୍କ ପ୍ରତି କ୍ରୋଧ ପ୍ରକାଶ କଲାବେଳେ କଇଁଛଟିର ପାଟି ଆଁ ହୋଇଯାଏ ଏବଂ ସେ ଅଚିରେ ତଳକୁ ଖସିପଡ଼େ । ଏହି ମୂଳଗଳ୍ପକୁ ଆଧାର କରି ମନୋଜ ଦାସ ଉକ୍ତ ଗଳ୍ପଟି ରଚନା କରିଥିଲେ ହେଁ ତହିଁରେ ସେ କେତୋଟି କାଳ୍ପନିକ ଚରିତ୍ର ଓ ଘଟଣାକୁ ଯୋଡ଼ି ଦେଇଛନ୍ତି । ପ୍ରଥମେ ଗାଈଆଳଟୋକାଙ୍କ ଦଉଡ଼ା ଏବଂ ବୃଦ୍ଧବର ସହ ତରୁଣୀ ଭାର୍ଯ୍ୟାର ନୌକାଯାତ୍ରା ମଧ୍ୟରେ କଇଁଛ ପ୍ରତି ଏପରି କୌତୂହଳ ସୃଷ୍ଟି ହୋଇଛି, ଯାହା ଘଟଣାଟିକୁ କରିଛି ଦୃଶ୍ୟମୟ ଓ ହାସ୍ୟୋଦ୍ଦୀପକ । କଇଁଛଟିର ଏ ଆକାଶ ଅଭିଯାନର ସମ୍ବାଦ ପାଇ ରାଜା ତାଙ୍କ ସମଗ୍ର ଦରବାର ସହ ନଅରର ଛାତ ଉପରକୁ ଉଠିଯାଇଛନ୍ତି । ଏ ଅଭାବନୀୟ ଦୃଶ୍ୟ ଦେଖି ରାଜା ଏହାକୁ 'ବିଚିତ୍ର' ବୋଲି କହନ୍ତେ, ସେଠାରେ ଉପସ୍ଥିତ ଥିବା ବିଦେଶୀ ରାଜଦୂତ ତାଙ୍କ ରାଜ୍ୟରେ ଘୁଷୁରି ଉଡ଼ିବା ଏବଂ ମଇଁଷି ଭଳି ବୃହଦାକାର ବିହଙ୍ଗମାନେ ତାଙ୍କୁ ଉଡ଼ାଇ ନେବାର ସଉକ୍ କଥା କହିଛନ୍ତି । ରାଜା, ଏହାକୁ ମଧ୍ୟ ବିଚିତ୍ର ବୋଲି କହିବାରୁ କଇଁଛ କମ୍ବୁଗ୍ରୀବ ନିଜ ଭାବାବେଗକୁ

ସମ୍ଭାଳି ନ ପାରି 'ବୁଦ୍ଧୁ' ବୋଲି କହିଛି ଏବଂ ଚକ୍ରବତ୍ ବୁଲି ବୁଲି ନଅର ଛାତ ଉପରେ ପଡ଼ିଛି । ତା'ପରେ କଛପ ମାଂସକୁ ନେଇ ଆରମ୍ଭ ହୋଇଯାଇଛି ଅଜବ ଚର୍ଚ୍ଚା । ପ୍ରଧାନ ବିଶେଷଜ୍ଞ – ଭୋଜନପ୍ରେମୀ କହିଥିଲେ ଯେ ଏହା ରାଜକୀୟ ଖାଦ୍ୟତାଲିକାର ବହିର୍ଭୂତ ହୋଇ ନଥିଲେ ରାଜଭୋଗର ମର୍ଯ୍ୟାଦା ପାଇବାକୁ ହକ୍‌ଦାର ଥିଲା । 'କବିରାଜ ଜ୍ୟୋତିଷ ଏହା ରୋଗବ୍ୟାଧି ଓ ଦୋଷଦୁର୍ବଳତାର ପ୍ରତିଷେଧକ ହୋଇଥାଏ ବୋଲି କହିଛନ୍ତି । କଛପକୁ ରନ୍ଧନ କରି ରୋଗ ଓ ଦୋଷ-ଦୁର୍ବଳତାରେ ପୀଡ଼ିତମାନଙ୍କୁ ଦେବାର ବ୍ୟବସ୍ଥା କରିବାକୁ ରାଜା କହିବାରୁ ପୀଡ଼ିତମାନଙ୍କ ମଧ୍ୟରେ ସେନାପତି, ସମସ୍ତ ମନ୍ତ୍ରୀ ଓ ସଭାସଦ୍‌ବର୍ଗ ଏବଂ ଏପରିକି ବିଦେଶୀ ରାଜଦୂତ କଛପ ମାଂସ ଖାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସାରା ଘଟଣାକୁ ସରସ ଓ ବ୍ୟଙ୍ଗାତ୍ମକ କରିବାକୁ ଗାଳ୍ପିକ ଏହି ଅବସରରେ ସେମାନଙ୍କ ସମସ୍ତ ଇଚ୍ଛାକୁ ଶ୍ଳେଷାତ୍ମକ କରି ପ୍ରକାଶ କହିଛନ୍ତି । ନିଜ ନିଜର ବିଜ୍ଞତା ଦେଖାଇବାକୁ ଯାଇ ସେମାନେ ଯେ କେତେ ଅଜ୍ଞ ଓ ନିର୍ବୋଧ ତାହା ଏଥିରୁ ଜଣାପଡ଼ିଛି । ଏହି ସମୟରେ କଇଁଛଟି କାହାକୁ ଉଦ୍ଦେଶ୍ୟକରି 'ବୁଦ୍ଧୁ' କହିଥିଲା; ତାହାକୁ ଆବିଷ୍କାର କରିବାକୁ ରାଜା ତତ୍ପର ହୋଇ ପଡ଼ିଛନ୍ତି । ବିଦେଶୀ ରାଜଦୂତ, ମନ୍ତ୍ରୀ, ସେନାପତି ଓ ସମସ୍ତ ସଭାସଦ୍ ବାତିଲ୍ ରୀତିରେ 'ବୁଦ୍ଧୁ' ତାଲିକାରୁ ବାଦ ଗଲାପରେ ରାଜା ସ୍ୱୟଂ 'ବୁଦ୍ଧୁ' ବୋଲି ନିଜକୁ ପ୍ରମାଣ କରିଛନ୍ତି ଏବଂ ବୁଦ୍ଧୁ ବ୍ୟାଧିରୁ ମୁକ୍ତ ହେବା ପାଇଁ ସମଗ୍ର କଛପର ସଦ୍ୟରନ୍ଧା ମାଂସ ପାତ୍ରଟିକୁ ଖାଇ ଶେଷ କରି ଦେଇଛନ୍ତି । ଏହାପରେ ରାଜାଙ୍କର ଆଦେଶ ଏପରି ଶକ୍ତିଶାଳୀ ହୋଇଉଠିଛି, ଯାହା ଏକାନ୍ତଭାବରେ ରାଜକୀୟ ମନେହୋଇଛି । ଆକାଶ-ବିଜୟୀ କଇଁଛଟିର ଆସ୍ଫାଳନ ଏବଂ ତଥାକଥିତ ବିଜ୍ଞ ଓ ପଣ୍ଡିତମାନଙ୍କର ଅଜ୍ଞତା ମଧ୍ୟରେ ଗଳ୍ପଟି ମଣିଷର ସ୍ଥିତି ଓ ତା'ର କାରୁଣ୍ୟକୁ ବ୍ୟଙ୍ଗ କରିବାକୁ ଭୁଲିନାହିଁ ।

❑❑❑

## ପ୍ରଶ୍ନାବଳୀ

**(କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) ସରୋବରରେ ରହୁଥିବା କଛପଟିର ନାମ କ'ଣ ଥିଲା ?

ଚିତ୍ରଗ୍ରୀବ, କମ୍ବୁଗ୍ରୀବ, ମଣିଗ୍ରୀବ, ଶଂଖଗ୍ରୀବ ।

(୨) କମ୍ବୁଗ୍ରୀବ କ'ଣ ଥିବାରୁ ତା' ପରିବେଶ ତାକୁ ସନ୍ତୁଷ୍ଟ କରିପାରୁ ନଥିଲା ?

ଉଚ୍ଚାଭିଳାଷୀ, ଉଚ୍ଚାକାଙ୍କ୍ଷୀ, କଳ୍ପନାଶ୍ରୟୀ, ଭାବପ୍ରବଣ ।

(୩) କଛପଟି କୂଳକୁ ଉଠିଯାଇ କେଉଁଥିରେ ବିଚରଣ କରୁଥାଏ ?

ଶିଶିର ବିନ୍ଦୁରେ, ଘାସଫୁଲରେ, ମୃଦୁସମୀରଣରେ, ସବୁଜ ଉପତ୍ୟକାରେ ।

(୪) କଛପଟି ଆଖିବୁଜି କେଉଁଠି ଭଳିକିଭଳି ଅଜବ ଦୃଶ୍ୟ ଦେଖେ ?

ବିମୁଗ୍ଧ କଳ୍ପଲୋକରେ, ବର୍ଷଣମୁଖର ସନ୍ଧ୍ୟାରେ, ସ୍ୱଚ୍ଛ ସରୋବରରେ, ସାତରଙ୍ଗୀ ଇନ୍ଦ୍ରଧନୁରେ ।

(୫) କେତେବେଳେ ଦୁଇଗୋଟି ହଂସ ସରୋବରରେ ଉପନୀତ ହେଉଥିଲେ ?

ଶୀତଋତୁ, ଶରତଋତୁ, ବସନ୍ତଋତୁ, ବର୍ଷାଋତୁ ।

(୬) ଖଣ୍ଡିଏ କାଠିର ଦୁଇ ପ୍ରାନ୍ତକୁ କିଏ କାମୁଡ଼ି ଧରିଥିଲେ

ବିକଟ ଓ କମ୍ବୁଗ୍ରୀବ, କମ୍ବୁଗ୍ରୀବ ଓ ସଙ୍କଟ, ବିକଟ ଓ ସଂଙ୍କଟ, ମଣିଗ୍ରୀବ ଓ ବିକଟ ।

(୭) "ପରୀକ୍ଷା ସଫଳ" ବୋଲି କିଏ କହିଥିଲା ?

ସଙ୍କଟ, ବିକଟ, କମ୍ବୁଗ୍ରୀବ, ଚିତ୍ରଗ୍ରୀବ।

(୮) ଶୂନ୍ୟରେ ଥିବା ଯାଏ ମୁହଁ ନଖୋଲିବାକୁ କିଏ କମ୍ବୁଗ୍ରୀବକୁ ଚେତେଇ ଦେଇଥିଲା ?

ସଙ୍କଟ, ବିକଟ, ମର୍କଟ, ସୁଗ୍ରୀବ ।

(୯) ଆକାଶର ଭବିଷ୍ୟତ ଅନ୍ଧକାର ବୋଲି କିଏ ଭବିଷ୍ୟବାଣୀ କରିଥିଲା ?

ଚିଲ, ବଗ, କାଉ, ବକ।

(୧୦) ହଂସମାନେ ବିଶ୍ୱାସଘାତକ ବୋଲି କିଏ କହିଛି ?

ବତାସୀ, ଘରଚଟିଆ, ଚିଲ, ବକ।

(୧୧) କେଉଁ ଶବ୍ଦଟିକୁ କମ୍ବୁଗ୍ରୀବ ଗଳାଧଃକରଣ କରିଦେଇଥିଲା ?

ଆଃ, ବୁଦ୍ଧୁ, ବୋକା, ମୂର୍ଖ।

(୧୨) ରାଜା ଉଡ଼ନ୍ତ କଚ୍ଛପଟିକୁ ଦେଖି କ'ଣ କହିଥିଲେ ?

ଆଶ୍ଚର୍ଯ୍ୟ, ଅଦ୍‌ଭୁତ, ବିଚିତ୍ର, ଅସାଧାରଣ।

(୧୩) ତାଙ୍କ ରାଜ୍ୟରେ କିଏ ଉଡ଼ିଯିବାର ଦେଖାଯାଏ ବୋଲି ବିଦେଶୀ ରାଜଦୂତ କହିଥିଲେ ?

ଠେକୁଆ, ଶିଆଳ, ଘୁଷୁରି, ମଇଁଷି

(୧୪) ବିଦେଶୀ ରାଜଦୂତଙ୍କ ରାଜ୍ୟରେ କେଉଁ ଭଳି ବୃହଦାକାର ବିହଙ୍ଗମାନେ ଅଛନ୍ତି ବୋଲି ସେ କହିଥିଲେ ?

ମଇଁଷି, ଗଣ୍ଡା, ଜଳହସ୍ତୀ, ଜିରାଫ।

(୧୫) କେତେ ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ବୃଷ୍ଟିହୁଏ ବୋଲି କୁହାଯାଇଛି ?

ଶହେ, ଲକ୍ଷେ, ଅୟୁତ, ସହସ୍ର ।

(୧୬) କଚ୍ଛପମାଂସ କାହାର ଅଯୋଗ୍ୟ ବୋଲି ମହାପଣ୍ଡିତେ କହିଥିଲେ ?

ଦେବ ମଣୋହି, ରାଜ ମଣୋହି, ସାଧାରଣ ମଣୋହି, ଜନ ମଣୋହି ।

(୧୭) କାହା ଆଡ଼କୁ ଦୃଷ୍ଟିପାତ କରି ରାଜାଙ୍କର ଗୋଟିଏ ଚକ୍ଷୁ ଝଟକି ଉଠିଥିଲା ?

ବିହଙ୍ଗ, ହଂସ, କଚ୍ଛପ, ମଇଁଷି ।

(୧୮) ସେନାପତି କେଉଁ ରୋଗରୁ ମୁକ୍ତି ପାଇବା ପାଇଁ ଫାଳେ କଚ୍ଛପ ମାଂସ ଖାଇବାକୁ କହିଥିଲେ ?

ଶ୍ୱାସ, ଆମାଶୟ, ନିମୋନିଆ, ଗଣ୍ଠିବାତ ।

(୧୯) ଶୂନ୍ୟରୁ ଖସିଲାବେଳେ କଚ୍ଛପଟି କେଉଁ ଶବ୍ଦ ଉଚ୍ଚାରଣ କରିଥିଲା ?

ଗର୍ବୀ, ପଙ୍ଗୁ, ବୁଦ୍ଧୁ, ଲୋଭୀ ।

(୨୦) କେଉଁ ବ୍ୟାଧିରୁ ସେ ମୁକ୍ତ ହେବା ଜରୁରୀ ବୋଲି ରାଜା କହିଥିଲେ ?

ଅହଂକାରୀ, ଲୋଭୀ, ପୃଥୁଳକାୟ, ବୁଦ୍ଧୁ ।

(୨୧) ରାଜାଙ୍କ କୋଳରେ ପାଚକର ସହକାରୀ କ'ଣ ବିଛାଇ ଦେଇଥିଲା ?

ଚିତ୍ରିତ ସତରଞ୍ଜି, ମନ୍ତ୍ରୀଙ୍କ ପଗଡ଼ି, ରାଜାଙ୍କ ଉତ୍ତରୀୟ, ମଖମଲ ଚାଦର ।

(୨୨) ରାଜାଙ୍କ ଧମକ କେଉଁଭଳି ସଭାସଦ୍‌ମାନଙ୍କ କୋହ- କାନ୍ଦଣାକୁ ନିସ୍ତବ୍ଧ କରିଦେଇଥିଲା ?

ବୁଲ୍‌ଡୋ଼ଜର, ଟ୍ରାକ୍‌ଟର, ଶଗଡ଼, ମଟରଗାଡ଼ି ।

(୨୩) ତାଙ୍କ ରାଜ୍ୟର ମଇଁଷି ଆକାରର ବିହଙ୍ଗରୁ କେତେ ନେଇଆସିବାକୁ ରାଜା, ବିଦେଶୀ ରାଜଦୂତଙ୍କୁ ନିର୍ଦ୍ଦେଶ ଦେଇଥିଲେ ?

ଚାରୋଟି, ହଳେ, ଗୋଟିଏ, ପାଞ୍ଚଟି

(୨୪) ମହତକାର୍ଯ୍ୟ ବୋଲି ରାଜା କେଉଁ କାର୍ଯ୍ୟକୁ ଇଙ୍ଗିତ କରିଛନ୍ତି ?

ଶିକାର, ବୈଦେଶିକ ସମ୍ପର୍କ, ରାଜୋତ୍ସବ, ଯୁଦ୍ଧ ।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) କମ୍ବୁଗ୍ରୀବକୁ କେଉଁ ପରିବେଶ ସନ୍ତୁଷ୍ଟ କରି ପାରୁନଥିଲା ?

(୨) କଚ୍ଛପଟି କାହିଁକି ନିଜ ଭାଗ୍ୟକୁ ଧିକ୍କାର ଦେଇଥାଏ ?

(୩) କେଉଁମାନଙ୍କ ମଧ୍ୟରେ ତର୍କସଭା ହେବାର କମ୍ବୁଗ୍ରୀବ ଦେଖି ପାରୁଥିଲା ?

(୪) କେଉଁଠିକୁ ଯିବା ମାର୍ଗରେ ଦୁଇଗୋଟି ହଂସ ସରୋବରଟିରେ ସପ୍ତାହେ ବିଶ୍ରାମ ନେଉଥିଲେ ?

(୫) ହଂସଯୁଗଳ କେଉଁ ସମ୍ପର୍କରେ ଅବହିତ ଥିଲେ ?

(୬) ଅର୍ଦ୍ଧକୋଶ ଅତିକ୍ରମ କଲାପରେ ହଂସ-ଯୁଗଳ ଓ କଚ୍ଛପ କେଉଁଠି ଅବତରଣ କରିଥିଲେ ?

(୭) ମୃଦୁହାସ୍ୟ ସହକାରେ ବିକଟ କ'ଣ ବ୍ୟକ୍ତ କରିଥିଲା ?

(୮) କଚ୍ଛପ ଉତ୍କଣ୍ଠିତ ଭାବରେ କ'ଣ ପ୍ରଶ୍ନ କରିଥିଲା ?

(୯) କମ୍ବୁଗ୍ରୀବ କିପରି ଚତୁର୍ଦ୍ଦିଗ ନିରୀକ୍ଷଣ କରିଲାଗିଥିଲା ?

(୧୦) କଚ୍ଛପ ଗଦ୍‌ଗଦ୍ କଣ୍ଠରେ କ'ଣ କହିଥିଲା ?

(୧୧) ଆକାଶର ଅକଳ୍ପନୀୟ ଦୃଶ୍ୟ ଦେଖି କେଉଁପକ୍ଷୀ ବିମୂଢ଼ ପାଲଟି ଯାଇଥିଲେ ?

(୧୨) କେଉଁମାନଙ୍କୁ ସମ୍ଭ୍ରାନ୍ତ ପକ୍ଷୀ ବୋଲି କୁହାଯାଇଛି ?

(୧୩) ନିରାଶାବାଦୀ ପକ୍ଷୀ ଭାବେ କିଏ ଜଣାଶୁଣା ?

(୧୪) 'ବକ'ଟିଏ କ'ଣ ମନ୍ତବ୍ୟ ଦେଇଥିଲା ?

(୧୫) ଆକାଶମାର୍ଗୀୟ ଅଭିନବ ଘଟଣାଟି ପ୍ରଥମେ କାହାର ଦୃଷ୍ଟିଗୋଚର ହୋଇଥିଲା ?

(୧୬) ଟୋକାମାନେ କେଉଁଠାରେ ଅଟକି ଯିବାକୁ ବାଧ ହୋଇଥିଲେ ?

(୧୭) ହଂସମାନେ ବେଶି ଉପରକୁ ଉଠି ପାରୁ ନଥିଲେ କାହିଁକି ?

(୧୮) ବୃଦ୍ଧଜଣକ କାହାସହ ନୌକାରେ ଫେରୁଥିଲେ ?

(୧୯) ବୃଦ୍ଧଜଣକ ମୁକୁଟ ସହ ଉଠି ଠିଆ ହେଲାବେଳେ କ'ଣ ଘଟିଥିଲା ?

(୨୦) "ବୁଢ଼ୁ" ବୋଲି କହି ଆସୁଥିବା କମ୍ବୁଗ୍ରୀବ ତା'ର ଉଦ୍‌ଗତ ଶବ୍ଦଟିକୁ କ'ଣ କଲା ?

(୨୧) ତାଙ୍କ ରାଜ୍ୟରେ ଘୁଷୁରି ଉଡ଼ାଇନେବା କେଉଁମାନଙ୍କର ସଉକ୍ ବୋଲି ବିଦେଶୀ ରାଜଦୂତ କରିଥିଲେ ?

(୨୨) ସଭାସଦ୍‌ବର୍ଗ କାହିଁକି ଶଙ୍କି ଯାଇଥିଲେ ?

(୨୩) ରାଜା, ମହାପଣ୍ଡିତଙ୍କୁ କ'ଣ ପ୍ରଶ୍ନ କରିଥିଲେ ?

(୨୪) କଚ୍ଛପ ଆଡ଼କୁ ଦୃଷ୍ଟିପାତ କରିବାରୁ ରାଜାଙ୍କର କ'ଣ ହୋଇଥିଲା ?

(୨୫) କଚ୍ଛପ କାହାକୁ ମିଳିବ ବୋଲି ରାଜା କହିଥିଲେ ?

(୨୬) ଗମ୍ଭୀର ମୌନତା ଭିତରେ ସଭାସଦ୍‌ବର୍ଗ କ'ଣ କରିଥିଲେ ?

(୨୭) ରାଜା ହଠାତ୍ କାନ୍ଦିଉଠି କ'ଣ କହିଥିଲେ ?

(୨୮) ସଭାସଦବର୍ଗଙ୍କ କାନ୍ଦ ଅବ୍ୟାହତ ଥାଉଁ ଥାଉଁ ରାଜା କ'ଣ କହିଥିଲେ ?

(୨୯) ରାଜାଙ୍କ ଧମକ ସଭାସଦ୍‌ମାନଙ୍କର କ'ଣ କରିଥିଲା ?

(୩୦) ସେନାପତି ଗଣ୍ଠିବାତ ଭୋଗିବାର କାରଣ କ'ଣ ବୋଲି ରାଜା କହିଛନ୍ତି ?

**(ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଏବଂ ଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

(୧) ସମୟ ସମୟରେ କମ୍ବୁଗ୍ରୀବ କୂଳକୁ ଉଠିଯାଇ କ'ଣ କରେ ?

(୨) ହଂସଯୁଗଳ କଚ୍ଛପର ମନୋରଞ୍ଜନ ପାଇଁ କ'ଣ କରୁଥିଲେ ?

(୩) ବିକଟ ସଙ୍କଟ କିପରି କମ୍ବୁଗ୍ରୀବକୁ ଧରି ଶୂନ୍ୟକୁ ଉଠିଥିଲେ ?

(୪) କମ୍ବୁଗ୍ରୀବକୁ ସଙ୍କଟ କ'ଣ ଚେତାଇ ଦେଇଥିଲା ?

(୫) ହଂସମାନେ କଚ୍ଛପଟିର ଶୋଚନୀୟ ଅବସ୍ଥା କଥା ମନେପକାଇ ଦେଲେ ମଧ୍ୟ କମ୍ବୁଗ୍ରୀବ କ'ଣ କରୁଥିଲା ?

(୬) ହଂସମାନେ କିପରି ଊର୍ଦ୍ଧ୍ୱକୁ ଉଠିଥିଲେ ?

(୭) କଚ୍ଛପଦ୍ୱାରା ଏ ଆକାଶ-ବିଜୟ ସମ୍ପର୍କରେ 'କାଉ' କ'ଣ କହିଥିଲା ?

(୮) କେଉଁକଥା କେଉଁଠି ଗାଈଆଳଟୋକାଙ୍କ ଦୃଷ୍ଟି ଗୋଚର ହୋଇଥିଲା ?

(୯) ଟୋକାମାନେ ଅଟକି ଯିବାକୁ ବାଧହେବାରୁ କଚ୍ଛପଟି କ'ଣ ଅନୁଭବ କରିଥିଲା ?

(୧୦) ଅସ୍ତମାନ ସୂର୍ଯ୍ୟର ରଶ୍ମିଜାଳ ସମ୍ପର୍କରେ ଆସି ହଂସ ଓ କଚ୍ଛପଙ୍କର କ'ଣ ହୋଇଥିଲା ?

(୧୧) କେଉଁ କଥାରେ କଚ୍ଛପ କୌଣସି ପ୍ରକାର ନିଜକୁ ସମ୍ଭାଳି ନେଇଥିଲା ?

(୧୨) ବିଦେଶୀ ରାଜଦୂତଙ୍କ ରାଜ୍ୟରେ ଘୁଷୁରି ଉଡ଼ିବାର କଥା ଶୁଣି ରାଜା ତାଙ୍କୁ କ'ଣ କହିଥିଲେ ?

(୧୩) କମ୍ବୁଗ୍ରୀବ କିପରି ନଅର ଛାତ ଉପରେ ପଡ଼ିଯାଇଥିଲା ?

(୧୪) ଦରବାରର ପ୍ରଧାନ ବିଶେଷଜ୍ଞ- ଭୋଜନ ପ୍ରେମୀ କ'ଣ କହିଥିଲେ ?

(୧୫) ଦରବାରର କବିରାଜ ଜ୍ୟୋତିଷୀ କଚ୍ଛପମାଂସ ସମ୍ପର୍କରେ କ'ଣ କହିଥିଲେ ?

(୧୬) ରାଜାଙ୍କ ପ୍ରଶ୍ନରେ ମହାପଣ୍ଡିତେ କି ଉତ୍ତର ଦେଇଥିଲେ ?

(୧୭) କ'ଣ କହି ରାଜା ମୁଖ୍ୟପାଚକକୁ କଚ୍ଛପଟିକୁ ରାନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ ?

(୧୮) କଚ୍ଛପ ମାଂସ ଖାଇବା ସମ୍ପର୍କରେ ସେନାପତି କ'ଣ କହିଥିଲେ ?

(୧୯) ମନ୍ତ୍ରୀ ଓ ସଭାସଦ୍‌ବର୍ଗ କେଉଁ ବିଷୟରେ ଆଗ୍ରହୀ ହୋଇଥିଲେ ?

(୨୦) କଚ୍ଛପ ମାଂସ ସମ୍ପର୍କରେ ବିଦେଶୀ ରାଜଦୂତ କ'ଣ ଘୋଷଣା କରିଥିଲେ ?

(୨୧) ବିଦେଶୀ ରାଜଦୂତ ରାଜାଙ୍କ କେଉଁ ବକ୍ତବ୍ୟ ପ୍ରତି ସମର୍ଥନ ଜଣାଇଥିଲେ ?

(୨୨) ମନ୍ତ୍ରୀବର୍ଗଙ୍କ ସମ୍ପର୍କରେ ରାଜା କ'ଣ ମନ୍ତବ୍ୟ ଦେଇଥିଲେ ?

(୨୩) ସମସ୍ତ ସଭାସଦ୍ କାହିଁକି କାନ୍ଦି ଉଠିଥିଲେ ?

(୨୪) ଦୀର୍ଘକାଳ ହେବ ତାଙ୍କ ରାଜ୍ୟରେ କ'ଣ ହୋଇଛି ବୋଲି ରାଜା କହିଥିଲେ ।

**(ଚ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

(୧) ଦିଗନ୍ତ ପ୍ରତି ଦୃଷ୍ଟିପାତ କରି କମ୍ବୁଗ୍ରୀବ କ'ଣ ଭାବୁଥିଲା ?

(୨) କମ୍ବୁଗ୍ରୀବର ଦୂରାନ୍ତରର ଅଜଣାକୁ ଜାଣିବାର ପିପାସା ସମ୍ପର୍କରେ କ'ଣ କୁହାଯାଇଛି ?

(୩) ବିମୁଗ୍ଧ କଳ୍ପନା ଲୋକରେ କମ୍ବୁଗ୍ରୀବ କ'ଣ ଦେଖିଥାଏ ?

(୪) ବର୍ଷାଋତୁ ହେଲେ କମ୍ବୁଗ୍ରୀବ କାହାର ଆଗମନକୁ ଅପେକ୍ଷା କରିଥାଏ ?

(୫) କେଉଁ ପରୀକ୍ଷାମୂଳକ ପଦକ୍ଷେପ ନେବା ସମ୍ପର୍କରେ ହଂସଯୁଗଳ ରାଜି ହୋଇଥିଲେ ?

(୬) ହଂସମାନେ କମ୍ବୁଗ୍ରୀବଙ୍କୁ କେଉଁଭାଷା ମନେପକାଇ ଦେଇଥିଲେ ଓ କାହିଁକି ?

(୭) ମହାକାଶରେ କଛପ ଉଡ଼ିଚାଲିଥିବାର ଦେଖି ପକ୍ଷୀମାନେ କି କି ପ୍ରତିକ୍ରିୟା ପ୍ରକାଶ କରିଥିଲେ ?

(୮) ଆକାଶ ମାର୍ଗୀୟ ଅଭିନବ ଘଟଣାଟିକୁ ଦେଖି ଗାଈଆଳଟୋକାମାନେ କ'ଣ କରିଥିଲେ ?

(୯) ନୌକାରେ ଫେରୁଥିବା ବୃଦ୍ଧ ଓ ତାଙ୍କ ତରୁଣୀ ଭାର୍ଯ୍ୟାଙ୍କ ସମ୍ପର୍କରେ କ'ଣ କୁହାଯାଇଛି ?

(୧୦) ଆକାଶରେ ଏକ ଅପୂର୍ବ ଦୃଶ୍ୟର ଖବର ପାଇ ରାଜା କ'ଣ କରିଥିଲେ ?

(୧୧) ଘୁଷୁରିମାନେ ଉଡ଼ିବା ସମ୍ପର୍କରେ ବିଦେଶୀ ରାଜଦୂତ କ'ଣ କହିଛନ୍ତି ?

(୧୨) କମ୍ବୁଗ୍ରୀବର ସଶବ୍ଦ ପତନ ସମ୍ପର୍କରେ କ'ଣ କୁହାଯାଇଛି ?

(୧୩) କବିରାଜ ଜ୍ୟୋତିଷୀ କ'ଣ ଘୋଷଣା କରିଥିଲେ ?

(୧୪) ମହାପଣ୍ଡିତେ କଚ୍ଛପର ପତନ ଭଳି ଘଟଣାକୁ ଉଲ୍ଲେଖଯୋଗ୍ୟ ବିଚାରି ନଥିଲେ କାହିଁକି ?

(୧୫) ଚଳନ୍ତି ସିଂହାସନ ଉପରେ ଉପବେଶନ କରି କଚ୍ଛପ ସମ୍ପର୍କରେ ରାଜା କ'ଣ କହିଥିଲେ ?

(୧୬) ରାଜା କେଉଁ କଥାରେ ବିସ୍ମୟ ପ୍ରକାଶ କରିଥିଲେ ?

(୧୭) ରାଜାଙ୍କ କେଉଁ ବକ୍ତବ୍ୟ ପ୍ରତି ବିଦେଶୀ ରାଜଦୂତ ସମର୍ଥନ ଜଣାଇଥିଲେ ?

(୧୮) ସେନାପତି କାହିଁକି ବିକଳ ହସ ହସି ସମସ୍ତଙ୍କ ମୁହଁକୁ ଅନାଇଥିଲେ ?

(୧୯) "କିନ୍ତୁ ରାଜାଟିଏ ବୁଦ୍ଧୁ ହେଲେ ଚଳିବ କି ?"– ଏ ପ୍ରସଙ୍ଗରେ କ'ଣ କୁହାଯାଇଛି ?

(୨୦) ବିଦେଶୀ ରାଜାଦୂତଙ୍କୁ ରାଜା କେଉଁଥି ପାଇଁ ମାସେଟିଏ ସମୟ ଦେଇଥିଲେ ?

(୨୧) "ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା"– ଏହା କାହିଁକି କୁହାଯାଇଛି ?

**(ଘ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୦୫ ନମ୍ବର ।**

(୧) ପଠିତ ଗଳ୍ପରୁ କମ୍ବୁଗ୍ରୀବର ପରିବେଶ ଓ ତା'ର ମାନସିକ ସ୍ଥିତି ଉପରେ ଦୃଷ୍ଟିପାତ କର ।

(୨) "ପରୀକ୍ଷା ସଫଳ"- ପଠିତ ଗଳ୍ପରୁ ଉକ୍ତିଟିର ତାତ୍ପର୍ଯ୍ୟ ବୁଝାଅ ।

(୩) ମହାକାଶଚାରୀ କଚ୍ଛପ ବିଷୟରେ ପକ୍ଷୀମାନେ ଦେଇଥିବା ମନ୍ତବ୍ୟର ବିଶ୍ଳେଷଣ କର ।

(୪) ଆକାଶ ମାର୍ଗୀୟ ଅଭିନବ ଘଟଣା ଦେଖି ମଣିଷଙ୍କ ଭିତରୁ କିଏ କିପରି ପ୍ରତିକ୍ରିୟା ପ୍ରକାଶ କରିଥିଲେ ବର୍ଣ୍ଣନାକର ।

(୫) ରାଜା କାହିଁକି "ବିଚିତ୍ର" ! ଶବ୍ଦ ଉଚ୍ଚାରଣ କରିଥିଲେ ଉଲ୍ଲେଖ କର ।

(୬) କଚ୍ଛପ ମାଂସ ଭକ୍ଷଣ କରିବାକୁ କିଏ କିପରି ଆଗ୍ରହ ପ୍ରକାଶ କରିଥିଲେ- ଦର୍ଶାଅ ।

(୭) "ବୁଦ୍ଧୁ ସ୍ୱୟଂ ମାନି ନଗଲେ ଆମ୍ଭକୁ ବାଡିଲ ରୀତି ଦ୍ୱାରା ତାକୁ ଆବିଷ୍କାର କରିବାକୁ ହେବ"- ଉକ୍ତିଟିର ତାତ୍ପର୍ଯ୍ୟ ବୁଝାଅ ।

❑❑❑

# ଚତୁର୍ଥ ଏକକ – ବୋଧଜ୍ଞାନ ପରୀକ୍ଷଣ

## (୧) ଅବବୋଧ ପରୀକ୍ଷଣ

ଅବବୋଧ ଅର୍ଥ କୌଣସି ଲେଖାକୁ ବୁଝିପାରିବା ଓ ପ୍ରକାଶ କରିବାର କ୍ଷମତା ଅର୍ଜନ କରିବା । ଲେଖାଟିକୁ ପଢ଼ି ଯଦି ତାକୁ ଠିକ୍ ଭାବରେ ବୁଝି ନପାରିବା ତେବେ ଆମର ଅଧ୍ୟୟନ ନିରର୍ଥକ ହୋଇଯିବ ।

ଏଠାରେ ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ ଯେ ପ୍ରତ୍ୟେକ ଲେଖା ଆକ୍ଷରିକ ଅର୍ଥ ପ୍ରକାଶ କରି କେବଳ ତଥ୍ୟ ପରିବେଷଣ କରେ ନାହିଁ, ସେଥିରେ ନାନା କଳାତ୍ମକ ଅଭିବ୍ୟଞ୍ଜନା, ଶ୍ଳେଷ, ବିଦ୍ରୂପ, ବକ୍ରୋକ୍ତି ବା ଇଙ୍ଗିତଧର୍ମିତା ଥାଇପାରେ । ଏହା ଏକ ସ୍ୱୟଂସଂପୂର୍ଣ୍ଣ ଏକକ ହେଲେ ହେଁ ଏଥିରେ କିଛି ଭାବ ଓ ସଙ୍କେତ ଲୁଚି ରହିଥାଏ । ଏପରିସ୍ଥଳେ ଲେଖାଟିକୁ ସତର୍କତାର ସହ ଅଧ୍ୟୟନ କରିବାକୁ ପଡ଼େ । ତରତର ନ ହୋଇ ସ୍ରଷ୍ଟାଙ୍କ ସାରସ୍ୱତ ସୃଷ୍ଟିକୁ ଗଭୀର ମନୋନିବେଶ ସହ ଅଧ୍ୟୟନ କରିବା ଏକ୍ଷେତ୍ରରେ ଆବଶ୍ୟକ ହୋଇଥାଏ, ଯେପରିକି ଏହା ସୃଷ୍ଟିର ପ୍ରକୃତ ଭାବ ଉନ୍ମୋଚିତ କରିପାରିବ । ଏହି ପ୍ରକ୍ରିୟା କଠିଣ ବୋଲି ଜଣା ପଡୁଥିଲେ ମଧ୍ୟ ବାରମ୍ବାର ଅଭ୍ୟାସ ଦ୍ୱାରା ଏହାକୁ ଆୟତ୍ତ କରାଯାଇପାରେ । ନିମ୍ନରେ କେତୋଟି ଅନୁଚ୍ଛେଦ ପ୍ରଦାନ କରାଯାଇଛି । ପ୍ରଶ୍ନ ଅନୁଯାୟୀ ବିଷୟଟିକୁ ବିଶ୍ଳେଷଣ କରି ଉତ୍ତର ଖୋଜିବାର ଚେଷ୍ଟା ଛାତ୍ର-ଛାତ୍ରୀମାନେ କରିବା ଉଚିତ । ଏଥିପାଇଁ ସେମାନେ ନିମ୍ନ ସୂଚନା ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

**ପ୍ରଶ୍ନୋତ୍ତର ନିୟମ:**

୧. ପ୍ରଶ୍ନର ଉତ୍ତର ଅନୁଚ୍ଛେଦ / କାବ୍ୟାଂଶ ମଧ୍ୟରେ ନିହିତ । ଛାତ୍ରଛାତ୍ରୀମାନେ ତାକୁ ଖୋଜି ଅବହିତ ହେବା ଆବଶ୍ୟକ ।

୨. ପ୍ରଶ୍ନର ଉତ୍ତର ପ୍ରଦତ୍ତ ଅନୁଚ୍ଛେଦ କିମ୍ବା କାବ୍ୟାଂଶର ଅବିକଳ ନକଲ ନ ହୋଇ ଯଥାସମ୍ଭବ ନିଜ ଭାଷାରେ ଲେଖା ହେବା ଆବଶ୍ୟକ ।

୩. ଗଦ୍ୟାଂଶର ପ୍ରଥମ ଚାରିଗୋଟି ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ଏକ ନମ୍ବର । ପରବର୍ତ୍ତୀ ତିନୋଟି ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ଦେବାକୁ ହେବ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ଦୁଇ ନମ୍ବର ।

୪. କାବ୍ୟାଂଶର ପାଞ୍ଚଗୋଟି ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ଏକ ନମ୍ବର ।

୫. ପ୍ରଶ୍ନାବଳୀର ଉତ୍ତର କ୍ରମଅନୁସାରେ ରହିବା ଉଚିତ ।

**ଉପାୟ:**

୧. ଅନୁଚ୍ଛେଦ / କାବ୍ୟାଂଶଟିକୁ ସତର୍କତାର ସହ ପଢ଼ିବା ଉଚିତ୍ ।

୨. ଅନୁଚ୍ଛେଦ କିମ୍ବା କାବ୍ୟାଂଶରେ ନିହିତ ଉତ୍ତର ଚିହ୍ନିତ କରିବା ଆବଶ୍ୟକ ।

୩. ପ୍ରଥମେ ପ୍ରାରମ୍ଭିକ (ରଫ୍) ଉତ୍ତର ପ୍ରସ୍ତୁତ କରିବା ପରେ ଆବଶ୍ୟକ ସଂଶୋଧନ କରିବାକୁ ହେବ ।

୪. ଚୂଡ଼ାନ୍ତ ଲେଖା ପ୍ରସ୍ତୁତ କରି ପ୍ରାରମ୍ଭିକ ଉତ୍ତର (ରଫ୍) ଟିକୁ କାଟିଦେବା ଉଚିତ ।

□□□

# (କ) ଗଦ୍ୟାଂଶ

## (୧)

ଖବର ମିଳି ସାରିଥିଲା ଯେ ବଡ଼ଲାଟ୍ ବର୍ଷ ଶେଷ ପୂର୍ବରୁ ଓଡ଼ିଶା ଆସିବେ। ସେଥିପାଇଁ ବଙ୍ଗଳାର ପ୍ରାଦେଶିକ ସରକାରଙ୍କ ତତ୍ପରତା ବଢ଼ି ଯାଇଥିଲା। ଓଡ଼ିଶାର ଜିଲ୍ଲା ପ୍ରଶାସନଗୁଡ଼ିକ ମଧ୍ୟ ସଜାଗ ହୋଇଯାଇଥିଲେ। ଅମଲା ମହଲରେ ହଇଚଇ। ତରଙ୍ଗହୀନ ଓଡ଼ିଆ ମାଟିରେ ବି ସୃଷ୍ଟି ହୋଇଥିଲା ଗୋଟାଏ ନୂଆ ଜାଗରୁକତା।

ମଧୁସୂଦନଙ୍କ ଗୋଡ଼ କିନ୍ତୁ ଏଠି ସେଠି ପଡୁଥିଲା। ସେ ଜାଣିଥିଲେ ସରକାରଙ୍କ ଆଶୀର୍ବାଦ ବିନା ଉତ୍କଳର ପରିଚୟରେ ପରଲଗେଇବା ଏକ ପ୍ରକାର ଅସମ୍ଭବ। ଥରେ ଭାରତର ଶାସନମୁଖ୍ୟ କଥାଟାକୁ ବୁଝିଗଲେ ଆଉ ତେଣିକି ଅସୁବିଧା ନାହିଁ। ସେଥିରେ ସେ ପାଇସାରିଥିଲେ ପ୍ରଥମ ସଫଳତା । ବଡ଼ଲାଟ୍ ଯେ ଓଡ଼ିଶା ଆସୁଛନ୍ତି ତାହା, କାହାର ଉଦ୍ୟମ ଯୋଗୁଁ?

ଅକ୍ଟୋବର ଡେଇଁ ନଭେମ୍ବର୍ ଆସିଯାଇଥିଲା। ଓଡ଼ିଶା ଅଳଙ୍କାର କାରଖାନାରେ ଜୋର୍‌ସୋର୍ କାମ ଲଗେଇ ଦେଇଥିଲେ ମଧୁସୂଦନ। ତାରକସିର ଐନ୍ଦ୍ରଜାଲିକ ସୌନ୍ଦର୍ଯ୍ୟ ଭେଟି ଦେଇ ସେ ମୁଗ୍ଧ କରିଦେବେ ପ୍ରତ୍ନତତ୍ତ୍ୱବିଳାସୀ ଭାଇସ୍‌ରାୟ କର୍ଜନଙ୍କ ଆଖି ଦୁଇଟିକୁ।

ଶହେବର୍ଷ ଧରି ଇଂରେଜ ସରକାର ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ହେଉ, ସାରା ଭାରତ ଭୂଖଣ୍ଡରେ ଶାସନ ବିସ୍ତାର କରିଛନ୍ତି। ମାତ୍ର ପ୍ରଥମଥର ପାଇଁ ଶାସନର ସର୍ବୋଚ୍ଚକର୍ତ୍ତା ଆସୁଛନ୍ତି ଉତ୍କଳ। କିଛିକମ୍ ନୁହେଁ ଏ ସୁଯୋଗ!

ଅନେକ ବର୍ଷ ତଳେ ଭାଇସ୍‌ରାୟ ଲର୍ଡ୍ ମେଓ ଓଡ଼ିଶା ପରିଦର୍ଶନରେ ଆସିବାର ଯୋଜନା ହୋଇଥିଲା। ତାହା ଥିଲା ୧୮୭୨ ସନର କଥା। ସେହି

ଫେବୃଆରୀରେ ଆଣ୍ଡାମାନ ଦ୍ୱୀପର ପରିଦର୍ଶନ ସାରି ଜଳ ଜାହାଜରେ ସେ ଆସିଥା'ନ୍ତେ ଓଡ଼ିଶା। ମାତ୍ର ହାୟ, ସେଇଠି ପୋର୍ଟବ୍ଲେୟାରଠାରେ ଶେର ଅଲ୍ଲୀ ନାମକ ଜଣେ ଓହାବୀ ବନ୍ଦୀର ଛୁରିକାଘାତରେ ଅଚାନକ ପ୍ରାଣ ହରାଇଲେ ସେ। ତା'ପରଠାରୁ ଓଡ଼ିଶା ଆସିବା ପାଇଁ ଅନ୍ୟ କୌଣସି ଭାଇସ୍‌ରାୟ ମନ ବଳାଇ ନଥିଲେ।

ଅଜଣା ଅରଣ୍ୟର ଅଚାଏ ଅନାବିଷ୍କୃତ ଭୂଖଣ୍ଡ ପରି ଓଡ଼ିଶା ପଡ଼ି ରହିଥିଲା ସେମିତି। ଲର୍ଡ୍ ଏଲ୍‌ଗିନ୍‌ଙ୍କ ଅନ୍ତେ ଭାରତ ଭୂଇଁରେ ସ୍ଥଳାଭିଷିକ୍ତ ହୋଇ ଯୋଗ ଦେଇଥିଲେ କର୍ଜନ୍ ସାହେବ। ସେ ଥିଲେ ଐତିହାସିକ, କଳାପ୍ରେମୀ ପୁଣି ପ୍ରତ୍ନତତ୍ତ୍ୱବିତ୍। ମଧୁବାବୁ ବିଲାତରେ ବୁଝି ଆସିଥିଲେ ସେ ସବୁ। କଳାପ୍ରେମୀ ମଣିଷର ଥାଏ ଗୋଟାଏ ଉଦାର ଓ କୋମଳ ଦିଗ। ତାକୁ ବାଗେଇ ଛୁଇଁପାରିଲେ ସମ୍ପର୍କ ସହଜ ହୁଏ। ସେଇ କଥାକୁ ମନରେ ରଖି ଉତ୍କଳସଭାରେ କଥାଟାକୁ ପକେଇ ମଧୁସୂଦନ ପ୍ରସ୍ତୁତ କରିଥିଲେ ଏକ ଦୀର୍ଘ ଅଭିନନ୍ଦନ ପତ୍ର।

ଐତିହ୍ୟସମ୍ପନ୍ନ ମଧ୍ୟଯୁଗୀୟ ଓଡ଼ିଶାର ସ୍ଥାପତ୍ୟ ସୌଷ୍ଠବ ସାଙ୍ଗକୁ ଉତ୍କଳୀୟ ସଂସ୍କୃତିର ଅନନ୍ୟ ସୌଜାତ୍ୟ କର୍ଜନଙ୍କୁ ଯେ ପ୍ରଭାବିତ କରିବ, ସେ ସମ୍ପର୍କରେ ଦୃଢ଼ନିଶ୍ଚିତ ଥିଲେ ମଧୁସୂଦନ।

ଅଭିନନ୍ଦନ ପତ୍ରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ଏକ ଶାସନାଧୀନ କରି ରଖିବା ଲାଗି ସେ ଯୁକ୍ତି ଉପସ୍ଥାପନ କରିଥିଲେ।

**(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ: ଗୋଟିଏ ବାକ୍ୟରେ ଉତ୍ତର ଲେଖ।**

୧. ସରକାରଙ୍କ ଆଶୀର୍ବାଦ ବିନା କ'ଣ ଅସମ୍ଭବ ବୋଲି ମଧୁବାବୁ ଜାଣିଥିଲେ ?

୨. ୧୮୭୨ ପରେ ଭାଇସ୍‌ରାୟମାନେ ଓଡ଼ିଶା ଆସିବା ପାଇଁ ମନ ନ ବଳେଇବାର କାରଣ କ'ଣ ?

୩. କର୍ଜନଙ୍କୁ କ'ଣ ପ୍ରଭାବିତ କରିବ ବୋଲି ମଧୁବାବୁ ଦୃଢ଼ ନିଶ୍ଚିତ ଥିଲେ ?

୪. ଅଭିନନ୍ଦନ ପତ୍ରରେ ମଧୁବାବୁ କେଉଁ ଯୁକ୍ତି ଉପସ୍ଥାପନ କରିଥିଲେ ?

**(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ ।**

୧. ବଡ଼ଲାଟ ଓଡ଼ିଶା ଆସିବା ଖବର ଶୁଣି କିପରି ତତ୍ପରତା ପ୍ରକାଶ ପାଇଥିଲା ?

୨. ମଧୁବାବୁ ଓଡ଼ିଶା ଅଳଙ୍କାର କାରଖାନାରେ ଜୋର୍‌ସୋର କାମ ଲଗାଇବାର ଉଦ୍ଦେଶ୍ୟ କ'ଣ ?

୩. ମଧୁବାବୁ କର୍ଜନ ସାହେବଙ୍କ ସଂପର୍କରେ ବିଲାତରୁ କ'ଣ ବୁଝି ଆସିଥିଲେ ?

**ସମ୍ଭାବ୍ୟ ଉତ୍ତର:**

(କ) ୧. ସରକାରଙ୍କ ଆଶୀର୍ବାଦ ବିନା ଉତ୍କଳ ବା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ମିଳିବା ଅସମ୍ଭବ ବୋଲି ମଧୁବାବୁ ଜାଣିଥିଲେ ।

୨. ୧୮୭୨ ମସିହାରେ ଭାଇସ୍‌ରାୟ ଲର୍ଡ଼ମେଓ ଓଡ଼ିଶା ଆସିବାର ସମୟରେ ପୋର୍ଟ ବ୍ଲେୟାରରେ ଛୁରିକା ଘାତରେ ମୃତ୍ୟୁବରଣ କରି ଥିବାରୁ ଅନ୍ୟ କୌଣସି ଭାଇସ୍‌ରାୟ ଓଡ଼ିଶା ଆସିବାକୁ ମନ ବଳାଉନଥିଲେ ।

୩. ଐତିହ୍ୟସମ୍ପନ୍ନ ଓଡ଼ିଶାର ସ୍ଥାପତ୍ୟ ଓ ଉତ୍କଳୀୟ ସଂସ୍କୃତି ଲର୍ଡ଼ କର୍ଜନଙ୍କୁ ପ୍ରଭାବିତ କରିବ ବୋଲି ମଧୁବାବୁ ଜାଣିଥିଲେ ।

୪. ଅଭିନନ୍ଦନ ପତ୍ରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ଓଡ଼ିଶା ପ୍ରଦେଶ ଗଠନ ପାଇଁ ମଧୁବାବୁ ଯୁକ୍ତି ବାଢ଼ିଥିଲେ ।

(ଖ) ୧. ବଡ଼ଲାଟଙ୍କ ଓଡ଼ିଶା ଆସିବା ଖବର ଶୁଣି ବଙ୍ଗଳାର ପ୍ରାଦେଶିକ ସରକାର ଜିଲ୍ଲା ପ୍ରଶାସନ ଓ ଅମଲା ମହଲରେ ତତ୍ପରତା ବଢ଼ିଯାଇଥିଲା । ଓଡ଼ିଆ ଲୋକମାନଙ୍କ ମଧ୍ୟରେ ନୂଆ ଜାଗରଣ ସୃଷ୍ଟି ହୋଇଥିଲା ।

୨. ପତ୍ନତତ୍ତ୍ୱ ବିଳାସୀ ଭାଇସରାୟ କର୍ଜନ ସାହେବ ଓଡ଼ିଶା ଆସୁଛନ୍ତି । ତାଙ୍କୁ ତାରକସିର ଐନ୍ଦ୍ରଜାଲିକ ସୌନ୍ଦର୍ଯ୍ୟ ଭେଟିଦେବାପାଇଁ ମଧୁବାବୁ କାରଖାନାରେ ଜୋର କାମ ଲଗାଇ ଥିଲେ ।

୩. କର୍ଜନ ସାହବ ଜଣେ ଐତିହାସକ, ପତ୍ନତତ୍ତ୍ୱବିତ୍ତ ଓ କଳାପ୍ରେମୀ ଉଦାର ମଣିଷ । ମଧୁବାବୁ ବିଲାତରୁ ଏକଥା ବୁଝି ଆସିଥିଲେ ।

(୨)

ସାଂସାରିକ ବାଧାବିଘ୍ନ ମଧ୍ୟରେ ମନୁଷ୍ୟର ନିଜତ୍ୱ ପ୍ରକାଶିତ ହେବା ସହଜ ନୁହେଁ । ଅନେକସମୟରେ ସାମାଜିକ ରୀତିନୀତି ମଧ୍ୟ ପ୍ରତିବନ୍ଧକ ସ୍ୱରୂପ ହୋଇଥାଏ । ପୂର୍ବକାଳରେ ଆମ ଦେଶରେ ଗୃହସ୍ଥର ଆଚରଣ ସମ୍ବନ୍ଧରେ ଶିକ୍ଷା ଦିଆ ହେଉଥିଲା, କିନ୍ତୁ ଆଜିକାଲି ସେପରି ଶିକ୍ଷାର ପ୍ରଚଳନ ନାହିଁ । ମନୁଷ୍ୟର ଗୋଟାଏ ସଙ୍କୁଚିତ ଅବସ୍ଥା ଆସିଗଲେ, ସେ ସହଜରେ ଆଉ ସେଥିରୁ ନିଷ୍କୃତି ପାଏ ନାହିଁ । ଯେଉଁମାନଙ୍କର ମାନସିକ ପ୍ରବୃତ୍ତି ଟିକିଏ ଉଚ୍ଚ ଦରର ଥାଏ, ସେହିମାନେ କୌଣସି କାରଣବଶତଃ ଏପରି ଅବସ୍ଥାର ଅଧୀନ ହେଲେ ସୁଦ୍ଧା ଦିନେ ସୁସମୟ ଆସି ଆତ୍ମଶକ୍ତିର ପରୀକ୍ଷା ଦେବାପାଇଁ ସେମାନଙ୍କୁ ଗୋଟିଏ ଭିନ୍ନ କର୍ମକ୍ଷେତ୍ରରେ ପ୍ରବେଶ କରାଏ । ପ୍ରତ୍ୟେକ ଗୃହସ୍ଥ ନିଜର ପାରିବାରିକ ପରିସ୍ଥିତି ମଧ୍ୟରେ ଇଚ୍ଛାନୁସାରେ ଅନୁକୂଳ ଅବସ୍ଥାକୁ ଲକ୍ଷ୍ୟ ରଖି ଶକ୍ତି ପ୍ରୟୋଗ କରିପାରେ ଓ ତଦ୍ୱାରା ତା'ର ଯେଉଁ ବିକାଶ ଜନ୍ମେ, ସେଥିରେ ନିଜତ୍ୱର ଯଥେଷ୍ଟ ପରିଚୟ ମିଳେ । ନିଜତ୍ୱ ରକ୍ଷା କରି ନ ପାରି ଅଧିକାଂଶ କେବଳ ଏକ ଧାରାବାହିକ କର୍ମପନ୍ଥାର ଆଶ୍ରୟରେ ଜୀବନକୁ କଟାଇ ଦିଅନ୍ତି । ମନୁଷ୍ୟତ୍ୱର ଶ୍ରେଷ୍ଠ ନିଦର୍ଶନ ଏଥିରେ ନ ଥାଏ । ଜଗତରେ ଯେତେ ବିସ୍ମୟକର ଓ ମହତ୍ କାର୍ଯ୍ୟ ସମ୍ପାଦିତ ହୋଇଅଛି, ସେଥିରେ ଗୃହସ୍ଥର ପ୍ରଭାବ ଅଛି । ଗୃହସ୍ଥ ନିଜକୁ ଛୋଟ ମନେ କରିବା ଉଚିତ ନୁହେଁ । ଅର୍ଥ କିମ୍ବା କ୍ଷମତାର ପ୍ରଭାବକୁ ଭୟ କରି ସେ ଯଦି ଶକ୍ତିବିକାଶର

ପଥରୋଧ କରିଦିଏ, ତାହାହେଲେ ଜଗତରେ ତା' ପାଇଁ ଉପଯୁକ୍ତ ସ୍ଥାନ ରହେ ନାହିଁ। ଯେଉଁମାନେ ସର୍ବଦା ଦୀନ ହୀନ ଭାବରେ କାଳାତିପାତ କରନ୍ତି, ସେମାନଙ୍କର ପଥ ମଧ୍ୟ ସଂକୁଚିତ ନୁହେଁ। ପ୍ରତ୍ୟେକ ଗୃହସ୍ଥର ଦୃଢ଼ କର୍ତ୍ତବ୍ୟଜ୍ଞାନ ରହିବା ବାଞ୍ଛନୀୟ। ସାମାନ୍ୟ କର୍ମ ନିଷ୍ଠାର ସହିତ ସମ୍ପାଦନ କରି ଜଣେ ଗୃହସ୍ଥ ଉଚ୍ଚ ସ୍ଥାନର ଅଧିକାରୀ ହୋଇପାରେ । କର୍ତ୍ତବ୍ୟଜ୍ଞାନରୁ ନିଜତ୍ୱର ପରାକାଷ୍ଠା ମିଳେ। କର୍ତ୍ତବ୍ୟପରାୟଣ ଗୃହୀ ସାଂସାରିକ ବିପଦର ସମ୍ମୁଖୀନ ହୋଇ ସୁଦ୍ଧା ନିଜତ୍ୱ ହରାଏ ନାହିଁ। ତାର ଲକ୍ଷ୍ୟ ଗୋଟାଏ ଅବଲମ୍ବନକୁ ଆଶ୍ରୟ କରିଥାଏ। ଅବଲମ୍ବନ ନ ଥିଲେ ମନୁଷ୍ୟର ଗତି ସହଜ ହୁଏ ନାହିଁ ଓ ଲକ୍ଷ୍ୟର ସ୍ଥିରତା ମଧ୍ୟ ରହେ ନାହିଁ। ନିଜର ଆକାଙ୍‌କ୍ଷା ଓ ରୁଚି ଅନୁଯାୟୀ ମନୁଷ୍ୟ ଅବଲମ୍ବନ ଗ୍ରହଣ କରେ। କେବଳ ଗୋଟାଏ ଗଡ୍‌ଡଳିକା ପ୍ରବାହରେ ଭାସିଯିବା ଲୋକଙ୍କ ସଂଖ୍ୟା ସଂସାରରେ ଅନେକ ଦେଖାଯାଏ। ସେମାନଙ୍କୁ ପ୍ରକୃତ ଗୃହସ୍ଥ ବୋଲି କୁହଯାଇ ନ ପାରେ। କୌଣସି ପ୍ରଚଳିତ ରୀତି କିମ୍ବା ପ୍ରଥାକୁ ଅନୁସରଣ କରି କାର୍ଯ୍ୟାନୁଷ୍ଠାନ କରାଯାଇପାରେ; କିନ୍ତୁ ସେଥିରେ ବିଶେଷତ୍ୱ ପ୍ରତି ଲକ୍ଷ୍ୟ ଦେବା ଉଚିତ। ଯାବତୀୟ କର୍ମ କରି ନିଜର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବାପାଇଁ ଆଦୌ ବାଧା ନାହିଁ। କର୍ମରେ ଅନୁପ୍ରାଣିତ ହୋଇ ନିଜତ୍ୱକୁ ଭୁଲିଯିବାଦ୍ୱାରା ମନୁଷ୍ୟତ୍ୱର ଅବମାନନା ଘଟେ। ସୈନିକ ଯୁଦ୍ଧକ୍ଷେତ୍ରରେ ସେନାନାୟକଙ୍କର ଆଦେଶ ଅତି ଦୃଢ଼ଭାବରେ ପାଳନ କରେ। ସେପରି କରିବା ତାର ପ୍ରଧାନ କର୍ତ୍ତବ୍ୟ; କିନ୍ତୁ କର୍ତ୍ତବ୍ୟ ପାଳନ ବେଳେ ଅବଲମ୍ବନର ଶକ୍ତି ତାକୁ ଯେପରି ପ୍ରଫୁଲ୍ଲ ରଖେ ଓ ସେ ଯେପରି ଅଦମ୍ୟ ସାହସରେ ସଂଗ୍ରାମ କରେ, ତାହା କେବଳ ସେନାପତିଙ୍କର ଆଦେଶ ବାଣୀ ଶ୍ରବଣରେ ସମ୍ଭବପର ନୁହେଁ। ପ୍ରତ୍ୟେକ ଗୃହସ୍ଥର ବୀର ପରି ଆଚରଣ କରିବା ଗୋଟାଏ ଧର୍ମ। ଭୟାଳୁ ହେଲେ ତା ପାଇଁ ଜଗତରେ ଉଚ୍ଚ ସ୍ଥାନ ରହେ ନାହିଁ। ଗୃହସ୍ଥର ପ୍ରଧାନ ଧର୍ମ ସଂସାର-କ୍ଷେତ୍ରରେ ନିଷ୍ଠାର ସହିତ କର୍ତ୍ତବ୍ୟ ପାଳନ।

## ପ୍ରଶ୍ନାବଳୀ

(ପ୍ରଶ୍ନର ଉତ୍ତର ନିଜ ଭାଷାରେ ଦିଅ)

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ: ଗୋଟିଏ ବାକ୍ୟରେ ଉତ୍ତର ଲେଖ।

(୧) ମନୁଷ୍ୟର ସଙ୍କୁଚିତ ଅବସ୍ଥା ଆସିଗଲେ କ'ଣ ହୁଏ ?

(୨) ମନୁଷ୍ୟତ୍ୱର ଶ୍ରେଷ୍ଠ ନିଦର୍ଶନ କେଉଁଥିରେ ନ ଥାଏ ?

(୩) କେଉଁ ଗୃହସ୍ଥର ସଂସାରରେ ଉପଯୁକ୍ତ ସ୍ଥାନ ନାହିଁ ?

(୪) ଗୃହସ୍ଥର ପ୍ରଧାନ ଧର୍ମ କ'ଣ ?

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ: ଦୁଇଟି ବାକ୍ୟରେ ଉତ୍ତର ଲେଖ।

(୧) ଆଜି କେଉଁ ଶିକ୍ଷାର ପ୍ରଚଳନ ନାହିଁ ?

(୨) ଗୃହସ୍ଥଙ୍କୁ ନିଜତ୍ୱର ଯଥେଷ୍ଟ ପରିଚୟ କେତେବେଳେ ମିଳେ ?

(୩) କେଉଁମାନଙ୍କୁ ପ୍ରକୃତ ଗୃହସ୍ଥ ବୋଲି କୁହାଯାଇ ନ ପାରେ ?

(୩)

ସାଧନା, ସୁଦୃଢ଼ ଭିତ୍ତି ଓ ବେଷ୍ଟନୀ ଉପରେ ଅନେକ ପରିମାଣରେ ନିର୍ଭର କରେ। ବେଷ୍ଟନୀ ଦୁର୍ବଳ ହେଲେ ବାହ୍ୟ ପ୍ରଭାବ ସାଧନାର ପ୍ରତିକୂଳାଚରଣ କରେ। ଜଗତରେ ଯେତେ ମନୀଷୀଙ୍କର ଆବିର୍ଭାବ ଘଟିଅଛି, ସେମାନଙ୍କର ଜୀବନୀ ଆଲୋଚନା କଲେ ଜଣାଯିବ ଯେ, ଅଧିକାଂଶଙ୍କର କାର୍ଯ୍ୟକ୍ରମରେ ଗୋଟାଏ ବିଶେଷତ୍ୱ ଥାଏ। ସାଧାରଣ ଚକ୍ଷୁରେ ଯେଉଁ ଘଟନାଗୁଡ଼ିକ କେବଳ ପ୍ରତିବନ୍ଧକ ବୋଲି ଗ୍ରହଣୀୟ ହୋଇପାରେ, ସେହିଗୁଡ଼ିକ ଅସାଧାରଣ ମାନବର କାର୍ଯ୍ୟାନୁଷ୍ଠାନରେ ବହୁପରିମାଣରେ ସହାୟତା କରନ୍ତି। ଜୀବନର ଜଟିଳ ଗତିରେ

ସାଧାରଣ ମନୁଷ୍ୟ ସବୁବେଳେ ଅନୁକୂଳ ଅବସ୍ଥାକୁ ଲକ୍ଷ୍ୟ କରି ରହେ। ନିଜର ଇଚ୍ଛାନୁଯାୟୀ ବେଷ୍ଟନୀଟିଏ ପାଇଲେ ସେ ଆନନ୍ଦ ଅନୁଭବ କରେ। ଜଗତ୍ ସହିତ ତାର ସମ୍ପର୍କ ସଂଶ୍ଳିଷ୍ଟ ହୁଏ, ଗୋଟାଏ ସ୍ୱାର୍ଥଜଡ଼ିତ ଦିଗରେ। ସେ ଅନ୍ୟ କୌଣସି ବିଷୟରେ ବିଶେଷ ଆସ୍ଥା ସ୍ଥାପନ କରେ ନାହିଁ। ତାର ବେଷ୍ଟନୀଟି ଏପରି ଗଢ଼ି ହୋଇ ଉଠେ ଯେ, ଦୃଷ୍ଟି ସଞ୍ଚାଳନ କରିବାକୁ ତାକୁ ଗୋଟାଏ ଦିଗରେ ଅବସର ମିଳେ। ସାଂସାରିକ କାର୍ଯ୍ୟ ସମ୍ପାଦନରେ ଏପରି ଏକଦେଶଦର୍ଶୀ ହେବା ସମୀଚୀନ ହୋଇପାରେ; କିନ୍ତୁ ଯେଉଁମାନଙ୍କର ଚିନ୍ତାଧାରା ପ୍ରଚଳିତ ରୀତକୁ ଅତିକ୍ରମ କରେ, ସେମାନଙ୍କର କାର୍ଯ୍ୟ-ପ୍ରଣାଳୀରେ ଗୋଟାଏ ନୂତନତ୍ୱ ଲକ୍ଷିତ ହୁଏ। ସେମାନେ ଯେଉଁ ପାରିପାର୍ଶ୍ୱିକ ଅବସ୍ଥା ସୃଷ୍ଟି କରନ୍ତି, ତାହା ସାଧାରଣ ସାଂସାରିକ ଜୀବନର ବିରୋଧୀ ହୁଏ। ଏହି ବିରୁଦ୍ଧ ବେଷ୍ଟନୀ ସଂସାରୀର ବୋଧଗମ୍ୟ ହୁଏ ନାହିଁ; ତେଣୁ ମହତ୍ ଲୋକର କାର୍ଯ୍ୟ ସହଜରେ ଅନୁସୃତ ହୋଇପାରେ ନାହିଁ। ବେଗବତୀ ନଦୀର ପ୍ରବଳ ପ୍ରବାହ ଅନନ୍ତ ସାଗର ସଙ୍ଗମରେ ଗୋଟାଏ ବିରାଟ ସମାନତା ସୃଷ୍ଟି କରେ; କିନ୍ତୁ ସମୟ ସମୟରେ ଯେଉଁ ଉତ୍ତାଳ ଜଳ- କଲ୍ଲୋଳ ଉଠେ, ତାହା ସେହି ସମତାକୁ ଲୋପ କରିଦିଏ। ଜୀବନର ଧାରାବାହିକ ପର୍ଯ୍ୟାୟରେ ଯେତେବେଳେ ଜଡ଼ତା ଆସେ, ସେତେବେଳେ ପ୍ରାକୃତିକ ନିୟମକୁ ଅନୁସରଣ କରି ଗୋଟାଏ ସ୍ପନ୍ଦନ ହୁଏ। ଏହି ସ୍ପନ୍ଦନକୁ କେହି କେହି ଅସ୍ୱାଭାବିକ ବୋଲି ମନେ କରି ପାରନ୍ତି; କିନ୍ତୁ ଜଗତରେ କୌଣସି ଘଟନା ଅନାହୂତ ଭାବରେ ସଙ୍ଘଟିତ ହୁଏ ନାହିଁ। ଶାନ୍ତ ବାୟୁମଣ୍ଡଳ ପ୍ରଖର ସୂର୍ଯ୍ୟକିରଣ ପ୍ରଭାବରେ ପ୍ରବଳ ଝଡ଼ ସୃଷ୍ଟି କରେ। ଜାଗତିକ କାର୍ଯ୍ୟ ସବୁବେଳେ ଗୋଟିଏ ରୀତିରେ ଆଚରିତ ହୁଏ ନାହିଁ। କାଳର ପ୍ରଭାବ ସଙ୍ଗେ ମନୀଷୀମାନଙ୍କର ପ୍ରେରଣା ମିଶି ଗୋଟାଏ ନୂତନତ୍ୱ ସୃଷ୍ଟି କରେ। ଏହାକୁ ସାଧାରଣତଃ ଆମ୍ଭେମାନେ ଯୁଗୋଚିତ ପରିବର୍ତ୍ତନ ଆଖ୍ୟା ଦେଇଥାଉଁ।

ଯେଉଁମାନେ ପ୍ରେରଣା ଦେଇ ପରିବର୍ତ୍ତନର ସୂତ୍ରପାତ କରାନ୍ତି, ସେମାନେ ପ୍ରାୟ ପ୍ରଚଳିତ ଦେଶାଚାରକୁ ଲକ୍ଷ୍ୟ କରନ୍ତି ନାହିଁ। ମନୁଷ୍ୟର ଅନ୍ତର୍ନିହିତ ସ୍ୱାଧୀନ

ଭାବ ସେମାନଙ୍କର କ୍ରିୟାକଳାପରେ ପ୍ରକାଶିତ ହେବା ପାଇଁ ଯଥେଷ୍ଟ ସୁବିଧା ପାଏ। ସେମାନେ ସାଧାରଣ ବେଷ୍ଟନୀରେ ଆବଦ୍ଧ ହୁଅନ୍ତି ନାହିଁ। ଜୀବନର ଗତିରେ ଗୋଟାଏ ବିପ୍ଳବ ଆଣିବା ପାଇଁ ସେମାନଙ୍କର ସାଧନା ନିୟୋଜିତ ହୁଏ।

## ପ୍ରଶ୍ନାବଳୀ

(ପ୍ରଶ୍ନର ଉତ୍ତର ନିଜ ଭାଷାରେ ଦିଅ)

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ: ଗୋଟିଏ ବାକ୍ୟରେ ଉତ୍ତର ଲେଖ।

(୧) ସାଧନା ଅନେକ ପରିମାଣରେ କାହା ଉପରେ ନିର୍ଭର କରେ ?

(୨) ସାଧାରଣ ମନୁଷ୍ୟ କ'ଣ ପାଇଲେ ଆନନ୍ଦ ଅନୁଭବ କରେ ?

(୩) ବେଗବତୀ ନଦୀର ପ୍ରବଳ ପ୍ରବାହ କେଉଁଠାରେ ବିରାଟ ସମାନତା ସୃଷ୍ଟି କରେ ?

(୪) କାଳର ପ୍ରଭାବ ସଙ୍ଗେ କେଉଁମାନଙ୍କ ପ୍ରେରଣା ମିଶି ନୂତନତା ସୃଷ୍ଟି କରେ ?

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ: ଦୁଇଟି ବାକ୍ୟରେ ଉତ୍ତର ଲେଖ।

(୧) ସାଂସାରିକ କାର୍ଯ୍ୟ ସମ୍ପାଦନରେ ମହତ୍‌ଲୋକର କାର୍ଯ୍ୟ ସହଜରେ ଅନୁସୃତ ହୋଇ ନପାରିବାର କାରଣ କ'ଣ ?

(୨) କାହାକୁ ସାଧାରଣତଃ ଆମ୍ଭେମାନେ ଯୁଗୋଚିତ ପରିବର୍ତ୍ତନ ଆଖ୍ୟା ଦେଇଥାଉ ?

(୩) ଜୀବନର ଗତିରେ ଗୋଟିଏ ବିପ୍ଳବ ଆଣିବା ପାଇଁ କେଉଁମାନଙ୍କ ସାଧନା ନିୟୋଜିତ ହୁଏ ?

(୪)

ଆମେ ବର୍ତ୍ତମାନ ଯେଉଁ ଲୋକ କଥା ଆଲୋଚନା କରିବାକୁ ଯାଉଛେ, ସେ ରାଜା ଓ ସମ୍ରାଟ୍ ହୋଇଥିଲେ ସୁଦ୍ଧା ଜଣେ ମହାନ୍ ଓ ପ୍ରଶଂସାଯୋଗ୍ୟ ଲୋକ ଥିଲେ। ସେ ହେଉଛନ୍ତି ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ନାତି ଅଶୋକ। ଏଚ୍.ଜି.ୱେଲ୍ସ ତାଙ୍କ ବହି 'ଆଉଟ୍‌ଲାଇନ ଅଫ୍ ହିଷ୍ଟ୍ରି'ରେ ଅଶୋକଙ୍କ ସମ୍ବନ୍ଧରେ ଲେଖିଛନ୍ତି- "ଇତିହାସରେ ମହାରାଜଧିରାଜ ସମ୍ରାଟ ଇତ୍ୟାଦି ନାନା ନାମରେ ଯେଉଁ ହଜାର ହଜାର ରାଜା ଆଦିଙ୍କ ନାମ ପୂର୍ଣ୍ଣ ହୋଇଛି, ସେଥି ଭିତରେ ଏକା ଅଶୋକଙ୍କ ନାମ ଗୋଟିଏ ନକ୍ଷତ୍ର ପରି ଉଜ୍ଜ୍ୱଳ ଦେଖାଯାଏ। ଭଲଗା ଠାରୁ ଜାପାନ ପର୍ଯ୍ୟନ୍ତ ତାଙ୍କ ନାମ ଏବେ ସୁଦ୍ଧା ପୂଜାପାଏ। ଚୀନ, ତିବ୍ବତ ଏବଂ ଭାରତରେ ତାଙ୍କ ମହାନତାର ଚିହ୍ନ ଏବେ ସୁଦ୍ଧା ରଖିଛନ୍ତି।

ଖ୍ରୀଷ୍ଟୀୟାନ୍ ଯୁଗ ଆରମ୍ଭର ପ୍ରାୟ ୩୦୦ ବର୍ଷ ପୂର୍ବରୁ ଚନ୍ଦ୍ରଗୁପ୍ତ ମରିଥିଲେ। ତାଙ୍କ ପରେ ତାଙ୍କ ପୁଅ ବିନ୍ଦୁସାର ରାଜାହେଲେ। ୨୫ ବର୍ଷ ପର୍ଯ୍ୟନ୍ତ ସେ ଶାନ୍ତିପୂର୍ଣ୍ଣ ଭାବରେ ରାଜତ୍ୱ କରିଥିଲେ। ସେ ଗ୍ରୀକ୍‌ମାନଙ୍କ ସହିତ ସମ୍ବନ୍ଧ ରଖିଥିଲେ ଏବଂ ତାଙ୍କ କଚେରୀକୁ ଇଜିପ୍ଟର ଟଲେମି ଓ ପଶ୍ଚିମ ଭାରତର ସେଲ୍ୟୁକସ୍‌ଙ୍କ ପୁତ୍ର ଆଣ୍ଟିଓକ୍‌ସଙ୍କ ପାଖରୁ ଦୂତ ଆସି ରହିଥିଲେ। ବାହାର ଜଗତ ସହିତ ବେପାର ଚଳୁଥିଲା ଏବଂ କଥିତ ଅଛି ଯେ ଭାରତର ନୀଳ ନେଇ ଇଜିପ୍ଟର ଲୋକେ ତାଙ୍କ ଲୁଗା ରଙ୍ଗ କରୁଥିଲେ। ଆହୁରି ମଧ୍ୟ କହନ୍ତି ଯେ ତାଙ୍କ ମମି ବା ମୃତ ଶବଗୁଡ଼ିକୁ ଭାରତୀୟ ଲୁଗାରେ (ମସଲିନ୍) ଘୋଡ଼ାଉ ଥିଲେ। ବିହାରର କେତେକ ପୁରାତନ ସ୍ମୃତିରୁ ଜଣାପଡ଼େ ଯେ ମୌର୍ଯ୍ୟ ବଂଶ ଆରମ୍ଭ ପୂର୍ବରୁ ସେଠାରେ ଏକପ୍ରକାର କାଚ ତିଆରି ହେଉଥିଲା।

ତୁ ଶୁଣି ଖୁସି ହେବୁ ଯେ ଚନ୍ଦ୍ରଗୁପ୍ତଙ୍କ କୋର୍ଟରେ ଯେଉଁ ଗ୍ରୀକ୍‌ଦୂତ ମେଘାସ୍ଥିନିସ୍ ଥିଲେ, ସେ ଲେଖିଛନ୍ତି- ସେ ସମୟରେ ଭାରତୀୟମାନେ ଚାରୁକାମ ଓ

ସୌନ୍ଦର୍ଯ୍ୟପ୍ରେମୀ ଥିଲେ ଏବଂ ବିଶେଷତଃ ନିଜର ଉଚ୍ଚତା ବଢ଼ାଇବା ପାଇଁ ଯୋତା ବ୍ୟବହାର କରୁଥିଲେ । ସୁତରାଂ ଉଚ୍ଚ ଯୋତା କିଛି ଆଧୁନିକ ଆବିଷ୍କାର ନୁହେଁ ।

ସମଗ୍ର ଉତ୍ତର ଓ ମଧ୍ୟ ଭାରତ ବିନ୍ଦୁସାରଙ୍କ ସାମ୍ରାଜ୍ୟଭୁକ୍ତ ଥିଲା ଏବଂ ମଧ୍ୟ ଏସିଆ ପର୍ଯ୍ୟନ୍ତ ଏହା ପ୍ରସାର ଲଭିଥିଲା । ଖ୍ରୀଷ୍ଟପୂର୍ବ ୨୬୮ରେ ବିନ୍ଦୁସାରଙ୍କ ପରେ ଅଶୋକ ଏହି ବିରାଟ ସାମ୍ରାଜ୍ୟର ଅଧିକାରୀ ହେଲେ । ବୋଧହୁଏ ଦକ୍ଷିଣ-ପୂର୍ବ ଓ ଦକ୍ଷିଣରେ ଥିବା ଅବଶିଷ୍ଟ ଅଞ୍ଚଳକୁ ନିଜ ସାମ୍ରାଜ୍ୟ ଭିତରେ ମିଶାଇବା ଉଦ୍ଦେଶ୍ୟରେ ସେ ତାଙ୍କ ରାଜୁତିର ନବମ ବର୍ଷରେ କଳିଙ୍ଗ ବିଜୟ ଆରମ୍ଭ କଲେ । ଭାରତର ପୂର୍ବ ଉପକୂଳରେ ମହାନଦୀ, ଗୋଦାବରୀ ଓ କୃଷ୍ଣା ନଦୀ ମଧ୍ୟରେ କଳିଙ୍ଗ ରାଜ୍ୟ ଥିଲା । କଳିଙ୍ଗ ଲୋକେ ଖୁବ୍ ସାହସର ସହିତ ଲଢ଼େଇ କରିଥିଲେ; ମାତ୍ର ଶେଷରେ ଭୀଷଣ ହତ୍ୟାପରେ ସେମାନେ ପରାସ୍ତ ହେଲେ । ଏହି ଯୁଦ୍ଧ ଓ ନରହତ୍ୟା ଅଶୋକଙ୍କ ମନକୁ ଏପରି ଗଭୀର ଭାବରେ ସ୍ପର୍ଶ କଲା ଯେ ଯୁଦ୍ଧ ଓ ଯୁଦ୍ଧ ସମ୍ବନ୍ଧୀୟ ଅନ୍ୟ ସକଳ କାର୍ଯ୍ୟରେ ତାଙ୍କର ବିତୃଷ୍ଣା ଆସିଗଲା । ସେ ସେହିଦିନଠାରୁ ଆଉ ଯୁଦ୍ଧ କରି ନ ଥିଲେ । ଦକ୍ଷିଣରେ ଗୋଟିଏ ଛୋଟ ଅଂଶ ଛଡ଼ା ପ୍ରାୟ ସମଗ୍ର ଭାରତ ତାଙ୍କ ଅଧୀନରେ ଥିଲା ଏବଂ ଛୋଟ ଅଂଶଟିକୁ ଜୟ କରିବା ମଧ୍ୟ ତାଙ୍କ ପକ୍ଷରେ ଖୁବ୍ ସହଜ ଥିଲା । କିନ୍ତୁ ସେ ସେଥିରୁ ବିରତ ହେଲେ । ଏଚ୍.ଜି. ୱେଲ୍‌ସ କହନ୍ତି, ଯେତେ ସାମରିକ ସମ୍ରାଟ୍ ଥିଲେ ତାଙ୍କ ଭିତରେ ଅଶୋକ ହିଁ ଏକମାତ୍ର ଲୋକ ଯେ ଜୟଲାଭ କରି ସୁଦ୍ଧା ଯୁଦ୍ଧ ବନ୍ଦ କରିଥିଲେ ।

## ପ୍ରଶ୍ନାବଳୀ

(ପ୍ରଶ୍ନର ଉତ୍ତର ନିଜ ଭାଷାରେ ଦିଅ)

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ: ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

(୧) କେଉଁ ମହାନ ଓ ପ୍ରଶଂସାଯୋଗ୍ୟ ସମ୍ରାଟଙ୍କ କଥା ଆଲୋଚନା କରାଯାଇଛି ?

(୨) ଚନ୍ଦ୍ରଗୁପ୍ତଙ୍କ ପରେ କିଏ ମୌର୍ଯ୍ୟ ବଂଶର ରାଜା ହେଲେ ?

(୩) ବିହାରର ପୁରାତନ ସ୍ମୃତିରୁ କ'ଣ ଜଣାପଡ଼େ ?

(୪) ଅଶୋକ ତାଙ୍କ ରାଜତ୍ୱର କେଉଁ ବର୍ଷରେ କଳିଙ୍ଗ ବିଜୟ ଆରମ୍ଭ କରିଥିଲେ ?

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ: ଦୁଇଟି ବାକ୍ୟରେ ଉତ୍ତର ଲେଖ।

(୧) ୱେଲସ ତାଙ୍କ ଇତିହାସ ପୁସ୍ତକରେ ଅଶୋକଙ୍କ ସମ୍ବନ୍ଧରେ କ'ଣ ଲେଖିଛନ୍ତି ?

(୨) ବିନ୍ଦୁସାରଙ୍କ ରାଜତ୍ୱ କିପରି ଥିଲା ?

(୩) ଅଶୋକଙ୍କ ସାମ୍ରାଜ୍ୟ କେଉଁଠାରୁ କେଉଁ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ?

(୫)

ଅବିଶ୍ୱାସରେ ବିଶ୍ୱାସ ନ ଥିଲେ ଅବିଶ୍ୱାସ କରିହୁଏ ନାହିଁ। ଯେ କିଛି ବିଶ୍ୱାସ କରେ ନାହିଁ ବୋଲି କହେ, ସେ ଅନ୍ତତଃ ନିଜକୁ ଏବଂ ନିଜର ସଂଶୟାତ୍ମକ ମନକୁ ସ୍ୱୀକାର କରେ ଏବଂ ଏହି ସ୍ୱୀକୃତି ମାଧ୍ୟମରେ ବିଶ୍ୱାସ କରେ। ବିଶ୍ୱାସ ପରି ଅବିଶ୍ୱାସ ମଧ୍ୟ ସଂକଳ୍ପ ବିକଳ୍ପାତ୍ମକ ମନର ଏକ ସହାଜାତ ଲକ୍ଷଣ। ଏ ଦୁଇଟି ପରସ୍ପର-ବିରୋଧୀ ଧର୍ମର ସଂଘାତରେ ଦ୍ୱନ୍ଦ୍ୱ ଜାତ ହୁଏ। ଦ୍ୱନ୍ଦ୍ୱ ଓ ସଂଶୟ ମନର ପ୍ରମଥନକାରୀ ଅନ୍ୟାନ୍ୟ ଶକ୍ତି ସମୂହକୁ ଉଦ୍ଦୀପ୍ତ କରନ୍ତି। ଫଳରେ ମନ କେବଳ ବିଷୟାଶ୍ରୟୀ ହୋଇ ରହିଯାଏ। ଚଞ୍ଚଳ ମନର ଆଉ ନିଗ୍ରହ ହୋଇପାରେ ନାହିଁ। କିନ୍ତୁ ଯେ ଦ୍ୱନ୍ଦ୍ୱାତୀତ ଏବଂ ସ୍ଥିତପ୍ରଜ୍ଞ ତା'ପାଇଁ ବିଶ୍ୱାସ ଏବଂ ଅବିଶ୍ୱାସ ସମପର୍ଯ୍ୟାୟଭୁକ୍ତ। ସେ କୌଣସିଟିରେ ବିଚଳିତ ହୁଏ ନାହିଁ। ସ୍ଥିତପ୍ରଜ୍ଞ ହେବା ଅବଶ୍ୟ ସହଜସାଧ୍ୟ ନୁହେଁ, ଏଣୁ ନିଜ ନିଜର ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱକୁ ଆଶ୍ରୟକରି ମାନବ ଜାତିର ପ୍ରାରମ୍ଭରୁ ଅଦ୍ୟାବଧି ସାଧାରଣ ମନୁଷ୍ୟ ବଞ୍ଚି ଆସିଛି।

ବାଉଁଶ ସରଳ ନ ହେଲେ ବଇଁଶୀ ବାଜେ ନାହିଁ। ମନ ସରଳ ନ ହେଲେ ବିଶ୍ୱାସ ଉପୁଜେ ନାହିଁ। ମନର ଏଇ ଋଜୁ ଅବସ୍ଥାରେ ଯେଉଁ ବିଶ୍ୱାସ ସେଥିରେ ଆଧାରିତ ହୋଇଯାଏ, ତାହା ସେଇ ବ୍ୟକ୍ତି ଜୀବନର ଚରମ ସାର୍ଥକତା; ତା'ର ସର୍ବଶ୍ରେଷ୍ଠ ମୂଲ୍ୟବୋଧର ସ୍ତମ୍ଭ ! ସାଧାରଣତଃ ଏହା ଧର୍ମବିଶ୍ୱାସର ରାଜ୍ୟ। ଏହା ଉପରେ ଆଉଜିରହେ ନୈତିକତା, ସାମାଜିକତା, ଶିକ୍ଷା, ସଂସ୍କୃତି, ରାଜନୀତି। ଏଣୁ ଏହା ଉପରେ ହସ୍ତକ୍ଷେପ ହେଲେ ମଣିଷ ଉତ୍‌କ୍ଷିପ୍ତ ହୋଇଉଠେ। ଶହ ଶହ କ୍ରୁସେଡ଼ରେ ପ୍ରାଣବଳି ଦେଇ ସେ ତାକୁ ବଞ୍ଚାଏ, ଶିର୍ ଦେଇ ଶାୟାର୍ ରକ୍ଷାକରେ। ବିଶ୍ୱାସର ସିଂହାସନ ତା'ର କେତେବେଳେ ଖାଲି ରହେ ନାହିଁ। ଧର୍ମର ଆଦର୍ଶ ନ ହେଲେ ମଧ୍ୟ ଅନ୍ୟ ଯେକୌଣସି ଆଦର୍ଶବାଦ ସେ ଗାଦିମାଡ଼ି ବସିବାକୁ ହେବ। ଖାଲି ଖଟୁଲି ରହିବା ସମ୍ଭବ ନୁହେଁ। ସିରିଆ ଏବଂ ବେବିଲୋନର ବିଭିନ୍ନ ଦେବାଶ୍ରିତ ଧର୍ମ-ବିଶ୍ୱାସୀଙ୍କ ସଂଘର୍ଷ ପରି ଏ ଯୁଗରେ ଦୁଇଟା ନୀତି ବା ବିଶ୍ୱାସର ମଧ୍ୟ ସଂଘର୍ଷ ହୋଇପାରେ; ଉଭୟ ସଂଘର୍ଷ ଭିତରେ ମୌଳିକ ପାର୍ଥକ୍ୟ କିଛି ନାହିଁ।

ତର୍କ ଏବଂ ବିଶ୍ୱାସ ମନ ପାଇଁ ଦୁଇଟି ସ୍ୱାଧୀନ ଅବଲମ୍ବନ। ଯୁକ୍ତି ଚିନ୍ତାଶୀଳ ମନର ଆଲମ୍ବନ, ଯେପରି ଦୃଷ୍ଟିପାଇଁ ରଙ୍ଗ ବା ଆକାର, କର୍ଣ୍ଣପାଇଁ ଶବ୍ଦ ଏବଂ ରସନା ପାଇଁ ସ୍ୱାଦ। ମନ ରହସ୍ୟମୟ ହେଲେ ସୁଦ୍ଧା ତାହା ଏକ ବିଶିଷ୍ଟ ଇନ୍ଦ୍ରିୟମାତ୍ର। ଚକ୍ଷୁ ଯେପରି ଦେଖେ ଏବଂ ନାସିକା ଗନ୍ଧ ଗ୍ରହଣ କରେ, ମନ ସେପରି ଚିନ୍ତା କରେ, ତର୍କ କରେ, ପ୍ରମାଣ ଅପ୍ରମାଣ ନିର୍ଣ୍ଣୟ କରେ। ଏ ସମସ୍ତ ପ୍ରକ୍ରିୟା ପାଇଁ, ଇନ୍ଦ୍ରିୟାନୁଭବ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ଭାଷାର ପରିସର ପ୍ରୟୋଜନ। ଭାଷା ଶବ୍ଦସମ୍ୱଳିତ। ପ୍ରତ୍ୟେକ ଶବ୍ଦର ଅର୍ଥ ସାଧାରଣ ସ୍ୱୀକୃତି ଉପରେ ଆଧାରିତ; ଏଣୁ କେବଳ ବିଶ୍ୱାସସାପେକ୍ଷ। କୌଣସି ଏକ ବିଶ୍ୱାସକୁ ଆକ୍ରମଣ କଲାବେଳେ ଯେଉଁ ଶବ୍ଦସମ୍ଭାର ବ୍ୟବହୃତ ହୁଏ, ତା'ର ନିର୍ଦ୍ଦିଷ୍ଟ ଅର୍ଥ ଶ୍ରୋତା ଗ୍ରହଣ କରୁଛି ବୋଲି ବିଶ୍ୱାସ ଥାଏ। ତଥାପି ବିଶ୍ୱାସ ବିରୋଧରେ ଯୁକ୍ତିତର୍କ କରାଯାଏ। ଯୁକ୍ତି କରିବା ପରିଣତ ମସ୍ତିଷ୍କର ଏକ ଅନିବାର୍ଯ୍ୟ ସମୃଦ୍ଧି।

## ପ୍ରଶ୍ନାବଳୀ

(ପ୍ରଶ୍ନର ଉତ୍ତର ନିଜ ଭାଷାରେ ଦିଅ)

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ: ଗୋଟିଏ ବାକ୍ୟରେ ଉତ୍ତର ଲେଖ।

(୧) ବିଶ୍ୱାସପରି ଅବିଶ୍ୱାସ କେଉଁ ମନର ଏକ ସହଜାତ ଲକ୍ଷଣ ?

(୨) କାହାପାଇଁ ବିଶ୍ୱାସ ଓ ଅବିଶ୍ୱାସ ସମପର୍ଯ୍ୟାୟଭୁକ୍ତ ?

(୩) କାହା ଉପରେ ହସ୍ତକ୍ଷେପ ହେଲେ ମଣିଷ ଉତ୍‌କ୍ଷିପ୍ତ ହୋଇଉଠେ ?

(୪) ମନର ଦୁଇଟି ସ୍ୱାଧୀନ ଅବଲମ୍ବନ କ'ଣ ?

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ: ଦୁଇଟି ବାକ୍ୟରେ ଉତ୍ତର ଲେଖ।

(୧) ବିଶ୍ୱାସ ଓ ଅବିଶ୍ୱାସ ପରସ୍ପର କିପରି ସମ୍ବନ୍ଧିତ ?

(୨) ମାନବ ଜାତିର ପ୍ରାରମ୍ଭରୁ ଅଦ୍ୟାବଧି ସାଧାରଣ ମନୁଷ୍ୟ କିପରି ବଞ୍ଚିଆସିଛି ?

(୩) କେଉଁ ଦୁଇଟି ସଂଘର୍ଷ ମଧ୍ୟରେ ମୌଳିକ ପାର୍ଥକ୍ୟ ନାହିଁ ?

## (୬)

ସେଣ୍ଟ୍ରାଲ ଆମେରିକାର ସୁବିସ୍ତୃତ ଜଙ୍ଗଲାଞ୍ଚଳ ବିଲୁପ୍ତ ହୋଇଯାଉଥିବା ଯୋଗୁଁ ସେଠାକାର ପରିବେଶ ଦୁର୍ଗତିର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ସମଗ୍ର ମାନବଜାତି ମଧ୍ୟ ବିପୁଳ ଭାବରେ କ୍ଷତିଗ୍ରସ୍ତ ହେଉଛି। ଏଠାକାର ସମୃଦ୍ଧ ଜୈବିକ ବିଭିନ୍ନତା ଅନେକ ପ୍ରକାର ଅନୁବଂଶିକ ଉତ୍ସ ଧାରଣ କରିଛି। ଏଗୁଡ଼ିକୁ କୃଷି, ଶିଳ୍ପ ଓ ଚିକିତ୍ସା-ବିଜ୍ଞାନର ସମୃଦ୍ଧି ସାଧନ ଦିଗରେ ନିୟୋଜିତ କରାଯିବାର ସମ୍ଭାବନାକୁ ଏଡ଼ି ହେଉନାହିଁ। ଉଦାହରଣ ସ୍ୱରୂପ, ୧୯୭୮ ମସିହାରେ ଦକ୍ଷିଣ ମେକ୍ସିକୋର ଜଙ୍ଗଲରୁ ଏକ ପ୍ରକାର ବଣୁଆ ଜାତୀୟ ଖାଦ୍ୟଶସ୍ୟର ସନ୍ଧାନ ମିଳିଲା। ବିଭିନ୍ନ

ପ୍ରକାର କଲମି କୌଶଳ ପ୍ରୟୋଗ କରାଯିବା ଫଳରେ ଏଥିରୁ ଏପରି ଉତ୍କୃଷ୍ଟ ବିହନ ପ୍ରସ୍ତୁତ କରାଗଲା ଫସଲର ପରିମାଣରେ ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଉଦ୍ଭିଦଗୁଡ଼ିକ ଜଣାଶୁଣା ଭାଇରସମାନଙ୍କ ଦ୍ୱାରା ସଂକ୍ରମିତ ହେବାର ଅବକାଶ ରହିଲା ନାହିଁ। ସାଉଥ କାରୋଲିନାର ଡକ୍ଟର ମନି ଏସ୍: ହସେନ ନାମକ ଜନୈକ ବିଶେଷଜ୍ଞ ସୂଚାଇଛନ୍ତି ଯେ, କୋଷ୍ଟାରିକାର ଜଙ୍ଗଲାଞ୍ଚଳରେ ଦେଖାଯାଉଥିବା ପ୍ରାୟ ୧୫୦୦ ପ୍ରକାର ଉଦ୍ଭିଦ ମଧ୍ୟରୁ ଶତକଡ଼ା ୧୫ ଭାଗ ଉଦ୍ଭିଦରୁ ଦୁରାରୋଗ୍ୟ କ୍ୟାନ୍ସର ବ୍ୟାଧିର ଉପଶମ ପାଇଁ ଆବଶ୍ୟକୀୟ ଭେଷଜ ମହୌଷଧି ମିଳିପାରିବାର ସମ୍ଭାବନା ରହିଅଛି। ଏଣୁ ଆମେ ବୁଝିପାରୁ ଯେ, ହାମ୍‌ବର୍ଗର ଖାଇବାର ଅଭ୍ୟାସକୁ ବଳବତ୍ତର ରଖିବା ଯୋଗୁଁ ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ସେଣ୍ଟ୍ରାଲ ଆମେରିକା ଗ୍ରୀଷ୍ମପ୍ରଧାନ ଅଞ୍ଚଳର ଘନଜଙ୍ଗଲରୂପୀ ଏକ ଉତ୍‌କୃଷ୍ଟ ପରିସଂସ୍ଥାକୁ ଯେପରି ବିପଦାପନ୍ନ କରୁଛନ୍ତି, ସେଥିପାଇଁ ଉଭୟ ପକ୍ଷ ଭବିଷ୍ୟତରେ ଦାରୁଣ ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏଣୁ ଆସନ୍ନ ସଙ୍କଟ କବଳରୁ ନିଜ ନିଜକୁ ରକ୍ଷା କରିବା ପାଇଁ ଉଭୟପକ୍ଷର ସହଯୋଗିତାମୂଳକ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ବୋଧ ହେଉଛି।

ଆମ ଦେଶ ସମେତ ପୃଥିବୀର ଯେ କୌଣସି ସ୍ଥାନରେ ପରିସଂସ୍ଥୀୟ ଅଧୋଗତି ଯୋଗୁଁ କୌଣସି ପ୍ରକାର ପ୍ରାଣୀ ବା ଉଦ୍ଭିଦ ଯେପରି ଭାବରେ ନିଶ୍ଚିହ୍ନ ହୋଇଯାଉଛି, ତାହାର ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ଆମେ ଏ ପର୍ଯ୍ୟନ୍ତ ସମ୍ୟକ୍ ଜ୍ଞାନ ଅର୍ଜନ କରିନାହୁଁ। ଭାରତର ଜଙ୍ଗଲାଞ୍ଚଳ ମଧ୍ୟ ସେଣ୍ଟ୍ରାଲ ଆମେରିକା ଭଳି ଗୋଟିଏ ଉତ୍‌କୃଷ୍ଟ 'ଜିନ୍‌ପୁଲ' ବା 'ଜିନ୍ ଭଣ୍ଡାର'। ଏଣୁ ଏହାକୁ ନଷ୍ଟ କରିଦେବା ଦ୍ୱାରା ଆମେ ଭବିଷ୍ୟତରେ ପ୍ରଗତିର ପଥକୁ ମଧ୍ୟ ଅବରୁଦ୍ଧ କରି ଦେଉଛୁ। ଯେଉଁ ଉଦ୍ଭିଦ ଓ ପ୍ରାଣୀଙ୍କୁ ମନୁଷ୍ୟ ବିଜ୍ଞାନାଶ୍ରୟୀ ଟେକ୍‌ନୋଲଜି ଅବଲମ୍ବନରେ କୃଷି, ଶିଳ୍ପ ବା ଚିକିତ୍ସା-ବିଜ୍ଞାନର ସମୃଦ୍ଧି ସାଧନ ଦିଗରେ ନିୟୋଜିତ କରିବ, ତତ୍‌ସମ୍ପର୍କୀୟ ପ୍ରାକ୍‌ସୂଚନା ଯୋଗାଇଦେବା ସମ୍ଭବ ନୁହେଁ। ଏହା କେବଳ

ଏକ ଗବେଷଣା ସାପେକ୍ଷ ତଥା ଅନୁସନ୍ଧାନ-ସାପେକ୍ଷ ବ୍ୟାପାର । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଆଣବିକ ଜୀବ ବିଜ୍ଞାନ, ଅନୁବଂଶିକୀ ଓ ଅନୁବଂଶିକ ଅଭିଯାନ୍ତ୍ରିକୀ କ୍ଷେତ୍ରରେ ଯେଉଁ ପ୍ରକାର ତ୍ୱରାନ୍ୱିତ ସମୃଦ୍ଧି ସାଧିତ ହେଉଛି, ତାହାର ଫଳ ସ୍ୱରୂପ ଭବିଷ୍ୟତରେ 'ଜିନ୍‌ପୁଲରର ଯଥାର୍ଥ ପ୍ରାୟୋଗିକ ବିନିଯୋଗ ବଳରେ ମନୁଷ୍ୟ ନିଜ ଚାହିଦାଗୁଡ଼ିକୁ ପୂରଣ କରିବାର ନିଶ୍ଚିତ ସମ୍ଭାବନା ରହିଛି ।

## ପ୍ରଶ୍ନାବଳୀ

(ପ୍ରଶ୍ନର ଉତ୍ତର ନିଜ ଭାଷାରେ ଦିଅ)

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ: ଗୋଟିଏ ବାକ୍ୟରେ ଉତ୍ତର ଦିଅ ।

(୧) ଦକ୍ଷିଣ ମେକ୍ସିକୋର ଜଙ୍ଗଲରୁ ମିଳୁଥିବା ଖାଦ୍ୟଶସ୍ୟର ଜାତୀୟ କଲମିର ଫଳ କ'ଣ ହେଲା ?

(୨) ଆସନ୍ନ ସଙ୍କଟ କବଳରୁ ରକ୍ଷା ପାଇବା ପାଇଁ କେଉଁ ଦୁଇ ପକ୍ଷର ସହଯୋଗିତା ଆବଶ୍ୟକ ?

(୩) ପରିସଂସ୍ଥୀୟ ଅଧୋଗତି ପାଇଁ ଆମ ଦେଶର କ'ଣ ହୋଇଯାଉଛି ?

(୪) ଆମେ ଭାରତର ଭବିଷ୍ୟତ ପ୍ରଗତି ପଥକୁ କିପରି ଅବରୁଦ୍ଧ କରୁଛୁ ?

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ: ଦୁଇଟି ବାକ୍ୟରେ ଉତ୍ତର ଲେଖ ।

(୧) ସେଣ୍ଟ୍ରାଲ ଆମେରିକାର ସୁବିସ୍ତୃତ ଜଙ୍ଗଲାଞ୍ଚଳ ବିଲୁପ୍ତ ହେଲେ ମାନବ ଜାତିର କିପରି କ୍ଷତି ହେବ ?

(୨) କୋଷ୍ଟାରିକାର ଜଙ୍ଗଲ ଅଞ୍ଚଳରେ କ'ଣ ମିଳିବାର ସମ୍ଭାବନା ଅଛି ?

(୩) କାହାର ପ୍ରାୟୋଗିକ ବିନିଯୋଗ ବଳରେ ମନୁଷ୍ୟ ନିଜର ଚାହିଦା ପୂରଣ କରିପାରିବ ?

(୭)

ଆମ ଦେଶ ଗୋଟିଏ କୃଷିପ୍ରଧାନ ଦେଶ । ଏ ଦେଶର ଗାଁ ଗହଳରେ ବାସ କରୁଥିବା ବିପୁଳସଂଖ୍ୟକ ଜନସାଧାରଣ କୃଷି ନିର୍ଭରଶୀଳ ହୋଇଛନ୍ତି । ସୁଖର କଥା ଯେ, ବିଗତ ଦଶନ୍ଧିରେ ଆମ ଦେଶର କେତେକ ରାଜ୍ୟରେ କୃଷି କ୍ଷେତ୍ରରେ ବିଜ୍ଞାନସମ୍ମତ ପ୍ରଗତିଶୀଳ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଥିବା ଯୋଗୁଁ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି ଏବଂ ଖାଦ୍ୟ ଚାହିଦା ପୂରଣ ଦୃଷ୍ଟିରୁ ଆମେ ପ୍ରାୟତଃ ସ୍ୱାବଲମ୍ବୀ ହୋଇ ପାରିଛୁ । ଇତ୍ୟବସରରେ କୃଷି ଉତ୍ପାଦନରେ ଅଭିବୃଦ୍ଧି ଘଟାଇବା ପାଇଁ ଆମେ ଅବଶ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଭଳି ଉନ୍ନତ ବିହନ, କୃତ୍ରିମ ବା ଅଜୈବ ରାସାୟନିକ ସାର, କୀଟନାଶକ ଦ୍ରବ୍ୟ ଓ ଚାହିଦା ମୁତାବକ ଉପଯୁକ୍ତ ମାତ୍ରାର ଜଳଯୋଗାଣ ପ୍ରଭୃତି ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିଥିବାରୁ ଉତ୍ପାଦନର ମାତ୍ରା ଏତେ ଅଧିକ ହୋଇଛି । ଜମି ହଳ କରିବା ପାଇଁ ଟ୍ରାକ୍ଟରଗୁଡ଼ିକୁ ବ୍ୟବହାର କରାଯାଉଛି । ବିଭିନ୍ନ ପ୍ରକାର କୃତ୍ରିମ ସାର ଓ କୀଟନାଶକ ଦ୍ରବ୍ୟଗୁଡ଼ିକୁ ଶସ୍ୟକ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ନୂଆ ନୂଆ ଉପକରଣ ବ୍ୟବହୃତ ହେଉଛି । ଗବେଷଣାଲବ୍ଧ ଉନ୍ନତ ବିହନ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି ଏବଂ ଏଥିପାଇଁ ଆବଶ୍ୟକ ହେଉଥିବା ଜଳ ଯୋଗାଣ ପାଇଁ ବିଭିନ୍ନ ପ୍ରକାର ଜଳସେଚନ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ଏ ପରିପ୍ରେକ୍ଷୀରେ ଆମେ ବୁଝିବାର କଥା ଯେ, ସ୍ୱଳ୍ପମିଆଦୀ ସୂତ୍ରରେ ଦେଶର ବିପୁଳ-ସଂଖ୍ୟକ ତଥା କ୍ରମବର୍ଦ୍ଧମାନ ଜନସାଧାରଣଙ୍କୁ ଖାଦ୍ୟ ଯୋଗାଇଦେବା ପାଇଁ ଏପରି ବ୍ୟବସ୍ଥା ବେଶ୍ ସମୟୋପଯୋଗୀ ହୋଇଛି । ମାତ୍ର ଦୀର୍ଘମିଆଦୀ ସୂତ୍ରରେ ଶସ୍ୟକ୍ଷେତ୍ରଗୁଡ଼ିକର ସୁରକ୍ଷା ପାଇଁ ତଥା ଅଧିକରୁ ଅଧିକ ଶସ୍ୟ ଉପୁଜାଇବା ପାଇଁ ଅତ୍ୟାଧୁନିକ ବିଜ୍ଞାନାଶ୍ରୟୀ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ହେବ ଏବଂ ବିଜ୍ଞାନର ଏ ଦିଗରେ ଅଗ୍ରଗତି ପ୍ରତି ସଚେତନ ରହିବା ସଙ୍ଗେ ସଙ୍ଗେ ତତ୍‌ନିର୍ଭରଶୀଳ ପଦକ୍ଷେପଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଇବା ପାଇଁ ବିହିତ ଅବସ୍ଥାପନା ଗୁଡ଼ିକ ସୃଷ୍ଟି କରିବାକୁ ହେବ ।

କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ବିଶେଷ ପାରଙ୍ଗମତା ପ୍ରଦର୍ଶନ କରିଥିବା ଯୁକ୍ତରାଷ୍ଟ୍ର ଆମେରିକା ଭଳି ରାଷ୍ଟ୍ରଗୁଡ଼ିକ ଇତ୍ୟବସରରେ ଜାଣି ଗଲେଣି ଯେ, ସୁବିସ୍ତୃତ ଅଞ୍ଚଳରେ ଯାନ୍ତ୍ରିକ ପଦ୍ଧତି ତଥା କୃତ୍ରିମ ଅଜୈବ ସାର ନିର୍ଭରଶୀଳ ଚାଷ ଚଳାଇବା ଫସଲରେ ଯେତିକି ଖାଦ୍ୟଶସ୍ୟ ଉତ୍ପାଦିତ ହେଉଛି, ମାଲିକାନା ସୂତ୍ରରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ଛୋଟ ଛୋଟ ଜମିରୁ ମଧ୍ୟ ଜୈବିକ ସାର ପ୍ରୟୋଗ ପଦ୍ଧତି ଅବଲମ୍ବନରେ ତଦନୁ-ରୂପ ମାତ୍ରାର ଫସଲ ଅମଳ କରିବା ସମ୍ଭବ ହେଉଛି । କୃତ୍ରିମ ରାସାୟନିକ ସାର ଓ କୀଟନାଶକ ଦ୍ରବ୍ୟଗୁଡ଼ିକୁ ଅତି ମାତ୍ରାରେ ପ୍ରୟୋଗ କରିବା ଫଳରେ ଭୂପୃଷ୍ଠର ବିରଳ ମୃତ୍ତିକା ସ୍ତର ଅନୁଦ୍ଧରଣୀୟ ମାର୍ଗରେ ଦୂଷିତ ହେଉଥିବାର ଉପଲବ୍ଧି ମଧ୍ୟ ସେମାନଙ୍କୁ ବିକଳ୍ପ ପନ୍ଥାର ଆଶ୍ରୟ ନେବାକୁ ବାଧ୍ୟ କଲାଣି । ଜମି ଉପରେ ପଡୁଥିବା ଚାପକୁ ଲାଘବ କରବା ପାଇଁ ଏବଂ ଜମିର ଉର୍ବରାଶକ୍ତିକୁ ଅଧିକ କ୍ଷତିଗ୍ରସ୍ତ ନ କରିବା ପାଇଁ କିଛି ଦିନ ପାଇଁ ଜମିକୁ ପଡ଼ିଆ ରଖାଯାଉଛି । ନିକଟ ଅତୀତରେ ଆଣବିକ ଜୀବବିଜ୍ଞାନ ଓ ଅନୁବଂଶିକ ଅଭିଯାନ୍ତ୍ରିକୀ ଆଧାରିତ ଗବେଷଣା ପ୍ରସୂତ ଅବଦାନଗୁଡ଼ିକର ପ୍ରୟୋଗ ଫଳରେ ଜମିକୁ ଉର୍ବର କରାଯିବାର ପନ୍ଥା ବେଶ୍ ଫଳପ୍ରଦ ହେଉଥିବାର ଲକ୍ଷ୍ୟ କରାଯାଉଛି । ଶସ୍ୟକ୍ଷେତ୍ରକୁ ଯବକ୍ଷାରଜାନ ଦ୍ୱାରା ପରିପୁଷ୍ଟ କରିବା ପାଇଁ ଯେପରି କୃତ୍ରିମ ସାର ପ୍ରୟୋଗ କରାଯାଉଥିଲା, ତତ୍‌ପରିବର୍ତ୍ତେ ବ୍ୟାକ୍‌ଟେରିଆମାନଙ୍କ ଜରିଆରେ ବାୟୁମଣ୍ଡଳରୁ ସଂଗୃହୀତ ଯବକ୍ଷାରଜାନକୁ ଉଦ୍ଭିଦର ଅଭିବୃଦ୍ଧି ପାଇଁ ବ୍ୟବହାରଯୋଗ୍ୟ ମାର୍ଗରେ ଯୋଗାଇ ଦିଆଯିବା ସମ୍ଭବ ହେଲାଣି । ବିଭିନ୍ନ ଜୈବିକସାରଗୁଡ଼ିକର ଉତ୍ପାଦନ ପାଇଁ ବ୍ୟାକ୍‌ଟେରିଆ ପୋଷଣ ରୂପୀ କାରଖାନା-ଗୁଡ଼ିକର ସମୃଦ୍ଧି ସାଧନ ଦିଗରେ ବର୍ତ୍ତମାନ ବ୍ୟାପକ ଆଲୋଚନା ଚାଲିଛି ।

## ପ୍ରଶ୍ନାବଳୀ

(ପ୍ରଶ୍ନର ଉତ୍ତର ନିଜ ଭାଷାରେ ଦିଅ)

(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନ: ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

(୧) କେଉଁ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦ୍ୱାରା ଆମ ଦେଶରେ ଉତ୍ପାଦନର ମାତ୍ରା ବଢ଼ିଛି ?

(୨) ଦୀର୍ଘ ମିଆଦି ସୂତ୍ରରେ ଶସ୍ୟକ୍ଷେତ୍ରର ସୁରକ୍ଷା ପାଇଁ କିପରି ପଦକ୍ଷେପ ନେବାକୁ ହେବ ?

(୩) କୃତ୍ରିମ ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ ଫଳରେ କ'ଣ ହେଉଛି ?

(୪) କେଉଁ କାରଖାନାଗୁଡ଼ିକର ସମୃଦ୍ଧି ସାଧନ ଦିଗରେ ବର୍ତ୍ତମାନ ବ୍ୟାପକ ଆଲୋଚନା ଚାଲିଛି ।

(ଖ) ଦୁଇ ନମ୍ବର ବିଶିଷ୍ଟ ପ୍ରଶ୍ନ: ଦୁଇଟି ବାକ୍ୟରେ ଉତ୍ତର ଲେଖ ।

(୧) ଭାରତବର୍ଷ ଖାଦ୍ୟ ଚାହିଦା ପୂରଣରେ କିପରି ସ୍ୱାବଲମ୍ବୀ ହୋଇପାରିଛି ?

(୨) କ୍ରମବର୍ଦ୍ଧମାନ ଜନସାଧାରଣଙ୍କୁ ଖାଦ୍ୟ ଯୋଗାଇବା ପାଇଁ କେଉଁ ଅବସ୍ଥା ବେଶ୍ ସମୟ ଉପଯୋଗୀ ?

(୩) କେଉଁ ଗବେଷଣା ପ୍ରସୂତ ଅବଦାନ ଫଳରେ ଜମିକୁ ଉର୍ବର ରଖାଯାଇପାରିବ ?

## (ଖ) ପଦ୍ୟାଂଶ

୧। କବିତାଂଶଟିକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ।

କେହି ରହିନାହିଁ          ରହିବ ନାହିଁଟି
ଭବ-ରଙ୍ଗଭୂମି-ତଳେ,
ସର୍ବେ ନିଜ ନିଜ          ଅଭିନୟ ସାରି
ବାହୁଡ଼ିବେ କାଳବଳେ।
ସ୍ମୃତି-ତୀର୍ଥେ ଯା'ର          ନାମ ହୋଇଅଛି
ଅମର ବର୍ଣ୍ଣେ ଅଙ୍କିତ,
ପୁଣ୍ୟଶ୍ଳୋକ ଏଁର          ନରପତି ହେଲେ
କାଳ-ତୁଣ୍ଡେ କବଳିତ।
କାହିଁ ଗଲେ ଇନ୍ଦ୍ର-          ଦ୍ୟୁମ୍ନ ମହୀପତି
ଉତ୍କଳ-ଗୌରବ-ରବି,
ନୀଳାଚଳେ ସ୍ଥାପି          ଏହି କୀର୍ତ୍ତି କଳି-
କଲୁଷ-ପର୍ବତ-ପବି ?
କାଳଗର୍ଭେ ଭବେ          ଲୀନ ହେଲେ କେତେ
ମହୀପତି ମହାଯଶା,

ହୋଇଅଛି ଯାଙ୍କ ଜୀର୍ଣ୍ଣ ସୌଧ ଏବେ
ବ୍ୟାଘ୍ର ଭଲ୍ଲୁକର ବସା ।
ଶୈବାଳ ପାଷାଣ- ଭେଦୀରେ ସଉଧ
ହୋଇଛି ନୀଳବରଣ
କୃମି ତନ୍ତୁ ଜାଲ ହୋଇଅଛି ଏବେ
ଗବାକ୍ଷର ଆସ୍ତରଣ !
ସ୍ୱର୍ଣ୍ଣ-ଦୀପାଲୋକେ ଉଠୁଥିଲା ଯହିଁ
ଅଗୁରୁ ଧୂପର ଘଟା
ତିମିରକୁ ତହିଁ ବୀଜନ୍ତି ବିଜନେ
ପକ୍ଷବାତେ ଚମଚଟା ।

## ପ୍ରଶ୍ନାବଳୀ

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ଭବରଙ୍ଗ ଭୂମିରେ କ'ଣ ହୋଇଥାଏ ?

(୨) ଏହିର ନରପତିଙ୍କ ସମ୍ପର୍କରେ କ'ଣ କୁହାଯାଇଛି ?

(୩) ଉତ୍କଳଗୌରବ ରବି ବୋଲି କାହାକୁ କୁହାଯାଇଛି ?

(୪) ରାଜାମାନଙ୍କ ଜୀର୍ଣ୍ଣ ପ୍ରାସାଦ ଏବେ କେଉଁ ଅବସ୍ଥାରେ ଅଛି ?

(୫) ପ୍ରାଚୀନ ପ୍ରାସାଦମାନଙ୍କରେ ଚମଚଟାମାନେ କ'ଣ କରୁଥିଲେ ?

**ସମ୍ଭାବ୍ୟ ପ୍ରଶ୍ନ ଉତ୍ତର :**

(୧) ଭବରଙ୍ଗ ଭୂମିରେ ସମସ୍ତେ ନିଜନିଜ ଅଭିନୟ ସାରି ସମୟାନୁସାରେ ବାହୁଡ଼ି ଯାଆନ୍ତି ।

(୨) ଅନନ୍ତ କୀର୍ତ୍ତିମାନ ଐରନରପତି ଖାରବେଳ ମଧ୍ୟ କାଳ ତୁଣ୍ଡରେ କବଳିତ ହେଲେ ।

(୩) ଇନ୍ଦ୍ରଦ୍ୟୁମ୍ନଙ୍କୁ ଉତ୍କଳ ଗୌରବ ରବି ବୋଲି କୁହାଯାଇଛି ?

(୪) ରାଜାମାନଙ୍କ ଜୀର୍ଣ୍ଣସୌଧ ଏବେ ବାଘ ଭାଲୁଙ୍କ ବସାରେ ପରିଣତ ହୋଇଛି ।

(୫) ପ୍ରାଚୀନ ପ୍ରାସାଦମାନଙ୍କରେ ଚମଚଟାମାନେ ଅନ୍ଧାରର ମଂଜି ବୁଣୁଥିଲେ ବୋଲି କବି କହିଛନ୍ତି ।

**୨ । କବିତାଂଶଂକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ ।**

ଦେଖିଲି ସଂସାରେ ବସିଛି ହାଟ,
ଲୋକ ଗହଳିରେ ନ ମିଳେ ବାଟ ।
ଦୋକାନ ପଶରା ଧାଡ଼ିକି ଧାଡ଼ି
ବାଟ ଦୁଇ ପାଶ ବସିଛି ମାଡ଼ି ।
ଭୁଲାଇବା ପାଇଁ ଗହକି ମନ,
ହାଟୁଆଙ୍କ ଦେଖ କେଡ଼େ ଯତନ
ହାଟୁଆ ବାଟୁଆ ଅଛନ୍ତି ଧାଇଁ,
ହାଟେ କିଣାବିକା କରିବା ପାଇଁ ।

× × × ×

ବୁଲିବୁଲି ହାଟେ ମୁଁ କ୍ରମେ କ୍ରମେ,
ଗୋଟାଏ ଦୋକାନ ଗଲି ପ୍ରଥମେ ।
ଏହି ଦୋକାନଟା ଭାରି ଗହଳ,
ଧାଇଁଛନ୍ତି ଲୋକ ଦଳକୁ ଦଳ ।
ହାତେ ବିଶାକାଠି ଦୋକାନୀ ଧରି,
ବସିଛନ୍ତି ଯମରାଜାଙ୍କ ପରି ।
ଦୋକାନରେ ମାଲ ନ୍ୟାୟବିଚାର,
କିଣେ ସେ କପାଳ ଫାଟେ ଯାହାର ।

## ପ୍ରଶ୍ନାବଳୀ

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ସଂସାର ମଧ୍ୟରେ ବସିଥିବା ହାଟକୁ କବି କିପରି ଦେଖିଛନ୍ତି ?

(୨) ଗହକିଙ୍କ ମନ ଭୁଲାଇବା ପାଇଁ ହାଟୁଆମାନେ କ'ଣ କରିଛନ୍ତି ?

(୩) ଲୋକେ ଦଳକୁ ଦଳ କେଉଁଠିକି ଧାଇଁଛନ୍ତି ବୋଲି କବି କହିଛନ୍ତି ?

(୪) ବିଶାକାଠି ହାତରେ ଧରି ଦୋକାନୀ କେଉଁପରି ବସିଛନ୍ତି ?

(୫) ପ୍ରଥମ ଦୋକାନରେ କେଉଁ ମାଲ ମିଳେ ବୋଲି କୁହାଯାଇଛି ?

୩। କବିତାଂଶକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ।

ଡାଆଣିଆ ଖରା ପଡ଼ିଛି ବେଳ ଯାଉଛି ବୁଡ଼ି,
କି ସୁନ୍ଦର ପାରା ଯୋଡ଼ିକ ଯାଉଅଛନ୍ତି ଉଡ଼ି ।
ଆସ ଆସ ପାରା ଯୋଡ଼ିକ ମୋର ପିଣ୍ଡାରେ ବସ,
ଖାଇବାକୁ ଦେବି ତୁମ୍ଭଙ୍କୁ ମୁହିଁ ନଡ଼ିଆ-ରସ।
ପିଇବାକୁ ଦେବି ତୁମ୍ଭକୁ ପଦ୍ମ-ପୋଖରୀ-ପାଣି,
ଶୋଇବାକୁ ଦେବି ଖଟୁଲି ମାଳୀଘରୁ ମୁଁ ଆଣି।
ମାଳୀଘର ଖଟୁଲିରେ ଯେ ବାଉଁଶର ପାଟିଆ,
ମାଆ-ଝୁଅଙ୍କର ଗୋଡ଼ରେ ରତନର ଝୁଣ୍ଟିଆ।
ଶାରୀ ପଚାରିଲା ଶୁଆରେ କେଉଁ ଦାଣ୍ଡରେ ଯିବା,
ଶୁଆ ବୋଲେ ଶାରୀ ଚାଲଗୋ ବଡ଼ଦାଣ୍ଡରେ ଯିବା।
ବଡ଼ଦାଣ୍ଡେ ଦାଣ୍ଡେ ଯାଆନ୍ତେ ପାଉଁ ଗୋବର ଲଣ୍ଡି
ଲିପି ପୋଛି ଦେଇ ଯାଅ ମା' ପୂଜି ମଙ୍ଗଳଚଣ୍ଡୀ।

## ପ୍ରଶ୍ନାବଳୀ

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ପାରା ଯୋଡ଼ିକୁ କ'ଣ ଖାଇବାକୁ ଓ ପିଇବାକୁ ଦେବାକୁ କବି କହିଛନ୍ତି ?

(୨) ମାଳି ଘର ଖଟୁଲି କେଉଁଥିରେ ତିଆରି ?

(୩) ପାରା ଯୋଡ଼ିକ କେଉଁ ସମୟରେ ଉଡ଼ିଯାଉଥିଲେ ?

(୪) କେଉଁ ଦାଣ୍ଡରେ ଯିବାପାଇଁ ଶୁଆ ଶାରୀକୁ କହିଛି ?

(୫) ଗୋବର ଲଣ୍ଡିକୁ କ'ଣ କରିବା ପାଇଁ କବି କହିଛନ୍ତି ?

**୪ । କବିତାଂଶଂକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ ।**

ନୀରବ ପ୍ରସରେ କ୍ଷଣେ ଦିବ୍ୟ ଜ୍ୟୋତିଧାରା,
ନୀରବେ ଆକାଶେ ଉଦେ ରବି ଶଶି ପରା,
ନୀରବେ ବଢ଼ଇ ତରୁଲତା ମହୀଧର
ନୀରବ ନିଖିଳ ବିଶ୍ୱ ନିଗୂଢ଼ ମନ୍ତର ।
ସଦା କାଳ-ପାରାବାର- ଅନନ୍ତ ଗରଭେ
ମିଶଇ ସମୟ-ସ୍ରୋତ ସତତ ନୀରବେ,
ନୀରବେ ଜଗତ କରେ ନିଜ କକ୍ଷେ ଗତି
ନୀରବ ନିଖିଳ ବିଶ୍ୱ ନିଗୂଢ଼ ଶକତି ।
ନୀରବେ ପ୍ରେମିକ ନେତ୍ରେ ଅଶ୍ରୁ ଢଳଢଳ
ନୀରବେ ସରସୀ ବକ୍ଷେ ହସେ ଶତଦଳ
ନୀରବେ ନିରାଶ ହୃଦେ ବହେ ଦୀର୍ଘଶ୍ୱାସ
ସୁଖେ ଦୁଃଖେ ପରାଣର ନୀରବ ଆଶ୍ୱାସ ।

**ପ୍ରଶ୍ନାବଳୀ**

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ନୀରବରେ କ'ଣ ପ୍ରସାରିତ ହୋଇଥାଏ ?

(୨) ନୀରବରେ କିଏ ବଢ଼ିଥାଏ ?

(୩) କାଳ- ପାରାବାର ସଂପର୍କରେ କ'ଣ କୁହାଯାଇଛି ?

(୪) ନୀରବରେ ପ୍ରେମିକର ନେତ୍ର ଓ ସରସୀର ବକ୍ଷରେ କ'ଣ ଘଟିଥାଏ ?

(୫) ନିରାଶ ହୃଦୟରେ ନୀରବରେ କ'ଣ ଘଟିଥାଏ ?

**୫ । କବିତାଂଶଟିକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ ।**

ଧର୍ମ ରଖିଛି ଧରି ଜଗତକୁ ଶୁଣିଲି ବ୍ୟାଖ୍ୟା ବହୁ
ଖୋଜିଲି ଶାସ୍ତ୍ର ଚାଖିବାକୁ ଏତେ ଧର୍ମ-ମଧୁର ମହୁ ।
ଜଡ଼ ଅକ୍ଷରେ ଭିତରେ ଜଡ଼ିତ ଆଚାର ନିୟମ ଥୋଡ଼ା
ନ ପାଇଲି ଖୋଜି, ଅଛି ଅବା ତହିଁ ଆଉ କେଉଁ ହାତୀଘୋଡ଼ା ।
ନଗରେ ନଗରେ ପଥେ ଜନପଦେ ଧର୍ମ ଦେଖିବା ପାଇଁ
ହାତ ବଢ଼ାଇଲି ଧରିବି ବୋଲି ମୁଁ ପୁଛିଲି କେତେ କାହିଁ ।
ଦେଉଳେ ଦେଖିଲି ଧର୍ମ ଯା ଅଛି, ଗୀର୍ଜାରେ ସେ ତ ଆନ
କିଏ ଅବା ଛେଳି, କିଏ ପୁଣି ଗୋରୁ କାଟିବା ପାଇଁ କି ଥାନ ।
କିଛି ନ କାଟିବା ପାଇଁ ଯେଉଁଠାରେ କହିଲେ ଧର୍ମଗୁରୁ
ଲକ୍ଷ୍ୟ ସେଠାରେ ମଣିଷର ବେକ ମଣିଷର ପାଦତଳୁ ।

**ପ୍ରଶ୍ନାବଳୀ**

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) କେଉଁ ବିଷୟରେ ଥିବା ବ୍ୟାଖ୍ୟାକୁ କବି ଶୁଣିଛନ୍ତି ?

(୨) ଶାସ୍ତ୍ର ଭିତରେ କବି କ'ଣ ଦେଖିଛନ୍ତି ?

(୩) କବି କେଉଁଠାରେ ଧର୍ମ ଦେଖିବା ପାଇଁ ହାତ ବଢ଼ାଇଛନ୍ତି ?

(୪) ଦେଉଳରେ ଓ ଗିର୍ଜାରେ କବି କେଉଁ ଧର୍ମ ଦେଖିଛନ୍ତି ?

(୫) ଧର୍ମଗୁରୁ କେଉଁ କଥା କହିଛନ୍ତି ଓ ସେଠାରେ ଲକ୍ଷ୍ୟ କ'ଣ ଅଛି ?

**୬ । କବିତାଂଶଂକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ ।**

ଶିଳାଗୃହ- ଅନ୍ଧକାରବାସୀ ମୁଁ, ଜନନୀ !
ଉତ୍କଳ, ନ ଥିଲି ଜାଣି, ଅଛି ଲୋ ତୋ ପୁରେ
ଏମନ୍ତ ରୂପର ଲୀଳା; ନ ବାହୁଁ ତରଣୀ
ଆଜି ଏ ଜ୍ୟୋତ୍ସ୍ନାରେ ନୀଳ ମହାନଦୀ ପୂରେ ।
ଆହା କି ବିପୁଳ ଶୋଭା ଭାସେ ଆଖି ଆଗେ,
କେମନ୍ତେ ବର୍ଣ୍ଣିବି ମୋର ମୁଗଧ ଅନୁଭବ,
ଚକ୍ଷୁମୋର ଅନ୍ଧ ହୁଏ ଜ୍ୟୋଛନା- ପରାଗେ,
ବାଣୀ ମୋର ନାହିଁ ଫୁଟେ ମାନି ପରାଭବ ।

ଧବଳ ଉତ୍ତରୀ ସମ ରଜନୀ- ବଧୂର,
ଜ୍ୟୋଛନା ବ୍ୟାପିଛି ଦୂର ଦିଗଚକ୍ର ଲାଗି,
ତଳେ ତା'ର ଏ ଧରଣୀ, ପ୍ରକୃତି - ମଧୁର
ହୋଇଛି ମଧୁରତର ତା' ପରଶେ ଜାଗି ।

ଆକାଶର ଖଣ୍ଡ ସମ ମହାନଦୀ ବାରି
ଚନ୍ଦ୍ରିକା ଚୁମ୍ବନ ପାଇ ଧବଳ ଚପଳ,
ତରଳ ମୁକୁର ଅବା ଦେଇଛି କେ ପାରି,
ଦେଖିବେ ବଦନ ନଭୁ- ସୀମନ୍ତିନୀଦଳ।

**ପ୍ରଶ୍ନାବଳୀ**

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ଉତ୍କଳର କେଉଁ କଥା କବି ଜାଣି ନଥିଲେ ବୋଲି କହିଛନ୍ତି ?

(୨) କବିଙ୍କର ଚକ୍ଷୁ କେଉଁ କଥାରେ ଅନ୍ଧ ହୋଇଛି ?

(୩) ଦୂର ଦିଗଚକ୍ରକୁ ଲାଗି କ'ଣ ବ୍ୟାପି ରହିଛି ?

(୪) ପ୍ରକୃତି କିପରି ମଧୁରତର ମନେ ହୋଇଛି ?

(୫) ନଭ ସୀମନ୍ତିନୀଦଳ କେଉଁଥିରେ ମୁଖ ମଣ୍ଡଳ ଦେଖିବେ ବୋଲି କୁହାଯାଇଛି ?

୭। **କବିତାଶଂକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ।**

ପୁସ୍ତକ ଡାକି କହେ- ହେ ପାଠକ, ଗ୍ରାହକ ମୋର !
ଭିତର ଖୋଲ
ଲେଖନୀ ମୁନର କର କି ମୂଲ !
ପଇସା ଦେଲ !
ଶସ୍ତା ଆଜି ଏ ଛାପାଖାନା ତଳେ ବେପାର ଚାଲେ

ଦୋକାନ ତଳେ,

ଭାଷା ତୁଲେ ନାହିଁ ଛନ୍ଦ ମିଳେ,

ଭାବନା ଭୁଲେ ! !

ସଭ୍ୟତା ଆଜି ମଲାଟ ଉପରେ ଚାଲିଛି ଖାଲି

ଯାଉଚ ଭୁଲି,

ରଙ୍ଗୀନ୍ ଛବି କାଗଜ ମେଲି

ଦେଖୁଛ ବୋଲି ?

ଭୂଷଣ-ପ୍ରଧାନ ବେଶ ପରିଧାନ ସଜ୍ଜନ

ଯାହାରେ ମଣ,

ଭିତରୁ କି ତା'ର ବଚନ ଶୁଣ

ଉଖାରି ଗୁଣ ?

ପରିଧାନ ତଳେ ଚୋର ତସ୍କର ବିଷମ ଅତି

ଓଲଟା ରୀତି

ବାହାର ଦିବସ ଭିତର ରାତି

ନକଲି ଯତି !

## ପ୍ରଶ୍ନାବଳୀ

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ପୁସ୍ତକ କ'ଣ ଡାକି କହିଥାଏ ?

(୨) ଭାଷା ତୁଳନାରେ କେଉଁ କଥା ମିଳୁନାହିଁ ବୋଲି କବି କହିଛନ୍ତି ?

(୩) ସଭ୍ୟତା ଆଜି କିପରି ଚାଲିଛି ?

(୪) ସନ୍ଥଜନ ବିଷୟରେ କବି କେଉଁ ମତ ଦେଇଛନ୍ତି ?

(୫) ନକଲି-ଯତି କହିଲେ କ'ଣ ବୁଝ ?

୮। କବିତାଂଶଙ୍କୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ।

ଭଗବାନ ଅଛ କାହିଁ
ଆକାଶ ପବନ ଗର୍ଜି ମୋ କାନେ
କହିଯାଏ ନାହିଁ ନାହିଁ।
ଯହିଁ ମୁଁ ଫେରାଏ ଆଜି ବେନି ଆଖି
ତହିଁ ଦେଖେ ଖାଲି ଦୀନ, ନିରିମାଖି,
ଅନ୍ନ ବିହୁନେ ମଣିଷ ଆତ୍ମା
କରିଅଛି ହାଇ, ହାଇ।
ଭଗବାନ ଅଛ କାହିଁ ?
ଚାରିଆଡ଼େ ଦେଖେ ଧନୀର ଶୋଷଣ
ଧର୍ମ ନାଆଁରେ ଯାବତ କଷଣ
'ବହୁ'ର ଲହୁତ ଶୋଷିନିଏ ଏକ
ମୁଖେ ହରିନାମ ଗାଇ।
ଭଗବାନ ଅଛ କାହିଁ ?

ରାଜା ଦେବତାଠୁ ବଡ଼ ଶହେଗୁଣ,
ପୂରବ ଜନମୁ ଜାତ ଧନୀ ପୁଣ
ଧନୀର ଶାସ୍ତ୍ର ଏହି କଥା କହି
(ଆମ) ମୁଂଡ଼ଟା ଦିଏ ଖାଇ ।
ଭଗବାନ ଅଛ କାହିଁ ?

ଧନୀର ଶୋଷଣ ନୁହଁଇ ଶୋଷଣ
ଦେବତା ଅଂଶୁ ତାର ଯେ ଜନମ,
ସବୁ ଅବତାର ଧନୀର ଦୁଲାଳ
ମାନିବାକୁ ହେବ ଭାଇ ।
ଭଗବାନ ଅଛ କାହିଁ ?

## ପ୍ରଶ୍ନାବଳୀ

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ଆକାଶ ପବନ କବିଙ୍କ କାନରେ କେଉଁ କଥା କହିଛନ୍ତି ?

(୨) ବେନି ଆଖିରେ କବି କ'ଣ ଦେଖିଛନ୍ତି ?

(୩) ଚାଟିଆଡ଼େ କବି କ'ଣ ଦେଖିଛନ୍ତି ବୋଲି କହିଛନ୍ତି ?

(୪) ଧନୀର ଶାସ୍ତ୍ରରେ କ'ଣ କୁହାଯାଇଛି ?

(୫) ଧନୀର ଶୋଷଣ ବିଷୟରେ କ'ଣ କୁହାଯାଇଛି ?

୯ । କବିତାଂଶଟିକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ ।

ଅର୍ଦ୍ଧ-ନିଶିର ଚନ୍ଦ୍ର ଢାଳିଛି
ଦିଗ୍‌ବଳୟର ଶିରେ
ସୁପ୍ତ ବନାନୀ ଶୀତଳ ସମୀରେ
କଡ଼ ଲେଉଟାଏ ଧୀରେ ।
ନିର୍ଜନ ଗିରି ନିଃସୀମ ପଥେ
ରହିଛି କେବଳ ଚାହିଁ
ଆବେଗେ ବୁଦ୍ଧ ଚାଲିଅଛନ୍ତି
ନିର୍ବାଣ ପାଇଁ ବାଇ
ଦୁର୍ମଦ ସ୍ରୋତ ସମ୍ମୁଖେ ଏକ ପାଷାଣ ବନ୍ଧ ସରି ।
ଅଶ୍ୱପାଳକ ଛନ୍ଦକ ଉଭା
ବୁଦ୍ଧ ଚରଣ ଧରି ।
କହେ ଛନ୍ଦକ ଏ ଘନ ନିଶିଥେ
ଯାଉଅଛ ପ୍ରଭୁ କାହିଁ ?
ଅନ୍ଧାରରେ ପୁଣି ଜଣେ ହେଲେ ତୁମ
ସଙ୍ଗରେ କେହି ନାହିଁ ।
ବିଶାଳ ରାଜ୍ୟ ପରଜାପୁଞ୍ଜ
ସ୍ୱର୍ଣ୍ଣ କିରୀଟ ଛାଡ଼ି

ଘୋର ଦୁର୍ଗମ କଣ୍ଟକ ପଥେ
କେସନେ ଯାଉଛ ମାଡ଼ି ?"
ଅମ୍ବୁଧି କୋଳେ ଧାଏଁ ଯେ ସରିତ
ଲୋଳ ହିଲ୍ଲୋଳ ମଦେ
ସେ କି ଆଉ କେବେ ରଚଇ ଉଜାଣି
ବନ୍ଧୁର ଗିରିପଦେ ?
ସସ୍ମିତେ ଖାଲି ଭାଷିଲେ ବୁଦ୍ଧ
"ନ କହ ସେ କଥା ମତେ
ବାହୁଡ଼ି ଯିବା କି ସମ୍ଭବ ଆଉ
ଘୋର ସଂସାର ପଥେ ?

## ପ୍ରଶ୍ନାବଳୀ

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ସୁପ୍ତ ବନାନୀ ସମ୍ପର୍କରେ କ'ଣ କୁହାଯାଇଛି ?

(୨) ଛନ୍ଦକ କିପରି ବୁଦ୍ଧଙ୍କ ଚରଣ ଧରି ଉଭା ହୋଇଥିଲା ବୋଲି କବି କହିଛନ୍ତି ?

(୩) ଛନ୍ଦକ ବୁଦ୍ଧଙ୍କୁ କ'ଣ କହିଛି ?

(୪) କିଏ ବନ୍ଧୁର ଗିରିପଦରେ ଉଜାଣି ରଚନା କରେ ନାହିଁ ?

(୫) ବୁଦ୍ଧ ସ୍ମିତ ହସ ହସି କ'ଣ କହିଥିଲେ ?

୧୦ । କବିତାଂଶଂକୁ ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦିଅ ।

ସବୁ ସୁନ୍ଦୁରିଆ ଜୀବଙ୍କ ଭିତରେ
ତୁ ନିଶ୍ଚୟ ଫାଷ୍ଟ୍ ।
ତୋତେ ଦେଖିଲେ ଲାଗେ
ହଳଦୀଗୁରୁଗୁରୁ ଗାଁ ବୋହୂଟିଏ
ଅବା ହଳଦୀ ମାଖି, କଜ୍ଜ୍ୱଳ ନାଇ
କଅଁଳ ଖରାରେ ଖେଳୁଥିବା କଅଁଳା ଛୁଆଟେ ।
ତୋ ରାବ କଅଁଳା ଛୁଆର କାନ୍ଦ
ନୂଆବୋହୂଟିର ଚୁପି ଚୁପି କଥା
ଥରେ ଶୁଣିଲେ ଆଉ କ'ଣ ରହିହୁଏ
କାମଦାମ ଛାଡ଼ି ତୋତେ ନ ଦେଖିବା ଯାଏ
ମନ କ'ଣ ଥୟଧରେ ।
ହଳଦୀବସନ୍ତ ହେବାକୁ ଭାରି ମନହୁଏ
ଏ ଜନ୍ମରେ ନହେଲେ ଅନ୍ତତଃ ଆରଜନ୍ମରେ ।
ତୋ ପରି ସୁନ୍ଦରିଆଟେ ହେଇ ମନ ଖୁସିରେ ଉଡ଼ିବୁଲନ୍ତି ।
ସୂର୍ଯ୍ୟକୁ ଆହୁରି ସୁର୍ଯ୍ୟକରି ଗଛର ଅନ୍ଧାର ଭିତରେ ଲୁଚିଯା'ନ୍ତି
ଛୁଆସବୁ ମୋତେ ଦେଖି ଖୁସିହୁଅନ୍ତେ

ମୋ' ପଛରେ ଧାଆନ୍ତେ

ଆଉ ମୋତେ ଖାଲି ଟିକେ ଦେଖିବାକୁ

କେହି ତ ଜଣେ ତା' ବସିବା ଥାନରୁ ଉଠି ଆସନ୍ତା ।

## ପ୍ରଶ୍ନାବଳୀ

(ପ୍ରଶ୍ନର ମୂଲ୍ୟ ୧ ନମ୍ବର ଗୋଟିଏ ବାକ୍ୟରେ ଉତ୍ତର ଲେଖ)

(୧) ହଳଦୀବସନ୍ତକୁ ଦେଖିଲେ କବିଙ୍କୁ କ'ଣ ଲାଗେ ?

(୨) ହଳଦୀ ବସନ୍ତର କେଉଁ କଥା ଥରେ ଶୁଣିଲେ ଆଉ ରହିହୁଏ ନାହିଁ ?

(୩) କେବେ ହଳଦୀବସନ୍ତ ହେବାକୁ କବିଙ୍କର ମନ ହୋଇଛି ?

(୪) କ'ଣ କରି ଗଛର ଅନ୍ଧାର ଭିତରେ କବି ଲୁଚି ଯିବାକୁ ଚାହିଁଛନ୍ତି ?

(୫) କାହିଁକି ଜଣେ ତା ବସିବା ଥାନରୁ ଉଠିଆସନ୍ତା ବୋଲି କବି କହିଛନ୍ତି ?

❑❑❑

# (୨) ସର୍ଜନାତ୍ମକ ରଚନା

ପ୍ରାଚୀନ କାଳରେ ମଣିଷ ନିଜ ଅନୁଭୂତିକୁ କଳାତ୍ମକ କରି ପ୍ରକାଶ କରିବାକୁ ଯାଇ ଏପରି କାବ୍ୟଧର୍ମୀ ଉଦାହରଣମାନ ସୃଷ୍ଟି କରିଥିଲା ଯାହାର ସାମାଜିକ ପ୍ରଭାବ ଥିଲା ଅତ୍ୟନ୍ତ ଭାବଗର୍ଭକ । ଏହା ଜଗତ ଓ ଜୀବନର ସତ୍ୟକୁ ବେଶ୍ ରସାତ୍ମକ ଓ ସୌନ୍ଦର୍ଯ୍ୟମୟ କରି ପ୍ରକାଶ କରୁଥିଲା । ରୂଢ଼ି, ପ୍ରବାଦ / ପ୍ରବଚନ ଓ ସୁକ୍ତି ନାମରେ ଏହା ସାରା ସାମାଜିକ ବିଧିବିଧାନକୁ ପ୍ରତିନିଧିତ୍ୱ କରୁଥିଲା ଏବଂ ଲୋକମୁଖରେ ଏଗୁଡ଼ିକ ଉଦ୍ଧୃତି ଛଳରେ ପ୍ରସାର ଲାଭ କରିଥିଲା । ପ୍ରକୃତରେ ପ୍ରବାଦ / ପ୍ରବଚନ, ରୂଢ଼ି ଓ ସୁକ୍ତି ବାସ୍ତବ ଜୀବନର ପରିଭାଷା ରୂପେ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଥିଲା । ଲୋକସାହିତ୍ୟର ଏହା ଏକ ନୂତନ ଆବିଷ୍କାର ଭାବେ ଜନମାନସକୁ ବେଶ୍ ପ୍ରଭାବିତ କରିପାରୁଥିଲା । ବାସ୍ତବରେ ଏହା ଥିଲା ଜୀବନଧାରାର ଉଜ୍ଜ୍ୱଳ ଦର୍ପଣ ଏବଂ ହୃଦୟର ମଧୁର ସମ୍ଭାଷଣ । ପରମ୍ପରାର ବିରଳ ସମ୍ପତ୍ତି ରୂପେ ଏହା ଆମ ରତ୍ନଭଣ୍ଡାରରେ ତଥାପି ସଞ୍ଚିତ ହୋଇରହିଛି । ଲୋକ ସାହିତ୍ୟର ଏହି ସାରସ୍ୱତ ସମ୍ପଦର ବାସ୍ତବରେ ତୁଳନା ନାହିଁ । ନିର୍ଦ୍ଦିଷ୍ଟ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ଏହା ରଚିତ ନ ହେଲେ ହେଁ ଅଗଣିତ ସ୍ରଷ୍ଟାଙ୍କ ଦ୍ୱାରା ଏହାର ବିପୁଳତା ଆମକୁ ଚକିତ କରିଥାଏ । ରୂଢ଼ି, ସୁକ୍ତି, ପ୍ରବାଦ ଓ ପ୍ରବଚନ ପଛରେ କାହାଣୀଟିଏ ଲୁଚି ରହିଥାଏ ଏବଂ ଏହାର ଉଦ୍ଦେଶ୍ୟ ନୈତିକ ଆଦର୍ଶରେ ଅଭିମଣ୍ଡିତ ହୋଇଥାଏ । ସାମାଜିକ ରୀତିନୀତି, ଆଚାରବିଚାରକୁ ଏହା ପ୍ରତିଫଳିତ କରିବା ସହ ପ୍ରତ୍ୟେକଟିରେ ପ୍ରକାଶ ପାଇଥାଏ ଏକ ଭାବାତ୍ମକ ଚାତୁର୍ଯ୍ୟ ।

**ସର୍ଜନାତ୍ମକ ରଚନା ଲେଖିବାର ଉପାୟ :–**

(କ) ପ୍ରାଚୀନ ଓଡ଼ିଆ ପ୍ରବାଦ / ପ୍ରବଚନ, ରୂଢ଼ି ଓ ସୂକ୍ତିକୁ ଆଧାର କରି ସର୍ଜନାତ୍ମକ ରଚନା ଲେଖିବାକୁ ହେବ ।

(ଖ) ପ୍ରଥମେ ପ୍ରଦତ୍ତ ପ୍ରବାଦ / ପ୍ରବଚନ, ରୂଢ଼ି ଓ ସୂକ୍ତିର ଭାବାର୍ଥ ଅନ୍ତର୍ଗତ କାହାଣୀ (ଯଦିଥାଏ) କୁ ବୁଝିବାକୁ ହେବ ।

(ଗ) ତହିଁରେ ଥିବା ସମାଜଚିତ୍ର, ଜୀବନର ସତ୍ୟ ଏବଂ ତା'ର ନୈତିକ ପ୍ରଭାବକୁ ବିଚାର କରିବାକୁ ।

(ଘ) ଏହା ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ସୀମିତ ରହିବା ଆବଶ୍ୟକ ।

## ଆପଣା ହସ୍ତେ ଜିହ୍ୱା ଛେଦି

ଜଗନ୍ନାଥ ଦାସଙ୍କ ଭାଗବତରେ ଲେଖାଅଛି-

ଆପଣା ହସ୍ତେ ଜିହ୍ୱା ଛେଦି,
କେ ତାର ଅଛି ପ୍ରତିବାଦୀ ।

ଜିହ୍ୱା ଆମର ଏ ଅନ୍ୟତମ ଅଂଗ ବିଶେଷ । ଜିହ୍ୱାର ମୁଖ୍ୟ କାର୍ଯ୍ୟ ଦୁଇଟି । ଜିହ୍ୱା ସାହାଯ୍ୟରେ ଆମେ ଆମ ମନର ଭାବ ପ୍ରକାଶ କରିବାରେ ସମର୍ଥ ହେଉ ଅର୍ଥାତ୍ କଥା କହିଥାଉ ଏବଂ ଉଦର ପୂର୍ତ୍ତି ପାଇଁ ଖାଦ୍ୟ ଗ୍ରହଣ କଲାବେଳେ ତା'ର ସ୍ୱାଦ ବାରିପାରୁ । କିନ୍ତୁ କେହି ଯଦି ନିଜ ହାତରେ ନିଜେ ତାହା କାଟିଦିଏ ତେବେ ସେ ନିଜର କ୍ଷତିସାଧନ କରିଥାଏ ଏବଂ ଅନ୍ୟ କେହି ତା'ର ପ୍ରତିବାଦ କଲେ ମଧ୍ୟ କିଛି ଫଳ ହୁଏନାହିଁ । ଏଠାରେ ମଣିଷ ନାନା ମନ୍ଦକାର୍ଯ୍ୟ କରି ବିପଦକୁ ଡାକିଆଣେ । ସେ ଜାଣିପାରେ ନାହିଁ ଯେ ପ୍ରତ୍ୟେକ ଭଲ କର୍ମର ଭଲ ଫଳ ଏବଂ ମନ୍ଦ କର୍ମର ମନ୍ଦ ଫଳ ଅଛି । ସ୍ୱାର୍ଥ ଏବଂ ଲୋଭ ତାକୁ ଏ ଦିଗରେ ପ୍ରୋତ୍ସାହନ ଦିଅନ୍ତି । ବାହାରକୁ ଚାତୁର୍ଯ୍ୟପୂର୍ଣ୍ଣ ଏବଂ ଚମତ୍କାର ଲାଗିଲେ ବି ଏହାର ପ୍ରତିକ୍ରିୟା ମଣିଷକୁ ଭୋଗିବାକୁ ପଡ଼େ । ଲାଞ୍ଚ-ମିଛ, ସରକାରୀ ପାଣ୍ଠି ଆତ୍ମସାତ କରୁଥିବା ଭଦ୍ର କର୍ମଚାରୀ ଜଣକ ଜେଲ୍‌ଦଣ୍ଡ ଭୋଗିଲେ ତାକୁ କେହି ସେ ଲଜ୍ଜାରୁ ରକ୍ଷା କରି ପାରନ୍ତି ନାହିଁ ।

ନିଜ ଭାଗ୍ୟ ଆଉ ଭବିଷ୍ୟତକୁ ସହଜରେ ସୁଧାରି ନେବାପାଇଁ ଯଦି କେହି ଭଣ୍ଡବାବାଙ୍କ ଶରଣାଗତ ହୁଏ, ତେବେ ସେହି ବାବାଙ୍କ କବଳରୁ ମୁକ୍ତିପାଇବା ସହଜ ହୁଏ ନାହିଁ। ଅଧିକ ଧନପ୍ରାପ୍ତିର ଆଶାରଖି କେହି ଯଦି ଚିଟ୍‌ଫଣ୍ଡରେ ଅର୍ଥ ବିନିଯୋଗ କରେ, ତେବେ ତା'ର ସମସ୍ତ କ୍ଷତି ପାଇଁ ସେ ନିଜେ ହିଁ ଦାୟୀ। ଛାତ୍ର-ଛାତ୍ରୀମାନେ ପାଠପଢ଼ାରେ ମନ ନ ଦେଇ ଯଦି ପରୀକ୍ଷାରେ ଅସତ ଉପାୟ ଅବଲମ୍ବନ କରନ୍ତି ସେଠିବି ସଫଳତାର ଯେଉଁ କଳାଦାଗ ଲାଗିଯିବ, ସେଥିପାଇଁ ସେ ନିଜେ ହିଁ ଦୋଷୀ। ମଦ୍ୟପାନ କରିଥିବା ଗାଡ଼ିଚାଳକର ଯଦି ଦୁର୍ଘଟଣାରେ ମୃତ୍ୟୁହୁଏ ତେବେ ତା' ପାଇଁ ସେ ନିଜେ ହିଁ ବିପଦର କାରଣ ହେବ। ସବୁ ଜାଣି ମଧ୍ୟ ଯିଏ ନିଜେ ନିଜ ପାଇଁ ଗାତ ଖୋଳେ, ସେଠାରେ 'ଆ' ବଳଦ ମୋତେ ବିନ୍ଧ୍' ପରି ନାନା ଦୁର୍ଯୋଗ ଆସେ। ଏହି ପ୍ରସଙ୍ଗରେ "ଆପଣା ହସ୍ତେ ଜିହ୍ୱା ଛେଦି"ର ପ୍ରବାଦଟି ପ୍ରଚଳିତ ଅଛି।

## କୁସୁମ ପରଶେ ପଟ ନିସ୍ତରେ

କୁସୁମ ଅର୍ଥାତ୍ ଫୁଲର ମାଳଟିଏ ଗୁନ୍ଥି ଦେବତାଙ୍କ ନିକଟରେ ଅର୍ପଣ କରିବାକୁ ହେଲେ କଦଳୀ-ପଟୁଆର ସାହାଯ୍ୟ ଦରକାର ପଡ଼େ। ପ୍ରକୃତରେ କଦଳୀ-ପଟୁଆର ସେମିତି ଭାଗ୍ୟ ନ ଥାଏ ଯେ ତାହା ଏକାକୀ ଠାକୁରଙ୍କଠାରେ ଶୋଭା ପାଇ ପାରିବ। ବାଲୁଅ ଯୋଗେ କାନିସିରି ପାଣି ପାଇବା ପରି ଫୁଲ ଯୋଗୁଁ କଦଳୀ-ପଟୁଆର ହିଁ ଗୁରୁତ୍ୱ ବଢ଼ିଥାଏ। କଦଳୀ-ପଟୁଆ ପରି ହେୟ ବା ନଗଣ୍ୟ ଲୋକଙ୍କ ଜୀବନ ମହତ ଲୋକଙ୍କ ସମ୍ପର୍କରେ ଆସି ତା'ର ଘୃଣ୍ୟ ଜୀବନରୁ ନିସ୍ତାର ପାଇଥାଏ। ସେଥିପାଇଁ ଶଙ୍କରଚାର୍ଯ୍ୟ କହିଥିଲେ ଯଦି ଜଣେ କ୍ଷଣକ ପାଇଁ ମଧ୍ୟ ସଜ୍ଜନ ସଂଗତି କରେ, ତେବେ ତାହା ଏ ଭବସାଗରରୁ ନୌକାସଦୃଶ ତାକୁ ପାର କରିଦେଇ ପାରିବ। ଦସ୍ୟୁ ରତ୍ନାକର ଏକଦା ନାରଦଙ୍କ ସମ୍ପର୍କରେ ଆସି

ତାଙ୍କ କୁତ୍ସିତ କାର୍ଯ୍ୟରୁ ନିବୃତ୍ତ ହୋଇଥିଲେ ଏବଂ ଶେଷରେ ସେ ବାଲ୍ମୀକି ରୂପରେ ରାମାୟଣ ରଚନା କରିବାକୁ ସମର୍ଥ ହୋଇଥିଲେ । ଜଗାଇ ମାଧାଇଙ୍କ ପରି ପାପୀ ଚୈତନ୍ୟଙ୍କ ସମ୍ପର୍କରେ ଆସି ହରିନାମ ଭଜିବାରୁ ଏ ପଙ୍କିଳ ସଂସାରରୁ ଉଦ୍ଧାର ପାଇଥିଲେ । ଏହିପରି ଉଦାହରଣ ଅସଂଖ୍ୟ ରହିଛି । ଜଣକର ଉଜ୍ଜ୍ୱଳ ଭବିଷ୍ୟତ ପ୍ରକୃତରେ ମହତଲୋକଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । କଦଳୀ-ପଟୁଆ କୁସୁମ ପରି ପବିତ୍ର ସୃଷ୍ଟି ସହ ଯୋଡ଼ି ହୋଇ ଯେଉଁ ଉଚ୍ଚ ସ୍ଥାନରେ ପହଞ୍ଚିଥାଏ, ତାକୁ ଲକ୍ଷ୍ୟ କରି ଏହିପରି କୁହାଯାଇଛି ଯେ "କୁସୁମ ପରଶେ ପଟ ନିସ୍ତରେ ।"

## ଧୀର ପାଣି ପଥର କାଟେ

ଗିରିଗହ୍ୱର ମଧ୍ୟରେ ଝରି ଝରି ବହି ଚାଲିଥିବା ନିର୍ଝରିଣୀ ପରିଶେଷରେ ସୁବୃହତ୍ତ ନଦୀରେ ପରିଣତ ହୁଏ । ମାତ୍ର ପାର୍ବତ୍ୟ ଶେଯରେ ତା'ର ଗତିରୋଧ କରନ୍ତି କାହିଁ କେତେ ଶିଳାଖଣ୍ଡ । ଧୀରେ ଧୀରେ ବହି ଆସୁଥିବା ଝରଣା ଆଗକୁ ବହିଯିବାର ପ୍ରଚେଷ୍ଟାରୁ ନିବୃତ୍ତ ହୁଏନାହିଁ । ଅହରହ ତା'ର ସଂଗ୍ରାମ ପ୍ରାୟ ଜାରି ରହିଥାଏ । ଧୀର ଗତିରେ ତା'ର ଏ ଅବିରତ ଚେଷ୍ଟା ତାକୁ ଶେଷରେ ସଫଳ କରେ ଏବଂ ସେ ଶିଳାଖଣ୍ଡର ବାଧାକୁ ଅତିକ୍ରମ କରି ଆଗକୁ ବହିଯାଏ । ଧୀର ଗତିର ପାଣି ହିଁ ଶିଳାକୁ କ୍ଷୟ କରିପାରେ ଓ ବିଶାଳ ପ୍ରସ୍ତରଖଣ୍ଡ ଶେଷରେ କ୍ଷୁଦ୍ର ବାଲିରେଣୁରେ ପରିଣତ ହୁଏ । ଯାହା ଧୀର ପାଣି ଦ୍ୱାରା ସମ୍ଭବ ହୁଏ, ତାହା ଦ୍ରୁତଗତିରେ ବା ପ୍ରଖର ସ୍ରୋତରେ ବହି ଚାଲିଥିବା ପାଣି କରିପାରେ ନାହିଁ ।

ପ୍ରକୃତିର ଏ ଉଦାହରଣରୁ ଆମକୁ ମଧ୍ୟ ଶିଖିବାର ଅଛି । ଯଦି ଜଣେ ଶାନ୍ତ ଓ ଧୀର ଭାବରେ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ କରେ, ତେବେ ସେ ପରିଶେଷରେ ସଫଳ ହୋଇଥାଏ । ଜୀବନର ଚଲାବାଟରେ ହୁଏତ ଅନେକ ବାଧାବିଘ୍ନ ଆସିପାରେ, ତହିଁରେ ବିଚଳିତ ନ ହୋଇ ଜଣେ ତା'ର ପ୍ରଚେଷ୍ଟା ଅବ୍ୟାହତ

ରଖିବା ଉଚିତ୍। ଏହାଦ୍ୱାରା ପ୍ରତ୍ୟେକ ତାଙ୍କ କାର୍ଯ୍ୟରେ ସଫଳ ହୋଇପାରିବେ। ପୂର୍ବର ଗୁରୁ ପରମ୍ପରାଠାରୁ ଆଜିର ବୈଜ୍ଞାନିକ ଆବିଷ୍କାର ଯାଏ, ସର୍ବତ୍ର କେବଳ ନିରବ ସାଧକ ହିଁ ଶେଷରେ ସିଦ୍ଧି ଲାଭ କରିଛନ୍ତି। ଧୀର ଶାନ୍ତ ଭାବରେ କରୁଥିବା କାର୍ଯ୍ୟର ସଫଳତାକୁ "ଧୀର ପାଣି ପଥର କାଟେ" ବୋଲି କୁହାଯାଇଛି।

## ଅତିଲେମ୍ବୁ ଚିପୁଡ଼ିଲେ ପିତା

ଲେମ୍ବୁର ସ୍ୱାଦ ଖଟା। ଆବଶ୍ୟକ ଅନୁଯାୟୀ ଏହାକୁ ଚିପୁଡ଼ି ପିଇଲେ ଏହାର ସ୍ୱାଭାବିକ ସ୍ୱାଦ ଅନୁଭବ କରିହୁଏ। ମାତ୍ର ସେଇ ଲେମ୍ବୁକୁ ଅତିମାତ୍ରାରେ ଚିପୁଡ଼ିଲେ ଏହା ପିତା ଓ ଅରୁଚିକର ଲାଗିଥାଏ। ପ୍ରକୃତରେ ଆମ ଜୀବନରେ ସମସ୍ତ କାର୍ଯ୍ୟ ତା'ର ନିର୍ଦ୍ଦିଷ୍ଟ ସୀମା ଭିତରେ ରହିଲେ ଭଲ। ପ୍ରତିକ୍ଷେତ୍ରରେ ଅତିକଥା ସର୍ବଦା ହାନିକାରକ ହୋଇଥାଏ। ଅତି ପରିଚୟରେ ଗୌରବ ନଷ୍ଟ ହୁଏ, ଅତି ଭକ୍ତିରେ ଚୋରର ଲକ୍ଷଣ ଫୁଟିଉଠେ। ପିଲାମାନଙ୍କୁ ଅତି ଶାସନ କଲେ, ସେମାନେ ପଥ ହୁଡ଼ନ୍ତି, ଅତି କଥନ ଓ ଅତି ତୋଷାମଦ ତା'ର ବିପରୀତ ଫଳ ଦେଇଥାଏ। କଥିତ ଅଛି ଅତି ଦର୍ପ କରିବାରୁ ରାବଣର ସ୍ୱର୍ଣ୍ଣଲଙ୍କା ଧ୍ୱଂସ ଓ ଶ୍ରୀହୀନ ହୋଇ ଯାଇଥିଲା, ଅତି ଦାନ କରିବାରୁ ବଳିଙ୍କୁ ବାମନାବତାରରେ ଭଗବାନ ପାତାଳପୁରକୁ ଚାପି ଦେଇଥିଲେ। ତେଣୁ ଅତି ହିଁ ସର୍ବଦା ଗର୍ହିତ ହୋଇଥାଏ। ଏହା ବହୁ ଅନର୍ଥ ସୃଷ୍ଟି କରିବା ସହ ନାନା ଅନିଷ୍ଟ ମଧ୍ୟ ଘଟାଇଥାଏ। ଜୀବନରେ ଯେକୌଣସି କ୍ଷେତ୍ରରେ ମାତ୍ରାଧିକ ବା 'ଅତି'ର ପ୍ରୟୋଗ ଅରୁଚିକର ହେବା ସହ ନାନା ବିଘ୍ନ ଘଟାଉଥିବାରୁ କଥିତ ଅଛି ଯେ "ଅତି ଲେମ୍ବୁ ଚିପୁଡ଼ିଲେ ପିତା"।

# ଅର୍ଥ ହିଁ ଅନର୍ଥର ମୂଳ

ଅର୍ଥ ଜୀବନ ଧାରଣର ମାନଦଣ୍ଡ ଏବଂ ଦୈନନ୍ଦିନ ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା । ପରିବାରଟିଏ ଅର୍ଥ ସାହାଯ୍ୟରେ ହିଁ ଆପଣାର ଭରଣ ପୋଷଣ କରିଥାଏ ଓ ପରିବାରର ବର୍ତ୍ତମାନ ଓ ଭବିଷ୍ୟତକୁ ଗଢ଼ି ତୋଳିବାରେ ମନ ଦେଇଥାଏ । ସେହିପରି ରାଜ୍ୟ ଓ ଦେଶ ମଧ୍ୟ ନିଜ ନିଜ ଅର୍ଥ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଧ୍ୟାନ ଦେଇଥାନ୍ତି । ସକଳ ପ୍ରକାର କିଣା-ବିକା ପାଇଁ ଅର୍ଥ ଦରକାର । ଡାକ୍ତର ରୋଗୀର ଚିକିତ୍ସା କରିବା, ଅଧ୍ୟାପକ ପାଠ ପଢ଼ାଇବା ଇଞ୍ଜିନିୟର ନିର୍ମାଣ କ୍ଷେତ୍ରରେ ସହଯୋଗ କରିବା, ବୈଜ୍ଞାନିକ ଗବେଷଣା କରିବା ଏବଂ ଓକିଲ ନ୍ୟାୟ ପାଇଁ ଲଢ଼ିବା କାର୍ଯ୍ୟ ଅର୍ଥ ମାଧ୍ୟମରେ ହିଁ ସଂପାଦିତ ହୋଇଥାଏ । ମାତ୍ର ଦୁଃଖର କଥା ନିଜର ପୁଞ୍ଜି ବଢ଼ାଇବାରେ ତଥା ଅର୍ଥଉର୍ପାଜନ କରିବାରେ ମଣିଷ ଯେକୌଣସି ଅନ୍ୟାୟ ଓ ଅବିଚାର କରିବାକୁ କୁଣ୍ଠିତ ହୁଏନାହିଁ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅର୍ଥ ପ୍ରତିଯୋଗିତା ବଢ଼ାଉଥିବାରୁ ଏଠାରେ ପରସ୍ପର ମଧ୍ୟରେ ଲୋଭ, ଆସକ୍ତି, ଈର୍ଷା, ହିଂସା ଓ ପରଶ୍ରୀକାତରତା ଆଦି ମନ୍ଦ ଗୁଣର ବୃଦ୍ଧି ଘଟିଥାଏ । ଅର୍ଥଲୋଭ ମଣିଷକୁ ପଶୁତୁଲ୍ୟ ଭୟାନକ ଓ ହିଂସ୍ର କରି ଦେଇଥାଏ । ଅର୍ଥ ଉପାର୍ଜନର ମାଦକତାରେ ବଶୀଭୂତ ଲୋକେ ଅର୍ଥର ଅପବ୍ୟବହାର କରି ସମାଜରେ ଲାଞ୍ଚ, ମିଛ, ଜାଲ୍, ଜୁଆଚୋରି ଆଦି ନିନ୍ଦିତ କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଅର୍ଥ ହିଁ ନାନା ଦୁର୍ନୀତି ଓ ଅପରାଧର ମାଧ୍ୟମ ହୋଇଥାଏ । ଅର୍ଥ ମଣିଷକୁ ଏପରି କବଳିତ କରି ରଖିଥାଏ ଯେ ସେ ଆଉ ନିଜ ଆୟତ୍ତରେ ରହେନାହିଁ । ସେଥି ପାଇଁ ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଭୀଷ୍ମ ଯୁଧିଷ୍ଠିରଙ୍କୁ କହିଥିଲେ- "ପୁରୁଷ ଅର୍ଥର ଦାସ । ଅର୍ଥ କାହାର ଦାସ ନୁହେଁ । ସେ ଅର୍ଥ ଦ୍ୱାରା

କୌରବଙ୍କ ନିକଟରେ ବନ୍ଧା । ଅର୍ଥର ଏହି ଅନର୍ଥ ଓ ବିଷାକ୍ତ ପ୍ରତିକ୍ରିୟା ଦେଖି କୁହାଯାଇଛି- "ଅର୍ଥ ହିଁ ଅନର୍ଥର ମୂଳ" ।

## ଅଳ୍ପ ବିଦ୍ୟା ଭୟଙ୍କରୀ

ବିଦ୍ୟାର ଶକ୍ତି ଅକଳନ୍ତି । ଅନ୍ୟ ଧନରତ୍ନକୁ ଦାନ କଲେ ତାହା ସରି ସରି ଆସିଥାଏ । ମାତ୍ର ବିଦ୍ୟାରୂପକ ଧନକୁ ଯେତେ ଦାନ କଲେ ତାହା ସେତେ ବୃଦ୍ଧି ପାଇଥାଏ । ସେଥିପାଇଁ ମଣି-ମାଣିକ୍ୟ ଭଣ୍ଡାରର ଅଧିକାରୀ ରାଜା କେବଳ ନିଜ ଦେଶରେ ପୂଜା ପାଉଥିବାବେଳେ ବିଦ୍ୱାନଟିଏ ଦେଶ-ବିଦେଶ ସର୍ବତ୍ର ପୂଜା ପାଇଥାଏ । ବିଦ୍ୟାର ମହତ ଗୁଣ ହେଉଛି ତାହା ଆମର ସମସ୍ତ ସଂକୀର୍ଣ୍ଣତାକୁ ଦୂରକରି ଆମକୁ ମୁକ୍ତ ଓ ଉଦାର କରିଥାଏ । ଯେ ଯେତେ ବିଦ୍ୟା ଅଧ୍ୟୟନ କଲେ ମଧ ତା'ପାଇଁ ଆହୁରି ଅନେକ କିଛି ବାକି ରହିଯାଏ । ପ୍ରକୃତରେ ବିଦ୍ୟା ଅର୍ଜନର ଶେଷ ନାହିଁ । ନିଉଟନ୍‌ଙ୍କ ପରି ବୈଜ୍ଞାନିକ ବୋଧହୁଏ ସେଥିପାଇଁ କହିଥିଲେ- "ମୁଁ ଜ୍ଞାନର ଅନନ୍ତ ବେଳାଭୂମିରୁ କ୍ଷୁଦ୍ର ଉପଳ କେତେଖଣ୍ଡ ମାତ୍ର ସଂଗ୍ରହ କରିଛି ।" ଜ୍ଞାନୀ-ଗୁଣୀଜନ ତେଣୁ ନମ୍ର ଓ ବିନୟୀ ହୋଇଥା'ନ୍ତି, ଠିକ୍ ଫଳନ୍ତି ଗଛ ନଇଁପଡ଼ିବା ପରି ।

ଅପରପକ୍ଷରେ ଦେଖାଯାଏ ଯେ ଯେଉଁମାନେ ଅଳ୍ପ ବିଦ୍ୟାର ଅଧିକାରୀ ହୋଇଥାନ୍ତି, ସେମାନେ ନିଜ ନିଜର ସ୍ୱଳ୍ପ ଜ୍ଞାନକୁ ନେଇ ଗର୍ବରେ ଫାଟିପଡ଼ନ୍ତି । ନିଜେ ସବୁ ଜାଣିଛନ୍ତି ବୋଲି ଓ ଜଣେ ଜଣେ ମହାଜ୍ଞାନୀ ବୋଲି ମନେକରି ଏତେ ଅହଙ୍କାର ଦେଖାଇଥାନ୍ତି, ଯାହାକୁ ସହ୍ୟ କରି ହୁଏନା । ସଂସ୍କୃତରେ ଶ୍ଳୋକଟିଏ ଅଛି-

"ଅଗାଧ ଜଳସଂଚାରୀ ରୋହିତୋ ନୈବ ଗର୍ବିତ
ଗଣ୍ଡୁଷୋଦକମାତ୍ରେଣ ଶଫରୀ ଫର୍ଫରାୟତେ ।"

ଅର୍ଥାତ୍ ଅଗାଧ ଜଳରେ ସଂଚରଣ କରୁଥିବା ରୋହିମାଛ କେବେ ତା'ର ଗର୍ବ ଦେଖାଏ ନାହିଁ। ମାତ୍ର ଗଣ୍ଡୁଷେ ବା ପୋଷେମାତ୍ର ଜଳରେ ଥାଇ ଦଣ୍ଡକିରି ମାଛ ଫରଫର ହେଉଥାଏ। ଦେଖାଯାଏ, ସୀମିତ ଜ୍ଞାନସମ୍ପନ୍ନ ବ୍ୟକ୍ତି ବେଙ୍ଗମାନଙ୍କର ରଡ଼ି ପରି ଉଚ୍ଚ କଣ୍ଠରେ ସେମାନଙ୍କ ତଥାକଥିତ ଜ୍ଞାନର ପାଣ୍ଡିତ୍ୟ ଦେଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ପ୍ରକୃତରେ ନିଜର ସ୍ୱଳ୍ପଜ୍ଞାନ ଯୋଗୁଁ ଏମାନେ କୌଣସି କାର୍ଯ୍ୟକୁ ସଫଳଭାବରେ ପୂରଣ କରିପାରି ନ ଥା'ନ୍ତି। ଅଳ୍ପଜ୍ଞାନୀ ଲୋକ ନିଜ ସୀମିତ ଜ୍ଞାନର ପ୍ରୟୋଗ କରି ବେଳେବେଳେ ଏପରି ଭୁଲ୍ କରି ବସନ୍ତି ଯେ ଯାହାର ଫଳ ଅତ୍ୟନ୍ତ ଭୟାନକ ହୋଇଥାଏ। ସେଥିପାଇଁ 'ଅଳ୍ପବିଦ୍ୟା ଭୟଙ୍କରୀ' ବୋଲି ଯୁଗେ ଯୁଗେ ପ୍ରବାଦ ରହିଛି।

□□□

# ପଞ୍ଚମ ଏକକ - ପ୍ରବନ୍ଧ ଓ ବ୍ୟାକରଣ

## (କ) ଦରଖାସ୍ତ ଓ ପତ୍ରଲିଖନ

ପତ୍ରଲିଖନ ସମ୍ବାଦ ପ୍ରେରଣର ଏକ ବଳିଷ୍ଠ ମାଧ୍ୟମ। ଆମେ ଯେତେବେଳେ କୌଣସି ବ୍ୟକ୍ତି ବା ଅନୁଷ୍ଠାନକୁ ଚିଠି ଲେଖୁ ତାହାକୁ ପତ୍ର କୁହାଯାଏ । ପତ୍ରର ସମାର୍ଥବୋଧକ ଇଂରାଜୀ ଶବ୍ଦ ହେଉଛି ଲେଟର ଯାହାର ଆଭିଧାନିକ ଅର୍ଥ ହେଉଛି ପ୍ରେରକର ପ୍ରାପକ ଉଦ୍ଦେଶ୍ୟରେ ପ୍ରେରିତ ଭାବ ବିନିମୟାତ୍ମକ ସମ୍ବାଦ। କୁହାଯାଏ ଯେ ଜଣେ ତା' ମନର କଥାକୁ ପତ୍ର ମାଧ୍ୟମରେ ଯେପରି ପ୍ରକାଶ କରିପାରେ ଅନ୍ୟ କୌଣସି ମାଧ୍ୟମରେ ତାହା ପ୍ରକାଶ କରିପାରେ ନାହିଁ। ପତ୍ରଲିଖନ ଏକାଧାରରେ କଳା ଓ ବିଜ୍ଞାନ। ଏହା କଳା, କାରଣ ମନର ଭାବକୁ ଏହା ରମଣୀୟ କରି ଗଢ଼ିତୋଳେ। ଏହା ମଧ୍ୟ ବିଜ୍ଞାନ, କାରଣ ଏହି ଲେଖାର ନିର୍ଦ୍ଦିଷ୍ଟ ପଦ୍ଧତି ଓ ଶୃଙ୍ଖଳା- କ୍ରମ ରହିଛି। ଆଜି କାଲି ଆମ ଭାଷା- ସାହିତ୍ୟରେ ବହୁ ଉପନ୍ୟାସ, ନାଟକ ଓ କାବ୍ୟ ଆଦି ପତ୍ରଲିଖନ ଶୈଳୀରେ ରଚିତ ହେଲାଣି। ବିଶିଷ୍ଟ ବ୍ୟକ୍ତିମାନଙ୍କର ଲିଖିତ ଚିଠି, ଆଜି ସାହିତ୍ୟର ଅମୂଲ୍ୟ ରତ୍ନହୋଇ ରହିଛି। ପଣ୍ଡିତ ନେହେରୁ କନ୍ୟା ଇନ୍ଦିରାଗାନ୍ଧୀଙ୍କୁ ଦେଇଥିବା ପତ୍ର, ଇଂରାଜୀ ସାହିତ୍ୟର ବିଶିଷ୍ଟ କବି କୀଟ୍‌ସଙ୍କ ପତ୍ର ଉଚ୍ଚକୋଟୀର ସାହିତ୍ୟ ରୂପେ ବିବେଚିତ ହେଉଛି । ଟେଲିଫୋନ୍ ଓ ଇ-ମେଲ ଇତ୍ୟାଦି ଚିଠିର ବିକଳ୍ପ ରୂପେ ଗୃହୀତ ହେଉଥିବା ସତ୍ତ୍ୱେ ଚିଠି ଲେଖିବାର ଉପଯୋଗିତା ଏବେ ବି ତାହାର ଗୁରୁତ୍ୱ ହରାଇ ନାହିଁ।

ଦରଖାସ୍ତ ବା ଆବେଦନପତ୍ର ଚିଠି ବା ପତ୍ରର ଏକ ବଳିଷ୍ଠ ବିଭାଗ ରୂପେ ନିଜର ଗୁରୁତ୍ୱ ବଜାୟରଖିଛି । ସାଧାରଣତଃ ବ୍ୟକ୍ତିଗତ ସୁବିଧା-ଅସୁବିଧା, ଓ ଜନଗଣଙ୍କ ସମସ୍ୟାକୁ ଏହା ମାଧ୍ୟମରେ ଉପସ୍ଥାପନ କରାଯାଇ ପ୍ରତିକାର ବା ସମାଧାନ ଲୋଡ଼ା ଯାଇଥାଏ । ଛାତ୍ର-ଛାତ୍ରୀ ମାନଙ୍କ ଅବଗତି ନିମନ୍ତେ ଆମେ ବିଭିନ୍ନ ବିଷୟ (ସମସ୍ୟା ବା ଘଟଣା)କୁ ଆଧାର କରି କେତେଗୁଡ଼ିଏ ପତ୍ରର ନମୁନା ନିମ୍ନ ଶିରୋନାମାରେ ଏଠାରେ ସ୍ଥାନିତ କରୁଅଛୁ । ସେଗୁଡ଼ିକ ହେଲା ୧ - ବ୍ୟବସାୟିକ, ୨ - ବ୍ୟକ୍ତିଗତ, ୩- ବୃତ୍ତି ନିମିତ୍ତ ୪- ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ ୫- ସାମୟିକ ଛୁଟି ୬- ସଂପାଦକଙ୍କୁ ପତ୍ର ଇତ୍ୟାଦି ।

## ବାଣିଜ୍ୟିକ ଓ ବ୍ୟବସାୟିକ ପତ୍ର

ବାଣିଜ୍ୟ ଓ ବ୍ୟବସାୟ ଆମ ସାମାଜିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ । ବାଣିଜ୍ୟ ଓ ବ୍ୟବସାୟ ବିନା ଏ ସମାଜରେ ଜୀବନ ନିର୍ବାହ କରିବା ସମ୍ଭବପର ନୁହେଁ । ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ହେଉ ଆମେ ଏହା ସହିତ ସଂପୃକ୍ତ । ବ୍ୟବସାୟ ଓ ବାଣିଜ୍ୟର ପରିଚାଳନା ପାଇଁ ବା ଏଥିରେ ସଂଶ୍ଳିଷ୍ଟ ହେବା ପାଇଁ ଆମେ ବିଭିନ୍ନ ପ୍ରତିଷ୍ଠାନ ବା ବାଣିଜ୍ୟିକ କେନ୍ଦ୍ର ସହିତ କ୍ରୟ-ବିକ୍ରୟ ସମ୍ବନ୍ଧୀୟ ଯେଉଁ ପତ୍ର ଲେଖୁ ତାହାକୁ ବାଣିଜ୍ୟିକ ପତ୍ର ରୂପେ ନାମିତ କରାଯାଏ । ଏହି ପତ୍ର ଲିଖନ ସଂକ୍ଷିପ୍ତ, ସ୍ପଷ୍ଟ, ଭଦ୍ରୋଚିତ, ରୁଚି ସଂପନ୍ନ ଓ ଆବେଗରହିତ ହୋଇଥାଏ । ବ୍ୟାବହାରିକ ସାମଗ୍ରୀର ମାନ, ମୂଲ୍ୟ ଯୋଗାଣ ସର୍ତ୍ତ ଓ ଅର୍ଥ ଆଦାନ ପ୍ରଦାନ ସଂପର୍କରେ ନିର୍ଭୁଲ ବିବରଣୀ ଏହା ମଧ୍ୟରେ ପ୍ରକାଶ ପାଇଥାଏ । ଆଜିକାଲି-ଇ-ମେଲ ଦ୍ୱାରା ଏ ପ୍ରକାର ପତ୍ରାଳାପ ସମ୍ପନ୍ନ ହେଉଛି । ଏହି ପତ୍ରର ଲିଖନ ଶୈଳୀ ବ୍ୟକ୍ତିଗତ ପତ୍ରଠାରୁ ଭିନ୍ନ ।

(୧)

## କାର୍ଯ୍ୟାଳୟରେ କେତେକ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଣ ପାଇଁ ବ୍ୟବସାୟ ପ୍ରତିଷ୍ଠାନକୁ ପତ୍ର

କେନ୍ଦ୍ରାପଡ଼ା କନିଷ୍ଠ ମହାବିଦ୍ୟାଳୟ,ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ କେନ୍ଦ୍ରାପଡ଼ା।

ପତ୍ରାଙ୍କ ନଂ ୪୨୯/୨୦୧୬ ତା ୨୦/୭/୧୬

ପରିଚାଳକ, ବିନାୟକ ସମବାୟ ଭଣ୍ଡାର, କେନ୍ଦ୍ରାପଡ଼ା

ବିଷୟ- ମହାବିଦ୍ୟାଳୟ କାର୍ଯ୍ୟାଳୟ ନିମନ୍ତେ ବିବିଧ ଉପକରଣ ଯୋଗାଣ ସମ୍ବନ୍ଧରେ।

ମହାଶୟ,

ଆମ ମହାବିଦ୍ୟାଳୟର ଆସନ୍ତା ଶିକ୍ଷା ବର୍ଷରେ କାର୍ଯ୍ୟାଳୟ ପରିଚାଳନା ନିମିତ୍ତ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ପାଇଁ ସ୍ଥିର କରାଯାଇଛି । ଆମ୍ଭେ ଆପଣଙ୍କ ସମବାୟଭଣ୍ଡାରରୁ ନିମ୍ନ ସାମଗ୍ରୀଗୁଡ଼ିକ କ୍ରୟ କରିବାକୁ ଚାହୁଁଛୁ ।ତେଣୁ ଆପଣଙ୍କ ସମବାୟ ଭଣ୍ଡାରର ନମୁନା ସହିତ ଏକ ଦର ତାଲିକା ପ୍ରଦାନ କରିବା ହେବେ।

ଆନୁଷ୍ଠାନିକ ଭାବରେ ଆପଣଙ୍କ ସମବାୟ ଭଣ୍ଡାରରୁ ଦ୍ରବ୍ୟ ଯୋଗାଣ ପାଇଁ ଲିଖିତ ସହମତି ଆଶା କରୁଛୁ।

ଆପଣଙ୍କର ବିଶ୍ୱସ୍ତ

ଅଧ୍ୟକ୍ଷ

କେନ୍ଦ୍ରାପଡ଼ା କନିଷ୍ଠ ମହାବିଦ୍ୟାଳୟ

କେନ୍ଦ୍ରାପଡ଼ା

### ଆବଶ୍ୟକ ସାମଗ୍ରୀ ଚିଠା

୧- ବଣ୍ଡ ପେପର (କାଗଜ)- ୫୦ ରିମ୍

୨- ଡ଼ଟ୍‌ପେନ୍- ୨୦ ଡଜନ

୩- ଆଲପିନ୍ - ୩୦ ପ୍ୟାକେଟ

୪- କାଳିବୋତଲ - ୨ ଲିଟର କଳା ଓ ୧ ଲିଟର ନାଲି

୫- ଡଟ୍‌ଲିଡ୍- ୨୫ ଡଜନ

୬- ନାଲି ଡଟ୍ ଲିଡ୍- ୨୫ ଡଜନ

୭- ଷ୍ଟାପଲର ପିନ୍- ୨୫ ପ୍ୟାକେଟ୍

୮- ସାଧା କାଗଜ - ୧୦୦ ରିମ୍

୯- ତାଲା- ୨୫ଟି

୧୦- ଚକ୍ (ଧଳା) - ୧୫୦ ଡବା

୧୧- ଚକ୍ (ନାଲି) - ୧୦୦ ଡବା

୧୨- କଳାପଟା (୫ଫୁଟ/୫ଫୁଟ) ୧୫ଟି

୧୩- ଶିକ୍ଷକ ଉପସ୍ଥାନ ଖାତା- ୧୫ଟି

୧୪- ଗାରପକା ପେପର- ୫୦ ରିମ୍

୧୫- ଅଠା - (୧କିଗ୍ରା)

୧୬- ନୋଟବୁକ୍ - (୧୦୦ଟି)

୧୭- କାଚଗ୍ଲାସ୍ - ୨୫ଟି

୧୮- ରବର- ୫୦ଟି

୧୯- ଲଫାପା -(ଧଳା) ୩୦୦ଟି

୨୦- ଜଉ- ୧୦ ଡବା

୨୧- ଟେବୁଲ ଉପର କାଚ - ୨ଫୁଟ / ୨ଫୁଟ - ୨୫ ଖଣ୍ଡ

୨୨- ଡଷ୍ଟର- ୬୦ ଡଜନ

୨୩- ଟ୍ୟାଗ୍- ୧୦୦ ପ୍ୟାକେଟ୍

## ଉପକରଣ ଯୋଗାଣ ପାଇଁ ନିବିଦା (କୋଟେସନ) ଗ୍ରହଣ

ପରିଚାଳକ, ବିନାୟକ ସମବାୟ ଭଣ୍ଡାର, କେନ୍ଦ୍ରାପଡ଼ା

ମାନନୀୟ ଅଧ୍ୟକ୍ଷ,

କେନ୍ଦ୍ରାପଡ଼ା କନିଷ୍ଠ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

ବିଷୟ:- କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଉପକରଣ ଯୋଗାଣ ସଂପର୍କରେ

ମହାଶୟ,

ବିଜ୍ଞପ୍ତି ନଂ ୪୨୯/୨୦୧୬ ତା' ୨୦/୭/୧୬ ଅନୁଯାୟୀ ଆପଣଙ୍କ ଅନୁଷ୍ଠାନକୁ ବ୍ୟବହାର୍ଯ୍ୟ ସାମଗ୍ରୀମାନ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ମୁଁ ଆଗ୍ରହ ପ୍ରକାଶ କରୁଛି । ମୋର ଭଣ୍ଡାରର ଜିନିଷ ପତ୍ର ଅସଲି ଏବଂ ଏହା ବଜାର ଦରଠାରୁ ଯଥେଷ୍ଟ କମ୍ । ମୋ ଦୋକାନରେ ଥିବା ଜିନିଷ ଯୋଗାଇ ଦେବାବେଳେ ମୁଁ ଜିନିଷଗୁଡ଼ିକର ଶୁଦ୍ଧତା ଓ ଗୁଣାତ୍ମକମାନ ବିଚାରକୁ ନେଇ ଯଥାର୍ଥ ସର୍ତ୍ତ ବା ଗ୍ୟାରେଣ୍ଟି ପ୍ରଦାନ କରିଥାଏ । ଆପଣଙ୍କଠାରୁ ନିର୍ଦ୍ଦେଶନାମା ପାଇବାର ୭ ଦିନ ଭିତରେ ମୁଁ ଆପଣଙ୍କ ଅଫିସରେ ଜିନିଷତକ ପହଞ୍ଚାଇ ଦେଇପାରିବି ।

ଏହା ସହିତ ଏକ ବିତରକ ସର୍ତ୍ତ ଚିଠା, ନମୁନା ଓ ଦର ସଂଲଗ୍ନ କରି ପଠାଇଲି ।

ମୋର ଆଶା ଓ ବିଶ୍ୱାସ ଆପଣ ମୋତେ ଏ କ୍ଷେତ୍ରରେ ସୁବିଧା ଓ ସୁଯୋଗ ପ୍ରଦାନ କରିବେ । ଇତି,

ଆପଣଙ୍କର ବିଶ୍ୱସ୍ତ

ପରିଚାଳକ

ବିନାୟକ ସମବାୟ ଭଣ୍ଡାର

କେନ୍ଦ୍ରାପଡ଼ା ।

## ବିବରଣୀ ସାମଗ୍ରୀର ମୂଲ୍ୟ ରୂପରେଖ

୧- ସାଧାକାଗଜ ୫୦ ରିମ୍- =ଟ୫,୦୦୦.୦୦
୨- ଡଟ୍ ପେନ୍- ୨୦ ଡଜନ =ଟ ୮୦୦.୦୦ (ନମୁନା ପ୍ରଦତ୍ତ)
୩- ଡଟ୍‌ଲିଡ୍- ୨୦ ଡଜନ =ଟ ୬୦,୦୦ (ନମୁନା ପ୍ରଦତ୍ତ)
୪- ଆଲିପିନ୍ - ୩୦ ପ୍ୟାକେଟ୍ -ଟ ୩୦୦.୦୦ (ନମୁନା ପ୍ରଦତ୍ତ)
୫- ଶିକ୍ଷକ ଉପସ୍ଥାନ ବହି ୧୫ଟି - =ଟ ୫୦୦.୦୦ (ନମୁନା ପ୍ରଦତ୍ତ)
୬- ଗାରପକା କାଗଜ - ୫୦ ରିମ୍ =ଟ ୧୦,୦୦୦.୦୦ (ନମୁନା ପ୍ରଦତ୍ତ)
୭- ନୋଟବୁକ୍ - ୧୦୦ଟି - =ଟ ୫,୦୦୦.୦୦ (ନମୁନା ପ୍ରଦତ୍ତ)
୮- ରବର - = ୨୦୦ ଖଣ୍ଡ ଟ ୩୦୦
୯- ଡଷ୍ଟର - ୬୦ ଡଜନ୍ - =ଟ ୧୫୦୦.୦୦ (ନମୁନା ପ୍ରଦତ୍ତ)
୧୦- କାଚଗ୍ଲାସ୍ - ୨୫ଟି- =ଟ ୫୦୦.୦୦ (ନମୁନା ପ୍ରଦତ୍ତ)

(୨)

## ପୁସ୍ତକ କ୍ରୟ ନିମନ୍ତେ ପୁସ୍ତକ ପ୍ରକାଶକ ବିକ୍ରେତାଙ୍କ ନିକଟକୁ ପତ୍ର ପ୍ରେରଣ

ସମ୍ମାନନୀୟ ନିର୍ଦ୍ଦେଶକ,

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକଭବନ, ଭୁବନେଶ୍ୱର,

ମହାଶୟ,

ଆପଣଙ୍କ ପ୍ରକାଶନରେ ଉପଲବ୍ଧ ହେଉଥିବା କିଛି ପୁସ୍ତକ ମୋର ଅଧ୍ୟୟନ ପାଇଁ ଆବଶ୍ୟକ । ମୁଁ ଆପଣଙ୍କ ପ୍ରକାଶନରୁ ଏଗୁଡ଼ିକୁ ସିଧା ସିଧା କିଣିବା ପାଇଁ ଆଗ୍ରହୀ । ଏଥିପାଇଁ ମୁଁ ଅଗ୍ରିମ ୧୦୦୦ (ଏକ ହଜାର) ଟଙ୍କାର ବ୍ୟାଙ୍କ ଡ୍ରାଫଟ୍ ଆପଣଙ୍କ

ସଂସ୍ଥା ନାମରେ ରେଜେଷ୍ଟ୍ରି ଡାକରେ ପଠାଉଛି । ମୋର ପତ୍ର ପାଇବାର ୧୦ ଦିନ ମଧ୍ୟରେ ଆପଣ ମୋ ଠିକଣାରେ ପୁସ୍ତକ ପଠାଇବେ ବୋଲି ଆଶା ରଖୁଛି । ପୁସ୍ତକ ପଠାଇବା ପରେ ବକେୟା ପ୍ରାପ୍ୟ ଓ ଡାକଖର୍ଚ୍ଚ ମୁଁ ପଠାଇଦେବି । ପୁସ୍ତକର ମୂଲ୍ୟ ହିସାବ କଲାବେଳେ ମୂଲ୍ୟରେ କିଛି ରିହାତି ଦେବାର ବ୍ୟବସ୍ଥା କରିବେ ବୋଲି ମୁଁ ଅନୁରୋଧ କରୁଛି ।

ଧନ୍ୟବାଦର ସହ

ଆପଣଙ୍କର ବିଶ୍ୱସ୍ତ

ମହେଶ୍ୱର ପ୍ରଧାନ

ଗ୍ରାମ- ଲାଞ୍ଜିଗଡ଼, ଜିଲ୍ଲା- କଳାହାଣ୍ଡି

## ସଂଯୋଜିତ ପୁସ୍ତକ ତାଲିକା

୧- Invitation to English I

୨- Invitation to English II

୩- Invitation to English III

୪- Invitation to English IV

୫- ଇତିହାସ (ଦ୍ୱାଦଶ ଶ୍ରେଣୀ)

୬- ସାହିତ୍ୟ ଜ୍ୟୋତି (ଦ୍ୱାଦଶ ଶ୍ରେଣୀ)

୭- ଅର୍ଥଶାସ୍ତ୍ର (ଦ୍ୱାଦଶ ଶ୍ରେଣୀ)

୮- ଶିକ୍ଷା (ଦ୍ୱାଦଶ ଶ୍ରେଣୀ)

୯- ରାଜନୀତି ବିଜ୍ଞାନ (ଦ୍ୱାଦଶ ଶ୍ରେଣୀ)

## ବ୍ୟକ୍ତିଗତ ପତ୍ର

ବ୍ୟକ୍ତିଗତ ବା ଘରୋଇ ପତ୍ରରେ ଲେଖକଙ୍କ ମାନସିକ ଆବେଗ, ଅନୁଭୂତି ଓ ଭାବନା ସାଧାରଣତଃ ପ୍ରତିଫଳିତ ହୋଇଥାଏ । ଏହି ପତ୍ରରେ ସ୍ଥାନ, ଦିନାଙ୍କ ଓ ସଂପର୍କ ଅନୁଯାୟୀ ସମ୍ବୋଧନ ରୂପ ନିଏ । କନିଷ୍ଠମାନଙ୍କୁ ସ୍ନେହର ଓ ଶ୍ରଦ୍ଧେୟ ବୋଲି ଆରମ୍ଭରେ ଲେଖା ଯିବାବେଳେ ସମବୟସ୍କ, ବନ୍ଧୁମାନଙ୍କୁ ପ୍ରିୟ ଓ ବରିଷ୍ଠ ତଥା ପୂଜ୍ୟମାନଙ୍କୁ ମାନନୀୟ, ସମ୍ମାନନୀୟ, ପୂଜାସ୍ପଦ ଆଦି ସମ୍ବୋଧନ କରାଯାଇ ଶେଷରେ ଆଜ୍ଞାଧୀନ, ହିତାକାଂକ୍ଷୀ, ଶୁଭେଚ୍ଛୁ ଆଦି ବ୍ୟବହାର କରାଯାଏ, ଯାହାକି ପ୍ରେରକ ଓ ଗ୍ରାହକର ସଂପର୍କ ସମ୍ବନ୍ଧରେ ସୂଚନା ଦେଇଥାଏ ।

## (୧)

### ଦେଖିଥିବା ପୁସ୍ତକମେଳା ସଂପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରି ସାନଭାଇଙ୍କ ନିକଟକୁ ପତ୍ର

ରାଜଧାନୀ କନିଷ୍ଠ ମହାବିଦ୍ୟାଳୟ

ଭୁବନେଶ୍ୱର

ଶ୍ରଦ୍ଧେୟ ବାପିନା, ତା.୧୦/୫/୨୦୧୬

ମୋର ସ୍ନେହ ନେବୁ । ବାପା, ବୋଉ ଓ ଅନ୍ୟ ଗୁରୁଜନମାନଙ୍କୁ ମୋର ପ୍ରଣାମ ଜଣାଇ ଦେବୁ । ପୁସ୍ତକ ମେଳା ସଂପର୍କରେ ଜାଣିବାକୁ ତୁ ଲେଖିଥିବା ଚିଠି ମୁଁ ପାଇଛି । ଏବେ ସେ ସଂପର୍କରେ ମୋର ଅନୁଭୂତି ତୋ ପାଖକୁ ଲେଖୁଛି ।

ଗତ ମାସ ୨୦ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ 'ଭୁବନେଶ୍ୱର ପୁସ୍ତକମେଳା' ଅନୁଷ୍ଠିତ ହୋଇଥିଲା । ଏହି ପୁସ୍ତକମେଳାରେ ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ବଛାବଛା ପ୍ରକାଶନ ସଂସ୍ଥା ଅଂଶ ଗ୍ରହଣ କରିଥିଲେ । ଏହାଛଡ଼ା କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଏନ୍.ବି.ଟି ପରି ସରକାରୀ ସଂସ୍ଥାମାନେ ମଧ୍ୟ ଏହି ମେଳାରେ

ଅଂଶ ଗ୍ରହଣ କରି ବହୁ ଉପାଦେୟ ପୁସ୍ତକ ପ୍ରଦର୍ଶନ କରିଥିଲେ । ପ୍ରଥମ ଦିନ, ପୁସ୍ତକମେଳାରେ ଅଂଶ ଗ୍ରହଣ କରିଥିବା ପ୍ରକାଶନ ସଂସ୍ଥାଙ୍କ ବିବରଣୀ ଓ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ସୂଚନା ପ୍ରଚାର ପୁସ୍ତିକା ରୂପେ ବିତରଣ କରାଯାଇଥିଲା । ସର୍ବମୋଟ ଦୁଇଶହଟି ପ୍ରକାଶନ ସଂସ୍ଥା ଏହି ମେଳାରେ ଯୋଗଦେଇଥିଲେ । ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ପ୍ରକାଶନସଂସ୍ଥାମାନଙ୍କୁ ଅସ୍ଥାୟୀ ଗୃହ ଯୋଗାଇ ଦିଆଯାଇଥିଲା । ପ୍ରତିଦିନ ଓଡ଼ିଶାର ବରପୁତ୍ରମାନଙ୍କ ନାମରେ ନିର୍ମିତ ମଣ୍ଡପମାନଙ୍କରେ ସାହିତ୍ୟ ଚର୍ଚ୍ଚା, ନୂତନ ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ ତଥା ମନୋରଞ୍ଜନ କାର୍ଯ୍ୟକ୍ରମମାନ ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହେଉଥିଲା । ମୁଁ ସାତଦିନ ଯାକ ଏହି ମେଳାରେ ଯୋଗ ଦେଉଥିଲି ।

ପ୍ରକୃତରେ ପୁସ୍ତକମେଳା ଜ୍ଞାନ ପ୍ରସାରଣରେ ସାହାଯ୍ୟ କରେ । ପୁସ୍ତକ ହେଉଛି ଆମର ନିତ୍ୟବଂଧୁ । ଏହା ଜ୍ଞାନର ପ୍ରଦୀପ । ଆଜିକାଲି ମୁଦ୍ରଣ ଶିଳ୍ପର ବିକାଶ ଫଳରେ ବିଭିନ୍ନ ବିଷୟକୁ ଆଧାର କରି ଶହଶହ ସଂଖ୍ୟାରେ ପୁସ୍ତକ ପ୍ରକାଶିତ ହେଉଛି । ସେହିସବୁ ପୁସ୍ତକମାନଙ୍କ ସଂପର୍କରେ ସୂଚନା ପାଇବା ଓ ସେଗୁଡ଼ିକୁ କିଣିବାର ସୁଯୋଗ ପୁସ୍ତକ ମେଳାରେ ଉପଲବ୍ଧ ହୋଇଥାଏ । ବହୁ ଦୁଷ୍ପ୍ରାପ୍ୟ ପୁସ୍ତକ ମଧ୍ୟ ପୁସ୍ତକମେଳାରୁ ମିଳିଥାଏ । ବହୁ ଦରକାରୀ ପୁରୁଣା ପୁସ୍ତକକୁ ସଂଗ୍ରହ କରି କିଛି ବିକ୍ରୟ ସଂସ୍ଥା ଛାତ୍ର-ଛାତ୍ରୀ ଓ ଗବେଷକ ମାନଙ୍କ ପାଇଁ ଏଠାରେ ଅଧାଦାମରେ ବିକ୍ରୟ କରିଥାନ୍ତି । ଛାତ୍ର-ଛାତ୍ରୀ ଓ ପୁସ୍ତକ ପ୍ରେମୀଙ୍କ ପାଇଁ ପୁସ୍ତକମେଳା ଏକ ସୁବର୍ଣ୍ଣ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ମେଳାରୁ ମୁଁ ମୋର କେତେକ ସାଙ୍ଗଙ୍କ ସହିତ ପ୍ରତିଦିନ କିଛି କିଛି ନୂଆ ବହି କିଣିଛି । ସେଥିରୁ ବାଛି ବାଛି ତୋ ପାଇଁ ଆଠଖଣ୍ଡ ପୁସ୍ତକ ରଖିଛି, ଯେଉଁ ପୁସ୍ତକ ଗୁଡ଼ିକ ଭିତରେ ଅଛି 'ସତ୍ୟର ପ୍ରୟୋଗ', 'ବିବେକାନନ୍ଦଙ୍କ ଜୀବନୀ' 'ଗୋପବନ୍ଧୁଙ୍କ ଗ୍ରନ୍ଥାବଳୀ', ଫକୀରମୋହନଙ୍କ 'ଗଳ୍ପ ସ୍ୱଳ୍ପ' ଆଦି । ମୁଁ ଛୁଟିରେ ଗଲେ ସେ ବହିଗୁଡ଼ିକୁ ତୋ ପାଇଁ ନେଇଯିବି, ନଚେତ୍ ବାପା ଯଦି ଆସନ୍ତି ତୋ ପାଖକୁ ତାଙ୍କ ହାତରେ ପଠାଇଦେବି ।

ଆସନ୍ତା ବର୍ଷ ପୁସ୍ତକମେଳାସମୟକୁ ମୁଁ ତୋତେ ନିଶ୍ଚୟ ଖବର ଦେବି। ମୋର ଆଶା ତୁ ବାପାଙ୍କ ସହିତ ଆସି ପୁସ୍ତକମେଳା ଦେଖିଯିବୁ ଓ ତୋ ମନ ପସନ୍ଦର ବହି କିଛି କିଣିନେବୁ। ମନ ଦେଇ ପଢ଼ାପଢ଼ି କରୁଥିବୁ। ତୋର ଶୁଭକାମନା କରି ରହିଲି। ଇତି।

ତୋର ଶୁଭାକାଙ୍କ୍ଷୀ

ବିଜୁଭାଇ

<u>ଠିକଣା</u>

| ପ୍ରେରକ | ପ୍ରାପକ | ଟିକେଟ |
|---|---|---|
| ଶ୍ରୀ ବିଜୟ ଚନ୍ଦ୍ର ମହାପାତ୍ର | ଶ୍ରୀ ବିଶ୍ୱଜିତ ମହାପାତ୍ର | |
| ରାଜଧାନୀ କନିଷ୍ଠ ମହାବିଦ୍ୟାଳୟ | ମାର୍ଫତ- ଶ୍ରୀ ରସାନନ୍ଦ ମହାପାତ୍ର | |
| ଭୁବନେଶ୍ୱର | ବାଘଡ଼ାରୋଡ଼ | |
| | ବାରିପଦା | |
| | ମୟୁରଭଞ୍ଜ | |

## (୨)

**ତୁମର ଜଣେ ବନ୍ଧୁଙ୍କ ମା' ଅକାଳରେ ଇହଧାମରୁ ବିଦାୟ ନେଇଛନ୍ତି। ଏ ସମୟରେ ବନ୍ଧୁଙ୍କ ନିକଟକୁ ଏକ ସାନ୍ତ୍ୱନାମୂଳକ ପତ୍ର ଲେଖ।**

ଦାମନଯୋଡ଼ି

୧୫, ଜୁଲାଇ, ୨୦୧୬

ପ୍ରିୟ ନିତ୍ୟାନନ୍ଦ,

ମୋର ଶୁଭେଚ୍ଛା ନେବ। ମଉସାଙ୍କୁ ମୋର ପ୍ରଣାମ ଜଣାଇ ଦେବ। ମୁଁ ଗତକାଲି ତୁମ ମା'ଙ୍କର ଅକାଳ ବିୟୋଗ ଖବର ପାଇଲି। ଏହା ମୋତେ ଖୁବ୍ ମର୍ମାହତ କରିଛି। ମୁଁ ବିଶ୍ୱାସ କରି ପାରୁନାହିଁ ଯେ ମାଉସୀ ଆମ ସମସ୍ତଙ୍କୁ ଶୋକ-ସାଗରରେ ଭସାଇ ଦେଇ ଏତେ ଶୀଘ୍ର ବିଦାୟ ନେଇଗଲେ। ବିଧିର ବିଧାନକୁ

ଆମେ କେହି ଏଡ଼େଇ ଦେଇ ପାରିବା ନାହିଁ। ଏ ପୃଥିବୀକୁ ଆସିବା ଓ ଏଠାରୁ ଯିବା ଆମ ହାତରେ ନାହିଁ। କିନ୍ତୁ ଦୁଃଖ ଲାଗୁଛି ମାଉସୀ ମାତ୍ର ପଚାଶ ବର୍ଷରେ ଆମକୁ ଛାଡ଼ି ଚାଲିଗଲେ।

ମାଉସୀ ଜଣେ ଧର୍ମ ପରାୟଣା ମହିଳା ଥିଲେ। ସେ କେବଳ ତୁମର ମା' ନଥିଲେ ମୋର ମଧ୍ୟ ମା'ପରିଥିଲେ। ତାଙ୍କର ସ୍ନେହ, ଶ୍ରଦ୍ଧା, ହସହସ କଥା ଓ ଆପଣାର ଭାବ ମୋର ମନେ ପଡ଼ି ଯାଉଛି । ଏବେ ମଧ୍ୟ ତାଙ୍କର "ବାପାରେ କେତେବେଳେ ଆସିଲୁ" ବୋଲି ଆଦରର କଥା ମୋ କାନରେ ଶୁଭିଯାଉଛି। ମାଉସୀଙ୍କର ବିୟୋଗ ସମ୍ବାଦ ପାଇ ମୋ ବାପା, ବୋଉ ମଧ୍ୟ ଦୁଃଖିତ । ଯେତେଯାହା ଲେଖିଲେ ବି ମାଉସୀଙ୍କ ଅବର୍ତ୍ତମାନରେ ତୁମ ହୃଦୟର ଦୁଃଖ ଓ ଶୋକକୁ ମୁଁ ଊଣା କରି ପାରିବି ନାହିଁ। କେବଳ ଏତିକି କହିବି ଯେ ମାତୃ ବିୟୋଗ ଜନିତ ଦୁଃଖକୁ ସହ୍ୟ କରିବା ପାଇଁ ଭଗବାନ ତୁମକୁ ଧୈର୍ଯ୍ୟ ଦିଅନ୍ତୁ। ପରିଶେଷରେ ମାଉସୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି। ମାଉସୀଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ମୁଁ ନିଶ୍ଚିତ ଭାବରେ ପହଞ୍ଚିବି। ଆଉ ସବୁ ସାକ୍ଷାତରେ। ଇତି।

ତୁମର ବନ୍ଧୁ
ରଜନୀକାନ୍ତ

ଠିକଣା

| | |
|---|---|
| ପ୍ରେରକ | ପ୍ରାପକ — ଟିକେଟ |
| ଶ୍ରୀରଜନୀକାନ୍ତ ପ୍ରଧାନ | ଶ୍ରୀ ନିତ୍ୟାନନ୍ଦ ମହାରଣା |
| ଦାମନଯୋଡ଼ି ମହାବିଦ୍ୟାଳୟ | ବୈପାରୀଗୁଡ଼ା ମହାବିଦ୍ୟାଳୟ |
| ଦାମନ ଯୋଡ଼ି | ବୈପାରୀଗୁଡ଼ା |
| କୋରାପୁଟ | କୋରାପୁଟ |

# ବୃତ୍ତି ନିମିତ୍ତ

## (୧)

### ନିଜର ସଂକ୍ଷିପ୍ତ ଜୀବନୀ ତଥ୍ୟ (ବାୟୋଡ଼ାଟା) କୁ ଭିତ୍ତିକରି ଚାକିରି ପାଇଁ ଆବେଦନ

ସମ୍ମାନନୀୟ ନିର୍ଦ୍ଦେଶକ, ସଂସ୍କୃତି ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ମହାଶୟ,

ମୁଁ ଶ୍ରୀ ନଳିନୀକାନ୍ତ ସେନାପତି ଗ୍ରାମ / ପୋ:- କୁକୁଡ଼ାଖଣ୍ଡି, ଜିଲ୍ଲା- ଗଞ୍ଜାମ, ୨/୮/୧୬ତାରିଖ ଦୈନିକ ଓଡ଼ିଆ ସମ୍ବାଦପତ୍ରର ବିଜ୍ଞାପନ ପୃଷ୍ଠାରେ ଆପଣଙ୍କ କାର୍ଯ୍ୟାଳୟରେ ୧୫ ଜଣ କନିଷ୍ଠ କିରାଣୀ ପଦବୀ ଖାଲି ଥିବାର ଜାଣି ଏହି ପଦବୀ ପାଇଁ ଆବେଦନ କରୁଅଛି । ଉକ୍ତ ପଦବୀ ପାଇଁ ଯେଉଁ ଯୋଗ୍ୟତା ନିର୍ଦ୍ଧାରଣ କରାଯାଇଛି ସେ ଯୋଗ୍ୟତା ମୋର ଅଛି । ଏହାଛଡ଼ା ଏକ ଘରୋଇ ସଂସ୍ଥାରେ ମୁଁ ଦୁଇବର୍ଷ କାର୍ଯ୍ୟ କରି ଅଭିଜ୍ଞତା ଅର୍ଜନ କରି ଅଛି । ମୋର ଯୋଗ୍ୟତା ଓ ଅଭିଜ୍ଞତାକୁ ବିଚାରକୁ ନେଇ ମୋତେ ନିଯୁକ୍ତି ସୁଯୋଗ ଦେଲେ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ରହିବି । ମୋର ପ୍ରାର୍ଥୀତ୍ୱକୁ ବିଚାର କରିବା ପାଇଁ ଏହି ଆବେଦନ ପତ୍ର ସହିତ ମୋର ସଂକ୍ଷିପ୍ତ ଜୀବନୀ ତଥ୍ୟ ସଂଯୁକ୍ତ କରୁଅଛି । ଇତି ।

ଆପଣଙ୍କର ବିଶ୍ୱସ୍ତ

କୁକୁଡ଼ାଖଣ୍ଡି — ନଳିନୀକାନ୍ତ ସେନାପତି

ତା - ୧୦।୮।୧୬ — କୁକୁଡ଼ାଖଣ୍ଡି

ଗଞ୍ଜାମ

# ଆତ୍ମ ବିବରଣୀ

ନାମ- ଶ୍ରୀ ନଳିନୀକାନ୍ତ ସେନାପତି
ପିତାଙ୍କ ନାମ - ଶ୍ରୀ ହୃଷୀକେଶ ସେନାପତି
ଯୋଗ୍ୟତା- ସ୍ନାତକ (ବିଜ୍ଞାନ) କମ୍ପୁଟର- ପି.ଜି.ଡ଼ି.ସି.ଏ
ଅଭିଜ୍ଞତା:- ଏଚ.ଡ଼ି.ଏଫ୍.ସି. ମ୍ୟାର୍କେଟିଂ ସଂସ୍ଥାର ପ୍ରତିନିଧି ଭାବରେ ଦୁଇ ବର୍ଷ ଅଭିଜ୍ଞତା
ସ୍ଥାୟୀ ଯୋଗାଯୋଗ ଠିକଣା: - ନଳିନୀକାନ୍ତ ସେନାପତି
ଗ୍ରା,ପୋ-କୁକୁଡ଼ାଖଣ୍ଡି-ଜିଲ୍ଲା- ଗଞ୍ଜାମ
ମୋ :୯୪୩୭୫୦୬୧୬୮

ସଂଯୋଗ ପ୍ରମାଣ ପତ୍ର-
(କ) ମାଟ୍ରିକ ସାର୍ଟିଫିକେଟ (ଏକାକିତା ନକଲ)
(ଖ) +୨ ବିଜ୍ଞାନ ସାର୍ଟିଫିକେଟ (ଏକକିତା ନକଲ)
(ଗ) +୩ ସ୍ନାତକ ସାର୍ଟିଫିକେଟ (ଏକକିତା ନକଲ)
(ଘ) କମ୍ପ୍ୟୁଟର ଶିକ୍ଷା ପ୍ରମାଣ ପତ୍ର (ଏକକିତା ନକଲ)
(ଙ) ଅଭିଜ୍ଞତା ପ୍ରମାଣ ପତ୍ର (ଏକକିତା ନକଲ)

ମୁଁ ଏତଦ୍ୱାରା ଘୋଷଣା କରୁଛି ଯେ ଆବେଦନ ପତ୍ରର ସମସ୍ତ ତଥ୍ୟ ସହିତ ଯେଉଁ ବିବରଣୀ ମୁଁ ସଂଯୁକ୍ତ କରିଛି ଏହା ମୋର ନିଜସ୍ୱ ଓ ସତ୍ୟ ଅଟେ।

ନଳିନୀକାନ୍ତ ସେନାପତି
୦୫/୦୮/୨୦୧୬

## ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ ଆବେଦନପତ୍ର (ଦରଖାସ୍ତ)

ଆବେଦନପତ୍ର ବିଭିନ୍ନ ସମସ୍ୟା ଓ ଅଭିଯୋଗକୁ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରିଥାଏ। ଏହି ଆବେଦନପତ୍ରର ରୂପକୁ ଆମେ ତିନି ଭାଗରେ

ବିଭକ୍ତ କରିପାରିବା ଯଥା- ଉପକ୍ରମ, ତଥ୍ୟ ପ୍ରଦାନ ଓ ଶେଷ କଥା । ଉପକ୍ରମରେ ସମ୍ବୋଧନ ବ୍ୟତୀତ ସମସ୍ୟା ବା ଘଟଣା ସଂପର୍କରେ ସୂଚନା, ତଥ୍ୟ ପ୍ରଦାନରେ ଘଟଣାର ବିସ୍ତୃତ ବିବରଣୀ ଓ ଶେଷ କଥାରେ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରା ଯାଇଥାଏ । ଆବେଦନପତ୍ର ଆନୁଷ୍ଠାନିକ । ଏଥିରେ ବ୍ୟକ୍ତିଗତ ଭାବପ୍ରବଣତା ବା ଆବେଗର ସ୍ଥାନ ନାହିଁ । ଆବେଦନପତ୍ରରେ ସଂସ୍ଥାର ଅଧିକାରୀଙ୍କ ନାମ, ଠିକଣା, ପତ୍ରର ସଂଖ୍ୟା, ତାରିଖ, ପତ୍ର ପ୍ରେରକଙ୍କ ନାମ, ଉପାଧି, ଉଦ୍ଦେଶ୍ୟ ଜ୍ଞାପନ ସହ ପ୍ରେରକଙ୍କ ସ୍ୱାକ୍ଷର ରହିଥାଏ । ଏହି ଆବେଦନ ପତ୍ରକୁ ଏକ ବା ଏକାଧିକ ବ୍ୟକ୍ତି କର୍ତ୍ତୃପକ୍ଷଙ୍କ ଗୋଚରାର୍ଥେ ଲେଖି ପାରନ୍ତି । ଆବେଦନପତ୍ରକୁ ଦରଖାସ୍ତ ବୋଲି ମଧ୍ୟ କୁହାଯାଏ । ଆବେଦନପତ୍ର ସରକାରୀ ଓ ବେସରକାରୀ କର୍ତ୍ତୃପକ୍ଷଙ୍କୁ ଲେଖାଯାଇ ପାରେ । ଦୁଇଜଣ ପ୍ରତିଷ୍ଠିତ ସରକାରୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏହା ଲିଖିତ ହେଲେ ଏହାକୁ ଅର୍ଦ୍ଧ ସରକାରୀ ବୋଲି କୁହାଯାଏ । ନିମ୍ନରେ ଆବେଦନପତ୍ରର କେତେଗୁଡ଼ିଏ ନମୁନା ପ୍ରଦାନ କରାଯାଇଛି । ଏହି ଆବେଦନପତ୍ରଗୁଡ଼ିକ ସରକାରୀ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଲିଖିତ ।

## (୧)

**ତୁମ ଅଞ୍ଚଳରେ ଅଚଳ ହୋଇ ପଡ଼ିଥିବା ନଳକୂପ ଗୁଡ଼ିକର ମରାମତି କାର୍ଯ୍ୟ ସଂପନ୍ନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ।**

ମାନନୀୟ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ ଭବାନୀପାଟଣା, କଳାହାଣ୍ଡି, ଓଡ଼ିଶା ।
ବିଷୟ:- ଅଚଳ ହୋଇ ପଡ଼ିଥିବା ନଳକୂପଗୁଡ଼ିକର ମରାମତି ସମ୍ପର୍କରେ ।
ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଯେ ଆମେ 'ନରଲା' ଅଧିବାସୀଗଣ ଜଣାଉଅଛୁକି ଚଳିତବର୍ଷ ଏପ୍ରିଲ ମାସର ପ୍ରଚଣ୍ଡ ଖରା ହେତୁ ଏଠାରେ ଥିବା କୂଅ,

ପୋଖରୀ ଓ ନାଳ ସବୁ ଶୁଖିଯାଇଛି । ଜଳକଷ୍ଟକୁ ଦୂର କରିବା ପାଇଁ ବର୍ଷକ ତଳେ ଆମ ଗ୍ରାମରେ ଯେଉଁ ପନ୍ଦର ଗୋଟି ନଳକୂପ ଖୋଳା ଯାଇଥିଲା, ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏବର୍ଷ ପ୍ରାୟ ସବୁ ନଳକୂପ ଅଚଳ ହୋଇପଡ଼ିଛି । କେତୋଟି ନଳକୂପରୁ କାଦୁଅ ବାଲି ସହିତ ଲୁହାମିଶା ପାଣି ବାହାରୁଛି ।

ଏ ସଂପର୍କରେ ଆମ୍ଭେମାନେ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟି ଦୁଇଥର ଲିଖିତ ଓ ଥରେ ମୌଖିକ ଅଭିଯୋଗ କରିବା ପରେ ଯେଉଁ ମରାମତି କାର୍ଯ୍ୟ ହୋଇଥିଲା ତାହା ପୁଣି ଅଚଳ ହୋଇପଡିଛି ।

ଏଣୁ ଆପଣଙ୍କୁ ବିନୀତ ଅନୁରୋଧ, ଆପଣ ସ୍ୱତନ୍ତ୍ର ଅନୁସନ୍ଧାନ ପୂର୍ବକ ନଳକୂପଗୁଡ଼ିକର ମରାମତି ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ଆମ ଗ୍ରାମର ଜଳକଷ୍ଟ ଦୂର ହୋଇପାରିବ ।ଇତି ।

ନରଲା ଗ୍ରାମବାସୀବୃନ୍ଦ
ରାମଚନ୍ଦ୍ର ସାହୁ,
ଗୋପବନ୍ଧୁ ମହାନ୍ତି,
ଶରତ ଚନ୍ଦ୍ର ସାମଲ
ରଂଜନ କୁମାର ସେନାପତି
ଦେବାଶିଷ ପ୍ରଧାନ
ରାମଚନ୍ଦ୍ର କାଣ୍ଡି
ଧନେଶ୍ୱର ଖୁଣ୍ଟିଆ

ନରଲା,
ତା ୪.୪.୨୦୧୭

## (୨)

**ତୁମ ଅଞ୍ଚଳରେ 'ସ୍ୱାଇନ୍-ଫ୍ଲୁ'ର ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କୁ ଆବେଦନ ପତ୍ର ।**

ଶ୍ରୀଯୁକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଯାଜପୁର ଜିଲ୍ଲା, ଯାଜପୁର ଓଡ଼ିଶା
ବିଷୟ:- 'ସ୍ୱାଇନ୍-ଫ୍ଲୁ'ର ପ୍ରତିକାର ସମ୍ବନ୍ଧରେ ।
ମହାଶୟ,

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀଗଣ କାଇପଡ଼ା ପଞ୍ଚାୟତ ଅଧୀନସ୍ଥ କଳାମାଟିଆ ଗ୍ରାମର ଅଧିବାସୀ ଅଟୁ। ଦୁଃଖର ସହିତ ଜଣାଉ ଅଛୁକି ଆମ ଗ୍ରାମଟି ଏବେ ଦୈବଦୁର୍ବିପାକର ଶିକାର ହେବା ସହିତ 'ସ୍ୱାଇନ୍-ଫ୍ଲୁ' ଭଳି ଏକ ଭୟଙ୍କର ରୋଗରେ ଆକ୍ରାନ୍ତ ହୋଇଛି । ଏହି ରୋଗରେ ୪ଜଣ ପୀଡ଼ିତ ହୋଇ ମୃତ୍ୟୁବରଣ କଲେଣି । ଏଚ.୧, ଏନ୍.୧ ଭୂତାଣୁ ସଂକ୍ରମିତ ଏହି ବ୍ୟାଧିକୁ ପ୍ରତିହତ କରିବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗର କର୍ମୀମାନେ ତତ୍ପରତା ପ୍ରକାଶ କରୁନାହାନ୍ତି । ଜ୍ୱରାକ୍ରାନ୍ତ ରୋଗୀମାନଙ୍କ ଅବସ୍ଥା ବୁଝିବା, ସେମାନଙ୍କ କଫ ଇତ୍ୟାଦି ପରୀକ୍ଷା କରିବା, ବିନା ମୂଲ୍ୟରେ ମାସ୍କ ଯୋଗାଇ ଦେବା କାର୍ଯ୍ୟରେ ସେମାନେ ଅବହେଳା କରୁଛନ୍ତି । ଫଳରେ ଏହା ମହାମାରୀ ରୂପ ନେବାକୁ ବସିଲାଣି ।

ଏଣୁ ବିନୀତ ଅନୁରୋଧ କରୁକି ପରିସ୍ଥିତିର ଭୟାବହତାକୁ ବିଚାର କରି ଏହି ମାରାତ୍ମକ ରୋଗର ପ୍ରତିକାର ପାଇଁ ସରକାରୀ ସ୍ତରରେ ଆପଣ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହେବେ । ଇତି ।

ଆପଣଙ୍କର ବିଶ୍ୱସ୍ତ
ଗୋପକୃଷ୍ଣ ବେହେରା
ପ୍ରଶାନ୍ତ ପଟ୍ଟନାୟକ
ନରହରି ସ୍ୱାଇଁ ଓ
କଳାମାଟିଆ ଗ୍ରାମବାସୀବୃନ୍ଦ

କଳାମାଟିଆ
ଯାଜପୁର
ତା. ୧/୪/୨୦୧୭

## (୩)

**ଘରପୋଡ଼ିଜନିତ ରିଲିଫ (ସାହାଯ୍ୟ) ପ୍ରଦାନ ପାଇଁ ସାମୂହିକ ଆବେଦନ ପତ୍ର ।**

ସମ୍ମାନନୀୟ ଜିଲ୍ଲାପାଳ, ଢ଼େଙ୍କାନାଳ, ଓଡ଼ିଶା

ବିଷୟ- ରିଲିଫ ସାହାଯ୍ୟ ସଂପର୍କରେ....

ମହାଶୟ;

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀ ଢ଼େଙ୍କାନାଳ ଜିଲ୍ଲାସ୍ଥ ଭୁବନ ଗ୍ରାମର ଅଧିବାସୀମାନେ ଘରପୋଡ଼ି ପରି ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସରକାରୀ ସାହାଯ୍ୟ ପାଇବା ପାଇଁ ନିବେଦନ କରୁଅଛୁ ।

ଦୁଃଖର କଥା ଯେ ଗତିରାତିରେ ଆମ ଗ୍ରାମରେ ନିଆଁ ଲାଗି ପ୍ରାୟ ଦୁଇଶହ ଘର ପୋଡ଼ିଯାଇଛି । ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ଏହି ବିପର୍ଯ୍ୟୟରେ ଲୋକମାନଙ୍କର ଟଙ୍କା ପଇସା, ଧାନ ଅମାର, ଗୃହ ପାଳିତ ପଶୁ ଓ ଆସବାବ ପତ୍ର ସବୁ ପୋଡ଼ି ଧ୍ୱଂସ ହୋଇଯାଇଛି । ନିଆଁ ଲାଗିବା ପରେ ଅଧିକାଂଶ ଲୋକ ଘର ଭିତରୁ ଚାଲି ଆସି ପ୍ରାଣରକ୍ଷା କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଦରପୋଡ଼ା ହୋଇ ୧୫ ଜଣ ଢ଼େଙ୍କାନାଳ ମୁଖ୍ୟ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଦୁଇଟି ଶିଶୁଙ୍କର ମୃତ୍ୟୁ ଘଟିଛି ଦୁଇଟି ଗାଈ, ଓ ଦଶଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି । ଅନୁମାନିକ ପ୍ରାୟ ୨୦ ଲକ୍ଷ ଟଙ୍କାର ଧନ ସମ୍ପତ୍ତି ଏହି ଘର ପୋଡ଼ି ଯୋଗୁ ନଷ୍ଟ ହୋଇଛି । ଲୋକମାନେ ଖୋଲା ଆକାଶ ତଳେ ଭୋକ ଉପାସରେ ପଡ଼ିରହିଛନ୍ତି । ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଖରା ସେମାନଙ୍କ ଦୁଃଖ, ଦୁର୍ଦ୍ଦଶାକୁ ବଢ଼େଇ ଦେଇଛି । ସେମାନଙ୍କ ପାଖରେ ଖାଇବାକୁ ଦାନା ନାହିଁ କି ପିନ୍ଧିବାକୁ କନା ନାହିଁ ।

ଏ ପରିସ୍ଥିତିରେ ଘରପୋଡ଼ିରେ କଷ୍ଟ ଭୋଗୁଥିବା ଲୋକମାନଙ୍କୁ ସାତଦିନ ପାଇଁ ମାଗଣା ରନ୍ଧା ଖାଦ୍ୟ, ଅସ୍ଥାୟୀ ଭାବରେ ରହିବା ପାଇଁ ପାଲ ଓ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଅର୍ଥ ସହାୟତା ପ୍ରଦାନ କରିବାକୁ ଆମ୍ଭେ ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ କରୁଅଛୁ। ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଆମ୍ଭେମାନେ ଚିରୋପକୃତ ହେବୁ। ଇତି।

ଆପଣଙ୍କର ବିଶ୍ୱସ୍ତ

ଭୁବନ ଗ୍ରାମର ଅଧିବାସୀବୃନ୍ଦ

ଭୁବନ

୧୪/୫/୨୦୧୭

୧. ରସାନନ୍ଦ ସେଠୀ

୨. ଧନେଶ୍ୱର ମହାଲିକ

୩. ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ

୪. ବସନ୍ତ ବିଶ୍ୱାଳ

୫. ଅଗଣି ସାହୁ

୬. ଶ୍ୟାମ ସୁନ୍ଦର ପ୍ରଧାନ

୭. ମାନ ଗୋବିନ୍ଦ ଖୁଣ୍ଟିଆ

## (୪)

**ବାର୍ଦ୍ଧକ୍ୟଭତ୍ତା ପ୍ରଦାନ ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଆବେଦନ ପତ୍ର**

ସମ୍ମାନନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲିଆପାଳ।

ବିଷୟ- ବାର୍ଦ୍ଧକ୍ୟଭତ୍ତା ପ୍ରଦାନ ନିମନ୍ତେ ଆବେଦନ।

ମହାଶୟ,

ମୁଁ ରାମଚନ୍ଦ୍ର ମୁର୍ମୁ ପି ୰ମହେଶ ମୁର୍ମୁ ସା:/ପୋ:– ହରିଦାସପୁର, ଜିଲ୍ଲା ବାଲେଶ୍ୱର ମୋତେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ନିମିତ୍ତ ବିନୀତ ନିବେଦନ କରୁଅଛି।

ବର୍ତ୍ତମାନ ମୋର ବୟସ ୭୦ ବର୍ଷ। ମୋର ଚଳିବା ନିମିତ୍ତ ପୈତୃକ ସଂପତ୍ତି ନାହିଁ। ମୁଁ ପରଘରେ ପାଇଟି କରି ପେଟ ପୋଷେ। ଅତ୍ୟଧିକ ବୟସ ହେତୁ ମୁଁ ଏବେ କାମଧନ୍ଦାକୁ ପାରୁନାହିଁ। ମୋର ଭଲ ମନ୍ଦ ବୁଝିବାରୁ କେହି ନାହାନ୍ତି। ବାର୍ଦ୍ଧକ୍ୟ ଭତ୍ତାପାଇଁ ମୁଁ ଆଗରୁ ୧.୧୨.୧୬ରିଖରେ ଆବେଦନ କରିଥିଲେ ହେଁ ତାହା ମୋତେ ମିଳିନାହିଁ। ବର୍ତ୍ତମାନ ଦାରିଦ୍ର୍ୟ ଓ ଆର୍ଥିକ ସମସ୍ୟା ହେତୁ ମୋର ବଞ୍ଚିବା ଦିନକୁ ଦିନ ଦୁର୍ବିସହ ହୋଇପଡୁଛି। ଓଳିଏ ଖାଇଲେ ଆର ଓଳିକୁ ଉପାସ।

ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକମାନଙ୍କ ଚଳିବା ପାଇଁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଅଛନ୍ତି ଓ ବରିଷ୍ଠ ନାଗରିକ ମାନଙ୍କ ସୁଖ ଓ ସୁବିଧା ପାଇଁ ମଧ୍ୟ ବହୁ ପଦକ୍ଷେପ ଗ୍ରହଣ କରୁଅଛନ୍ତି। ଏପରି ସ୍ଥଳେ ମୋପରି ଜଣେ ଅସହାୟ ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟଭତ୍ତା ଦେବାପାଇଁ ମୁଁ ଆପଣଙ୍କୁ ନିବେଦନ କରୁଛି। ଇତି।

ଆପଣଙ୍କର ବିଶ୍ୱସ୍ତ
ରାମଚନ୍ଦ୍ର ମୁର୍ମୁ
ହରିଦାସପୁର
ଜି: ବାଲେଶ୍ୱର

ହରିଦାସପୁର
ତା ୨୭/୧/୨୦୧୭

(୪)

## ଛାତ୍ର କଲ୍ୟାଣ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟକୁ ଆବେଦନ

ସମ୍ମାନନୀୟ ଅଧକ୍ଷ, ଧରଣୀଧର କନିଷ୍ଠ ମହାବିଦ୍ୟାଳୟ, କେନ୍ଦୁଝର।

ବିଷୟ- ଛାତ୍ର କଲ୍ୟାଣ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଆବେଦନ।

ମହାଶୟ,

ମୁଁ ରାଜୀବ କୁମାର ସ୍ୱାଇଁ ଆପଣଙ୍କ ମହାବିଦ୍ୟାଳୟରେ ଏକାଦଶ ଶ୍ରେଣୀ (ବିଜ୍ଞାନ)ରେ ଅଧୟନ କରୁଅଛି। ମୁଁ ଗତ ମାଧ୍ୟମିକ ପରୀକ୍ଷାରେ ୮୫ ପ୍ରତିଶତ

ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲି । ମୋର ବାପା ଚାଷକରି ଆମ ପରିବାର ପ୍ରତିପୋଷଣ କରନ୍ତି । ମୋର ପଢ଼ା ଖର୍ଚ୍ଚ ବହନ କରିବାକୁ ସେ ଅକ୍ଷମତା ପ୍ରକାଶ କରୁଛନ୍ତି । କିଛି ସହୃଦୟ ବ୍ୟକ୍ତିଙ୍କ ସାହାଯ୍ୟରେ ମୁଁ ଏବର୍ଷ ଏକାଦଶ ଶ୍ରେଣୀ (ବିଜ୍ଞାନ)ରେ ନାମ ଲେଖାଇଛି । ବିଜ୍ଞାନ ଉପକରଣ ଓ ପୁସ୍ତକ କ୍ରୟ କରିବା ମୋ ପକ୍ଷରେ ସମ୍ଭବ ହୋଇପାରୁ ନାହିଁ ।

ଏଣୁ ମୁଁ ସବିନୟ ଅନୁରୋଧ କରୁଅଛି ଯେ ମୋତେ ଆପଣଙ୍କ ମହାବିଦ୍ୟାଳୟର ଛାତ୍ର କଲ୍ୟାଣ ପାଣ୍ଠିରୁ କିଛି ଆର୍ଥିକ ସହାୟତା ପ୍ରଦାନ କଲେ ମୁଁ ଉପକୃତ ହେବି ଏବଂ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି । ଇତି ।

ଆପଣଙ୍କର ଆଜ୍ଞାଧୀନ ଛାତ୍ର

ଧରଣୀଧର କନିଷ୍ଠ ମହାବିଦ୍ୟାଳୟ　　ରାଜୀବ କୁମାର ସ୍ୱାଇଁ

କେନ୍ଦୁଝର　　ଏକାଦଶ ଶ୍ରେଣୀ (ବିଜ୍ଞାନ)

ତା ୫/୮/୨୦୧୬　　ରୋଲ ନମ୍ବର -୪୫

(୬)

**ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଆବେଦନ ପତ୍ର ।**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ- 'କ୍ୟାନ୍‌ସର' ପରି ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ସହାୟତା ପାଇଁ ଆବେଦନ ।

ମହାଶୟ,

ମୁଁ ଶ୍ରୀ ବସନ୍ତ କିଶୋର ପରିଡ଼ା ପିତା ଶ୍ରୀ ସଦାଶିବ ପରିଡ଼ା ଗ୍ରାମ- ମାର୍ଶାଘାଇ ପୋ- ମାର୍ଶାଘାଇ ଜି- କେନ୍ଦ୍ରାପଡ଼ା ମୋର ଦୁଃଖ କାହାଣୀ ଆପଣଙ୍କ ପାଖରେ ଉପସ୍ଥାପିତ କରି ଆର୍ଥିକ ସହାୟତା ପାଇଁ ପ୍ରାର୍ଥନା କରୁଅଛି ।

ମୁଁ ଜଣେ ଦିନ ମଜୁରିଆ । ମୋର ଦୁଇଟି ଝିଅ, ବାପା, ମା' ଓ ସ୍ତ୍ରୀକୁ ଧରି ମୁଁ ଗାଁରେ ଅଭାବରେ ଚଳେ । ବିଲବାଡ଼ିରେ ମଜୁରି ଲାଗି ମୋ ପରିବାରର ଗୁଜୁରାଣ କଷ୍ଟେମଷ୍ଟେ ମେଣ୍ଟାଏ ।

ମାତ୍ର ଦୁଇ ମାସ ତଳେ ମୋର ଆଖିପତାର ମାଂସ ବଢ଼ିବାକୁ ଲାଗିଲା । ଯେତେ ଔଷଧ ଖାଇଲେ ମଧ୍ୟ ଫୁଲା କମିଲା ନାହିଁ କି ଯନ୍ତ୍ରଣାରୁ ମୁକ୍ତି ମିଳିଲା ନାହିଁ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲର ଡାକ୍ତରଙ୍କୁ ଦେଖାଇଲା ପରେ ଡାକ୍ତର କହିଲେ ଯେ ମୁଁ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇଛି । ରୋଗ ପ୍ରାଥମିକ ସ୍ତରରେ ଥିବାରୁ ଅପରେସନ୍ କରାଗଲେ ଏହା ଭଲ ହୋଇ ପାରିବ । ଅପରେସନ୍ ପାଇଁ ପ୍ରାୟ ଦୁଇଲକ୍ଷ ଟଙ୍କା ଆବଶ୍ୟକ ବୋଲି ସେ କହିଲେ । ଏତେ ପରିମାଣର ଅର୍ଥ ମୋ ପରି ଜଣେ ଅଭାବୀ ଦିନ ମଜୁରିଆ ପକ୍ଷରେ ଯୋଗାଡ଼ କରିବା ସମ୍ଭବ ନୁହେଁ ।

ଏଣୁ ମୁଁ ବିନୀତ ଅନୁରୋଧ କରେ କି ଆପଣ ମୋର ଶୋଚନୀୟ ଅବସ୍ଥାକୁ ବିଚାର କରି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆବଶ୍ୟକ ଅର୍ଥ ମଂଜୁର କଲେ ମୋର ଜୀବନ ରକ୍ଷା ହେବା ସହିତ ମୋ ପରିବାର ଉପକୃତ ହୋଇପାରିବେ । ଆପଣଙ୍କର ମହାନୁଭବତା ପାଇଁ ମୁଁ ଚିରକୃତଜ୍ଞ ରହିବି । ଇତି ।

ଇତି ଆପଣଙ୍କର ବିଶ୍ୱସ୍ତ

ମାର୍ଶାଘାଇ — ଶ୍ରୀ ବସନ୍ତ କିଶୋର ପରିଡ଼ା

କେନ୍ଦ୍ରାପଡ଼ା — ଗ୍ରାମ-ମାର୍ଶାଘାଇ

ତା. ୧/୧/୧୭ — ପୋ-ମାର୍ଶାଘାଇ

ଜିଲ୍ଲା-କେନ୍ଦ୍ରାପଡ଼ା

(୭)

## ବଣୁଆ ହାତୀ ଆକ୍ରମଣ (ଆତଙ୍କ)ରୁ ଗ୍ରାମବାସୀମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ବନବିଭାଗ କର୍ତ୍ତୃପକ୍ଷଙ୍କୁ ଆବେଦନ ।

ସମ୍ମାନନୀୟ ବନଖଣ୍ଡ ଅଧିକାରୀ, ଚନ୍ଦକା ଅଭୟାରଣ୍ୟ ବନମଣ୍ଡଳ, ଖୋର୍ଦ୍ଧା ।

ବିଷୟ- ବଣୁଆ ହାତୀମାନଙ୍କ ଉପଦ୍ରବରୁ ରକ୍ଷାପାଇଁ ବିହିତ ପଦକ୍ଷେପ ନେବାକୁ ପ୍ରାର୍ଥନା...

ମହାଶୟ,

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀଗଣ ଆପଣଙ୍କ ବନମଣ୍ଡଳ ଅଧୀନସ୍ଥ ମେଣ୍ଢାଶାଳ ଗ୍ରାମର ଅଧିବାସୀ ଅଟୁ । ଆମ ଗ୍ରାମର ଅନତି ଦୂରରେ ଚନ୍ଦକା ଅଭୟାରଣ୍ୟ ଅବସ୍ଥିତ । ଏଇ କେତେ ବର୍ଷ ହେଲା ଅଭୟାରଣ୍ୟରୁ ବଣୁଆ ହାତୀପଲ ଗ୍ରାମ ଭିତରକୁ ପ୍ରବେଶ କରି ଫସଲ ନଷ୍ଟ କରିବା ସହିତ ଘରଦ୍ୱାର ଭାଙ୍ଗିବା ଓ ଲୋକମାନଙ୍କୁ ଗୋଡରେ ଦଳିଚକଟି ଦେବା ଆମ୍ଭମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ଗତମାସ ପ୍ରଥମ ସପ୍ତାହ (୧୨/୨/୧୬) ତାରିଖ ରାତ୍ର ଆଠ ଘଟିକା ସମୟରେ ପ୍ରାୟ ୩୦ଟି ହାତୀ ଗ୍ରାମର ପନ୍ଦର ଏକରରୁ ଉର୍ଦ୍ଧ୍ୱ ଜମିର ଧାନ ଫସଲ ନଷ୍ଟ କରିବା ସହ ଜଣେ ବୟସ୍କପୁରୁଷ ଓ ଗୋଟିଏ ଶିଶୁକୁ ଅତି ନିର୍ମମ ଭାବରେ ପାଦରେ ଦଳି ଦେଇଛନ୍ତି । ରାତ୍ର ସମୟରେ ଆମେ ଗ୍ରାମବାସୀ ନିଆଁହୁଳା, ଘଣ୍ଟି ଓ ବାଦ୍ୟ ସାହାଯ୍ୟରେ ସେମାନଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରି ବିଫଳ ହୋଇଛୁ । ଏ ବିଷୟରେ ସ୍ଥାନୀୟ ପ୍ରଶାସନ ଓ ପୁଲିସଙ୍କୁ ଜଣାଇଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇପାରୁନାହିଁ । ଫଳରେ ଆମ୍ଭମାନଙ୍କର ଧନ ଜୀବନ ବିପନ୍ନ ହେବାରେ ଲାଗିଛି ।

ବିନୀତ ପ୍ରାର୍ଥନା କରୁଛି ଆମ୍ଭମାନଙ୍କର ଆବେଦନକୁ ଗମ୍ଭୀରତା ସହକାରେ ବିଚାର କରି ଧନ ଜୀବନ ରକ୍ଷା ପାଇଁ ଦୃଢ଼ ଓ ସ୍ଥାୟୀ ବ୍ୟବସ୍ଥା କଲେ ଆମେ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବୁ । ଇତି ।

ଆପଣଙ୍କର ବିଶ୍ୱସ୍ତ

ମେଣ୍ଢାଶାଳ ଗ୍ରାମର ଅଧିବାସୀବୃନ୍ଦ

ଚନ୍ଦ୍ରକାନ୍ତ ମହାରଣା
ନେତ୍ରାନନ୍ଦ ମଲ୍ଲ
ରାଧାଶ୍ୟାମ ମହାଳିକ
ବୃନ୍ଦାବନ ଜେନା
ବଂଶୀଧର ତ୍ରିପାଠୀ
ଅବିନାଶ ମହାନ୍ତି
କୃତ୍ତିବାସ ଷଡ଼ଙ୍ଗୀ

ମେଣ୍ଢାଶାଳ
ତା ୧୮/୨/୧୬

(୮)

**ମୋଟର ବାଇକ ଚୋରି ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଏତଲା(F.I.R)**

ମାନନୀୟ ଥାନା ଅଧିକାରୀ,ବିଡ଼ାନାସୀ ଥାନା, କଟକ

ବିଷୟ–ଚୋରି ଯାଇଥିବା ହିରୋହୋଣ୍ଡା ମୋଟର ସାଇକେଲ ସମ୍ବନ୍ଧରେ ତଦନ୍ତ ପାଇଁ ଅନୁରୋଧ ।

ମହାଶୟ,

ମୁଁ ଦୀନବଂଧୁ ଓଝା, ପିତା–ଭଜହରି ଓଝା ଗ୍ରା: ମର୍କତନଗର ପୋ– ମର୍କତନଗର ଜି : କଟକ ଅଞ୍ଚଳର ବାସିନ୍ଦା ଅଟେ । ଆଜି ସକାଳ ୯ ଘଟିକା ସମୟରେ ପରିବା

କିଣିବା ପାଇଁ ମୁଁ କୃଷକ ବଜାର ଯାଇଥିଲି। କୃଷକ ବଜାରର ସମ୍ମୁଖସ୍ଥ ପାଚେରୀ ପାଖରେ ଥିବା ଗାଡ଼ିଷ୍ଟାଣ୍ଡରେ ମୋର ହିରୋହୋଣ୍ଡା ମଟର ସାଇକେଲ ରଖି ବଜାର ମଧ୍ୟକୁ ଯାଇଥିଲି । ସମସ୍ତ କାର୍ଯ୍ୟ ସାରି ଫେରିବାପରେ ଦେଖେତ ମୋ ଗାଡ଼ିଟି ଗାଡ଼ିଷ୍ଟାଣ୍ଡରେ ନାହିଁ। ଗାଡ଼ି ଷ୍ଟାଣ୍ଡର ଜଗୁଆଳି ମୋ ଗାଡ଼ି ସମ୍ପର୍କରେ କିଛି ଜାଣିନାହିଁ ବୋଲି କହିଲା । ମୋର ଗାଡ଼ିର ନମ୍ବରଓ.ଆର.ଡ଼ି୧ ୨୬୪ ଓ ଏହାର ରଙ୍ଗ କଳା। ଏହାର ପଛ ପାଖରେ ଥିବା କାଚରେ ଜଗନ୍ନାଥଙ୍କ ଏକ ଫଟୋ ଲଗାଯାଇଛି। ମୋର ସନ୍ଦେହ ଗାଡ଼ି ରଖିଲାବେଳେ ସେଠାରେ ଠିଆ ହୋଇଥିବା ଦୁଇଜଣ ଯୁବକ ଗାଡ଼ିଷ୍ଟାଣ୍ଡର ଜଗୁଆଳିର ଜାଣତରେ ଏପରି କାର୍ଯ୍ୟ କରିଅଛନ୍ତି । ସୂଚନାଯୋଗ୍ୟ ଯେ ଦୁଇଜଣଙ୍କ ବୟସ ପ୍ରାୟ ୨୫ ରୁ ୩୦ ଭିତରେ ଏବଂ ସେ ଦୁହେଁ ଦେଖିବାକୁ କଳା। ସେମାନଙ୍କ ମଧରୁ ଜଣେ ଗୋଲାପି ରଙ୍ଗର ସାର୍ଟ ପିନ୍ଧିଥିବା ବେଳେ ଅନ୍ୟ ଜଣେ କଳାରଙ୍ଗର ସାର୍ଟ ପିନ୍ଧିଥିଲା ।

ମୋର ଏହି ଆବେଦନପତ୍ରକୁ ଏଫ୍.ଆଇ.ଆର (FIR) ରୂପେ ଗ୍ରହଣ କରି ଅନୁସଂଧାନ କରିବାକୁ ଅନୁରୋଧ । ଗାଡ଼ିଟିର ସନ୍ଧାନ ପାଇ ମୋ ଗାଡ଼ିକୁ ମୋତେ ହସ୍ତାନ୍ତର କରିପାରିଲେ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି । ଇତି ।

ଆପଣଙ୍କର

ବିଶ୍ୱସ୍ତ

ବିଡ଼ାନାସୀ — ଶ୍ରୀ ଦୀନବନ୍ଧୁ ଓଝା

କଟକ — ପ୍ଲଟ ନଂ-୧୨୫

ତା: ୨୫/୧/୧୭ — ମର୍କତନଗର

କଟକ -୭୫୩୦୧୪

## ଜନସ୍ୱାର୍ଥ ମାମଲା

ମାନ୍ୟବର ମୁଖ୍ୟ ବିଚାରପତି, ଉଚ୍ଚ-ନ୍ୟାୟଳୟ, ଓଡ଼ିଶା, କଟକ ।

ବିଷୟ- ବାଦାମବାଡ଼ି ସରକାରୀ ବସ୍‌ଷ୍ଟାଣ୍ଡଠାରୁ ମର୍କତ ନଗର ସେକ୍ଟର ୧୨ ପର୍ଯ୍ୟନ୍ତ ଟାଉନବସ୍‌ର ଯାତ୍ରାପଥ ପରିବର୍ତ୍ତନ ସଂପର୍କରେ।

ମାନନୀୟେଷୁ,

ନିବେଦନର ଅଭିପ୍ରାୟ ଏହିକି ଯେ ବାଦାମବାଡ଼ି ସରକାରୀ ବସଷ୍ଟାଣ୍ଡରୁ ମର୍କତନଗର ସେକ୍ଟର-୧୨ ପର୍ଯ୍ୟନ୍ତ ସରକାରଙ୍କ ପରିବହନ ବିଭାଗ ତରଫରୁ ଯାତ୍ରୀମାନଙ୍କ ସୁବିଧା ପାଇଁ ଟାଉନବସ ସେବା ଦୁଇବର୍ଷ ହେଲା ଚାଲିଆସୁଥିଲା। ଏଇ ବସସବୁ ବାଦାମବାଡ଼ିରୁ ବାହାରି ସତୀଚଉରା ଦେଇ ୧୧ ନମ୍ବର ବିଜୁପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ ଯାଉଥିଲା। ସରକାରୀ ବସ ସହିତ ଘରୋଇ ବସ ମଧ୍ୟ ପ୍ରତି ଅଧଘଣ୍ଟାରେ ଯିବା ଆସିବା ଫଳରେ ମର୍କତନଗରର ବାସିନ୍ଦାମାନେ ସହଜରେ ରାଜଧାନୀ ଭୁବନେଶ୍ୱର ଓ କଟକକୁ ଯାଇ ପାରୁଥିଲେ। ମର୍କତନଗରରେ ବାପା-ମା'ଙ୍କ ପାଖରେ ରହି ବହୁ ଛାତ୍ର/ଛାତ୍ରୀ କଟକ, ଭୁବନେଶ୍ୱରରେ ଥିବା ମହାବିଦ୍ୟାଳୟ, ଇଂଜିନିୟରିଂ କଲେଜ ଓ କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ି ଘରକୁ ଫେରି ଆସି ପାରୁଥିଲେ।

କିନ୍ତୁ ଗଭୀର ପରିତାପର ବିଷୟ ଯେ ସରକାରଙ୍କ ପ୍ରଶାସନ ନଗର ଉନ୍ନୟନ ଓ ପରିବହନ ବିଭାଗର ନିଷ୍ପତ୍ତି ଅନୁଯାୟୀ ବାଦାମବାଡ଼ିରୁ ଟାଉନବସ୍‌ଗୁଡ଼ିକ ମର୍କତନଗରର ଭିତର ରାସ୍ତାରେ ନ ଯାଇ କାଠଯୋଡ଼ି ରିଙ୍ଗ୍‌ବନ୍ଧରେ ଯାତାୟାତ କରୁଛନ୍ତି। ଫଳରେ ଛୋଟ ଛୋଟ ପିଲା, ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀ

ଓ ବରିଷ୍ଠ ନାଗରିକମାନେ ଯାତାୟାତ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଠଯୋଡ଼ି ନଦୀବନ୍ଧର ସବୁସ୍ଥାନରେ ଆଲୋକ ଯୋଗାଇ ଦିଆଯାଇନାହିଁ। ବନ୍ଧର ବହୁ ସ୍ଥାନ ଜଙ୍ଗଲିଆ ଓ ଅନ୍ଧକାର ହୋଇଥିବାରୁ ରାତ୍ରିରେ ଯାତାୟାତ କରିବା କଷ୍ଟକର। ଅଟୋରିକ୍ସା ମଧ୍ୟ ଏହି ରାସ୍ତାରେ ଉପଲବ୍ଧ ହେଉନାହିଁ। ବନ୍ଧରେ ବିଶେଷ କରି ରାତ୍ରି ସମୟରେ ଲୁଟେରା, ମଦ୍ୟପ ଓ ଚୋରମାନେ ମର୍କତନଗରବାସୀଙ୍କ ଧନ ଜୀବନ ପ୍ରତି ବିପଦର କାରଣ ହେଉଛନ୍ତି।

ଏସବୁ କଥାକୁ ବିଚାର କରି ମର୍କତନଗରର ନାଗରିକ ସମିତି ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ଦେଇ ପୂର୍ବପରି ବସଗୁଡ଼ିକୁ ମର୍କତନଗରର ବିଭିନ୍ନସେକଟର ଦେଇ ଯିବା ଆସିବା କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହା ଅରଣ୍ୟ ରୋଦନରେ ପରିଣତ ହୋଇଛି।

ଏଣୁ ବିନୀତ ଅନୁରୋଧ, ଆପଣ ଏହି ଆବେଦନକୁ ଜନସ୍ୱାର୍ଥ ମାମଲା ରୂପେ ଗ୍ରହଣ କରି ମର୍କତନଗରର ସେକ୍ଟର ରାସ୍ତାରେ ବସ ପୁନଃ ଚଳାଚଳ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆଦେଶ ପ୍ରଦାନ କରନ୍ତୁ। ଇତି।

କଟକ
ତା. ୭/୨/୧୭

ଇତି ଆପଣଙ୍କର ବିଶ୍ୱସ୍ତ
ଶ୍ୟାମସୁନ୍ଦର ପରିଡ଼ା
ସି.ଡ଼ି.ଏ. ପ୍ଲଟ ନଂ-୧୫୯୯
ମର୍କତ ନଗର
କଟକ-୭୫୩୦୧୪।

## ସାମୟିକ ଛୁଟି

### (୧)

### ସାମୟିକ ଛୁଟି (Casual Leave) ନିମିତ୍ତ ଆବେଦନ ପତ୍ର

ମାନନୀୟ ଶ୍ରୀଯୁକ୍ତ ପ୍ରଧାନ ଶିକ୍ଷକ, ବରି ମଧ୍ୟଇଂରାଜୀ ବିଦ୍ୟାଳୟ, ବରି ।

ବିଷୟ- ଦୁଇଦିନ ସାମୟିକ ଛୁଟି ମଞ୍ଜୁର ପାଇଁ ଆବେଦନ ।

ମହାଶୟ,

ସମ୍ମାନର ସହିତ ଆପଣଙ୍କୁ ଜଣାଉଛି ଯେ, ମୋର ପାଦରେ ଯନ୍ତ୍ରଣା ହେଉଥିବାରୁ ମୁଁ ଚାଲିଲାବେଳେ କଷ୍ଟ ଅନୁଭବ କରୁଛି । ତେଣୁ ବିଦ୍ୟାଳୟକୁ ଯିବା ମୋ ପକ୍ଷରେ ସଂଭବ ହେଉନାହିଁ । ଏଥିପାଇଁ ୧୩/୧/୧୭ ଓ ୧୪/୧/୧୭ ଦୁଇଦିନ ସାମୟିକ ଛୁଟି ମଞ୍ଜୁର ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଅଛି ।

ଆପଣ ଅନୁଗ୍ରହ କରି ଉପରୋକ୍ତ ଦୁଇଦିନ ଛୁଟି ମଞ୍ଜୁର କଲେ ମୁଁ କୃତଜ୍ଞ ରହିବି ଇତି ।

ଆପଣଙ୍କର

ବରି

ବିଶ୍ୱସ୍ତ

ତା. ୧୨/୧/୧୭

ମଧୁସୂଦନ ଜେନା

ସରକାରୀ ଶିକ୍ଷକ

ବରି ମଧ୍ୟଇଂରାଜୀ ବିଦ୍ୟାଳୟ

(୨)

## ସାମୟିକ ଛୁଟି ପାଇଁ ଆବେଦନ ପତ୍ର

ମାନନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରଗଡ଼ ।

ବିଷୟ- ସାମୟିକ ଛୁଟି ନିମନ୍ତେ ଆବେଦନ..........

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ, ମୋର ଭାଣିଜୀର ବାହାଘର ତା' ୧୭/୫/୨୦୧୬ରିଖ ବୁଧବାର ଦିନ ଅନୁଷ୍ଠିତ ହେବ। ମୋର ଭିଣୋଇଙ୍କର ଦେହାନ୍ତ ହୋଇଥିବାରୁ କନ୍ୟାପିତାର ଭୂମିକା ନିର୍ବାହ କରିବା ସହିତ ବାହାଘରର ହାନିଲାଭ, ମୋତେ ବୁଝିବାକୁ ପଡ଼ିବ। ମୋର ଭିଣୋଇଙ୍କ ଘର କେନ୍ଦୁଝରର ସଦର ମହକୁମାଠାରୁ ପ୍ରାୟ ଶହେ କି.ମି. ଦୂର। ତେଣୁ ଯିବା ଆସିବା ଓ ବାହାଘର କାମକୁ ମିଶାଇ ମୋର ୫ ଦିନ ସାମୟିକ ଛୁଟି ଆବଶ୍ୟକ।

ଏହି ପରିପ୍ରେକ୍ଷୀରେ ଆପଣ ପରିସ୍ଥିତିର ଗୁରୁତ୍ୱକୁ ବିଚାରକୁ ନେଇ ମୋତେ ୧୪/୫/୧୬ତାରିଖ ଠାରୁ ୧୮/୫/୧୬ତାରିଖ ପର୍ଯ୍ୟନ୍ତ ସାମୟିକ ଛୁଟି ପ୍ରଦାନ କରି ବାଧିତ କରିବା ହେବେ।

ଆପଣଙ୍କର ଏହି ଅନୁଗ୍ରହ ପାଇ ମୁଁ ଆପଣଙ୍କଠାରେ କୃତଜ୍ଞ ରହିବି। ଇତି।

ଆପଣଙ୍କର

ବରଗଡ଼ ବିଶ୍ୱସ୍ତ

ତା. ୧୦/୫/୧୬ ଜନାର୍ଦ୍ଦନ ପତି

ବରିଷ୍ଠ ସହାୟକ

ବରଗଡ଼ ବ୍ଲକ, ବରଗଡ଼

## ସଂପାଦକଙ୍କୁ ପତ୍ର

ସମ୍ବାଦପତ୍ରକୁ ଗଣତନ୍ତ୍ର ଶାସନର ଚତୁର୍ଥ ସ୍ତମ୍ଭ ବୋଲି ବିଚାର କରାଯାଏ । ସମ୍ବାଦପତ୍ର କେବଳ ସମ୍ବାଦ ପରିବେଷଣ କରେ ନାହିଁ, ଜନ ମତ ସୃଷ୍ଟି କରିବା ସହିତ ସାଧାରଣ ଲୋକଙ୍କର ଅସନ୍ତୋଷ ଓ ଅଭିଯୋଗକୁ ପ୍ରକାଶିତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ସମ୍ବାଦପତ୍ର ସାଧାରଣ ନାଗରିକ ଓ ସରକାରଙ୍କ ମଧ୍ୟରେ ସେତୁ ରୂପେ କାର୍ଯ୍ୟ କରେ । ସମ୍ବାଦପତ୍ର ମାଧ୍ୟମରେ ସାଧାରଣ ନାଗରିକ ପ୍ରଶାସନର ଉଦାସୀନତା, ଦୋଷ ଦୁର୍ବଳତାର ଚିତ୍ର ଉପସ୍ଥାପନ କରି ଏହାର ପ୍ରତିକାର ଲୋଡ଼ିଥାଏ । ନାଗରିକମାନେ ଏଥିପାଇଁ ଖବରକାଗଜ ସଂପାଦକମାନଙ୍କୁ ଯେଉଁ ପତ୍ର ଲେଖନ୍ତି ତାହା 'ସଂପାଦକଙ୍କୁ ପତ୍ର' ଶିରୋନାମାରେ ପ୍ରକାଶିତ ହୁଏ ।

### (୧)

### ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଲୋଡ଼ା ।

ମାନନୀୟ ସଂପାଦକ, ପ୍ରଗତିବାଦୀ,
ମଞ୍ଚେଶ୍ୱର- ଶିଳ୍ପାଞ୍ଚଳ, ଭୁବନେଶ୍ୱର ।
ପିନ୍ : ୭୫୧୦୧୦
ମହାଶୟ,

ବିଚ୍ଛିନ୍ନାଞ୍ଚଳରେ ବସବାସ କରି ରହିଥିବା ଓଡ଼ିଆମାନଙ୍କର ଭାଷା ଓ ସଂସ୍କୃତିର ଯେଉଁ କ୍ରମ ଅବକ୍ଷୟ ହୋଇଚାଲିଛି, ତାହା ସଚେତନ ନାଗରିକମାନଙ୍କୁ ବ୍ୟଥିତ କରିଛି । ଏ ସଂପର୍କରେ ଆମ୍ଭେ ନିଜର ଅଭିମତ ଆପଣଙ୍କ ଦୈନିକ ସମ୍ବାଦପତ୍ରରେ "ସଂପାଦକଙ୍କୁ ପତ୍ର" ଶିରୋନାମାରେ ପ୍ରକାଶ କରିବା ପାଇଁ ଏହି ପତ୍ରଟି ଲେଖୁଛୁ । ଆଶା,ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦେଇ ଏହି ପତ୍ରକୁ ଆପଣଙ୍କ ସମ୍ବାଦପତ୍ରରେ ସ୍ଥାନ ଦେବେ ।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ମାନ୍ୟତା ପାଇଥିଲେ ହେଁ ଓଡ଼ିଆ ଭାଷାଭାଷୀ ବହୁ ଅଞ୍ଚଳ ଏପର୍ଯ୍ୟନ୍ତ ଓଡ଼ିଶାରେ ମିଶିନାହିଁ । ସେଗୁଡ଼ିକ

'ଆନ୍ଧ୍ର', 'ଛତିଶଗଡ଼', 'ଝାଡ଼ଖଣ୍ଡ' ଓ 'ପଶ୍ଚିମ ବଙ୍ଗ'ର ଅନ୍ତର୍ଭୁକ୍ତ ହୋଇ ସେହି ସବୁ ରାଜ୍ୟସରକାରଙ୍କ ଦ୍ୱାରା ଶାସିତ ହେଉଛି। କିନ୍ତୁ ସେଠାରେ ଆଜି ଓଡ଼ିଆ ଭାଷା ଓ ସଂସ୍କୃତି ବିପନ୍ନ। ସଂବିଧାନରେ ଭିନ୍ନ ଭାଷାଭାଷୀମାନଙ୍କର ଭାଷା ଓ ସଂସ୍କୃତି ସଂରକ୍ଷଣ ପାଇଁ ଆଇନଗତ ବ୍ୟବସ୍ଥା ଥିଲେ ହେଁ ପ୍ରକୃତରେ ତାହା କାର୍ଯ୍ୟକାରୀ ହେଉନାହିଁ। ସେସବୁ ଅଞ୍ଚଳରେ ସ୍କୁଲ ଥିଲେ ଶିକ୍ଷକ ନାହାନ୍ତି । ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ନାହିଁ । ଓଡ଼ିଆ ଭାଷା ପଢ଼ାଇବାକୁ ଓଡ଼ିଆ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଓଡ଼ିଆ ପୁସ୍ତକ ଅଭାବରୁ ଛାତ୍ର-ଛାତ୍ରୀମାନେ ଓଡ଼ିଆଭାଷା ପଢ଼ିବାକୁ ଆଗଭର ହେଉନାହାନ୍ତି। ପଶ୍ଚିମ ବଙ୍ଗଳାରେ ଓଡ଼ିଆ ଛାତ୍ର-ଛାତ୍ରୀମାନଙ୍କୁ ଓଡ଼ିଆ ବହି ଯୋଗାଇ ଦିଆଯାଉ ନଥିବାରୁ ସେମାନେ ବାଧ୍ୟ ହୋଇ ବଙ୍ଗଳା ବହି ପଢୁଛନ୍ତି।

ବିଚ୍ଛିନ୍ନାଞ୍ଚଳରେ ଆବଶ୍ୟକ ସ୍କୁଲ ପ୍ରତିଷ୍ଠା, ଶିକ୍ଷକ ନିଯୁକ୍ତିଦେବା, ପାଠ୍ୟ ପୁସ୍ତକ ଯୋଗାଇ ଦେବା ଓ ଓଡ଼ିଶାର ପ୍ରତିଷ୍ଠିତ କବି, ଲେଖକ ମାନଙ୍କୁ ପଠାଇ ଓଡ଼ିଆ ଭାଷାର ଗୁରୁତ୍ୱ ବଢ଼ାଇବା ଏବଂ ସର୍ବୋପରି ଓଡ଼ିଶାର ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, କୋଣାର୍କ ଆଦି ଦର୍ଶନୀୟ ସ୍ଥାନ ବୁଲାଇ ଦେଖାଇବା କାର୍ଯ୍ୟ ସରକାର ନ କଲେ, ସେଠାରେ ଆମ ସଂସ୍କୃତି ଲୋପପାଇ ଯିବାର ସମ୍ଭାବନା ଅଧିକ।

ଏହି ପ୍ରସଙ୍ଗ ଉପରେ ଆମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ। ସରକାର ଏଥିପ୍ରତି ସଚେତନ ହୋଇ ବିଛିନ୍ନାଞ୍ଚଳରେ ଭାଷା; ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଉଦ୍ୟମ କରିବେ ବୋଲି ଆଶା କରୁଅଛୁ । ଇତି ।

ଭୁବନେଶ୍ୱର
୧୫/୩/୧୭

ଆପଣଙ୍କର ବିଶ୍ୱସ୍ତ
ଶ୍ରୀ ଶ୍ୟାମାକାନ୍ତ ପାଢ଼ୀ

(୨)

## ସାଇବର ଅପରାଧୀଙ୍କୁ କଠୋର ଦଣ୍ଡ ମିଳୁ।

ମାନନୀୟ ସଂପାଦକ, ସମ୍ବାଦ,
ବି.୨୭, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର ।
ପିନ୍ : ୭୫୧୦୧୦
ମହାଶୟ,

ସାଇବର ଅପରାଧ ଆଜି ଆମ ସାମାଜିକ ଜୀବନକୁ କଳଙ୍କିତ କରିବା ସହିତ ମୁଣ୍ଡ ବ୍ୟଥାର କାରଣ ହୋଇଛି। ସହରଠାରୁ ଆରମ୍ଭ କରି ଗାଁ ଗହଳରେ ଛତୁ ଫୁଟିବା ପରି ସାଇବରକେଫ୍ ଗଢ଼ି ଉଠିବାରେ ଲାଗିଛି। କେତେକ କେଫ୍‌ରେ ଉଚ୍ଚଶିକ୍ଷିତ ଯୁବକଯୁବତୀମାନେ ଏକାଠି ହୋଇ ସମାଜ ବିରୋଧୀ କାର୍ଯ୍ୟ କରୁଅଛନ୍ତି। ସାଇବରକେଫ୍‌ର ମାଲିକମାନେ ଅର୍ଥ ଉପାର୍ଜନ କରିବା ପାଇଁ ଏହି କାର୍ଯ୍ୟକୁ ଉତ୍ସାହିତ କରୁଅଛନ୍ତି। ପିତାମାତାଙ୍କ କଷ୍ଟୋପାର୍ଜିତ ଧନର ଅସଦ୍ ବ୍ୟବହାର ହେଉଛି। ଭଲ ମଣିଷ ହେବାର ସ୍ୱପ୍ନରେ ଯେଉଁ ପିତା-ମାତାମାନେ କଷ୍ଟ ସ୍ୱୀକାର କରି ଛାତ୍ର-ଛାତ୍ରୀମାନଙ୍କୁ ଅଧ୍ୟୟନ କରିବା ପାଇଁ ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି, ସେମାନଙ୍କର ସ୍ୱପ୍ନ ଏହି କାର୍ଯ୍ୟ ଦ୍ୱାରା ଧୂଳିସାତ ହେଉଛି।

ଏହି ପରିପ୍ରେକ୍ଷୀରେ ସମାଜ ତଥା ଦେଶର ହିତ ଓ ବ୍ୟକ୍ତିର ହିତ ଦୃଷ୍ଟିରୁ ସାଇବରକେଫ୍‌ଗୁଡ଼ିକରେ ଚାଲିଥିବା ସମାଜ ବିରୋଧୀ କାର୍ଯ୍ୟର ଅବସାନ ଘଟାଇବା ଜରୁରୀ ହୋଇପଡ଼ିଛି। ସରକାର ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଦୃଢ଼ ଆଇନ ପ୍ରଣୟନ କରିବାକୁ ଆମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଏବଂ ଅନୁରୋଧ କରୁଛୁ ଆମର ଏହି ପତ୍ର (ଆବେଦନ)ଟିକୁ ଆପଣଙ୍କ ସମ୍ବାଦପତ୍ରର 'ସଂପାଦକଙ୍କୁ ପତ୍ର' ବିଭାଗରେ ପ୍ରକାଶ କରି ବାଧିତ କରିବା ହେବେ।ଇତି।

ଆପଣଙ୍କର

ସମ୍ବଲପୁର                ବିଶ୍ୱସ୍ତ

ତା ୧୦.୬.୨୦୧୬                ମଧୁସୂଦନ ତ୍ରିପାଠୀ

(୩)

## ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ହେଉ

ମାନନୀୟ ସଂପାଦକ, ସମାଜ,
ଗୋପବନ୍ଧୁ ଭବନ,
ବକ୍ସିବଜାର, କଟକ।
ପିନ୍ : ୭୫୩୦୦୧
ମହାଶୟ,

ସାଂପ୍ରତିକ ସମାଜରେ ମୂଲ୍ୟବୋଧର ଅବକ୍ଷୟକୁ ଦେଖିଲେ ଯେ କେହି ମାନସିକ ସ୍ତରରେ ଅସହାୟ ବୋଧ କରିବ। ବର୍ତ୍ତମାନ ସମାଜରେ ଈର୍ଷା, ପରଶ୍ରୀକାତରତା, ଚୋରି ଓ ଡକାୟତି ଗ୍ରାମୀଣ ଜୀବନକୁ ତଳିତଳାନ୍ତ କରି ଦେଉଛି । ସାମାଜିକ ଜୀବନରେ ସଂହତି, ସୁଖ ଓ ଶାନ୍ତି ସୁଦୂରପରାହତ ପରି ମନେହେଉଛି। ପୂର୍ବର ଭାଇ-ଚାରା ସଂପର୍କ ଆଜି ନାହିଁ। ମାଲିମକଦ୍ଦମା ଓ ସଂଘର୍ଷ ଜନିତ ଅପରାଧ ଯୋଗୁ କୋର୍ଟ-କଚେରୀକୁ ଯିବାଫଳରେ ଗ୍ରାମ୍ୟ ଅର୍ଥନୀତି ମଧ୍ୟ ଶୋଚନୀୟ ଭାବରେ କ୍ଷତିଗ୍ରସ୍ତ ହେଉଛି।

ଅତୀତରେ ଗ୍ରାମର ଭଲମନ୍ଦ- ବିଚାର ଗ୍ରାମସଭା, ପଞ୍ଚାୟତ ଓ ଭାଗବତ ଘରେ (ଭାଗବତଟୁଙ୍ଗୀ )ହିଁ ହେଉଥିଲା । ସେଠାରେ ବିଭିନ୍ନ ପକ୍ଷର କଥା ଶୁଣି ପଞ୍ଚପରମେଶ୍ୱର ଯେଉଁ ନ୍ୟାୟ ଦେଉଥିଲେ ତାକୁ ସମସ୍ତେ ଗ୍ରହଣ କରୁଥିଲେ। ପ୍ରତିଦିନ ସଂଧ୍ୟାରେ ଚାଷକାମ ଓ ବିଭିନ୍ନ ବେଉସାରୁ ଫେରି ଗ୍ରାମର ଆବାଳବୃଦ୍ଧବନିତା ଗ୍ରାମଦେବୀ ଅବା ଭାଗବତ ଗୋସାଇଁଙ୍କ ଦର୍ଶନ କରୁଥିଲେ । ପରେ ପରେ ଭାଗବତ ପାଠ ଓ ଶେଷରେ ନାମ ସଂକୀର୍ତ୍ତନ ହେଉଥିଲା । ଗ୍ରାମରେ ଭାଇ ଭାଇ ମଧ୍ୟରେ କଳହ ସୃଷ୍ଟି ହେଲେ ପଞ୍ଚାୟତ ବସି ଭାଗବତଟୁଙ୍ଗୀରେ ଆପୋଷ- ମିଳାମିଶା କରି ଦେଉଥିଲେ। ଭାଗବତର ପଦ ମାନଙ୍କୁ ଉଚ୍ଚାରଣ କରି ମୁଖିଆମାନେ ଗଣ୍ଡଗୋଳ ସମାଧାନ କରୁଥିଲେ । ଜନ୍ତାଳ (ପଙ୍କ୍ତି ଭୋଜନ)ରେ ସମସ୍ତେ ଯୋଗ ଦେଉଥିଲେ। ବିଭିନ୍ନ ପର୍ବପର୍ବାଣିରେ ଏକାଠି ହେବା ଓ

ପଂକ୍ତିଭୋଜନରେ ସମସ୍ତେ ଭାଗ ନେବା ଫଳରେ ବିଭିନ୍ନ ସଂପ୍ରଦାୟ ମଧ୍ୟରେ ବିଦ୍ୱେଷଭାବ ସୃଷ୍ଟି ହେଉ ନ ଥିଲା । ସାଆନ୍ତ, ଦାଦା, ମାମୁ, ଭାଇ ଡାକରେ ପରସ୍ପର ପରସ୍ପରକୁ ସମ୍ବୋଧନ କରି ଏକ ସୁନ୍ଦର ଶାନ୍ତ ବାତାବରଣ ସୃଷ୍ଟି କରୁଥିଲେ। ଆଜି କାଲି ତାହା ସ୍ୱପ୍ନପ୍ରାୟ ।

ଏ ପରିପ୍ରେକ୍ଷୀରେ ସମାଜର ସୁଖ-ଶାନ୍ତି ଫେରାଇ ଆଣିବା ପାଇଁ ସରକାର ଭାଗବତ ଟୁଙ୍ଗୀର ପ୍ରତିଷ୍ଠା ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଲେ ପଞ୍ଚାୟତରାଜର ଉପକାରିତା ଉପଲବ୍ଧ ହୁଅନ୍ତା । ସରକାର ଓ ଏ ଦିଗରେ ତତ୍ପରତା ଦେଖାଇବା ପାଇଁ ଆମେ ଆପଣଙ୍କ ସମ୍ବାଦପତ୍ର ଜରିଆରେ ନିବେଦନ କରୁଛୁ । ଇତି ।

ଆପଣଙ୍କର
ବିଶ୍ୱସ୍ତ
ରମାପଦ ପାତ୍ର

ଯଶୁଆପୁର
ମାହାଙ୍ଗା, କଟକ
୨୧ .୦୩ .୨୦୧୭

(୪)

## ଅରଣ୍ୟ ସଂପଦର ସଂରକ୍ଷଣ

ମାନନୀୟ, ସଂପାଦକ, ଧରିତ୍ରୀ,

ବି -୧୫, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର ।

ପିନ୍ : ୭୫୧୦୧୦

ମହାଶୟ,

ଆମେ ଆମ ଅଞ୍ଚଳରେ ଥିବା ଅରଣ୍ୟ ସଂପଦର ସୁରକ୍ଷା ପାଇଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ । ଏକଦା ଜଙ୍ଗଲ ଥିଲା ଆମ୍ଭମାନଙ୍କର ବଞ୍ଚିବାର ଆଶ୍ରୟଦାତା

ଏବଂ ବଞ୍ଚିବାର ମାଧ୍ୟମ । ଜଙ୍ଗଲରୁ ଲାଖ, ଝୁଣା, ମହୁ, ସୁନାରିଛେଲି, ଆମ୍ବ, ପଣସ ଆଦି ଫଳମୂଳ ଏବଂ କିଛି ଔଷଧୀୟ ଗଛଦ୍ୱାର ଆମେ ପ୍ରତିପାଳିତ ହେଉଥିଲୁ । ଏବେ କିନ୍ତୁ ସ୍ୱାର୍ଥପର ମନୁଷ୍ୟଙ୍କ ଦ୍ୱାରା ବହୁ ମୂଲ୍ୟବାନ ଗଛ କଟାଯାଇ ବାହାରକୁ ଚାଲାଣ କରାଯାଉଛି । ଶିକାରୀମାନେ ଲୁଚିଛପି ବନ୍ୟଜନ୍ତୁଙ୍କ ଶିକାର କରିବାଫଳରେ ସେମାନେ ପ୍ରାୟ ଲୁପ୍ତ ହେବାକୁ ବସିଲେଣି । ଅବାଧରେ ପଶୁପକ୍ଷୀର ଶିକାର ଜଙ୍ଗଲର ପରିବେଶକୁ ମଧ୍ୟ ନଷ୍ଟ କରି ଦେଲାଣି । ଜଙ୍ଗଲ ନଷ୍ଟହେବାରୁ ବିଶେଷ କରି ହାତୀମାନେ ଆମ ଆଖପାଖ ଗାଁ ଗଣ୍ଡାରେ ଫସଲହାନି କରିବା ସହ ଆମ ଜୀବନ ପ୍ରତି ବିପଦ ସୃଷ୍ଟିକଲେଣି ।

ପ୍ରକୃତରେ ପ୍ରାକୃତିକ ସୌନ୍ଦର୍ଯ୍ୟର ପୁନରୁଦ୍ଧାର ଆଜି ଏକ ଆହ୍ୱାନ ହୋଇ ଦେଖାଦେଇଛି ଏବଂ ଏ ଦିଗରେ ଆପଣଙ୍କ ପରି କର୍ତ୍ତବ୍ୟନିଷ୍ଠ ସମ୍ପାଦକ ଏକ ନିର୍ଣ୍ଣୟାତ୍ମକ ଭୂମିକା ନେଇପାରିବେ । ଜଙ୍ଗଲଜାତ ଦ୍ରବ୍ୟର ସଂରକ୍ଷଣ ପାଇଁ ଏବଂ ଏହାର ଆଖପାଖରେ ବସବାସ କରି ରହୁଥିବା ଅଧିବାସୀମାନଙ୍କ ନିରାପତ୍ତା ପାଇଁ ଉଚିତ୍ ପଦକ୍ଷେପ ନେବାକୁ ଆପଣଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ଇତି ।

ଆପଣଙ୍କର

ବଂଗମୁଣ୍ଡା — ରାମଚନ୍ଦ୍ର ଶବର

ତା ୧୫.୩.୨୦୧୨ — ଗୋପବନ୍ଧୁ ନାଏକ ଓ ଅନ୍ୟମାନେ

ବଂଗମୁଣ୍ଡା, ବଲାଙ୍ଗିର

# (ଖ) ସଂକ୍ଷିପ୍ତକରଣ

ସଂକ୍ଷିପ୍ତକରଣର ଅନ୍ୟନାମ ହେଉଛି ସାରାଂଶୀକରଣ। ଗୋଟିଏ ବିସ୍ତୃତ ଦୀର୍ଘ ରଚନାର ମର୍ମାର୍ଥକୁ ସଂକ୍ଷିପ୍ତ କରି ପ୍ରକାଶ କରିବାର ଲିଖନକଳାକୁ ସଂକ୍ଷିପ୍ତକରଣ କୁହାଯାଏ। ଇଂରାଜୀ ଭାଷାରେ ଏହାକୁ ପ୍ରେସି (Precis) କୁହାଯାଏ। ଲେଖାର ମୁଖ୍ୟ ଭାବକୁ ସରଳ ଭାଷାରେ ସଂକ୍ଷିପ୍ତ ରୂପରେ ପ୍ରକାଶ କରିବାର ଏହା ଏକ କଳାତ୍ମକ ରଚନାବିଧି। ସଂକ୍ଷିପ୍ତକରଣ ଆମର ଅବବୋଧ ଓ ଦକ୍ଷତାକୁ ଶାଣିତ କରିଥାଏ। ଏହାଦ୍ୱାରା କମ୍ ସମୟ ମଧ୍ୟରେ ପାଠକ ପ୍ରଦତ୍ତ ଲେଖାର ମୂଳ ଭାବକୁ ବିଚାର ବିଶ୍ଳେଷଣ କରିପାରେ। ସାଧାରଣତଃ ସଂକ୍ଷିପ୍ତକରଣରେ ମୂଳ ଲେଖାର ମୁଖ୍ୟଭାବ ତା'ର ଏକତୃତୀୟାଂଶ ରୂପରେ ପ୍ରକାଶିତ ହୋଇଥାଏ। ଛାତ୍ର-ଛାତ୍ରୀମାନେ ସଂକ୍ଷିପ୍ତକରଣ ସମୟରେ ନିମ୍ନରେ ଦିଆଯାଇଥିବା ସୂଚନାକୁ ଗୁରୁତ୍ୱ ଦେବା ଆବଶ୍ୟକ।

(୧) ମୂଳ ଲେଖାକୁ ଅତିକମ୍‌ରେ ୨ରୁ ୩ ଥର ପଢ଼ିବା ଉଚିତ୍ ଯେପରିକି ମୂଳ ଲେଖାର ସାରକଥାକୁ ଚିହ୍ନଟ କରାଯାଇପାରିବ।

(୨) ମୂଳ ଲେଖାର କେଉଁଗୁଡ଼ିକ ପ୍ରସଙ୍ଗ ଦୃଷ୍ଟିରୁ ଗୌଣତଥ୍ୟ ଓ କେଉଁଗୁଡ଼ିକ ପ୍ରମୁଖ ତଥ୍ୟ ତାହା ବାଛି ଲେଖିବାକୁ ହେବ।

(୩) ବିଶେଷ ବାହୁଲ୍ୟ, ଦୀର୍ଘ ବର୍ଣ୍ଣନା ଇତ୍ୟାଦିକୁ ଚିହ୍ନଟ କରି ସେଗୁଡ଼ିକୁ ପରିହାର କରିବାକୁ ହେବ ଏବଂ ସନ୍ଧି ଓ ଏକପଦୀକରଣ ଭିତ୍ତିରେ ଭାବାର୍ଥକୁ ସଂକ୍ଷିପ୍ତ କରି ଗୋଟିଏ ଗୋଟିଏ କ୍ଷୁଦ୍ର ବାକ୍ୟରେ ପ୍ରକାଶ କରିବାକୁ ହେବ।

(୪) ଭାବ ସଂକ୍ଷେପଣ କ୍ଷେତ୍ରରେ ପ୍ରଦତ୍ତ ଅନୁଚ୍ଛେଦର ଏକ-ତୃତୀୟାଂଶ ଶବ୍ଦ ମାଧ୍ୟମରେ ଭାବ ବ୍ୟକ୍ତ କରିବା ନିୟମ ହୋଇଥିବାରୁ ସମୁଦାୟ ଅନୁଚ୍ଛେଦଟିର ଶବ୍ଦ ସଂଖ୍ୟା ଗଣନା କରିବାକୁ ହେବ।

(୫) ପୁନର୍ଲିଖନ ପରେ ସଂକ୍ଷିପ୍ତ ଅନୁଚ୍ଛେଦର ଏକ ସୁନ୍ଦର ନାମକରଣ ବା ଶୀର୍ଷକ ସ୍ଥିର କରିବାକୁ ହେବ।

(୬) ମୂଳ ଲେଖାରେ କୌଣସି ପରିସ୍ଥିତିରେ କିଛି ନୂତନ ତଥ୍ୟ ସଂଯୋଗ କରିବା, ଏହାକୁ ସଂଶୋଧନ କରିବା ବା ଏ ସଂପର୍କରେ କୌଣସି ଟିପ୍ପଣୀ ଦେବା ଛାତ୍ର-ଛାତ୍ରୀଙ୍କର ପରିସର ଭୁକ୍ତ ନୁହେଁ। ସଂକ୍ଷିପ୍ତକରଣ କରିବା ସମୟରେ ଛାତ୍ରଛାତ୍ରୀ ମୂଳ ଲେଖାର ମୁଖ୍ୟ ଭାବକୁ କେବଳ ସଂକ୍ଷିପ୍ତ ରୂପରେ ପ୍ରକାଶ କରିପାରିବେ।

(୭) ପୁନର୍ଲିଖନ ସମୟରେ ମୁଖ୍ୟ ଭାବର ସଂହତି ଯେପରି ନଷ୍ଟ ନ ହୁଏ ଛାତ୍ର-ଛାତ୍ରୀ ସେଥିପ୍ରତି ଧ୍ୟାନ ଦେବା ଉଚିତ୍।

(୮) ସଂକ୍ଷିପ୍ତକରଣ ସମୟରେ ଛାତ୍ର-ଛାତ୍ରୀ ଯଥାସମ୍ଭବ ନିଜ ଭାଷା ବ୍ୟବହାର କରିବା ଆବଶ୍ୟକ। ଏହା ଅଧିକନ୍ତୁ ସରଳ, ସ୍ପଷ୍ଟ ଓ ସାବଲୀଳ ହେବା ବାଞ୍ଛନୀୟ।

ଆମେ ନିମ୍ନରେ ସଂକ୍ଷିପ୍ତକରଣରଗୋଟିଏ ସମ୍ଭାବ୍ୟ ଉତ୍ତର ପ୍ରଦାନ କରି ଛାତ୍ର-ଛାତ୍ରୀ ମାନଙ୍କ ଅଭ୍ୟାସ ପାଇଁ କେତେକ ଅନୁଚ୍ଛେଦ ସଂଯୋଜିତ କରୁଅଛୁ। ଛାତ୍ର-ଛାତ୍ରୀମାନେ ଏହି ଶୈଳୀର ଶିକ୍ଷା ପାଇଁ ଅଭ୍ୟାସ ଜାରିରଖିବା ଆବଶ୍ୟକ।

## ଅନୁଚ୍ଛେଦ-(୧)

ପୁରୁଙ୍କୁ ଜିଣି ସାରିଲା ପରେ ବିଜୟୀ ସିକନ୍ଦର ଧରିନେଲେ ଯେ ସାରା ଭାରତ ତାଙ୍କର ପଦାନତ ହେଲା ଆଉ ସେ ହେଲେ ବିଶ୍ୱବିଜୟୀ ସମ୍ରାଟ୍ - ସମସ୍ତଙ୍କର ହର୍ତ୍ତା ଓ କର୍ତ୍ତା । ଭାରତ ଜୟ ପୂର୍ବରୁ ଯୁଦ୍ଧରେ ଜିଣିଥିବା ଅନ୍ୟାନ୍ୟ ଦେଶମାନଙ୍କର ଗାଁ ଗହଳି ଦେଇ ସେ ଯେତେବେଳେ ତାଙ୍କ ସେନାବାହିନୀ ସହ ଯାଆନ୍ତି, ଆବାଳବୃଦ୍ଧବନିତା ସମସ୍ତେ ଆଣ୍ଠୁମାଡ଼ି ମୁଣ୍ଡ ନୁଆଁଇ ଅଥବା ଲମ୍ବ ହୋଇ ତଳେ ଶୋଇଯାଇ ତାଙ୍କର ଅଭିବାଦନ କରନ୍ତି । ବିଜୟୋନ୍ମତ୍ତ ସିକନ୍ଦର ସ୍ୱାଭାବିକ ଭାବରେ ଧରି ନେଇଥିଲେ ଯେ ଭାରତର ଗାଁ ଗହଳିରେ ମଧ୍ୟ ଲୋକେ ବିଶ୍ୱ ସମ୍ରାଟଙ୍କୁ ସେହି ରକମର ଅଭିବାଦନ ଜଣାଇବେ । କିନ୍ତୁ ଏ ଦେଶରେ ତା'ର ବିପରୀତ ହେଲା । ସୂର୍ଯ୍ୟ କିରଣରେ ଝଲସି ଯାଉଥିବା ଶିରସ୍ତ୍ରାଣ, ସାଞ୍ଜୁ ଓ ତରବାରିରେ ସଜ୍ଜିତ ଅଶ୍ୱାରୋହୀଙ୍କ ଗହଣରେ ସେ ଯେତେବେଳେ ଭାରତର ଗାଁ ଗହଳି ମଧ୍ୟ ଦେଇଗଲେ ବୁଢ଼ାମାନେ ତାଙ୍କ ଦଉଡ଼ିଆ ଖଟରେ ବସି ହୁକ୍କା ଟାଣୁଥିଲାବେଳେ ଆଉ ବୁଢ଼ୀମାନେ ସପ ଉପରେ ବସି ଖରା ପୁହାଉଁପୁହାଉଁ ନାତୁଣୀ ମୁଣ୍ଡରୁ ଉକୁଣି ବାଛୁଥିବା ସମୟରେ କୌତୂହଳରେ ମୁଣ୍ଡଟେକି ଏଇ ଅଦ୍ଭୁତ ମଣିଷମାନଙ୍କ ଆଡ଼କୁ ଅନାଉଥିଲେ ସତ, କିନ୍ତୁ ଅଭିବାଦନ କରିବା ତ ଦୂରେ ଥାଉ; କେହି ଠିଆ ହେବାକୁ ମଧ୍ୟ ଚେଷ୍ଟା କରୁ ନ ଥିଲେ । ସିକନ୍ଦର ଧରିନେଲେ ଯେ ଭାରତର ଲୋକେ ଅଶିକ୍ଷିତ, ବର୍ବର, ମାନସମ୍ମାନ ଜ୍ଞାନ ରହିତ ।

ଦିନେ ସେ ଗୋଟିଏ ଗାଁର ରାସ୍ତାଦେଇ ନିଜ ଶିବିରକୁ ଫେରୁଛନ୍ତି, ହଠାତ୍ ଦେଖିଲେ ଯେ ଏହି ବୁଢ଼ାବୁଢ଼ୀମାନେ ନିଜନିଜ ସ୍ଥାନରୁ ଦଉଡ଼ିଯାଇ ରାସ୍ତାରେ ଚାଲି ଯାଉଥିବା ଜଣେ ଲୋକର ପାଦ ଛୁଇଁ ତାଙ୍କୁ ଅଭିବାଦନ ଜଣାଉଛନ୍ତି । ସାମାନ୍ୟ ଖଣ୍ଡିଏ ଲେଙ୍ଗୁଟି ବ୍ୟତୀତ ଲୋକଟି ପ୍ରାୟ ଲଙ୍ଗଳା, ପାଉଁଶବୋଳା

ଦେହ, ମୁଣ୍ଡର ନୁଖୁରା ବାଳ ଜଟାବାନ୍ଧି ଯାଇଛି । ଏପରି ଜଣକୁ ଲୋକେ ଅଭିବାଦନ ଜଣାଉଥିବା ଦେଖି ସିକନ୍ଦର ଧରିନେଲେ ଯେ ସେ ନିଶ୍ଚୟ ଜଣେ ଛଦ୍ମବେଶୀ ରାଜା । କୌପିନଧାରୀ ଅବଧୂତ ସୈନିକ ଦ୍ୱାରା ଧୃତ ହୋଇ ଶିବିରକୁ ନୀତ ହେଲେ । ଶିବିରରେ ସମ୍ରାଟଙ୍କୁ ପ୍ରଣାମ ନ କରିବାରୁ ତାଙ୍କୁ ଯେତେବେଳେ କୈଫିୟତ୍ ମଗାଗଲା ସେ ଉତ୍ତର ଦେଲେ ଯେ,ଭାରତବର୍ଷରେ ରାଜା ସନ୍ନ୍ୟାସୀଙ୍କୁ ପ୍ରଣାମ କରେ, ସନ୍ନ୍ୟାସୀ ରାଜାଙ୍କୁ ନୁହେଁ ।

ସନ୍ନ୍ୟାସୀ ବନ୍ଦୀ ହେଲେ ଓ ସମ୍ରାଟଙ୍କୁ ଅପମାନ ଦେଇଥିବାରୁ ନିର୍ଯାତିତ ହେଲେ । କରାଗାରରେ କିନ୍ତୁ ସନ୍ନ୍ୟାସୀଙ୍କ କିଛି ପରିବର୍ତ୍ତନ ହେଲାନି । ସମ୍ରାଟଙ୍କ ପାଖକୁ ଏହିବନ୍ଦୀ ଯେତେଥର ନୀତ ହୁଅନ୍ତି ଘଟନାର ପୁନରାବୃତ୍ତି ହୁଏ, ନିର୍ଯ୍ୟାତନା ବଢ଼େ । ଏପରି ଶାରୀରିକ କଷ୍ଟ ଭିତରେ ବିକାର ଓ ଦ୍ୱନ୍ଦ୍ୱରହିତ ସନ୍ନ୍ୟାସୀଙ୍କ ପ୍ରଶାନ୍ତ ବଦନ ଓ ହୃଷ୍ଟଚିତ୍ତ ଦେଖି ସିକନ୍ଦର ଶେଷରେ ମନେକଲେ ଯେ ଏ ଲୋକଟିକୁ ପ୍ରୀତ କଲେ ଅବା କିଛି ଫଳଲାଭ ହୋଇପାରେ ! ଦିନେ ସେ ନିଜେ କାରାଗାରରେ ବନ୍ଦୀ ସନ୍ନ୍ୟାସୀଙ୍କୁ ଦେଖା କରି ସହାସ୍ୟ ବଦନରେ ପଚାରିଲେ ଯେ, ବନ୍ଦୀ ଯାହା ଚାହାନ୍ତି ସେ ସମ୍ରାଟଙ୍କୁ ନିବେଦନ କରିପାରନ୍ତି । ସମ୍ରାଟ୍ ଆଶାକରିଥିଲେ ଯେ ବନ୍ଦୀ ମୁକ୍ତି ଚାହିଁବେ । କିନ୍ତୁ ସନ୍ନ୍ୟାସୀ ଟିକିଏ ହସିଲେ ଆଉ କହିଲେ, ସମ୍ରାଟଙ୍କ ଯଦି ଏତେ ଦୟା ତେବେ ସେ ଠିଆ ହୋଇଥିବା ସ୍ଥାନରୁ ଟିକିଏ ଘୁଞ୍ଚି ଯଦି ଠିଆ ହୁଅନ୍ତେ ତେବେ ଭଲ ହୁଅନ୍ତା -କାନ୍ଥର ଗୋଟିଏ ଛିଦ୍ର ଦେଇ ଯେଉଁ ସୂର୍ଯ୍ୟରଶ୍ମି ସନ୍ନ୍ୟାସୀଙ୍କ ଦେହରେ ପଡୁଥିଲା ତାହା ସମ୍ରାଟଙ୍କ ଦେହ ଦ୍ୱାରା ଢ଼ାଙ୍କି ନ ହୋଇ ଆଉଥରେ ତାଙ୍କ ଦେହରେ ପଡ଼ନ୍ତା ।

ସିକନ୍ଦର କିଂକର୍ତ୍ତବ୍ୟବିମୂଢ଼ ହୋଇଗଲେ । ଏପରି ତାଚ୍ଛଲ୍ୟ ସେ କେବେ ମଧ୍ୟ ଆଶାକରି ନ ଥିଲେ । ସେଦିନ ତାଙ୍କର ପ୍ରଥମକରି ମନେହେଲା ଯେ ଭାରତ ଗୋଟିଏ ଅଦ୍ଭୁତ ଦେଶ ଆଉ ଏ ଦେଶର ଲୋକମାନେ ମଧ୍ୟ ଅଦ୍ଭୁତ ।

**ସମ୍ଭାବ୍ୟ ଉତ୍ତର :**

ପୁରୁଙ୍କୁ ଜିଣି ସାରା ଭାରତକୁ ଜୟକଲେ ବୋଲି ସିକନ୍ଦର ନିଜକୁ ବିଶ୍ୱବିଜୟୀ ସମ୍ରାଟ ମନେକଲେ । ପୂର୍ବରୁ ଜିଣିଥିବା ଦେଶର ଅବାଳବୃଦ୍ଧବନିତା ତାଙ୍କୁ ଓ ତାଙ୍କ ସୈନ୍ୟବାହିନୀକୁ ମୁଣ୍ଡନୁଆଁଇ ଅଭିବାଦନ ଜଣାଉଥିବାବେଳେ ସେ ଭାବିଥିଲେ ଯେ ଭାରତୀୟ ତାଙ୍କୁ ଅନୁରୂପ ବ୍ୟବହାର ଦେଖାଇବେ । ମାତ୍ର ଭାରତରେ ବୁଢ଼ାବୁଢ଼ୀମାନେ ନିଜ ନିଜ କାମରେ ବ୍ୟସ୍ତଥାଇ ବିଶ୍ୱବିଜୟୀଙ୍କୁ ଚାହିଁଥିଲେ ବି ଅଭିବାଦନ ଜଣାଇ ନ ଥିଲେ । ଅଥଚ ଦିନେ ସିକନ୍ଦର ଦେଖିଲେ ଯେ ବୁଢ଼ାବୁଢ଼ୀମାନେ ଜଣେ ଲେଙ୍ଗୁଟି ପିନ୍ଧା ସନ୍ନ୍ୟାସୀଙ୍କୁ ଅଭିବାଦନ ଜଣାଉଛନ୍ତି । ସିକନ୍ଦର ତାଙ୍କୁ ଜଣେ ଛଦ୍ମବେଶୀ ରାଜା ଭାବି ଶିବିରକୁ ଧରିନେଲେ ଏବଂ ସେ ସିକନ୍ଦରଙ୍କୁ ପ୍ରଣାମ ନ କରିବାର କାରଣ ପଚାରିଲେ । "ଭାରତବର୍ଷରେ ରାଜା ସନ୍ନ୍ୟାସୀଙ୍କୁ ପ୍ରଣାମ କରେ, ସନ୍ନ୍ୟାସୀ ରାଜାଙ୍କୁ ନୁହେଁ,"ବୋଲି ସେ ଉତ୍ତର ଦେଇଥିଲେ । ଏହାକୁ ଅପମାନ ମନେକରି ସିକନ୍ଦର ସନ୍ନ୍ୟାସୀଙ୍କୁ କାରାଗାରରେ ନିର୍ଯ୍ୟାତନା ଦେଲେ । ମାତ୍ର ସନ୍ନ୍ୟାସୀ ଥିଲେ ପ୍ରଶାନ୍ତ ଓ ହୃଷ୍ଟଚିତ୍ତ । ସମ୍ରାଟ ଦିନେ ବନ୍ଦୀଙ୍କ ଶେଷଇଚ୍ଛା ପଚାରିବାରୁ ସନ୍ନ୍ୟାସୀ ସମ୍ରାଟଙ୍କୁ ଟିକେ ଘୁଞ୍ଚିଯିବା ପାଇଁ କହିଲେ, ଯାହାଫଳରେ ଛିଦ୍ରଦେଇ ଆସୁଥିବା ରଶ୍ମି ତାଙ୍କ ଦେହରେ ପଡ଼ିପାରିବ । ଏପରି ତାଚ୍ଛଲ୍ୟ ଶୁଣି ସିକନ୍ଦର ମନେକଲେ ଯେ ଭାରତ ଦେଶ ଓ ଏହାର ଲୋକ ଉଭୟେ ଅଦ୍ଭୁତ ।

ଶୀର୍ଷକ : 'ସିକନ୍ଦରଙ୍କ ଦୃଷ୍ଟିରେ ଭାରତ'

## ଅନୁଚ୍ଛେଦ-(୨)

ମନୁଷ୍ୟ ନିଜର ସମସ୍ୟା ସମ୍ପର୍କରେ ଏ ଯୁଗରେ ଏତେ ବେଶୀ ସଚେତନ ଯେ ଏ ଯୁଗ 'ସଙ୍କଟର ଯୁଗ' ବୋଲି ବାରମ୍ବାର ଅଭିହିତ ହେଉଛି । ସଙ୍କଟର ସ୍ୱରୂପ ନିରୂପଣ ଦିଗରେ ତଥା ସମାଧାନ ଦିଗରେ ମନୁଷ୍ୟର ଉଦ୍ୟମର ମଧ୍ୟ ଅନ୍ତ

ନାହିଁ ଆଜି। ସେ ସ୍ୱରୂପ ନିରୂପଣ କରୁଛି, କିନ୍ତୁ କାହାରି ନିର୍ଣ୍ଣୟ ଆଉ କାହାରି ସହିତ ଖାପ୍ ଖାଉ ନାହିଁ– ଦଳେ ଅନ୍ଧ ହାତୀର ସ୍ୱରୂପ ନିରୂପଣ କଲାଭଳି। ଫଳରେ ବାସ୍ତବ ସଙ୍କଟ ତ ରହିଛି, ପୁଣି ସଙ୍କଟର ସ୍ୱରୂପ ନିର୍ଣ୍ଣୟ କରିବାକୁ ଯାଇ ଯେଉଁ ଅଜସ୍ର ମତର ଉଦ୍ଭବ ହେଉଛି, ଚିନ୍ତାରାଜ୍ୟରେ ସେ ପୁଣି ନୂତନ ବିଭ୍ରାନ୍ତି ସୃଷ୍ଟି ନ କରି ଛାଡୁନାହିଁ। ଏହିପରି ଭାବରେ ସଙ୍କଟ ଓ ବିଭ୍ରାନ୍ତିର ନାଗଫାଶ ଭିତରେ ମଣିଷ କ୍ରମାଗତ ଭାବରେ ଅଧିକରୁ ଅଧିକ ନିପୀଡ଼ିତ ଓ ଦିଗହରା ହୋଇପଡୁଛି।

ଗ୍ରୀକ୍ ଦେଶର ଜନଶ୍ରୁତିରେ ରହିଛି Bed of Procrustes ବୋଲି ଏକ କାହାଣୀ। ପ୍ରୋକ୍ରାସ୍‌ଟିସ୍ ନାମଧେୟ ବ୍ୟକ୍ତିଟି ଉପରଦେଖା ବ୍ୟବହାରରେ ଥିଲା ଅତି ନମ୍ର ଓ ଦରଦୀ। ଅତିଥିସେବା ପାଇଁ ସତେ ଅବା ସେ ସର୍ବଦା ଉନ୍ମୁଖ। ପଥକ୍ଳାନ୍ତ କୌଣସି ଯାତ୍ରୀ ତା' ଆଖିରେ ପଡ଼ିଲେ ସେ ସାଦରେ ତାଙ୍କୁ ନେଇ ବହୁତ ଖାଇବା ପିଇବାକୁ ଦିଏ। ତା'ପରେ ବିଶ୍ରାମ କରିବାପାଇଁ ଅତିଥିଙ୍କୁ ସୁନ୍ଦରଶଯ୍ୟାବିଶିଷ୍ଟ ଗୋଟିଏ ପଲଙ୍କ ଦେଖାଇଦିଏ। ଅତିଥି ଯାଇ ଶୁଅନ୍ତି। ପ୍ରୋକ୍ରାସ୍‌ଟିସ୍ ଓ ତା'ର ସ୍ତ୍ରୀ ଦଣ୍ଡାୟମାନ ହୋଇ ଦେଖନ୍ତି– ଯଦି ଅତିଥି ପଲଙ୍କ ଅପେକ୍ଷା ଲମ୍ବରେ ଛୋଟ ହୋଇଥିବେ, ତେବେ ଅତିଥିପରାୟଣ ପ୍ରୋକ୍ରାଷ୍ଟିସ୍-ଦମ୍ପତି ଉଭୟ ଦିଗରୁ ରବରଭଳି ଅତିଥିଙ୍କୁ ଟାଣିଟାଣି ଲମ୍ବମାନ କରି ପଲଙ୍କ ସହିତ ଖାପଖୁଆଇବାକୁ ଚେଷ୍ଟାକରିବେ। ଯଦି ଅତିଥିଟି ପଲଙ୍କ ଅପେକ୍ଷା ଲମ୍ବରେ ବେଶି ହୋଇଥିବେ, ତେବେ ତାଙ୍କୁ କାଟିକୁଟି ଛୋଟ କରି ପଲଙ୍କ ସହିତ ଫିଟ୍ କରିନିଆଯାଏ। କହିବା ବାହୁଲ୍ୟ, କୌଣସି ଅତିଥିଙ୍କୁ ଆଉ ସେଇ ଅତିଥିଭବନରୁ ଜୀବନ ଧରି ବାହାରିଯିବାକୁ ପଡ଼େନା।

ଆଜି ମାନବ ଜାତିର ସଙ୍କଟର ସମୀକ୍ଷା କରିବାକୁ ଯାଇ ଯେତେ ମତବାଦର ଉଦ୍ଭବ ହୋଇଛି, ସେ ସବୁରେ ସତ୍ୟତା ଯେ ନାହିଁ, ତାହା ନୁହେଁ। ଅଧିକାଂଶ ମତାବାଦର  କିଛି ନା କିଛି ସତ୍ୟତା ନିଶ୍ଚିତ ଭାବରେ ରହିଛି। କିନ୍ତୁ ସମସ୍ୟା ହେଲା, ପ୍ରତ୍ୟେକ ନିଜ ମତବାଦଟିକୁହିଁ ଶେଷ ତଥା ସର୍ବାଙ୍ଗ ସତ୍ୟ ବୋଲି ଘୋଷଣା କରିବାକୁ

ଚାହାନ୍ତି । ସଙ୍କଟର ସ୍ୱରୂପ ସଂକ୍ରାନ୍ତରେ ଜଣେ ଯେଉଁ ମତବାଦ ଘୋଷଣାକରେ, ସେ ଏ ପୃଥିବୀର ପ୍ରତ୍ୟେକ ଘଟଣା ଓ ଦୁର୍ଘଟଣାକୁ ସେହି ମତବାଦ ଅନୁସାରେ ସାବ୍ୟସ୍ତ କରିବାକୁ ବଦ୍ଧପରିକର ହୁଏ । ଘଟଣା ବା ଦୁର୍ଘଟଣାକୁ ସେ ତା'ର ନିଜ ମତାନୁଯାୟୀ ବ୍ୟାଖ୍ୟା କରିବା ସକାଶେ ପ୍ରୟୋଜନ ପଡ଼ିଲେ ଟାଣିଓଟାରି ଅତିରଂଜିତ କରିବାକୁ ଯେମିତି ପଶ୍ଚାତ୍ପଦ ହୁଏନାହିଁ, ସେହିପରି ତା' ମତବାଦ ଅନୁସାରେ ସାବ୍ୟସ୍ତ ହୋଇ ନପାରୁଥିବା ଅଂଶକୁ ସେ କାଟିକୁଟି ବାଦ୍‌କରିଦେବାକୁ ମଧ୍ୟ ଭୁଲେନାହିଁ । ଏହିଭଳି ଭାବରେ ସତ୍ୟ ହୁଏ ବିକୃତ, ସତ୍ୟ ହୁଏ ମିଥ୍ୟାରେ ପରିଣତ ।

## ଅନୁଚ୍ଛେଦ-(୩)

କଣ୍ଟାବାଡ଼ରେ ଲୁଗା ପକାଇ କଳି ଭିଆଣ କରିବା ବୋଧହୁଏ ମଣିଷର ସବୁଦିନିଆ ପ୍ରକୃତି । ସତେ ଯେମିତି କାହା ସଙ୍ଗରେ କଳିଗୋଳ ନ କଲେ ତା' ଭାତ ହଜମ ହୁଏନି ! ତେଣୁ ସେ ସବୁବେଳେ କଳି କରିବାପାଇଁ କିଛି-ନା-କିଛି ବାହାନା ଖୋଜି ବୁଲୁଥାଏ- ଚାଲିଯିବା ଶଗଡ଼ରେ ହାତ ମାରିଦିଏ- ଖୁଣ ନଥିବା ଜାଗାରେ ଖୁଣ ବାହାର କରେ- ସଜ ମାଛରେ ପୋକ ପକାଏ-ଆଖି ବଡ଼ କି କାନ ବଡ଼, ପେଟ ବଡ଼ କି ପାଟି ବଡ଼, ଗାନ୍ଧିଜୀ ବଡ଼ କି ରବୀନ୍ଦ୍ରନାଥ ବଡ଼, ଏପରି ଅବାନ୍ତର ତୁଳନା ସବୁ ଆରମ୍ଭ କରିଦିଏ । ସାହିତ୍ୟ କ୍ଷେତ୍ରରେ ଗଦ୍ୟ ବଡ଼ କି ପଦ୍ୟ ବଡ଼, ପ୍ରବନ୍ଧ ନା ନିବନ୍ଧ, ରଚନା କିମ୍ବା ଆଲୋଚନା, ନାଟକ ଅବା ଉପନ୍ୟାସ ଏ ଧରଣର ତୁଳନାତ୍ମକ ଚିନ୍ତାଧାରା ସେହି କଳିଭିଆଣ ପ୍ରକୃତିର ହିଁ ପରିପ୍ରକାଶ ବୋଲି ଧରିନିଆଯାଇପାରେ । କ୍ରିୟାକ୍ଷେତ୍ର ଯେଉଁଠି ବିଭିନ୍ନ, ସେଠାରେ ଯଥାର୍ଥ ତୁଳନା ସମ୍ଭବ ନୁହେଁ । ଯଦି ଅବା ତୁଳନା କରାଯାଏ, ସେ ତୁଳନା ଏକଦେଶଦର୍ଶୀ ହେବା ହିଁ ସ୍ୱାଭାବିକ । ତେଣୁ ସେ ତୁଳନାର ଫଳାଫଳ ତୁଳନାକାରୀର ବ୍ୟକ୍ତିଗତ ଦୃଷ୍ଟିକୋଣ ତଥା ମାନସିକ ଦୃଷ୍ଟିଭଙ୍ଗୀ ଉପରେ ହିଁ ନିର୍ଭରକରେ ।

ଅନ୍ଧ କିପରି ନିଶ୍ଚିତ ଭାବେ କହିପାରିବ ଯେ କାନ ଅପେକ୍ଷା ଆଖି ବଡ଼ ? ବଧିର କିପରି ନିର୍ବିବାଦରେ ଗ୍ରହଣ କରିନେବ ଯେ ବଧିରହେବା ଅପେକ୍ଷା ଅନ୍ଧହେବା ଶ୍ରେୟସ୍କର ? ଯଦି ସେ ଏପରି କୌଣସି ନିର୍ଦ୍ଦିଷ୍ଟ ମତାମତକୁ ଗ୍ରହଣ କରିନିଏ, ଧରିବାକୁ ହେବ ଯେ ସେ ଯାହା ହଜାଇ ବସିଛି, ମାନସିକ ଅଶାନ୍ତି ଯୋଗୁଁ ତାକୁ ହିଁ ସେ ଅମୂଲ୍ୟ ନିଧି ବୋଲି ମନେକରୁଛି- ଡେଇଁ ପକାଇଥିବା କେରାଣ୍ଡି ବିରାଟ ରୋହିମାଛ ନ୍ୟାୟରେ- ହଜିଯାଇଥିବା କଣାପାଇସା ରତ୍ନ ମୁଦି ପରି ।

ଗଳ୍ପ ଏବଂ କବିତାକୁ ନ୍ୟାୟତଃ ତୁଳନା କରାଯାଇ ପାରେ ନା । ଏ ଦିଓଟି ଭିତରେ କେହି ବଡ଼ ନୁହେଁ, କି କେହି ସାନ ନୁହେଁ- ଗଳ୍ପ ରାଜା ନୁହେଁ କି କବିତା ରାଣୀ ନୁହେଁ । ଦୁହେଁ ଦୁହିଁଙ୍କର ପରିପୂରକ ବୋଲି ମଧ୍ୟ କହିହେବନାହିଁ । ଏ ଦୁହିଁଙ୍କର କ୍ଷେତ୍ର ସମ୍ପୂର୍ଣ୍ଣ । ପ୍ରତ୍ୟେକେ ନିଜ ଗୁଣ ବଳରେ ନିଜେ ସ୍ୱୟଂସମ୍ପୂର୍ଣ୍ଣ ।

ଏକଥା କିନ୍ତୁ ସତ ଯେ, ଏ ଦୁଇ ମଧ୍ୟରୁ ଯେକୌଣସି ଗୋଟିକର ଅଭାବରେ ସାହିତ୍ୟର ଅଙ୍ଗହାନି ହୁଏ- ଲାବଣ୍ୟ ହ୍ରାସପାଏ- ସୌଷ୍ଠବରେ ଆଞ୍ଚ ଆସେ - ଦୁଇ ଆଖିରୁ ଗୋଟିଏ ନଷ୍ଟ ହୋଇଗଲେ ଯେତେ ସୁନ୍ଦର ହୋଇଥିଲେ ମଧ୍ୟ କଣା ମଣିଷର ଅବସ୍ଥା ଯେପରି ।

କିନ୍ତୁ ଏ ଦୁହିଁଙ୍କର ପାରସ୍ପରିକ ତୁଳନା ଅଯୌକ୍ତିକ ଏବଂ ଅସଙ୍ଗତ ହେଲେ ମଧ୍ୟ ପ୍ରତ୍ୟେକର ନିଜସ୍ୱ ବୈଶିଷ୍ଟ୍ୟ ରହିଛି- ଯେପରି ଚିନି ଏବଂ ଲୁଣ । ତେଣୁ ସେହି ବୈଶିଷ୍ଟ୍ୟର ଚିତ୍ରଣକୁ ବୈଚିତ୍ର୍ୟ ବୋଲି ଦର୍ଶାଇ କେହି ଯଦି ନିଜ ତେରେଛା ନଜରର ମାନଦଣ୍ଡରେ ଏ ଦୁହିଁଙ୍କୁ ଓଜନ କରିବସନ୍ତି ଏବଂ ସେଥିରୁ ଦୁହିଁଙ୍କର ମୂଲ୍ୟାଙ୍କନ କରି କିଏ ବଡ଼ କିଏ ସାନ ଘୋଷଣା କରନ୍ତି, ତହିଁକି ଉପାୟ ନାହିଁ । ଖଟା ଏବଂ ଲୁଣିଆ ପସନ୍ଦ କରୁଥିବା ଇଡ଼ଲି ଶମ୍ବର ଆଉ ବରା ସିଙ୍ଗଡ଼ାବାଲା, ପିଠା ଖିରି ଆଉ ସନ୍ଦେଶ ରସଗୋଲାବାଲାଙ୍କୁ ଛୋଟ ନଜରରେ ଦେଖିବାକୁ ଚେଷ୍ଟାକଲାପରି-ଯନ୍ତ୍ର-ସଙ୍ଗୀତ କଣ୍ଠ-ସଙ୍ଗୀତକୁ ଡାଉନ୍ କରିବା ଢଙ୍ଗରେ । ଏହି ପୃଷ୍ଠଭୂମିରେ କବିତାକୁ କୌଣସିମତେ ଗୌଣ ନ କରି ଗଳ୍ପର ବିଶେଷତ୍ୱ କିଛି ଦର୍ଶାଇ ଦିଆଯାଇପାରେ ।

## ଅନୁଚ୍ଛେଦ-(୪)

ଜଣେ ଥିଲେ ରାଜା, ସୁଶାସକ ତଥା ସୁଗୁଣ-ସଂପନ୍ନ। କିନ୍ତୁ ତାଙ୍କର ଦୁର୍ବଳତା ହେଲା, ନିଜର ଦାର୍ଶନିକତା ବା ତତ୍ତ୍ୱଜ୍ଞାନକୁ ହିଁ ସେ ଏକମାତ୍ର ସତ୍ୟ ବୋଲି ଧରିନେଇଥିଲେ।

ଦିନେ ସେ ଖବର ପାଇଲେ, ତାଙ୍କ ରାଜ୍ୟର ଏକ ଦୂର ପ୍ରାନ୍ତରେ ଆସି ବସବାସ କରୁଛନ୍ତି ଏପରି ଜଣେ ସନ୍ଥ, ଭଗବାନ୍‌ଙ୍କ ସଂପର୍କରେ ଯାହାଙ୍କ ମତ ତାଙ୍କ ମତଠାରୁ ପୃଥକ୍।

କ୍ଷୁବ୍ଧ ହେଲେ ରାଜା। ସନ୍ଥଙ୍କୁ ରାଜସଭାକୁ ତଲବ୍ କରାଗଲା। ସେ ହାଜର ହୁଅନ୍ତେ ରାଜା କଠୋର କଣ୍ଠରେ ତାଙ୍କୁ ପ୍ରଶ୍ନ କଲେ, "ଭଗବାନ୍‌ଙ୍କ ସଂପର୍କରେ ମୁଁ ଓ ମୋ ପ୍ରଜାମାନେ ଯେଉଁ ମତ ପୋଷଣ କରିଆସିଛୁ, ତମେ ତାହାଠୁ ଭିନ୍ନ ମତ ପୋଷଣ କରୁଛ। ମୋ ଦୃଷ୍ଟିକୋଣରୁ ତାହା ଅସତ୍ୟ। କ'ଣ କୈଫିୟତ୍ ଦେବ ?"

ସନ୍ଥ କହିଲେ, "ମହାରାଜ ! ଆପଣଙ୍କର ଏ ଅତ୍ୟନ୍ତ ଗୁରୁ ପ୍ରଶ୍ନର ଉତ୍ତର ମୁଁ ଦେବି। କିନ୍ତୁ ତହିଁ ପୂର୍ବରୁ ମୋର ଏକ ଲଘୁ ପ୍ରଶ୍ନର ଉତ୍ତର ଆପଣ ଏବଂ ଆପଣଙ୍କର ଚାରି ବିଜ୍ଞ ମନ୍ତ୍ରୀ ଦେବାକୁ ସମ୍ମତ ହେବି କି ?"

ରାଜା ସମ୍ମତି ଦେଲେ। ସନ୍ଥ ପ୍ରଶ୍ନଟିଏ ପାଞ୍ଚଖଣ୍ଡି କାଗଜରେ ଲେଖି ପାଞ୍ଚଜଣଙ୍କ ହାତକୁ ବଢ଼ାଇଦେଲେ ଏବଂ ପ୍ରତ୍ୟେକେ ନିଜ ନିଜ ଉତ୍ତର ପ୍ରଶ୍ନଟି ତଳେ ଲେଖିଦେବାକୁ ଅନୁରୋଧ କଲେ।

ନୀରବରେ ଏବଂ ଅବିଳମ୍ବେ ସମସ୍ତେ ଉତ୍ତର ଲେଖିଦେଲେ। କାଗଜଖଣ୍ଡମାନ ହାତକୁ ଆଣି ସନ୍ଥ ଏକ ପରେ ଏକ ଉତ୍ତର ପାଠକଲେ। ପ୍ରଶ୍ନଟି ଥିଲା, "ମାଟି କ'ଣ ?" ରାଜା ଲେଖିଥିଲେ, "ମାଟି ହେଲା ଧରିତ୍ରୀର କଳେବର।"

ପ୍ରଧାନମନ୍ତ୍ରୀ ଲେଖିଥିଲେ, "ମୃତ୍ୟୁ ପରେ ଯେଉଁଥିରେ ଏକାକାର ହୋଇଯିବ ଆମ ଦେହ।" ଦ୍ୱିତୀୟ ମନ୍ତ୍ରୀ ଲେଖିଥିଲେ, "ଆମକୁ ଫସଲ ଯୋଗାଏ ସିଏ।" ତୃତୀୟ ମନ୍ତ୍ରୀଙ୍କ ଉତ୍ତର, "ଜଳଠୁଁ ସ୍ୱତନ୍ତ୍ର ପୃଥିବୀର ଯେଉଁ ଉପାଦାନ।" ଚତୁର୍ଥ ମନ୍ତ୍ରୀ: "ମାଟିହିଁ ପ୍ରାଣର ଆଧାର।"

ପାଞ୍ଚଗୋଟିଯାକ ଉତ୍ତର ପଢ଼ିସାରି ସନ୍ଥ ରାଜାଙ୍କୁ କହିଲେ, "ମହାରାଜ! ଆପଣ ଏବଂ ଆପଣଙ୍କ ମନ୍ତ୍ରୀବର୍ଗ ଅସଂଖ୍ୟ ବିଷୟ ଉପରେ ଆଲୋଚନା କରନ୍ତି ଏବଂ ଏକମତ ହୁଅନ୍ତି। ସେସବୁର ଅନ୍ତର୍ଭୁକ୍ତ ବହୁ ଜଟିଳ ପ୍ରଶ୍ନ। ମାଟି କ'ଣ- ଏଭଳି ଏକ ମାମୁଲି ପ୍ରଶ୍ନ ଉପରେ ଯଦି ପାଞ୍ଚଜଣଙ୍କର ଉତ୍ତର ପାଞ୍ଚ ପ୍ରକାର ହୁଏ, ତେବେ ଭଗବାନ୍ କ'ଣ ଭଳି ପରମପ୍ରଶ୍ନ ଉପରେ ଆପଣଙ୍କ ଉତ୍ତର ଏବଂ ମୋ ଉତ୍ତର ଏକା ନହେବାରେ ବିସ୍ମୟ କ'ଣ ? ଆହୁରି ପ୍ରାସଙ୍ଗିକ ପ୍ରଶ୍ନ ହେଲା, ମାଟି କ'ଣ ପ୍ରଶ୍ନର ଉତ୍ତରରେ ଦିଆଯାଇଥିବା ପାଞ୍ଚଗୋଟିଯାକ ବିବୃତିରୁ କୌଣସି ଗୋଟିଏ ଭୁଲ ବୋଲି ଆପଣ କହିପାରିବେ କି ? ପ୍ରତ୍ୟେକ ଉତ୍ତର ଏକ ଏକ ସତ୍ୟ। ସେହିପରି ଭଗବାନ୍ଙ୍କ ସଂପର୍କରେ ଆପଣଙ୍କ ମତ ଏବଂ ମୋ ମତ ପ୍ରତ୍ୟେକେ ଏକ ଏକ ସତ୍ୟ- ଭିନ୍ନତା ମାନେହିଁ ଅସତ୍ୟ ନୁହେଁ।"

## ଅନୁଚ୍ଛେଦ-(୫)

କୋଇଲି ବୈକୁଣ୍ଠରେ ମହା ବିଶ୍ରାମ ନେଲାପରେ ଅଶୌଚ ସମୟ ଆରମ୍ଭ ହୋଇଯାଏ। ତେଣୁ ଏହି ସମୟମାନଙ୍କରେ ପ୍ରାୟ ତେର ଦିନ ଧରି ନୂତନ ବିଗ୍ରହ ମାନଙ୍କର କୌଣସି ନୀତି କରାଯାଏ ନାହିଁ। ସେମାନେ କେବଳ ଅଣସର ଘରେ ରହି ଥାଆନ୍ତି ଏବଂ ନୂତନ ଦାରୁରେ ଯେଉଁ ମୂର୍ତ୍ତି ନିର୍ମାଣ ହୋଇଥାଆନ୍ତି, ତାହା ଠାକୁରଙ୍କ ଶରୀରର ଅସ୍ଥି ସଦୃଶ ମାତ୍ର। ଆମେ ଯେଉଁ ଠାକୁରଙ୍କୁ ଦେଖିଥାଉ, ସେ ଠାକୁର ସେତେବେଳେ ପ୍ରସ୍ତୁତ ହୋଇ ନଥା'ନ୍ତି। ଏହି ଅଶୌଚ ସମୟ ଅତିକ୍ରାନ୍ତ ହେବା ପରେ ଯାଇଁ ଦାରୁବିଗ୍ରହଙ୍କର ପୂର୍ଣ୍ଣ ରୂପାୟନ ହୋଇଥାଏ। ତେବେ ଘଟ

ପରିବର୍ତ୍ତନ ପରେ କୃଷ୍ଣ ଚତୁର୍ଦ୍ଦଶୀଠାରୁ ଶୁକ୍ଲ ନବମୀ ତିଥି ପର୍ଯ୍ୟନ୍ତ ନୂତନ ବିଗ୍ରହଙ୍କର ଶ୍ରୀଅଙ୍ଗରେ ଶ୍ୱେତ ଅଙ୍ଗରାଗ ବୋଳା ଯାଉଥାଏ । ଏହାକୁ ଖଡ଼ିଲାଗି କୁହାଯାଏ ।

ଏହିଠାରେ ଆଉ ଗୋଟିଏ କଥା ଜାଣି ରଖିବା ଆବଶ୍ୟକ, ନୂତନ ବିଗ୍ରହଙ୍କ ବ୍ରହ୍ମକୋଠରୀରେ ବ୍ରହ୍ମ ପୋଟଳ ସଂସ୍ଥାପନା ପରେ ତା' ଭିତରର ଗହ୍ୱରକୁ ଚନ୍ଦନ, କସ୍ତୁରୀ, କର୍ପୁରର ଏକ ବ୍ରହ୍ମଲେପରେ ପୂର୍ଣ୍ଣ କରିଦିଆଯାଇଥାଏ । ତା' ଉପରେ ବ୍ରହ୍ମକୋଠରୀର ଦ୍ୱାର ନ୍ୟାସଦାରୁ ଦେଇ କୋଠରୀକୁ ପୂରାପୂରି ବନ୍ଦ କରି ଦିଆଯାଏ ।

ସଂସ୍କୃତ ଶାସ୍ତ୍ର ଅନୁଯାୟୀ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ଯେ ମାନବର ଶରୀର ସାତୋଟି ଧାତୁରେ ନିର୍ମିତ । ତେଣୁ ଶ୍ରୀଠାକୁରଙ୍କର ବିଗ୍ରହକୁ ପୂର୍ଣ୍ଣ ରୂପାୟନ ଦିଆ ଗଲାବେଳେ ସପ୍ତାବରଣ ପଦ୍ଧତିରେ ସାତୋଟି ଆବରଣ ଦିଆଯାଇଥାଏ ।

ଦାରୁରେ ନିର୍ମିତ ଅସ୍ଥି ଉପରେ ଅବିକଳ ମାନବ ଶରୀର ଭଳି ଶିରା ପ୍ରଶିରା, ମାଂସ, ରକ୍ତ, ଚର୍ମ, ଶୁକ୍ର ଆଦିର ବ୍ୟବସ୍ଥାମାନ ନୂତନ ବିଗ୍ରହଙ୍କ ଶରୀରରେ କରାଯାଇଥାଏ । ଏ ସମ୍ବନ୍ଧରେ 'ନୀଳାଦ୍ରି ମହୋଦୟ' ଗ୍ରନ୍ଥରେ ସ୍ପଷ୍ଟ ଚିତ୍ର ଦିଆଯାଇଅଛି ।

ଦାରୁଙ୍କ ଅସ୍ଥି ଉପରେ ପ୍ରଥମେ ଏକ ସୁଗନ୍ଧଯୁକ୍ତ ତୈଳ ବୋଳି ଦିଆଯାଏ । ତାହା ଅସ୍ଥି ଭିତରର ରସ ଭଳି ଗ୍ରହଣ କରାଯାଇଥାଏ । ତା'ପରେ ସମଗ୍ର ଶରୀରରେ ରକ୍ତ ଲାଲ ରଙ୍ଗର ପାଟଡୋର ଭିଡ଼ିଭାଡ଼ି ବାନ୍ଧି ଦିଆଯାଏ । ଏହାକୁ ରକ୍ତ ସଞ୍ଚାଳନ ପାଇଁ ଶିରା ପ୍ରଶିରା ଭାବେ ଗ୍ରହଣ କରାଯାଏ । ଏହା ଉପରେ ଚନ୍ଦନ, କସ୍ତୁରୀ, ଝୁଣାର ଏକ ବିଶେଷ ଭାବେ ପ୍ରସ୍ତୁତ ମୋଟା ବହଳିଆ ପ୍ରଲେପ ସାରା ଶରୀରରେ ମୋଟାଳିଆ ଭାବେ ଦିଆଯାଏ । ପ୍ରଲେପ ଦେବା ପରେ ହିଁ ଆମେ ଦେଖୁଥିବା ଜଗନ୍ନାଥଙ୍କର ରୂପର ଆକୃତି ପ୍ରକାଶ ହୋଇଥାଏ । ଏହି ପ୍ରଲେପକୁ ଶରୀରର ମାଂସ ଭାବେ ଗ୍ରହଣ କରାଯାଇଥାଏ । ଏହି ମୋଟା ପ୍ରଲେପ ଉପରେ ଚର୍ମ ସଦୃଶ ମଜଭୁତ ସୂତାରେ ତିଆରି ବସ୍ତ୍ର (କନା) ପରସ୍ତ ପରସ୍ତ କରି ନାନା ପରସ୍ତ ସମ୍ପୂର୍ଣ୍ଣ

ବିଗ୍ରହଙ୍କ ଶରୀରରେ ଭିଡ଼ାଯାଏ । ଏହି ବସ୍ତ୍ର ଉପରେ ଶେଷ ସ୍ତର ଭାବରେ ଅରୁଆ ଚାଉଳରେ ପ୍ରସ୍ତୁତ ଏକ ବିଶେଷ ପ୍ରଲେପ ଅଟକାଳି, ଖଳିଲାଗି ଦିଆଯାଏ । ଏହାକୁ ଶରୀରର ଶୁକ୍ର ଭାବରେ ଗ୍ରହଣ କରାଯାଇଥାଏ । ଏହି ସାତୋଟି ସ୍ତରର ଆବରଣ ପରେ ଶ୍ରୀଜଗନ୍ନାଥଙ୍କର ସମ୍ପୂର୍ଣ୍ଣ ଆକୃତି, ରୂପାୟନ ପ୍ରକାଶ ପାଇଥାଏ ।

ଏହାପରେ ଚିତ୍ରକାରମାନଙ୍କୁ ଠାକୁରଙ୍କୁ ରଙ୍ଗ କରିବାର ଦାୟିତ୍ୱ ଅର୍ପଣ କରାଯାଏ । ଏହାକୁ କନକଲାଗି କୁହାଯାଏ । ଠାକୁରଙ୍କ ଶରୀରର ରଙ୍ଗ ପାଇଁ ଧଳା ରଙ୍ଗ ପାଇଁ ଶୁଦ୍ଧ ଶଙ୍ଖ ଦ୍ରବ୍ୟ, ହଳଦିଆ ରଙ୍ଗ ପାଇଁ କମ୍ପିର ରଙ୍ଗ ଓ ସମାର୍ଜିତ ହରିତାଳ, ଲାଲ ରଙ୍ଗ ପାଇଁ ଶୁଦ୍ଧ ପାରଦଘଟିତ ହିଙ୍ଗୁଳ, କଳାରଙ୍ଗ ପାଇଁ ଷଢ଼େଇ (ନଡ଼ିଆ) ପୋଡ଼ି ଚୂନାକରି ଅଙ୍ଗାରରୁ ବାହାର କରାଯାଏ । ଚିତ୍ରକାରମାନେ ଠାକୁରଙ୍କ ଶରୀରରେ ସମସ୍ତ ଅଙ୍କନ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ଚକ୍ଷୁର ଡୋଳା ବା ନେତ୍ର ପିତୁଳା ଅଙ୍କନ କରିବାର ଅଧିକାର ସେମାନଙ୍କୁ ଦିଆଯାଇ ନ ଥାଏ । ଏହା ଶୁଦ୍ଧ ଆଷାଢ଼ ଶୁକ୍ଳପକ୍ଷର ପ୍ରଥମ ଦିନ ବ୍ରାହ୍ମଣମାନଙ୍କ ଦ୍ୱାରା କରାଯାଇଥାଏ । ଏହି ନୀତିକୁ ନେତ୍ରୋତ୍ସବ ନୀତି କୁହାଯାଏ । ଏହାପରେ ଶ୍ରୀବିଗ୍ରହମାନଙ୍କୁ ଦର୍ପଣରେ ସ୍ନାନାଦି କରାଇ ପବିତ୍ର କରାଯାଇଥାଏ । କାରଣ ଦୀର୍ଘଦିନ ହେବ ଶ୍ରୀ ବିଗ୍ରହ ବିଭିନ୍ନ ସ୍ତରରେ ମହାରଣା, ବିଶ୍ୱକର୍ମା, ଚିତ୍ରକାରମାନଙ୍କ ହାତର ପରଶ ଦେଇ ଗତି କରୁଥାଆନ୍ତି । ତେଣୁ ଏହି ସ୍ନାନାଦିରେ ଶୁଦ୍ଧ ପୂତ, ପବିତ୍ର କରାଇ ଶ୍ରୀଜଗନ୍ନାଥଙ୍କୁ ସର୍ବସାଧାରଣଙ୍କ ପାଇଁ ନବଯୌବନ ଦର୍ଶନ କରାହୋଇଥାଏ । ତା' ପରଦିନ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ମହାପ୍ରଭୁଙ୍କର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।

# (ଗ) ବ୍ୟାକରଣ

## (୧) ରୂଢ଼ିକୁ ବାକ୍ୟରେ ପ୍ରୟୋଗ

ଆଭିଧାନିକ ଅର୍ଥକୁ ନ ବୁଝାଇ ଅନ୍ୟ ପ୍ରୟୋଜନୀୟ ଅର୍ଥରେ ପଦଗୁଡ଼ିକ ବାକ୍ୟରେ ବ୍ୟବହୃତ ହେଲେ ତାହାକୁ 'ରୂଢ଼ି' କୁହାଯାଏ। ମନର ଭାବକୁ ଅନ୍ୟମାନଙ୍କ ନିକଟରେ ସରସ, ସୁନ୍ଦର ତଥା ପ୍ରଭାବଶାଳୀ ରୂପେ ଅଭିବ୍ୟକ୍ତ କରିବା ପାଇଁ 'ରୂଢ଼ି' ବ୍ୟବହୃତ ହୋଇଥାଏ। 'ରୂଢ଼ି' ପ୍ରତ୍ୟେକ ଭାଷାର ବିଶେଷ ଉକ୍ତି ଯାହା ସାଧାରଣଲୋକଙ୍କ ତୁଣ୍ଡରେ ଯୁଗଯୁଗ ଧରି ବ୍ୟବହୃତ ହୋଇ ଆସିଅଛି। 'ରୂଢ଼ି' ଭାଷାର ମୌଳିକ ସଂପଦ। ଏହା ଭାଷାକୁ ସମୃଦ୍ଧ ଓ ଗୌରବମଣ୍ଡିତ କରିଥାଏ।

ଗଠନଗତ ସ୍ୱାତନ୍ତ୍ର୍ୟ ଆଧାରରେ ଏହାକୁ ନିମ୍ନ ପ୍ରକାରରେ ତିନିଗୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଯଥା (୧) କ୍ରିୟାଯୁକ୍ତ ରୂଢ଼ି (୨) କ୍ରିୟାହୀନ ରୂଢ଼ି (୩) ଉପମାମୂଳକ ବା ତୁଳନାତ୍ମକ ରୂଢ଼ି।

(କ) **କ୍ରିୟାଯୁକ୍ତ ରୂଢ଼ି:-** କୌଣସି ବାକ୍ୟାଂଶ ବା ପଦସଂହତିରେ କ୍ରିୟାପଦ ସଂଯୁକ୍ତ ଥାଇ ତାହା ସଂପୂର୍ଣ୍ଣଭାବେ ଏକ ନୂତନ ଲାକ୍ଷଣିକ ଅର୍ଥ ପ୍ରକାଶ କରୁଥିଲେ ତାହାକୁ କ୍ରିୟାଯୁକ୍ତ ରୂଢ଼ି କୁହାଯାଏ। ଓଡ଼ିଆ ଭାଷାରେ ପ୍ରଚଳିତ ଏହି ପର୍ଯ୍ୟାୟର କେତୋଟି ରୂଢ଼ିର ଅର୍ଥ ସହ ତାହାର ପ୍ରୟୋଗ ବିଧି ନିମ୍ନରେ ପ୍ରଦାନ କରାଗଲା।

**ଅକସ ରଖିବା** (ରାଗ ରଖିବା)- ଗୋବିନ୍ଦ ବାବୁଙ୍କ ଅନ୍ୟାୟ କାର୍ଯ୍ୟକଳାପକୁ ମୁଁ ବିରୋଧ କରୁଥିବାରୁ ସେ ମୋ ଉପରେ ଅକସ ରଖିଛନ୍ତି।

**ଆଖି ପକାଇବା** (ଲୋଭ କରିବା)- ଭଗିଆ- ସାରିଆଙ୍କ ଜମିଖଣ୍ଡକ ଉପରେ ରାମଚନ୍ଦ୍ର ମଙ୍ଗରାଜ ବହୁଦିନରୁ ଆଖି ପକାଇଥିଲେ।

**ଆଖି ବୁଜିବା** (ମୃତ୍ୟୁ ମୁଖରେ ପଡ଼ିବା)- ରାଜା ଦଶରଥ ରାମଚନ୍ଦ୍ରଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଆଖି ବୁଜିଲେ।

**ଆଖି ଲାଖି ଯିବା** (ସମ୍ମୋହିତ ହେବା)- ମାଧବୀ ଦେଖିବାକୁ-ଏତେ ସୁନ୍ଦରୀ ଯେ, କୌଣସି ଲୋକର ଆଖି ଲାଖି ଯିବ।

**ଆଖିରେ ପଡ଼ିବା** (ନଜରରେ ପଡ଼ିବା) ପାଚେରି ଡେଇଁ ଯାଉ ଯାଉ ଚୋରଟି ଲୋକଙ୍କ ଆଖିରେ ପଡ଼ିଗଲା।

**ଆଖିରେ ଧୂଳିଦେବା** (ଠକିଦେଇ ଚାଲିଯିବା)- ଆମ ସମସ୍ତଙ୍କ ଆଖିରେ ଧୂଳି ଦେଇ ଚାକର ଟୋକା ଘରୁ ସମସ୍ତ ସୁନା ଲୁଟି ନେଇଗଲା।

**ଆଖି ଖୋସି ହୋଇଯିବା** (ଆଶ୍ଚର୍ଯ୍ୟ ହେବା)- କୋଣାର୍କର ଶିଳ୍ପକଳାକୁ ଦେଖି ଦର୍ଶକମାନଙ୍କ ଆଖି ଖୋସି ହୋଇଗଲା।

**ଆଖୁ କିଆରିରେ ପଶିବା** (ଲକ୍ଷ୍ୟ ସ୍ଥିର କରି ନ ପାରିବା / ଠିକ୍ ମାର୍ଗ ଖୋଜି ନ ପାଇବା)- ଗୋଟିଏ ଦିନରେ ଦୁଇ ଦୁଇଟା ନିଯୁକ୍ତି ପତ୍ର ଆସିଥିବାରୁ ବିଚରା ମଧୁ ଆଖୁ କିଆରିରେ ପଶିଯାଇଛି।

**ଆପଣା ଶିଙ୍ଗରେ ମାଟି ତାଡ଼ିବା** (ଆତ୍ମନିର୍ଭରଶୀଳ ହେବା)- ଆପଣା ଶିଙ୍ଗରେ ମାଟି ତାଡ଼ି ପାରୁ ଥିବା ବ୍ୟକ୍ତି ହିଁ ଆଜିକାଲି ଦୁନିଆରେ ତିଷ୍ଠି ରହିବ।

**ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା** (ସାଧାରଣ କଥାରୁ ବିରାଟ କାଣ୍ଡ ଘଟିବା) - ଯୁକ୍ତି ତର୍କ କରି ଘଟଣାକୁ ଆଉ ଆଗକୁ ବଢ଼ାଇବା ଠିକ୍ ହେବନାହିଁ। କାରଣ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲେ କଥା ସରିଲା।

**ଇନ୍ଦ୍ର ଚନ୍ଦ୍ର ନ ମାନିବା** (ଗର୍ବରେ ସମସ୍ତଙ୍କୁ ବେଖାତିର କରିବା)- ଗୋବିନ୍ଦ ଧନଗର୍ବରେ ଇନ୍ଦ୍ରଚନ୍ଦ୍ର ମାନୁ ନାହିଁ।

**ଉଡ଼ିଗଲା ଚଢ଼େଇର ପର ଗଣିବା** (ଅତି ଚତୁର) - ରତ୍ନାକର ବାବୁ ସରଳ ପରି ଜଣା ପଡୁଥିଲେ କ'ଣ ହେବ, ସେ ପରା ଉଡ଼ିଗଲା ଚଢ଼େଇର ପର ଗଣିବା ଲୋକ।

**ଉପରେ ଉପରେ ଭାସିବା** (ପ୍ରକୃତ କଥା ନ ଜାଣିବା)- ଗ୍ରାମ ମୁଖିଆ ଗ୍ରାମ ବିବାଦର କ'ଣ ବା ସମାଧାନ କରିବେ ? ସେ ତ ଖାଲି ଉପରେ ଉପରେ ଭାସିବା ଲୋକ।

**ଉଷୁନା ଧାନ ଗଜା ହେବା** (ଅସମ୍ଭବ ସମ୍ଭବ ହେବା)- ଲୋକଟି କର୍କଟ ରୋଗରୁ ଭଲ ହେବ ନା ଉଷୁନା ଧାନ ଗଜା ହେବ।

**ଋଣ କରି ଘିଅ ପିଇବା** (ଅନ୍ୟର ଧନରେ ଅୟସ କରିବା)- ଋଣ କରି ଘିଅ ପିଉଥିବା ଲୋକ ଜୀବନରେ ବହୁ କଷ୍ଟପାଏ।

**ଋଷି ଜଟା ଛିଣ୍ଡାଇ ମରିବା** (ଅତି ସହନଶୀଳ ଲୋକ ପକ୍ଷରେ ମଧ୍ୟ ଅସହ୍ୟ)- ମୁଁ ତା'ର ବହୁ ଉପକାର କରିଥିଲେ ମଧ୍ୟ ସେ ମୋତେ ଏପରି କଟୁ କଥା କହିଲା ଯେ ଋଷି ଜଟା ଛିଣ୍ଡାଇ ମରିବ।

**ଏ କାନରେ ପୂରାଇ ସେ କାନରେ ବାହର କରିବା** (କୌଣସି କଥାକୁ ଗ୍ରହଣ ନ କରିବା)-ପିଲାଟି ତା' ବାପା-ମାଙ୍କ କଥାକୁ ଏ କାନରେ ପୂରାଇ ସେ କାନରେ ବାହାର କରି ଦେଉଛି ।

**କପାଳ ଫାଟିବା** (ଭାଗ୍ୟ ଖରାପ ହେବା): ମୋର ତ କପାଳ ଫଟା । ଅନ୍ୟକୁ ଦୋଷ ଦେଇ ଲାଭ କ'ଣ ?

**କପାଳରେ ହାତ ଦେବା** (ଭାଗ୍ୟକୁ ନିନ୍ଦା କରିବା)- ସୁରେଶ ବାବୁଙ୍କ ଏକମାତ୍ର ରୋଜଗାରିଆ ପୁଅ ଦୁର୍ଘଟଣାରେ ମୃତ୍ୟୁ ବରଣ କରବାରୁ ସେ ବିଚରା କପାଳରେ ହାତ ଦେଇ ବସିଛନ୍ତି।

**କଳାକନା ବୁଲାଇବା** (ସର୍ବ ନାଶ କରାଇବା)- କାଲି ରାତିରେ ଗୋବିନ୍ଦ ସାହୁଙ୍କ ସୁନା ଗହଣା ଦୋକାନରେ ଚୋରମାନେ କଳାକନା ବୁଲେଇ ଦେଇ ଯାଇଛନ୍ତି।

**କଳାକୁ ଧଳା କରିବା** (ଭୁଲ୍‌କୁ ଠିକ୍ ବୋଲି ପ୍ରମାଣ କରିବା)- କିଛି ବ୍ୟବସାୟୀ ଅଛନ୍ତି ଯେଉଁମାନେ କଳାକୁ ଧଳା କରିବାରେ ବେଶ୍ ଓସ୍ତାଦ୍।

**କୁଟା ଖଣ୍ଡିକ ଦି'ଖଣ୍ଡ ନକରିବା** (ଅଳସୁଆ ହୋଇ ବସିବା / ପରିଶ୍ରମ ନକରିବା)- ତୁମେ କୁଟା ଖଣ୍ଡକ ଦି'ଖଣ୍ଡ ନ କରି ବସି ରହିଲେ ତୁମ ସଂସାର ଚଳିବ କେମିତି ?

**କୁହୁଡ଼ି ପହଁରିବା** (ବୃଥା ପରିଶ୍ରମ କରିବା)- ଚନ୍ଦ୍ରଶେଖର ବାବୁ ଲାଭ ନିଶାରେ ଦିନ ରାତି କୁହୁଡ଼ି ପହଁରୁଛନ୍ତି।

**କେରାଣ୍ଡି ଗୁନ୍ଥି ବାଳିଆ ଧରିବା** (ସାମାନ୍ୟ ବ୍ୟୟରେ ପ୍ରଚୁର ଲାଭ କରିବା / ଅଳ୍ପ ବ୍ୟୟରେ ବଡ଼ କାମ ଆଦାୟ କରିବା)- ଦୀନବଂଧୁ ବାବୁଙ୍କ କଥା କାହିଁକି କହୁଛ ? ସେ ତ କେରାଣ୍ଡି ଗୁନ୍ଥି ବାଳିଆ ଧରିବା ଲୋକ।

**ଖଣ୍ଡାଧାରରେ ବାଟ ଚାଲିବା** (ସାବଧାନ ସହକାରେ ଚାଲିବା)- ଯେଉଁମାନେ ଭଗ୍‌ବତ ବିଶ୍ୱାସୀ, ସେମାନେ ଖଣ୍ଡାଧାରରେ ବାଟ ଚାଲିବାକୁ ନିଜର କର୍ତ୍ତବ୍ୟ ବୋଲି ବିଚାର କରିଥାନ୍ତି।

**ଖାଇବା ପତରରେ ଧୂଳି ଦେବା** (ଜୀବିକାରେ ବାଧାଦେବା) କାହା ଖାଇବା ପତ୍ରରେ ଧୂଳି ଦେବା ଉଚିତ ନୁହେଁ।

**ଖିଅ କାଢ଼ିବା** (ଦୋଷ ବାଛିବା)- ଦୁଷ୍ଟ ପ୍ରକୃତିର ଲୋକମାନେ ସବୁ କଥାରୁ ଖିଅ କାଢ଼ିଥାନ୍ତି।

**ଗୋଡ଼ ତଳେ ନ ଲାଗିବା** (ଅତ୍ୟଧିକ ଖୁସିହେବା)- ପୁଅ ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣ ପଦକ ପାଇଥିବାରୁ ବାପାଙ୍କ ଗୋଡ଼ ତଳେ ଲାଗୁନାହିଁ ।

**ଗୋଡ଼ହାତ ଧରିବା** (ଗୁହାରି କରିବା)- ପୁଅର ଚାକିରି ପାଇଁ ମଦନ ବାବୁ ବହୁ ଲୋକଙ୍କ ଗୋଡ଼ ହାତ ଧରିଛନ୍ତି, ମାତ୍ର କିଛି ଫଳ ପାଇ ନାହାନ୍ତି ।

**ଘଣ୍ଟ ଘୋଡ଼ାଇବା** (ଦୋଷ ଲୁଚାଇବା ବା ରକ୍ଷା କରିବା)- ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଘଣ୍ଟ ଘୋଡ଼ାଇବା ଉଚିତ ନୁହେଁ ।

**ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା** (କାର୍ଯ୍ୟାରମ୍ଭ ପୂର୍ବର ବିଘ୍ନ ସୃଷ୍ଟି ହେବା)- ନୂଆ ଶିକ୍ଷକଜଣକ ଶ୍ରେଣୀକୁ ଆସିବାମାତ୍ରେ ଦୁଷ୍ଟପିଲାଟି ତାଙ୍କୁ ଏପରିଖରାପ ମନ୍ତବ୍ୟ ଦେଲାଯେ ଲାଗିଲା, ଯେପରି ଘରେ ନ ପଶୁଣୁ ଚାଳ ବାଜିଲାଣି ।

**ଚଳୁ କରିଦେବା** (ସବୁ ଶେଷ କରିଦେବା)- ଦୁର୍ନୀତିଗ୍ରସ୍ତ କର୍ମଚାରୀ ସରକାରୀ ଅର୍ଥ ଚଳୁ କରିବାରେ ଲାଗିଛନ୍ତି ।

**ଚଷୁ କୁଟିବା** (ବୃଥା ପରିଶ୍ରମ କରିବା)- ଜୁଆଡ଼ି ରାମାକୁ ଜୁଆ ନ ଖେଳିବାକୁ ଯେତେ ବୁଝାଇଲେ କ'ଣ ହେବ ? କେବଳ ଚଷୁ କୁଟିବା ସାର ହେବ ।

**ଚାଲିଲା ଶଗଡ଼ରେ ହାତ ଦେବା** (ଅତି ଦୁଷ୍ଟ ହେବା)- ରାଣ୍ଡିପୁଅ ଅନନ୍ତା ଥିଲା ଚାଲିବା ଶଗଡ଼ରେ ହାତ ଦେବା ପିଲା ।

**ଚିତା କାଟିବା** (ଠକିବା)- ଚାକର ପିଲାଟିକୁ ଗୋପାଳ ବାବୁ ନିଜ ପୁଅପରି ବିଶ୍ୱାସ କରୁଥିଲେ । ହେଲେ ସେ ଗୋପାଳ ବାବୁଙ୍କୁ ଚିତାକାଟି ଚାଲିଗଲା ।

**ଚୋରକୁ ମାନ ମାରି ଖପରାରେ ଖାଇବା** (ଅନ୍ୟ ଉପରେ ଅଭିମାନ କରି ନିଜର କ୍ଷତି କରିବା)- ଯାହା ତ' ଘଟିବାର ଥିଲା ଘଟିଲା ଏବେ ଚୋରକୁ ମାନ ମାରି ଖପରାରେ ଖାଇଲେ କି ଲାଭ ?

**ଛାଇ ନ ମାଡ଼ିବା** (ଆଦୌ ସଂପର୍କ ନ ରଖିବା)- ବାପାଙ୍କ ପଦେ କଥାରେ ମାମୁ ଆମ ଘର ଛାଇ ମାଡୁନାହାନ୍ତି ।

**ଛାତିକୁ ପଥର କରିବା** (ଧୈର୍ଯ୍ୟ ଧରିବା)- ସ୍ୱାମୀର ମୃତ୍ୟୁପରେ ବୋହୂଟି ଛାତିକୁ ପଥର କରି ବଞ୍ଚି ରହିଛି ।

**ଛେନାରୁ ଚୋପା ଛଡ଼ାଇବା** (ଖୋଜି ଖୋଜି ବୃଥା ଦୋଷ ବାହାର କରିବା)- ସବୁ କଥାରେ ଛେନାରୁ ଚୋପା ଛଡ଼ାଇବା ଜନାର୍ଦ୍ଦନ ବାବୁଙ୍କର ଅଭ୍ୟାସ ।

**ଜିରାରୁ ଶିରା କାଢ଼ିବା** (ବୃଥା ଦୋଷ ଦେଖାଇବା)- ବଳରାମ ବାବୁ ଗ୍ରନ୍ଥଟିର ପ୍ରକୃତ ସମୀକ୍ଷା ନ କରି ସେ କେବଳ ଜିରାରୁ ଶିରା କାଢ଼ିଛନ୍ତି ଯାହା ।

**ଝିଙ୍କିକା ମାରି ବଣି ପୋଷିବା** (ଦୁର୍ବଳକୁ ମାରି ସବଳକୁ ସାହାଯ୍ୟ କରିବା)- ସରକାରଙ୍କ କିଛି ଯୋଜନା ଖାଲି ଝିଙ୍କିକା ମାରି ବଣି ପୋଷିବାକୁ ଉଦ୍ଦିଷ୍ଟ ।

**ତିନି ପାଞ୍ଚିରୁ ଯିବା** (ଯଶ ହରାଇବା)- ଗୋପାଳ ବାବୁଙ୍କ ପୁଅ ନିଶା ଓ ପଶାରେ ମାତି ତିନି ପାଞ୍ଚିରୁ ଗଲାଣି ।

**ତିଳକୁ ତାଳ କରିବା** (ଛୋଟ କଥାକୁ ବଡ଼ କରିବା)- ତିଳକୁ ତାଳ କରିବା ରମେଶ ବାବୁଙ୍କ ଅଭ୍ୟାସ ହୋଇଥିବାରୁ ତାଙ୍କୁ ବିଶ୍ୱାସ କରନାହିଁ ।

**ତେଲ ମାରିବା** (ଖୋସାମତ କରିବା)- କାର୍ଯ୍ୟ ହାସଲ ପାଇଁ ଚତୁର ଲୋକମାନେ ବେଳେବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତେଲ ମାରନ୍ତି ।

**ଦାନାରେ ଧୂଳି ଦେବା** (ଜୀବିକାରୁ ଉଚ୍ଛେଦ କରିବା): ଅନ୍ୟର ଦାନାରେ ଧୂଳିଦେବା ମହାପାପ ।

**ଦୁଇ ନାଆରେ ଗୋଡ଼ ଦେବା** (ଏକ ସମୟରେ ଦୁଇଟି କାମ ଆରମ୍ଭ କରି ଅସୁବିଧାରେ ପଡ଼ିବା)- ଦୁଇ ନାଆରେ ଗୋଡ଼ ଦେବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ।

**ଦେହସୁହା ହେବା** (ଅଭ୍ୟସ୍ତ ହେବା)- ଚାକର ପ୍ରତି ବିରକ୍ତ ହୋଇ ଲାଭ କ'ଣ ? ଗାଳି ତା' ଦେହସୁହା ହୋଇଗଲାଣି ।

**ଧରାକୁ ସରା ମଣିବା** (କାହାରିକୁ ଭ୍ରୂକ୍ଷେପ ନ କରିବା)- ସ୍ୱର୍ଣ୍ଣଲଙ୍କାର ଅଧୀଶ୍ୱର ହୋଇ ରାବଣ ଧରାକୁ ସରା ମଣୁଥିଲା ।

**ଧୂଆଁବାଣ ମାରିବା** (ବାହାପିଆ କଥା କହିବା / ବଢ଼େଇ କରି କହିବା)- ରାଧାଶ୍ୟାମ ବାବୁ ଧୂଆଁବାଣ ମାରିବାରେ ବେଶ୍ ନିପୁଣ ।

**ନାକ ଟେକିବା** (ଘୃଣା କରିବା)- ସହର ତଳି ଅଞ୍ଚଳରେ ଗଦା ହୋଇଥିବା ଅଳିଆ ଆବର୍ଜନା ଦେଖିଲେ ଯେ କେହି ନାକ ଟେକିବ ।

**ପାଣିରେ ସର ପକାଇବା** (କୌଶଳରେ ମନଭୁଲାଇବା)-ଶଙ୍କର୍ଷଣ ପାଣିରେ ସର ପକାଇ ଏମିତି କଥା କହେ ଯେ ଲୋକେ ସେ କଥାକୁ ସହଜରେ ବିଶ୍ୱାସ କରିଯାଆନ୍ତି ।

**ପିଠିରେ ପଡ଼ିବା** (ସାହାହେବା)- ଦୁର୍ଦ୍ଦିନରେ ଯିଏ ପିଠିରେ ପଡ଼ନ୍ତି, ସେ ହିଁ ପ୍ରକୃତ ବନ୍ଧୁ ।

**ଫସର ଫାଟିବା** (ବ୍ୟର୍ଥ ହେବା)- ତାଙ୍କର ସମସ୍ତ ଯୋଜନା ଅକାଳରେ ଫସର ଫାଟିଗଲା ।

**ବାଟ କାଟିବା** (ନିଜ ସୁବିଧା ଦେଖିବା)- ବେଳହୁଁ ବାଟ କାଟିବା ବୁଦ୍ଧିମାନ ଲୋକର କାର୍ଯ୍ୟ ।

**ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼େଇବା** (ଅସମ୍ଭବ ପାଇଁ ପ୍ରଚେଷ୍ଟା)- ଭିକାରିଟିଏ ସମ୍ଭ୍ରାନ୍ତ ପରିବାରର ଝିଅକୁ ବାହାହେବାକୁ ସ୍ୱପ୍ନ ଦେଖିବା ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼େଇବା ସଙ୍ଗେ ସମାନ ।

**ବିରାଡ଼ି କପାଳକୁ ଶିକା ଛିଣ୍ଡିବା** (ଯେ ଯେଉଁ ସୁବିଧା ଖୋଜୁଥାଏ, ତା'କୁ ସେହି ସୁବିଧା ମିଳିବା)- ମଦନ ବାବୁଙ୍କ ଗାଁ ଘରେ କେହି ନ ଥିବାରୁ ପାଖ ପଡ଼ୋଶୀ ଆମ୍ବ ବଗିଚାର ସବୁ ଫଳ ଖାଉଛନ୍ତି । ତାଙ୍କ ପାଇଁ ବିରାଡ଼ି କପାଳକୁ ଶିକା ଛିଣ୍ଡିଛି ।

**ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା** (ଶକ୍ତିଶାଳୀଲୋକ ବିରୋଧରେ ପ୍ରଥମେ ବାହାରିବା)- ବଡ଼ବଡ଼ିଆଙ୍କ ଟିକସ ଫାଙ୍କି ବିଷୟରେ ସମସ୍ତେ ଜାଣନ୍ତି, ହେଲେ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ ?

**ବିଷଦାନ୍ତ ଭାଙ୍ଗିବା** (ଔଦ୍ଧତ୍ୟ ଛଡ଼ାଇବା)- ସରକାର ନିଶାବେପାରୀଙ୍କ ବିଷଦାନ୍ତ ଭାଙ୍ଗିବା ପାଇଁ କଠୋର ଆଇନ ପ୍ରଣୟନ କରିଛନ୍ତି ।

**ଭାଲୁ ଧରାଇବା** (କୌଶଳରେ ଜଞ୍ଜାଳଗ୍ରସ୍ତ କରିବା)- ଭଉଣୀର ବାହାଘର କାମରେ ବଡ଼ ଭାଇ ମୋତେ ଭାଲୁ ଧରାଇ ଦେଇ କୁଆଡ଼େ ଯାଇଛନ୍ତି ଯେ, ତାଙ୍କର ଏ ପର୍ଯ୍ୟନ୍ତ ଦେଖାନାହିଁ ।

**ଭେଳା ବୁଡ଼ିବା** (ସର୍ବନାଶ ହେବା)- ଦୁର୍ଘଟଣାରେ ଗୋପାଳବାବୁଙ୍କ ଏକମାତ୍ର ପୁଅର ମୃତ୍ୟୁ ହେବାରୁ ତାଙ୍କର ଭେଳା ବୁଡ଼ିଗଲା ।

**ମନ ଘର ଧରିବା** (ଅସୁବିଧାରେ ପଡ଼ି ସତର୍କ ହେବା): ବାପା ମା'-ଙ୍କଠାରୁ ପୁଅ ଅଲଗା ରହୁଥିଲା, ଏବେ ସ୍ତ୍ରୀର ଦୌରାତ୍ମ୍ୟ ଦେଖି ମନ ଘର ଧରିଲାଣି ।

**ମାଛିକୁ ମ ବୋଲି ନ କହିବା** (ଖୁବ୍ ଶାନ୍ତଶିଷ୍ଟ)- ରସାନନ୍ଦ ବାବୁଙ୍କ ସାନପୁଅ ମାଛିକୁ ମ ବୋଲି କହେ ନାହିଁ ।

**ମୁଣ୍ଡକୁ ହାତ ପାଇବା** (ରୋଜଗାରକ୍ଷମ ହେବା)- ମୁଣ୍ଡକୁ ହାତ ପାଇବା ପରେ ପୁଅ ଆଉ ବାପ-ମା'ଙ୍କୁ ପଚାରୁ ନାହିଁ ।

**ମୁଣ୍ଡ ଝାଳ ତୁଣ୍ଡରେ ମାରିବା** (କଠିନ ପରିଶ୍ରମ କରବା)- କୃଷକ ମୁଣ୍ଡ ଝାଳ ତୁଣ୍ଡରେ ମାରି ସୁନାର ଫସଲ ଫଳାଉଛି ।

**ମୁହଁ ଭାଙ୍ଗିଦେବା** (ଟାଣପଣ ଭାଙ୍ଗିବା)- କାହା କଥା ନ ମାନି ମୋ ପୁଅ ସମସ୍ତଙ୍କ ମୁହଁ ଭାଙ୍ଗି ଚାଲିଗଲା ।

**ରକ୍ତ ଚାଉଳ ଚୋବାଇବା** (ରାଗରେ ଜରଜର ହେବା)- ଛାତ୍ରଟିର ଭୁଲ୍ ଦେଖି ଶିକ୍ଷକ ତା' ଉପରେ ରକ୍ତ ଚାଉଳ ଚୋବାଇଲେ।

**ଲୁହାଜାଣି ପାଣି ଦେବା** (ଲୋକ ଦେଖି ବ୍ୟବହାର କରିବା)- ଆଜିର ସମାଜରେ ଲୁହାଜାଣି ପାଣି ଦେଇ ପାରୁଥିବା ଲୋକ ହିଁ ସବୁ କ୍ଷେତ୍ରରେ ତିଷ୍ଠି ପାରୁଛି।

**ସଜ ମାଛରେ ପୋକ ପକାଇବା** (ଦୋଷଶୂନ୍ୟ କାର୍ଯ୍ୟରେ ଦୋଷ ଦେଖାଇବା)- ଅନେକ ଲୋକ ଅଛନ୍ତି ସେମାନଙ୍କର ଅଭ୍ୟାସ ହେଲା ସଜ ମାଛରେ ପୋକ ପକାଇବା।

**ହଲିଲା ପାଣିରେ ଗୋଡ଼ ନ ଦେବା** (ବିପଦ ବା ଜଞ୍ଜାଳ ଥିବା ବିଷୟରେ ନ ପଶିବା)- ଚମ୍ପା ଭାରି ଚତୁରୀ, ସେ ହଲିଲା ପାଣିରେ ଗୋଡ଼ ଦିଏନାହିଁ।

**ହାତବାନ୍ଧି ବସିବା** (ନିରୁପାୟ ହେବା)- କାମ ନ ପାଇ ମୂଲିଆମାନେ ହାତ ବାନ୍ଧି ବସିଛନ୍ତି।

**ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା** (ଅଯଥା କଷ୍ଟ ସ୍ୱୀକାର କରିବା)- ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା ବୁଦ୍ଧିମାନର କାର୍ଯ୍ୟ ନୁହେଁ।

**ହାତେ ମାପି ଚାଖଣ୍ଡେ ଚାଲିବା** (ସତର୍କରେ କାମ କରିବା): ବର୍ତ୍ତମାନ ସମୟରେ ହାତେ ମାପି ଚାଖଣ୍ଡେ ନ ଚାଲିଲେ ବିପଦରେ ପଡ଼ିବା ସାର ହେବ।

**କ୍ରିୟାହୀନ ରୂଢ଼ି:**

ଯେଉଁ ବାକ୍ୟାଂଶ ବା ପଦ ସଂହତିରେ କ୍ରିୟା ପଦର ବ୍ୟବହାର ଘଟି ନ ଥାଏ ଏବଂ ଏହା ଆଭିଧାନିକ ଅର୍ଥ ନ ବୁଝାଇ, ଏକ ବିଶେଷ ଆରୋପିତ ଅର୍ଥକୁ ବୁଝାଇ ଥାଏ, ତାହାକୁ କ୍ରିୟାହୀନ ରୂଢ଼ି କୁହାଯାଏ।

**ଅକଲ ସଲାମି** (ଉଚିତ ଶାସ୍ତି)- ସେ ମୋତେ ଯେତିକି ହିନସ୍ତା କରିଛି, ମୁଁ ତାକୁ ଅକଲ ସଲାମି ନ ଦେଇ ଛାଡ଼ିବି ନାହିଁ।

**ଅକାଳ କୁଷ୍ମାଣ୍ଡ** (ଅଯୋଗ୍ୟ)-ଯୁଗେ ଯୁଗେ ଅକାଳ କୁଷ୍ମାଣ୍ଡମାନେ ବଂଶ ଗୌରବକୁ ନଷ୍ଟ କରନ୍ତି।

**ଅନ୍ଧ ବୁଝାମଣା** (ଅନ୍ୟାୟ ବିଚାର)- ଆଜିର ଗଣତନ୍ତ୍ର ଶାସନରେ ରାଜାରାଜୁଡ଼ାଙ୍କ ଅମଳର ଅନ୍ଧ ବୁଝାମଣା ଆଉ ନାହିଁ।

**ଅନ୍ଧର ଲଉଡ଼ି** (ଅସହାୟର ସହାୟ)- ଶ୍ରୀକୃଷ୍ଣ ଯଶୋଦାଙ୍କର ଅନ୍ଧର ଲଉଡ଼ି ଥିଲେ।

**ଅରଣ୍ୟ ରୋଦନ** (ବୃଥା ପ୍ରାର୍ଥନା)- ସାର୍‌ଙ୍କୁ ଅଧିକ ନମ୍ବର ଲାଗି ଅନୁରୋଧ କରିବା କେବଳ ଅରଣ୍ୟ ରୋଦନ ସହ ସମାନ।

**ଅଲଣା କଥା** (ମୂଲ୍ୟହୀନ କଥା)- ତାଙ୍କର ସେ ଅଲଣା କଥା ଶୁଣିବାକୁ ମୋର ବେଳନାହିଁ।

**ଅହି ନକୁଳ ସଂପର୍କ** (ଘୋର ଶତ୍ରୁତା)- ଭାରତ ପାକିସ୍ଥାନର ଅହି ନକୁଳ ସଂପର୍କ ସମସ୍ତଙ୍କୁ ଜଣା।

**ଆକାଶ କୁସୁମ** (ଅସମ୍ଭବ କଥା)- ଗାନ୍ଧୀଙ୍କ ରାମରାଜ୍ୟରସ୍ୱପ୍ନ ଆଜି ଆକାଶକୁସୁମ ପାଲଟିଛି।

**ଆପେ ବଞ୍ଚିଲେ ବାପର ନାଁ** (ନିଜକୁ ସୁରକ୍ଷିତ କରିବା)- ଗାଁ ରାଜନୀତିରେ ମୁଣ୍ଡ ନ ପୁରାଇ ଆପେ ବଞ୍ଚିଲେ ବାପାର ନାଁ ନ୍ୟାୟରେ ନୀରବ ରହିବା ଭଲ।

**ଉତ୍ତମ ମଧ୍ୟମ** (ନିଷ୍ଠୁକ ମାଡ଼)- ଚୋରଟି ଧରା ପଡ଼ିଯିବାରୁ, ଲୋକମାନେ ଚୋରକୁ ଉତ୍ତମ ମଧ୍ୟମ ଦେଇ ପୋଲିସରେ ଦେଲେ।

**ଏ ଘର ମାଉସୀ ସେ ଘର ପିଉସୀ** (ଦୁଇ ପକ୍ଷ ସହିତ ସଂପର୍କ ରଖି କଳି ଲଗାଇବା ନାରୀ)- ସଂଯୁକ୍ତା କଥାକୁ ବିଶ୍ୱାସ କରିବା ଠିକ୍ ହେବ ନାହିଁ, କାରଣ ସେ ପରା ଏ ଘର ମାଉସୀ ସେ ଘର ପିଉସୀ।

**ଓଳିଆରୁ ଗଜା** (ଜନ୍ମରୁ ସିଆଣିଆ)- ସେ ତ ଓଳିଆରୁ ଗଜା । ତାକୁ କ'ଣ କଥା କହି ତୁ ଜିତି ପାରିବୁ ?

**କପାଳ ଲିଖନ** (ଭାଗ୍ୟଫଳ)- କପାଳ ଲିଖନକୁ କେହି ଆନ କରିପାରିବେ ନାହିଁ।

**କଂସାରି ଘରର ପାରା** (ଅଭିଜ୍ଞ ଲୋକଙ୍କୁ ସାଧାରଣ କଥାରେ ଡ଼ରାଇବା)- ଓକିଲ ବାବୁଙ୍କୁ କ'ଣ ହାଇକୋର୍ଟ ଦେଖାଉଛୁ ? ସେ ତ କଂସାରି ଘରର ପାରା।

**କୁମ୍ଭୀର କାନ୍ଦଣା** (ଉପର ଠାଉରିଆ ସହାନୁଭୂତି ବା ଛଳନା ପୂର୍ଣ୍ଣ ଆଚରଣ)- କିଛି ନେତା ଆଜିକାଲି ଗରିବଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି।

**ଗୋଟିଏ ଚାଉଳରେ ଗଢ଼ା** (ଅତି ସୁନ୍ଦର)- ନାରଣବାବୁଙ୍କ ସାନଝିଅଟି ଗୋଟିଏ ଚାଉଳରେ ଗଢ଼ା।

**ଗୋଠ ଖଣ୍ଡିଆ** (ଦଳରୁ ଅଲଗା)- ଗୋଠ ଖଣ୍ଡିଆ ଲୋକମାନଙ୍କୁ ବିଶ୍ୱାସ କଲେ, ବିପଦରେ ପଡ଼ିବ।

**ଗୋବର ଗଣେଶ** (ବୁଦ୍ଧିହୀନ)- ଆଜିର ସମାଜରେ ବହୁ ଗୋବର ଗଣେଶ ଉଚ୍ଚ ପଦରେ ରହିଛନ୍ତି।

**ଘର ଢିଙ୍କି କୁମ୍ଭୀର** (ନିଜ ଲୋକ ଶତ୍ରୁ )- ଶତ୍ରୁ ସାଧିବି କ'ଣ ? ମୋ ପୁଅ ପରା ଘର ଢିଙ୍କି କୁମ୍ଭୀର ସାଜିଛି ।

**ଚାରି ଦଉଡ଼ି କଟା** (ବେପରୁଆ / ଲଗାମ ଛଡ଼ା)- ତା ସାଙ୍ଗରେ ବଢ଼ନା । ସେ ଗୋଟିଏ ଚାରି ଦଉଡ଼ି କଟା ମଣିଷ ହୋଇଥିବାରୁ,ତାର କୌଣସି କଥାକୁ ଭୟ ନାହିଁ।

**ଜପାମାଳି** (ଅତ୍ୟନ୍ତ ପ୍ରିୟ) ଶ୍ରୀକୃଷ୍ଣ ଯଶୋଦାଙ୍କର ଜପାମାଳି ଥିଲେ।

**ଝିମିଟି ଖେଳରୁ ମହାଭାରତ** (ସାମାନ୍ୟ କଥାରୁ ଅନର୍ଥ ଜାତ ହେବା): ସାମାନ୍ୟ ପିଲା କଳିରୁ ଉଭୟ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିବା ଝିମିଟି ଖେଳରୁ ମହାଭାରତ ପରି ଘଟଣା।

**ତେଲିଆ ମୁଣ୍ଡରେ ତେଲ** (ଥିଲା ବାଲାକୁ ସାହାଯ୍ୟ କରିବା): ତେଲିଆ ମୁଣ୍ଡରେ ତେଲ ବୋଳିବାକୁ ଆଜି କାଲି ଆଉ ସରକାର ଚାହୁଁ ନାହାନ୍ତି।

**ନଈ ନ ଦେଖୁଣୁ ଲଙ୍ଗଳା** (ବିପଦ ଆଶଙ୍କାରେ ଛାନିଆ ହେବା): ନଈ ନ ଦେଖୁଣୁ ଲଙ୍ଗଳା ହେବା ଲୋକ, ଜୀବନରେ କେବେ ସଫଳ ହୋଇପାରନ୍ତି ନାହିଁ।

**ନାଟର ଗୋବର୍ଦ୍ଧନ** (ଅନର୍ଥର ମୂଳ): ଆମ ଗ୍ରାମର ମହେଶ୍ୱର କମ୍ ଲୋକଟିଏ ନୁହେଁ, ସେ ହେଉଛି ଶକୁନି ପରି ନାଟର ଗୋବର୍ଦ୍ଧନ।

**ବଣ ବିଛୁଆତି** (ଅତିଦୁଷ୍ଟ): ଗୋବିନ୍ଦବାବୁଙ୍କ ପୁଅ ବଣ ବିଛୁଆତି ଟାଏ। ତା' ସାଙ୍ଗରେ ଭାବ କଲେ ବିପଦ।

**ବାଆକୁ ବତା** (କ୍ଷୀଣ ଆଶ୍ରୟ)- ଈଶ୍ୱର ଯାହା କରିବେ, ତାହାହେବ। ମଣିଷର ଚେଷ୍ଟା କେବଳ ବାଆକୁ ବତା ମାତ୍ର।

**ବାହାଘରବେଳେ ବାଇଗଣ ରୁଆ** (ଶେଷମୁହୂର୍ତ୍ତରେ କାମ ଆରମ୍ଭ କରିବା)- ବାହାବେଳେ ବାଇଗଣ ରୁଆ ପରି ପରୀକ୍ଷା ପୂର୍ବଦିନ ବହି ଖୋଲିଲେ ସଫଳ ହେବା କଷ୍ଟ।

**ବୋଝ ଉପରେ ନଳିତା ବିଡ଼ା** (କଷ୍ଟ ଉପରେ କଷ୍ଟ)– ମାଆ ଶଯ୍ୟାଶାୟୀ ଥିବାବେଳେ ବାପାଙ୍କ ଦୁର୍ଘଟଣା ମୋ ପାଇଁ ବୋଝ ଉପରେ ନଳିତା ବିଡ଼ା ପରିହେଲା।

**ମାଙ୍କଡ଼ ହାତରେ ଶାଳଗ୍ରାମ** (ଅଯୋଗ୍ୟ ହାତରେ ଦାୟିତ୍ୱ ଦେବା)-ରତିକାନ୍ତ ପରି ଦାୟିତ୍ୱହୀନ ପିଲା ହାତରେ ଝିଅ ବିଭାଘରର ସମସ୍ତ ଦାୟିତ୍ୱ ଦେବା ମାଙ୍କଡ଼ ହାତରେ ଶାଳଗ୍ରାମ ସଦୃଶ ।

**ହାତ ଅଳସେ ନିଶ ବଙ୍କା** (ଅଳସୁଆ ହେତୁ କଷ୍ଟ ପାଇବା)- ଅନେକ ଶିକ୍ଷିତ ଲୋକଙ୍କର ଚାଷଜମି ଥାଇବି ହାତ ଅଳସ୍ୱେ ନିଶବଙ୍କା ପରି ସେମାନେ ଅଭାବରେ ଅଛନ୍ତି ।

**ହାଟ ମଧ୍ୟେ ବ୍ରହ୍ମଜ୍ଞାନ** (ଅନୁପଯୁକ୍ତ ସ୍ଥାନରେ ଜ୍ଞାନଚର୍ଚ୍ଚା କରିବା) ନିର୍ବାଚନୀ ସଭାରେ ନେତାଙ୍କର ଭାଗବତ ଚର୍ଚ୍ଚା ହାଟ ମଧ୍ୟେ ବ୍ରହ୍ମଜ୍ଞାନ ପରି ମନେହେଲା ।

**ହାତ ବାରିସି** (ବୋଲକରା)- ଆଜିକାଲି କଲେଜଛାତ୍ରମାନେ ରାଜନେତାଙ୍କର ହାତ ବାରିସି ସାଜିଛନ୍ତି ।

**କ୍ଷୀର ନୀର ସଂପର୍କ** (ନିବିଡ଼ ସଂପର୍କ)- ଭକ୍ତ ଓ ଭଗବାନଙ୍କର ସଂପର୍କ ହେଉଛି କ୍ଷୀର ନୀର ସଂପର୍କ ।

**ଲଙ୍କାରେ ହରି ଶବ୍ଦ** (ଅସମ୍ଭବ କଥା ସମ୍ଭବ)-ଗଙ୍ଗାଧର ଚୌଧୁରୀଙ୍କ ପରି କୃପଣ ଗାଁର ସେହି ଅନାଥ ଝିଅଟିର ବିଭାଘର ପାଇଁ ସମସ୍ତ ଖର୍ଚ୍ଚ ବହନକରିବା ଲଙ୍କାରେ ହରି ଶବ୍ଦ ପରି ।

**ତୁଳନାତ୍ମକ ରୂଢ଼ି: -**

ଯେଉଁ ଖଣ୍ଡବାକ୍ୟ ବା ପଦ ସଂହତିରେ ଉପମେୟକୁ ଉପମାନ ସହିତ ତୁଳନା କରାଯିବା ସଙ୍ଗେ ସଙ୍ଗେ ଉପାମାବାଚକ ଶବ୍ଦର ପ୍ରୟୋଗ ହୋଇ ଏକ ବିଶେଷ ଅର୍ଥ ପ୍ରକାଶି ହୁଏ, ତାହାକୁ ତୁଳନାତ୍ମକ ବା ଉପମାଯୁକ୍ତ ରୂଢ଼ି କୁହାଯାଏ ।

**ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା** (କିଛି ନ ବୁଝି ସବୁଥିରେ ସମ୍ମତି ଜଣାଇବା) - ସବୁ କଥାରେ ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା ମୋ' ବାପାଙ୍କ ଅଭ୍ୟାସ ।

**କାଠଗଡ଼ ପରି ପଡ଼ିରହିବା** (ନିଶ୍ଚଳ ଭାବରେ ରହିବା)- ଗୁଣନିଧି ବାବୁଙ୍କ ବୋହୂ ଅନେକ ସମୟରେ କିଛି କାମ ନ କରି କାଠଗଡ଼ ପରି ପଡ଼ିରହିଥାଏ ।

**କୁଆପରି କାଉ କାଉ ହେବା** (ସବୁବେଳେ ବକର ବକର ହେବା)- ଆମ ବୀଣାନାନୀର ସ୍ୱଭାବ ହେଉଛି କୁଆପରି କାଉ କାଉ ହେବା ।

**ଖୁଣ୍ଟା ପରି ଠିଆ ହେବା** (କିଛି କାମ ନକରି ଖାଲି ଠିଆ ହୋଇଥିବା)- ତୁମେ ସେଠାରେ ଖୁଣ୍ଟା ପରି ଠିଆ ହୋଇ ରହିଛ କାହିଁକି ?

**ଛୁଞ୍ଚି ପରି ମୁହଁ କରିବା** (ରାଗରେ ମୁହଁ ଶୁଖେଇ ବସିବା)- ସୁଲୋଚନାର କ'ଣ ହୋଇଛି କେଜାଣି ? ସକାଳୁ ସକାଳୁ ସେ ଛୁଞ୍ଚିପରି ମୁହଁ କରି ବସିଛି ।

**ଜୋକ ପରି ଲାଗିବା** (ନଛୋଡ଼ବନ୍ଧା) ଇନ୍ଦ୍ରଜିତ ତା ନିଜ କାମରେ ସର୍ବଦା ଜୋକପରି ଲାଗିଥାଏ ।

**ପବନ ପରି ଧାଇଁବା** (ଜୋରରେ ଲାଗି ପଡ଼ିବା /କାର୍ଯ୍ୟ ବ୍ୟସ୍ତ ରହିବା)- ଝିଅ ବିଭାଘର ପାଇଁ ରାମଚନ୍ଦ୍ର ବାବୁ ପବନ ପରି ଧାଇଁଚନ୍ତି ।

**ପେଡ଼ିପରି ମୁହଁ କରିବା** (ମୁହଁ ଫୁଲେଇ ହେବା)— ରଜରେ ବାପା ନୂଆ ପୋଷାକ ଆଣି ନାହାନ୍ତି ବୋଲି ଗୀତା, ପେଡ଼ିପରି ମୁହଁ କରିଛି ।

**ବରଡ଼ା ପତ୍ର ପରି ଥରିବା** (ଭୟରେ ଛାନିଆ ହୋଇଯିବା / ଭୟରେ ଥରିବା)- ବାପାଙ୍କ ଆଗରେ ମିଛ କହି ଧରାପଡ଼ିବାରୁ ସନିଆ ବରଡ଼ାପତ୍ର ପରି ଥରୁଛି ।

**ଶୁଆ ପରି ଘୋଷିବା** (ମନେ ରଖିବା)- ପାଠକୁ ନ ବୁଝି ଖାଲି ଶୁଆପରି ଘୋଷିଲେ କିଛି ଲାଭ ହେବ ନାହିଁ ।

**ହାଣ୍ଡି ପରି ମୁହଁ କରିବା** (ଅଭିମାନ କରିବା)- ସାବିତ୍ରୀ ଓଷା ଦିନ ମଧୁଛନ୍ଦା ପାଇଁ ନୂଆ ଲୁଗା ନ ହେବାରୁ ସେ ହାଣ୍ଡି ପରି ମୁହଁ କରିଛି ।

## ଅନୁଶୀଳନୀ

୧ । ରୂଢ଼ି ପ୍ରୟୋଗ କହିଲେ କ'ଣ ବୁଝାଯାଏ ?

୨ । ନିମ୍ନଲିଖିତ ଅର୍ଥ ପ୍ରକାଶ କରୁଥିବା ରୂଢ଼ି ମାନ ଉଲ୍ଲେଖ କରି ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

ଅନ୍ୟ ଉପରେ ଦୋଷ ଲଦିବା, ମୂର୍ଖ ନିକଟରେ ଜ୍ଞାନ ଚର୍ଚ୍ଚା କରିବା, ଅନୁମାନ କରି କାର୍ଯ୍ୟ କରିବା, ଅସମ୍ଭବକୁ ସମ୍ଭବ କରିବା, ବୃଥା ପରିଶ୍ରମ କରିବା, ଜୀବିକାରେ ବାଧା ଦେବା, ଧୈର୍ଯ୍ୟ ଧରିବା, ବୃଥାଦୋଷ ଦେଖାଇବା, ଦୁର୍ବଳକୁ ମାରି ସବଳକୁ ସାହାଯ୍ୟ କରିବା, ଶକ୍ତିଶାଳୀ ଲୋକ ବିରୋଧରେ ବାହାରିବା । ବିନା ଖର୍ଚ୍ଚରେ ଲାଭ ଉଠେଇବା, ଅସହାୟର ସହାୟ, ମୂଲ୍ୟହୀନ କଥା, ଜନ୍ମରୁ ସିଆଣିଆ, ଛଳନାପୂର୍ଣ୍ଣ ଆଚରଣ, ଅତି ସୁନ୍ଦର, ଟିକିନିଖି ପରୀକ୍ଷା, ଆନନ୍ଦରେ ମୂଳ, କ୍ଷୀଣ ଆଶ୍ରୟ, ଅସମର୍ଥ ବ୍ୟକ୍ତି ହାତରେ ଦାୟିତ୍ୱ ଅର୍ପଣ ।

୩ । 'କ' ସ୍ତମ୍ଭରେ ବିଭିନ୍ନ ରୂଢ଼ି ଓ 'ଖ' ସ୍ତମ୍ଭରେ ବିଭିନ୍ନ ରୂଢ଼ିର ଅର୍ଥ ପ୍ରଦାନ କରାଯାଇଛି ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କଟାଘାରେ ଚୂନ ଦେବା | ଅଯୋଗ୍ୟଲୋକ ହାତରେ କାମ କରାଇବା |
| ହାଟମଝେ ବ୍ରହ୍ମଜ୍ଞାନ | ଛୋଟ କଥାକୁ ବଡ଼ କରିବା |
| ଇନ୍ଦ୍ରଚନ୍ଦ୍ର ନ ମାନିବା | ଅନ୍ୟ ଉପରେ ଦାୟିତ୍ୱ ଲଦିଦେଇ ଖସିଯିବା |
| ଆଖୁ କିଆରିରେ ପଶିବା | ଗର୍ବରେ ସମସ୍ତଙ୍କୁ ବେଖାତିର କରିବା |
| ଛାତିକୁ ପଥର କରିବା | ଯନ୍ତ୍ରଣା ଉପରେ ଯନ୍ତ୍ରଣା ଦେବା, |
| ଛେଳି ଗୋଡ଼ରେ ଧାନ ମଳିବା | ଧୈର୍ଯ୍ୟ ଧରିବା |
| ତିଳକୁ ତାଳ କରିବା | ଅନୁପଯୁକ୍ତ ସ୍ଥାନରେ ଜ୍ଞାନ ଚର୍ଚ୍ଚା କରିବା |
| ପରମୁଣ୍ଡରେ ନଡ଼ିଆ ବାଡ଼େଇବା | ଲକ୍ଷ୍ୟ ସ୍ଥିର କରି ନ ପାରିବା |

# (୨) ଏକପଦୀକରଣ

କଥା ଓ ଲେଖାକୁ ସରସ ଓ ସାବଲୀଳ କରିବାପାଇଁ ସନ୍ଧି, ସମାସ, ତଦ୍ଧିତ, କୃଦନ୍ତ, ପ୍ରତ୍ୟୟ, ଉପସର୍ଗ ବା ସମାର୍ଥବୋଧକ ଶବ୍ଦ ବ୍ୟବହାର କରାଯାଏ । ଦୁଇ ବା ତତୋଧିକ ଶବ୍ଦପୁଞ୍ଜକୁ ସଂକ୍ଷେପରେ ପ୍ରକାଶ କରିବା ପ୍ରକ୍ରିୟାକୁ ଏକପଦୀକରଣ କୁହାଯାଏ । ଏହାଦ୍ୱାରା ବକ୍ତବ୍ୟ ସ୍ପଷ୍ଟ ଓ ମନୋଜ୍ଞ ହୋଇଥାଏ ଏବଂ ଏହା ବାକ୍ୟଟିର ଗୁରୁତ୍ୱ ବଢ଼ାଇବାରେ ସାହାଯ୍ୟ କରେ । ନିମ୍ନରେ କେତେକ ଉଦାହରଣ ମାଧ୍ୟମରେ ଏକପଦୀକରଣର ସୂଚନା ଦିଆଯାଇଛି ।

(୧)

| | | |
|---|---|---|
| ଅନୁସନ୍ଧାନ କରିବାର ଇଚ୍ଛା | - | ଅନୁସନ୍ଧିତ୍ସା |
| ଅପକାର କରିବାର ଇଚ୍ଛା | - | ଅପଚିକୀର୍ଷା |
| ଉପକାର କରିବାର ଇଚ୍ଛା | - | ଉପଚିକୀର୍ଷା |
| କରିବାର ଇଚ୍ଛା | - | ଚିକୀର୍ଷା |
| ଜୟ କରିବାର ଇଚ୍ଛା | - | ଜିଗୀଷା |
| ଜାଣିବାର ଇଚ୍ଛା | - | ଜିଜ୍ଞାସା |
| ନାଚିବାର ଇଚ୍ଛା | - | ନିନର୍ତ୍ତିଷା |
| ତ୍ୟାଗ କରିବାର ଇଚ୍ଛା | - | ତିତ୍ୟକ୍ଷା / ଜିହାସା |
| ଦେଖିବାକୁ ଇଚ୍ଛା | - | ଦିଦୃକ୍ଷା |
| ନେବାର ଇଚ୍ଛା | - | ନିନୀଷା |
| ପଢ଼ିବାର ଇଚ୍ଛା | - | ପିପଠିଷା |
| ପାଇବାର ଇଚ୍ଛା | - | ପ୍ରେପ୍ସା |

| | | |
|---|---|---|
| ପାର ହେବାର ଇଚ୍ଛା | - | ତିତୀର୍ଷା |
| ପିଇବାକୁ ଇଚ୍ଛା | - | ପିପାସା |
| ବଞ୍ଚି ରହିବାର ଇଚ୍ଛା | - | ଜିଜୀବିଷା |
| ବାସ କରିବାର ଇଚ୍ଛା | - | ବିବତ୍ସା |
| ବ୍ୟାପି ରହିବାର ଇଚ୍ଛା | - | ବୀପ୍ସା |
| ଭୋଜନର ଇଚ୍ଛା | - | ବୁଭୁକ୍ଷା |
| ଭୋଜନ କରିବାକୁ ଇଚ୍ଛୁକ | - | ବୁଭୁକ୍ଷୁ |
| ମିଳନର ଇଚ୍ଛା | - | ଯୁଯୁକ୍ଷା |
| ମିଳିମିଶି ରହିବାର ଇଚ୍ଛା | - | ମୀମାଂସା |
| ମୁକ୍ତି ପାଇବାର ଇଚ୍ଛା | - | ମୁମୁକ୍ଷା |
| ଯିବାର ଇଚ୍ଛା | - | ଜିଗମିଷା |
| ଯୁଦ୍ଧ କରିବାକୁ ଇଚ୍ଛୁକ | - | ଯୁଯୁତ୍ସୁ /ଯୁଯୁତ୍ସୁ |
| ଶୁଣିବାର ଇଚ୍ଛା | - | ଶୁଶ୍ରୂଷା |
| ଶୋଇବାର ଇଚ୍ଛା | - | ଶିଶୟିଷା |
| ସହିବାର ଇଚ୍ଛା | - | ତିତିକ୍ଷା |
| ସାଧନ କରିବାର ଇଚ୍ଛା | - | ସିଷାଧୟିଷା |
| ସୃଷ୍ଟି କରିବାର ଇଚ୍ଛା | - | ସିସୃକ୍ଷା |
| ହତ୍ୟା କରିବାକୁ ଇଚ୍ଛୁକ | - | ଜିଘାଂସୁ |
| ହରଣ କରିବାକୁ ଉଚ୍ଛୁକ | - | ଜିହୀର୍ଷୁ |

(୨)

| | | |
|---|---|---|
| ଅତିଥିଙ୍କ ଉପାସକ | - | ଆତିଥେୟ |
| ଗଣପତିଙ୍କ ଉପାସକ | - | ଗାଣପତ୍ୟ |
| ପୁତ୍ତଳିର ଉପାସକ | - | ପୌତ୍ତଳିକ |
| ବିଷ୍ଣୁଙ୍କର ଉପାସକ | - | ବୈଷ୍ଣବ |
| ବୁଦ୍ଧଙ୍କର ଉପାସକ | - | ବୌଦ୍ଧ |
| ବ୍ରହ୍ମଙ୍କର ଉପାସକ | - | ବ୍ରାହ୍ମ |
| ଶକ୍ତିଙ୍କର ଉପାସକ | - | ଶାକ୍ତ |
| ଶିବଙ୍କର ଉପାସକ | - | ଶୈବ |
| ସୂର (ସୂର୍ଯ୍ୟ)ଙ୍କର ଉପାସକ | - | ସୌର |
| ସ୍ତ୍ରୀର ଭକ୍ତ | - | ସ୍ତ୍ରୈଣ |

(୩)

| | | |
|---|---|---|
| ଅଳଙ୍କାର ଶାସ୍ତ୍ରରେ ପଣ୍ଡିତ | - | ଆଳଙ୍କାରିକ |
| ଇତିହାସରେ ପଣ୍ଡିତ | - | ଐତିହାସିକ |
| ତର୍କ ଶାସ୍ତ୍ରରେ ପଣ୍ଡିତ | - | ତାର୍କିକ |
| ଦର୍ଶନ ଶାସ୍ତ୍ରରେ ପଣ୍ଡିତ | - | ଦାର୍ଶନିକ |
| ନ୍ୟାୟ ଶାସ୍ତ୍ରରେ ପଣ୍ଡିତ | - | ନୈୟାୟିକ |
| ବେଦାନ୍ତ ଶାସ୍ତ୍ରରେ ପଣ୍ଡିତ | - | ବୈଦାନ୍ତିକ / ବେଦାନ୍ତୀ |
| ବ୍ୟାକରଣରେ ପଣ୍ଡିତ | - | ବୈୟାକରଣ /ବ୍ୟାକରଣବିତ୍ |

ବିଜ୍ଞାନ ଶାସ୍ତ୍ରରେ ନିପୁଣ - ବୈଜ୍ଞାନିକ
ସାହିତ୍ୟ ଶାସ୍ତ୍ରରେ ପଣ୍ଡିତ - ସାହିତ୍ୟିକ
ସ୍ମୃତି ଶାସ୍ତ୍ରରେ ପଣ୍ଡିତ - ସ୍ମାର୍ତ୍ତ
ଗଣିତ ଶାସ୍ତ୍ରରେ ନିପୁଣ - ଗାଣିତିକ / ଗଣିତଜ୍ଞ
ଜ୍ୟୋତିଷ ଶାସ୍ତ୍ରରେ ନିପୁଣ - ଜ୍ୟୋତିର୍ବିଦ୍ /ଜ୍ୟୋତିଷ
ବ୍ରହ୍ମଙ୍କ ସମ୍ବନ୍ଧରେ ଜ୍ଞାନୀ - ବ୍ରାହ୍ମଣ
ଯାହାର ତନ୍ତ୍ରରେ ଜ୍ଞାନ ଅଛି - ତାନ୍ତ୍ରିକ / ତନ୍ତ୍ରବିତ୍
ଯାହାର ବେଦରେ ଜ୍ଞାନ ଅଛି - ବେଦଜ୍ଞ / ବେଦବିତ୍
ଯାହାର ମନ୍ତ୍ରରେ ଜ୍ଞାନ ଅଛି - ମାନ୍ତ୍ରିକ / ମନ୍ତ୍ରବିତ୍
ଯାହାର ଯଜ୍ଞରେ ଜ୍ଞାନ ଅଛି - ଯାଜ୍ଞିକ / ଯଜ୍ଞବିତ୍
ଯିଏ ଆଲୋଚନା କରନ୍ତି - ଆଲୋଚକ
ଯିଏ ଉପଭୋଗ କରନ୍ତି - ଉପଭୋକ୍ତା
ଯିଏ କଥା ସୃଷ୍ଟି କରନ୍ତି - କଥାକାର
ଯିଏ କଳା ସୃଷ୍ଟି କରନ୍ତି - କଳାକାର
ଯିଏ କାବ୍ୟ ସୃଷ୍ଟି କରନ୍ତି - କାବ୍ୟକାର
ଯିଏ ଗ୍ରନ୍ଥ ସୃଷ୍ଟି କରନ୍ତି - ଗ୍ରନ୍ଥକାର
ଯିଏ ଗ୍ରହଣ କରେ ସେ - ଗ୍ରହୀତା
ଯିଏ ଗର୍ଭରେ ଧରେ - ଗର୍ଭଧାରିଣୀ
ଯିଏ ଚାରିଆଡ଼େ ଭ୍ରମଣ କରନ୍ତି - ପର୍ଯ୍ୟଟକ

| | | |
|---|---|---|
| ଯିଏ ଚିତ୍ର ସୃଷ୍ଟି କରନ୍ତି | - | ଚିତ୍ରକାର |
| ଯିଏ ଦର୍ଶନ କରେ ସେ | - | ଦ୍ରଷ୍ଟା /ଦର୍ଶକ |
| ଯିଏ ଦାନ କରେ ସେ | - | ଦାତା / ଦାନୀ |
| ଯିଏ ନିଏ | - | ନେତା |
| ଯିଏ ନ୍ୟାୟ ଦିଅନ୍ତି | - | ନ୍ୟାୟମୂର୍ତ୍ତି /ନ୍ୟାୟାଧୀଶ |
| ଯିଏ ନିର୍ମାଣ କରେ | - | ନିର୍ମାତା |
| ଯିଏ ପୃଷ୍ଠପୋଷଣ କରନ୍ତି | - | ପୃଷ୍ଠପୋଷକ |
| ଯିଏ ପାଳନ କରେ | - | ପିତା |
| ଯିଏ ପ୍ରମାଣ କରେ | - | ପ୍ରମାଣକ |
| ଯିଏ ବିଚାର କରନ୍ତି | - | ବିଚାରକ |
| ଯିଏ ବିଧାନ କରନ୍ତି | - | ବିଧାତା |
| ଯିଏ ଭରଣ କରେ | - | ଭର୍ତ୍ତା |
| ଯିଏ ଭୋଗ କରେ | - | ଭୋକ୍ତା |
| ଯିଏ ରଚନା କରେ | - | ରଚୟିତା |
| ଯିଏ ଶ୍ରବଣ କରେ | - | ଶ୍ରୋତା |
| ଯିଏ ଶାସ୍ତି ଦିଏ | - | ଶାସ୍ତା |
| ଯିଏ ସୃଷ୍ଟି କରେ ସେ | - | ସ୍ରଷ୍ଟା |
| ଯିଏ ସଂସାର ତ୍ୟାଗ କରନ୍ତି | - | ସନ୍ନ୍ୟାସୀ |
| ଯିଏ ହତ୍ୟା କରେ | - | ହନ୍ତା |
| ଯିଏ ହରଣ କରେ | - | ହର୍ତ୍ତା |

(୪)

| | | |
|---|---|---|
| ଅର୍ଜ୍ଜୁନଙ୍କର ପୁତ୍ର. | - | ଆର୍ଜ୍ଜୁନି |
| ଅତ୍ରିଙ୍କର ପୁତ୍ର | - | ଆତ୍ରେୟ |
| ଅଦିତିଙ୍କର ପୁତ୍ର | - | ଆଦିତ୍ୟ |
| କଶ୍ୟପଙ୍କ ପୁତ୍ର | - | କାଶ୍ୟପ |
| କୁନ୍ତୀଙ୍କର ପୁତ୍ର | - | କୌନ୍ତେୟ |
| କୁରୁଙ୍କର ପୁତ୍ର | - | କୌରବ |
| ଗଙ୍ଗାଙ୍କର ପୁତ୍ର | - | ଗାଙ୍ଗେୟ |
| ଗାଧିଙ୍କ ପୁତ୍ର | - | ଗାଧେୟ (ବିଶ୍ୱାମିତ୍ର) |
| ଗାନ୍ଧାର ରାଜାଙ୍କ କନ୍ୟା | - | ଗାନ୍ଧାରୀ |
| ଚଣକଙ୍କ ପୁତ୍ର | - | ଚାଣକ୍ୟ |
| ଜନକଙ୍କ କନ୍ୟା | - | ଜାନକୀ |
| ଜହ୍ନୁଙ୍କର କନ୍ୟା | - | ଜାହ୍ନବୀ(ଗଙ୍ଗା) |
| ଦନୁଙ୍କର ପୁତ୍ର | - | ଦାନବ |
| ଦଶରଥଙ୍କ ପୁତ୍ର | - | ଦାଶରଥି |
| ଦିତିଙ୍କର ପୁତ୍ର | - | ଦୈତ୍ୟ |
| ଦ୍ରୁପଦଙ୍କ କନ୍ୟା | - | ଦ୍ରୌପଦୀ |
| ଦ୍ରୋଣଙ୍କର ପୁତ୍ର | - | ଦ୍ରୋଣି |
| ଧୃତରାଷ୍ଟ୍ରଙ୍କ ପୁତ୍ର | - | ଧାର୍ତ୍ତରାଷ୍ଟ୍ର |

| | | |
|---|---|---|
| ନିକଷାର ପୁତ୍ର | - | ନୈକଷେୟ (ରାବଣ) |
| ପାଣ୍ଡୁଙ୍କର ପୁତ୍ର | - | ପାଣ୍ଡବ |
| ପୃଥାଙ୍କର ପୁତ୍ର | - | ପାର୍ଥ |
| ବଦରଙ୍କ ପୁତ୍ର | - | ବାଦରାୟଣ (ବ୍ୟାସଦେବ) |
| ବସୁଦେବଙ୍କ ପୁତ୍ର | - | ବାସୁଦେବ |
| ବିଦେହ ରାଜାଙ୍କ କନ୍ୟା | - | ବୈଦେହୀ |
| ବିନିତାଙ୍କ ପୁତ୍ର | - | ବୈନତେୟ |
| ବିଶ୍ରବାଙ୍କ ପୁତ୍ର | - | ବୈଶ୍ରବଣ |
| ଭୃଗୁଙ୍କର ପୁତ୍ର | - | ଭାର୍ଗବ |
| ମନୁଙ୍କର ପୁତ୍ର | - | ମାନବ /ମନୁଷ୍ୟ |
| ମୃତଣ୍ଡଙ୍କର ପୁତ୍ର | - | ମାର୍ତ୍ତଣ୍ଡ (ସୂର୍ଯ୍ୟ) |
| ମେନକାଙ୍କ ପୁତ୍ର | - | ମୈନାକ (ହିମାଳୟ) |
| ଯଦୁଙ୍କର ପୁତ୍ର | - | ଯାଦବ |
| ରଘୁଙ୍କର ପୁତ୍ର | - | ରାଘବ |
| ରାଧାଙ୍କର ପୁତ୍ର | - | ରାଧେୟ (କର୍ଣ୍ଣ) |
| ଶୂରବଂଶର ପୁତ୍ର | - | ଶୌରି(ଶ୍ରୀକୃଷ୍ଣ) |
| ସୁମିତ୍ରାଙ୍କ ପୁତ୍ର | - | ସୌମିତ୍ରି |
| ବିମାତାର ପୁତ୍ର | - | ବୈମାତ୍ରେୟ |
| ଭଗିନୀର ପୁତ୍ର | - | ଭାଗିନେୟ |
| ରାଜନ୍ଙ୍କ ପୁତ୍ର | - | ରାଜନ୍ୟ |

(୫)

| | | |
|---|---|---|
| କୁମାରର ଅବସ୍ଥା | - | କୌମାର୍ଯ୍ୟ |
| କୃପଣର ପ୍ରକୃତି | - | କାର୍ପଣ୍ୟ |
| ଚୋରର କାର୍ଯ୍ୟ | - | ଚୌର୍ଯ୍ୟ |
| ଦୂତର କାର୍ଯ୍ୟ | - | ଦୌତ୍ୟ |
| ପିତାଙ୍କର ଭ୍ରାତା | - | ପିତୃବ୍ୟ |
| ପୁରୋହିତର କର୍ମ | - | ପୌରୋହିତ୍ୟ |
| ବନ୍ଧୁର ସମ୍ବନ୍ଧ | - | ବନ୍ଧୁତା |
| ଭଦ୍ରର ଗୁଣ | - | ଭଦ୍ରତା /ଭଦ୍ରାମି |
| ମା'ଙ୍କର ଭ୍ରାତା | - | ମାତୁଳ |
| ସାଧୁର ଗୁଣ | - | ସାଧୁତା |
| ସୁଜନର ଗୁଣ | - | ସୌଜନ୍ୟ |

(୬)

| | | |
|---|---|---|
| ଉତ୍ତର ଦିଗରୁ ଆସୁଥିବା | - | ଉତ୍ତରା |
| ଓଷା କରିଥିବା ସ୍ତ୍ରୀଲୋକ | - | ଓଷେଇତି |
| କଂସା କାମ କରେ ଯେ | - | କଂସାରି |
| କାଠ କାଟେ ଯେ | - | କାଠୁରିଆ |
| ଘୋଡ଼ା ଦ୍ୱାରା ଟଣାଯାଉଥିବାଗାଡ଼ି | - | ଘୋଡ଼ାଗାଡି |
| ଚଇତ ମାସର ଜାତ | - | ଚଇତି / ଚଇତାଳି |

ଜୁଆ ଖେଳେ ଯେ - ଜୁଆଡ଼ି
ଦକ୍ଷିଣ ଦିଗରୁ ଆସୁଥିବା - ଦକ୍ଷିଣା
ଦାମ୍ ଯାହାର ବହୁତ - ଦାମିକା
ନାଟ କରୁଥିବା ଲୋକ - ନାଟୁଆ
ପଶ୍ଚିମ ଦିଗରୁ ଆସୁଥିବା - ପଶ୍ଚିମା
ପାଗଳର ପ୍ରକୃତି - ପାଗଳାମି
ପାଠ ପଢ଼ିଥିବା ଲୋକ(ସ୍ତ୍ରୀ) - ପାଠୋଇ
ପାନ ବିକେ ଯେ - ପାନବାଲା / ପାନରା
ପୂର୍ବ ଦିଗରୁ ଆସୁଥିବା - ପୂବେଇ
ପେଟପାଇଁ ଯେ ବିକଳ ହୁଏ - ପେଟବିକଳିଆ
ବାଲିରେ ପୂର୍ଣ୍ଣ - ବାଲିଆ
ବାଟଚଲା ଲୋକ - ବାଟୋଇ
ମଫସଲରେ ବାସକରେ ଯେ - ମଫସଲିଆ
ରୋଗ ଯାହାକୁ ଧରିଅଛି - ରୋଗା, ରୋଗିଣା

(୭)

ସିଂହ ଚିହ୍ନିତ ଦ୍ୱାର - ସିଂହଦ୍ୱାର
ବିଦ୍ୟାରୂପକ ଧନ - ବିଦ୍ୟାଧନ
ଶୋକରୂପକ ସାଗର - ଶୋକସାଗର
ଦୁଃଖ ରୂପକ ଅନଳ - ଦୁଃଖାନଳ

| | | |
|---|---|---|
| ପାପ ରୂପକ ପଙ୍କ | - | ପାପପଙ୍କ |
| ପ୍ରାଣ ରୂପକ ପକ୍ଷୀ | - | ପ୍ରାଣପକ୍ଷୀ |
| ପଥମାନଙ୍କର ରାଜା | - | ରାଜପଥ |
| ଭାଷା ମାନଙ୍କର ରାଜା | - | ରାଜଭାଷା |
| ହଂସମାନଙ୍କର ରାଜା | - | ରାଜହଂସ |
| ପାଦଠାରୁ ମସ୍ତକ ପର୍ଯ୍ୟନ୍ତ | - | ଆପାଦମସ୍ତକ |
| ବାଳଠାରୁ ବୃଦ୍ଧପର୍ଯ୍ୟନ୍ତ | - | ଆବାଳବୃଦ୍ଧ |
| ମୂଳଠାରୁ ଚୂଳ ପର୍ଯ୍ୟନ୍ତ | - | ଆମୂଳଚୂଳ |
| କଣ୍ଠ ପର୍ଯ୍ୟନ୍ତ ଭୋଜନ | - | ଆକଣ୍ଠଭୋଜନ |
| ଜୀବନ ପର୍ଯ୍ୟନ୍ତ | - | ଆଜୀବନ / ଯାବଜ୍ଜୀବନ |
| ମରଣ ପର୍ଯ୍ୟନ୍ତ | - | ଆମରଣ |
| ଚାରିଯୁଗର ସମାହାର | - | ଚତୁର୍ଯୁଗ |
| ତିନିଫଳର ସମାହାର | - | ତ୍ରିଫଳା |
| ପଞ୍ଚବଟର ସମାହାର | - | ପଞ୍ଚବଟୀ |
| ବିଶ୍ୱର ମିତ୍ର | - | ବିଶ୍ୱମିତ୍ର |
| ବନର ପତି | - | ବନସ୍ପତି |
| ଶବର ଶୟନ | - | ଶ୍ମଶାନ |
| ଅନ୍ୟରୂପ | - | ରୂପାନ୍ତର |
| ଅନ୍ୟଗ୍ରାମ | - | ଗ୍ରାମାନ୍ତର |

| | | |
|---|---|---|
| ଅନ୍ୟଦେଶ | - | ଦେଶାନ୍ତର |
| ଅନ୍ୟଦେହ | - | ଦେହାନ୍ତର |
| ପୁରୁଷ ବ୍ୟାଘ୍ର ପରି | - | ପୁରୁଷବ୍ୟାଘ୍ର |
| ନର ସିଂହ ପରି | - | ନରସିଂହ |
| ଘନ ପରି ଶ୍ୟାମ | - | ଘନଶ୍ୟାମ |
| ନାହିଁ ଅନ୍ୟ ଉପାୟ ଯାହାର | - | ଅନନ୍ୟୋପାୟ |
| ନାହିଁ ଅନ୍ତ ଯାହାର | - | ଅନନ୍ତ |
| ନାହିଁ ଅପରାଧ ଯାହାର | - | ନିରପରାଧ |
| ନାହିଁ ଆକାର ଯାହାର | - | ଅଣାକାର |
| ନାହିଁ ଆଦି ଯାହାର | - | ଅନାଦି |
| ନାହିଁ ଜ୍ଞାନ ଯାହାର | - | ଅଜ୍ଞାନ |
| ନାହିଁ ଦୟା ଯାହାର | - | ନିର୍ଦ୍ଦୟ |
| ନାହିଁ ଦୋଷ ଯାହାର | - | ନିର୍ଦ୍ଦୋଷ |
| ନାହିଁ ଧନ ଯାହାର | - | ନିର୍ଦ୍ଧନ |
| ନାହିଁ ନାମ ଯାହାର | - | ଅନାମ |
| ନାହିଁ ବୋଧ ଯାହାର | - | ନିର୍ବୋଧ |
| ନାହିଁ ଭୟ ଯାହାର | - | ନିର୍ଭୟ |
| ନାହିଁ ମାପ ଯାହାର | - | ଅମାପ |
| ନାହିଁ ରବ ଯାହାର | - | ନୀରବ |

| | | |
|---|---|---|
| ନାହିଁ ରୋଗ ଯାହାର | - | ନୀରୋଗ |
| ନାହିଁ ଲଜ୍ଜା ଯାହାର | - | ନିର୍ଲଜ୍ଜ |
| ନାହିଁ ଲୋଭ ଯାହାର | - | ନିର୍ଲୋଭ |
| ନାହିଁ ସୀମା ଯାହର | - | ଅସୀମ |
| ନାହିଁ ଶେଷ ଯାହାର | - | ଅଶେଷ |
| ଯହିଁରେ କରଦେବାକୁ ପଡ଼େନାହିଁ | - | ନିଷ୍କର |
| ଯାହା କଷ୍ଟରେ ଲାଭ କରାଯାଇଛି | - | କଷ୍ଟଲବ୍ଧ |
| ଯାହା ଅନାୟାସରେ ଲାଭ କରାଯାଇଛି | - | ଅନାୟାସଲବ୍ଧ |
| ପ୍ରତିଷ୍ଠା ଲାଭ କରିଛନ୍ତି ଯେ | - | ଲବ୍ଧପ୍ରତିଷ୍ଠ |
| ଅନ୍ୟଆଡ଼େ ମନ ଯାହାର | - | ଅନ୍ୟମନସ୍କ |
| ଆପଣା ଉପରେ ନିର୍ଭରକରିବା ସ୍ୱଭାବ ଯାହାର | - | ଆତ୍ମନିର୍ଭରଶୀଳ |
| ଉଦାର ଅଟେ ଚରିତ ଯାହାର | - | ଉଦାରଚରିତ |
| ଏକଦେଶକୁ ଦେଖନ୍ତି ଯେ | - | ଏକଦେଶଦର୍ଶୀ |
| କର୍ତ୍ତବ୍ୟ ସ୍ଥିର କରିପାରୁନାହିଁ ଯେ | - | କିଂକର୍ତ୍ତବ୍ୟବିମୂଢ଼ |
| ଦୂରକୁ ଦେଖି ପାରୁନଥିବା ବ୍ୟକ୍ତି | - | ଅଦୂରଦର୍ଶୀ |
| ବିଶ୍ୱରେ ପ୍ରସିଦ୍ଧ ହୋଇଛି କୀର୍ତ୍ତି ଯାହାର | - | ବିଶ୍ୱପ୍ରସିଦ୍ଧ |
| ସତ୍ୟରେ ନିଷ୍ଠା ଯାହାର | - | ସତ୍ୟନିଷ୍ଠ |
| ପରିଣାମକୁ ଦେଖି ପାରୁନଥିବା ବ୍ୟକ୍ତି | - | ଅପରିଣାମଦର୍ଶୀ |
| ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି ଯେ | - | ସମଦର୍ଶୀ |

| | | |
|---|---|---|
| ଅନ୍ୟଦେଶ | - | ଦେଶାନ୍ତର |
| ଅନ୍ୟଦେହ | - | ଦେହାନ୍ତର |
| ପୁରୁଷ ବ୍ୟାଘ୍ର ପରି | - | ପୁରୁଷବ୍ୟାଘ୍ର |
| ନର ସିଂହ ପରି | - | ନରସିଂହ |
| ଘନ ପରି ଶ୍ୟାମ | - | ଘନଶ୍ୟାମ |
| ନାହିଁ ଅନ୍ୟ ଉପାୟ ଯାହାର | - | ଅନନ୍ୟୋପାୟ |
| ନାହିଁ ଅନ୍ତ ଯାହାର | - | ଅନନ୍ତ |
| ନାହିଁ ଅପରାଧ ଯାହାର | - | ନିରପରାଧ |
| ନାହିଁ ଆକାର ଯାହାର | - | ଅଣାକାର |
| ନାହିଁ ଆଦି ଯାହାର | - | ଅନାଦି |
| ନାହିଁ ଜ୍ଞାନ ଯାହାର | - | ଅଜ୍ଞାନ |
| ନାହିଁ ଦୟା ଯାହାର | - | ନିର୍ଦ୍ଦୟ |
| ନାହିଁ ଦୋଷ ଯାହାର | - | ନିର୍ଦ୍ଦୋଷ |
| ନାହିଁ ଧନ ଯାହାର | - | ନିର୍ଦ୍ଧନ |
| ନାହିଁ ନାମ ଯାହାର | - | ଅନାମ |
| ନାହିଁ ବୋଧ ଯାହାର | - | ନିର୍ବୋଧ |
| ନାହିଁ ଭୟ ଯାହାର | - | ନିର୍ଭୟ |
| ନାହିଁ ମାପ ଯାହାର | - | ଅମାପ |
| ନାହିଁ ରବ ଯାହାର | - | ନୀରବ |

| | | |
|---|---|---|
| ନାହିଁ ରୋଗ ଯାହାର | - | ନୀରୋଗ |
| ନାହିଁ ଲଜ୍ଜା ଯାହାର | - | ନିର୍ଲଜ୍ଜ |
| ନାହିଁ ଲୋଭ ଯାହାର | - | ନିର୍ଲୋଭ |
| ନାହିଁ ସୀମା ଯାହର | - | ଅସୀମ |
| ନାହିଁ ଶେଷ ଯାହାର | - | ଅଶେଷ |
| ଯହିଁରେ କରଦେବାକୁ ପଡ଼େନାହିଁ | - | ନିଷ୍କର |
| ଯାହା କଷ୍ଟରେ ଲାଭ କରାଯାଇଛି | - | କଷ୍ଟଲବ୍ଧ |
| ଯାହା ଅନାୟାସରେ ଲାଭ କରାଯାଇଛି | - | ଅନାୟାସଲବ୍ଧ |
| ପ୍ରତିଷ୍ଠା ଲାଭ କରିଛନ୍ତି ଯେ | - | ଲବ୍ଧପ୍ରତିଷ୍ଠ |
| ଅନ୍ୟଆଡ଼େ ମନ ଯାହାର | - | ଅନ୍ୟମନସ୍କ |
| ଆପଣା ଉପରେ ନିର୍ଭରକରିବା ସ୍ୱଭାବ ଯାହାର | - | ଆତ୍ମନିର୍ଭରଶୀଳ |
| ଉଦାର ଅଟେ ଚରିତ ଯାହାର | - | ଉଦାରଚରିତ |
| ଏକଦେଶକୁ ଦେଖନ୍ତି ଯେ | - | ଏକଦେଶଦର୍ଶୀ |
| କର୍ତ୍ତବ୍ୟ ସ୍ଥିର କରିପାରୁନାହିଁ ଯେ | - | କିଂକର୍ତ୍ତବ୍ୟବିମୂଢ଼ |
| ଦୂରକୁ ଦେଖି ପାରୁନଥିବା ବ୍ୟକ୍ତି | - | ଅଦୂରଦର୍ଶୀ |
| ବିଶ୍ୱରେ ପ୍ରସିଦ୍ଧ ହୋଇଛି କୀର୍ତ୍ତି ଯାହାର | - | ବିଶ୍ୱପ୍ରସିଦ୍ଧ |
| ସତ୍ୟରେ ନିଷ୍ଠା ଯାହାର | - | ସତ୍ୟନିଷ୍ଠ |
| ପରିଣାମକୁ ଦେଖି ପାରୁନଥିବା ବ୍ୟକ୍ତି | - | ଅପରିଣାମଦର୍ଶୀ |
| ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି ଯେ | - | ସମଦର୍ଶୀ |

| | | |
|---|---|---|
| ଶୋଭନ ଦର୍ଶନ ଯାହାର | - | ସୁଦର୍ଶନ |
| ମହତ୍ ଅଟେ ଆଶୟ ଯାହାର | - | ମହାଶୟ |

(୮)

| | | |
|---|---|---|
| ଆଗରେ ଜନ୍ମିଅଛି ଯେ | - | ଅଗ୍ରଜ |
| ଆନନ୍ଦର ଅଭାବ | - | ନିରାନନ୍ଦ |
| ଖାତିରର ଅଭାବ | - | ବେଖାତିର |
| ଜନର ଅଭାବ | - | ନିର୍ଜନ |
| ବିଘ୍ନର ଅଭାବ | - | ନିର୍ବିଘ୍ନ |
| ଭୟର ଅଭାବ | - | ନିର୍ଭୟ |
| ଭିକ୍ଷାର ଅଭାବ | - | ଦୁର୍ଭିକ୍ଷ |
| ହିସାବର ଅଭାବ | - | ବେହିସାବ |
| କାୟ ସମ୍ବନ୍ଧୀୟ | - | କାୟିକ |
| ଜନ୍ତୁ ସମ୍ବନ୍ଧୀୟ | - | ଜାନ୍ତବ |
| ଧାତୁ ସମ୍ବନ୍ଧୀୟ | - | ଧାତବ |
| ପୃଥିବୀ ସମ୍ବନ୍ଧୀୟ | - | ପାର୍ଥିବ |
| ବିଦେଶ ସମ୍ବନ୍ଧୀୟ | - | ବୈଦେଶିକ |
| ସମୁଦ୍ର ସମ୍ବନ୍ଧୀୟ | - | ସାମୁଦ୍ରିକ |
| ସ୍ୱର୍ଗ ସମ୍ବନ୍ଧୀୟ | - | ସ୍ୱର୍ଗୀୟ |
| ଉଦ୍ଭିଦରୁ ଜାତ | - | ଉଦ୍ଭିଜ୍ଜ |

| | | |
|---|---|---|
| ଖଣିରୁ ଜାତ | - | ଖଣିଜ |
| ଜଳରୁ ଜାତ | - | ଜଳଜ |
| ପଙ୍କରୁ ଜାତ | - | ପଙ୍କଜ |
| ସରଃରୁ ଜାତ | - | ସରୋଜ |
| ଉପକାର ସ୍ୱୀକାର କରେଯେ | - | କୃତଜ୍ଞ |
| ଉପକାର ମାନେ ନାହିଁ ଯେ | - | କୃତଘ୍ନ |
| ଦୁଇଥର ଜାତ ଯେ | - | ଦ୍ୱିଜ |
| ଧନ ଇଚ୍ଛା କରେ ଯେ | - | ଧନାର୍ଥୀ |
| ନଭକୁ ଚୁମ୍ବନ କରେଯେ | - | ନଭଶ୍ଚୁମ୍ବୀ |
| ପଛରେ ଜନ୍ମିଅଛି ଯେ | - | ଅନୁଜ |
| ପାଦରେ ଯାଏ ଯେ | - | ପାଦପ |
| ବାରଆଡ଼େ ବୁଲେ ଯେ | - | ବାରବୁଲା |
| ବିଦ୍ୟା ଇଛା କରେ ଯେ | - | ବିଦ୍ୟାର୍ଥୀ |
| ବୋଲ କରେ ନାହିଁ ଯେ | - | ଅବଲୋକରା |
| ମେଘକୁ ସ୍ପର୍ଶ କରେ ଯେ | - | ମେଘସ୍ପର୍ଶୀ |
| ଶରଣ ଇଚ୍ଛା କରେ ଯେ | - | ଶରଣାର୍ଥୀ |
| ସତ୍ୟ କହିବା ଅଭ୍ୟାସ ଯାହାର | - | ସତ୍ୟବାଦୀ |
| ସହିବା ସ୍ୱଭାବ ଯାହାର | - | ସହିଷ୍ଣୁ |
| ଏକ କାଳରେ ଜାତ | - | ଏକକାଳୀନ |

| | | |
|---|---|---|
| ସମକାଳରେ ଜାତ | - | ସମକାଳୀନ |
| ସେହିକାଳରେ ଜାତ | - | ତତ୍କାଳୀନ |
| ଯାତ ହୋଇନାହିଁ ଶତ୍ରୁ ଯାହାର | - | ଅଜାତଶତ୍ରୁ |
| ଯାହାକୁ ଲାଭ କରିବା କଷ୍ଟକର | - | ଦୁର୍ଲଭ |
| ଯାହା କରିବା ଉଚିତ | - | କର୍ତ୍ତବ୍ୟ |
| ଯାହା ଦେଖାଯାଏ ନାହିଁ | - | ଅଦୃଷ୍ଟ |
| ଯାହା ଦୋଳିତ ଅବସ୍ଥାରେ ଅଛି | - | ଦୋଦୁଲ୍ୟମାନ |
| ଯାହା ନୟନକୁ ଅତି ସୁନ୍ଦର | - | ନୟନାଭିରାମ |
| ଯାହା ନିବାରଣ କରିବାର ଯୋଗ୍ୟନୁହେଁ | - | ଅନିବାର୍ଯ୍ୟ |
| ଯାହା ପରିହାର କରିବାର ଯୋଗ୍ୟନୁହେଁ | - | ଅପରିହାର୍ଯ୍ୟ |
| ଯାହା ପୂର୍ବରୁ ଶୁଣା ଯାଇନଥିଲା | - | ଅଶ୍ରୁତପୂର୍ବ |
| ଯାହା ପୂର୍ବରୁ ହୋଇନଥିଲା | - | ଅଭୂତପୂର୍ବ |
| ଅନେକଙ୍କ ମଧ୍ୟରେ ବୃହତ୍ | - | ବୃହତ୍ତମ |
| କୂଳରୁ ନିକଟ | - | ଉପକୂଳ |
| ବନର ସଦୃଶ | - | ଉପବନ |
| ସାଗରଠାରୁ ନ୍ୟୁନ | - | ଉପସାଗର |
| ଅଧିକ ଘଞ୍ଚ | - | ନିଘଞ୍ଚ |
| ରୂପର ଯୋଗ୍ୟ | - | ଅନୁରୂପ |
| ବିମ୍ବର ସଦୃଶ | - | ପ୍ରତିବିମ୍ବ |

| | | |
|---|---|---|
| ମୂର୍ତ୍ତିର ସଦୃଶ | - | ପ୍ରତିମୂର୍ତ୍ତି |
| ନିଜକୁ ପଣ୍ଡିତ ମନେକରେ ଯେ | - | ପଣ୍ଡିତମ୍ମନ୍ୟ |
| ଇନ୍ଦ୍ରିୟକୁ ଜୟ କରିଛି ଯେ | - | ଜିତେନ୍ଦ୍ରିୟ |
| ଇନ୍ଦ୍ରକୁ ଜୟ କରିଛି ଯେ | - | ଇନ୍ଦ୍ରଜିତ |
| ଇନ୍ଦ୍ରିୟକୁ ଅତିକ୍ରମ କରି | - | ଅତୀନ୍ଦ୍ରିୟ |
| ଶ୍ମଶ୍ରୁ ଅଛି ଯାହାର | - | ଶ୍ମଶ୍ରୁଳ |
| ମାନସକୁ ଅତିକ୍ରମ କରି | - | ଅତିମାନସ |
| ଦାନର ଯୋଗ୍ୟ | - | ଦାତବ୍ୟ / ଦେୟ |
| ସମ୍ମାନର ଯୋଗ୍ୟ | - | ସମ୍ମାନନୀୟ |
| ପରିବାର ସମ୍ବନ୍ଧୀୟ | - | ପାରିବାରିକ |
| ଦିନକୁ ଦିନ | - | ପ୍ରତିଦିନ |
| ବର୍ଷକୁ ବର୍ଷ | - | ପ୍ରତିବର୍ଷ |
| ଅର୍ଥ ଅଛି ଯହିଁରେ | - | ସାର୍ଥକ |
| ଚାରି ମୁହଁ ମିଶିଛି ଯେଉଁଠି | - | ଚଉମୁହାଁଣି |
| ସମାନ ଉଦର ଯାହାର | - | ସୋଦର / ସହୋଦର |
| ସାତକୋଷ ଦୂରତା ବିଶିଷ୍ଟ | - | ସାତକୋଶିଆ |
| ସ୍ତ୍ରୀ ସହିତ ରହୁଥିବା ବ୍ୟକ୍ତି | - | ସସ୍ତ୍ରୀକ |
| ମୃତ ହୋଇଛି ପତ୍ନୀ ଯାହାର | - | ବିପତ୍ନୀକ |
| ପରିବାର ସହିତ | - | ସପରିବାର |

| | | |
|---|---|---|
| ବାନ୍ଧବ ସହିତ | - | ସବାନ୍ଧବ |
| ବିଶେଷ ନମ୍ର | - | ବିନମ୍ର |
| କମଳ ପରି ନୟନ ଯାହାର | - | କମଳନୟନ |
| ଚକ ପରି ନୟନ ଯାହାର | - | ଚକାନୟନ |
| ଚାରି ଭୁଜ ଯାହାର | - | ଚତୁର୍ଭୁଜ |
| ଦଶ ଆନନ ଯାହାର | - | ଦଶାନନ |
| ବୀଣା ପାଣିରେ ଯାହାର | - | ବୀଣାପାଣି |
| ଅହନ୍ ଓ ରାତ୍ର | - | ଅହୋରାତ୍ର |
| ଜାୟା ଓ ପତି | - | ଦମ୍ପତି |
| ଯେ ବାଟରେ ଯାଏ | - | ବାଟୋଇ |
| ଯେ ହାଟ କରେ | - | ହାଟୁଆ |
| ଉତ୍କଳରେ ଜାତ | - | ଉତ୍କଳୀୟ |
| ଭାରତରେ ଜାତ | - | ଭାରତୀୟ |
| କାଚ ବିକିବା ବ୍ୟବସାୟ ଯାହାର | - | କାଚରା |
| ପାଟ ବିକିବା ବ୍ୟବସାୟ ଯାହାର | - | ପାଟରା |
| ପାନ ବିକିବା ବ୍ୟବସାୟ ଯାହାର | - | ପାନରା |
| ଶଙ୍ଖା ବିକିବା ବ୍ୟବସାୟ ଯାହାର | - | ଶଙ୍ଖାରି |
| ଢ଼ିଙ୍କି ଦ୍ୱାରା କୁଟା | - | ଢ଼ିଙ୍କିକୁଟା |
| ରଙ୍ଗପାଇଁ ମଞ୍ଚ | - | ରଙ୍ଗମଞ୍ଚ |

| | | |
|---|---|---|
| ଗୋଠରୁ ଖଣ୍ଡିଆ | - | ଗୋଠଖଣ୍ଡିଆ |
| ଅହନ୍‌ର ପୂର୍ବ | - | ପୂର୍ବାହ୍‌ଣ |
| ନଈର ମଝି | - | ମଝିନଈ |
| ଯେ ଦେବ ସେ ଋଷି | - | ଦେବର୍ଷି |
| ଯେ ରାଜା ସେ ଋଷି | - | ରାଜର୍ଷି |
| ମହାନ ଅଟେ ଋଷି | - | ମହର୍ଷି |
| ସପ୍ତ ଋଷିର ସମାହାର | - | ସପ୍ତର୍ଷି |
| କୁତ୍ସିତ ଆକାର | - | କଦାକାର |
| ଘୋଡ଼ାଟଣାଗାଡ଼ି | - | ଘୋଡ଼ାଗାଡ଼ି |
| ଦାଣ୍ଡର ସମୀପସ୍ଥ ଦୁଆର | - | ଦାଣ୍ଡଦୁଆର |
| ଧନକୁ ଜୟ କରିଛି ଯେ | - | ଧନଞ୍ଜୟ |
| ବିଶ୍ୱକୁ ଭରଣ କରେ ଯେ | - | ବିଶ୍ୱମ୍ଭର |
| ମୃତ୍ୟୁକୁ ଜୟ କରିଛି ଯେ | - | ମୃତ୍ୟୁଞ୍ଜୟ |
| ଉତ୍ତାନ ପାଦ ଯାହାର | - | ଉତ୍ତାନପାଦ |

(୯)

| | | |
|---|---|---|
| ଅନ୍ୟ ବିଷୟରେ ଯାହାଙ୍କ ମନ | - | ଅନ୍ୟମନସ୍କ |
| ଖ(ଆକାଶ)ରେ ବିଚରଣ କରେ ଯେ | - | ଖେଚର |
| ଈଶ୍ୱରଙ୍କ ଅସ୍ତିତ୍ୱରେ ଯାହାର ବିଶ୍ୱାସ ଅଛି | - | ଆସ୍ତିକ |

| | | |
|---|---|---|
| ଦୁଇଟି ମଧ୍ୟରେ ଗୁରୁ | - | ଗୁରୁତର |
| ଦୂର ପ୍ରତି ଯାହାର ଦୃଷ୍ଟି ଅଛି | - | ଦୂରଦର୍ଶୀ |
| ନାହିଁ ଦୟା ଯାହାର | - | ନିର୍ଦ୍ଦୟ |
| ଯେଉଁ ନାରୀକୁ ସୂର୍ଯ୍ୟ ଦେଖିପାରନ୍ତି ନାହିଁ | - | ଅସୂର୍ଯ୍ୟଂପଶ୍ୟା |
| ଯେଉଁସ୍ଥାନକୁ ସହଜରେ ଗମନ କରିହୁଏ ନାହିଁ | - | ଦୁର୍ଗମ |
| ଶକ୍ତିକୁ ଅତିକ୍ରମ ନ କରି | - | ଯଥାଶକ୍ତି |
| ସଖାର ଭାବ | - | ସଖ୍ୟ |
| ସାଧର ଅତୀତ | - | ଅସାଧ |
| ସ୍ମରଣର ଯୋଗ୍ୟ | - | ସ୍ମରଣୀୟ |
| ସର୍ବଜନଙ୍କର ହିତ | - | ସାର୍ବଜନୀନ |
| ଶୁଣିବାର ଅଯୋଗ୍ୟ | - | ଅଶ୍ରାବ୍ୟ |
| ଶୋଭନା ଶ୍ରୀ ଯାହାର | - | ସୁଶ୍ରୀ |
| ସ୍ୱଇଚ୍ଛାରେ ଶରୀର ଧାରଣ କରିଛନ୍ତି ଯେ | - | ସ୍ୱୟମ୍ଭୁ (ମ୍ଭୁ) |

## ଅନୁଶୀଳନୀ

### ଏକପଦରେ ପ୍ରକାଶ କର ।

(୧)

| | |
|---|---|
| ପଢ଼ିବାର ଇଚ୍ଛା | ଲାଭ କରିବାକୁ ଇଚ୍ଛା |
| ଜୟ କରିବାକୁ ଇଚ୍ଛା | ଜାଣିବାର ଇଚ୍ଛା |

| | |
|---|---|
| ପାଇବାର ଇଚ୍ଛା | ଭୋଜନର ଇଚ୍ଛା |
| ମୁକ୍ତି ପାଇବାର ଇଚ୍ଛା | ଯିବାର ଇଚ୍ଛା |
| ମିଳିମିଶି ରହିବାର ଇଚ୍ଛା | ବ୍ୟାପି ରହିବାର ଇଚ୍ଛା |
| ସହିବାର ଇଚ୍ଛା | ଶୁଣିବାର ଇଚ୍ଛା |
| ସୃଷ୍ଟି କରିବାର ଇଚ୍ଛା | ପଢ଼ିବାର ଇଚ୍ଛା |
| ତ୍ୟାଗ କରିବାର ଇଚ୍ଛା | ଶୋଇବାର ଇଚ୍ଛା |

(୨)

| | |
|---|---|
| ବିଶ୍ରବାଙ୍କ ପୁତ୍ର | ସୁମିତ୍ରାଙ୍କ ପୁତ୍ର |
| ଭଗିନୀର ପୁତ୍ର | ପାଣ୍ଡୁଙ୍କର ପୁତ୍ର |
| ଦନୁଙ୍କର ପୁତ୍ର | ମୃତଣ୍ଡଙ୍କ ପୁତ୍ର |
| କୁନ୍ତୀଙ୍କର ପୁତ୍ର | ଦଶରଥଙ୍କ ପୁତ୍ର |
| ଧନ ଅଛି ଯାହାର | ଅଶ୍ୱ ଅଛି ଯାହାର |
| ଗଣ୍ଠି ଅଛି ଯାହାର | ଧାର ଅଛି ଯାହାର |
| ମୃତ ହୋଇଛି ପତି ଯାହାର | ସ୍ମରଣର ଯୋଗ୍ୟ |
| ବିଘ୍ନର ଅଭାବ | ଜଳରୁ ଜାତ |
| ମୂଳରୁ ଚୂଳ ପର୍ଯ୍ୟନ୍ତ | ରୂପର ଯୋଗ୍ୟ |
| ଚାରିଛକ ମିଶିଛି ଯେଉଁଠି | ନଈର ମଝି |
| ସମାନ ଗୋତ୍ର ଯାହାର | ଭୟର ଅଭାବ |

ଜଳସମ୍ବନ୍ଧୀୟ

ଚଇତରେ ଜାତ

ସମ୍ମାନର ଯୋଗ୍ୟ

ଲୋକ ସମ୍ବନ୍ଧୀୟ

ଖରା କାମକରେ ଯିଏ

ଆନନ୍ଦର ଅଭାବ

(୩)

ନିଜକୁ ପଣ୍ଡିତ ମନେ କରେ ଯେ

ସତ୍ୟ କହିବା ଅଭ୍ୟାସ ଯାହାର

ଦିନକୁ ଦିନ

ନାହିଁ ଜ୍ଞାନ ଯାହାର

ନାହିଁ ଦୋଷ ଯାହାର

ପ୍ରତିଷ୍ଠା ଲାଭ କରିଛନ୍ତି ଯେ

କର୍ତ୍ତବ୍ୟ ସ୍ଥିର କରିପାରୁ ନାହିଁ ଯେ

ସୂର୍ଯ୍ୟଙ୍କର ଉପାସକ

ଯହିଁରେ କର ଦେବାକୁ ପଡ଼େନାହିଁ

ଚାରି ଭୁଜ ଯାହାର

ମାନସକୁ ଅତିକ୍ରମ କରି

ଜଣକୁ ଜଣ

ନାହିଁ ଅର୍ଥ ଯହିଁରେ

ଅନ୍ୟଆଡ଼େ ମନ ଯାହାର

ଗଣିତ ଶାସ୍ତ୍ରରେ ନିପୁଣ

ନାହିଁ ପୁତ୍ର ଯାହାର

ତିନି ଫଳର ସମାହାର

ବିଷ୍ଣୁଙ୍କର ଉପାସକ

# (୩) ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ

ଭାଷାରେ ଯେଉଁ ଶବ୍ଦଗୁଡ଼ିକ ଏକାପରି ଉଚ୍ଚାରିତ ହେଲେ ମଧ୍ୟ, ବିଭିନ୍ନ ଅର୍ଥ ପ୍ରକାଶ କରନ୍ତି, ସେଗୁଡ଼ିକୁ ସମୋଚ୍ଚାରିତ ଶବ୍ଦ କୁହାଯାଏ । ଅନ୍ୟ ଅର୍ଥରେ କହିଲେ ଏହି ଶବ୍ଦଗୁଡ଼ିକ ସମାନ ପ୍ରକାର ଧ୍ୱନି ପ୍ରକାଶ କରନ୍ତି । ମାତ୍ର ସେମାନଙ୍କର ଅର୍ଥ ସମାନ ନ ହୋଇ ଭିନ୍ନ ଭିନ୍ନ ହୋଇଥାଏ । ନିମ୍ନରେ କେତେକ ଦୃଷ୍ଟାନ୍ତ ଦିଆଯାଇଛି । ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଶବ୍ଦମାନଙ୍କର ଭିନ୍ନଭିନ୍ନ ଅର୍ଥ ବୁଝି ପାରିବେ ।

(୧)

| ଶବ୍ଦ | | ଅର୍ଥ |
|---|---|---|
| ଅଂଶ | - | ଭାଗ |
| ଅଂସ | - | କାନ୍ଧ |
| ଅନିଳ | - | ପବନ |
| ଅନୀଳ | - | ଯାହା ନୀଳ ନୁହେଁ |
| ଅସନ | - | କ୍ଷେପଣ |
| ଅଶନ | - | ଭୋଜନ |
| ଅସି | - | ଖଣ୍ଡା, ଖଡ଼୍ଗ |
| ଅଶୀ | - | ସଂଖ୍ୟାବିଶେଷ |
| ଅସୁର | - | ଦାନବ |
| ଅଶୂର | - | ଭୀରୁ |
| ଅବିର | - | ଫଗୁ |

| | | |
|---|---|---|
| ଅବୀର | - | ଯିଏ ବୀର ନୁହେଁ, ଭୀରୁ |
| ଅଳିକ | - | ଲଲାଟ ଦେଶ |
| ଅଳୀକ | - | ମିଥ୍ୟା |
| ଆଭାସ | - | ସୂଚନା ଇଙ୍ଗିତ. |
| ଆଭାଷ | - | ଭାଷଣ |
| ଆୟତ | - | ବିସ୍ତୃତ / ପ୍ରସାରିତ |
| ଆୟତ୍ତ | - | ନିୟନ୍ତ୍ରିତ /ବଶୀଭୂତ / ଅଧୀନ |
| ଈଶ | - | ପ୍ରଭୁ / ଈଶ୍ୱର |
| ଈଷ | - | ଲଙ୍ଗଳ ଦଣ୍ଡ |

(୨)

| | | |
|---|---|---|
| କାଳି | - | କଳାରଙ୍ଗ |
| କାଳୀ | - | ଦେବୀ |
| କାଶ | - | ଧଳାଫୁଲ ଯୁକ୍ତ ତୃଣ /କାଶତଣ୍ଡି |
| କାସ | - | ଶ୍ୱାସ ଯନ୍ତ୍ରର ଏକ ରୋଗ |
| କୁଳ | - | ବଂଶ |
| କୂଳ | - | ନଦୀତଟ |
| କୁଟ | - | ପର୍ବତ ଶୃଙ୍ଗ/ ଦୁର୍ଗ |
| କୂଟ | - | ମାୟା /କପଟ |
| କୁଜନ | - | ମନ୍ଦଲୋକ |
| କୂଜନ | - | ପକ୍ଷୀର କାକଳି |

| | | |
|---|---|---|
| କେଶର | - | ପୁଷ୍ପ ମଧ୍ୟସ୍ଥ କେଶସଦୃଶ ଅଂଶ |
| କେସର | - | ସିଂହ ବା ଘୋଡ଼ା ବେକରେ ଥିବା କେଶଗୁଚ୍ଛ |
| କୋଟି | - | ସଂଖ୍ୟା ବିଶେଷ (କୋଟିଏ ସଂଖ୍ୟା) |
| କୋଟୀ | - | ଅଗ୍ରଭାଗ / ଶୀର୍ଷ |
| କୋଶ | - | ଦୁଇ ମାଇଲ |
| କୋଷ | - | ଅଭିଧାନ ଗ୍ରନ୍ଥ / ଭଣ୍ଡାର |
| କୃତି | - | ସଫଳ କାର୍ଯ୍ୟ / ରଚନା ସମ୍ଭାର |
| କୃତୀ | - | ଦକ୍ଷ |
| ଗାଡ଼ | - | ଗାତ |
| ଗାଢ଼ | - | ଦୃଢ଼, ନିବିଡ଼ |
| ଗିରିଶ | - | ଶିବ |
| ଗିରୀଶ | - | ପର୍ବତ ଶ୍ରେଷ୍ଠ |
| ଗୁଣି | - | ତନ୍ତ୍ର ବିଦ୍ୟା |
| ଗୁଣୀ | - | ଗୁଣବାନ୍ |
| ଚିର | - | ସବୁଦିନ ଗାଈର ଚିର |
| ଚୀର | - | ଛିଣ୍ଡାବସ୍ତ୍ର |
| ଚୁଡ଼ା | - | ଏକ ପ୍ରକାର ଖାଦ୍ୟ (ଧାନରୁ ତିଆରି ଖାଦ୍ୟବିଶେଷ) |
| ଚୂଡ଼ା | - | ମନ୍ଦିରର ଅଗ୍ରଭାଗ /ଶୀର୍ଷଦେଶ |

(୩)

ଜବ - ବେଗ
ଯବ - ଯଅ ଧାନ

ଜମକ - ଆଡ଼ମ୍ବର
ଯମକ - ଏକ ଶବ୍ଦାଳଙ୍କାର

ଜାଗ - ଜାଗ୍ରତ ହେବା
ଯାଗ - ଯଜ୍ଞ

ଜାତ - ଜନ୍ମ ହୋଇଥିବା
ଯାତ - ଯାତ୍ରା / ଉତ୍ସବ

ଜୁଇ - ଚିତାନଳ
ଯୂଇ - ଏକଜାତୀୟ ଫୁଲ

ତରଣି - ସୂର୍ଯ୍ୟ
ତରଣୀ - ନୌକା

ଦିନ - ଦିବସ
ଦୀନ - ଦରିଦ୍ର

ଦ୍ୱିପ - ହାତୀ
ଦ୍ୱୀପ - ଚାରିପଟେ ଜଳଥିବା ସ୍ଥଳଭାଗ

ନାଶ - ଧ୍ୱଂସ
ନାସ - ଧୂଆଁପତ୍ର ଚୂର୍ଣ୍ଣ

ନିତି - ପ୍ରତିଦିନ

| | | |
|---|---|---|
| ନୀତି | - | ନିୟମ |
| ନିଧନ | - | ମୃତ୍ୟୁ / ହତ୍ୟା |
| ନିର୍ଦ୍ଧନ | - | ଗରିବ /ଧନଶୂନ୍ୟ |
| ନିବାର | - | ବାରଣ |
| ନୀବାର | - | ତୃଣ ଧାନ୍ୟ ବିଶେଷ |
| ପଟ | - | ବସ୍ତ୍ର / ପରଦା |
| ପଟ୍ଟ | - | ଶ୍ରେଷ୍ଠ |
| ପରସ୍ୱ | - | ପରଧନ |
| ପରଶ୍ୱ | - | ପଅରିଦିନ |
| ପରି | - | ଭଳି / ତୁଲ୍ୟ |
| ପରୀ | - | ଅପ୍ସରା |
| ପୁର | - | ଗ୍ରାମ /ନଗର / ଗୃହ |
| ପୂର | - | ପିଠାର ପୂର |
| ପାବନି | - | ପବନ ପୁତ୍ର/ ହନୁମାନ |
| ପାବନୀ | - | ପବିତ୍ରକାରିଣୀ |
| ପୀତ | - | ହଳଦିଆ ରଙ୍ଗ |
| ପିତ୍ତ | - | ଶରୀରର ଧାତୁ ବିଶେଷ |
| ବଳି | - | ଉତ୍ସର୍ଗ / ପୁରାଣର ପ୍ରଖ୍ୟାତ ଦୈତ୍ୟରାଜା |
| ବଳୀ | - | ବଳଶାଳୀ |
| ବାଳିଶ | - | ମୂର୍ଖ |

| | | |
|---|---|---|
| ବାଳୀଶ | - | ନାରୀ ରତ୍ନ |
| ବିଷଦ | - | ଯିଏ ବିଷ ପ୍ରୟୋଗ କରେ |
| ବିଶଦ | - | ସ୍ପଷ୍ଟ ଭାବରେ /ବିସ୍ତୃତ ଭାବରେ |
| ବିଷ | - | ଜହର |
| ବିସ | - | ପଦ୍ମନାଡ଼ |
| ବୃତି | - | ବାଡ଼ / ଆବରଣ |
| ବୃତ୍ତି | - | ପେଷା |
| ବେଳା | - | ସମୟ |
| ବେଳା | - | ସମୁଦ୍ର ତୀର |
| ଭୀତି | - | ଭୟ |
| ଭିତ୍ତି | - | ମୂଳଦୂଆ |

(୪)

| | | |
|---|---|---|
| ମତ | - | ମନୋଗତ ଭାବ |
| ମତ୍ତ | - | ପାଗଳ |
| ମାସ | - | ୩୦ଦିନର ସମାହାର |
| ମାଶ | - | ବିରି |
| ରଦ | - | ଦନ୍ତ |
| ରଦ୍ଦ | - | ବାତିଲ |
| ଲକ୍ଷ | - | ସଂଖ୍ୟା ବିଶେଷ |
| ଲକ୍ଷ୍ୟ | - | ଉଦ୍ଦେଶ୍ୟ |
| ଶକଳ | - | ଖଣ୍ଡ ବା ଅଂଶ ବିଶେଷ |

ସକଳ - ସମସ୍ତ

ଶକ୍ତ - ଦୃଢ଼

ସକ୍ତ - ଆସକ୍ତ ବା ଅନୁରକ୍ତ

ଶଙ୍କର - ଶିବ

ସଙ୍କର - ବିଭିନ୍ନ ଜାତିର ମିଶ୍ରଣରେ ଜାତ ପ୍ରାଣୀ ବା ଉଭିଦ

ଶପ୍ତ - ଶାପଗ୍ରସ୍ତ

ସପ୍ତ - ସାତ

ଶବଳ - ନାନାବର୍ଣ୍ଣ ବିଶିଷ୍ଟ

ସବଳ - ବଳଶାଳୀ

ଶମ - ଶାନ୍ତି

ସମ - ସମାନ

ଶମନ - ଯମ

ସମନ - ଆଦେଶ ପତ୍ର

ଶର - ଧନୁଶର

ସର - ପୋଖରୀ / ଦୁଧସର

ଶତ - ଶହ ସଂଖ୍ୟା

ସତ - ସତ୍ୟ

ଶୁକ - ଶୁଆପକ୍ଷୀ

ଶୂକ - ଶସ୍ୟର ସୂକ୍ଷ୍ମ ଅଗ୍ରଭାଗ

ଶାପ - ଅଭିଶାପ

ସାପ - ସରୀସୃପ ବିଶେଷ

ସୁତ - ପୁତ୍ର

ସୂତ - ସାରଥି

ସୁଧ - କଳନ୍ତର

ଶୁଦ୍ଧ - ପବିତ୍ର

ସୁର - ଦେବତା

ଶୂର - ବୀର

ଶୁଚି - ପବିତ୍ର

ସୂଚୀ - ଛୁଞ୍ଚି

ଶୀତ - ଥଣ୍ଡା / ଋତୁ ବିଶେଷ

ସିତ - ଧବଳ

ଶୂକର - ଘୁଷୁରି

ସୁକର - ସହଜ

ଶିର - ମୁଣ୍ଡ

ସୀର - ସିଆର

ଶିଳ - ପଥର ଖଣ୍ଡ

ଶୀଳ - ସ୍ୱଭାବ

ଶମନ - ଯମ

ସମନ - ଆଦେଶ ପତ୍ର

ଶ୍ରବଣ - ଶୁଣିବା

ସ୍ରବଣ - ଝରିବା

ଷଷ୍ଠି - ଷାଠିଏ, ସଂଖ୍ୟା ବିଶେଷ

ଷଷ୍ଠୀ - ଦେବୀ

(୫)

ଅର୍ଘ - ମୂଲ୍ୟ

ଅର୍ଘ୍ୟ - ପୂଜାଦ୍ରବ୍ୟ

ଅବଦାନ - ମହତକର୍ମ

ଅବଧାନ - ମନଯୋଗ

ଅବହିତ - ନିବିଷ୍ଟ / ମନଯୋଗୀ

ଅବିହିତ - ଅନୁଚିତ / ଯାହା କରଣୀୟ ନୁହେଁ

ଆବରଣ - ଘୋଡ଼ଣୀ

ଆଭରଣ - ଭୂଷଣ

ଉପାଦାନ - ଉପକରଣ

ଉପାଧାନ - ତକିଆ

ଗୋଲକ - ଗୋଲାକାର ବସ୍ତୁ

ଗୋଲୋକ - ସ୍ୱର୍ଗପୁର

ଚରିତ - କଥା / ବିଷୟ

ଚରିତ୍ର - ନୈତିକ ସ୍ୱଭାବ

ଚ୍ୟୁତ - ସ୍ଖଳିତ

ଚୂତ - ଆମ୍ବ

ତଟକା - ସଜ

ତାଟକା - ଆବାକାବା

ତୋଡ଼ - ଦର୍ପ
ତୋଡ଼ା - ଫୁଲଗୁଚ୍ଛ

ଦୂତି - ସଂବାଦବାହିକା ନାରୀ / ଦୂତିକା
ଦ୍ୟୁତ - ପଶାଖେଳ

ନଟ - ଅଭିନେତା
ନାଟ - ନୃତ୍ୟ, ଯାତ୍ରା

ନିଧନ - ବିନାଶ
ନିର୍ଦ୍ଧନ - ଧନହୀନ

ପଟ - ଯବନିକା / କଦଳୀ ପଟୁଆ
ପଟ୍ଟ - ଶ୍ରେଷ୍ଠ / ପ୍ରଧାନ

ପରିଖା - ଗଡ଼ଖାଇ
ପରୀକ୍ଷା - ଉତ୍ତମରୂପେ ଦେଖିବା / ଦକ୍ଷତା ମାପିବା

ପରିଚ୍ଛଦ - ପୋଷାକ
ପରିଚ୍ଛେଦ - ଅଧ୍ୟାୟ

ପ୍ରଦାନ - ଦେବା
ପ୍ରଧାନ - ଶ୍ରେଷ୍ଠ

ପ୍ରସାଦ - କୃପା / ଭୋଗ
ପ୍ରାସାଦ - କୋଠାଘର

ପ୍ରସ୍ତ - ସ୍ତର
ପ୍ରସ୍ଥ - ଓସାର

ବଧ - ହତ୍ୟା

ବଦ୍ଧ - ବନ୍ଧା

ବଲ୍ଲବ - ପାଚକ / ରୋଷେଇୟା
ବଲ୍ଲଭ - ସ୍ୱାମୀ ବା ପ୍ରିୟ

ମାଗଣ - ଚାନ୍ଦା ମାଗିବା
ମାଗଣା - ବିନା ମୂଲ୍ୟରେ

ଲିଖନ - ଲେଖିବା
ଲେଖନ - ଲୁହାକଲମ

ସତ୍ତ୍ୱ - ମହତ୍ ଗୁଣ
ସ୍ୱତ୍ୱ - ଅଧିକାର

ସର୍ଗ - ଅଧ୍ୟାୟ
ସ୍ୱର୍ଗ - ଦେବଲୋକ

ସାକ୍ଷର - ଲେଖିପଢ଼ି ଜାଣିଥିବା ବ୍ୟକ୍ତି ବିଶେଷ
ସ୍ୱାକ୍ଷର - ଦସ୍ତଖତ

ସ୍କନ୍ଦ - କାର୍ତ୍ତିକେୟ
ସ୍କନ୍ଧ - କାନ୍ଧ

ସୀମନ୍ତ - ସୁନ୍ଥା
ସୀମାନ୍ତ - ସୀମାଶେଷ

ସ୍ମୃତି - ସ୍ମରଣ ଶକ୍ତି
ଶ୍ରୁତି - ବେଦ

ଶ୍ୱଶ୍ରୂ - ଶାଶୂ
ଶ୍ମଶ୍ରୂ - ଦାଢ଼ି

## ସମୋଚ୍ଚାରିତ ଶବ୍ଦ

### ଅନୁଶୀଳନୀ

ନିମ୍ନ ପ୍ରଦତ୍ତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ ।

| | | | | | |
|---|---|---|---|---|---|
| ଅଶୀ | ଦ୍ୱିପ | ଚିର | କେସର | ସର | ଶିଳ |
| ଅସି | ଦ୍ୱୀପ | ଚୀର | କେଶର | ଶର | ଶୀଳ |
| ସୂଚୀ | ଜବ | ଅଂଶ | ଜାତ | ଜୁଇ | ବଧ |
| ଶୁଚି | ଯବ | ଅଂସ | ଯାତ | ଯୁଇ | ବଦ୍ଧ |
| କୁଳ | ଚୁଡ଼ା | ନିତି | ବିଷ | ସ୍କନ୍ଦ | ସର୍ଗ |
| କୂଳ | ଚୂଡ଼ା | ନୀତି | ବିସ | ସ୍କନ୍ଧ | ସ୍ୱର୍ଗ |
| ଅଶନ | ଆଭାସ | ତରଣି | ସଙ୍କର | ସ୍ରବଣ | ସୁକର |
| ଅସନ | ଆଭାଷ | ତରଣୀ | ଶଙ୍କର | ଶ୍ରବଣ | ଶୁକର |
| ଗୋଲକ | ଚରିତ୍ର | ସ୍ୱାକ୍ଷର | ପ୍ରସାଦ | ଶମନ | ନିବାର |
| ଗୋଲୋକ | ଚରିତ | ସାକ୍ଷର | ପ୍ରାସାଦ | ସମନ | ନୀବାର |
| ପରିଖା | ପ୍ରକାର | ଅଳିକ | କେଶର | ପାବନି | ବଲ୍ଲବ |
| ପରୀକ୍ଷା | ପ୍ରକାର | ଅଳୀକ | କେସର | ପାବନୀ | ବଲ୍ଲଭ |
| ଅବଦାନ | ଉପାଦାନ | ପରିଚ୍ଛେଦ | ଆବରଣ | ଅବହିତ | |
| ଅବଧାନ | ଉପାଧାନ | ପରିଛଦ | ଆଭରଣ | ଅବିହିତ | |

# (୪) ବିପରୀତ ଅର୍ଥବୋଧକ ଶବ୍ଦ

ଓଡ଼ିଆ ଭାଷାରେ ବ୍ୟବହୃତ ଶବ୍ଦସମ୍ଭାର ମଧ୍ୟରେ ବିପରୀତାର୍ଥ ବୋଧକ ଶବ୍ଦର ବୈଚିତ୍ର୍ୟ ଗୁରୁତ୍ୱପୂର୍ଣ୍ଣ । ଅନୁଧ୍ୟାନ କଲେ ଜଣାଯାଏ ଯେ କେତେକ ଶବ୍ଦର ସ୍ୱତନ୍ତ୍ର ବିପରୀତାର୍ଥ ବୋଧକ ଶବ୍ଦ ଅଛି । ଯଥା - ସଫଳ - ବିଫଳ, ଅନୁକୂଳ - ପ୍ରତିକୂଳ, ଜନ୍ମ-ମରଣ, ଅମୃତ-ବିଷ । ଆଉ କେତେକ ଶବ୍ଦର ବିପରୀତାର୍ଥଶବ୍ଦ ନଞ୍ ତତ୍ପୁରୁଷ ସମାସ ଦ୍ୱାରା ହୋଇଥାଏ । ଯେପରି ମେଳ-ଅମେଳ, ଆବିଳ-ଅନାବିଳ, ଏଠାରେ ଲକ୍ଷ୍ୟ କରିବାର କଥା ବିପରୀତାର୍ଥ ବୋଧକ ଶବ୍ଦ ନିର୍ଣ୍ଣୟ କଲାବେଳେ ମୂଳ ଶବ୍ଦ ଯେଉଁ ପଦରେ ଥାଏ ବିପରୀତାର୍ଥଶବ୍ଦ ସେହିପଦ ହୋଇଥାଏ । ନିମ୍ନରେ ଶବ୍ଦର ବିପରୀତାର୍ଥ ବୋଧକ ଶବ୍ଦ ଛାତ୍ର-ଛାତ୍ରୀମାନଙ୍କ ଅଭ୍ୟାସ ପାଇଁ ଦିଆଯାଇଛି ।

ବିପରୀତାର୍ଥ ଶବ୍ଦ -

ଅଗ - ମୂଳ

ଅଗ୍ର - ପଶ୍ଚାତ୍

ଅଧସ୍ତନ - ଉପରିସ୍ଥ

ଅଧଃ - ଊର୍ଦ୍ଧ୍ୱ

ଅଧିକ - ଅନଧିକ / ଊଣା

ଅନାବୃଷ୍ଟି - ଅତିବୃଷ୍ଟି

ଅନୁକୂଳ - ପ୍ରତିକୂଳ

ଅନୁଗ୍ରହ - ନିଗ୍ରହ

ଅନୁରକ୍ତ - ବିରକ୍ତ

ଅନୁରାଗ - ବିରାଗ

ଅପରାଧୀ - ନିରପରାଧ

ଅପେକ୍ଷା - ଉପେକ୍ଷା

ଅଭିଜ୍ଞ - ଅନଭିଜ୍ଞ

ଅମୃତ - ବିଷ

ଅଳ୍ପ - ବହୁତ

ଅଳସ - ନିରଳସ

ଅସଲି - ନକଲି

ଅରୁଆ - ଉଷୁନା

ଅସୀମ - ସସୀମ

ଆକାଶ - ପାତାଳ

ଆଗ - ପଛ

ଆଗମନ - ପ୍ରସ୍ଥାନ

ଆଚାର - ଅନାଚାର

ଆଦର - ଅନାଦର

ଆଦ୍ୟ - ପ୍ରାନ୍ତ

ଆର୍ଦ୍ର - ଶୁଷ୍କ

ଆଦାନ - ପ୍ରଦାନ

ଆଧୁନିକ - ପ୍ରାଚୀନ

ଆନନ୍ଦ - ନିରାନନ୍ଦ

ଆପଣା - ପର

ଆବାଦୀ - ଅନାବାଦୀ

ଆବାହନ - ବିସର୍ଜନ

ଆବିର୍ଭାବ - ତିରୋଭାବ

ଆବିଳ - ଅନାବିଳ

ଆବୃତ - ଅନାବୃତ

ଆମଦାନୀ - ରପ୍ତାନୀ

ଆମିଷ - ନିରାମିଷ

ଆୟ - ବ୍ୟୟ

ଆୟତ୍ତ - ଅଣାୟତ୍ତ

ଆରମ୍ଭ - ଶେଷ

ଆଲୁଅ - ଅନ୍ଧାର

ଆରୋହଣ - ଅବତରଣ / ଅବରୋହଣ

ଆଶୀର୍ବାଦ - ଅଭିଶାପ

ଆସ୍ତିକ - ନାସ୍ତିକ

ଇଚ୍ଛା - ଅନିଚ୍ଛା

ଇହ - ପର

ଇଷ୍ଟ - ଅନିଷ୍ଟ

ଉତ୍କର୍ଷ - ଅପକର୍ଷ

ଉଚ୍ଚ - ନୀଚ

ଉଠାଣି - ଗଡ଼ାଣି

ଉତ୍ଥାନ - ପତନ

ଉଦାର - ଅନୁଦାର

ଉନ୍ନତି - ଅବନ୍ନତି

ଉପକାର - ଅପକାର

ଉପଚୟ - ଅପଚୟ

ଉଭା - ପୋତା

ଉତ୍ସାହ - ନିରୁତ୍ସାହ

ଏକ - ଅନେକ

ଐହିକ - ପାରତ୍ରିକ

ଓଦା - ଶୁଖିଲା

କଞ୍ଚା - ପାଚିଲା

କପଟ - ନିଷ୍କପଟ

କାରଣ - ଅକାରଣ

କିଣା - ବିକା

କୀର୍ତ୍ତି - ଅକୀର୍ତ୍ତି / ଅପକୀର୍ତ୍ତି

କୃତକାର୍ଯ୍ୟ - ଅକୃତକାର୍ଯ୍ୟ

କୃତଜ୍ଞ - ଅକୃତଜ୍ଞ

କୃପଣ - ବଦାନ୍ୟ / ଦାନୀ

ଖାଣ୍ଟି - ଭେଜାଲ

ଖାତକ - ମହାଜନ

ଖାଲ - ଢ଼ିପ

ଖୋଲା - ମୁଦା

ଗଭୀର - ଅଗଭୀର

ଗରିମା - ଲଘିମା

ଗୁଣ - ଦୋଷ

ଗୁରୁ - ଲଘୁ

ଘନ - ତରଳ

ଚଞ୍ଚଳ - ଧୀର

ଚଳ - ଅଚଳ

ଚିହ୍ନା - ଅଚିହ୍ନା

ଚେତନ - ଅଚେତନ

ଚେମଡ଼ା - ମସ୍‌କା

ଛୁଆଁ - ଅଛୁଆଁ

ଜନ୍ମ - ମରଣ

ଜମା - ଖର୍ଚ୍ଚ

ଜୟ - ପରାଜୟ

ଜଳ - ସ୍ଥଳ

ଜଳିବା - ଲିଭିବା

ଜୀର୍ଣ୍ଣ - ଅଜୀର୍ଣ୍ଣ

ଜୁଆର - ଭଟ୍ଟା

ଜ୍ୱଳନ୍ତ - ନିର୍ବାପିତ

ଜ୍ୟେଷ୍ଠ - କନିଷ୍ଠ

ଜ୍ଞାତ - ଅଜ୍ଞାତ

ଟାଣ - ନରମ

ଡେଙ୍ଗା - ଗେଡ଼ା

ତବତ - ପଖାଳ

ତୁଳସୀ - ବିଛୁଆତି

ତୁଷ୍ଟ - ରୁଷ୍ଟ

ତେଲିଆ - ନୁଖୁରା

ଥଣ୍ଡା - ଗରମ

ଥୟ - ଅଥୟ

ଦୟାଳୁ - ନିର୍ଦ୍ଦୟ

ଦରକାରୀ - ଅଦରକାରୀ

ଦାତା - ଗ୍ରହୀତା

ଦୁଃଖୀ - ସୁଖୀ

ଦୁର୍ବଳ - ସବଳ

ଦୁଷ୍ଟ - ଶିଷ୍ଟ

ଦୂର - ନିକଟ

ଦେଣା - ପାଉଣା

ଦୈର୍ଘ୍ୟ - ପ୍ରସ୍ଥ

ଦୋଷୀ - ନିର୍ଦ୍ଦୋଷ

ଧନୀ - ନିର୍ଦ୍ଧନ

ଧର୍ମ - ଅଧର୍ମ

ଧାନ - ବାଲୁଙ୍ଗା

ଧାରୁଆ - ବହୁଡ଼ା

ଧୀର - ଚଞ୍ଚଳ

ଧୂଆ - ଅଧୁଆ

ଧୋଇ - ମରୁଡ଼ି

ଧୈର୍ଯ୍ୟ - ଅଧୈର୍ଯ୍ୟ

ନବୀନ - ପ୍ରାଚୀନ

ନର୍କ - ସ୍ୱର୍ଗ

ନିତ୍ୟ - ଅନିତ୍ୟ

ନିଦା - ପୋଲା

ନିନ୍ଦା - ପ୍ରଶଂସା

ନିରପେକ୍ଷ - ସାପେକ୍ଷ

ନିଷ୍ଠୁର - ଦୟାଳୁ

ନୈସର୍ଗିକ - ପାର୍ଥିବ

ନୀତି - ଅନୀତି

ନୂତନ - ପୁରାତନ

ନ୍ୟାୟ - ଅନ୍ୟାୟ

ପରାଧୀନ - ସ୍ୱାଧୀନ

ପରୋକ୍ଷ - ପ୍ରତ୍ୟକ୍ଷ

ପାଠୁଆ - ଅପାଠୁଆ

ପାଣିଆ - କାଠୁଆ

ପାପ - ପୁଣ୍ୟ

ପାରତନ୍ତ୍ର୍ୟ - ସ୍ୱାତନ୍ତ୍ର୍ୟ

ପୀଡ଼ିତ - ସୁସ୍ଥ

ପୁନିଅଁ - ଉଆଁସ

ପୁରସ୍କାର - ତିରସ୍କାର

ପୁରାଙ୍ଗନା - ବାରାଙ୍ଗନା

ପୁରୋହିତ - ଯଜମାନ

ପ୍ରତିଲୋମ - ଅନୁଲୋମ

ପ୍ରତୀଚୀ - ପ୍ରାଚୀ

ପ୍ରବୃତ୍ତି - ନିବୃତ୍ତି

ପ୍ରସନ୍ନ - ଅପ୍ରସନ୍ନ

ପ୍ରାକୃତିକ - ଅପ୍ରାକୃତିକ

ଫକିର - ଅମିର

ଫଟା - ଗୋଟା

ବକ୍ତା - ଶ୍ରୋତା

ବନ୍ଧନ - ମୋଚନ

ବଳକା - ନିଅଣ୍ଟ

ବହିର୍ବାଣିଜ୍ୟ - ଅନ୍ତର୍ବାଣିଜ୍ୟ

ବହିର୍ଭାଗ -ଅନ୍ତର୍ଭାଗ

ବାଟ - ଅବାଟ

ବାଧ୍ୟ - ଅବାଧ୍ୟ

ବାମ - ଦକ୍ଷିଣ

ବାହାର - ଭିତର

ବାସ୍ତବ - ଅବାସ୍ତବ

ବାୟା - ମୁସ୍ତରି

ବ୍ରାହ୍ମଣ - ଅବ୍ରାହ୍ମଣ

ବିକର୍ଷଣ - ଆକର୍ଷଣ

ବିକୃତ - ଅବିକୃତ

ବିକ୍ରେତା - କ୍ରେତା

ବିଧବା - ସଧବା

ବିଫଳ - ସଫଳ

ବିବେକୀ - ଅବିବେକୀ

ବିଯୁକ୍ତ - ଯୁକ୍ତ

ବିଯୋଗ - ସଂଯୋଗ

ବିସ୍ମରଣ - ସ୍ମରଣ

ବେଳ - ଅବେଳ

ବେସାମରିକ - ସାମରିକ

ବ୍ୟବହିତ - ଅବ୍ୟବହିତ

ଭଗିନୀ - ଭାଇ

ଭଙ୍ଗା - ଗଢ଼ା

ଭୟ - ନିର୍ଭୟ

ଭଲ - ମନ୍ଦ

ଭକ୍ଷକ - ରକ୍ଷକ

ଭାବ - ଅଭାବ

ଭିତର - ବାହାର

ଭୀମ - କାନ୍ତ

ଭୁଲ୍ - ଠିକ୍

ଭେଦ - ଅଭେଦ

ମଠୁଆ - ଚଞ୍ଚଳିଆ

ମଣ - ଅମଣ

ମଫସଲିଆ - ସହରିଆ

ମଲା - ଜିଅନ୍ତା

ମଳିମୁଣ୍ଡିଆ - ଧୋବଧାଉଳିଆ

ମସୃଣ - ବନ୍ଧୁର

ମହଙ୍ଗା - ଶସ୍ତା

ମାପ - ଅମାପ

ମାୟାବୀ - ନିର୍ମାୟା

ମାରଣ - ତାରଣ

ମାରିବା - ତାରିବା

ମିତବ୍ୟୟୀ - ଅମିତବ୍ୟୟୀ

ମୁଖ୍ୟ - ଗୌଣ

ମୁଦେଇ - ମୁଦାଲା

ମୂକ - ବାଚାଳ

ଯଥା - ଅଯଥା

ରୋଗୀ - ନୀରୋଗ

ଲବ - ହର

ଲମ୍ବ - ଓସାର

ଲାଭ - କ୍ଷତି

ଲମ୍ବା - ଚଉଡ଼ା

ଲିଖିତ - ମୌଖିକ

ଲେଖା - ଅଲେଖା

ଲୋକସାନି - ଲାଭ

ଲୋଭୀ - ନିର୍ଲୋଭ

ଲୌକିକ - ଅଲୌକିକ

ଶ୍ରୋତା - ବକ୍ତା

ଶିକ୍ଷା - ଅଶିକ୍ଷା

ଶୁଭ - ଅଶୁଭ

ଶୋଭନୀୟ - ଅଶୋଭନୀୟ

ଶୂନ୍ୟ - ପୂର୍ଣ୍ଣ

ସକାମ - ନିଷ୍କାମ

ସଲଜ୍ଜ - ନିର୍ଲଜ୍ଜ

ସରସ - ନିରସ

ସାକାର - ନିରାକାର

ସାକ୍ଷର - ନିରକ୍ଷର

ସାମୟିକ - ଚିରନ୍ତନ

ସାତ୍ତ୍ୱିକ - ତାମସିକ

ସାକାର - ନିରାକାର

ସାଧାରଣ - ଅସାଧାରଣ

ସଂକୋଚନ - ପ୍ରସାରଣ

ସୁକୃତ - ଦୁଷ୍କୃତ

ସୁଗମ - ଦୁର୍ଗମ

ସୁଜନ - ଦୁର୍ଜନ

ସୁନାମ - ଦୁର୍ନାମ

ସୁନ୍ଦର - କୁତ୍ସିତ / ଅସୁନ୍ଦର

ସୁପ୍ତ - ଜାଗ୍ରତ

ସୁଲଭ - ଦୁର୍ଲଭ

ସୂକ୍ଷ୍ମ- ସ୍ଥୁଳ

ସ୍ୱକୀୟା - ପରକୀୟା

ସ୍ୱତନ୍ତ୍ର - ପରତନ୍ତ୍ର

ସ୍ୱଦେଶ - ବିଦେଶ

ସ୍ୱାଧୀନ - ପରାଧୀନ

ହିଂସା - ଅହିଂସା

ହର୍ଷ - ବିଷାଦ

ହ୍ରାସ - ବୃଦ୍ଧି

ହିସାବୀ - ବେହିସାବୀ

ହ୍ରସ୍ୱ - ଦୀର୍ଘ

କ୍ଷୁଦ୍ର - ବୃହତ

କ୍ଷଣସ୍ଥାୟୀ - ଚିରସ୍ଥାୟୀ

କ୍ଷମଣୀୟ - ଅକ୍ଷମଣୀୟ

## ଅନୁଶୀଳନୀ

**ନିମ୍ନଲିଖିତ ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।**

(୧)

ପ୍ରାଚୀନ, ବାସ୍ତବ, ଯୁକ୍ତ, ଅସଲ, ଅଧମ, ଅଳସ, ଅଭିଶାପ, ଅନୁରାଗ, ଅନୁଲୋମ, ଆକର୍ଷଣ, ଆଧୁନିକ, ଆବାହନ, ଆରୋହଣ, ଉତ୍କର୍ଷ, ଐହିକ, କର୍ତ୍ତବ୍ୟ, ଚେତନ, ପୁରୋହିତ, ମହାଜନ, କୃତଜ୍ଞ, ସଂକୋଚନ, ସ୍ୱାଧୀନ, ଲୌକିକ, ଶୋଭନୀୟ, ଦୋଷୀ, ଦୂରଦର୍ଶୀ, ସାକ୍ଷର, ଉଦାର, ନିରପେକ୍ଷ, ପ୍ରବୃତ୍ତି, ପୁରସ୍କାର, ଚେମଡ଼ା, ପ୍ରାକୃତିକ, ବ୍ୟବହିତ, ଅଳସ, କ୍ଷମଣୀୟ, ଲୋଭୀ, ସୁନ୍ଦର ।

(୨)

ସ୍ୱକୀୟା, କ୍ଷୁଦ୍ର, ସାକାର, ଲାଭ, କ୍ଷଣସ୍ଥାୟୀ, ମୂକ, ଭକ୍ଷକ, ଭୀମ, ଭାବ, ସଫଳ, ବ୍ୟବହିତ, ମଫସଲିଆ, ମହଙ୍ଗା, ପ୍ରତୀଚୀ, ଉଆଁସ, ବନ୍ଧନ, ବାୟା, ବିକ୍ରେତା, ନିଯୋଗ, ରୋଗୀ, ଲବ, ସାମୟିକ, ସାମରିକ ।

## (୫) ଭ୍ରମ ସଂଶୋଧନ (ଶବ୍ଦ)

ଠିକ ଭାବରେ ଲେଖିବା ଓ ଠିକ ଭାବରେ ପଢ଼ିବା ଗୋଟିଏ ଉନ୍ନତ ଭାଷାର ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ । ସାଧାରଣତଃ ଆମେ ଲେଖୁଥିବାବେଳେ ଅନେକ ଭ୍ରମ ଦେଖାଦେଇଥାଏ । ଶୁଦ୍ଧ ଭାଷା ବା ଶୁଦ୍ଧ ଶବ୍ଦର ବ୍ୟବହାର ବ୍ୟକ୍ତିର ବ୍ୟାକରଣ ଜ୍ଞାନ ଉପରେ ନିର୍ଭରକରେ । ବେଳେବେଳେ ପ୍ରମାଦପୂର୍ଣ୍ଣ ଭାଷାଶିକ୍ଷା ଯୋଗୁଁ ବା ନିରନ୍ତର ଅବହେଳା ଯୋଗୁଁ ଆମେ ଭାଷାର ଉଚ୍ଚାରଣ ଓ ଲିଖନରେ ଭୁଲ କରିଥାଉ । ନିରନ୍ତର ପଠନ, ଲିଖନ,ଶ୍ରବଣ ଓ ବ୍ୟାକରଣ ନିୟମ ଅଭ୍ୟାସ ଦ୍ୱାରା ଏପରି ଅଶୁଦ୍ଧିକୁ ଦୂର କରାଯାଇପାରେ । ବିଶେଷକରି ପ୍ରତ୍ୟୟଗତ, ଲିଙ୍ଗଗତ, ବିଶେଷ୍ୟ-ବିଶେଷଣଗତ, ଷତ୍ୱ- ଣତ୍ୱ ବିଧିଗତ, ବଚନଗତ, ସନ୍ଧିଗତ,ସମାସଗତ, ଓ ମାତ୍ରାଗତ ଅଶୁଦ୍ଧି ପ୍ରତି ସଚେତନ ରହିଲେ ଭାଷା (ଶବ୍ଦ)ର ଶୁଦ୍ଧିକରଣ ସହଜ ହୁଏ । ନିମ୍ନରେ କେତେକ ସାଧାରଣ ଅଶୁଦ୍ଧି ଓ ଶବ୍ଦରୂପ ଅଭ୍ୟାସ ପାଇଁ ଦିଆଯାଇଛି ।

(୧)

| ଅଶୁଦ୍ଧ | | ଶୁଦ୍ଧ |
|---|---|---|
| ଦାଶରଥୀ | - | ଦାଶରଥି |
| ଦ୍ରୋଣୀ | - | ଦ୍ରୋଣି |
| ପୂଜ୍ୟାସ୍ପଦ | - | ପୂଜାସ୍ପଦ |
| ସୌରୀ | - | ସୌରି |
| ଆତ୍ମୀକ | - | ଆତ୍ମିକ |
| କାୟୀକ | - | କାୟିକ |
| ନାଗରୀକ | - | ନାଗରିକ |
| ବୈଜ୍ଞାନୀକ | - | ବୈଜ୍ଞାନିକ |

| | | |
|---|---|---|
| ସାମାଜୀକ | - | ସାମାଜିକ |
| ଆତ୍ମୀୟ | - | ଆତ୍ମିୟ |
| ଜଳିୟ | - | ଜଳୀୟ |
| ଶାସ୍ତ୍ରିୟ | - | ଶାସ୍ତ୍ରୀୟ |
| ସ୍ମରଣିୟ | - | ସ୍ମରଣୀୟ |
| କୁଳିନ | - | କୁଳୀନ |
| ନବିନ | - | ନବୀନ |
| ବିଶ୍ୱଜନିନ | - | ବିଶ୍ୱଜନୀନ |
| ସର୍ବାଙ୍ଗିନ | - | ସର୍ବାଙ୍ଗୀନ |
| ସାର୍ବଜନିନ | - | ସାର୍ବଜନୀନ |
| ଗୁଣି | - | ଗୁଣୀ |
| ଜ୍ଞାନି | - | ଜ୍ଞାନୀ |
| ରୋଗି | - | ରୋଗୀ |
| ଲୋଭି | - | ଲୋଭୀ |

(୨)

| | | |
|---|---|---|
| ଅଶୁଦ୍ଧ | - | ଶୁଦ୍ଧ |
| ଚାକିରୀ | - | ଚାକିରି |
| ଡ଼ାକ୍ତରୀ | - | ଡ଼ାକ୍ତରି |
| ମାଷ୍ଟରୀ | - | ମାଷ୍ଟରି |
| ମାଳୀ | - | ମାଳି |
| ଅନ୍ଧୁଣି | - | ଅନ୍ଧୁଣୀ |

| | | |
|---|---|---|
| ଗୁଡ଼ିଆଣି | - | ଗୁଡ଼ିଆଣୀ |
| ଭଣ୍ଡାରୁଣି | - | ଭଣ୍ଡାରୁଣୀ |
| ଜଟୀଳ | - | ଜଟିଳ |
| ଆମ୍ଳୀଳ | - | ଆମ୍ଳିଳ |
| କାଳୀକା | - | କାଳିକା |
| ଗୋପୀକା | - | ଗୋପିକା |
| ଚଣ୍ଡୀକା | - | ଚଣ୍ଡିକା |
| ଓଜସ୍ୱୀନୀ | - | ଓଜସ୍ୱିନୀ |
| ତେଜସ୍ୱୀନୀ | - | ତେଜସ୍ୱିନୀ |
| ଆଧିକ୍ୟତା | - | ଆଧିକ୍ୟ |
| ଚାପଲ୍ୟତା | - | ଚାପଲ୍ୟ |
| ଦାରିଦ୍ର୍ୟତା | - | ଦାରିଦ୍ର୍ୟ |
| ପାଟବତା | - | ପାଟବ |
| ପୌରୁଷତା | - | ପୌରୁଷ |
| ବୈଶିଷ୍ଟ୍ୟତା | - | ବୈଶିଷ୍ଟ୍ୟ |
| ସୌନ୍ଦର୍ଯ୍ୟତା | - | ସୌନ୍ଦର୍ଯ୍ୟ |
| ଅଭିସେକ | - | ଅଭିଷେକ |
| ଆନୁସଙ୍ଗିକ | - | ଆନୁଷଙ୍ଗିକ |
| ନମଷ୍କାର | - | ନମସ୍କାର |
| ପରିସ୍କାର | - | ପରିଷ୍କାର |
| ପୁରଷ୍କାର | - | ପୁରସ୍କାର |

| | | |
|---|---|---|
| ସୁସମା | - | ସୁଷମା |
| ଉଜ୍ୱଳ | - | ଉଜ୍ଜ୍ୱଳ |
| ଚଳଚିତ୍ର | - | ଚଳଚ୍ଚିତ୍ର |
| ଜଗତାନନ୍ଦ | - | ଜଗଦାନନ୍ଦ |
| ଦିଗାମ୍ବର | - | ଦିଗମ୍ବର |
| ଦୁରାବସ୍ଥା | - | ଦୁରବସ୍ଥା |
| ବାକ୍‌ଦେବୀ | - | ବାଗ୍‌ଦେବୀ |
| ରବିନ୍ଦ୍ର | - | ରବୀନ୍ଦ୍ର |
| ସାଣ୍ମାସିକ | - | ଷାଣ୍ମାସିକ |
| ସନ୍ୟାସ | - | ସନ୍ନ୍ୟାସ |
| ସୂର୍ଯ୍ୟପରାଗ | - | ସୂର୍ଯ୍ୟୋପରାଗ |
| ଅର୍ଦ୍ଧରାତ୍ରି | - | ଅର୍ଦ୍ଧରାତ୍ର |
| ଅନାଟନ | - | ଅନଟନ |
| ଅନୁସୂୟା | - | ଅନସୂୟା |
| ଅହର୍ନିଶି | - | ଅହର୍ନିଶ |
| କାଳୀଚରଣ | - | କାଳିଚରଣ |
| କାଳୀଦାସ | - | କାଳିଦାସ |
| ଦିବାରାତ୍ରି | - | ଦିବାରାତ୍ର |
| ନିର୍ଦୟ | - | ନିର୍ଦ୍ଦୟ |
| ନିର୍ଦୋଷୀ | - | ନିର୍ଦ୍ଦୋଷ |
| ନିରହଙ୍କାରୀ | - | ନିରହଙ୍କାର |

| | | |
|---|---|---|
| ମଧ୍ୟରାତ୍ରୀ | - | ମଧ୍ୟରାତ୍ର |
| ମହାରାଜା | - | ମହାରାଜ |
| ଶଶୀଭୂଷଣ | - | ଶଶିଭୂଷଣ |
| ଅବତିର୍ଣ୍ଣ | - | ଅବତୀର୍ଣ୍ଣ |
| ଉତିର୍ଣ୍ଣ | - | ଉତ୍ତୀର୍ଣ୍ଣ |
| ଉର୍ମି | - | ଊର୍ମି |
| ତିର୍ଥ | - | ତୀର୍ଥ |
| ପୁର୍ଣ୍ଣ | - | ପୂର୍ଣ୍ଣ |
| ଶିର୍ଣ୍ଣ | - | ଶୀର୍ଣ୍ଣ |
| ଅଗ୍ରୀମ | - | ଅଗ୍ରିମ |
| ଅଞ୍ଜଳୀ | - | ଅଞ୍ଜଳି |
| ଅଧୀନସ୍ଥ | - | ଅଧୀନ |
| ଅର୍ଣ୍ଣ | - | ଅନ୍ନ |
| ଅନାବଶ୍ୟକୀୟ | - | ଅନାବଶ୍ୟକ |
| ଅନ୍ତର୍ଯ୍ୟାମି | - | ଅନ୍ତର୍ଯ୍ୟାମୀ |
| ଅନିର୍ବାର୍ଯ୍ୟ | - | ଅନିବାର୍ଯ୍ୟ |
| ଅପଦସ୍ଥ | - | ଅପଦସ୍ତ |
| ଅପରାହ୍ନ | - | ଅପରାହ୍ଣ / ଅପରାହ୍‌ଣ |
| ଅପୁତ୍ରିକ | - | ଅପୁତ୍ରକ |
| ଅବଶୋଷ | - | ଅବସୋସ |
| ଅନୁକୁଳ | - | ଅନୁକୂଳ |

| | | |
|---|---|---|
| ଅନୁଛେଦ | - | ଅନୁଚ୍ଛେଦ |
| ଅନ୍ତଦୃଷ୍ଟି | - | ଅନ୍ତର୍ଦୃଷ୍ଟି |
| ଆଗାମି | - | ଆଗାମୀ |
| ଆଛନ୍ନ | - | ଆଚ୍ଛନ୍ନ |
| ଆନିତ | - | ଆନୀତ |
| ଆବାହମାନ | - | ଆବହମାନ |
| ଆବିଭୁତ | - | ଆବିର୍ଭୂତ |
| ଆବୃତି | - | ଆବୃତ୍ତି |
| ଆମଦାନୀ | - | ଆମଦାନି |
| ଆଲମାରୀ | - | ଆଲମାରି |
| ଇପ୍ସିତ | - | ଈପ୍ସିତ |
| ଇଶ୍ୱର | - | ଈଶ୍ୱର |
| ଉତପ୍ତ | - | ଉତ୍ତପ୍ତ |
| ଉତେଜିତ | - | ଉତ୍ତେଜିତ |
| ଉତୋଳନ | - | ଉତ୍ତୋଳନ |
| ଉଦାସିନ | - | ଉଦାସୀନ |
| ଉଦେଶ୍ୟ | - | ଉଦ୍ଦେଶ୍ୟ |
| ଉପକାରି | - | ଉପକାରୀ |
| ଉପଯୋଗି | - | ଉପଯୋଗୀ |
| ଉପଯୋଗୀତା | - | ଉପଯୋଗିତା |
| ଉପାଧୀ | - | ଉପାଧି |

| | | |
|---|---|---|
| ଅର୍ବାଚିନ | - | ଅର୍ବାଚୀନ |
| ଆଭ୍ୟନ୍ତରିଣ | - | ଆଭ୍ୟନ୍ତରୀଣ |
| ଅକ୍ଷୁର୍ଣ୍ଣ | - | ଅକ୍ଷୁଣ୍ଣ |
| ଆଇଁସ | - | ଆଇଁଷ |
| ଉତ୍ସର୍ଗିକୃତ | - | ଉତ୍ସର୍ଗୀକୃତ |
| ଐତିହ | - | ଐତିହ୍ୟ |
| ଓଢ଼ଣୀ | - | ଓଢ଼ଣି |
| ଓତଃପ୍ରୋତ | - | ଓତପ୍ରୋତ |
| ଔଚିତ୍ୟତା | - | ଔଚିତ୍ୟ |
| କବୟତ୍ରୀ | - | କବୟିତ୍ରୀ |
| କଳଶ | - | କଳସ |
| କାର୍ପଣ୍ୟତା | - | କାର୍ପଣ୍ୟ |
| କାରିଗରୀ | - | କାରିଗରି |
| କାଳନ୍ଦୀ | - | କାଳିନ୍ଦୀ |
| କିଟଦ୍ରଂଷ୍ଟ | - | କିଟଦଂଷ୍ଟ |
| କ୍ରିଡ଼ା | - | କ୍ରୀଡ଼ା |
| କୁତ୍ରିମ | - | କୃତ୍ରିମ |
| କୃତିବାସ | - | କୃତ୍ତିବାସ |
| କୋଠରୀ | - | କୋଠରି |
| କୌତୁହଳ | - | କୌତୂହଳ |
| କୌମୁଦି | - | କୌମୁଦୀ |

| | | |
|---|---|---|
| ଖେଳାଳୀ | - | ଖେଳାଳି |
| ଗରୀବ | - | ଗରିବ |
| ଗ୍ରହିତା | - | ଗ୍ରହୀତା |
| ଗାଉଁଲୀ | - | ଗାଁଉଲି |
| ଗଣେଷ | - | ଗଣେଶ |
| ଗୋଧୂଳୀ | - | ଗୋଧୂଳି |
| ଗୋଲକବିହାରୀ | - | ଗୋଲୋକବିହାରୀ |
| ଘୋଡ଼ଣି | - | ଘୋଡ଼ଣୀ |
| ଚାଲୁଣି | - | ଚାଲୁଣୀ |
| ଚାହାଣୀ | - | ଚାହାଣି |
| ଛାଉଣି | - | ଛାଉଣୀ |
| ଛୁରି | - | ଛୁରୀ |
| ଜଗର୍ନ୍ନାଥ | - | ଜଗନ୍ନାଥ |
| ଜୟନ୍ତି | - | ଜୟନ୍ତୀ |
| ଜରାଜିର୍ଣ୍ଣ | - | ଜରାଜୀର୍ଣ୍ଣ |
| ଜ୍ୱାଜୁଲ୍ୟମାନ | - | ଜାଜ୍ୱଲ୍ୟମାନ |
| ଜୀଅନ୍ତା | - | ଜିଅନ୍ତା |
| ଜିବାଣୁ | - | ଜୀବାଣୁ |
| ଜୀବନି | - | ଜୀବନୀ |
| ଦାରିଦ୍ରତା | - | ଦରିଦ୍ରତା / ଦାରିଦ୍ର୍ୟ |
| ସମାସ୍ୟା | - | ସମସ୍ୟା |

| | | |
|---|---|---|
| ଦୀର୍ଘଜୀବି | – | ଦୀର୍ଘଜୀବୀ |
| ଜୋତିଷ | – | ଜ୍ୟୋତିଷ |
| ଝୁମ୍ପୁଡ଼ୀ | – | ଝୁମ୍ପୁଡ଼ି |
| ଝୋଟୀ | – | ଝୋଟି |
| ଟିକାକାର | – | ଟୀକାକାର |
| ଢ଼ାଙ୍କୁଣୀ | – | ଢ଼ାଙ୍କୁଣି |
| ତତ୍କାଳିନ | – | ତତ୍କାଳୀନ |
| ତଦ୍ୱାରା | – | ତଦ୍ୱାରା |
| ତରକାରୀ | – | ତରକାରି |
| ତାତ୍କାଳିକ | – | ତତ୍କାଳିକ |
| ତାରକସୀ | – | ତାରକସି |
| ତ୍ରିଭୂଜ | – | ତ୍ରିଭୁଜ |
| ତୁଳନିୟ | – | ତୁଳନୀୟ |
| ତେଜସ୍ୱି | – | ତେଜସ୍ୱୀ |
| ତୋରାଣୀ | – | ତୋରାଣି |
| ଥାଳୀ | – | ଥାଳି |
| ଦମ୍ପତ୍ତି | – | ଦମ୍ପତି |
| ଦ୍ରବିଭୂତ | – | ଦ୍ରବୀଭୂତ |
| ଦାବୀ | – | ଦାବି |
| ନିର୍ଦ୍ଧନୀ | – | ନିର୍ଦ୍ଧନ |
| ଦୁଖୀ | – | ଦୁଃଖୀ |

| | | |
|---|---|---|
| ଦୃଷ୍ଟିଭଙ୍ଗି | – | ଦୃଷ୍ଟିଭଙ୍ଗୀ |
| ଦୁଷ୍କାମୀ | – | ଦୁଷ୍କାମି |
| ଦୂରିକରଣ | – | ଦୂରୀକରଣ |
| ଦେବାଦେବୀ | – | ଦେବଦେବୀ |
| ଧର୍ମିୟ | – | ଧର୍ମୀୟ |
| ଧିବର | – | ଧୀବର |
| ଧୂପଦାନୀ | – | ଧୂପଦାନି |
| ଧୂମ୍ରପାନ | – | ଧୂମପାନ |
| ଧ୍ରୁବ | – | ଧ୍ରୁବ |
| ନବିକରଣ | – | ନବୀକରଣ |
| ନଗରି | – | ନଗରୀ |
| ନବନିତ | – | ନବନୀତ |
| ନାଉରୀ | – | ନାଉରି |
| ନିର୍ଣ୍ଣିତ | – | ନିର୍ଣ୍ଣୀତ |
| ନିର୍ଦ୍ୱନ୍ଦ | – | ନିର୍ଦ୍ୱନ୍ଦ୍ୱ |
| ପୃଷ୍ଠଭୂମୀ | – | ପୃଷ୍ଠଭୂମି |
| ପ୍ରଣତୀ | – | ପ୍ରଣତି |
| ପ୍ରତିକ୍ଷା | – | ପ୍ରତୀକ୍ଷା |
| ପ୍ରବାହମାନ | – | ପ୍ରବହମାନ |
| ନିର୍ଭୂଲ | – | ନିର୍ଭୁଲ |
| ନିରପରାଧୀ | – | ନିରପରାଧ |

| | | |
|---|---|---|
| ନିରିକ୍ଷଣ | - | ନିରୀକ୍ଷଣ |
| ନିଳାଦ୍ରୀ | - | ନିଳାଦ୍ରି |
| ନିଳିମା | - | ନୀଳିମା |
| ନୈସର୍ଗୀକ | - | ନୈସର୍ଗିକ |
| ପରିଛେଦ | - | ପରିଚ୍ଛେଦ |
| ପରିଛନ୍ନ | - | ପରଚ୍ଛନ୍ନ |
| ଭୌଗଳିକ | - | ଭୌଗୋଳିକ |
| ପରିସଦ | - | ପରିଷଦ |
| ପର୍ବପର୍ବାଣୀ | - | ପର୍ବପର୍ବାଣି |
| ପାଚେରୀ | - | ପାଚେରି |
| ପାଷାଣ୍ଡ | - | ପାଷଣ୍ଡ |
| ପିତବାସ | - | ପୀତବାସ |
| ପୁସ୍କରିଣୀ | - | ପୁଷ୍କରିଣୀ |
| ପୁଷ୍ପାଞ୍ଜଳୀ | - | ପୁଷ୍ପାଞ୍ଜଳି |
| ପୁଞ୍ଜିଭୂତ | - | ପୁଞ୍ଜୀଭୂତ |
| ପୂଜ୍ୟାସ୍ପଦ | - | ପୂଜାସ୍ପଦ |
| ପୂର୍ଣ୍ଣମି | - | ପୂର୍ଣ୍ଣମୀ |
| ପୂର୍ବାହ୍ନ | - | ପୂର୍ବାହ୍ନ / ପୂର୍ବାହ୍ଣ |
| ପ୍ରାଣାୟମ | - | ପ୍ରାଣାୟାମ |
| ପ୍ରବିଣ | - | ପ୍ରବୀଣ |
| ପ୍ରସଂଶା | - | ପ୍ରଶଂସା |

| | | |
|---|---|---|
| ପ୍ରସୁନ | – | ପ୍ରସୂନ |
| ପ୍ରାଚିନ | – | ପ୍ରାଚୀନ |
| ପ୍ରାର୍ଥି | – | ପ୍ରାର୍ଥୀ |
| ପ୍ରାୟଶ୍ଚିତ | – | ପ୍ରାୟଶ୍ଚିତ୍ତ |
| ଫଉଜଦାରୀ | – | ଫଉଜଦାରି |
| ବଶିଭୂତ | – | ବଶୀଭୂତ |
| ବର୍ହିବାଣିଜ୍ୟ | – | ବହିର୍ବାଣିଜ୍ୟ |
| ବିଜୁଳୀବତୀ | – | ବିଜୁଳିବତୀ |
| ବିସେଷଣ | – | ବିଶେଷଣ |
| ବ୍ୟବସାୟିକ | – | ବ୍ୟାବସାୟିକ |
| ଭିକାରୀ | – | ଭିକାରି |
| ବଣଭୋଜୀ | – | ବଣଭୋଜି |
| ବରଫାବୃତ୍ତ | – | ବରଫାବୃତ |
| ମୁର୍ଖ | – | ମୂର୍ଖ |
| ମେଧାବି | – | ମେଧାବୀ |
| ଯାତାୟତ | – | ଯାତାୟାତ |
| ଯୋଗି | – | ଯୋଗୀ |
| ରଙ୍ଗୀନ | – | ରଙ୍ଗିନ |
| ରପ୍ତାନୀ | – | ରପ୍ତାନି |
| ରମଣିୟ | – | ରମଣୀୟ |
| ରସୋତିର୍ଣ୍ଣ | – | ରସୋତ୍ତୀର୍ଣ୍ଣ |

| | | |
|---|---|---|
| ରୋଷଣୀ | - | ରୋଷଣି |
| ଲବ୍ଧପ୍ରତିଷ୍ଠିତ | - | ଲବ୍ଧପ୍ରତିଷ୍ଠ |
| ଶଙ୍ଖାରୀ | - | ଶଙ୍ଖାରି |
| ଶତାଦ୍ଦି | - | ଶତାବ୍ଦୀ |
| ଶଶୀଭୂଷଣ | - | ଶଶିଭୂଷଣ |
| ମଧ୍ୟରାତ୍ରି | - | ମଧ୍ୟରାତ୍ର |
| ମନବଳ | - | ମନୋବଳ |
| ମନବାଞ୍ଛା | - | ମନୋବାଞ୍ଛା |
| ମନୀଷି | - | ମନୀଷୀ |
| ମନୋନିତ | - | ମନୋନୀତ |
| ମରିଚିକା | - | ମରୀଚିକା |
| ମଶାରୀ | - | ମଶାରି |
| ମହମବତୀ | - | ମହମବତି |
| ମାମୁଁ | - | ମାମୁ |
| ମୁଖସ୍ତ | - | ମୁଖସ୍ଥ |
| ଶୁଶ୍ରୁଷା | - | ଶୁଶ୍ରୂଷା |
| ଶ୍ରେୟଷ୍କର | - | ଶ୍ରେୟସ୍କର |
| ସଚିଦାନନ୍ଦ | - | ସଚ୍ଚିଦାନନ୍ଦ |
| ସଜ୍ଜିକରଣ | - | ସଜ୍ଜୀକରଣ |
| ସପରିବାରେ | - | ସପରିବାର |
| ସବାନ୍ଧବେ | - | ସବାନ୍ଧବ |

| | | |
|---|---|---|
| ସମ୍ମାନୀତ | - | ସମ୍ମାନିତ |
| ସମ୍ମାନୀୟ | - | ସମ୍ମାନନୀୟ |
| ସମିର | - | ସମୀର |
| ସରକାରି | - | ସରକାରୀ |
| ସରିସୃପ | - | ସରୀସୃପ |
| ସହଯୋଗୀତା | - | ସହଯୋଗିତା |
| ସଂକ୍ଷିପ୍ତରେ | - | ସଂକ୍ଷେପରେ |
| ସ୍ଥିରିକୃତ | - | ସ୍ଥିରୀକୃତ |
| ଶାରୀରୀକ | - | ଶାରୀରିକ |
| ଶିରବ୍ୟଥା | - | ଶିରୋବ୍ୟଥା |
| ସ୍ୱଭାବିକ | - | ସ୍ୱାଭାବିକ |
| ସ୍ୱାଧୀନୋତ୍ତର | - | ସ୍ୱାଧୀନତୋତ୍ତର |
| ସ୍ୱିକାର | - | ସ୍ୱୀକାର |
| ହିରା | - | ହୀରା |
| ସିମିତ | - | ସୀମିତ |
| ସୁନାମଧନ୍ୟ | - | ସ୍ୱନାମଧନ୍ୟ |
| ହୃଷ୍ଟପୃଷ୍ଟ | - | ହୃଷ୍ଟପୁଷ୍ଟ |
| ହୃଷିକେଶ | - | ହୃଷୀକେଶ |
| କ୍ଷିର | - | କ୍ଷୀର |

| | | |
|---|---|---|
| କ୍ଷୁର୍ଣ୍ଣ | - | କ୍ଷୁର୍ଣ୍ଣ |
| କ୍ଷୁଦ୍ରତ୍ତର | - | କ୍ଷୁଦ୍ରତର |
| କ୍ଷୁଦ୍ରତ୍ତମ | - | କ୍ଷୁଦ୍ରତମ |

## ପ୍ରଶ୍ନାବଳୀ

୧. ନିମ୍ନପ୍ରଦତ୍ତ ଅଶୁଦ୍ଧ ଶବ୍ଦଗୁଡ଼ିକର ଶୁଦ୍ଧ ରୂପ ଲେଖ ।

ସ୍ମରଣିୟ, ନମସ୍କାର, ଦିବାରାତ୍ରି, ଆମଦାନି, ସମ୍ମାନୀତ, ମନୋନିତ, ଭୌଗଳିକ, ଦାରିଦ୍ର୍ୟତା, ସ୍ମରଣିୟ, ଅପରାହ୍ନ, ହୃଷିକେସ ।

୨. ନିମ୍ନପ୍ରଦତ୍ତ ଶବ୍ଦଗୁଡ଼ିକରୁ କେଉଁଗୁଡ଼ିକ ଶୁଦ୍ଧଶବ୍ଦ,ଚିହ୍ନାଅ ।

ଆବିଷ୍କାର, ପର୍ବପର୍ବାଣୀ, ମଧ୍ୟରାତ୍ର, ଦାୟିତ୍ୱ, ଜୀବାଣୁ, ସ୍ୱଭାବିକ, ସ୍ୱୀକାର, ସରିସୃପ ।

୩. ନିମ୍ନପ୍ରଦତ୍ତ ଶବ୍ଦଗୁଡ଼ିକ ମଧ୍ୟରୁ ଅଶୁଦ୍ଧ ଶବ୍ଦଗୁଡ଼ିକୁ ପୃଥକଭାବରେ ବାଛିଲେଖ ।

ପରିଛଦ, ତପସ୍ୱିନୀ ପୁଷ୍ପାଞ୍ଜଳି, ପାବନୀ, ପାଚେରୀ, ପରିଚ୍ଛେଦ, ବିଶ୍ୱଜନିନ, ଅଭିସେକ, ମଧରାତ୍ରି, ପାଟବତା, ନିର୍ଦ୍ଦୋଷୀ, ମହାରାଜା ।

# ପରିଶିଷ୍ଟ

## ପାଠ୍ୟଖସଡ଼ା

## M.I.L (Odia)

### ଆଧୁନିକ ଭାରତୀୟ ଭାଷା (ବାଧ୍ୟତାମୂଳକ) ଓଡ଼ିଆ

### (କଳା / ବିଜ୍ଞାନ / ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ସ୍ରୋତ ନିମନ୍ତେ)

### ଦ୍ୱାଦଶ ଶ୍ରେଣୀ ନିମନ୍ତେ

**ପୂର୍ଣ୍ଣ ସଂଖ୍ୟା - ୧୦୦** **ସମୟ - ୩ ଘଣ୍ଟା**

**ପିରିଅଡ଼ ସଂଖ୍ୟା - ସାପ୍ତାହିକ (ବାର୍ଷିକ ୮୦)**

**ପ୍ରଥମ ଏକକ (Unit-I) - ଗଦ୍ୟ (୧୬ ପିରିଅଡ଼) ୨୦ ନମ୍ବର**

୧. ଇତିହାସ - ବିଶ୍ୱନାଥ କର

୨. ସ୍ୱାଧୀନ ଦେଶର ଶିକ୍ଷା ଚିନ୍ତା - ଗୋଲୋକ ବିହାରୀ ଧଳ

୩. ପୁଷ୍ପପୁରରେ ବର୍ଷାବରଣ - କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୪. ତିନି ତୁଣ୍ଡରେ - ଭୁବନେଶ୍ୱର ବେହେରା

- ଏହି ଏକକରୁ ୫ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ । ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ । ଏହାର ମୂଲ୍ୟ ୧ × ୫ = ୫ ନମ୍ବର ।
- ୪ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୩ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୧ × ୩ = ୩ ନମ୍ବର ।
- ୩ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୨ × ୨ = ୪ ନମ୍ବର ।
- ୨ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୩ × ୧ = ୩ ନମ୍ବର ।
- ୨ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ଏହାର ମୂଲ୍ୟ ୫ ନମ୍ବର ।

**ଦ୍ୱିତୀୟ ଏକକ (Unit-II) – ପଦ୍ୟ (୧୬ ପିରିଅଡ଼୍) ୨୦ ନମ୍ବର**

୧. ବଡ଼ପଣ – ରାଧାନାଥ ରାୟ

୨. ତପସ୍ୱିନୀର ପତ୍ର – ଗଙ୍ଗାଧର ମେହେର

୩. ବନ୍ଦୀର ବିରହ ବ୍ୟଥା – ଗୋପବନ୍ଧୁ ଦାସ

୪. ବାର୍ତ୍ତା – ସଚ୍ଚିଦାନନ୍ଦ ରାଉତରାୟ

୫. ପିଙ୍ଗଳାର ଅଭିସାର – ରାଧାମୋହନ ଗଡ଼ନାୟକ

- ଏହି ଏକକରୁ ୫ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ । ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ । ଏହାର ମୂଲ୍ୟ ୧ × ୫ = ୫ ନମ୍ବର ।

- ୪ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୩ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୧ × ୩ = ୩ ନମ୍ବର ।

- ୩ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୨ × ୨ = ୪ ନମ୍ବର ।

- ୨ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୩ × ୧ = ୩ ନମ୍ବର ।

- ୨ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ଏହାର ମୂଲ୍ୟ ୫ ନମ୍ବର ।

**ତୃତୀୟ ଏକକ (Unit-III) - ଗଳ୍ପ (୧୬ ପିରିଅଡ଼) ୨୦ ନମ୍ବର**

୧. ସଭ୍ୟ ଜମିଦାର - ଫକୀରମୋହନ ସେନାପତି

୨. ପତାକା ଉତ୍ତୋଳନ - ସୁରେନ୍ଦ୍ର ମହାନ୍ତି

୩. ରୂପନାରାୟଣ ସାହା - ଅଖିଳ ମୋହନ ପଟ୍ଟନାୟକ

୪. ଆକାଶ କଇଁଛ - ମନୋଜ ଦାସ

- ଏହି ଏକକରୁ ୫ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ । ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ । ଏହାର ମୂଲ୍ୟ ୧ × ୫ = ୫ ନମ୍ବର ।

- ୪ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୩ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୧ × ୩ = ୩ ନମ୍ବର ।

- ୩ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୨ × ୨ = ୪ ନମ୍ବର ।

- ୨ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୩ × ୧ = ୩ ନମ୍ବର ।

- ୨ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ । ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ଏହାର ମୂଲ୍ୟ ୫ ନମ୍ବର ।

**ଚତୁର୍ଥ ଏକକ (Unit-IV) - ବୋଧଜ୍ଞାନ ପରୀକ୍ଷଣ (୧୬ ପିରିଅଡ଼) ୨୦ ନମ୍ବର**

୧. ଅବବୋଧ ପରୀକ୍ଷଣ

(କ) ଗଦ୍ୟାଂଶ - ୧୦ ନମ୍ବର (ଖ) ପଦ୍ୟାଂଶ - ୦୫ ନମ୍ବର

୨. ସର୍ଜନାତ୍ମକ ରଚନା - ୫ ନମ୍ବର

(ରୂଢ଼ି, ପ୍ରବାଦ, ପ୍ରବଚନ ଓ ସୂକ୍ତି ଆଧାରିତ)

(କ) ଅବବୋଧ ପରୀକ୍ଷଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ । ସେଥିରୁ ପ୍ରଥମ ୪ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୧ × ୪ = ୪ ନମ୍ବର । ପୁନଶ୍ଚ, ୩ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୨ × ୩ = ୬ ନମ୍ବର ।

(ଖ) ଅବବୋଧ ପରୀକ୍ଷଣ ନିମନ୍ତେ ଏକ ପଦ୍ୟ ଅନୁଚ୍ଛେଦ ଦିଆଯିବ । ସେଥିରୁ ୫ଟି ପ୍ରଶ୍ନ ପଡ଼ିବ । ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ । ଏହାର ମୂଲ୍ୟ ୧ × ୫ = ୫ ନମ୍ବର ।

(ଗ) ରୂଢ଼ି, ପ୍ରବାଦ, ପ୍ରବଚନ ଓ ସୂକ୍ତି ଆଧାରିତ ସର୍ଜନାତ୍ମକ ଲିଖନ ସମ୍ବନ୍ଧୀୟ ୩ଟି ପ୍ରଶ୍ନ ପଡ଼ିବ । ସେଥିରୁ ଗୋଟିଏ ଉତ୍ତର ଦେବାକୁ ହେବ । ଏହାର ମୂଲ୍ୟ ୫ × ୧ = ୫ ନମ୍ବର ।

**ପଞ୍ଚମ ଏକକ (Unit-V) – ପ୍ରବନ୍ଧ ଓ ବ୍ୟାକରଣ ( ୧୬ ପିରିଅଡ଼ ) ୨୦ ନମ୍ବର**

(କ) ଦରଖାସ୍ତ ଓ ପତ୍ରଲିଖନ

(ବ୍ୟବସାୟିକ, ବ୍ୟକ୍ତିଗତ, ବୃତ୍ତି ନିମିତ୍ତ, ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ, ସାମୟିକ ଛୁଟି ଓ ସମ୍ପାଦକଙ୍କୁ ପତ୍ର)

(ଖ) ସଂକ୍ଷିପ୍ତକରଣ

(ଗ) ବ୍ୟାକରଣ

୧) ରୂଢ଼ିକୁ ବାକ୍ୟରେ ପ୍ରୟୋଗ

୨) ଏକପଦୀକରଣ

୩) ସମୋଚାରିତ ଭିନ୍ନାର୍ଥବୋଧକ ଶବ୍ଦ

୪) ବିପରୀତ ଅର୍ଥବୋଧକ ଶବ୍ଦ

୫) ଭ୍ରମ ସଂଶୋଧନ (ଶବ୍ଦ)

❖ ଦରଖାସ୍ତ ଓ ପତ୍ରଲିଖନରୁ ୨ଟି ପ୍ରଶ୍ନ ପଡ଼ିବ । ସେଥିରୁ ଗୋଟିଏ ଉତ୍ତର ଦେବାକୁ ହେବ । ଏହାର ମୂଲ୍ୟ ୫ × ୧ = ୫ ନମ୍ବର ।

❖ ସଂକ୍ଷିପ୍ତକରଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ । ସେଥିରୁ ପରୀକ୍ଷାର୍ଥୀ ଏକ ତୃତୀୟାଂଶ ଶବ୍ଦରେ ଉତ୍ତର ଦେବାକୁ ହେବ । ଏହାର ମୂଲ୍ୟ ୫ × ୧ = ୫ ନମ୍ବର

❖ ରୂଢ଼ି ପ୍ରୟୋଗ, ଏକପଦୀକରଣ, ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ, ବିପରୀତ ଅର୍ଥବୋଧକ ଶବ୍ଦ ଏବଂ ଭ୍ରମ ସଂଶୋଧନ (ଶବ୍ଦ)ରୁ ୪ଟି ଲେଖାଏଁ ପ୍ରଶ୍ନ ପଡ଼ି । ସେଥିରୁ ୨ଟି ଲେଖାଏଁ ପ୍ରଶ୍ନର ଉତ୍ତର ଦେବାକୁ ହେବ । ଏହାର ମୂଲ୍ୟ ୧ × ୨ = ୨, ୧ × ୨ = ୨, ୧ × ୨ = ୨, ୧ × ୨ = ୨, ୧ × ୨ = ୨ = ୧୦ ନମ୍ବର ।

**ପାଠ୍ୟଗ୍ରନ୍ଥ – 'ସାହିତ୍ୟ ଜ୍ୟୋତି', ଦ୍ୱାଦଶ ଶ୍ରେଣୀ**

ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

□□□